


# ଉତ୍କଳ ପ୍ରସଙ୍ଗ

ଅପ୍ରେଲ ୯୯





ରେଭେନ୍ସା ମହାବିଦ୍ୟାଳୟ ସ୍ମୃତି ଉତ୍ସବରେ ମାନ୍ୟବର ରାଜ୍ୟପାଳ ଡଃ. ସି. ରଙ୍ଗରାଜ[illegible]ଙ୍କ ସହଧର୍ମିଣୀ
ଡଃ. ହରପ୍ରିୟା ରଙ୍ଗରାଜନ୍ ତା-୧୫.୩.୯୯



ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍କ ହାଇଦ୍ରାବାଦସ୍ଥିତ ଜାତୀୟ କ୍ଷୁଦ୍ରଶିଳ୍ପ ସଂପ୍ରସାରଣ ତାଲିମ୍ ଅନୁଷ୍ଠାନର
ଆନ୍ତର୍ଜାତିକ ମହିଳା ସଦସ୍ୟାମାନଙ୍କ ସହ ଆଲୋଚନା କରୁଛନ୍ତି ତା-୧୪.୩.୯୯

# ଉତ୍କଳ ପ୍ରସଙ୍ଗ

୪୫ ଭାଗ ୯ମ ସଂଖ୍ୟା ଚୈତ୍ର-ବୈଶାଖ ୧୯୨୦ ଶକାବ୍ଦ ଅପ୍ରେଲ ୧୯୯୯

**ଶ୍ରୀ ରମେଶ ଚନ୍ଦ୍ର ମିଶ୍ର**

କମିଶନର ତଥା ଶାସନ ସଚିବ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ବସନ୍ତ ଚରଣ ସ୍ୱାଇଁ**

ନିର୍ଦ୍ଦେଶକ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**

କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**

ସମ୍ପାଦନା ସହଯୋଗୀ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ''ଉତ୍କଳ ପ୍ରସଙ୍ଗ'' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ

ଏବଂ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ

# ସୂଚୀ


| | | |
|---|---|---|
| ଓଡ଼ିଶା ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ | | ୧ |
| ଓଡ଼ିଶା ଗଠନର ଐତିହାସିକ ପୃଷ୍ଠଭୂମି | ଶ୍ରୀ ସଦାନନ୍ଦ ଅଗ୍ରୱାଲ | ୯ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ: ଏକ ବିହଙ୍ଗାବଲୋକନ | ପ୍ରଫେସର ନିହାରରଞ୍ଜନ ପଟ୍ଟନାୟକ | ୧୩ |
| ଓଡ଼ିଶାର ପୁନର୍ଜନ୍ମ | କେଦାରନାଥ ମହାପାତ୍ର | ୧୬ |
| ନୂତନ ଓଡ଼ିଶା ପାଇଁ ସୀମା କମିଶନ | ଶ୍ରୀ ସତ୍ୟ ମହାପାତ୍ର | ୧୯ |
| ମଧୁସୂଦନ : ଏକ ମହାଜୀବନ | ଶ୍ରୀମତୀ ମମତା ନାୟକ | ୨୪ |
| ମଧୁବାବୁଙ୍କ ଓଡ଼ିଆ ପ୍ରୀତି | ଡକ୍ଟର ହରିହର କାନୁନ୍‌ଗୋ | ୨୮ |
| ଆଜୀବନ ସଂଗ୍ରାମୀ ମଧୁସୂଦନ ଦାସ | ଡକ୍ଟର ଉଦ୍ଧବଚରଣ ନାୟକ | ୩୩ |
| ଓଡ଼ିଶାର ସାଂସ୍କୃତିକ ଜାଗରଣରେ ଜାତିପ୍ରାଣ ମଧୁସୂଦନ | ଶ୍ରୀ ସୁରସିଂହ ପଟ୍ଟନାୟକ | ୩୭ |
| ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁସୂଦନଙ୍କ ସାହିତ୍ୟର ପ୍ରେରଣା | ଶ୍ରୀ ଶଇଳେନ୍ଦ୍ର ଲେଙ୍କା | ୪୩ |
| ସ୍ମୃତି ମଧୁରମ୍ | ଶ୍ରୀମତୀ ଜୟନ୍ତୀ ରଥ | ୪୮ |
| ମଧୁବାବୁଙ୍କ ଶିକ୍ଷାନୀତି ଓ ଶ୍ରମିକ ସଂଗଠନ | ଶ୍ରୀ ଶରତଚନ୍ଦ୍ର ଜେନା | ୫୨ |
| ଜୀବନ-ସଂଗ୍ରାମର ଅୟମାରମ୍ଭ | ଶ୍ରୀ ମହେଶ୍ୱର ମୂଳିଆ | ୫୭ |
| ଦେଶ ପାଇଁ ମଧୁ ଦାସ ଦାଣ୍ଡର ଭିକାରୀ | | ୬୨ |
| ଧର୍ମ ତାଙ୍କ ସାଥୀରେ | ଶ୍ରୀ ରଜତ କୁମାର କର | ୬୭ |
| ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ଭୂମିକା | ଶ୍ରୀ ଯକ୍ଷଦର ସାମନ୍ତରାୟ | ୬୯ |
| ଓଡ଼ିଶା | ଶ୍ରୀ କିଶୋର କୁମାର ପାଣିଗ୍ରାହୀ | ୭୦ |
| 'ବନ୍ଦେ ଉତ୍କଳ ଜନନୀ' ଓ କାନ୍ତକବି ଲକ୍ଷ୍ମୀକାନ୍ତ | ଶ୍ରୀ ଗୌରଚନ୍ଦ୍ର ମହାପାତ୍ର | ୭୧ |
| ଆମେ ଓଡ଼ିଆ ପୁଅ | ଶ୍ରୀମତୀ କାଞ୍ଚନ ମିଶ୍ର | ୭୨ |
| ଭକ୍ତକବି ଜୟଦେବ ଓ ଶ୍ରୀଗୀତଗୋବିନ୍ଦ | ଡକ୍ଟର ବିଦିଦ୍ରାନନ୍ଦ ମହାନ୍ତି | ୭୩ |
| ମହାମହିମ ସମ୍ରାଟ ଖାରବେଳ : ଏକ ଅନୁଶୀଳନ | ପ୍ରଫେସର ଜଗନ୍ନାଥ ପଟ୍ଟନାୟକ | ୭୭ |
| କର୍ମଯୋଗୀର ଅମର କୀର୍ତ୍ତି | ଡକ୍ଟର ମଦନମୋହନ ଚୋପ୍ରା | ୮୦ |
| କାହାକୁ କହିବା ? | ଡକ୍ଟର ବେଣୀମାଧବ ପାଢ଼ୀ | ୮୨ |
| ଆମ ରାଜ୍ୟ - ଆମ ପ୍ରଗତି | ଡକ୍ଟର ହୃଷିକେଶ ମିଶ୍ର | ୮୫ |
| ଭକ୍ତ କବିରତ୍ନ ଜୟଦେବ : ସୁନ୍ଦରାଞ୍ଚଳ ମହାଜନ | ଶ୍ରୀ ଶ୍ରୀଧର ପତି | ୮୭ |
| ମୋ ଉତ୍କଳ | ଶ୍ରୀ କୈଳାସ ତ୍ରିପାଠୀ | ୮୮ |
| ମଧ୍ୟଯୁଗୀୟ ବୈଷ୍ଣବ ଚେତନାର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ରାୟ ରାମାନନ୍ଦ | ଶ୍ରୀ ପତିତପାବନ ମହାପାତ୍ର | ୮୯ |
| ସମ୍ବାଦ ପରିକ୍ରମା | | ୯୩ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁଭାଷମୟୀ ଜନନୀ, ଜନନୀ, ଜନନୀ ।
ପୂତ—ପୟୋଧି—ବିଧୌତ—ଶରୀରା,
ତାଳତମାଳ—ସୁଶୋଭିତ—ତୀରା,
ଶୁଭ୍ରତଟିନୀକୂଳ—ଶୀକର—ସମୀରା
ଜନନୀ, ଜନନୀ, ଜନନୀ ॥

ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ॥

ସୁନ୍ଦରଶାଳି—ସୁଶୋଭିତ—କ୍ଷେତ୍ରା,
ଜ୍ଞାନବିଜ୍ଞାନ—ପ୍ରଦର୍ଶିତ—ନେତ୍ରା
ଯୋଗୀରଷିଗଣ—ଉଟଜ—ପବିତ୍ରା
ଜନନୀ, ଜନନୀ, ଜନନୀ ॥

ସୁନ୍ଦର ମନ୍ଦିର ମଣ୍ଡିତ—ଦେଶା,
ଚାରୁ କଳାବଳି—ଶୋଭିତ—ବେଶା
ପୁଣ୍ୟ ତୀର୍ଥଚୟ—ପୂର୍ଣ୍ଣ—ପ୍ରଦେଶା
ଜନନୀ, ଜନନୀ, ଜନନୀ ॥

ଉତ୍କଳ ସୁରବର—ଦର୍ପିତ—ଗେହା,
ଅରିକୁଳ—ଶୋଣିତ—ଚର୍ଚ୍ଚିତ—ଦେହା,
ବିଶ୍ୱଭୂମଣ୍ଡଳ—କୃତବର—ସ୍ନେହା
ଜନନୀ, ଜନନୀ, ଜନନୀ ॥

କବିକୁଳମୌଳି ସୁନନ୍ଦନ—ବନ୍ଦ୍ୟା,
ଭୁବନବିଘୋଷିତ—କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ॥

● କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

# ଭାରତ ଗୀତିକା

ସର୍ବେଷାଂ ନୋ ଜନନୀ ଭାରତ
ଧରଣୀ କଳ୍ପଲତେୟମ୍
ଜନନୀବତ୍ସଲତନୟଗଣୈସ୍ତଦ୍
ସମ୍ୟକ୍‌ଶର୍ମ୍ମବିଧେୟମ୍। ଧ୍ରୁବଂ ।
ହିମଗିରି-ସୀମନ୍ତିତ-ମସ୍ତକମିଦ
ମମ୍ବୁଧିପରିଗତପାର୍ଶ୍ୱମ୍ ।
ଅସ୍ମଜ୍ଜନ୍ମଦମାନନ୍ଦମନିଶଂ
ଶ୍ରୌତପୁରାତନମାର୍ଷମ୍ ॥
ବିଜନିତହର୍ଷଂ ଭାରତବର୍ଷଂ
ବିଶ୍ୱୋତ୍କର୍ଷନିଦାନମ୍ ।
ଭାରତଶର୍ମ୍ମଣି କୃତମସ୍ମାଭି-
ର୍ନବମିଦମୈକ୍ୟବିଧାନମ୍ ॥
ଉତ୍କଳଗୌଡ଼ାନ୍ଧ୍ରାଦ୍ୟାଃ ସଂସଦି
ଯେ ବୟମତ୍ରସମେତାଃ ।
ଏତେଗାପରଜନପଦଜା ନନୁ
ଭାରତ-ବିହିତ-ନିକେତାଃ ॥
ଭାରତହିତସମ୍ପାଦନମେବହି
କାର୍ଯ୍ୟମିଷ୍ଟମବିପାକମ୍ ।
ଭାରତବର୍ଜ୍ଜଂ କିମପି ନ କାର୍ଯ୍ୟଂ
ନିଶ୍ଚିତମିତ୍ୟ ସ୍ମାକମ୍ ॥
ଭାରତପଙ୍କଜଦଳମିଦମୁତ୍କଳ
ମଣ୍ଡଳମିତିବିଦିତଂ ଯତ୍
ତସ୍ୟା କୃତବୟମତ୍ରସମେତା
ବିହିତାତ୍ରୋତ୍କଳ-ସଂସଦ୍ ॥
ଭାରତମେକା ଗତିରସ୍ମାକଂ
ନାପରାସ୍ତିଭୁବିନାମ ।
ସର୍ବୋଦୌ ପରିଷଦ୍-କର୍ମଣିତଦ୍
ଭାରତମେବନମାମଃ ॥

● କବିବର ରାଧାନାଥ ରାୟ

# ଉତ୍କଳ ସମ୍ମିଳନୀ ଅଧିବେଶନ

## (୧୯୦୩-୧୯୩୪)

| ଅଧିବେଶନ | ତାରିଖ | ସ୍ଥାନ | ସଭାପତି |
| --- | --- | --- | --- |
| ପ୍ରଥମ | ୧୯୦୩ ଡିସେମ୍ବର ୩୦-୩୧ | କଟକ ଇଦ୍‌ଗା ପଡ଼ିଆ | ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ |
| ଦ୍ୱିତୀୟ | ୧୯୦୪ ଡିସେମ୍ବର ୨୮-୨୯ | କଟକ | ଧରାକୋଟ ରାଜା ମଦନମୋହନ ସିଂହଦେଓ |
| ତୃତୀୟ | ୧୯୦୬ ଏପ୍ରିଲ୍ ୧୩-୧୪ | ବାଲେଶ୍ୱର | ତାଳଚେର ରାଜା କିଶୋରଚନ୍ଦ୍ର ହରିଚନ୍ଦନ |
| ଚତୁର୍ଥ | ୧୯୦୬ ଡିସେମ୍ବର ୨୬-୨୭ | ବ୍ରହ୍ମପୁର | କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ |
| ପଞ୍ଚମ | ୧୯୦୮ ଏପ୍ରିଲ୍ ୧୮-୧୯ | ପୁରୀ | ସୁରଙ୍ଗୀ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ |
| ଷଷ୍ଠ | ୧୯୦୮ ଡିସେମ୍ବର | କଟକ | ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ |
| ସପ୍ତମ | ୧୯୧୦ ଡିସେମ୍ବର ୩୦-୩୧ | କଟକ | ରାଜା ବୈକୁଣ୍ଠନାଥ ଦେ (ବାଲେଶ୍ୱର) |
| ଅଷ୍ଟମ | ୧୯୧୨ ଏପ୍ରିଲ ୬-୭ | ବ୍ରହ୍ମପୁର | ସୁରଙ୍ଗୀ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ |
| ନବମ | ୧୯୧୩ ଡିସେମ୍ବର ୨୭-୨୮ | ପୁରୀ | ମଧୁସୂଦନ ଦାସ |
| ଦଶମ | ୧୯୧୪ ଡିସେମ୍ବର ୨୬-୨୭ | ପାରଳାଖେମୁଣ୍ଡି | ଜୟପୁର ରାଜା ବିକ୍ରମଦେବ ବର୍ମା |
| ଏକାଦଶ | ୧୯୧୫ ଡିସେମ୍ବର ୨୭-୨୮ | ସମ୍ବଲପୁର | ସିଂହଭୂମର କେରା ରାଜା ଲକ୍ଷ୍ମୀନାରାୟଣ ସିଂହଦେଓ |
| ଦ୍ୱାଦଶ | ୧୯୧୬ ଡିସେମ୍ବର ୨୯-୩୦ | ବାଲେଶ୍ୱର | ମଂଜୁଷା ରାଜା ଶ୍ରୀନିବାସ ରାଜମଣି |
| ତ୍ରୟୋଦଶ | ୧୯୧୭ ଡିସେମ୍ବର ୩୦-୩୧ | କଟକ | ଫକୀରମୋହନ ସେନାପତି (ବାଲେଶ୍ୱର) |
| ବିଶେଷ ଅଧିବେଶନ | ୧୯୧୮ ସେପ୍ଟେମ୍ବର ୨୧-୨୨ | କଟକ | ମଧୁସୂଦନ ଦାସ |
| ଚତୁର୍ଦ୍ଦଶ | ୧୯୧୯ ଏପ୍ରିଲ ୧୯-୨୦ | କଟକ | ଗୋପବନ୍ଧୁ ଦାସ |
| ପଞ୍ଚଦଶ | ୧୯୧୯ | ପୁରୀ | ଚନ୍ଦ୍ରଶେଖର ବେହେରା (ସମ୍ବଲପୁର) |
| ଷୋଡ଼ଶ | ୧୯୨୦ ଡିସେମ୍ବର | ଚକ୍ରଧରପୁର | ଜଗବନ୍ଧୁ ସିଂହ |
| ସପ୍ତଦଶ | ୧୯୨୩ | ବ୍ରହ୍ମପୁର | କଳ୍ପତରୁ ଦାସ |
| ଅଷ୍ଟାଦଶ | ୧୯୨୪ | ବ୍ରହ୍ମପୁର | ଚନ୍ଦ୍ରଶେଖର ବେହେରା (ସମ୍ବଲପୁର) |
| ଊନବିଂଶ | ୧୯୨୫ | କଟକ | ଭୁବନାନନ୍ଦ ଦାସ (କଟକ) |
| ବିଂଶ | ୧୯୨୯ | ବ୍ରହ୍ମପୁର | ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି (କଟକ) |
| ଏକବିଂଶ | ୧୯୩୦ | ବ୍ରହ୍ମପୁର | ରାୟ ବାହାଦୁର ଲୋକନାଥ ମିଶ୍ର (ପୁରୀ) |
| ଦ୍ୱାବିଂଶ | ୧୯୩୧ | କଳକତ୍ତା | ଦାମୋଦର ସାହୁ (ନିମଖଣ୍ଡି- ବ୍ରହ୍ମପୁର) |
| ତ୍ରୟୋବିଂଶ | ୧୯୩୨ ଅଗଷ୍ଟ | ବ୍ରହ୍ମପୁର | ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି |
| ଚତୁର୍ବିଂଶ | ୧୯୩୩ | ବ୍ରହ୍ମପୁର | ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି |
| ପଞ୍ଚବିଂଶ | ୧୯୩୪ | କଟକ | ମଧୁସୂଦନ ପାଣିଗ୍ରାହୀ (ବ୍ରହ୍ମପୁର) |

# କୁଳବୃଦ୍ଧଙ୍କ ଅନ୍ତିମ ଉଦ୍‌ବୋଧନ

ଏହା ଦେଖିବା ନିମନ୍ତେ ମୁଁ ଏଠାରେ ଠିଆହୋଇଛି । ଧନରେ, ବଳରେ ଓ "ମୋର ବହୁକାଳର ଆକାଙ୍‌କ୍ଷିତ କାମନା ପୂର୍ଣ୍ଣ ହୋଇଛି । ଉର୍ଦ୍ଧ୍ୱରେ ଭଗବାନ ଓ ଅନ୍ତରରେ ହୃଦୟକୁ ସାକ୍ଷୀ ବୁଦ୍ଧିରେ ମୋଠାରୁ ଅଧିକ ବଳବାନ୍ ଲୋକଙ୍କ ବିରୁଦ୍ଧରେ ମୋତେ ଠିଆ ହେବାକୁ ପଡ଼ିଛି । ମୁଁ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଥିବାରୁ ରଖି ଏକାକୀ ମୋତେ ଲଢ଼େଇ କରିବାକୁ ହୋଇଛି । ଦିନେ ମୋର ମନରେ ଏହି ଭାବ ଜାଗ୍ରତ ହେଲା, ମୁଁ ଏ ସମ୍ବନ୍ଧରେ ଚିନ୍ତା କଲି ଏବଂ ଦେଖିପାରିଲି ଯେ ମୋ ଏ ଜାତିକୁ ଏକତ୍ର କରିବା ଭାବନା ଭଗବାନ ମୋ ହୃଦୟରେ ଜାଗ୍ରତ କରାଇଅଛନ୍ତି । ମୋ ଜାତିପାଇଁ ଜାତିର ଇତିହାସ ମୋ ସପକ୍ଷରେ ଅଛି । ଯେକୌଣସି ଜାତି ପକ୍ଷରେ ମୋ ଜାତିର ଏହି ଇତିହାସ ଗୌରବର ବିଷୟ ହେବ । ମୋତେ କିଛି କରିବାକୁ ପଡ଼ିବ; କିନ୍ତୁ ମୁଁ ସେତେବେଳେ ଏକାକୀ । ଏପରିକି, ଆମ ଓଡ଼ିଆ ରାଜାମାନଙ୍କ ଭିତରୁ କେହି କେହି ଓଡ଼ିଆବୋଲି ପରିଚୟ ଦେବାକୁ ଘୃଣା କରୁଥିଲେ ଏବଂ ଓଡ଼ିଆ ଛାତ୍ରମାନେ ନିଜକୁ ବଙ୍ଗାଳୀ ବୋଲି ପରିଚୟ ଦେଉଥିଲେ । ଜଣେ ଖ୍ୟାତନାମା ରାଜା, ଯାହାଙ୍କ ନାମ ସହିତ ଏହି ହଲର ନାମ ଜଡ଼ିତ (ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ), ତାଙ୍କୁ ବଙ୍ଗଦେଶର ଲୋକେ ବଙ୍ଗାଳୀ ବୋଲି କହୁଥିଲେ । ଦିନେ ରାତି ୮ଟା ଠାରୁ ୧ଟା ପର୍ଯ୍ୟନ୍ତ ତାଙ୍କ ସହିତ ଦୀର୍ଘ କଥାବାର୍ତ୍ତା କରିଥିଲି । ମୁଁ କହିଲି, ମୁଁ ଆପଣଙ୍କୁ ଆଜି ଓଡ଼ିଆ କରିବା ପାଇଁ ବଦ୍ଧପରିକର ।' ଏହାର କେତେ କାଳ ପରେ ସେ ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକରେ ସଭାପତିତ୍ୱ କରିଥିଲେ । ଓଡ଼ିଶା ଗଡ଼ଜାତ ସମୂହର ସୁପରିଟେଣ୍ଡେଣ୍ଟ (ଓଡ଼ିଆ ଡିଭିଜନ୍‌ର କମିଶନର) ଓଡ଼ିଆମାନଙ୍କୁ ଏକତ୍ର କରିବା ଲକ୍ଷ୍ୟରେ ଗଠିତ ଉତ୍କଳ ସମ୍ମିଳନୀରେ (୧ମ ସମ୍ମିଳନୀ) ଯୋଗ ଦେବାକୁ ଗଡ଼ଜାତ ରାଜା, ମହାରାଜା ଓ ସରକାରୀ କର୍ମଚାରୀମାନଙ୍କୁ ମନା କରି ଆଦେଶ ଜାରି କରିଥିଲେ । ସେ କହିଥିଲେ, 'ମି. ଦାସଙ୍କ ସମ୍ମିଳନୀରେ କେହି ଯୋଗ ଦିଅନାହିଁ ।' ମୁଁ ବଡ଼ଲାଟ ଲର୍ଡ଼ କର୍ଜନଙ୍କଠାକୁ ଏକ ପତ୍ର ଲେଖି ଜଣାଇଥିଲି, 'ଆପଣ ଏହି ଚିଠିଟି ପାଠ କରିବା ସମ୍ଭାବନା ନାହିଁ। ହୁଏତ, ଆପଣଙ୍କ କୋଡ଼ାତଳେ ଏ ସ୍ଥାନ ପାଇପାରେ । ଯେ ଏପତ୍ର ପାଠକରୁ, ମୋର ଓଡ଼ିଆ ଜାତି ପ୍ରତି କର୍ତ୍ତବ୍ୟ ରହିଛି ଏବଂ ଏହି ଜାତିର ହୃଦୟର ବେଦନା ଆପଣଙ୍କୁ ଜଣାଇବାକୁ ଇଚ୍ଛା କରିଛି ।' କର୍ଜନଙ୍କ ପ୍ରାଇଭେଟ ସେକ୍ରେଟେରୀଙ୍କଠାରୁ ଉତ୍ତର ପାଇଲି । ସେ ଲେଖିଥିଲେ, ଆପଣ ଜଣେ ଶକ୍ତିଶାଳୀ ଓ ସଂସ୍କୃତିସମ୍ପନ୍ନ ଭଦ୍ରବ୍ୟକ୍ତି । ଯଦି ଭାଇସରାୟଙ୍କ ସହିତ ଆପଣ ସାକ୍ଷାତ କରିବାକୁ ଯାଆନ୍ତି, ତାହାହେଲେ ଭାଇସରାୟ ଆପଣଙ୍କ ସହିତ ଆଲୋଚନା କରିବେ ।' ଲର୍ଡ଼ କର୍ଜନ ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ଓ ସାହସୀ ବ୍ୟକ୍ତି ଥିଲେ । ସେ ଜଣେ ଏକଚ୍ଛତ୍ର ଶାସକରୂପେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ହୃଦୟରେ ଦୟା ଥିଲା ।


"ହୁଏତ ସେ ଭାବିଥିବେ, ମୁଁ ଜଣେ ବୋକା; କିନ୍ତୁ ଦେଖାସାକ୍ଷାତ୍‌ରେ ମୁଁ ଜଣେ ସଚ୍ଚା ଦେଶସେବକ ଓ ସ୍ୱଜାତିପ୍ରେମୀ ଥିବା ସେ ବୁଝି ପାରିଥିଲେ । ମୁଁ ମୋ ଓଡ଼ିଆ ଜାତିର ଦାବି ଉପସ୍ଥାପିତ କରିବାବେଳେ ମୋ ଆଖିରୁ ଧାରଧାର ଲୁହ ବୋହିଥିଲା । ମୁଁ କହିଥିଲି, 'ମୁଁ କଲିକତାରେ ପଢୁଥିଲାବେଳେ ବଙ୍ଗଦେଶରେ ଏକମାତ୍ର ଓଡ଼ିଆ ଛାତ୍ରଥିଲି । ସବୁପ୍ରକାର ତାଚ୍ଛଲ୍ୟ ମୋ ଉପରେ ବର୍ଷଣ ହେଉଥିଲା । ସେମାନେ ମୋତେ 'ମଧୁ ଉଡ଼େ, ମଧୁ ଉଡ଼େ' ବୋଲି ଡାକୁଥିଲେ ।' ଲର୍ଡ଼ କର୍ଜନ ତାଙ୍କ ମିଲିଟାରୀ ସେକ୍ରେଟାରୀଙ୍କୁ ସଂଗେ ସଂଗେ ଡକେଇ ଆଦେଶ ଦେଲେ, ଓଡ଼ିଶା କମିଶନରଙ୍କୁ କହ, ମୁଁ ସେଠାକୁ ଯାଉଛି ।' କର୍ଜନ ଓଡ଼ିଶାକୁ ଆସିଥିଲେ । ପୁରୀରେ ଏକ ଦରବାର ଆୟୋଜନ ହୋଇଥିଲା; କିନ୍ତୁ ମୋ ଭଳି ଜଣେ ଲୋକକୁ ସେଠାକୁ ନିମନ୍ତ୍ରଣ କରାଯାଇନଥିଲା । କର୍ଜନ କମିଶନରଙ୍କୁ ପଚାରିଲେ, 'ମି. ଦାସ କାହାନ୍ତି ? ମୁଁ ତାଙ୍କୁ ଏଠାରେ ଦେଖିବାକୁ ଚାହେଁ ।'

"ଏହି ଆନ୍ଦୋଳନର ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ କଣ ମୁଁ ଦେଖୁଛି ? ମୁଁ ଯେତେବେଳେ ଏ ଆନ୍ଦୋଳନ କଲି, ସେତେବେଳେ ଜାତି ବୋଲି କିଛି ନଥିଲା । ମୁଁ କେବଳ ଛୁଡ଼ ଛୁଡ଼ ଅସ୍ଥି ଦେଖିଥିଲି; ଚାରିଆଡ଼େ କେବଳ ଅସ୍ଥି ଅସ୍ଥି ଅସ୍ଥି । ଏହି ଅସ୍ଥି କଙ୍କାଳ ଭିତରେ ପ୍ରାଣ ସଞ୍ଚାର କରି ହସ୍ତପଦ ଓ ପେଶି ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼ିଛି । ମୋ ଜାତିକୁ ଯୁଦ୍ଧ ସରଞ୍ଜାମରେ ସଜ୍ଜିତ କରିବା ପାଇଁ ମୋତେ ଏକାକୀ କାର୍ଯ୍ୟ କରିବାକୁ ହୋଇଛି । ଏଥିରେ ମୋତେ ଭଗବାନଙ୍କ ବ୍ୟତୀତ ଆଉ କେହି ସାହାଯ୍ୟ କରିନାହାନ୍ତି ।

ମୋ ଜାତିର ପାଠରେ ତୁମର ଜୀବନକୁ ବଳିଦାନ କର । ପୂର୍ବେ ଏ ଜାତି ଯେଉଁ ଗୌରବର ଅଧିକାରୀ ହୋଇଥିଲା, ସେ ଗୌରବ ଲାଭ କର ।"

*(୧୯୩୩ ଫେବୃଆରୀ ୧୩: କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ନେତା ସମ୍ମିଳନୀରେ)*

# ନବ ଉତ୍କଳର ନିର୍ମାତାଗଣ



ଉତ୍କଳ ଗୌରବ ମଧୁସୂଦନ



ଉତ୍କଳମଣି ଗୋପବନ୍ଧୁ




ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ



କବିବର ରାଧାନାଥ



ବ୍ୟାସକବି ଫକିର ମୋହନ



ସ୍ୱଭାବକବି ଗଙ୍ଗାଧର



ପଣ୍ଡିତ ନୀଳକଣ୍ଠ ଦାସ



ଡ. ହରେକୃଷ୍ଣ ମହତାବ





ରାଜକୁମାର ବୀରକିଶୋର ଦେବଙ୍କୁ କୋଳରେ ଧରି ବସିଛନ୍ତି କୁଳବୃଦ୍ଧ



୧୯୦୩ ଏପ୍ରିଲ ୧୧-୧୨ : ବ୍ରହ୍ମପୁରରେ ଅନୁଷ୍ଠିତ 'ଗଞ୍ଜାମ ଜାତୀୟ ସମ୍ମିଳନୀ'ର ପ୍ରଥମ ଅଧିବେଶନରେ ଗୌରୀଶଙ୍କର, ଫକୀରମୋହନ, ଗୋପବନ୍ଧୁ, ନନ୍ଦକିଶୋର ପ୍ରମୁଖଙ୍କ ଗହଣରେ ମଧୁବାବୁ



ମୃତ୍ୟୁ- ଶଯ୍ୟାରେ ମଧୁବାବୁ

# ଉତ୍କଳ ଦିବସ ଉପଲକ୍ଷେ
# ଓଡ଼ିଶାର ମାନ୍ୟବର ରାଜ୍ୟପାଳ
# ଡଃ. ସି. ରଙ୍ଗରାଜନଙ୍କ
## ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

ପବିତ୍ର ଉତ୍କଳ ଦିବସ ଅବସରରେ, ମୁଁ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ଓଡ଼ିଶା ଇତିହାସରେ ଅପ୍ରେଲ ପହିଲା ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଦୀର୍ଘକାଳ ଧରି ଓଡ଼ିଆମାନଙ୍କର ଏକ ନିଜସ୍ୱ ସଂସ୍କୃତି ରହି ଆସିଛି । ମାତ୍ର ଗୋଟିଏ ବିଷୟର ଅଭାବ ଥିଲା । ତାହା ହେଉଛି, ଓଡ଼ିଶାର ଏକ ସ୍ୱତନ୍ତ୍ର ଭୌଗୋଳିକ ପରିଚିତି । ୧୯୩୬ ଅପ୍ରେଲ ପହିଲା ଦିନ ଏହା ହାସଲ ହୋଇ ପାରିଥିଲା । ଏହି ଦିବସଟି ସମସ୍ତ ଓଡ଼ିଆ ଭାଷାଭାଷୀଙ୍କ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ।ଏହି ଦିନ ସେମାନଙ୍କର ଏକ ବିରାଟ ଆଶା ଓ ଆକାଂକ୍ଷା ପୂରଣ ହୋଇଥିଲା ।

ଏକ ସ୍ୱତନ୍ତ୍ର ରାଜ୍ୟର ଅଭ୍ୟୁଦୟ ଘଟିବା ଅର୍ଥ ନୁହେଁ ଯେ, ଜାତୀୟ ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ହୋଇ ରହିବା । ରାଷ୍ଟ୍ରଗଠନ ଦିଗରେ ଓଡ଼ିଆମାନେ ସେମାନଙ୍କର ସମସ୍ତ ଶକ୍ତି ବିନିଯୋଗ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆମାନଙ୍କର ନିଃସ୍ୱାର୍ଥପର ତ୍ୟାଗ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲା ।

ଓଡ଼ିଶାର ମହାନ୍ ଐତିହ୍ୟ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଏହିଠାରେ ସମ୍ରାଟ ଅଶୋକ ତାଙ୍କ ଜୀବନର ଶେଷ ଯୁଦ୍ଧ ଲଢିଥିଲେ । ଓଡ଼ିଶା ମାଟି ତାଙ୍କୁ ସହନଶୀଳତା ଶିକ୍ଷା ଦେଇଥିଲା, ଯାହାକି ପୂର୍ବଭଳି ଆଜି ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଆମର ସମସ୍ତ କାର୍ଯ୍ୟରେ ଦୟା ମନୋଭାବ ତଥା ଧାର୍ମିକ ସହନଶୀଳତା ଓ ବୁଝାମଣା ପ୍ରତିଫଳିତ ହେବା ଆବଶ୍ୟକ । ଆମେ ମନେ ରଖିବା ଉଚିତ ଯେ ପରମ୍ପରା ଦୃଷ୍ଟିରୁ ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ।

ଏ ରାଜ୍ୟ ପ୍ରତି ପ୍ରକୃତିର ଅବଦାନ ବିପୁଳ । ପ୍ରାକୃତିକ ସଂପଦର ବିନିଯୋଗ ପାଇଁ ଏକ ସୁସ୍ଥ ଆର୍ଥିକ ପରିବେଶ ଆବଶ୍ୟକ । ଏ ରାଜ୍ୟ ବିଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିଛି । ସ୍ୱାସ୍ଥ୍ୟ ସୁରକ୍ଷା, ଶିକ୍ଷା, ପାନୀୟ ଜଳ ଓ ବିଦ୍ୟୁତଶକ୍ତି ଭଳି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇପାରିଛି । ଅବଶ୍ୟ, ଏହି ପ୍ରଗତି ପର୍ଯ୍ୟାପ୍ତ ନୁହେଁ । ବର୍ତ୍ତମାନ ସୁଦ୍ଧା ରାଜ୍ୟରୁ ଦାରିଦ୍ର୍ୟ ଓ ଅନଗ୍ରସରତା ଲୋପ ପାଇନାହିଁ ।

ଅପ୍ରେଲ ପହିଲା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିବସ, ଯାହାକି ଆମର ଅସଂପୂର୍ଣ୍ଣ କାର୍ଯ୍ୟସୂଚୀ ବିଷୟରେ ଆମକୁ ସ୍ମରଣ କରାଇ ଦିଏ । ରାଜ୍ୟରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନ ଧାରଣର ମାନ ବୃଦ୍ଧି ପାଇଁ ଆମେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ଦିଗରେ ଆଉ ଥରେ ପ୍ରତିଜ୍ଞାବଦ୍ଧ ହେବାକୁ ଏହି ଦିବସ ସୁଯୋଗ ଦେଇଥାଏ । ଆସନ୍ତୁ, ଆମେ ସମସ୍ତେ ପରସ୍ପର ହାତ ମିଳାଇ ଆମ ରାଜ୍ୟର ବିକାଶ ନିମନ୍ତେ କାର୍ଯ୍ୟ କରିବା ।

**ଜୟହିନ୍ଦ୍**

# ଉତ୍କଳ ଦିବସ ଉପଲକ୍ଷେ
# ଓଡ଼ିଶାର ମୁଖ୍ୟମନ୍ତ୍ରୀ
# ଡଃ. ଗିରିଧର ଗମାଙ୍ଗଙ୍କ
## ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

ଐତିହାସିକ ''ଉତ୍କଳ ଦିବସ'' ପାଳନ ଅବସରରେ ମୁଁ ରାଜ୍ୟବାସୀ ଏବଂ ପ୍ରବାସୀ ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆଜକୁ ୬୨ ବର୍ଷ ପୂର୍ବେ, ଖଣ୍ଡବିଖଣ୍ଡିତ ଓଡ଼ିଶା, ୧୯୩୬ ମସିହା ଅପ୍ରେଲ ଏକ ତାରିଖରେ, ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ଛିନ୍ନବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଦେବ ପ୍ରମୁଖ ଯେଉଁମାନେ ଅସୀମ ତ୍ୟାଗ ସ୍ୱୀକାର କରିଯାଇଛନ୍ତି, ଉତ୍କଳର ସେହି ସୁଯୋଗ୍ୟ ସନ୍ତାନମାନେ ଆମର ଚିରପୂଜ୍ୟ ଓ ନମସ୍ୟ । ଆସନ୍ତୁ, ଆଜି ଏହି ପବିତ୍ର ଦିବସରେ ସେମାନଙ୍କୁ ସ୍ମରଣ କରିବା ଏବଂ ସେମାନଙ୍କ ସ୍ମୃତିପ୍ରତି ଆମର ଗଭୀର ଶ୍ରଦ୍ଧା ଓ ସମ୍ମାନ ପ୍ରକଟ କରିବା ।

ଶସ୍ୟଶ୍ୟାମଳା, ସ୍ୱର୍ଣ୍ଣଗର୍ଭା ଆମ ଓଡ଼ିଶା ପ୍ରଚୁର ଖଣିଜ ସମ୍ପଦ, ଜଳ ସମ୍ପଦ, ବନ ସମ୍ପଦ ଏବଂ ସର୍ବୋପରି ଜନ ସମ୍ପଦରେ ପୂର୍ଣ୍ଣ । ଦିନଥିଲା, ଏ ମାଟିର ସନ୍ତାନ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପପୁଞ୍ଜରେ ନୌବାଣିଜ୍ୟିକ ସମ୍ପର୍କ ସ୍ଥାପନ କରି ଓଡ଼ିଶାର ମାନ ବଢ଼ାଇବା ସଙ୍ଗେ ସଙ୍ଗେ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଥିଲେ । ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରି ଆମ ପୂର୍ବସୂରୀଗଣ ସେମାନଙ୍କର ବୀରତ୍ୱ, ଅଦମ୍ୟ ସାହସ ଏବଂ ପରାକାଷ୍ଠା ପ୍ରତିପାଦନ କରିଯାଇଛନ୍ତି । ବୀରରକ୍ତରେ ରଞ୍ଜିତ ଏହି ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ଏ ମାଟିର କଳାକୌଶଳ, କାରିଗରୀବିଦ୍ୟା ପୃଥିବୀରେ ମାନ୍ୟତା ଲାଭ କରିଛି । ଏହାର ଐତିହ୍ୟ ବହୁ ପ୍ରାଚୀନ ଏବଂ ମହାନ୍ । ଏହି ମହାନ୍ ସଂସ୍କୃତିକୁ ଆମକୁ ଋଦ୍ଧିମନ୍ତ କରିବାକୁ ପଡିବ । ଏଥିପାଇଁ ଆମକୁ ହିଂସା, ଦ୍ୱେଷ, ପରଶ୍ରୀକାତରତା, ହୀନମନ୍ୟତା ଓ ବ୍ୟକ୍ତିଗତ ସ୍ୱାର୍ଥକୁ ପରିହାର କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ମଧ୍ୟରେ ପ୍ରେମ, ସ୍ନେହ, ସଦ୍‌ଭାବ ପ୍ରତିଷ୍ଠା କରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗୁସାର ହେବାକୁ ପଡିବ । ଆମ ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି । ଭ୍ରାତୃପ୍ରେମ ଆମ ସଂସ୍କୃତିର ମୂଳପିଣ୍ଡ । ଆମ ଦେଶ ଶାନ୍ତି ଓ ମୈତ୍ରୀର ଦେଶ । ଆମର ଅଧିବାସୀ ଶାନ୍ତିପ୍ରିୟ, ସରଳ ଓ ନିଷ୍କପଟ ।

ଆମେ ପ୍ରଗତି କରିଛୁ ସତ, ହେଲେ ଯେତେ ମାତ୍ରାରେ ପ୍ରଗତି କରିବା କଥା, ଆମେ ସେତେଟା ଆଶାନୁରୂପ ପ୍ରଗତି ହାସଲ କରିପାରିନାହୁଁ । ସେଥିପାଇଁ ଆମକୁ ସୁସଂଗଠିତଭାବେ କାର୍ଯ୍ୟ କରିବାକୁ ପଡିବ । ଆଧୁନିକ ଯନ୍ତ୍ରପାତି ଏବଂ ବିଜ୍ଞାନର ଅଗ୍ରଗତି ସହିତ ଆମକୁ ସାମିଲ ହେବାକୁ ପଡିବ । ନିରକ୍ଷରତା, ଅନ୍ଧବିଶ୍ୱାସ, କୁସଂସ୍କାର ପ୍ରତି ଆମେ ସଜାଗ ରହିବା ଦରକାର ।

ସାମ୍ବିଧାନିକ ପନ୍ଥାରେ ସବୁ ସମସ୍ୟାର ସମାଧାନ କରି ସମସ୍ତଙ୍କୁ ସମାନ ନ୍ୟାୟ ଦେବା ଉଚିତ । ମହିଳା, ହରିଜନ, ଆଦିବାସୀ, ସଂଖ୍ୟାଲଘୁ ଏବଂ ସମାଜର ପଛୁଆବର୍ଗଙ୍କ ପ୍ରତି ଆମକୁ ବିଶେଷ ଧ୍ୟାନ ଦେବାକୁ ପଡିବ । ଆସନ୍ତୁ, ସମତା ଏବଂ ସମନ୍ୱୟ ରକ୍ଷା କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବା, ଯେଉଁମାନେ କି ଆମକୁ ଉଜ୍ଜ୍ୱଳୀୟ ବୋଲି ବିଶ୍ୱରେ ଚିହ୍ନେଇ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ତାହା ହିଁ ହେବ ସେମାନଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ସମୟ ସ୍ରୋତରେ ଅନେକ ଧର୍ମ ଏଠି ମୁଣ୍ଡ ଟେକି ଉଠିଛି । ସବୁ ଧର୍ମର ମୂଳମନ୍ତ୍ର ଏକ । ସବୁ ଧର୍ମଠାରୁ ମାନବଧର୍ମହିଁ ଶ୍ରେଷ୍ଠ । ଅନ୍ୟକୁ ଭଲପାଇ ଶିଖିଲେ ସମାଜର ପ୍ରଗତି ନିଶ୍ଚିତ ସମ୍ଭବ ହୋଇପାରିବ ।

ସଂପ୍ରତି ପୃଥିବୀରେ ବିଜ୍ଞାନର ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିଛି । ସବୁ କ୍ଷେତ୍ରରେ ବିଜ୍ଞାନର ଉନ୍ନତି ଆମକୁ ଏକ ନୂତନ ଏବଂ ସମୃଦ୍ଧ ପୃଥିବୀ ଆଡକୁ ଟାଣି ନେଉଛି । ବିଜ୍ଞାନର ଏହି ଦ୍ରୁତ ଅଗ୍ରଗତି ସହ ତାଳ ଦେଇ ଆମକୁ ମଧ୍ୟ ଆଗେଇବାକୁ ପଡିବ । ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ଆମର ବୈଜ୍ଞାନିକ, କଳାକୁଶଳୀ କାରିଗର ଏବଂ ଅନ୍ୟାନ୍ୟ ପ୍ରାଯୁକ୍ତିକମାନଙ୍କୁ ସୁଦକ୍ଷ କରିବାପାଇଁ ପ୍ରୟୋଗାତ୍ମକ ଢାଞ୍ଚାରେ ସେମାନଙ୍କୁ ବୈଷୟିକ ତାଲିମ ଦେବା ନିତାନ୍ତ ଆବଶ୍ୟକ ।

ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ପାଇଁ ଆମକୁ ସ୍ୱତନ୍ତ୍ର ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡିବ । ଏଥିପାଇଁ ବହିଃପୁଞ୍ଜି ଆହରଣ ଆବଶ୍ୟକତାକୁ ଗୁରୁତ୍ୱ ସହ ବିଚାର କରିବା ଦରକାର । ରାଜ୍ୟର ଅର୍ଥନୈତିକ ଉନ୍ନତି ପାଇଁ ବିଦେଶୀପୁଞ୍ଜି ବିନିଯୋଗକାରୀ, ବହୁରାଷ୍ଟ୍ରୀୟ କମ୍ପାନୀ ଓ ବିଦେଶୀ ରାଷ୍ଟ୍ରମାନଙ୍କୁ ଆକୃଷ୍ଟ କରିବା ଆବଶ୍ୟକ । ପ୍ରବାସୀ ଓଡ଼ିଆ ଭାଇଭଉଣୀମାନେ ମଧ୍ୟ ରାଜ୍ୟରେ ପୁଞ୍ଜି ବିନିଯୋଗ କରିବାକୁ ଆଗେଇ ଆସିବା ଉଚିତ । ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ସାଂପ୍ରତିକ ପରିସ୍ଥିତି ସହ ଭାରସାମ୍ୟ ରକ୍ଷା କରି ଆମ ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବାକୁ ପଡିବ, ଯାହାକି ସମଗ୍ର ବିଶ୍ୱରେ ଏକ ଅନନ୍ୟ ରାଜ୍ୟ ରୂପେ ପରିଗଣିତ ହୋଇପାରିବ । ଏଥିପାଇଁ ସମସ୍ତଙ୍କର ଏକାଗ୍ରତା, ନିଷ୍ଠା ଏବଂ ସାଧୁତା ଏକାନ୍ତ ଅପରିହାର୍ଯ୍ୟ ।

କୃଷକମାନେ ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡ । ଦ୍ରୁତ ଅର୍ଥନୈତିକ ବିକାଶରେ ସେମାନଙ୍କର ଅବଦାନ ଅତ୍ୟନ୍ତ ପ୍ରୟୋଜନୀୟ । ମୋର ବିଶ୍ୱାସ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସେମାନେ ଅଧିକ କ୍ରିୟାଶୀଳ ହେବେ ଏବଂ ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡକୁ ସୁଦୃଢ଼ କରିବେ । ଆମ ରାଜ୍ୟରେ ମଧ୍ୟ ପର୍ଯ୍ୟାପ୍ତ ଲୁକ୍କାୟିତ ଯୁବପ୍ରତିଭା ରହିଛି, ଯାହାର ସୁବିନିଯୋଗ ଏକ ପ୍ରଗତିଶୀଳ ରାଜ୍ୟ ଗଠନ ପାଇଁ ନିତାନ୍ତ ଜରୁରୀ ।

ଏହି ଅବସରରେ ମୋର ରାଜ୍ୟବାସୀଙ୍କୁ, ବିଶେଷକରି ଯୁବସମାଜକୁ ବିନମ୍ର ନିବେଦନ, ଆସନ୍ତୁ ସମସ୍ତେ ମିଳିମିଶି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ଶ୍ରମ ଓ ସମୟ ବିନିଯୋଗ କରିବା ପାଇଁ ଶପଥ ନେବା । ମୋର ଦୃଢ଼ ବିଶ୍ୱାସ, ଆମର ଏ ଯାତ୍ରା ଫଳପ୍ରସୂ ହେବ । ଆମେ ଶାନ୍ତି, ସୁଖ ଓ ସମୃଦ୍ଧି ହାସଲ କରିବାରେ ନିଶ୍ଚିତଭାବେ ସକ୍ଷମ ହେବା ଏବଂ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବା ।

ବନ୍ଦେ ଉତ୍କଳ ଜନନୀ

# ଉତ୍କଳ ଦିବସ ଉପଲକ୍ଷେ
# ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ
# ଶ୍ରୀ ଭୂପିନ୍ଦର ସିଂହଙ୍କ ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଆପଣମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହି ଦିନଟି ପ୍ରତ୍ୟେକ ଓଡ଼ିଆବାସୀଙ୍କ ପାଇଁ ଏକ ଅବିସ୍ମରଣୀୟ ଦିବସ । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ବହୁ କାଳ ଧରି ବିଭିନ୍ନ ରାଜ୍ୟର ଶାସନାଧୀନରେ ରହିଲା ପରେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଇଥିଲା । ସେତେବେଳେ ଓଡ଼ିଶା କେବଳ ୬ଗୋଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ୧୯୪୮ ମସିହାରେ ଗଡ଼ଜାତ ଅଞ୍ଚଳ ମିଶ୍ରଣ ଦ୍ୱାରା ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠିତ ହୋଇଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ଯେଉଁ ପୂର୍ବସୂରୀମାନେ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି, ସେମାନେ ଓଡ଼ିଆ ଜାତିର ଚିର ନମସ୍ୟ । ଉତ୍କଳ ଦିବସ ପାଳନ ଅବସରରେ ମୁଁ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି ।

ଓଡ଼ିଆ ଜାତିର ଅତୀତ ଅତି ଗୌରବମୟ । ଓଡ଼ିଶାର ବୀର ପାଇକ ବାହିନୀ ରାଜ୍ୟ ଜୟ କରି ଓଡ଼ିଶାର ସୀମାକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । କଳିଙ୍ଗ ବଣିକ ପୁଅ ଦିନେ ସୁଦୂର ଜାଭା, ସୁମାତ୍ରା, ସିଂହଳ ପ୍ରଭୃତି ଦେଶରେ ବେପାର ବଣିଜ କରି ଓଡ଼ିଶା ରାଜ୍ୟକୁ ବିଭବଶାଳୀ ଓ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର କଳା, ସଂସ୍କୃତି ଓ ସଭ୍ୟତାକୁ ବିଭିନ୍ନ ଦେଶରେ ସଂପ୍ରସାରିତ କରିଥିଲେ । ଓଡ଼ିଶାର ବହୁ ପ୍ରାଚୀନ କୀର୍ତ୍ତି, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଏବେ ମଧ୍ୟ ଏହାର ମୂକସାକ୍ଷୀ ହୋଇ ରହିଛି । ଆଜି ଆମକୁ ଏହି ଇତିହାସକୁ ମନେ ପକାଇ ଅତୀତର ଗୌରବକୁ ଫେରାଇ ଆଣିବାକୁ ଉଦ୍ୟମ କରିବାକୁ ପଡ଼ିବ ।

ଏ ରାଜ୍ୟ ପ୍ରତି ପ୍ରକୃତି ଅତି ସଦୟ । ବିଭବଶାଳୀ ଓଡ଼ିଶାରେ ରହିଛି ସୁବିସ୍ତୃତ ବେଳାଭୂମି, ସୁନାବ୍ୟା ନଦୀ, ସବୁଜିମାପୂର୍ଣ୍ଣ ଜଙ୍ଗଲ, ପାହାଡ଼, ପର୍ବତ ଓ ଅସୁମାରୀ ଖଣିଜ ସଂପଦ । ଏ ସବୁକୁ ରାଜ୍ୟର ମଙ୍ଗଳ ପାଇଁ ବିନିଯୋଗ କରିପାରିଲେ ଏ ରାଜ୍ୟ ଭାରତବର୍ଷର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇପାରନ୍ତା, କିନ୍ତୁ ଓଡ଼ିଶା ଆଜି ଭାରତବର୍ଷର ଏକ ପଛୁଆ ରାଜ୍ୟ ରୂପେ ବିବେଚିତ । ଓଡ଼ିଶାରୁ ଦାରିଦ୍ର୍ୟ ବିଲୋପ ନ ହୋଇ ବଢ଼ି ଚାଲିଛି । ଏଥିପାଇଁ ଆମମାନଙ୍କୁ ଉଦ୍ୟମ କରିବାକୁ ପଡ଼ିବ । ସମସ୍ତଙ୍କ ଆନ୍ତରିକ ସହଯୋଗରେ ଏ ରାଜ୍ୟର ଉନ୍ନତି ଅଚିରେ ସମ୍ଭବ । ଆସନ୍ତୁ, ଓଡ଼ିଶା ରାଜ୍ୟକୁ ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ଆମେ ସଂକଳ୍ପ ନେବା ସଙ୍ଗେ ସଙ୍ଗେ ଉଦ୍ୟମ ଅବ୍ୟାହତ ରଖିବା । ରାଜ୍ୟର ପ୍ରଗତି କ୍ଷେତ୍ରରେ କୃଷକ ସମାଜର ସବୁଠାରୁ ବଡ଼ ଭୂମିକା ରହିଛି । ରାଜ୍ୟକୁ ପ୍ରଗତିର ସୋପାନରେ ପହଞ୍ଚାଇବା ପାଇଁ ଯୁବ ସମାଜର ସଂଘବଦ୍ଧ ଉଦ୍ୟମ ଅବ୍ୟାହତ ରହିବ ବୋଲି ଆଶା କରିବା ସ୍ୱାଭାବିକ । ସାମ୍ପ୍ରଦାୟିକ ସଂପ୍ରୀତି ବଜାୟ ରଖିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏହି ଅବସରରେ ମୁଁ ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ

## ସଂପାଦକୀୟ

# ଓଡ଼ିଆ ଜାତିର ସ୍ୱାଭିମାନ: ମନସ୍ୱୀ ମଧୁସୂଦନ

ଏପ୍ରିଲ ପହିଲା ଓଡ଼ିଆ ଜାତିର ଏକ ସାର୍ଥକ ଓ ସ୍ମରଣୀୟ ଦିବସ । ଏହି ଶୁଭ ଦିନରେ ଭାଷାରକ୍ଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଉନ୍ମେଷ ଘଟି ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ସମ୍ଭବ ହୋଇଥିଲା । ଉତ୍କଳ ଜନନୀର ଯେଉଁ ବରପୁତ୍ରମାନଙ୍କର ଦୀର୍ଘକାଳର ସ୍ୱପ୍ନ, ସଂକଳ୍ପ ଓ ସଂଗ୍ରାମ ଫଳରେ ଓଡ଼ିଆ ଜାତି ତାର ହୃତ ଗୌରବ ଓ ସ୍ୱତନ୍ତ୍ର ସତ୍ତା ଫେରି ପାଇଛି, ଆଜି ସେମାନଙ୍କୁ ବିନମ୍ର ପ୍ରଣିପାତ କରୁଛୁ ।

ସ୍ୱତନ୍ତ୍ର ଓଡ଼ିଶା ଗଠନର ପଞ୍ଚ-ପୁରୋଧା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ସେ ହେଉଛନ୍ତି ଓଡ଼ିଶାରେ ରାଜନୈତିକ ଚେତନାର ପ୍ରବର୍ତ୍ତକ, ଉତ୍କଳୀୟ ଜାତୀୟତାର ଭଗୀରଥ । କେବଳ ଦେଶ ମିଶ୍ରଣ ଆନ୍ଦୋଳନରେ ତାଙ୍କର କୃତିତ୍ୱ ସୀମିତ ନଥିଲା, ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ, ସାମାଜିକ ଉତ୍‌ଥାନ ଆଦି ସମସ୍ତ କ୍ଷେତ୍ରରେ ପରିବ୍ୟାପ୍ତ ଥିଲା ତାଙ୍କ କର୍ମ ପରିସର । କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତରେ ଥିଲେ ସେ ଜଣେ ଅଗ୍ରଗଣ୍ୟ, ଉତ୍ତୁଙ୍ଗ ଜନନେତା । ଯୋଗଜନ୍ମା ଯୁଗପୁରୁଷ । ଆଜି ତାଙ୍କର ୧୫୦ତମ ଜୟନ୍ତୀ ସମ୍ବତ୍ସର ଅବସରରେ ଆମେ ସେଇ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧା ନିବେଦନ କରୁଛୁ ।

ଓଡ଼ିଶାର ଉନ୍ନତି ଓ ଓଡ଼ିଆ ଜାତିର ସ୍ୱାର୍ଥ ପାଇଁ ମଧୁବାବୁ ଥିଲେ ସମର୍ପିତ । ଛାତ୍ର ଜୀବନରୁ ମୃତ୍ୟୁଶଯ୍ୟା ପର୍ଯ୍ୟନ୍ତ ସ୍ୱପରିବାର, ସ୍ୱଜାତିଠାରୁ ଆରମ୍ଭ କରି ଶାସନ ଓ ସାଧାରଣ କ୍ଷେତ୍ରରେ ସମସ୍ତଙ୍କ ସହିତ ସଂଗ୍ରାମ ଓ ସଂଘର୍ଷ ଭିତରେ ଅତିବାହିତ ହୋଇଛି ତାଙ୍କର ସମଗ୍ର ଜୀବନ କାଳ ।

ମନସ୍ୱୀ ମଧୁସୂଦନଙ୍କ ବହୁମୁଖୀ ବ୍ୟକ୍ତିତ୍ୱ, ଯଶସ୍ୱୀ ଜୀବନ କାଳ କାଳ ଧରି ଉତ୍ତର ପୁରୁଷଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତାଙ୍କର ଅମର ସ୍ମୃତି ଏ ଜାତିର ହୃଦୟରେ ଚିରକାଳ ଉଜ୍ଜୀବିତ ହୋଇ ରହିଥିବ । ତାଙ୍କର ଜୀବନାଦର୍ଶ ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଜାତି-ପ୍ରେମ-ବହ୍ନିରେ ପ୍ରଜ୍ୱଳିତ କରି ଆସୁଥିବ ।

ଏହି ଅନନ୍ୟ କର୍ମଯୋଗୀଙ୍କ ମହାନ ଜୀବନ ଭାବୁକ, ବୁଦ୍ଧିଜୀବୀ ଓ ଜନନାୟକଙ୍କ ଚିନ୍ତା ବିଚାର ଓ ଦିବ୍ୟ ଦୃଷ୍ଟିରେ ଆଙ୍କି ଯାଇଛି, ଅହେତୁକ ବିସ୍ମୟ ଓ ଭାବାବେଗର ସ୍ୱାକ୍ଷର ।

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ବିଚାରରେ, *"ମଧୁସୂଦନ ଦାସ ଥିଲେ ଜଣେ ମହାନ୍ ଦେଶଭକ୍ତ । ଧର୍ମ ବିଷୟରେ ତାଙ୍କର ଥିଲା ଅତି ଉଦାର ନୀତି । ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ହିନ୍ଦୁ ଧର୍ମ ପ୍ରତି ତାଙ୍କର ପ୍ରଗାଢ଼ ବିଶ୍ୱାସ ଓ ଅନୁରାଗ ଥିଲା । ସେ ଶ୍ରମ ମର୍ଯ୍ୟାଦାର କେବଳ ପ୍ରତୀକ ନଥିଲେ, ଦେଶବାସୀଙ୍କୁ ଏହି ସନ୍ଦେଶରେ ଅନୁପ୍ରାଣିତ କରିବାକୁ ଯାଇ ସେ ନିଜକୁ ନିଃଶେଷ କରି ଦେଇଥିଲେ ।"*

ମହାଯୋଗୀ ଶ୍ରୀ ଅରବିନ୍ଦ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ– *" ଓଡ଼ିଶାରେ ବର୍ତ୍ତମାନ ଏକ ନବଚେତନା ଓ ନବଜାଗରଣର ସୂତ୍ରପାତ ହୋଇଛି । ଓଡ଼ିଶା ତା'ର ଅସ୍ତିତ୍ୱ ରକ୍ଷା ଲାଗି ଏକ ସୁଦକ୍ଷ ଶକ୍ତିଶାଳୀ ନେତାଙ୍କ ଅଧିନାୟକତ୍ୱରେ ଲାଗି ପଡ଼ିଛି ।"*

ସ୍ୱର୍ଗତ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ କହିଥିଲେ– *" ମଧୁସୂଦନ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ବୁଦ୍ଧିର ବିଚକ୍ଷଣତା, ନିର୍ଭୀକତା ଏବଂ ଦେଶମାତୃକା ପ୍ରତି ନିବେଦିତ ଭକ୍ତି ଓ ଶ୍ରଦ୍ଧା ଭାବ ଦ୍ୱାରା ମୋ ମନରେ ଗୋଟିଏ ଅଲିଭା ଛାପ ଛାଡ଼ିଯାଇଛନ୍ତି ।"*

ପଣ୍ଡିତ ଜବାହରଲାଲ ନେହରୁ ତାଙ୍କର ସ୍ମୃତି ଚାରଣ କରି କହିଛନ୍ତି – *" ମଧୁସୂଦନ ଦାସ ଥିଲେ ଜଣେ ମହାନ ନେତା । ସେ କେବଳ ଓଡ଼ିଶାର ବିଶାଳ ବ୍ୟକ୍ତିତ୍ୱ ନଥିଲେ, ଥିଲେ ସମଗ୍ର ଭାରତବର୍ଷର । ମୋର ପିତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ହିସାବରେ ମୁଁ ତାଙ୍କୁ ଦୂରରୁ ନିରୀକ୍ଷଣ କରି ଆସିଛି । ଯେତେବେଳେ ଓଡ଼ିଶାର ସମସ୍ୟା ସମ୍ପର୍କରେ ଆଲୋଚିତ ହୁଏ, ସେତେବେଳେ ମଧୁସୂଦନ ଦାସଙ୍କର ନାମ ଆପେ ଆପେ ଆସିଯାଏ ।"*

ଉତ୍କଳକେଶରୀ ଡଃ ମହତାବଙ୍କ ଭାଷାରେ– *"ମଧୁବାବୁ ୧୯୨୧ ସାଲ ପର୍ଯ୍ୟନ୍ତ ଓଡ଼ିଶାର ଅଦ୍ୱିତୀୟ ନେତା ଥିଲେ । ସବୁ ଶ୍ରେଣୀର ଲୋକଙ୍କ ଉପରେ ତାଙ୍କର ପ୍ରତିପତ୍ତି ଥିଲା । ତାଙ୍କର ବାଗ୍ମୀତା ଓ ବିଚକ୍ଷଣ ବୁଦ୍ଧି ଯୋଗୁଁ ସେ ଛାତ୍ର ସମାଜରେ ବଡ଼ ପ୍ରିୟ ଥିଲେ । ତାଙ୍କର ଅନେକ ସୁନ୍ଦର କଳ୍ପନା ଥିଲା । ସ୍ୱଦେଶୀ ଆଡ଼କୁ ତାଙ୍କର ବଡ଼ ଝୁଙ୍କ ଥିଲା । ବ୍ୟବସାୟ ଓ*

ଅନୁଷ୍ଠାନ ଏପରି କିଛି ନାହିଁ, ଯେଉଁଥିରେ ମଧୁବାବୁ ହାତ ଦେଇ ନଥିଲେ ଓ ଯେଉଁଥିରେ ସେ ସଫଳକାମ ହୋଇନାହାନ୍ତି । ସେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଇଥିଲେ । ସାଧାରଣ କାର୍ଯ୍ୟରେ ସେ ବହୁତ ଖର୍ଚ୍ଚ କରୁଥିଲେ । କୋଣାର୍କ ମନ୍ଦିର ପରି ସେ ମୃତ୍ୟୁ ପରେ ସୁଦ୍ଧା ମହାନ ଓ ଗୌରବମୟ ହୋଇ ରହିଛନ୍ତି ।''

ସୁରେନ୍ଦ୍ର ମହାନ୍ତିଙ୍କ ଲେଖନୀରେ– ''ମଧୁସୂଦନ ଇତିହାସରେ ସ୍ମରଣୀୟ ହୋଇରହିବେ- ଓଡ଼ିଆ ଜାତିର ଜନକ, ରେନେସାଁର ପ୍ରବର୍ତ୍ତକ ଓ ଭାରତୀୟ ଜାଗରଣର ଅନ୍ୟତମ ପୁରୋଧା ରୂପେ । ରାଜନୀତି ମଧୁସୂଦନଙ୍କର ଥିଲା ଜର୍ମ ତପସ୍ୟା । କ୍ଷମତା ଓ ସ୍ୱାର୍ଥ ଲିପ୍ସାର ବହୁ ଉର୍ଦ୍ଧ୍ୱରେ ରାଜନୀତିକୁ ସେ ଉନ୍ନୀତ କରାଇ ପାରିଥିଲେ, ତିତିକ୍ଷାପୂତ ଏକ ଭାବାଲୋକକୁ.... ଶୂନ୍ୟଗର୍ଭ ପହଲିରେ ନୁହେଁ, ନିଜର ଜୀବନଚର୍ଯ୍ୟାରେ । ସେ ସ୍ୱାର୍ଥମେଧ ଯଜ୍ଞର ଯେଉଁ ହୋମାଗ୍ନି ପ୍ରଜ୍ୱଳିତ କରିଥିଲେ, ସେଥିରେ ସେ ନିଜକୁ ଦେଇଥିଲେ ପୂର୍ଣ୍ଣାହୂତି । ଆତ୍ମପ୍ରତ୍ୟୟହୀନ ଓଡ଼ିଆ ଜାତିକୁ ସେ ତାଙ୍କ ଦୁର୍ବାର ନେତୃତ୍ୱରେ ଦେଇପାରିଥିଲେ ସ୍ୱାଭିମାନ ।''

ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ମତରେ– '' ମଧୁସୂଦନ ଦାସ ଚିରକାଳ ଲାଗି ଇତିହାସରେ ନୂତନ ଓଡ଼ିଶାର ନିର୍ମାତା ରୂପେ ପରିଚିତ ହେବେ । ତାଙ୍କ ଜୀବନର ଶେଷ ଅର୍ଦ୍ଧ ଶତାବ୍ଦୀରେ ଓଡ଼ିଶାରେ ଯେତେ ଅନୁଷ୍ଠାନ ଗଢ଼ି ଉଠିଥିଲା, ସମସ୍ତ ହିଁ ଥିଲା ତାଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଚେଷ୍ଟାର ଫଳ । ତାଙ୍କ ବାଣୀ ଭିତରେ କବିର ଭାବପ୍ରବଣ କଳ୍ପନାଶକ୍ତି, ବକ୍ତାର ଅପୂର୍ବ କଥନଚାତୁରୀ, ତର୍କ, ଆଲୋଚକର ବିଷୟ ପରିବେଷଣର ବିଚକ୍ଷଣତା ଯେପରି ସମନ୍ୱିତ ହୋଇଥିଲା । ସେ ସୁରେନ୍ଦ୍ରନାଥ, ଗୋଖେଲ, ରାନାଡେଙ୍କ ଭଳି ବିଶାଳ ବ୍ୟକ୍ତିତ୍ୱସଂପନ୍ନ ଥିଲେ । ସେ ସ୍ୱୟଂ ଥିଲେ ଶକ୍ତିର ଉତ୍ସ ।''

କବି ସଚ୍ଚି ରାଉତରାୟଙ୍କ ଭାବୋଚ୍ଛ୍ୱାସରେ, ''ଚତୁର୍ଦ୍ଦିଗ ଯେତେବେଳେ ଅନ୍ଧକାରପୂର୍ଣ୍ଣ, ସୁପ୍ତ ଜନତାର ଗଭୀର ବିଷ ନିଶ୍ୱାସରେ ଗଗନ ପବନ ପରିପୂର୍ଣ୍ଣ; ବନ୍ୟା, ଦୁର୍ଭିକ୍ଷ ମହାମାରୀରେ ଓଡ଼ିଶାର ଜନପଦ ଶ୍ମଶାନରେ ପରିଣତ ହେବା ଉପରେ; ଗୁଡ଼ ଗୁଡ଼ ମଡ଼ା, ଲକ୍ଷ ଲକ୍ଷ ଚିତା ଧୂମରେ ପୃଥିବୀ ପୂରି ଉଠିଛି, ସେତିକିବେଳେ ଏହି ଶ୍ମଶାନ ଦେଶକୁ ସେ ଆସିଥିଲେ । ବିରାଟ ଜନସମାଜର ନିର୍ଜ୍ଜନ ବେଳାଭୂମିରେ ବସି ସେ ପ୍ରଥମେ ଏହି ବିରାଟ ଗଣଶକ୍ତିର ଜାଗରଣ ସ୍ୱପ୍ନ ଦେଖିଥିଲେ । ଏହି ମୃତ ଜାତିର ଗଳିତ ଶବପିଣ୍ଡ ଉପରେ ବେଦୀ ରଚନା କରି ସେ ଓଡ଼ିଶାର ପ୍ରଥମ ଶ୍ମଶାନ ପୂଜାରୀ, ମହାଧ୍ୱଂସ ଭିତରେ, ମହାପ୍ରଳୟ ଭିତରେ । ମଧୁସୂଦନ ମୃତ ସଂଜୀବନୀ ମନ୍ତ୍ର– ଜାତୀୟ ଜାଗରଣର ଆହ୍ୱାନ ଓଡ଼ିଆର ପ୍ରାଣେ ପ୍ରାଣେ ଶୁଣାଇଥିଲେ । ସେ ଆସିଥିଲେ ସୃଷ୍ଟିର ମଧୁମୟ ବାର୍ତ୍ତା ବହନ କରି ମୁକ୍ତିର ଅନାସ୍ୱାଦିତ ମଧୁ ରସରେ ଜଗତକୁ ପୁଷ୍ଟ କରିବା ଲାଗି ।''

କଥା ଶିଳ୍ପୀ ଅଖିଳ ମୋହନ ପଟ୍ଟନାୟକଙ୍କ ବିଦଗ୍ଧ ଭାଷାରେ– '' ମଧୁବାବୁଙ୍କର ଶୈଶବ ଅବହେଳିତ । କୈଶୋରର ସ୍ୱପ୍ନ ବିଡ଼ମ୍ବିତ । ଆଶ୍ରୟହୀନ ଓ ଅର୍ଥହୀନ ଅବସ୍ଥାରେ କଲିକତା ସହରରେ ବୁଲି ବୁଲି ତାଙ୍କର ଯୌବନ ଅତ୍ୟାଚାରିତ । ସେହି ତାଙ୍କର ଲଢ଼େଇ, ଯାହା ଶୈଶବରୁ ଆରମ୍ଭ ହୋଇ ତାଙ୍କ ଅନ୍ତିମ ଶଯ୍ୟାରେ ଶେଷ ହୋଇଥିଲା । ତାଙ୍କର ଏହି କଣ୍ଟକାକୀର୍ଣ୍ଣ ଯାତ୍ରା ପଥରେ ଏକମାତ୍ର ପାଥେୟ ହୋଇ ରହିଛି, ତାଙ୍କର ଦୁର୍ବାର ଉଚ୍ଚାକାଂକ୍ଷା ଓ ନୈତିକ ସାହସ ।''

ପିଲା ଦିନୁ ଦାରିଦ୍ର୍ୟ ସହିତ ଲଢ଼େଇ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ଖ୍ରିଷ୍ଟାନ ସ୍ତ୍ରୀ ବିବାହ କରି ନିଜର ସମାଜ ସହିତ ଲଢ଼େଇ, ନିଜେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ସାରିବା ପରେ ଚର୍ଚ୍ଚ ସର୍ବସ୍ୱ ପାଦ୍ରୀ ସମାଜ ସହ ଲଢ଼େଇ, ଓକିଲାତି ପାସ କରି ଆସି କଟକରେ ପ୍ରତିଷ୍ଠିତ ବଂଗାଳି ଓକିଲମାନଙ୍କ ସହିତ ଲଢ଼େଇ, ନିଜର ସହକର୍ମୀମାନଙ୍କର ଅଦୂରଦର୍ଶିତା ଓ ନ୍ୟୁନତାବୋଧ ସହିତ ଲଢ଼େଇ, ସର୍ବୋପରି ନିଜର ଅଦୃଷ୍ଟ ସହିତ ଲଢ଼େଇ ମଧୁବାବୁଙ୍କୁ ଶେଷ ଆଡ଼କୁ ହୃତ୍‌ବଳ ଓ ହୃତ୍‌ଦମ୍ଭ କରି ପକାଇଥିଲା । ତାଙ୍କ ଜୀବନର ଅନ୍ତିମ କାଳରେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ଗ୍ରନ୍ଥି ତାଙ୍କ ହାତରୁ ଖସି ଯାଇ ଯେମିତି ଅଲଗା ହୋଇଯାଇଥିଲା । ସେ କପର୍ଦ୍ଦକଶୂନ୍ୟ ହୋଇଯାଇଥିଲେ ।''

ଏଇ ସେଇ ଓଡ଼ିଆ ଜାତି ସର୍ବସ୍ୱ ଦେଶପ୍ରାଣ ମଧୁସୂଦନ ଦାସ । ଏ ଦେଶ, ଏ ଜାତି ପାଇଁ ତାଙ୍କ ଦାନର ପଟାନ୍ତର ନାହିଁ । କର୍ମର କଳନା ନାହିଁ । ତାଙ୍କର ଯଶୋଗାନ ଓ ବୈଶିଷ୍ଟ୍ୟ ବିଚାର ପାଇଁ ଭାଷା ନାହିଁ । ଜାତି ପାଇଁ ସର୍ବସ୍ୱ ଦାନ କରି ସେ ନିଃସ୍ୱ, ନିଃଶେଷ ହୋଇ ଯାଇଛନ୍ତି । କିନ୍ତୁ ତାଙ୍କର ତ୍ୟାଗ, ତପସ୍ୟା ନିଷ୍ଫଳ ହୋଇଯାଇନାହିଁ । ତାଙ୍କର ଜୀବନାଦର୍ଶ ଯୁଗ ଯୁଗ ଧରି ଆମ ଯାତ୍ରାପଥର ପାଥେୟ ହୋଇ ରହିଥିବ ।''

ହେ ମହାଜୀବନ ! ଦଧିଚି, ଦୀପ ସଳିତା ଭଳି ତମେ ଖାଲି ଅନ୍ୟ ପାଇଁ ଦାନ କରି ଯାଇଚ । ତୁମର ସେ ମହାଦାନ ପଥଭ୍ରଷ୍ଟ ଆଜିର ମଣିଷକୁ ସତ୍‌ପଥର ସଂଧାନ ଦେଉ, ଏ ସମାଜକୁ ରାଜନୈତିକ, ସାଂସ୍କୃତିକ ଓ ନୈତିକ ଅବକ୍ଷୟରୁ ଉଦ୍ଧାର କରୁ, ଆଜିର ପବିତ୍ର 'ଉତ୍କଳ ଦିବସ'ରେ ଏତିକି କାମନା ।

# ଓଡ଼ିଶା ବିଧାନସଭାରେ ମାନ୍ୟବର ରାଜ୍ୟପାଳ

# ଡଃ. ସି. ରଙ୍ଗରାଜନଙ୍କ

## ଅଭିଭାଷଣ

**ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,**

ମୁଁ ଆପଣମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆମେମାନେ ଏକବିଂଶ ଶତାବ୍ଦୀର ଦ୍ୱାର ଦେଶରେ ଉପନୀତ । ଏହି ମହାନ୍ ଗୃହ ଏ ରାଜ୍ୟକୁ ଆଗାମୀ ଶତାବ୍ଦୀ ମଧ୍ୟକୁ ଆଗେଇ ନେବା ସଙ୍ଗେ ସଙ୍ଗେ ଆମର ସମସ୍ତ ସ୍ୱପ୍ନକୁ ସାକାର କରିବାର ଐତିହାସିକ ଦାୟିତ୍ୱ ବହନ କରିବ ।

୨. ୧୯୯୮ ମସିହା ମାର୍ଚ୍ଚ ୨୪ ତାରିଖରେ ଜଳେଶ୍ୱରରେ ଘୂର୍ଣ୍ଣିବାତ୍ୟାଜନିତ ଜୀବନହାନି ପାଇଁ ଏ ଗୃହ ଗଭୀର ଶୋକ ପ୍ରକାଶ କରିସାରିଛି । ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେଙ୍କ ତିରୋଧାନରେ ଏହି ଗୃହ ଶୋକ ପ୍ରକାଶ କରିଅଛି । ବିଧାତାର ନିଷ୍ଠୁର ହସ୍ତ ଆମମାନଙ୍କ ଗହଣରୁ ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁ, ପ୍ରାକ୍ତନ ଉପମନ୍ତ୍ରୀ ଶ୍ରୀ ବୃନ୍ଦାବନ ତ୍ରିପାଠୀ ଓ ଶ୍ରୀ ରାମଚନ୍ଦ୍ର ପ୍ରହରାଜ ଏବଂ ପୂର୍ବତନ ସଦସ୍ୟ ସର୍ବଶ୍ରୀ ପ୍ରେମଚାନ୍ଦ ଭଗତ, ଅଗପିତ୍ ଲାକ୍ରା, ବଂଶୀଧର ପଟ୍ଟନାୟକ, ଭରତ ଦାସ, ତ୍ରିନାଥ ସରାବ, ଶ୍ୟାମଘନ ମାଝି, ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ବିଜୟକୃଷ୍ଣ ଦେ, ଯାଦବ ପାତ୍ର ଓ ସୁରେନ୍ଦ୍ର ମୋହନ ପଟ୍ଟନାୟକଙ୍କୁ ଛଡ଼ାଇ ନେଇଛି । ପୂର୍ବତନ ସଦସ୍ୟ ଖାଲୁରୁ ଝୋଡ଼ିଆଙ୍କ ଦୁଃଖଦ ବିୟୋଗରେ ଆମେମାନେ ମଧ୍ୟ ଗଭୀର ମର୍ମାହତ । ସେମାନଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆମେ ଆନ୍ତରିକ ସମବେଦନା ଜଣାଉଛୁ । ଓଡ଼ିଶାର ଜନସାଧାରଣଙ୍କ ପ୍ରତି ସେମାନଙ୍କର ନିଃସ୍ୱାର୍ଥପର ସେବା, ତ୍ୟାଗ ଏବଂ ଏହି ଗୃହର ବିଭିନ୍ନ କାର୍ଯ୍ୟକ୍ରମରେ ସୁଦୂରପ୍ରସାରୀ ଅବଦାନକୁ ସର୍ବଦା ଏହି ଗୃହ ସ୍ମରଣ କରିବ ।

୩. ଅଷ୍ଟ୍ରେଲୀୟ ଧର୍ମଯାଜକ ମିଃ. ଗ୍ରାହମ୍ ଷ୍ଟିୱାର୍ଟ ଷ୍ଟେନ୍ସ୍ ଏବଂ ତାଙ୍କର ଦୁଇ ଶିଶୁ ପୁତ୍ରଙ୍କର ମନୋହରପୁରଠାରେ ହତ୍ୟା ଘଟଣାକୁ ଅତି କଠୋର ଭାବରେ ନିନ୍ଦା କରିବା ବ୍ୟତୀତ ଅନ୍ୟ କୌଣସି ଭାଷା ନାହିଁ । ନିକଟ ଅତୀତରେ ଶ୍ରୀମତୀ ଅଞ୍ଜନା ମିଶ୍ରଙ୍କ ପ୍ରତି ହୋଇଥିବା ଗଣଧର୍ଷଣ ଏବଂ ଗ୍ରାହମ୍ ଷ୍ଟେନ୍ସ୍ ଓ ତାଙ୍କ ଦୁଇ ଶିଶୁ ପୁତ୍ରଙ୍କର ହତ୍ୟା ଘଟଣାକୁ ବ୍ୟକ୍ତି ନିର୍ବିଶେଷରେ ସମସ୍ତେ ନିନ୍ଦା କରିଛନ୍ତି । ଏହି ଦୁଇଟି ଘଟଣାର ନିରପେକ୍ଷ ଓ ଆଶୁ ଅନୁସନ୍ଧାନ ଏବଂ ଅପରାଧୀମାନଙ୍କୁ ଚିହ୍ନଟ କରି ନ୍ୟାୟାଳୟରେ ପେଶ୍ କରିବା ପାଇଁ ମୋ ସରକାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏଇ କେତେ ମାସ ହେଲା ଆମ ରାଜ୍ୟର କେତେକ ସ୍ଥାନରେ ଦେଖାଦେଇଥିବା ହିଂସା, ଧର୍ମାନ୍ଧତା ଓ ଅସହିଷ୍ଣୁତାର ସ୍ଥାନ ଏକ ସଭ୍ୟ ଗଣତାନ୍ତ୍ରିକ ସମାଜରେ ରହି ନପାରେ । ସାମ୍ପ୍ରଦାୟିକ ତଥା ବିଭେଦକାରୀ ଶକ୍ତିସମୂହକୁ ଦୃଢ଼ହସ୍ତରେ ଦମନ କରିବାପାଇଁ ଆମେ ସଂକଳ୍ପବଦ୍ଧ ହେବା ଏବଂ ସାମୂହିକ ଉଦ୍ୟମ କରିବା । ଓଡ଼ିଶାରେ ରହିଥିବା ଶାନ୍ତି, ସଂହତି, ସହନଶୀଳତା ଓ ନାରୀଜାତି ପ୍ରତି ସମ୍ମାନର ପାରମ୍ପରିକ ସଂସ୍କୃତିକୁ ଆଉ ଭବିଷ୍ୟତରେ କଳଙ୍କିତ ହେବାକୁ ନ ଦେବା ପାଇଁ ଦୃଢ଼ ଶପଥ ନେବା ।

ମୋ ସରକାର ସାମଗ୍ରିକ ଭାବରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିଜର ନିୟନ୍ତ୍ରଣରେ ରଖିଛନ୍ତି । ପିପୁଲସ୍ ୱାର୍ ଗ୍ରୁପର ବିଭିନ୍ନ କାର୍ଯ୍ୟକଳାପର ପୁନଃ ସମୀକ୍ଷା କରାଯିବ । ରାଜ୍ୟର ଉପଦ୍ରୁତ ଅଞ୍ଚଳର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ଯଥାଯଥ ପଦକ୍ଷେପମାନ ଗ୍ରହଣ କରାଯିବ । ଗ୍ରାମାଞ୍ଚଳରେ ଅପରାଧ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷାରେ ସାହାଯ୍ୟ କରିବା ପାଇଁ ଏକ ଗୋଷ୍ଠୀ ପୋଲିସ୍ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ମୋ ସରକାର ଚିନ୍ତା କରୁଛନ୍ତି । ଏହି ବ୍ୟବସ୍ଥାରେ ସବ୍‌ଡିଭିଜନାଲ୍ ପୋଲିସ୍ ଅଧିକାରୀ କିମ୍ବା ସର୍କଲ୍ ଇନ୍ସପେକ୍ଟରଙ୍କ ଅନୁମୋଦନ କ୍ରମେ ସମ୍ପୃକ୍ତ ଥାନା ପରିସରଭୁକ୍ତ ଗ୍ରାମଗୁଡ଼ିକର ଗ୍ରାମବାସୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ । ନୂତନ ପରିସ୍ଥିତିକୁ ଖାପ ଖୁଆଇଲା ଭଳି ଗ୍ରାମରକ୍ଷୀମାନଙ୍କ କାର୍ଯ୍ୟକଳାପରେ ଯଥାଯଥ ପରିବର୍ତ୍ତନ ଅଣାଯିବ । ମହିଳା ତଥା ଶିଶୁମାନଙ୍କର ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ମୋ ସରକାର

ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଥାନାରେ ଅନ୍ତତଃପକ୍ଷେ ଜଣେ ଲେଖାଏଁ ମହିଳା ପୋଲିସ୍ ଅଧିକାରୀଙ୍କୁ ଅବସ୍ଥାପିତ କରାଇବା ପାଇଁ ପ୍ରସ୍ତାବ ରଖିଛନ୍ତି । ରାଜଧାନୀ ଭୁବନେଶ୍ୱର ଓ କଟକ ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ୍ କମିଶନର ବ୍ୟବସ୍ଥା, ପ୍ରଚଳନ କରାଯିବ ।

୪. ମୋ ସରକାର ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ, ରାଜ୍ୟବାସୀଙ୍କ ହିତସାଧନ ପାଇଁ ଏବଂ ବିଶେଷତଃ ମହିଳା, ନିଃସ୍ୱ ଓ ଦଳିତମାନଙ୍କର କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ । କିନ୍ତୁ ରାଜ୍ୟର ଅନୁନ୍ନତ ଆର୍ଥିକ ଅବସ୍ଥା ଇପ୍ସିତ ସମ୍ବଳ ସଂଗ୍ରହ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ପାହିଆ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ଏହି ମହାନ୍ ଗୃହ ପ୍ରସ୍ତାବ ଗ୍ରହଣ କରିଛି । ଆମର ସ୍ୱତନ୍ତ୍ର ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାକୁ ମୋ ସରକାର କେନ୍ଦ୍ର ସରକାର ଓ ଏକାଦଶ ଅର୍ଥ କମିଶନ୍‌କୁ ଅନୁରୋଧ କରିଛି । ସେମାନଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି । ସୀମିତ ସମ୍ବଳ ଆମକୁ ଉଭୟ ଯୋଜନା ଓ ଅଣ-ଯୋଜନା କ୍ଷେତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ବ୍ୟୟ ବରାଦକୁ ସଂକୁଚିତ କରିବା ପାଇଁ ବାଧ୍ୟ କରିଛି । ନବମ ଯୋଜନାର ଆଭିମୁଖ୍ୟ ଅନୁସାରେ ଅଗ୍ରାଧିକାର ଦିଆଯାଇଥିବା କ୍ଷେତ୍ରଗୁଡ଼ିକରେ ଅଧିକ ସମ୍ବଳ ଆବଣ୍ଟନ କରିବା ଆବଶ୍ୟକ ହୋଇଛି । ଯୋଜନା ଆୟୋଗଙ୍କ ଅନୁମୋଦନ ପ୍ରତ୍ୟାଶାରେ ଆସନ୍ତା ବର୍ଷ ପାଇଁ ୩୧୯୭.୮୬ କୋଟି ଟଙ୍କାର ଯୋଜନା ଅଟକଳ ହୋଇଛି । ସରକାରୀ ସମ୍ବଳ ପର୍ଯ୍ୟାପ୍ତ ହେଉନଥିବାରୁ, ବିକାଶର ଗତିକୁ ଅବ୍ୟାହତ ରଖିବା ପାଇଁ ଘରୋଇ ପୁଂଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ସହିତ ବହିଃ ସହାୟତା ଲୋଡ଼ିବା ଆବଶ୍ୟକ ପଡୁଛି । ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବାରୁ ମୋ ରାଜ୍ୟ ଘରୋଇ ପୁଞ୍ଜି ବିନିଯୋଗକାରୀମାନଙ୍କର ପ୍ରିୟ ଲକ୍ଷ୍ୟସ୍ଥଳ ହୋଇ ପଡ଼ିଛି । ଭାରତ ସରକାରଙ୍କ ସହିତ ବିଚାର-ବିମର୍ଶ ପୂର୍ବକ ୧୯୯୫ ମସିହା ଅଗଷ୍ଟ ମାସରୁ କେ.ବି.କେ ଜିଲ୍ଲାମାନଙ୍କ ପାଇଁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଥିବା ଦୀର୍ଘମିଆଦି କାର୍ଯ୍ୟକ୍ରମଗୁଡ଼ିକ ଅଧିକ ଅଗ୍ରଗତି କରିପାରିନାହିଁ, କାରଣ ଏ ଦିଗରେ ଭାରତ ସରକାରଙ୍କଠାରୁ ଆଶାନୁରୂପ ଆର୍ଥିକ ସହାୟତା ମିଳିପାରି ନାହିଁ । "ତ୍ୱରିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ" ଅନୁଯାୟୀ କେ.ବି.କେ ଜିଲ୍ଲାମାନଙ୍କରେ ଅନେକ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ସମେତ ପାଞ୍ଚଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ଆଉ କେତେଗୁଡ଼ିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନାବାର୍ଡ ସହାୟତାରେ ମୋ ସରକାର ଆରମ୍ଭ କରିଛନ୍ତି । ବିଧାନସଭା ଦ୍ୱାରା ଅନୁମୋଦିତ କାର୍ଯ୍ୟକ୍ରମ / ଯୋଜନାଗୁଡ଼ିକୁ ଉପଯୁକ୍ତ ସମୟସୀମା ଓ ଅନୁମୋଦିତ ଅଟକଳ ଅନୁଯାୟୀ କାର୍ଯ୍ୟକାରୀ ହେଉଛି କି ନା ତାହା ତଦାରଖ ଓ ନିଶ୍ଚିତ କରିବା ପାଇଁ ମୋ ସରକାର "ଯୋଜନା ଓ କାର୍ଯ୍ୟକ୍ରମ ରୂପାୟନ" ନାମକ ଏକ ନୂତନ ବିଭାଗ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

୫. ମୋ ସରକାରର ନୂତନ କୃଷିନୀତି ଅନୁଯାୟୀ ରାଜ୍ୟରେ କୃଷିକ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି । କୃଷି ଯାନ୍ତ୍ରୀକରଣ, ଉନ୍ନତ ବିହନ ଯୋଗାଣ, ରାସାୟନିକ ସାର ଓ ଜୈବସାରର ଯଥାଯଥ ମିଶ୍ରିତ ବ୍ୟବହାର ଉପରେ ଆମର କୃଷିନୀତି ସବିଶେଷ ଗୁରୁତ୍ୱ ପ୍ରଦାନ କରୁଛି । ୧୯୯୯-୨୦୦୦ ବର୍ଷରେ ୬.୨୨ ଲକ୍ଷ କୁଇଣ୍ଟାଲ ଅଧିକ ଅମଳକ୍ଷମ / ସଙ୍କର ଜାତୀୟ ବିହନ ବ୍ୟବହାର କରିବାକୁ ଏବଂ ହେକ୍ଟର ପିଛା ବର୍ତ୍ତମାନର ହେକ୍ଟର ପିଛା ସାର ଉପଯୋଗର ପରିମାଣ ୪୩ କିଲୋଗ୍ରାମରୁ ୬୫ କିଲୋଗ୍ରାମକୁ ବୃଦ୍ଧି କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ୧୯୯୭-୯୮ ବର୍ଷରେ ମୋଟ ୭୩.୧୧ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଥିବା ସ୍ଥଳେ ୧୯୯୯-୨୦୦୦ ବର୍ଷରେ ମୋଟ ୧୦୨.୨୧ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି ମୋ ସରକାର ଆଶା ରଖିଛନ୍ତି ।୧୯୯୯-୨୦୦୦ ବର୍ଷରେ ଧାନ ଉତ୍ପାଦନ ୮୨.୬୫ ଲକ୍ଷ ମେଟ୍ରିକ ଟନ୍ ଏବଂ ତୈଳବୀଜ ଉତ୍ପାଦନ ୧୧.୬୪ ଲକ୍ଷ ମେଟ୍ରିକ୍ ଟନ୍ ହେବ । ଅର୍ଥକରୀ ଫସଲ ରୂପେ ବ୍ୟାପକ ଆକାରରେ ଆଖୁ ଓ କପାଚାଷ କରିବା ଉପରେ ଅଗ୍ରାଧିକାର ଦିଆଯାଉଛି । ଟ୍ରାକ୍ଟର, ପାୱାର ଟିଲର୍ ଓ ଶକ୍ତିଚାଳିତ ଯନ୍ତ୍ରପାତିଗୁଡ଼ିକ ଦ୍ୱାରା କୃଷି ଯାନ୍ତ୍ରୀକରଣ ପାଇଁ ଚାଷୀକୁ ଉପଯୁକ୍ତ ସବ୍‌ସିଡ଼ି ଦିଆଯାଇ ଉତ୍ସାହିତ କରାଯାଉଛି । ୧୯୯୭-୯୮ ମସିହାରେ ୭.୪୩ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ହୋଇଥିବା ସ୍ଥଳେ ୧୯୯୮-୯୯ ମସିହାରେ ୧୦ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

୬. ଫଳଫୁଲଚାଷ ଓ ପନିପରିବା ଚାଷ ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି । ୧୯୯୮-୯୯ ବର୍ଷରେ ୪.୫୦ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫଳ ଓ କୋଳି ଚାରା ରୋପଣ କରାଯାଉଛି । ୧୯୯୯-୨୦୦୦ ବର୍ଷରେ ଅତିରିକ୍ତ ୫୦,୦୦୦ ହେକ୍ଟର ଜମିରେ ଫଳଚାଷ କରିବାକୁ ପ୍ରସ୍ତାବ ରହିଛି । ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ରଖି ମୋ ସରକାର ନଦୀ ଶଯ୍ୟାରେ ଆଳୁ ଚାଷକୁ ଉତ୍ସାହିତ କରୁଛନ୍ତି । ୧୯୯୮-୯୯ ବର୍ଷରେ ନଦୀ ଶଯ୍ୟାର ୨୫୦ ହେକ୍ଟର ଜମିରେ ଆଳୁଚାଷ କରାଯାଇଥିବା ସ୍ଥଳେ ମୋ ସରକାର ୧୯୯୯-୨୦୦୦ ବର୍ଷରେ ଏହା ୩୫୦ ହେକ୍ଟରକୁ ବଢାଇବା ପାଇଁ ପ୍ରସ୍ତାବ ରଖିଛନ୍ତି ।

୭. ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ମାଟିର ଉର୍ବରତା ବଢୁଥିବାରୁ ଜାତୀୟ ଜଳଛାୟା ଉନ୍ନୟନ ପ୍ରକଳ୍ପ, ସମନ୍ୱିତ ପତିତ ଜମି ଉନ୍ନୟନ ପ୍ରକଳ୍ପ, ନଦୀ ଅବବାହିକା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ମାଧ୍ୟମରେ ମୋ ସରକାର ବଡ ଧରଣର ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ହାତକୁ ନେଇଛନ୍ତି । କୋରାପୁଟ

ଓ ମାଲକାନଗିରି ଜିଲ୍ଲାରେ ଇଣ୍ଡୋ-ଡାନିସ୍ ବ୍ୟାପକ ଜଳଛାୟା ପ୍ରକଳ୍ପ ଦ୍ୱାରା ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ । କେ.ବି.କେ ଜିଲ୍ଲାଗୁଡିକ ପାଇଁ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକ୍ରମରେ ମିଳିବାକୁ ଥିବା ଅତିରିକ୍ତ ଅର୍ଥର ଶତକଡା ୫୦ ଭାଗ ଏହିସବୁ ଜିଲ୍ଲାରେ ଜଳଛାୟା ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ରହିଛି ।

୮. ପୂର୍ବବର୍ଷ ଡିସେମ୍ବର ୩୧ ତାରିଖ ସୁଦ୍ଧା ୧୫୧ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୮ ଡିସେମ୍ବର ୩୧ ତାରିଖ ସୁଦ୍ଧା ୨୫୧ କୋଟି ଟଙ୍କାର ସ୍ୱଳ୍ପମିଆଦୀ କୃଷିଋଣ ଯୋଗାଇ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସ୍ୱଳ୍ପ ମିଆଦୀ କୃଷି ଋଣର ମୋଟ ପରିମାଣ ବୃଦ୍ଧି ପାଇ ରେକର୍ଡ ପରିମାଣ ୩୦୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଏ । ବିପଣନ ମହାସଂଘ, ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି ଓ ପ୍ରାଥମିକ କୃଷି ଋଣ ସମିତିଗୁଡିକ ଜରିଆରେ ତଳ ସ୍ତରରେ ସାର ବଣ୍ଟନ କରିବା ଦିଗରେ ସମବାୟ ସଂସ୍ଥାଗୁଡିକ ପୂର୍ବପରି ମୁଖ୍ୟ ଭୂମିକା ଗ୍ରହଣ କରିବେ ।

୯. ମୋ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଥିବାରୁ ଶସ୍ୟବୀମାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ବ୍ୟାପକ ଶସ୍ୟବୀମା ଅନୁଯାୟୀ କ୍ଷତିଗ୍ରସ୍ତ କୃଷକମାନଙ୍କୁ ୧୯୯୬ ଖରିଫ ଋତୁର ୪୨.୬୩ କୋଟି ଟଙ୍କାର ବୀମା ଦାବୀ ଓ ୧୯୯୬-୯୭ ରବି ଋତୁର ୧.୬୮ କୋଟି ଟଙ୍କାର ବୀମା ଦାବୀ ଚଳିତ ବର୍ଷ ବଣ୍ଟନ କରାଯାଇସାରିଛି । ୧୯୯୭ ଖରିଫ ଓ ୧୯୯୭-୯୮ ରବି ଋତୁ ପାଇଁ ଯଥାକ୍ରମେ ୫.୨୪ କୋଟି ଓ ୧.୬୮ କୋଟି ଟଙ୍କାର ବୀମା ଦାବୀ ବଣ୍ଟନ କରାଯାଉଛି । ବ୍ୟାପକ ଶସ୍ୟବୀମା ଯୋଜନାରେ ଆହୁରି ଅନେକରୁ ଅନେକ ଶସ୍ୟକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ୟମ କରାଯିବ ।

୧୦. ରାଜ୍ୟର ଜଳସେଚନ ସାମର୍ଥ୍ୟ ବୃଦ୍ଧି ପାଇଁ ମୋ ସରକାର ନିର୍ମାଣାଧୀନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକୁ ବିଶ୍ୱବ୍ୟାଙ୍କ୍ ଓ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସଂସ୍ଥାର ଆର୍ଥିକ ସହାୟତାରେ ସଂପୂର୍ଣ୍ଣ କରିବାକୁ ଉଦ୍ୟମ କରୁଛନ୍ତି । 'ନାବାର୍ଡ'ର ସହାୟତାରେ ୨୬ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୬୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ୨୪୯୧ଟି ଉଠାଜଳସେଚନ ପ୍ରକଳ୍ପର ଆବଶ୍ୟକୀୟ ନାନା ନିର୍ମାଣର କାର୍ଯ୍ୟ ହାତକୁ ନିଆଯାଇଛି । ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ ଅନୁଯାୟୀ ମିଳିଥିବା କେନ୍ଦ୍ରୀୟ ଋଣ ସହାୟତାରେ ନିର୍ମାଣାଧୀନ ପାଞ୍ଚଟି ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରାଯାଉଛି । ଜର୍ମାନୀର କେ.ଏଫ୍.ଡବ୍ଲ୍ୟୁ ସଂସ୍ଥାର ଆର୍ଥିକ ସହାୟତାରେ ଅନେକ ନୂତନ ଉଠାଜଳସେଚନ ପଏଣ୍ଟ ବସା ଯାଉଛି । ୧୯୯୭-୯୮ ବର୍ଷରେ ପ୍ରାୟ ୬୬,୬୯୦ ହେକ୍ଟର ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିଛି । ୧୯୯୯ ମସିହା ଜୁନ ମାସ ସୁଦ୍ଧା ୬୮,୦୦୦ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରାଯିବାର ସମ୍ଭାବନା ଅଛି ।

୧୯୯୮-୯୯ ବର୍ଷରେ ୨୧୨୦ ହେକ୍ଟର ଚାଷ ଜମିରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ଏବଂ ଏହି ବ୍ୟବସ୍ଥା ୧୯୯୯-୨୦୦୦ ବର୍ଷରେ ଅଧିକ ୧୦୦୦ ହେକ୍ଟର ଜମିକୁ ସଂପ୍ରସାରିତ କରାଯିବ । ଏହାଦ୍ୱାରା ଫଳ ଓ ପନିପରିବା ଉତ୍ପାଦନର ଅଭିବୃଦ୍ଧି ଘଟିବ । ଘରୋଇ ଜଳସେଚନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ କୃଷିନୀତି ଅନୁଯାୟୀ ୬୩୬୧ଟି ଅଗଭୀର ଓ ଗର୍ଭକୂପ ଖନନ କରିବାକୁ ସହାୟତା ଯୋଗାଇ ଦିଆଯାଇଛି ଏବଂ ୧୯୯୮-୯୯ ମସିହାରେ ଏପରି ଅଧିକ ୨୫୦୦୦ଟି କୂପ ଖନନ କରାଯିବ ।

୧୧. ମୋ ରାଜ୍ୟ ଶକ୍ତି ସଂସ୍କାର କ୍ଷେତ୍ରରେ ଏକ ନୂତନ ଧାରା ପ୍ରବର୍ତ୍ତନ କରିଛି । ଆମେ ସମଗ୍ର ଦେଶରେ ପ୍ରଥମକରି ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ଘରୋଇକରଣ ଦିଗରେ ସଫଳତାର ସହ ଆଗେଇ ପାରିଛୁଁ । ଶକ୍ତି କ୍ଷେତ୍ରରେ ମୋ ରାଜ୍ୟ ଏକ ବଳକା ରାଜ୍ୟ । ୧୯୯୯ ଜୁଲାଇ ମାସରୁ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ କେନ୍ଦ୍ରରୁ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହେବ । ଆଗାମୀ ତିନିବର୍ଷ ମଧ୍ୟରେ ୫୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଦୁଇଟି ନୂତନ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହେବାର ପ୍ରସ୍ତାବ ରହିଛି । ଅଧିକ ବିଦ୍ୟୁତ୍‌ଶକ୍ତି ବ୍ୟବହାରକାରୀ ଶିଳ୍ପଗୁଡିକୁ ଆକୃଷ୍ଟ କରିବାରେ ରାଜ୍ୟର ପ୍ରଭୂତ ସାମର୍ଥ୍ୟ ରହିଛି । ଏପରି ଏକ ଉତ୍ସାହଜନକ ଅବସ୍ଥାରେ ମୋ ସରକାର ସମସ୍ତ ଗ୍ରାମକୁ ବିଦ୍ୟୁତ ଯୋଗାଇବାର ଦାୟିତ୍ୱକୁ ଭୁଲିନାହାନ୍ତି । ୨୦୦୦ ମସିହା ଶେଷ ହେବା ପୂର୍ବରୁ ଏ ପର୍ଯ୍ୟନ୍ତ ରାଜ୍ୟର ଯେଉଁ ଗ୍ରାମଗୁଡିକୁ ବିଦ୍ୟୁତ ଯୋଗାଇ ଦିଆଯାଇ ନାହିଁ, ସେହି ଗ୍ରାମଗୁଡିକୁ ବିଦ୍ୟୁତଶକ୍ତି ନିଶ୍ଚିତ ରୂପେ ଯୋଗାଇ ଦିଆଯିବ ।

୧୨. ମୋ ସରକାର ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରନ୍ତି । ୯୧ଟି ନୂତନ ସେତୁ ଯାତାୟତ ପାଇଁ ଉନ୍ମୁକ୍ତ କରାଯାଇଛି । ଏ.ଡି.ବି.ର ଆର୍ଥିକ ସହାୟତାରେ ୨୧୩ କୋଟି ଟଙ୍କା ବିନିଯୋଗରେ ସମ୍ବଲପୁର—ରାଉରକେଲା ରାସ୍ତାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଆମେ ଧନ୍ୟବାଦ ଦେବା ଯେ ଭାରତ ସରକାରଙ୍କ ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟ 'ବାଲେଶ୍ୱରଠାରୁ ଲକ୍ଷ୍ମଣନାଥ' ଯାଇଥିବା ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ରୂପେ ଘୋଷଣା କରିଛନ୍ତି । ଏହା ବ୍ୟତୀତ, ରାଜ୍ୟର ୮୬୩ କିଲୋମିଟର ରାସ୍ତାକୁ ଜାତୀୟ ରାଜପଥ ରୂପେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଭୁବନେଶ୍ୱର ଓ କଟକ ରାସ୍ତାରେ ଯାନବାହନ ଚଳାଚଳ ଭିଡ଼ଜନିତ ସମସ୍ୟାର ଦୂରୀକରଣ ନିମନ୍ତେ ୫ ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱରଠାରୁ ଜଗତପୁର ପର୍ଯ୍ୟନ୍ତ ରାସ୍ତା ଚାରି ଚିକିଆ ହେବା କାର୍ଯ୍ୟ ଜୋରସୋର୍‌ରେ ଚାଲିଛି । ଏହା ୧୯୯୯

ମସିହା ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବା ପାଇଁ ଆଶା କରାଯାଉଛି । ଏହାପରେ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଜଗତପୁରଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାକୁ ଚାରିଟିକିଆ ରାସ୍ତାରେ ପରିଣତ କରାଯିବ ।

୧୩. ରାଜ୍ୟରେ ରେଳପଥର ସଂପ୍ରସାରଣ ପ୍ରକ୍ରିୟା ଅବ୍ୟାହତ ରହିଛି । ୧୬୪ କି.ମି. ବିଶିଷ୍ଟ କୋରାପୁଟ–ରାୟଗଡା ଓ ୧୭୪ କି.ମି. ବିଶିଷ୍ଟ ତାଳଚେର–ସମ୍ବଲପୁର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଯାତ୍ରୀ ଚଳାଚଳ ପାଇଁ ଉନ୍ମୁକ୍ତ ହୋଇଛି । 'ଲାଞ୍ଜିଗଡରୋଡ୍–ଜୁନାଗଡ' ଓ 'ଦୈତାରୀ – ବାଂଶପାଣି' ରେଳପଥର ନିର୍ମାଣ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇ ଚାଲିଛି । ପ୍ରସ୍ତାବିତ 'ଖୋର୍ଦ୍ଧାରୋଡ–ବଲାଙ୍ଗୀର' ଉପାଦେୟ ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି । ମୋ ସରକାର ଭୁବନେଶ୍ୱରରେ ଇଷ୍ଟକୋଷ୍ଟ ରେଲୱେର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ବିନାମୂଲ୍ୟରେ ପ୍ରାୟ ୪୭ ଏକର ଜମି ଯୋଗାଇ ଦେଇଛନ୍ତି । ଖଡଗପୁରଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲୱେର ବିଦ୍ୟୁତୀକରଣ ଏବଂ ତାଳଚେର–କଟକ–ପାରାଦୀପ ରେଳପଥର ବିଦ୍ୟୁତୀକରଣ କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଛି । ରାଜ୍ୟରେ ରେଳବାଇ ଭିତ୍ତିଭୂମିର ସ୍ୱଳ୍ପତାକୁ ବିଚାରକୁ ନେଇ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ ଚଳିତ କେନ୍ଦ୍ରୀୟ ବଜେଟରେ ଅଧିକ ବ୍ୟୟ ବରାଦ କରିବା ଏକାନ୍ତ ଆବଶ୍ୟକ ।

୧୪. ମୋ ସରକାର ଗୋପାଳପୁର ବନ୍ଦରକୁ ଆନ୍ତର୍ଜାତିକ ମାନର ସବୁଦିନିଆ ବୃହତ୍ ବନ୍ଦରରେ ପରିଣତ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏହା ଘରୋଇ ପୁଂଜି ବିନିଯୋଗରେ ନିର୍ମିତ ହେବ, ପୁଂଜି ବିନିଯୋଗକାରୀ ଏହାକୁ ନିଜ ଖର୍ଚ୍ଚରେ ନିର୍ମାଣ କରିବେ, ବ୍ୟବହାର କରିବେ, ପରିଚାଳନା କରିବେ ଓ ପରେ ହସ୍ତାନ୍ତର କରିବେ । ବର୍ତ୍ତମାନର ଧାମରା କ୍ଷୁଦ୍ର ବନ୍ଦର ଅଞ୍ଚଳକୁ ଘରୋଇ ପୁଂଜି ବିନିଯୋଗରେ ଏକ ଆନ୍ତର୍ଜାତିକ ମାନର ସବୁଦିନିଆ ବହୁମୁଖୀ ବନ୍ଦର କରିବାକୁ ସରକାର ସିଙ୍ଗାପୁରର ''ଇଣ୍ଟରନେସନାଲ ସି ପୋର୍ଟ'' କମ୍ପାନୀ ସହିତ ଏକ ଚୁକ୍ତି କରିଛନ୍ତି ।

୧୫. ଭୁବନେଶ୍ୱର ବିମାନ ବନ୍ଦରଠାରେ ଏକ ନୂତନ ଆଧୁନିକ ଟର୍ମିନେଲ ଗୃହ କାର୍ଯ୍ୟକାରୀ ହୋଇଛି । ବଡ଼ ବଡ଼ ବିମାନ ଅବତରଣ ପାଇଁ ରନ୍‌ୱେର ସଂପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି ।

୧୬. ରାଜ୍ୟରେ ଯାତ୍ରୀ ପରିବହନର ସୁବିଧା ପାଇଁ 'ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ'ର ବ୍ୟାପକ ପୁନର୍ବିନ୍ୟାସ କାର୍ଯ୍ୟ ଚାଲିଛି । ଘରୋଇ ପରିଚାଳନାଧୀନ ପୁରୁଣା ଗାଡିଗୁଡ଼ିକୁ ବଦଳାଯାଇ ନୂତନ ଗାଡି ଚଳାଚଳର ପ୍ରସ୍ତାବ ଅଛି । ଜନସାଧାରଣଙ୍କୁ ସର୍ବାଧିକ ସେବା ଦେବା ପାଇଁ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଓ ଘରୋଇ ବସ୍ ଚଳାଚଳକୁ ମିଶ୍ରିତ ପରିବହନ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଛି ।

୧୭. . ମୋ ରାଜ୍ୟ ଘରୋଇ ପୁଂଜି ବିନିଯୋଗ କ୍ଷେତ୍ରରେ ଦେଶର ସବୁଠାରୁ ଆଦୃତ ସ୍ଥାନ ହୋଇଥିବାରୁ ଘରୋଇ ପୁଂଜି ବିନିଯୋଗ କ୍ଷେତ୍ରରେ ବିଶେଷକରି ଇସ୍ପାତ, ସାର, ଆଲୁମିନିୟମ୍, ତୈଳ ବିଶୋଧନାଗାର ପ୍ରଭୃତି କ୍ଷେତ୍ରରେ ବହୁ ପ୍ରସ୍ତାବ ଆକୃଷ୍ଟ କରିପାରିଛି । ଭୁବନେଶ୍ୱରଠାରେ ନିର୍ମାଣାଧୀନ ''ଶିଳ୍ପ ରପ୍ତାନୀ ବିକାଶ ଉଦ୍ୟାନ'' ଶେଷ ପ୍ରାୟ । ଭାରତ ସରକାରଙ୍କ ସହାୟତାରେ ଛତ୍ରପୁର, ଦୁବୁରୀ ଓ ଝାରସୁଗୁଡାଠାରେ 'ଶିଳ୍ପ ଅଭିବୃଦ୍ଧି କେନ୍ଦ୍ର' ମାନ ଅଗ୍ରଗତି କରୁଛି । କ୍ଷୁଦ୍ରଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ ଓ ହସ୍ତକର୍ମ ପ୍ରଭୃତିର ଉନ୍ନୟନ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି । ରାଜ୍ୟର ବୁଣାକାରମାନେ ରେଶମ ସୂତା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ଏହି ନିର୍ଭରଶୀଳତା କମାଇବା ପାଇଁ ମୋ ସରକାର ରାଜ୍ୟରେ ରେଶମ ଚାଷର ବିକାଶ କରିବାକୁ ଚାହାନ୍ତି । ରାଜ୍ୟରେ ବୈଷୟିକ ଶିକ୍ଷାର ମାନବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଘରୋଇ ପଲିଟେକ୍‌ନିକ୍ ଓ ଇଂଜିନିୟରିଂ କଲେଜଗୁଡ଼ିକୁ ଏକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନକୁ ଅଣାଯିବ । ବିପୁଳ ଖଣିଜ ସଂପଦର ବିକାଶକୁ ଗୁରୁତ୍ୱ ଦେଇ ମୋ ସରକାର ରତ୍ନ ପଥର, ସୁନା ଓ ହୀରାର ଉପଯୁକ୍ତ ବିନିଯୋଗ ନିମନ୍ତେ ଘରୋଇ ଉଦ୍ୟୋଗର ଅଂଶ ଗ୍ରହଣ ଏବଂ ଘରୋଇ ଉଦ୍ୟମରେ ଖଣିଜ ଧାତୁ ଭିତ୍ତିକ ଶିଳ୍ପମାନ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ।

୧୮. ମୋ ସରକାର ''ସାଧାରଣ ଉଦ୍ୟୋଗ''ଗୁଡ଼ିକର ସଂସ୍କାର ନିମନ୍ତେ ବିଶେଷ କରି ଆନୁପାତିକ ପୁଂଜି ପ୍ରତ୍ୟାହାର, ଆର୍ଥିକ ପୁନର୍ବିନ୍ୟାସ, ଅନାବଶ୍ୟକ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଓ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା (ଭି.ଆର.ଏସ୍) ଲାଗୁ କରିବା ପାଇଁ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ମୋ ସରକାର ସାଧାରଣ ଉଦ୍ୟୋଗ ଗୁଡ଼ିକର ସାମଗ୍ରିକ କାର୍ଯ୍ୟକାରିତା ବୃଦ୍ଧି ଓ ସେମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର ଏବଂ ବାର୍ଷିକ କାର୍ଯ୍ୟ ନିର୍ଘଣ୍ଟ ପ୍ରଭୃତି ଉପରେ ଗୁରୁତ୍ୱ ଦେବ ।

୧୯. ସୂଚନା ପ୍ରଯୁକ୍ତି ଓ ଇଲେକ୍‌ଟ୍ରୋନିକ ଶିଳ୍ପଗୁଡ଼ିକୁ ଅଗ୍ରାଧିକାର ଦେବା ପାଇଁ ଚିହ୍ନଟ କରାଯାଇଛି । ଭୁବନେଶ୍ୱରରେ ଗୋଟିଏ ''ଭାରତୀୟ ସୂଚନା ପ୍ରଯୁକ୍ତି ଅନୁଷ୍ଠାନ'' ସ୍ଥାପନ କରାଯିବ । ରାଜ୍ୟର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ଅତ୍ୟାଧୁନିକ ଉଚ୍ଚକୋଟିର ସଫ୍ଟୱେର ତାଲିମ ପାଇଁ ଭୁବନେଶ୍ୱରଠାରେ ଆନ୍ତର୍ଜାତିକ ମାନସମ୍ପନ୍ନ ଏକ ''ଓଡ଼ିଶା ଆଇ.ବି.ଏମ୍. ସଫ୍ଟୱେର

କେନ୍ଦ୍ର'' ସ୍ଥାପନ କରାଯାଇଛି । କମ୍ପ୍ୟୁଟର ତାଲିମପ୍ରାପ୍ତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିମାନଙ୍କର ଆବଶ୍ୟକତା ପୂରଣ ନିମନ୍ତେ 'ମାଇକ୍ରୋସଫ୍ଟ୍' କମ୍ପାନୀ ସହିତ ମିଶି ରାଜ୍ୟ ସରକାର ଏକ 'ଉନ୍ନୟନ କେନ୍ଦ୍ର' ପ୍ରତିଷ୍ଠା କରିଛନ୍ତି । ରାଜ୍ୟରେ ଇଣ୍ଟରନେଟ୍ ସେବାର ସୁଯୋଗ ନିଆଯିବ ଏବଂ ପ୍ରୋଭାଇଡର ଆଇ ଏସ୍ ପି କମ୍ପାନୀମାନଙ୍କୁ ଉତ୍ସାହିତ କରାଯିବ । ସି-ଡାକ୍ ଏବଂ ଓଡାକ୍ ମାଧ୍ୟମରେ ଓଡ଼ିଆ ଭାଷାରେ କମ୍ପ୍ୟୁଟର ପ୍ରୟୋଗର ଉନ୍ନତି ସାଧନ କରାଯାଉଛି ଏବଂ ଖୁବ୍ ଶୀଘ୍ର ଏହା ସାଧାରଣଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ । ଭୁବନେଶ୍ୱର ଏସ୍.ଟି.ପି.ଆଇ (ସଫଟୱାର ଟେକ୍ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ) ସହିତ ଏକ ଭୂକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି ।

ଓଡ଼ିଶାରେ ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସମ୍ଭାବନା ପୂର୍ଣ୍ଣ ଶିଳ୍ପାଞ୍ଚଳଗୁଡ଼ିକର ସାମର୍ଥ୍ୟ ଅନୁଶୀଳନ ଲାଗି ଉତ୍ସାହିତ କରାଯାଉଛି ।

୧୦. ଶିଳ୍ପ ପରିଚାଳନା କ୍ଷେତ୍ରରେ ରାଜ୍ୟରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ପାଇଁ ମୋ ସରକାର ଅଙ୍ଗୀକାର ବଦ୍ଧ । ରାଜ୍ୟରେ ଚିହ୍ନଟ କରାଯାଇଥିବା ୨ ଲକ୍ଷ ୧୫ ହଜାର ଶିଶୁ ଶ୍ରମିକଙ୍କ ମଧ୍ୟରୁ ୨୭୨୬ ଜଣଙ୍କୁ ୧୯୯୮-୯୯ ମସିହାରେ କେନ୍ଦ୍ରସରକାରଙ୍କର ମଂଜୁରୀପ୍ରାପ୍ତ ୧୬ ଗୋଟି 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' ଅନ୍ତର୍ଗତ ୪୨୮ଟି 'ସ୍ୱତନ୍ତ୍ର ଶିଶୁ ଶ୍ରମିକ ବିଦ୍ୟାଳୟ'ରେ ଭର୍ତ୍ତି କରାଯାଇଛି ।

୧୧. ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କର ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଓ ସେମାନଙ୍କୁ ଉନ୍ନତମାନର ସେବା ଓ ସୁବିଧା ସୁଯୋଗ ଯୋଗାଇଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟସାଧନ ପାଇଁ ମୋ ସରକାର ନିରବଚ୍ଛିନ୍ନ ଉଦ୍ୟମ କରିବେ । ଓଡ଼ିଶା ପର୍ଯ୍ୟଟନ ସଂପର୍କିତ ତଥ୍ୟାବଳୀ ବର୍ତ୍ତମାନ 'ଇଣ୍ଟରନେଟ୍' ମାଧ୍ୟମରେ ଉପଲବ୍ଧ । ଓଡ଼ିଶା 'ଭାରତ ମହାସାଗର ପର୍ଯ୍ୟଟନ ସଂସ୍ଥା'ର ସଦସ୍ୟଭୁକ୍ତ ହୋଇଛି । କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିରରେ ଶବ୍ଦ ଓ ଆଲୋକ ବ୍ୟବସ୍ଥାକୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ନିମନ୍ତେ ପ୍ରସ୍ତାବ ରହିଛି ଏବଂ ଦକ୍ଷିଣପୂର୍ବ ଏସିଆ ତଥା ଇଉରୋପୀୟ ଦେଶଗୁଡ଼ିକର ଆନ୍ତର୍ଜାତୀୟ ବିମାନମାନ ଭୁବନେଶ୍ୱରଠାରେ ଅବତରଣ କରିବା ପାଇଁ ପ୍ରସ୍ତାବ ରଖାଯାଇଛି ।

ଓଡ଼ିଶା ଏକ ମହାନ୍ ସାଂସ୍କୃତିକ ଐତିହ୍ୟ ସମ୍ପନ୍ନ ରାଜ୍ୟ । ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ, ସୁମଧୁର ସଂଗୀତ ଓ କଳା, ମନ୍ଦିର ସ୍ଥାପତ୍ୟ ତଥା ଚିତ୍ରକଳାର ଅତ୍ୟନ୍ତ ବିରଳ ଏକ ଦୀର୍ଘ ପରମ୍ପରାର ଅଂଶବିଶେଷ । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ସ୍ଥାୟୀ ବିକାଶ ପାଇଁ ଏକ ବ୍ୟାପକ ସାଂସ୍କୃତିକ ନୀତି ବିଭିନ୍ନ ସ୍ତରରେ ବିଚାରବିମର୍ଶ ପୂର୍ବକ ପ୍ରଣୀତ ହେବ । ଏହି ନୀତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାର୍ଥକ କରିବା ପାଇଁ ଏକ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ପ୍ରସ୍ତାବ ରହିଛି ।

୧୨. ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳରୂପେ ବିବେଚିତ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ମୋ ସରକାର ସ୍ଥାନୀୟ ଜନସାଧାରଣଙ୍କୁ ସକ୍ରିୟ ସଂପୃକ୍ତ କରି ଜଙ୍ଗଲର ସୁରକ୍ଷା, ପରିଚାଳନା ଓ ଅଭିବୃଦ୍ଧି ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥାକୁ ଉତ୍ସାହିତ କରୁଛନ୍ତି । କେନ୍ଦୁପତ୍ର ତୋଳାଳୀମାନଙ୍କୁ ଉପକୃତ କରିବା ପାଇଁ କେନ୍ଦୁପତ୍ରର ସଂଗ୍ରହ ମୂଲ୍ୟ ବୃଦ୍ଧି କରାଯାଇଛି । ରାଜ୍ୟରେ ଥିବା ସମୃଦ୍ଧ ଜୈବବିବିଧତା ଓ ବନ୍ୟଜନ୍ତୁ ସମ୍ପଦର ସୁରକ୍ଷା ଓ ସାମୁଦ୍ରିକ କଇଁଛମାନଙ୍କର ସୁରକ୍ଷା ପାଇଁ ଗହୀରମଥା ଅଞ୍ଚଳକୁ 'ସାମୁଦ୍ରିକ ଜାତୀୟ ଉଦ୍ୟାନ' ରୂପେ ଘୋଷଣା କରାଯାଇଛି ।

ଚିଲିକା ହ୍ରଦକୁ ସମୁଦ୍ର ସଙ୍ଗେ ସଂଯୋଗ କରିବା ପାଇଁ ଏହାର ଖନନ କାର୍ଯ୍ୟ ଆରମ୍ଭ କରାଯାଇଛି । ଏକ 'ଆଦର୍ଶ ପକ୍ଷୀ ଅଭୟାରଣ୍ୟ' ରୂପେ ନନ୍ଦନକାନନର ବିକାଶ କରାଯାଉଛି । ଦେଶ ଓ ରାଜ୍ୟର ଉଦ୍ଭିଦ ସମ୍ପଦ ସମ୍ପର୍କରେ ଗବେଷଣା ଓ ସଂରକ୍ଷଣକୁ ଉତ୍ସାହିତ କରିବାପାଇଁ ଏକାମ୍ରକାନନରେ 'ନାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ଲାଣ୍ଟ ବାୟୋଡାଇଭରସିଟି କଂଜରଭେସନ୍ ଆଣ୍ଡ୍ ରିସର୍ଚ୍ଚ' ପ୍ରତିଷ୍ଠା କରାଯାଉଛି ।

୧୩. ପୁରୀ ସହରର ପରିବେଶର ଉନ୍ନତି ଓ ସହରର ବର୍ଜ୍ୟବସ୍ତୁଗୁଡ଼ିକୁ ଖତସାରରେ ପରିଣତ କରିବା ଏହି ଦୁଇଟି ଲକ୍ଷ୍ୟ ରଖି ଏକ ''କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ'' କାରଖାନାକୁ ପୁରୀ ସହରରେ କାର୍ଯ୍ୟକ୍ଷମ କରାଯାଇଛି । ଅନୁଗୁଳ ଜିଲ୍ଲାର ଆଖପାଖ ୧୧ଟି ଫ୍ଲୋରାଇଡ ଆକ୍ରାନ୍ତ ଗ୍ରାମଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପଟି ସନ୍ତୋଷଜନକ ଭାବେ ଆଗେଇ ଚାଲିଛି ।

୧୪. ସାର୍ବଜନୀନ ପ୍ରାଥମିକ ଶିକ୍ଷା ଉପରେ ରହିଥିବା ଗୁରୁତ୍ୱକୁ ମୋ ସରକାର ସବୁବେଳେ ପ୍ରାଧାନ୍ୟ ଦେଉଛନ୍ତି । ପ୍ରାଥମିକ ବିଦ୍ୟାଳୟ ନଥିବା ଅଞ୍ଚଳଗୁଡ଼ିକରେ ନୂତନକରି ବିଦ୍ୟାଳୟ ସ୍ଥାପନ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ଉନ୍ନୀତ କରିବାଲାଗି ଉଦ୍ୟମ କରାଯିବ । ପ୍ରାଥମିକ ବିଦ୍ୟାଳୟ ନଥିବା ଅଞ୍ଚଳରେ ବିଦ୍ୟାଳୟରୁ ଅଧାରେ ପାଠ ଛାଡୁଥିବା ପିଲାମାନଙ୍କ ପାଇଁ ରାଜ୍ୟରେ ୨୩,୪୪୮ଟି ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ବର୍ତ୍ତମାନ ପ୍ରାଥମିକ ଶିକ୍ଷା ପ୍ରଦାନ କରୁଛନ୍ତି । ''ଗୋଷ୍ଠୀଭିତ୍ତିକ ପ୍ରାଥମିକ ଶିକ୍ଷାପ୍ରଦାନ ବ୍ୟବସ୍ଥା''କୁ ରାଜ୍ୟର ୨୦ଟି ବ୍ଲକରେ ମିଳିତ ଜାତିସଂଘର ଆର୍ଥିକ ସହାୟତାରେ ପ୍ରବର୍ତ୍ତନ କରିବାଲାଗି ପ୍ରସ୍ତାବ ରହିଛି । ରାଜ୍ୟର ୨୮ଟି ଜିଲ୍ଲାରେ ''ସଂପୂର୍ଣ୍ଣ ସାକ୍ଷର ଅଭିଯାନ''କୁ କାର୍ଯ୍ୟକାରୀ କରାଯାଇଛି

ଓ ସେଥି ମଧ୍ୟରୁ ରାଜ୍ୟର ୧୧ଟି ଜିଲ୍ଲାରେ ''ସାକ୍ଷରୋତ୍ତର କାର୍ଯ୍ୟକ୍ରମ''କୁ ହାତକୁ ନିଆଯାଇଛି । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାର ''ଦାରିଦ୍ର୍ୟ ତଥା ମେଧା ଛାତ୍ରବୃତ୍ତି'' ନାମକ ଏକ ନୂତନ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ମୋ ସରକାର ଖାଲି ପଡିଥିବା ୧୨,୦୦୦ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପଦବୀଗୁଡିକରୁ ୯,୦୦୦ରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦେଇସାରିଲେଣି ଓ ଅବଶିଷ୍ଟ ପଦବୀଗୁଡିକୁ ଶୀଘ୍ର ପୂରଣ କରାଯିବ । ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ''ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ'' ରାଜ୍ୟର ପଛୁଆ ଅଂଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ନୂତନତ୍ୱ ଆଣିବା ପାଇଁ ଅଭିପ୍ରେତ । ଉକ୍ତ କାର୍ଯ୍ୟକ୍ରମ ରାଜ୍ୟର ୮ଟି ଅନୁନ୍ନତ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ପ୍ରଣାଳୀର ସଂସ୍କାର ଓ ପୁନର୍ବିନ୍ୟାସ ଲାଗି ଉଦ୍ଦିଷ୍ଟ । ଉକ୍ତ କାର୍ଯ୍ୟକ୍ରମ ବ୍ରିଟେନର ଆନ୍ତର୍ଜାତିକ ଉନ୍ନୟନ ବିଭାଗଙ୍କ ସହାୟତାରେ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ ୨୨ଟି ଜିଲ୍ଲାକୁ ସଂପ୍ରସାରିତ କରାଯିବାଲାଗି ପ୍ରସ୍ତାବ ରହିଛି ।

୨୫. ମୋ ସରକାର ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଯୋଜନା କରୁଛନ୍ତି । ଯେଉଁ ବ୍ଲକରେ କଲେଜ ନାହିଁ, ସେହିଠାରେ ହିଁ କେବଳ ନୂତନ କଲେଜ ପ୍ରତିଷ୍ଠା କରାଯିବ । ବିଜ୍ଞାନ ଶିକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ +୨ ସ୍ତରରେ ବିଜ୍ଞାନ କଲେଜମାନ ପ୍ରତିଷ୍ଠା କରାଯିବ । ଏପରି ଏକ କଲେଜ ମାଲକାନଗିରି ଠାରେ ପ୍ରତିଷ୍ଠା ହୋଇସାରିଛି । ଉତ୍କୃଷ୍ଟ ପ୍ରଜ୍ଞା କେନ୍ଦ୍ର ସୃଷ୍ଟି କରିବା ପାଇଁ ଅଧିକ ୧୨ ଗୋଟି ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ଦେବାପାଇଁ ସୁପାରିଶ କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ବୋଝ ହାଲୁକା କରିବା ପାଇଁ ''ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ'' ସ୍ଥାପନ କରାଯାଇଛି । ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ଏକ ''ମୁକ୍ତ ବିଶ୍ୱବିଦ୍ୟାଳୟ'' ରାଜ୍ୟରେ ପ୍ରତିଷ୍ଠା କରିବାପାଇଁ ଯୋଜନା କରାଯାଉଛି । ''ମହର୍ଷି ବେଦ ବିଶ୍ୱବିଦ୍ୟାଳୟ'' ନାମକ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ରହିଛି । ୩ଗୋଟି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓ କଲେଜ ଅଫ୍ ଆକାଉଣ୍ଟାନ୍ସି ଓ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ନିଜ ଖର୍ଚ୍ଚରେ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଉଛି । ସାହାଯ୍ୟପ୍ରାପ୍ତ ଓ ଜୁନିଅର କଲେଜର ଅଧ୍ୟାପକମାନଙ୍କ ଚାକିରିର ଅନିଶ୍ଚିତତା ଦୂର କରିବା ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକଙ୍କ ଚାକିରିକୁ ନିୟମିତ କରାଯାଇଛି । ପ୍ରଚଳିତ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବା ପାଇଁ ଯୁକ୍ତ ଦୁଇ ସ୍ତରରେ ସପ୍ଲିମେଣ୍ଟାରୀ ପରୀକ୍ଷା ଉଚ୍ଛେଦ କରାଯାଇଛି । ଅଧ୍ୟାପକଙ୍କ ଘରୋଇ ଶିକ୍ଷାଦାନକୁ ନିଷେଧ କରାଯାଇଛି । ପାଠ୍ୟକ୍ରମ ବ୍ୟତିରେକ ଛାତ୍ରଛାତ୍ରୀଙ୍କ ଅନ୍ୟାନ୍ୟ କାର୍ଯ୍ୟକଳାପ ଯଥା– ଜାତୀୟ ସମର ଶିକ୍ଷା, ଜାତୀୟ ସମାଜ ସେବା ଓ କ୍ରୀଡ଼ା ଉପରେ ଗୁରୁତ୍ୱ ଆରୋପ କରାଯିବ । ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର ଉପଯୋଗୀ କରାଯାଇଛି । ଗ୍ରାମାଞ୍ଚଳରେ ଖେଳପଡ଼ିଆଗୁଡ଼ିକର ଉନ୍ନତି ସାଧନ ପାଇଁ ଧ୍ୟାନ ଦିଆଯିବ ।

୨୬. ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବ୍ୟାପକ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ୧୯,୬୫୯ ନୂତନ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇଛି ଏବଂ ସର୍ବମୋଟ ୭୦,୧୨୯ ଜଣ କୁଷ୍ଠ ରୋଗୀଙ୍କୁ ରୋଗମୁକ୍ତ କରାଯାଇଛି । ଆଗାମୀ ୨୦୦୦ ମସିହା ସୁଦ୍ଧା ରାଜ୍ୟରୁ କୁଷ୍ଠ ରୋଗକୁ ସଂପୂର୍ଣ୍ଣ ରୂପେ ବିଲୋପ କରିବା ପାଇଁ ଲକ୍ଷ୍ୟ ରହିଛି । ବାହ୍ୟ ସହାୟତାରେ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି – ଯଥା : ବିଶ୍ୱବ୍ୟାଙ୍କ ସହାୟତାରେ ''ଓଡ଼ିଶା ସ୍ୱାସ୍ଥ୍ୟ ବ୍ୟବସ୍ଥା ବିକାଶ ପ୍ରକଳ୍ପ'' ଏବଂ ବିଶ୍ୱବ୍ୟାଙ୍କ ପୃଷ୍ଠପୋଷକତାରେ ଆଦିବାସୀ ଅଧ୍ୟୁଷିତ ଇଲାକାରେ ''ମ୍ୟାଲେରିଆ ନିରାକରଣ ପ୍ରକଳ୍ପ'' । ଚିକିତ୍ସା ମହାବିଦ୍ୟାଳୟଗୁଡିକରେ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ କରାଯାଇଛି ଯଥା:- କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟଠାରେ କାର୍ଡିଆକ୍ କାଥେଟରାଇଜେସନ୍ ଲାବୋରେଟୋରୀ, ବ୍ରହ୍ମପୁରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଚିକିତ୍ସା ମହାବିଦ୍ୟାଳୟରେ କ୍ୟାନ୍‌ସର ଚିକିତ୍ସା ପାଇଁ ଏକ ଟେଲିକୋବାଲ୍ଟ ମେସିନ୍ ଏବଂ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ଚିକିତ୍ସା ମହାବିଦ୍ୟାଳୟଠାରେ ଏକ ସିଟିସ୍କାନ୍ ମେସିନ୍ ସ୍ଥାପନ କରାଯାଇଛି । ତିନୋଟି ଚିକିତ୍ସା ମହାବିଦ୍ୟାଳୟ ଶିକ୍ଷକ ଓ କଟକସ୍ଥ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ରୋଗ ପ୍ରତିଷ୍ଠାନର ଡାକ୍ତରମାନଙ୍କ ଘରୋଇ ଚିକିତ୍ସା ନିଷେଧ କରିବା ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ମୋ ସରକାର ଆଶାବାଦୀ । ପାଞ୍ଚଟି ପ୍ରମୁଖ ଡାକ୍ତରଖାନାରେ ସଫେଇ କାର୍ଯ୍ୟକୁ ଘରୋଇକରଣ କରାଯାଇଛି ଏବଂ ଏଥିପାଇଁ ଏହି ସବୁ ଅନୁଷ୍ଠାନର ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି । ବିକଳ୍ପ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସ୍ନାତକୋତ୍ତର ଶ୍ରେଣୀରେ ହୋମିଓପାଥିକ୍‌ର ଦୁଇଟି ବିଭାଗ ଏବଂ ଆୟୁର୍ବେଦିକର ପାଞ୍ଚଟି ବିଭାଗରେ ଶିକ୍ଷା ପ୍ରଚଳନ କରାଯାଇଛି ।

୨୭. ୧୯୯୮-୯୯ ମସିହାରେ ପଲ୍‌ସ୍ ପୋଲିଓ ଟୀକାଦାନ ଅଭିଯାନ ଏକ ବିରାଟ ସଫଳତା ଲାଭ କରିଛି । ଏଥିରେ ଶତକଡ଼ା ୧୦୨ ଭାଗ ସଫଳତା ହାସଲ କରାଯାଇଛି ।

୨୮. ରାଜ୍ୟରେ ନିରାପଦ ପାନୀୟଜଳ ଯୋଗାଣ ପାଇଁ ମୋ ସରକାର ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି । ୧୯୯୮-୯୯ ବର୍ଷରେ ୭,୧୩୬ ନଳକୂପ ନଥିବା ବସତିରେ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପ ଏବଂ ପରିମଳ କୂପ ବସାଇବା ପାଇଁ ପ୍ରସ୍ତାବ ରହିଛି । ଆଂଶିକ ଭାବେ ଜଳ

ଯୋଗାଣ କରାଯାଇଥିବା ୨୫୪୦ ବସତିକୁ ସେହିପରି ସୁବିଧା ପ୍ରଦାନ କରାଯିବ । ଚଳିତ ବର୍ଷ ୧୦,୩୮୯ ନଳକୂପ, ୧,୩୧୬ ପରିମଳ କୂପ, ୧୨୩ ଗୋଟି ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରିବାକୁ ମୋ ସରକାର ପ୍ରସ୍ତାବ ରଖିଛନ୍ତି । ଗ୍ରାମାଞ୍ଚଳ ଲୋକମାନଙ୍କ ଗମନାଗମନର ସୁବିଧା ପାଇଁ ବିଭିନ୍ନ ନଦୀ ଓ ନାଳ ଉପରେ ୬୦ଟି ପୋଲ ଗ୍ରାମ୍ୟ ସଂଯୋଗୀକରଣ ଯୋଜନାରେ ନିର୍ମାଣ କରାଯିବ ।

୨୯. ମୋ ସରକାର ସମାଜର ଦୁର୍ବଳ ଶ୍ରେଣୀଙ୍କର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି । ରାଜ୍ୟରେ ମହିଳା ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମ ପୂର୍ବଭଳି ସମନ୍ୱିତ ଶିଶୁବିକାଶ କେନ୍ଦ୍ର ଦ୍ୱାରା ତାର କାର୍ଯ୍ୟକ୍ରମ ଜାରି ରଖିବ । ଏହି କେନ୍ଦ୍ର ମାଧ୍ୟମରେ ଗର୍ଭବତୀ ମା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଚାଲୁ ରହିଛି । ବର୍ତ୍ତମାନ ୨୬୭ ଗୋଟି ବ୍ଲକ୍ ଓ ୧୨ ଗୋଟି ସହରାଞ୍ଚଳ ପ୍ରକଳ୍ପରେ ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ ହୋଇଅଛି । ୧୯୯୯-୨୦୦୦ ବର୍ଷରେ ଅବଶିଷ୍ଟ ୪୭ ଗୋଟି ବ୍ଲକ ଏହାର ପରିସରଭୁକ୍ତ ହେବାର ସମ୍ଭାବନା ଅଛି । ରାଜ୍ୟର ୫ ଲକ୍ଷ ୩୦ ହଜାର ବୃଦ୍ଧ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ପରିସରଭୁକ୍ତ କରାଯାଉଛି । ସେହିଭଳି କେନ୍ଦ୍ରୀୟ ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କର ସହାୟତାସହ ଅତିରିକ୍ତ ୩,୩୩,୪୦୦ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି । ଆମର ଅନୁରୋଧ ରକ୍ଷା କରି କେନ୍ଦ୍ର ସରକାର କେ.ବି.କେ ଜିଲ୍ଲାଗୁଡ଼ିକ ପାଇଁ ଅତିରିକ୍ତ ୫୦ ହଜାର ହିତାଧିକାରୀ କେନ୍ଦ୍ରୀୟ ଯୋଜନାରେ ମଂଜୁର କରିଥିବାରୁ ଆମେ କୃତଜ୍ଞ ।

(କ) ଚଳିତ ବର୍ଷଠାରୁ ଆରମ୍ଭ କରି ରେଜିଷ୍ଟ୍ରିଭୁକ୍ତ ଶିକ୍ଷିତ ବେକାରମାନଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବା ଏବଂ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ସମସ୍ତ ରେଜିଷ୍ଟ୍ରିଭୁକ୍ତ ବେକାରମାନଙ୍କୁ ଏହାର ପରିସରଭୁକ୍ତ କରିବା, (ଖ) ସହସ୍ରାବ୍ଦ ଆବାସ ଯୋଜନା ଅନୁଯାୟୀ ସମସ୍ତ ସୂତ୍ରରୁ ବାର୍ଷିକ ଆୟ ଟ.୫୦୦୦ଙ୍କାରୁ ଅଧିକ ହେଉନଥିବା ପରିବାରମାନଙ୍କୁ ସବ୍ସିଡିଯୁକ୍ତ ଗୃହ ଯୋଗାଇ ଦେବା, (ଗ) ଏକ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ଜମି ନଥିବା ଭୂମିହୀନ କୃଷି ଶ୍ରମିକ ଓ କୃଷକମାନଙ୍କୁ ସାମାଜିକ ନିରାପତ୍ତା ଯୋଜନାର ପରିସରଭୁକ୍ତ କରି ଉପଯୁକ୍ତ ସାହାଯ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ମୋ ସରକାର ପ୍ରସ୍ତାବ ରଖିଛନ୍ତି ।

୩୦. ଭାରତୀୟ ସମ୍ବିଧାନର ୭୩ ତମ ସଂଶୋଧନ ଅନୁଯାୟୀ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃ-ପ୍ରବର୍ତ୍ତନ କରାଯାଇଛି । ଫଳପ୍ରଦ ଭାବେ ସ୍ୱୟଂଶାସନ ପାଇଁ ସ୍ଥାନୀୟ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ କାର୍ଯ୍ୟ କରିବା ନିମନ୍ତେ ମୋ' ସରକାର ଅଧିକ କ୍ଷମତା ପ୍ରଦାନ କରିଛନ୍ତି ଏବଂ ଏହି ସଂସ୍ଥାଗୁଡ଼ିକୁ ମଜବୁତ୍ ଏବଂ ସ୍ୱୟଂ କ୍ଷମତାପନ୍ନ କରିବା ପାଇଁ ମୋ ସରକାର ଉଦ୍ୟମ ଅବ୍ୟାହତ ରଖିବେ । ଗରିବ ତଥା ଅଭାବଗ୍ରସ୍ତ ଲୋକଙ୍କ ଉନ୍ନତି କଳ୍ପେ ଓ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ନିମିତ୍ତ ସରକାର ବ୍ୟାପକ ଭାବରେ ମଜୁରୀ ଭିତ୍ତିକ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି । ଜବାହାର ରୋଜଗାର ଯୋଜନା ଓ ନିଯୁକ୍ତି ପ୍ରତିଶ୍ରୁତି ଯୋଜନାରେ ମଜୁରୀଆଙ୍କୁ ଯଥେଷ୍ଟ କର୍ମଦିବସ ଯୋଗାଇ ଥିବା ବେଳେ ମୋ ସରକାର ଇନ୍ଦିରା ଆବାସ ଯୋଜନା, ନିୟୁତ କୂପ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି । ଭାରତ ସରକାରଙ୍କ ନିୟମାବଳୀ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଗୁଡିକ ମଧ୍ୟରୁ କେତେକ ଯୋଜନାର ନାମ ପଦ୍ଧତିରେ ପରିବର୍ତ୍ତନ ଅଣାଗଲେ ମଧ୍ୟ, ଏହାର ମୁଖ୍ୟ ଉଦ୍ଦେଶ୍ୟ ବଜାୟ ରହିବ । ଗ୍ରାମୀଣ ଯୁବକମାନଙ୍କ ଆତ୍ମନିଯୁକ୍ତି ପାଇଁ ତାଲିମ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ଡ୍ୱାକ୍ରା ଗ୍ରୁପ୍ ଗୁଡିକୁ ମଜବୁତ୍ କରାଯିବ ।

୩୧. ତପସିଲଭୁକ୍ତ ଜାତି, ତପସିଲଭୁକ୍ତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ଲୋକମାନଙ୍କର କଲ୍ୟାଣ ପାଇଁ ମୋ ସରକାର ବିଶେଷ ଭାବରେ ତତ୍ପର । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ୨୧ଟି ଆଇ.ଟି.ଡି.ଏ., ୪୬ଟି ମାଡା, ୧୭ଟି ମାଇକ୍ରୋପ୍ରୋଜେକ୍ଟ, ୧୪ଟି କ୍ଲଷ୍ଟର ଏବଂ ଓଡ଼ିଶା ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ଜନଜାତି ଅର୍ଥ ସମବାୟ ନିଗମ ଜରିଆରେ ଅଧିକ ଗୁରୁତ୍ୱ ଦିଆଯିବ । ତପସିଲଭୁକ୍ତ ଜନଜାତି ଓ ତପସିଲଭୁକ୍ତ ଜାତି ପିଲାଙ୍କ ଶିକ୍ଷାରେ ଉନ୍ନତି ପାଇଁ ୫୫ଟି ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ୨୧୮ଟି ହାଇସ୍କୁଲ, ୩୭ଟି କନ୍ୟାଶ୍ରମ ସମେତ ୧୪୯ଟି ଆଶ୍ରମ ସ୍କୁଲ୍, ୧୪୨ଟି ଆବାସିକ ସେବାଶ୍ରମ ଏବଂ ୯୨୦ଟି ସେବାଶ୍ରମ ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି । ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ପର୍ଯ୍ୟାୟକ୍ରମେ ନୂତନ ସ୍କୁଲ ଖୋଲିବା ଓ ବର୍ତ୍ତମାନ ଚାଲୁଥିବା ସ୍କୁଲଗୁଡ଼ିକୁ ଉନ୍ନୀତ କରିବାର ପ୍ରସ୍ତାବ ରହିଛି ।

ବର୍ତ୍ତମାନର ଅନଗ୍ରସର ଜାତି କମିଶନ୍ କେବଳ ପଛୁଆ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜାତିମାନଙ୍କୁ ଚିହ୍ନଟ କରୁଛନ୍ତି । କମିଶନ୍‌ଙ୍କ କାର୍ଯ୍ୟ ପରିସରକୁ ସଂପ୍ରସାରିତ କରାଯିବ କିମ୍ବା ଜିଲ୍ଲା ଶାଖା ମାଧ୍ୟମରେ ସଂଖ୍ୟାଲଘୁମାନଙ୍କର କଲ୍ୟାଣମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଏକ ନୂତନ କମିଶନ୍ ସୃଷ୍ଟି କରାଯିବ ଏବଂ ସେମାନଙ୍କୁ ଯଥେଷ୍ଟ କ୍ଷମତା ପ୍ରଦାନ କରାଯିବ ।

୩୨. ରାଜ୍ୟର ୮୧ ଲକ୍ଷ ପରିବାରଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଖାଉଟି ସାମଗ୍ରୀ ସାଧାରଣତଃ 'ସୁଲଭ ମୂଲ୍ୟ ଦୋକାନ' ଜରିଆରେ ଯୋଗାଇ ଦିଆଯାଉଛି ଏବଂ ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳରେ ଲୋକଙ୍କ ନିକଟରେ ଖାଉଟି ସାମଗ୍ରୀ ପହଞ୍ଚାଇବା ପାଇଁ ଭ୍ରାମ୍ୟମାଣ ଗାଡ଼ି ନିଯୋଜନ

କରାଯାଉଛି । ଗରିବ ଲୋକମାନଙ୍କ କଲ୍ୟାଣାର୍ଥେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ୧୪୩ଟି ବ୍ଲକରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମାସିକ ୧୦ କି.ଗ୍ରା. ହିସାବରେ କିଲୋପିଛା ୨ଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯାଉଛି ।

୩୩. ସହରାଞ୍ଚଳ ଦରିଦ୍ର ଲୋକମାନଙ୍କୁ ଲାଭଦାୟକ ନିଯୁକ୍ତି ପ୍ରଦାନ ନିମନ୍ତେ ସରକାର ''ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା'' କାର୍ଯ୍ୟକାରୀ କରୁଛନ୍ତି । ୧୯୯୮-୯୯ ବର୍ଷରେ ଏହି ଯୋଜନାରେ ଭାରତ ସରକାର ୪୬୦ଲକ୍ଷ ଟଙ୍କା ଦେବେ ଏବଂ ରାଜ୍ୟ ସରକାର ୧୬୦ ଲକ୍ଷ ଟଙ୍କା ବହନ କରିବେ । ''ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ'' ମାଧ୍ୟମରେ ସହର ଓ ନଗରଗୁଡ଼ିକର ବସ୍ତି ଅଞ୍ଚଳର ପରିବେଶ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ବାହ୍ୟ ଆର୍ଥିକ ସହାୟତାରେ କଟକ ସହରର ବ୍ୟାପକ ବସ୍ତି ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଜାତୀୟ ଗୃହଯୋଗାଣ ନୀତି ଅନୁସାରେ ୧୯୯୮-୯୯ ବର୍ଷରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଆର୍ଥିକ ଦୁର୍ବଳ ଓ ନିମ୍ନ ଆୟକାରୀ ଶ୍ରେଣୀଭୁକ୍ତ ଲୋକମାନଙ୍କ ପାଇଁ ୬୪,୧୦୧ଟି ଅତିରିକ୍ତ ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୩୪. ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୋ ସରକାର ରାଜ୍ୟ ରାଜସ୍ୱ ପ୍ରଶାସନକୁ ଅଧିକ ସମ୍ବେଦନଶୀଳ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଜମିଜମା ରେକର୍ଡ଼ଗୁଡ଼ିକର ସୁପରିଚାଳନା ପାଇଁ ୬୨ଗୋଟି ତହସିଲରେ ପ୍ରଥମ ପର୍ଯ୍ୟାୟରେ କମ୍ପ୍ୟୁଟର ବସାଇବା ଲାଗି ପଦକ୍ଷେପ ନିଆଯାଇଛି । ସହରାଞ୍ଚଳର ଦ୍ରୁତ ବିକାଶ ଏବଂ ବିକାଶ କେନ୍ଦ୍ରଗୁଡ଼ିକର ଉନ୍ନତି ନିମନ୍ତେ ଚାଷ ଜମିକୁ ଅଣଚାଷ ଜମିରେ ପରିଣତ କରିବା ପାଇଁ ଓଡ଼ିଶା ଭୂ-ସଂସ୍କାର ନିୟମାବଳିରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି । ଲିଜ୍-ହୋଲ୍ଡ ଜମିଗୁଡ଼ିକୁ ଘରଡିହ ପାଇଁ ଫ୍ରି-ହୋଲ୍ଡ ଜମିରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଭୂ-ବନ୍ଦୋବସ୍ତ ଆଇନ, ୧୯୮୩କୁ ସଂଶୋଧନ କରାଯାଇଛି । ଘରଡିହ ତଥା ଗୃହହୀନ ବ୍ୟକ୍ତିଙ୍କୁ ଘରଡିହ ଯୋଗାଇ ଦେବା ପାଇଁ ଅଗ୍ରାଧିକାର ଦିଆଯିବ । ଭାଗଚାଷୀ ଏବଂ ଅଣର-ରୟତ ମାନଙ୍କର ଚାଷ ଜମିରେ ଅଧିକାର ସାବ୍ୟସ୍ତ କରିବା ଲାଗି ଓଡ଼ିଶା ଭୂ-ସଂସ୍କାର ଆଇନ୍ ୧୯୬୦କୁ ସଂଶୋଧନ କରାଯାଉଛି । ଖଣି ଓ ଶିଳ୍ପ ପ୍ରକଳ୍ପଗୁଡ଼ିକ ପାଇଁ ଏକ ''ସମ୍ମିଳିତ ପୁନର୍ବସତି'' ନୀତି ପ୍ରଣୟନ କରାଯିବ ।

୩୫. ଏକାଦଶ ଅର୍ଥ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀ ୧୯୯୯ ମସିହା ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚିବା କଥା । ଏକାଦଶ ଅର୍ଥ କମିଶନଙ୍କୁ ସ୍ମାରକପତ୍ର ଦେବା ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି, ଅର୍ଥନୀତିଜ୍ଞ ଏବଂ ଅବସରପ୍ରାପ୍ତ ପ୍ରଶାସକମାନଙ୍କୁ ନେଇ କେନ୍ଦ୍ରୀୟ ଟିକସ ଅଂଶ ଓ ସାହାଯ୍ୟ ଇତ୍ୟାଦିର ନୀତି ନିୟମ ସଂକ୍ରାନ୍ତରେ ଏକ ସୁଦୂରପ୍ରସାରୀ ଆଲୋଚନା କରିଥିଲେ । ହାରାହାରି ମୁଣ୍ଡ ପିଛା ଅଣଯୋଜନା ରାଜସ୍ୱ ଉଦ୍‌ବୃତ୍ତି ସମାନ କରିବା ଏବଂ ଋଣଛାଡ କରିବା ନୀତି ଉପରେ ରାଜ୍ୟ ସରକାରଙ୍କ ସ୍ମାରକପତ୍ରର ମୁଖ୍ୟ ବିଷୟବସ୍ତୁ ଆଧାରିତ । ଋଣ ଭାର ଲାଘବ କରିବା ପାଇଁ ଅନ୍ୟ ଏକ ମୁଖ୍ୟ ଦାବି ହୋଇଅଛି । ବର୍ତ୍ତମାନ ରାଜ୍ୟ ଯୋଜନାଭୁକ୍ତ ସହାୟତା ଏବଂ ବାହ୍ୟ ସାହାଯ୍ୟରେ ପରିଚାଳିତ ଯୋଜନାରେ ଅତିରିକ୍ତ କେନ୍ଦ୍ରୀୟ ସହାୟତାରେ ଶତକଡ଼ା ୩୦ଭାଗ ଅନୁଦାନ ରହିଛି ଏବଂ ଶତକଡ଼ା ୭୦ଭାଗ ଋଣ ରହିଛି । ରାଜ୍ୟ ସରକାର ସ୍ମାରକପତ୍ରରେ ଦାବି କରିଛନ୍ତି ଯେ, ଏହି ସହାୟତାରେ ସ୍ୱତନ୍ତ୍ର ବର୍ଗର ରାଜ୍ୟମାନଙ୍କ ପରି ଆର୍ଥିକ ଅନୁଦାନ ଓ ଋଣର ଅନୁପାତ ୯୦:୧୦ ଭାଗ ହେବା, ସୁଧଛାଡ କରିବା ଓ ମୂଳଧନ ପରିଶୋଧକୁ ସ୍ଥଗିତ ରଖିବା ଆବଶ୍ୟକ । ଏକାଦଶ ଅର୍ଥକମିଶନ ଆମ ରାଜ୍ୟ ନିମନ୍ତେ ଏକ ଉତ୍ତମ ଓ ନ୍ୟାୟସଙ୍ଗତ ଏବଂ ସମୁଚିତ ସିଦ୍ଧାନ୍ତ ନେବେବୋଲି ଆଶା କରାଯାଏ ।

୩୬. ମୋ ସରକାର ଆଶୁ ନ୍ୟାୟ ପ୍ରଦାନ କରିବା ପାଇଁ ତଥା ବିଚାର ବିଭାଗୀୟ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଆଇନଗତ ସାହାଯ୍ୟ ପ୍ରଦାନ ଅବ୍ୟାହତ ରହିବ ।

୩୭. ଏହି ଅବସରରେ ମୁଁ ମୋ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନୀତି ଓ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଛି । ମୋ ସରକାରଙ୍କର ସଫଳତା ସମ୍ପର୍କରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ଦେବା କିମ୍ବା ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମଗୁଡ଼ିକୁ ଉପସ୍ଥାପନ କରିବା ମୋର ଉଦ୍ଦେଶ୍ୟ ନୁହେଁ । ଶାସନ ପରିଚାଳନା ତଥା ଉନ୍ନୟନମୂଳକ କାର୍ଯ୍ୟକ୍ରମ କ୍ଷେତ୍ରରେ ସରକାରଙ୍କର ପ୍ରତ୍ୟେକ କାର୍ଯ୍ୟକଳାପର ନିଜର ପ୍ରାସଙ୍ଗିକତା ଓ ଗୁରୁତ୍ୱ ରହିଛି ଏବଂ ଏହା ମୋର ବକ୍ତବ୍ୟରେ ସ୍ଥାନ ପାଇନଥିଲେ ମଧ୍ୟ ଏହି କାର୍ଯ୍ୟକ୍ରମଗୁଡିକର ଗୁରୁତ୍ୱ ଉପଲବ୍ଧି କରାଯିବା ଉଚିତ୍ । ଏହା ସ୍ମରଣ ଯୋଗ୍ୟ ଯେ ଆମ୍ଭମାନଙ୍କର ଅନ୍ତିମ ଲକ୍ଷ୍ୟ ହେଉଛି ଏକ ନ୍ୟାୟୋଚିତ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ସମାଜ ଗଠନ । ଆମେ ଏକ ସୁଦୃଢ଼ ଅର୍ଥନୀତି ଅନୁସରଣ କରିବା ଯେଉଁଥିରେ ଅଭାବ, ଦ୍ୱନ୍ଦ୍ୱ, ସଂକୀର୍ଣ୍ଣତା ଓ ଦଳୀୟ ଭାବପ୍ରବଣତା ନଥିବ । ମୋର ବିଶ୍ୱାସ ଯେ ଆମ ସମ୍ମୁଖରେ ଥିବା ସମସ୍ତ ଆହ୍ୱାନ ଆମେ ପ୍ରତିହତ କରିପାରିବା ଏବଂ ରାଜ୍ୟରେ ଶାନ୍ତି ଓ ସମୃଦ୍ଧିର ବାତାବରଣ ସୃଷ୍ଟି କରିପାରିବା । ମୁଁ ଆଶା କରୁଛି ଯେ ଏହି ମହାନ୍ ଗୃହରେ ହେବାକୁ ଥିବା ଆଲୋଚନା ଗୃହର ଉଚ୍ଚ ପରମ୍ପରାକୁ ବଜାୟ ରଖିବ । ମୁଁ ବର୍ତ୍ତମାନ ଆପଣଙ୍କ ବିଚାର ଆଲୋଚନା ପାଇଁ ମୋର ବକ୍ତବ୍ୟ ଶେଷ କରିବା ସଙ୍ଗେ ସଙ୍ଗେ ଆପଣମାନଙ୍କର ଶୁଭ କାମନା କରୁଛି ।

ଜୟହିନ୍ଦ

# ଓଡ଼ିଶା ଗଠନର ଐତିହାସିକ ପୃଷ୍ଠଭୂମି

● ଶ୍ରୀ ସଦାନନ୍ଦ ଅଗ୍ରୱାଲ

ପ୍ରାଚୀନ ଭାରତବର୍ଷର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସରେ ଓଡ଼ିଶାର ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ । ଧର୍ମ, ଦର୍ଶନ, କଳା ଏବଂ ସାହିତ୍ୟ ଆଦି କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଭୂମିକାକୁ କୌଣସିମତେ ଅସ୍ୱୀକାର କରାଯାଇ ନପାରେ । ତେବେ ପ୍ରାଚୀନ କାଳରେ ଏହା ମୁଖ୍ୟତଃ କଳିଙ୍ଗ (ଉପକୂଳବର୍ତ୍ତୀ ଓଡ଼ିଶା) ଏବଂ କୋଶଳ (ପଶ୍ଚିମାଞ୍ଚଳ) ଏହିପରି ଦୁଇଭାଗରେ ବିଭକ୍ତ ହୋଇଥିଲା । ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟ ପରିବ୍ୟାପ୍ତ ଥିଲା । ଖ୍ରୀ.ପୂ. ତୃତୀୟ ଶତକରେ ଅଶୋକଙ୍କ କଳିଙ୍ଗ ବିଜୟ ଭାରତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । କଳିଙ୍ଗ ଯୁଦ୍ଧପରେ ଅଶୋକ କେବଳ ଉପକୂଳବର୍ତ୍ତୀ ଅଞ୍ଚଳ ହସ୍ତଗତ କରି ସନ୍ତୁଷ୍ଟ ରହିଲେ ଏବଂ ଅରଣ୍ୟ-ପର୍ବତ ସଂକୁଳ ପଶ୍ଚିମାଞ୍ଚଳ ଅଧିକାର କରିବାର ଅଭିପ୍ରାୟ ତ୍ୟାଗ କଲେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ଅର୍ଥାତ୍ ଚକ୍ରବର୍ତ୍ତୀ ମହାରାଜା ଖାରବେଳଙ୍କ ରାଜତ୍ୱକାଳରେ କଳିଙ୍ଗ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ଏବଂ ଅଜେୟ ଶକ୍ତିରୂପେ ବିବେଚିତ ହୋଇ ତାହାର ରାଜନୈତିକ ପ୍ରଭାବ ହିମାଳୟ ଉପକଣ୍ଠରୁ କୁମାରିକା ଯାଏ ଏବଂ ପୂର୍ବ ସାଗରରୁ ପଶ୍ଚିମ ପୟୋଧି ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ମାତ୍ର ପଶ୍ଚିମାଞ୍ଚଳ ଖାରବେଳଙ୍କ ଶାସନାଧୀନ ହୋଇଥିବାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳେନାହିଁ ।

ଅଶୋକ ଏବଂ ଖାରବେଳଙ୍କ ରାଜତ୍ୱକାଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏକ ବିଶାଳ ଭୂଖଣ୍ଡରେ ପରିବ୍ୟାପ୍ତ ହୋଇଥିବା କଳିଙ୍ଗ ରାଜ୍ୟ ପରବର୍ତ୍ତୀ କାଳରେ ଐତିହାସିକ କାରଣରୁ ସଂକୁଚିତ ହୋଇ ପ୍ରାଚୀନ ଗଙ୍ଗବଂଶୀ ରାଜତ୍ୱକାଳ ଅର୍ଥାତ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷ ଦଶନ୍ଧିରେ ଅଧୁନାତନ ଓଡ଼ିଶାର ଦକ୍ଷିଣାଞ୍ଚଳ ଅର୍ଥାତ ଋଷିକୁଲ୍ୟା-ନାଗାବଳୀ ମଧ୍ୟସ୍ଥ ଏକ କ୍ଷୁଦ୍ର ଅଞ୍ଚଳରେ ସୀମାବଦ୍ଧ ହୋଇ ରହିଥିଲା । ପ୍ରାୟ ଖ୍ରୀ.୫୦୦ ବେଳେ ଭାରତବର୍ଷରେ ରାଜନୈତିକ ଅସ୍ଥିରତା ଏବଂ ଅରାଜକ ଅବସ୍ଥାର ସୁଯୋଗ ନେଇ ବିଭିନ୍ନ ଅଞ୍ଚଳରେ ବହୁ ନୂତନ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ବାଶିଷ୍ଠ, ଦୁର୍ଜୟ, ଗଙ୍ଗ ତଥା ଶୈଳୋଦ୍ଭବ ରାଜବଂଶ ଏବଂ ପଶ୍ଚିମାଞ୍ଚଳରେ ପର୍ବତ ଦ୍ୱାରକ, ମହାରାଜା ଶୂରଙ୍କ ବଂଶଧର (ନାମ ଅଜ୍ଞାତ) ଏବଂ ଶରଭପୁରୀୟ (ଅପର ନାମ ଅମରାର୍ଯ୍ୟକୁଳ) ଆଦି ରାଜବଂଶ ସେହିକାଳରେ ଶକ୍ତି ସଂଗ୍ରହ କରି ନୂତନ ଛୋଟବଡ଼ ରାଜ୍ୟମାନ ସ୍ଥାପନ କରିଥିଲେ । ପ୍ରାୟ ଖ୍ରୀ.୬୦୦ ରେ ଶରଭପୁରୀୟ ରାଜବଂଶର ପତନ ହୋଇ ସୋମବଂଶୀ ଓରଫ୍ ପାଣ୍ଡୁବଂଶୀ ରାଜା ତିବର ଦେବ ''ସକଳ କୋଶଳାଧିପତି ରୂପେ'' କୋଶଳରେ ଏକ ନୂତନ ରାଜବଂଶର ରାଜତ୍ୱ ପ୍ରତିଷ୍ଠା କଲେ । ଏହାଙ୍କ ରାଜଧାନୀ ଥିଲା ''ଶ୍ରୀପୁର'', ଯାହାକି ଅଧୁନାତନ ମଧ୍ୟପ୍ରଦେଶର ରାୟପୁର ନଗର ଠାରୁ ୩୭ ମାଇଲ ଉତ୍ତରପୂର୍ବରେ ଅବସ୍ଥିତ ମହାନଦୀ ତୀରସ୍ଥ ଅଧୁନାତନ ''ଶିରପୁର'' ସହ ସନ୍ତୋଷଜନକ ଭାବରେ ପରିଚିହ୍ନିତ । ଖ୍ରୀ ୭୩୬ରେ ଉପକୂଳବର୍ତ୍ତୀ ଓଡ଼ିଶାରେ ଭୌମକର ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଏମାନେ ଅତୀବ ଶକ୍ତିଶାଳୀ ଥିଲେ ଏବଂ ଏହାଙ୍କ ରାଜ୍ୟ ତୋଷଳୀ ରୂପେ ଅଭିହିତ ଥିଲା । ଏହା ଉତ୍ତରରେ ଦଣ୍ଡଭୁକ୍ତି (ମେଦିନୀପୁର) ଠାରୁ ଦକ୍ଷିଣରେ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏବଂ ଏହାର ରାଜଧାନୀ ଥିଲା ଗୁହେଶ୍ୱର ପାଟକ (ବୈତରଣୀ ନଦୀ ତୀରସ୍ଥ ଯାଜପୁର ନିକଟସ୍ଥ ଏକ ସ୍ଥାନ) । ରାଜା ତିବରଦେବଙ୍କ ଠାରୁ ଆରମ୍ଭ କରି ମହାଶିବଗୁପ୍ତ ବାଳାର୍ଜ୍ଜୁନଙ୍କ ପର୍ଯ୍ୟନ୍ତ ସମସ୍ତ ସୋମବଂଶୀ ରାଜା ଶ୍ରୀପୁର ରାଜଧାନୀରୁ କୋଶଳକୁ ଶାସନ କରୁଥିଲେ । ମାତ୍ର ଖ୍ରୀଷ୍ଟୀୟ ନବମ ଶତାବ୍ଦୀର ପ୍ରାରମ୍ଭରେ ବାଳାର୍ଜ୍ଜୁନଙ୍କ ପରବର୍ତ୍ତୀ ସୋମବଂଶୀ ରାଜା ଶ୍ରୀପୁର ରାଜଧାନୀ ପରିତ୍ୟାଗ କରି କୋଶଳର ପୂର୍ବାଞ୍ଚଳ ଅର୍ଥାତ ଓଡ଼ିଶାର ପଶ୍ଚିମାଞ୍ଚଳରେ ଶାସନ ପ୍ରାରମ୍ଭ କଲେ ଏବଂ ରାଜ୍ୟବିସ୍ତାର ପାଇଁ ତତ୍ପର ହୋଇପଡ଼ିଲେ । ଏହି ସମୟରେ ସୋନପୁର-ବଉଦ ଅଞ୍ଚଳରେ ଭୌମକର ରାଜବଂଶର ଅଧୀନସ୍ଥ ରାଜା ରୂପେ ଭଞ୍ଜରାଜବଂଶ ରାଜତ୍ୱ କରୁଥିଲେ । ସୋମବଂଶୀମାନେ ଭୌମକର ରାଜବଂଶ ସଂଗେ ବୈବାହିକ ସମ୍ପର୍କ ସ୍ଥାପନ କଲେ ଏବଂ ପରେ ଏହି ଭଞ୍ଜ ରାଜବଂଶକୁ ଯୁଦ୍ଧରେ ପରାଜିତ କରି ସୁବର୍ଣ୍ଣପୁର ଠାରେ ନିଜର ରାଜଧାନୀ ପ୍ରତିଷ୍ଠା କଲେ । ଉଲ୍ଲେଖଯୋଗ୍ୟ ଯେ, ସୋମବଂଶୀ ରାଜା ଜନମେଜୟ ମହାଭବଗୁପ୍ତଙ୍କ (ଖ୍ରୀ୮୫୦-୮୫) ଅଭିଷେକ ଉତ୍ସବ ଏହି ସୁବର୍ଣ୍ଣପୁର ରାଜଧାନୀରେ ସମ୍ପନ୍ନ ହୋଇଥିଲା । ଏହାଙ୍କ ପୁତ୍ର ପ୍ରଥମ ମହାଶିବଗୁପ୍ତ ଯଯାତି ପ୍ରାରମ୍ଭରେ ମହାନଦୀ ତଟସ୍ଥ ବିନୀତପୁର (ଆଧୁନିକ ବିନ୍କା)ରେ ରାଜଧାନୀ ସ୍ଥାପନ କଲେ । ପରବର୍ତ୍ତୀ ସମୟରେ ଯଯାତି ଓଡ୍ରଦେଶ ଅନ୍ତର୍ଗତ ମହାନଦୀ ତୀରରେ ଏକ ନୂତନ ରାଜଧାନୀ ସ୍ଥାପନ କରି ତାର ନାମକରଣ କଲେ ''ଯଯାତି ନଗର'' । ସେହି କାଳରେ ଅଧୁନାତନ ବଉଦ-ଦଶପଲ୍ଲା ଅଞ୍ଚଳକୁ ନେଇ ଓଡ୍ରଦେଶ ସଂଗଠିତ ହୋଇଥିଲା । ଯଯାତି ନଗର ରାଜଧାନୀରୁ ଯଯାତି (ପ୍ରଥମ)ଙ୍କ ପରେ ଯଥାକ୍ରମେ ମହାଭବଗୁପ୍ତ ଭୀମରଥ, ମହାଶିବଗୁପ୍ତ ଧର୍ମରଥ, ମହାଭବଗୁପ୍ତ ନହୁଷ ଏବଂ ଇନ୍ଦ୍ରରଥ ଶାସନ କରି ଦାନପତ୍ରମାନ ଘୋଷଣା କରିଥିଲେ । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ମଧ୍ୟ ଭାଗରେ ତୋଷଳୀରେ ଭୌମକର ରାଜବଂଶର ପତନ ହେଲା

ଏବଂ ସୋମବଂଶୀମାନେ କୋଶଳ ସହ ତୋଷଳୀକୁ ମଧ୍ୟ ଶାସନ କଲେ । ତୋଷଳୀ ରାଜ୍ୟ ସୋମବଂଶୀଙ୍କ ଦ୍ୱାରା "ଉତ୍କଳ ରୂପେ" ଅଭିହିତ ହେଲା । ସୋମବଂଶର ପ୍ରଖ୍ୟାତନାମା ନରପତି ଚଣ୍ଡୀହର ଯଯାତିଙ୍କ ଅଭିଷେକ ଉତ୍ସବ ତେଲ ଏବଂ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସୁବର୍ଣ୍ଣପୁର ରାଜଧାନୀରେ ସମ୍ପନ୍ନ ହୋଇଥିଲା । ରାଜତ୍ୱର ତୃତୀୟ ବର୍ଷରେ ଏହି ସୁବର୍ଣ୍ଣପୁର ରାଜଧାନୀରୁ ତାଙ୍କର ଏକ ଦାନପତ୍ର ଉଦ୍‌ଘୋଷିତ ହୋଇଥିଲା । ଶାସନର ସୁବିଧା ନିମନ୍ତେ ଯଯାତି ନିଜ ସାମ୍ରାଜ୍ୟକୁ କୋଶଳ ଏବଂ ଉତ୍କଳ– ଏପରି ଦୁଇଟି ରାଷ୍ଟ୍ରରେ ବିଭକ୍ତ କରିବାରୁ ସୁବର୍ଣ୍ଣପୁର ପୁନର୍ବାର କୋଶଳର ରାଜଧାନୀ ହେଲା । ଯଯାତି ନଗର ମୁଖ୍ୟ ରାଜଧାନୀରେ ମହାରାଜା ନିଜେ ଅଧିଷ୍ଠିତ ହେଉଥିବା ସମୟରେ ସୁବର୍ଣ୍ଣପୁରରେ ଜଣେ ବଂଶୀୟ ରାଜକୁମାରଙ୍କୁ ଅଭିଷିକ୍ତ କରାଯାଇ ତାଙ୍କ ଉପରେ କୋଶଳର ଶାସନ ଦାୟିତ୍ୱ ଅର୍ପିତ ହେଲା ।

ଐତିହାସିକ ବିଜୟଚନ୍ଦ୍ର ମଜୁମଦାର ଏହି ସୋମବଂଶୀ ରାଜାମାନଙ୍କୁ ଓଡ଼ିଶାର ନିର୍ମାତା ରୂପେ ଅଭିହିତ କରିଥିବା ଏକାନ୍ତ ଯୁକ୍ତିସଙ୍ଗତ ମନେ ହୁଏ । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି: "ବର୍ତ୍ତମାନ ଯାହାକୁ ଓଡ଼ିଶା କୁହାଯାଉଛି, ତାର ସ୍ରଷ୍ଟାଥିଲେ ସୋମବଂଶୀ କେଶରୀମାନେ" (ଝଙ୍କାର, ଜୁନ୍ ୭୮, ପୃ.୨୪୮) । ଓଡ଼ିଶାର କଳା-ସ୍ଥାପତ୍ୟ ପ୍ରତି ସୋମବଂଶୀଙ୍କ ଦାନ ଅତୁଳନୀୟ । ଓଡ଼ିଶାର ମନ୍ଦିର ନଗରୀ ଭୁବନେଶ୍ୱରର କାରୁକାର୍ଯ୍ୟପୂର୍ଣ୍ଣ ଉତ୍ତୁଙ୍ଗ କୃତ୍ତିବାସ ମନ୍ଦିର (ଲିଙ୍ଗରାଜ ମନ୍ଦିର), ବ୍ରହ୍ମେଶ୍ୱର ମନ୍ଦିର, ରାଜରାଣୀ ମନ୍ଦିର, ସୋନପୁର ଜିଲ୍ଲାର ବୈଦ୍ୟନାଥ ମନ୍ଦିର ଓ ଚରଦାର ଶିବ ମନ୍ଦିର, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ରାଣୀପୁର ଝରିଆଲର ମନ୍ଦିର ସମୂହ, ପାଟଣାଗଡ଼ ଓ ଦଣ୍ଡପୁର ସୁରଡ଼ାର ଶିବମନ୍ଦିର ଦ୍ୱୟ, କୁଣଙ୍ଗର ମନ୍ଦିର ଏବଂ ବଉଦର ତାନ୍ତ୍ରିକ ମନ୍ଦିର କାଳକୁ ଉପେକ୍ଷା କରି ଆଜି ମଧ୍ୟ ଦଣ୍ଡାୟମାନ ହୋଇ ସୋମବଂଶୀଙ୍କ କୀର୍ତ୍ତିଗାନ କରୁଛନ୍ତି । ଏହି କାଳରେ ଓଡ଼ିଆ ଭାଷା ଏବଂ ଲିପି ଗଠନର ସୂତ୍ରପାତ ହୋଇଥିବା ତତ୍କାଳୀନ ଅଭିଲେଖଗୁଡ଼ିକର ଅଧ୍ୟୟନରୁ ସ୍ପଷ୍ଟରୂପେ ପ୍ରତିପାଦିତ ହୋଇଥାଏ । ଏଗୁଡ଼ିକର ଭାଷା ମୁଖ୍ୟତଃ ସଂସ୍କୃତ ହୋଇଥିଲେ ହେଁ ଅନେକତ୍ର ନିରୋଳ ଓଡ଼ିଆ ଶବ୍ଦର ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ସୋନପୁର ଅଞ୍ଚଳରୁ ପ୍ରାପ୍ତ ଦୁଇଗୋଟି ସୋମବଂଶୀୟ ଅଭିଲେଖର ଅନେକ ଅକ୍ଷରର ଉର୍ଦ୍ଧ୍ୱଭାଗ ବର୍ତ୍ତୁଳାକାର ଧାରଣ କରିଥିବା ଲିପିତତ୍ତ୍ୱ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏହି ସମୟରେ ଏକ ଉନ୍ନତ ତଥା ଆଦର୍ଶ ଶାସନ ପ୍ରଣାଳୀ ପ୍ରବର୍ତ୍ତିତ ହୋଇଥିଲା । ଏହାଙ୍କ ଦ୍ୱାରା ଆଧୁନିକ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ଏକ ଶାସନାଧୀନ ହୋଇ ବିଭିନ୍ନ ଅଞ୍ଚଳ ମଧ୍ୟରେ ରାଜନୈତିକ ତଥା ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଲା । ସୁତରାଂ ଏତିକି କୁହାଯାଇପାରେ ଯେ, ସୋମବଂଶୀମାନେ ହିଁ ଆଧୁନିକ ଓଡ଼ିଶା ଗଠନର ଭିତ୍ତି ସ୍ଥାପୟିତା ।

ଦ୍ୱାଦଶ ଶତକର ଦ୍ୱିତୀୟ ଦଶନ୍ଧିରେ ଗଙ୍ଗବଂଶୀ ରାଜା ଚୋଡ଼ଗଙ୍ଗଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ରାଜ୍ୟଚ୍ୟୁତ କରି ସୋମବଂଶୀଙ୍କ ଉତ୍କଳ ଅଧିକାର କଲେ ଏବଂ ଚୋଡ଼ଗଙ୍ଗଙ୍କ ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ଏହି ସମୟରେ ସୋମବଂଶୀଙ୍କ ଆଧି ରାଜ୍ୟ କୋଶଳ କିନ୍ତୁ ରତ୍ନପୁରର କଳଚୁରୀମାନଙ୍କ ହସ୍ତରେ ରହିଥିଲା । ଉତ୍କଳ ଅଧିକାର କଲା ପରେ ସୁବର୍ଣ୍ଣପୁର ସମେତ ପଶ୍ଚିମାଞ୍ଚଳକୁ ଅଧିକାର ପାଇଁ ଚୋଡ଼ଗଙ୍ଗଦେବ ଏବଂ ତାଙ୍କ ଉତ୍ତରାଧିକାରୀଗଣ ଉଦ୍ୟମ ଅବ୍ୟାହତ ରଖିଲେ । ଯଦ୍ଦ୍ୱାରା ଏକଶତ ବର୍ଷ ପର୍ଯ୍ୟନ୍ତ କଳଚୁରୀ ଏବଂ ଗଙ୍ଗ ରାଜବଂଶ ମଧ୍ୟରେ ଯୁଦ୍ଧ ଲାଗି ରହିଲା । ପରିଶେଷରେ ପ୍ରାୟ ୧୨୨୦ ଖ୍ରୀ.ରେ ଗଙ୍ଗରାଜା ତୃତୀୟ ଅନଙ୍ଗଭୀମଦେବଙ୍କ ପ୍ରବଳ ପରାକ୍ରାନ୍ତ ସେନାପତି ବିଷ୍ଣୁଦେବ ଅଳ୍ପବୟସ୍କ ତଥା ଅନଭିଜ୍ଞ କଳଚୁରୀ ରାଜା ପ୍ରତାପ ମଲ୍ଲଙ୍କୁ ଶୋଚନୀୟ ଭାବରେ ପରାସ୍ତ କଲେ । ଏହାଦ୍ୱାରା ସୁବର୍ଣ୍ଣପୁର ସମେତ ପଶ୍ଚିମାଞ୍ଚଳ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ପଶ୍ଚିମାଞ୍ଚଳ ସାମ୍ରାଜ୍ୟ ପଶ୍ଚିମଦେଶ ରୂପେ ଅଭିହିତ ହୋଇ ସୁବର୍ଣ୍ଣପୁରରେ ଏହାର ରାଜଧାନୀ ପ୍ରତିଷ୍ଠାପିତ ହେଲା ।

ତୃତୀୟ ଅନଙ୍ଗଭୀମଦେବଙ୍କ ସୁବର୍ଣ୍ଣପୁର ବିଜୟ ଓଡ଼ିଶା ଇତିହାସରେ ଅନେକ ଦିଗରୁ ଗୁରୁତ୍ୱପୂର୍ଣ୍ଣ । ସୋମବଂଶ ରାଜତ୍ୱକାଳରେ ଓଡ଼ିଶାର ପଶ୍ଚିମାଞ୍ଚଳ ଏବଂ ପୂର୍ବାଞ୍ଚଳ ମଧ୍ୟରେ ଐକ୍ୟ ସ୍ଥାପନ ଦିଗରେ ଯେଉଁ ମୂଳଦୁଆ ପଡ଼ିଥିଲା, ତାହା ଗଙ୍ଗଶାସନ କାଳରେ ଆହୁରି ଦୃଢ଼ୀଭୂତ ହେଲା । ସୋମବଂଶୀ କାଳରେ ଓଡ଼ିଆ ଭାଷା ଏବଂ ଲିପି ଗଠନର ସୂତ୍ରପାତ ହୋଇ ଗଙ୍ଗ ରାଜତ୍ୱ କାଳରେ ତାହା ପରିମାର୍ଜିତ ରୂପ ଧାରଣ କଲା । ଗଙ୍ଗ ରାଜକୋଷ ତଥା ସାମରିକ ଶକ୍ତି ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଲା । ଏହା ପ୍ରଣିଧାନଯୋଗ୍ୟ ଯେ, ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ଅତୀବ ପରାକ୍ରମଶାଳୀ ଯବନ ଶକ୍ତିର ଭୟରେ ଭାରତର ହିନ୍ଦୁ ରାଜାମାନେ ଥରହର ହେଉଥିବା ସମୟରେ ଅନଙ୍ଗ ଭୀମଦେବଙ୍କ ପୁତ୍ର ନରସିଂହଦେବଙ୍କ ସେନାବାହିନୀ ମୁସଲମାନ ଶାସିତ ବଙ୍ଗ ରାଜ୍ୟ ଉପରେ ବାରମ୍ବାର ଆକ୍ରମଣ କରି ବିଜୟ ହାସଲ କରିପାରିଥିଲେ । ଏହି ତଥ୍ୟ ଗଙ୍ଗ ଅଭିଲେଖରେ ଅତୀବ ଚିତ୍ତାକର୍ଷକ ଭାବେ ବର୍ଣ୍ଣିତ ହୋଇଅଛି । ଉଲ୍ଲେଖଯୋଗ୍ୟ ଯେ, ମୁସଲମାନ ଐତିହାସିକ ମିନ୍‌ହାଜ୍ ସ୍ୱରଚିତ "ତବାକତ୍-ଇ- ନାସିରି" ଗ୍ରନ୍ଥରେ ମଧ୍ୟ ଯବନମାନଙ୍କ ପରାଜୟକୁ ଲିପିବଦ୍ଧ କରିଯାଇଛନ୍ତି ।

ସୋନପୁର ଅଞ୍ଚଳ କରଗତ କଲା ପରେ ଅନଙ୍ଗଭୀମଦେବ ଭଗବାନ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସମଗ୍ର ସାମ୍ରାଜ୍ୟର ସମ୍ରାଟ ରୂପେ ଅଭିହିତ କରି ନିଜକୁ ପୁରୁଷୋତ୍ତମଙ୍କ ପୁତ୍ର ତଥା ରାଉତ ରୂପେ ଘୋଷଣା କଲେ । ଏହାଦ୍ୱାରା ପୁରୁଷୋତ୍ତମ ଜଗନ୍ନାଥ ରାଷ୍ଟ୍ର ଦେବତା ରୂପେ ପ୍ରକଟିତ ହେଲେ ଏବଂ ଜଗନ୍ନାଥ ଧର୍ମ ଲୋକଧର୍ମରେ ପରିଣତ ହେଲା; ଶାସନରେ ତାଙ୍କର ସର୍ବମୟ କର୍ତ୍ତୃତ୍ୱ ସ୍ୱୀକୃତ ହେଲା । ଏବଂ ଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଜୀବନାଦର୍ଶ ଏହି ଭୂଖଣ୍ଡରେ ଗଢ଼ି ଉଠିଲା, ତାହା ପରବର୍ତ୍ତୀ କାଳରେ ଓଡ଼ିଶା ମାଟିର ଜନଜୀବନକୁ ଓତପ୍ରୋତ ଭାବରେ ପ୍ରଭାବିତ କରିଥିଲା; ଯଦିଓ ଗଙ୍ଗ ପରବର୍ତ୍ତୀ କାଳରେ ଏହାର ମାନଚିତ୍ର

ପୂର୍ବରୁ ଖଣ୍ଡ ବିଖଣ୍ଡ ହୋଇଗଲା, ସେହି ସାଂସ୍କୃତିକ ଐକ୍ୟର ଧାରାଟି ପ୍ରବହମାନ ହୋଇ ରହିଲା । ଗଙ୍ଗ ରାଜତ୍ୱକାଳ ଯେ ଓଡ଼ିଶା ଗଠନର ଦ୍ୱିତୀୟ ତଥା ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ, ଏଥିରେ ପ୍ରତିବାଦର କ୍ଷୀଣତମ ଆଶଙ୍କା ମଧ୍ୟ ରହି ନପାରେ ।

ପରବର୍ତ୍ତୀ ସମୟରେ ଗଙ୍ଗରାଜାମାନେ ବହିଃଶତ୍ରୁ, ବିଶେଷତଃ ମୁସଲମାନ ଆକ୍ରମଣ ଦ୍ୱାରା ବ୍ୟତିବ୍ୟସ୍ତ ହୋଇ ପଶ୍ଚିମାଞ୍ଚଳର ଶାସନ ପ୍ରତି ବିଶେଷ ଧ୍ୟାନ ଦେଇ ପାରିଲେ ନାହିଁ । ଏହାରି ସୁଯୋଗ ନେଇ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ପଶ୍ଚିମାଞ୍ଚଳରେ କେତେକ ରାଜବଂଶ ଗଙ୍ଗମାନଙ୍କର ଆନୁଗତ୍ୟକୁ ଅସ୍ୱୀକାର କରି ଛୋଟ ଛୋଟ ରାଜ୍ୟମାନ ସ୍ଥାପନ କରିଗଲେ । ସେମାନଙ୍କ ମଧ୍ୟରେ ପାଟଣାର ଚୌହାନ, ସୋନପୁର-ବଉଦର ଭଞ୍ଜ, ବଣାଇର କାଦମ୍ବ ଏବଂ ଗାଙ୍ଗପୁରର ପରମାର ବଂଶ ଅନ୍ୟତମ । ରମାଇ ଦେବଙ୍କ ପରେ ଚୌହାନ ଶାସିତ ପାଟଣା ରାଜ୍ୟ ଦିନକୁ ଦିନ ସମୃଦ୍ଧ ହେବାରେ ଲାଗିଲା ଏବଂ ଏହି ବଂଶର ଦଶମ ରାଜା ନରସିଂହଦେବଙ୍କ ଭ୍ରାତା ବଳରାମ ଦେବ ସ୍ୱାଧୀନ ସମ୍ବଲପୁର ରାଜ୍ୟ ସ୍ଥାପନ କରିଥିଲେ । ଏହି ଚୌହାନମାନେ ଅତୀବ ପରାକ୍ରମଶାଳୀ ହୋଇ ରାଜ୍ୟ ବିସ୍ତାର ସକାଶେ ତତ୍ପର ହୋଇପଡ଼ିଲେ । ସମ୍ବଲପୁରର ଚୌହାନ ନରପତି ବଳରାମଦେବଙ୍କ ପୌତ୍ର ବଳଭଦ୍ର ଦେବ (ଖ୍ରୀ.୧୬୦୫-୩୦) ବଉଦର ଭଞ୍ଜ ରାଜା ସିଦ୍ଧ ଭଞ୍ଜକୁ ପରାସ୍ତ କରି ସୁବର୍ଣ୍ଣପୁର ଅଞ୍ଚଳ କରଗତ କଲେ । ପରେ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରେ ସମ୍ବଲପୁରର ଚୌହାନ ବଂଶୀୟ ରାଜା ବଳୀୟାରସିଂହଙ୍କ ଭ୍ରାତା ମଦନଗୋପାଳ ଦେବ ସୋନପୁରକୁ କେନ୍ଦ୍ର କରି ଏକ ସ୍ୱତନ୍ତ୍ର ଚୌହାନ ରାଜ୍ୟ ସ୍ଥାପନ କଲେ । ଏହିକାଳରେ ପ୍ରାଚୀନ ଦକ୍ଷିଣ କୋଶଳ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳ ଚୌହାନମାନଙ୍କ ଶାସନାଧୀନ ହୋଇସାରିଥିଲା । ଏଣୁ ଖ୍ରୀଷ୍ଟାବ୍ଦ ୧୬୬୪ରେ ବଳୀୟାର ସିଂହଙ୍କ ସଭାପଣ୍ଡିତ ଗଙ୍ଗାଧର ମିଶ୍ର ସଂସ୍କୃତ ଭାଷାରେ ଏକ ଐତିହାସିକ କାବ୍ୟ ରଚନା କରି ତାର ନାମକରଣ କରିଥିଲେ "କୋଶଳାନନ୍ଦମ କାବ୍ୟମ୍" । ଶଂସିତ କାବ୍ୟର କେତେକ ସ୍ଥଳରେ ଚୌହାନ ସାମ୍ରାଜ୍ୟକୁ "କୋଶଳ" ଏବଂ ଅନେକତ୍ର "ଦକ୍ଷିଣ କୋଶଳ" ରୂପେ ବର୍ଣ୍ଣନା କରାଯାଇଛି ।

ପଶ୍ଚିମ ଓଡ଼ିଶାରେ ଚୌହାନ ରାଜ୍ୟ ପ୍ରତିଷ୍ଠିତ ହେବାର ବହୁପରେ ଖ୍ରୀ. ୧୪୩୫ରେ ଉପକୂଳବର୍ତ୍ତୀ ଓଡ଼ିଶାରେ ଗଙ୍ଗ ସାମ୍ରାଜ୍ୟର ପତନ ହୋଇ ଗଜପତି ରାଜା କପିଳେନ୍ଦ୍ରଙ୍କ ଦ୍ୱାରା ସୂର୍ଯ୍ୟବଂଶୀ ଶାସନର ସଂସ୍ଥାପନ ହେଲା । ଓଡ଼ିଶାର ଜାତୀୟ ଇତିହାସରେ କେବଳ ନୁହେଁ, ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତିର ଇତିହାସରେ ମଧ୍ୟ ସୂର୍ଯ୍ୟବଂଶ ଏକ ନୂତନ ସୂର୍ଯ୍ୟୋଦୟର ବାର୍ତ୍ତା ଘେନି ପ୍ରକାଶ ପାଇଥିଲା । ଏହି କାଳର ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ ଚିରଦିନ ପାଇଁ ଓଡ଼ିଆ ସାହିତ୍ୟର ପ୍ରେରଣାର ଉତ୍ସହୋଇ ରହିଥିବେ, ତାହା ନିଶ୍ଚିତ ଭାବରେ ସ୍ୱୀକାର୍ଯ୍ୟ । ଏହି ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ଦ୍ୱାରା ଅଭିଲେଖଗୁଡ଼ିକରେ ବ୍ୟବହୃତ ଲିପି ସମ୍ବନ୍ଧରେ ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି କହନ୍ତି:

"ସୂର୍ଯ୍ୟବଂଶୀ କପିଳେନ୍ଦ୍ରଙ୍କ ଶାସନ କାଳକୁ ଓଡ଼ିଆ ଲିପି ପୂର୍ଣ୍ଣ ବିବର୍ତ୍ତିତ ଅବସ୍ଥାରେ ପହଞ୍ଚି ସାରିଥିଲା । ଜୟ ବିଜୟ ଶିଳାଲିପି ଓ କପିଳେନ୍ଦ୍ରଙ୍କ କାଳର ଗୋପୀନାଥପୁର ଶିଳାଲିପି ଉତ୍କୀର୍ଣ୍ଣ ହେବାବେଳକୁ ଆଧୁନିକ ଓଡ଼ିଆ ଲିପି ଏକ ନିର୍ଦ୍ଦିଷ୍ଟ ରୀତି ଏବଂ ଆକାର ଧାରଣ କରି ସାରିଥିଲା ।" (ଓଡ଼ିଆ ସାହିତ୍ୟର ଆଦିପର୍ବ- ପୃ.୩୫)

ପ୍ରଣିଧାନର ବିଷୟ ଯେ, ଓଡ଼ିଶାର ପୂର୍ବାଞ୍ଚଳରେ ସୂର୍ଯ୍ୟବଂଶୀ ଶାସନ ପ୍ରତିଷ୍ଠିତ ହେବାର ବହୁପୂର୍ବରୁ ପଶ୍ଚିମାଞ୍ଚଳରେ ଚୌହାନ ରାଜତ୍ୱ ପ୍ରସ୍ଥାପିତ ହୋଇସାରିଥିଲା ଏବଂ କପିଳେନ୍ଦ୍ରଙ୍କ ଦ୍ୱାରା ବ୍ୟବହୃତ ଲିପି ଏବଂ ଭାଷା ଏମାନେ ବହୁପୂର୍ବରୁ ବ୍ୟବହାର କରିଥିବା ନରସିଂହନାଥ ଶିଳାଲେଖରୁ ସ୍ପଷ୍ଟରୂପେ ପ୍ରମାଣିତ ହୋଇଥାଏ । ଏହି ଶିଳାଲେଖଟି ପାଟଣାର ଚତୁର୍ଥ ଚୌହାନବଂଶୀ ନରପତି ବୈଜଳଦେବଙ୍କ ଦ୍ୱାରା ତା ୧୬ ମାର୍ଚ୍ଚ ୧୪୧୩ ଖ୍ରୀରେ ଉତ୍କୀର୍ଣ୍ଣ ହୋଇଥିବାର ନିଃସନ୍ଦେହରେ କୁହାଯାଇ ପାରିଛି ।

କୋଶଳାନନ୍ଦ କାବ୍ୟରୁ ଏହା ସ୍ପଷ୍ଟ ରୂପେ ଜଣାପଡ଼େ ଯେ, ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ମୁସଲମାନ ଆକ୍ରମଣ ସମୟରେ ସମ୍ବଲପୁର ଚୌହାନ ସାମ୍ରାଜ୍ୟର ସାମରିକ ଶକ୍ତିର ଅଯାଚିତ ସାହାଯ୍ୟ ଫଳରେ ଖୋରଧାର ଭୋଇ ବଂଶ ଧ୍ୱଂସ ମୁଖରୁ ରକ୍ଷା ପାଇଲେ; ନଚେତ୍ ଓଡ଼ିଶା ଯବନାମ୍ବୁଧିରେ ନିମଜ୍ଜିତ ହୋଇ ରହିଥାନ୍ତା ।

ପାଟଣା ରାଜ୍ୟ ଅନ୍ତର୍ଗତ ଖଡ଼ିଆଳର କବି ଚୈତନ୍ୟ ଦାସ ସାରଳାଙ୍କ ପରବର୍ତ୍ତୀ କାଳରେ ଶୁଦ୍ଧ ଓଡ଼ିଆ ଭାଷାରେ "ନିର୍ଗୁଣ ମାହାତ୍ମ୍ୟ" କାବ୍ୟ ରଚନା କରି ଆଜି ସମଗ୍ର ଓଡ଼ିଆ ଜାତିର ନମସ୍ୟ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ସୋନପୁର ଗଡ଼ଜାତର ଅରଣ୍ୟ ପରିବେଷ୍ଟିତ ଖଲିଆପାଲିଠାରେ ସନ୍ଥକବି ଭୀମଭୋଇ ନିଜର ଆଶ୍ରମ ପ୍ରତିଷ୍ଠା କରି ସାରସ୍ୱତ ସାଧନାରେ ବ୍ରତୀ ହୋଇଥିଲେ । ସଂପ୍ରତି ଭୀମଭୋଇଙ୍କୁ ନେଇ ସମଗ୍ର ଓଡ଼ିଆ ଜାତି ଭାରତୀୟ ସଂସ୍କୃତି ଦରବାରରେ ଗୌରବାନ୍ୱିତ । ଓଡ଼ିଆ ଭାଷା ଏବଂ ସାହିତ୍ୟର ଉନ୍ନତି କଳ୍ପେ ବାମଣ୍ଡା, ସୋନପୁର, କଳାହାଣ୍ଡି, ଖଡ଼ିଆଳ ଏବଂ ପାଟଣା ଦରବାରର ଦାନ ଅତୁଳନୀୟ । ସ୍ଥୂଳତଃ ଏତିକି କୁହାଯାଇ ପାରେ ଯେ, ଓଡ଼ିଆ ଜାତିର ସାଂସ୍କୃତିକ ମହନୀୟତା ନିମନ୍ତେ ପଶ୍ଚିମ ଓଡ଼ିଶାର ଗୌରବୋଜ୍ଜ୍ୱଳ ଅବଦାନର ପଟାନ୍ତର ନାହିଁ ।

ସମ୍ବଲପୁରର ଶେଷ ଚୌହାନ ରାଜା ନାରାୟଣ ସିଂହ ୧୮୪୯ ସେପ୍ଟେମ୍ବର ୧୦ ତାରିଖରେ ଅପୁତ୍ରିକ ହୋଇ ମୃତ୍ୟୁବରଣ କରିବା ପରେ ସମ୍ବଲପୁର ରାଜ୍ୟ ଇଂରେଜ ଶାସନାଧୀନ ହେଲା । ୧୮୬୧ ନଭେମ୍ବର ୨ ତାରିଖ ଦିନ ମଧ୍ୟ ପ୍ରଦେଶ (Central provinces) ଗଠିତ ହୋଇ ସନ ୧୮୬୨ ରୁ ସମ୍ବଲପୁରକୁ ସେହି ନୂତନ ପ୍ରଦେଶରେ ସାମିଲ କରାଗଲା । ପୁନଶ୍ଚ ୧୮୯୬ ଠାରୁ ସମ୍ବଲପୁରରେ ଓଡ଼ିଆ ବଦଳରେ ହିନ୍ଦୀକୁ ସରକାରୀ ଭାଷାରୂପେ ପ୍ରଚଳନ କରାଗଲା । ପ୍ରଣିଧାନଯୋଗ୍ୟ ଯେ, ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରବର୍ତ୍ତନ ପାଇଁ ସମ୍ବଲପୁର ନିଜେହିଁ ନେତୃତ୍ୱ ନେଇଛି । ସେହି ନେତୃତ୍ୱ ଅନ୍ୟ କେଉଁଆଡୁ ଆସିନାହିଁ । ଏହି ଆନ୍ଦୋଳନର ଫଳସ୍ୱରୂପ ୧୯୦୩ ଜାନୁଆରୀ ପହିଲାରୁ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ

ଭାଷାର ପୁନଃ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହା ଥିଲା ସମ୍ବଲପୁର ଅଞ୍ଚଳବାସୀଙ୍କ ଐତିହାସିକ ଭାଷା ଆନ୍ଦୋଳନର ପ୍ରଥମ ବିଜୟ । ପ୍ରଣିଧାନଯୋଗ୍ୟ ଯେ, ଏହାର ଏକ ବର୍ଷପରେ ଅର୍ଥାତ ତା ୩୧.୧୨.୧୯୦୩ ଦିନ ଉତ୍କଳ ଗୌରବ ମଧୁସୂଦନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ୧୯୦୫ ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁର ଏବଂ ପାଞ୍ଚଗୋଟି ଦେଶୀୟରାଜ୍ୟ:— ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା ଏବଂ ରେଢ଼ାଖୋଲକୁ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶା ଡିଭିଜନ ସହିତ ସମ୍ମିଶ୍ରଣ କରାଯାଇଥିଲା; ଯାହାକୁ ସମ୍ବଲପୁର ଭାଷା ଆନ୍ଦୋଳନ ବିଜୟର ଶେଷ ପର୍ବ ଏବଂ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବାରେ ପ୍ରଥମ କୃତିତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ନିର୍ବିବାଦରେ କୁହାଯାଇପାରେ । ଉପରୋକ୍ତ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ଧରଣୀଧର ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମଦନମୋହନ ମିଶ୍ର, ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ବଳଭଦ୍ର ସୂପକାର, ଜନାର୍ଦ୍ଦନ ପଣ୍ଡା ପ୍ରମୁଖ ବହୁ ପ୍ରଖ୍ୟାତ ନେତା । ସେହି ଅଞ୍ଚଳର ଏକମାତ୍ର ପତ୍ରିକା ''ସମ୍ବଲପୁର ହିତୈଷିଣୀ'' ଏଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସ୍ୱଭାବକବି ଗଙ୍ଗାଧର ମେହେର ସ୍ୱୀୟ କବିତା ମାଧ୍ୟମରେ ଆନ୍ଦୋଳନକୁ ତୀବ୍ରତର କରିପାରିଥିଲେ । ବାମଣ୍ଡା ଓ ସୋନପୁରର ରାଜା ଏବଂ ପଦ୍ମପୁର ଓ ବରପାଲିର ଜମିଦାର ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ତଥା ସହଯୋଗ ପ୍ରଦାନ କରିଥିଲେ ।

୧୯୨୪ ମସିହା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ପ୍ରବଳ ଆକାର ଧାରଣ କରିଥିଲା । ଏହାଫଳରେ ୧୯୩୫ରେ ଦକ୍ଷିଣର ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲାର ଓଡ଼ିଶା ଡିଭିଜନ ସହିତ ସମ୍ମିଶ୍ରଣ ହେଲା । ଏହାଥିଲା ଅନ୍ୟ ଏକ ସଫଳତା । ପରିଶେଷରେ ୧୯୩୬ ଏପ୍ରିଲ ପହିଲାଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । କିନ୍ତୁ ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଦେଶୀୟ ରାଜ୍ୟ ମିଶ୍ରଣରେ ତା ୧.୧.୧୯୪୮ରେହିଁ ଜନ୍ମ ନେଇଛି ।

*ମୁ:ପୋ- ମେଘଲା, ଜି. ସୁବର୍ଣ୍ଣପୁର-୭୬୭୦୬୮*

''ମୋ ଜୀବିତାବସ୍ଥାରେ ମୋ ସମ୍ବନ୍ଧରେ ଫକିର (ଫକିରମୋହନ ସେନାପତି), ଗୋଦାବରୀଶ (ଗୋଦାବରୀଶ ମିଶ୍ର), ବଳ (ନନ୍ଦକିଶୋର ବଳ), ମେହେର (ଗଙ୍ଗାଧର ମେହେର) ପଦ୍ୟ ଲେଖିଛନ୍ତି । ମୁଁ ତ ଦୁର୍ବଳଚିତ୍ତ; ଏଥିରେ ମୁଁ ପ୍ରଶଂସିତ ହେଲି ବୋଲି ଅନୁଭବ କରୁଛି; କିନ୍ତୁ ପ୍ରକୃତରେ ଏପରି ହେବା ଉଚିତ ନୁହେଁ । ଯେଉଁ ଯୁଗରେ ଜଣେ ବ୍ୟକ୍ତି ଜନ୍ମଗ୍ରହଣ କରିଛି, ସେହି ଯୁଗରେ ଇତିହାସରେ ତାହାର ସ୍ଥାନ ନିର୍ଣ୍ଣୀତ ହେବା ଉଚିତ ନୁହେଁ । ଲୋକେ ତାଙ୍କୁ ଦେଖୁଛନ୍ତି, ଚିହ୍ନିଛନ୍ତି, ତାଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଛନ୍ତି । ହୁଏତ, ତାଙ୍କୁ ଦେଖି ଚିହ୍ନି ଘୃଣା କରିଛନ୍ତି, କି ପ୍ରଶଂସା କରିଛନ୍ତି, କି ପୂଜା କରିଛନ୍ତି । ତାଙ୍କର ଦୋଷ ଦୁର୍ବଳତା କି ସଦ୍‌ଗୁଣକୁ ସେ ଆଖି ଆଗରେ ଦେଖୁଛନ୍ତି, ଅନୁଭବ କରୁଛନ୍ତି । ଫଳରେ ଘୃଣା, ପ୍ରଶଂସା, ଈର୍ଷା ପ୍ରଭୃତି ଦ୍ୱାରା ଲୋକଙ୍କ ଦୃଷ୍ଟି କଳୁଷିତ ହୋଇଯାଉଛି । ଏଥିରେ ମନୁଷ୍ୟର ପ୍ରକୃତ ମୂଲ୍ୟାୟନ୍ ସମ୍ଭବ ନୁହେଁ । ପରବର୍ତ୍ତୀ ଯୁଗର ଲୋକେ କେବଳ ଏହି ମୂଲ୍ୟାୟନ ଠିକ୍ ଭାବରେ କରିପାରିବେ । ନେତାର ସ୍ୱଯୁଗର ଲୋକଙ୍କର ଚକ୍ଷୁ ଯେଉଁସବୁ କାରଣରୁ କଳୁଷିତ ହୋଇଥାଏ, ତାହା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ । ଏମାନେ ତାଙ୍କର ସମ୍ପର୍କରେ ଆସିନାହାନ୍ତି, କି ଘୃଣା କି ପ୍ରଶଂସା ଦ୍ୱାରା କଳୁଷିତ ହୋଇଥିବା ଚକ୍ଷୁରେ ତାଙ୍କୁ ଦେଖିନାହାନ୍ତି । ସେମାନେ ବିଚାର କରି ଦେଖିବେ, ଏହି ଲୋକଟି ଉପରେ ଜାତି କି ଗୁରୁଦାୟିତ୍ୱ ନ୍ୟସ୍ତ କରିଥିଲା, ତାକୁ କି କ୍ଷମତା ଅର୍ପଣ କରିଥିଲା, ବିପଦ ଓ ଧ୍ୱଂସ ସମ୍ମୁଖରେ ତାହାର ନେତୃତ୍ୱକୁ ଚାହିଁଥିଲା କି ନାହିଁ, ବିଶ୍ୱାସ ରଖିଥିଲା କି ନାହିଁ, ଏହାଙ୍କ ନିଷ୍ପତ୍ତି ଉପରେ ଜାତିର ଇତିହାସର ଗତି ନିର୍ଭର କରୁଥିଲା କି ନାହିଁ । ଏସବୁ ବିଷୟ ପରବର୍ତ୍ତୀ ଯୁଗରେ ଲୋକଙ୍କ ଦ୍ୱାରା ନିର୍ଣ୍ଣୀତ ନହେବା ପର୍ଯ୍ୟନ୍ତ କୌଣସି ଲୋକର ଇତିହାସରେ ସ୍ଥାନ ନିର୍ଣ୍ଣୟ କରିବା ଅନୁଚିତ ।''

(୧୯୩୧: ଓକିଲାତିର ସୁବର୍ଣ୍ଣ ଜୟନ୍ତୀ ସମ୍ବର୍ଦ୍ଧନା ଉତ୍ସବରେ)

। ମଧୁସୂଦନ ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ: ଏକ ବିହଙ୍ଗାବଲୋକନ

● ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ

ସେ' ଥିଲା ୧୮୦୩ ମସିହାର କଥା । ସେହିବର୍ଷ ଇଂରେଜମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ନିଜ ଶାସନରେ ରଖିଲେ । ପରେ ପରେ ନିଜର ରାଜନୈତିକ ସ୍ୱାର୍ଥସାଧନ କରିବା ପାଇଁ ଓଡ଼ିଶାର କିଛି ଅଂଶ ମାଡ୍ରାସ ପ୍ରେସିଡେନ୍ସି, କିଛି ଅଂଶ ସେଣ୍ଟ୍ରାଲ ପ୍ରୋଭିନସ ଓ କିଛି ଅଂଶ ବେଙ୍ଗଲ ପ୍ରେସିଡେନ୍ସିର ଶାସନାଧୀନ କରି ରଖାଇଲେ । ଓଡ଼ିଶାର ଶାସନ ଯଥାକ୍ରମେ ଉକ୍ତ ପ୍ରାଦେଶିକ ଶାସନକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହେଲା । ଉକ୍ତ ଅଞ୍ଚଳର ଭାଷା ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ କରାଇ ଓଡ଼ିଆମାନଙ୍କର ଭାଷା ଓ ସଂସ୍କୃତି ପ୍ରତି କୁଠାରଘାତ କରାଗଲା । କୌଣସି ନେତୃତ୍ୱର ଅଭାବରେ ଓଡ଼ିଶାର ଲୋକେ ଏହାକୁ ସହ୍ୟ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନଥିଲା ।

ଇତି ମଧ୍ୟରେ ୧୮୬୬ ମସିହାରେ ଓଡ଼ିଶାରେ ଏକ ନାହିଁ ନଥିବା ଦୁର୍ଭିକ୍ଷ ପଡ଼ିଲା । ଏହା ନଅଙ୍କ ଦୁର୍ଭିକ୍ଷ ନାମରେ କଥିତ । ଏହା ଓଡ଼ିଶାବାସୀଙ୍କ ପାଇଁ ଦାରୁଣ ବିପର୍ଯ୍ୟୟ ଆଣିଥିଲେ ମଧ୍ୟ ଅପରପକ୍ଷେ ରାଜନୈତିକ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ରଚନା କରିଥିଲା । ଉକ୍ତ ଦୁର୍ଭିକ୍ଷ ପାଇଁ ବଙ୍ଗଳା ସରକାରଙ୍କର ଅପାରଗତା ପରୋକ୍ଷଭାବେ ଦାୟୀ ବୋଲି ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ପରିପ୍ରେକ୍ଷୀରେ ବିଚାର କରି ତତ୍କାଳୀନ ସେକ୍ରେଟାରୀ ଅଫ ଷ୍ଟେଟସ୍ ଷ୍ଟାଫୋର୍ଡ଼ ନର୍ଥକୋଟ ପ୍ରଥମ ଥର ପାଇଁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ପ୍ରସ୍ତାବ ଦେଇଥିଲେ । ମାତ୍ର ତାହା କାର୍ଯ୍ୟକାରୀ ହୋଇପାରି ନଥିଲା ।

ନଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ଓଡ଼ିଶାର ପ୍ରଗତି ପ୍ରତି ଅଧିକ ଯତ୍ନବାନ ହେଲେ । ନାନା ସ୍ଥାନରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହେଲା । ମାତ୍ର ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଗତି ପଥରେ କେତେକ ବଙ୍ଗାଳୀ ପ୍ରତିବନ୍ଧକ ସୃଷ୍ଟି କଲେ । ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ବଙ୍ଗାଳୀମାନଙ୍କ ପ୍ରାଧାନ୍ୟ ତଥା ଓଡ଼ିଆ ଭାଷାର ବିଲୋପ ସାଧନ ପାଇଁ ସେମାନଙ୍କ ମଧ୍ୟରେ କେତେଜଣଙ୍କ ପ୍ରବଳ ପ୍ରଚେଷ୍ଟା ଓଡ଼ିଶାବାସୀଙ୍କୁ ଆଉ ଅଧିକ ଦିନ ଏହାର ନୀରବଦ୍ରଷ୍ଟା ହୋଇ ରହିବାକୁ ଦେଇନଥିଲା । ସେମାନଙ୍କ ମଧ୍ୟରେ ଏକ ନୂତନ ରାଜନୈତିକ ଚେତନାର ଅଭ୍ୟୁଦୟ ଘଟିଲା । ଓଡ଼ିଆ ଜାତିର ଦାବୀଗୁଡ଼ିକୁ ବ୍ରିଟିଶ ସରକାରଙ୍କ ନିକଟରେ ଉପସ୍ଥାପିତ କରାଇବା ପାଇଁ କଟକରେ 'ଉତ୍କଳସଭା' ଓ ବାଲେଶ୍ୱରରେ 'ନେସନାଲ ଏସୋସିଏସନ୍' ନାମକ ଦୁଇଟି ସଂଗଠନ ସୃଷ୍ଟି କରାହେଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଥିଲା ସେମାନଙ୍କର ମୂଳ ଲକ୍ଷ୍ୟ ।

ଏହି ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଅନେକ ସମ୍ଭ୍ରାନ୍ତ, ଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି ଆଗଭର ହେଲେ । ୧୮୭୫ ମସିହାରେ ବାଲେଶ୍ୱରର ପ୍ରଖ୍ୟାତ ଜମିଦାର ରାଜା ବୈକୁଣ୍ଠନାଥ ଦେ ଓ କଟକର ବିଚିତ୍ରାନନ୍ଦ ଦାସ ମିଳିତଭାବେ ସରକାରଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଏକ ଦାବୀପତ୍ର ପଠାଇ ଥିଲେ । ପରେ ପରେ ମଧୁସୂଦନ ଦାସ ଏହାର ନେତୃତ୍ୱ ନେଇଥିଲେ । ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏକ ନୂତନ ଜାଗରଣ ସୃଷ୍ଟି କରି ସେ ସ୍ୱଳ୍ପ ସମୟ ମଧ୍ୟରେ ନିଜକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ନେତା ରୂପେ ପ୍ରତିପାଦିତ କରାଇଲେ । ତାଙ୍କ ନେତୃତ୍ୱରେ ପ୍ରଥମେ ୧୮୮୮ ମସିହାରେ ଓଡ଼ିଆ ଗ୍ରାଜୁଏଟ୍ ଏସୋସିଏସନ ଗଠନ କରାଗଲା । ଓଡ଼ିଆ ଭାଷା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ବଙ୍ଗାଳୀମାନଙ୍କୁ ଦମନ କରିବା ଥିଲା ଏହାର ମୂଳ ଉଦ୍ଦେଶ୍ୟ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆବଶ୍ୟକୀୟ ଜାଗରଣ ସୃଷ୍ଟି କରିବା ଦିଗରେ ଅନ୍ୟ ଜଣେ ବରେଣ୍ୟ ବ୍ୟକ୍ତି ଥିଲେ ପାରଳାଖେମୁଣ୍ଡି ରାଜପରିବାରର ପଦ୍ମନାଭ ନାରାୟଣ ଦେବ । ସେ ୧୮୭୫ ମସିହାରେ 'ଉତ୍କଳ ହିତୈଷିଣୀ ସମାଜ' ନାମକ ଏକ ସଂଗଠନ ପାରଳାଖେମୁଣ୍ଡିରେ ପ୍ରତିଷ୍ଠା କରିଥିଲେ । ଗଞ୍ଜାମକୁ ଓଡ଼ିଶା ସହ ମିଶ୍ରଣ କରାଇବା ଥିଲା ଏହାର ମୂଳ ଲକ୍ଷ୍ୟ । ପରେ ପରେ ୧୯୦୧ ମସିହାରେ ସମ୍ବଲପୁରର ଅଧିବାସୀ ସମ୍ବଲପୁରକୁ ଓଡ଼ିଶାରେ ମିଶାଇବା ପାଇଁ ତତ୍କାଳୀନ ସେଣ୍ଟ୍ରାଲ ପ୍ରୋଭିନସ୍‌ର ମୁଖ୍ୟ କମିଶନରଙ୍କୁ ଏକ ଦାବୀପତ୍ର ଦେଇଥିଲେ । ତା' ପରବର୍ଷ ମଧ୍ୟ ଗଞ୍ଜାମର ଅଧିବାସୀ ଓଡ଼ିଶା ସହ ଏହାକୁ ମିଶାଇବା ପାଇଁ ତତ୍କାଳୀନ ଭାଇସରାୟ ଲର୍ଡ଼ କର୍ଜନଙ୍କୁ ମିଳିତ ନିବେଦନ କରିଥିଲେ । ରମ୍ଭା ରାଜପ୍ରାସାଦରେ ଅନୁଷ୍ଠିତ ଏକ ସଭାରେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ସମେତ ମଧୁସୂଦନ ଦାସ, ରାଧାନାଥ ରାୟ, ଫକୀରମୋହନ ସେନାପତି, ମୟୂରଭଞ୍ଜର ରାଜା ରାମଚନ୍ଦ୍ର ଭଞ୍ଜଦେବ, ପରଶୁରାମ ମହାପାତ୍ର, ଗଦାଧର ବିଦ୍ୟାଭୂଷଣ, ସଦାଶିବ ବିଦ୍ୟାଭୂଷଣ, ବଳରାମ ମହାରଣା ପ୍ରମୁଖ ଯୋଗଦେଇ ଓଡ଼ିଶାର ଏକତ୍ରୀକରଣ ପାଇଁ ସଂକଳ୍ପ ନେଇଥିଲେ । ଲର୍ଡ଼ କର୍ଜନ

ମଧ୍ୟ ଉପରୋକ୍ତ ଆବେଦନର ଗୁରୁତ୍ୱ ଉପଲବ୍ଧି କରି ଓଡ଼ିଆ ଭାଷା କହୁଥିବା ଅଧିବାସୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ପ୍ରସ୍ତାବ ଦେଇଥିଲେ । ମାତ୍ର ମାଦ୍ରାସ ସରକାର ଗଞ୍ଜାମ ମିଶ୍ରଣ ପାଇଁ ଘୋର ବିରୋଧ କରିଥିଲେ । ସେଥିପାଇଁ ବଙ୍ଗ ବିଭାଜନ ସମୟରେ ସମ୍ବଲପୁରର କିୟଦଂଶ ଓଡ଼ିଶାରେ ଅନ୍ତର୍ଭୁକ୍ତ କରାଯାଇ ଥିଲେ ମଧ୍ୟ ଗଞ୍ଜାମ ମାଦ୍ରାସ ପ୍ରେସିଡେନ୍ସିର ଶାସନାଧୀନ ହୋଇ ରହିଥିଲା ।

ଏହା ମଧ୍ୟରେ ମଧୁସୂଦନ ଦାସ ଓ ତାଙ୍କର ସହକର୍ମୀମାନେ ଓଡ଼ିଶାର ଏକତ୍ରୀକରଣ ଲକ୍ଷ୍ୟ ନେଇ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ନାମରେ ଏକ ସଂଗଠନ ଗଠନ କରିଥିଲେ । ପ୍ରତ୍ୟେକ ବର୍ଷ ଏହାର ଅଧିବେଶନ ଆହୂତ କରିବାର ବ୍ୟବସ୍ଥା ରହିଲା । ଉକ୍ତ ଅଧିବେଶନଗୁଡ଼ିକରେ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା ପାଇଁ ଭବିଷ୍ୟତ ପନ୍ଥା ସ୍ଥିର କରାଯାଉଥିଲା । କ୍ରମେ କ୍ରମେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଅଧିକରୁ ଅଧିକ ଜାଗରଣ ସୃଷ୍ଟି ହେଲା । ଫଳରେ ୧୯୧୧ ମସିହା ଜାନୁଆରୀ ମାସରେ ଖଲ୍ଲିକୋଟଠାରେ ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ପାଇଁ ଏକ ଜନଆନ୍ଦୋଳନର ସୂତ୍ରପାତ ହୋଇଥିଲା । ସେହିପରି ୧୯୧୨ ମସିହା ଜାନୁଆରୀ ମାସରେ ବାଲେଶ୍ୱରଠାରେ ମଧ୍ୟ ଜାତୀୟ ସମ୍ମିଳନୀ ଜରିଆରେ ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବୀ ହୋଇଥିଲା । ସେହି ବର୍ଷ ମାର୍ଚ୍ଚ ମାସରେ ବ୍ରହ୍ମପୁର ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ଗଞ୍ଜାମ ମିଶ୍ରଣ ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା, ମାତ୍ର ଇଂରେଜ ସରକାର ଏହାର କୌଣସି ପ୍ରତିକାର କଲେ ନାହିଁ । ଅପର ପକ୍ଷେ ୧୯୧୧ ମସିହାରେ ବଙ୍ଗ ବିଭାଜନକୁ ପ୍ରତ୍ୟାହାର କରିନେବା ସମୟରେ ଓଡ଼ିଶାକୁ ବେଙ୍ଗଲ ପ୍ରେସିଡେନ୍ସିରୁ ନେଇ ବିହାର ସହିତ ସଂଯୁକ୍ତ କରାଇଲେ । ୧୯୧୨ ମସିହା ଅଗଷ୍ଟ ୧ ତାରିଖ ଦିନ 'ବିହାର ଓ ଓଡ଼ିଶା' ନାମରେ ଏକ ନୂତନ ପ୍ରଦେଶ ଗଠନ କରି ଓଡ଼ିଶାକୁ ବିହାର ଶାସନାଧୀନ କରି ରଖାଗଲା । ଉକ୍ତ ପଦକ୍ଷେପ ଇଂରେଜ ସରକାରଙ୍କର ଏକ ବିବେକାନୁମୋଦିତ କାର୍ଯ୍ୟ ନଥିଲା । ତତ୍କାଳୀନ ଭାଇସରାୟ ଲର୍ଡ଼ କର୍ଜନ ନିଜ ପଦବୀରୁ ଅବ୍ୟାହତି ନେବାପରେ ଇଂଲଣ୍ଡସ୍ଥିତ ଲର୍ଡ଼ସ ସଭାରେ ମନ୍ତବ୍ୟ ଦେଇ କହିଥିଲେ, '' ବିହାର ଓ ଓଡ଼ିଶା ମଧ୍ୟରେ କୌଣସି ଭାଷା ବା ଜାତିଗତ ସାମଞ୍ଜସ୍ୟ ନଥାଇ ଏବଂ ଉଭୟ ଅଞ୍ଚଳ ଦୀର୍ଘ ପର୍ବତମାଳା ଓ ନଦୀ ଦ୍ୱାରା ବିଚ୍ଛିନ୍ନ ହୋଇଥିବା ସ୍ଥଳେ ଓଡ଼ିଶାକୁ ବିହାରର ଏକ ଲାଞ୍ଜ ସୃଷ୍ଟି କରାଇବାର କି ଲାଭ ? ଏହା ଏକ ବିରାଟ ଭୁଲ୍ ବୋଲି ମୁଁ ଦମ୍ଭର ସହିତ କହିବି ଏବଂ ଏହା ସ୍ଥାୟୀ ହୋଇ ରହିପାରିବ ନାହିଁ ।'' ଏପରିକି ଭବିଷ୍ୟତରେ ଓଡ଼ିଶା ମିଶ୍ରଣ ଏକ ସମସ୍ୟା ସୃଷ୍ଟି କରିବ ବୋଲି ବିହାର ସରକାର ଉକ୍ତ ମିଶ୍ରଣ ପାଇଁ ଆଗ୍ରହ ପ୍ରକାଶ କରିନଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ତାର ମୁଖ୍ୟ ପୁରୋଧା । ସେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ୧୯୧୪ ମସିହାରେ ପାରଳାଠାରେ ଆୟୋଜନ କରି ଜନସାଧାରଣଙ୍କ ମନରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ମାନସିକ ସ୍ତରରେ ଚେତନା ଓ ଜାଗରଣ ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । ଏହାର କିଛି ବର୍ଷ ପରେ ୧୯୧୭ ମସିହାରେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ କମିଶନ ବସି 'ପ୍ରାଦେଶିକ ସ୍ୱାତନ୍ତ୍ର୍ୟ' ସପକ୍ଷରେ ପ୍ରସ୍ତାବ ଦେବା ଫଳରେ ଓଡ଼ିଶା ଜାଗରଣ ଦ୍ୱିଗୁଣିତ ହୋଇଥିଲା ।

ସେ ଯାହା ହେଉ, ଦିନକୁ ଦିନ ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଶା ବଳବତ୍ତର ହେବାକୁ ଲାଗିଲା । ଇତିମଧ୍ୟରେ ୧୯୨୦ ମସିହାରେ ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଓଡ଼ିଆ ନେତାମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଯାଇଥିଲା । ଓଡ଼ିଶାର ଅନ୍ୟତମ ବରପୁତ୍ର ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କ ସମର୍ଥକ ଉତ୍କଳ ସମ୍ମିଳନୀକୁ ଜାତୀୟ ସ୍ତରରେ ଭାରତୀୟ ଜାତୀୟ କଂଗ୍ରେସରେ ସମ୍ପୂର୍ଣ୍ଣ ରୂପେ ମିଶାଇ ଦେବାକୁ ଚାହିଁଥିଲେ । ଅପରପକ୍ଷରେ ମଧୁସୂଦନ ଦାସ ଓ ତାଙ୍କ ସମର୍ଥକଗଣ ଉତ୍କଳ ସମ୍ମିଳନୀକୁ ପ୍ରାଦେଶିକ ସ୍ତରରେ ସୀମିତ ରଖିବାକୁ ଚାହିଁଥିଲେ । ଉତ୍କଳ ସମ୍ମିଳନୀକୁ ସର୍ବଭାରତୀୟ ସ୍ରୋତରେ ମିଶାଇ ଦେବା ପୂର୍ବରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଉଚିତ ବୋଲି ସେମାନେ ଦୃଢ଼ ମତପ୍ରକାଶ କରିଥିଲେ । ଏହି ମତଭେଦ ହେତୁ ମଧୁସୂଦନ ଦାସ ଚକ୍ରଧରପୁର ସମ୍ମିଳନୀରେ ସଭାପତିତ୍ୱ କରିବା ପାଇଁ ଯାଇନଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୃଷ୍ଟି ହୋଇଥିବା ପ୍ରବଳ ଆଲୋଡ଼ନ ବ୍ରିଟିଶ ସରକାରଙ୍କୁ ଅଜଣା ନଥିଲା । ମାଦ୍ରାସ ପ୍ରେସିଡେନ୍ସିର ଓଡ଼ିଆ ଅଞ୍ଚଳରେ ପ୍ରାଦେଶିକ ସୀମାର ପୁନର୍ନିର୍ଦ୍ଧାରଣ ପାଇଁ ୧୯୨୪ ମସିହାରେ ଓଡ଼ିଆ ଅଞ୍ଚଳର ଲୋକମତ ନେବା ପାଇଁ ସି.ଏଲ୍ ଫିଲିପ ଓ ଏ.ସି. ଡଫଙ୍କୁ ବ୍ରିଟିଶ ସରକାର ନିଯୁକ୍ତ କରିଥିଲେ । କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ଏକ ବିରାଟ ଜନ ସମାବେଶ ଏହି ଫିଲିପ ଡଫ କମିଟିକୁ ଅଭିନନ୍ଦନ ଜଣାଇଥିଲେ । ଏହି କମିଟି ଯଦିଓ ମାଦ୍ରାସର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଆ ଅଞ୍ଚଳ ରୂପେ ସୀମାନିର୍ଦ୍ଧାରଣ କରିବା ଉଚିତ ବୋଲି ମତ ଦେଇଥିଲେ, କିନ୍ତୁ ମାଦ୍ରାସର ତତ୍କାଳୀନ ସରକାର ଏଥିରେ ଅସମ୍ମତି ପ୍ରକାଶ କରିଥିଲେ ।

ଭାରତୀୟ ସଂବିଧାନ ସଂସ୍କାରର ବିଚାର ପାଇଁ ଜନ୍ ସାଇମନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ୧୯୨୮ରେ ଭାରତକୁ ଆସିଥିଲା । ସେତେବେଳେ 'ସାଇମନ୍ ଫେରିଯାଅ' ଯଦିଓ ଭାରତସାରା ଖେଳିଯାଇଥିଲା ତଥାପି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଓଡ଼ିଶାର ଏପରି ସମସ୍ୟା ଓ ଦାବୀ ଉପସ୍ଥାପନ କରି କମିଶନ ପାଖକୁ ଅନେକ ତାରବାର୍ତ୍ତା ଓ ସ୍ମାରକପତ୍ର ପଠାଯାଇଥିଲା, ଯାହା କମିଶନଙ୍କୁ ଏପରି ପ୍ରଭାବିତ କରିଥିଲା ଯେ ଶେଷରେ କମିଶନ ଓଡ଼ିଆମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସୁପାରିଶ କରିଥିଲା ।

ସାଇମନ କମିଶନ ରିପୋର୍ଟ ଉପରେ ଆଲୋଚନା ପାଇଁ ପ୍ରଥମ ଗୋଲ୍‌ଟେବୁଲ ବୈଠକ ଲଣ୍ଡନରେ ୧୯୩୦ ମସିହାରେ ବସିଥିଲା । ଏଥିରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆମାନଙ୍କର ପ୍ରତିନିଧିତ୍ୱ କରିଥିଲେ । ସେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ପ୍ରଚାର ପତ୍ର ବଣ୍ଟନ କରିଥିଲେ ଏବଂ ବୈଠକରେ ଓଡ଼ିଶାର ସମସ୍ୟା ବଳିଷ୍ଠ ଯୁକ୍ତି ସହିତ ଉପସ୍ଥାପିତ କରିଥିଲେ । ତାଙ୍କର ଉଦ୍ୟମ ସଫଳ ହୋଇଥିଲା ଏବଂ ତୃତୀୟ ଗୋଲଟେବୁଲ ବୈଠକ ଶେଷ ହେବା ପୂର୍ବରୁ ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତ ହେଲା ।

ଲଣ୍ଡନରେ ଉପସ୍ଥିତ ରହି ସେତେବେଳେ ରାମଚନ୍ଦ୍ର ଦେବ, ଈଶ୍ୱରୀଚନ୍ଦ୍ର ପାଣିଗ୍ରାହୀ, ଭୁବନାନନ୍ଦ ଦାସ ପ୍ରମୁଖ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟସ ସାର ସାମୁଏଲ ହୋରଙ୍କୁ ତାଙ୍କ ଦାବୀର ସଫଳ ରୂପାୟନ ପାଇଁ ପ୍ରଭାବିତ କରିପାରିଥିଲେ । ଏଥି ସହିତ ସେମାନେ ମଧ୍ୟ ସିଂହଭୂମି, ମେଦିନୀପୁର, ଫୁଲଝର, ବିନ୍ଦ୍ରା-ନୂଆଗଡ଼ ଏବଂ ଜୟପୁର ଆଦି ଅଞ୍ଚଳକୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ଦାବୀ ଉପସ୍ଥାପିତ କରିଥିଲେ ।

୧୯୩୧ ମସିହାରେ ଓଡ଼ନେଲଙ୍କ ଅଧ୍ୟକ୍ଷତାରେ ଏକ ସୀମା ନିର୍ଦ୍ଧାରଣ କମିଟି ଗଠନ କରାଗଲା । ଏଥିରେ କୃଷ୍ଣଚନ୍ଦ୍ର ଗଜପତି ସଦସ୍ୟ ଥିଲେ ଓ ଓଡ଼ିଆମାନଙ୍କର ପ୍ରତିନିଧିତ୍ୱ କରିଥିଲେ । ସେତେବେଳେ ଭାଇସରାୟ ଲର୍ଡ଼ ଉଇଲିଙ୍ଗଟନ ଗଜପତିଙ୍କୁ ନିମନ୍ତ୍ରଣ କରି ତାଙ୍କଠାରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କ ଦାବୀ ଓ ସମସ୍ୟାଗୁଡ଼ିକୁ ଶୁଣିଥିଲେ । କିନ୍ତୁ ସବୁଚେଷ୍ଟା ସତ୍ତ୍ୱେ ଓଡ଼ନେଲ ମାଡ୍ରାସ ସହ ପାରଳାଖେମୁଣ୍ଡିକୁ ମିଶାଇ ଦେଲେ, ଯଦିଓ ଏଥିରେ ଅନ୍ୟ ସଭ୍ୟମାନଙ୍କର ସହମତି ନଥିଲା । ସେହିପରି ଜୟପୁର ମଧ୍ୟ ପ୍ରସ୍ତାବିତ ଓଡ଼ିଶାକୁ ଦିଆଗଲା ନାହିଁ । ତେଣୁ ୧୯୩୨ ମସିହାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଯଦିଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା କରାଗଲା, କିନ୍ତୁ ପାରଳାଖେମୁଣ୍ଡି ଓ ଜୟପୁର ଏଥିରେ ମିଶି ପାରିବ ନାହିଁ ବୋଲି ସ୍ଥିର ହେଲା । ଯାହାଫଳରେ ଓଡ଼ିଆମାନଙ୍କ ମନରେ ବିଷାଦ ଓ ହତାଶାର ଛାୟା ଖେଳିଗଲା । କୃଷ୍ଣଚନ୍ଦ୍ର ଗଜପତିଙ୍କ ସଭାପତିତ୍ୱରେ ଉତ୍କଳସମ୍ମିଳନୀର ୨୩ତମ ଅଧିବେଶନ ବ୍ରହ୍ମପୁର ଠାରେ ବସିଲା । ଏଥିରେ ପାରଳା ଓ ଜୟପୁରକୁ ଓଡ଼ିଶା ସହ ମିଶାଇବା ପାଇଁ ସମସ୍ତ ଚେଷ୍ଟା ଅବ୍ୟାହତ ରହିବ ବୋଲି ପ୍ରସ୍ତାବ ଗ୍ରହଣ କରାଗଲା ।

ଏହା ପରେ ପରେ ୩୦ଜଣ ପାର୍ଲିଆମେଣ୍ଟ ସଦସ୍ୟଙ୍କୁ ନେଇ ଏକ ଜଏଣ୍ଟ କମିଟି ଏଥିପାଇଁ ଗଠିତ ହୋଇଥିଲା । ଏହି କମିଟିକୁ ତଥ୍ୟ ସଂଗ୍ରହ ସକାଶେ ସାହାଯ୍ୟ କରିବା ପାଇଁ ଏକ ସବକମିଟି ମଧ୍ୟ ଗଠନ କରାଗଲା । କମିଟି ଆଗରେ ସାକ୍ଷ୍ୟ ଦେବାପାଇଁ ଓଡ଼ିଶାରୁ ଏକ ପ୍ରତିନିଧି ଦଳ ଲଣ୍ଡନ ଯାତ୍ରା କରିଥିଲେ । ଏମାନେ ୧୯୩୩ ମସିହାରେ ଭାରତ ସଚିବଙ୍କୁ ସାକ୍ଷାତ କରି ଓଡ଼ିଆମାନଙ୍କର ଦାବୀ ଉପସ୍ଥାପନ କରିଥିଲେ । ଏହି ପ୍ରତିନିଧି ଦଳରେ ଯାଇଥିବା କୃଷ୍ଣଚନ୍ଦ୍ର ଗଜପତି ସେତେବେଳେ କ୍ଲେମେଣ୍ଟ ଅଟଲୀ, ମହମ୍ମଦ ଅଲ୍ଲୀ ଜିନ୍ନା, ଜଏଣ୍ଟ କମିଟିର ଅଧ୍ୟକ୍ଷ ଲର୍ଡ଼ ଲିନଲିଥ୍ ଗୋଙ୍କୁ ସାକ୍ଷାତ କରି ଏ ବିଷୟରେ ପ୍ରଭାବିତ କରିଥିଲେ । ଏପରିକି ସେ ଇଂଲଣ୍ଡର ତତ୍କାଳୀନ ରାଜା ପଞ୍ଚମ ଜର୍ଜଙ୍କୁ ସାକ୍ଷାତ କରି ଏ ବିଷୟ ଉତ୍ଥାପନ କରିଥିଲେ । ତାଙ୍କର ଦୃଢ଼ ଚେଷ୍ଟା ଯୋଗୁଁ ଜଏଣ୍ଟ କମିଟି ଶେଷରେ ପାରଳାଖେମୁଣ୍ଡି ଓ ଜୟପୁରକୁ ପ୍ରସ୍ତାବିତ ଓଡ଼ିଶା ରାଜ୍ୟ ସହ ମିଶାଇବାକୁ ସମ୍ମତ ହେଲା । ପରିଶେଷରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ଜନ୍ମ ହେଲା ଓ ଓଡ଼ିଶା ଅଧିବାସୀଙ୍କର ବହୁଦିନର ସ୍ୱପ୍ନ ବାସ୍ତବତାର ରୂପ ନେଇଥିଲା ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଇତିହାସ ବିଭାଗ
ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

" ଉତ୍କଳ ଜନନୀର ତିନିପୁତ୍ର ମଧ୍ୟରୁ ତାହାର ପୀଡ଼ା ସମୟରେ ଦୁଇପୁତ୍ର ମୃତ୍ୟୁଶଯ୍ୟା ପାଖରେ ଉପସ୍ଥିତ । ଅନ୍ୟ ଏକ ପୁତ୍ର (ଗଞ୍ଜାମବାସୀ) ଅନେକ ଦୂରରେ ଥିବାରୁ ଜନନୀ ତାହାକୁ ପାଖରେ ନଦେଖି ବିଶେଷ କଷ୍ଟବୋଧ କରୁଅଛି । ସେହି ଦୂରବର୍ତ୍ତୀ ପୁତ୍ର ମାତୃସେବା କରି ନପାରି ମଧ୍ୟ ବିଶେଷ ଦୁଃଖିତ । ମାତା ପୀଡ଼ିତା ହେଲେ ଦୁଇ ତିନି ବର୍ଷର ଶିଶୁ ମୁଖରେ ତଜ୍ଜନିତ ଦୁଃଖ ପ୍ରତିଭାତ ହୋଇଥାଏ । ବର୍ତ୍ତମାନ ଉତ୍କଳ-ଜନନୀର ସେହି ଅବସ୍ଥା । ଜନନୀ ବିପଦଗ୍ରସ୍ତା, ପାଖରେ ଦୁଇପୁତ୍ର ମିଳିତ, ମାତ୍ର ଏକ ପୁତ୍ର ବହୁ ଦୂରରେ ଅଛି, ଆସି ପାରିନାହିଁ । ମୃତ୍ୟୁଶଯ୍ୟାରେ ଏକ ପୁତ୍ରକୁ ନଦେଖି ଜନନୀ ମନରେ କିପରି ଦୁଃଖ ଜାତ ହୁଏ, ତାହା ସହଜରେ ଅନୁମେୟ । ଉତ୍କଳ-ଜନନୀ ଯେ ସେଥି ନିମନ୍ତେ ବିଶେଷ ଦୁଃଖିତ, ସନ୍ଦେହ ନାହିଁ । ଯେ ପୁତ୍ର ମାତା ପାଖକୁ ଆସି ସେବା, ଶୁଶ୍ରୂଷା କରି ଜୀବନ ଚରିତାର୍ଥ କରିବା ନିମନ୍ତେ ବିଶେଷ ଚେଷ୍ଟା କରୁଅଛି, ତିନିପୁତ୍ର ଏକତ୍ର ନହେଲେ ଶୁଶ୍ରୂଷା ସମ୍ପୂର୍ଣ୍ଣ ହେବନାହିଁ । ଜନନୀ ପାଖରେ ତିନିଜଣଙ୍କର ଯେ ଏକ ସମୟରେ ସମ୍ମିଳନ ହେବ, ଏପରି ଆଶା କରୁଁ ।"

(୧୯୦୬ 'ଉତ୍କଳ ସମ୍ମିଳନୀ'ର ବାଲେଶ୍ୱର ଅଧିବେଶନରେ)
। ମଧୁସୂଦନ ।

# ଓଡ଼ିଶାର ପୁନର୍ଜନ୍ମ

● କେଦାରନାଥ ମହାପାତ୍ର

## ଓଡ଼ିଶା ସାମ୍ରାଜ୍ୟର ବିଭକ୍ତୀକରଣ

୧୫୬୮ ଖ୍ରୀଷ୍ଟାବ୍ଦରେ ଗୋହିରା ଟିକିରି ଯୁଦ୍ଧ କ୍ଷେତ୍ରରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦ ଦେବଙ୍କ ପରାଜୟ ଓ ନିଧନ ପରେ ଆଗଙ୍ଗା-ଗୋଦାବରୀ ବିସ୍ତୃତ ଓଡ଼ିଶା ସାମ୍ରାଜ୍ୟ କ୍ରମଶଃ ଖଣ୍ଡ ବିଖଣ୍ଡିତ ହୋଇଗଲା । ମେଦିନୀପୁର, ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ଉପକୂଳ ଭୂଭାଗ ମୋଗଲ ସେନାପତି ମାନସିଂହଙ୍କ ଦ୍ୱାରା ଅଧିକୃତ ହୋଇ ମୋଗଲବନ୍ଦୀ ନାମ ଧାରଣ କଲା । ଗୋଦାବରୀଠାରୁ ଚିଲିକା ପର୍ଯ୍ୟନ୍ତ ବିସ୍ତୃତ ଦକ୍ଷିଣ ଓଡ଼ିଶାରେ ଗୋଲକୁଣ୍ଡା ସୁଲତାନଙ୍କ ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ଏହି ଦୁର୍ଦ୍ଦିନରେ ସେନାପତି ରାମଚନ୍ଦ୍ର ଦେବ କଟକ ଅଧିକାର କରିବା ପାଇଁ ଚେଷ୍ଟା ନକରି ଖୋର୍ଦ୍ଧାଠାରେ ନିଜର ରାଜଧାନୀ ପ୍ରତିଷ୍ଠା ପୂର୍ବକ ଆଧୁନିକ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ ସବ୍‌ଡିଭିଜନକୁ ନେଇ ଗୋଟିଏ କ୍ଷୁଦ୍ର ଶକ୍ତିଶାଳୀ ହିନ୍ଦୁରାଜ୍ୟ ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ପଶ୍ଚିମ ଭାଗରେ ଥିବା ବନପର୍ବତ ସଙ୍କୁଳ ବିଶାଳ ଭୂଖଣ୍ଡ କ୍ଷୁଦ୍ର କ୍ଷୁଦ୍ର ଗଡ଼ଜାତରେ ବିଭକ୍ତ ହୋଇ ରହିଲା ।

୧୭୫୭ ଖ୍ରୀଷ୍ଟାବ୍ଦରେ ବଙ୍ଗଳାରେ ବ୍ରିଟିଶ ଶକ୍ତିର ଅଭ୍ୟୁତ୍ଥାନ ପରେ ଓଡ଼ିଆଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଗଲା । କୂଟନୀତିଜ୍ଞ ଲର୍ଡ କ୍ଲାଇବ ଦିଲ୍ଲୀର ନାମମାତ୍ର ମୋଗଲ ସମ୍ରାଟ ଶାହାଆଲମଙ୍କ ସହିତ ୧୭୬୫ ଖ୍ରୀଷ୍ଟାବ୍ଦରେ ସନ୍ଧି ସ୍ଥାପନ କରି ଉତ୍ତରରେ ବଙ୍ଗ, ବିହାର ଓ ଓଡ଼ିଶା (ମେଦିନୀପୁର ଓ ବାଙ୍କୁଡ଼ା) ଏବଂ ଦକ୍ଷିଣରେ ଉତ୍ତର ସରକାର ଅର୍ଥାତ ଗୋଦାବରୀ ଓ ଚିଲିକା ମଧ୍ୟବର୍ତ୍ତୀ ଅଞ୍ଚଳ ଦଖଲ କଲେ । ତଥାକଥିତ ଓଡ଼ିଶା ବଙ୍ଗଳା ପ୍ରଦେଶ ଓ ଉତ୍ତର ସରକାରକୁ ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ କରାଯାଇଥିଲା । ଚିଲିକା ଓ ସୁବର୍ଣ୍ଣରେଖାର ମଧ୍ୟବର୍ତ୍ତୀ ଅଞ୍ଚଳ ଓ ଓଡ଼ିଶାର ଦେଶୀୟ ରାଜ୍ୟ ସମୂହ ନାଗପୁର ଭୋନ୍‌ସଲାଙ୍କ ଶାସନାଧୀନ ହେଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନେ ମରହଟ୍ଟା ପ୍ରଦେଶ ଅଧିକାର କରିବା ପରେ କେବଳ ପୁରୀ, କଟକ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହିତ ସନ୍ଧି କରିଥିଲେ । ଏହା ଫଳରେ ଓଡ଼ିଶାର ବିଭକ୍ତୀକରଣ ପୂର୍ଣ୍ଣତା ଲାଭ କରିଥିଲା । ପରବର୍ତ୍ତୀ କାଳରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟଗୁଡ଼ିକ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ । ଗାଙ୍ଗପୁର ଓ ବଣେଇ ଦେଶୀୟ ରାଜ୍ୟଦ୍ୱୟ ରାଞ୍ଚିଠାରୁ ଶାସିତ South-West Frontier Agency ରେ ରହିଲା ।

## ଓଡ଼ିଆ ଭାଷାର ଅଧୋଗତି

ଉପର୍ଯ୍ୟୁକ୍ତ ବିଭକ୍ତୀକରଣ ଫଳରେ ଓଡ଼ିଆମାନେ ସୁଦୂର କଲିକତା, ମାନ୍ଦ୍ରାଜ ଓ ନାଗପୁରଠାରେ ଶାସିତ ବୃହତ ପ୍ରଦେଶଗୁଡ଼ିକରେ ଅତ୍ୟନ୍ତ ସଂଖ୍ୟାନ୍ୟୂନ ହୋଇଗଲେ । ପ୍ରାଦେଶିକ ସରକାରଗୁଡ଼ିକ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ବା ସେମାନଙ୍କର ବିକାଶ ସାଧନ ପ୍ରତି ଦୃଷ୍ଟି ନଦେଇ ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଅତ୍ୟନ୍ତ ସମୃଦ୍ଧ ଥିବା ଓଡ଼ିଆ ଭାଷାକୁ ସରକାରୀ କଚେରୀ, ଅଫିସ ଓ ସ୍କୁଲମାନଙ୍କରୁ ଉଚ୍ଛେଦ କରିଥିଲେ । ମଧ୍ୟ ପ୍ରଦେଶ, ମାନ୍ଦ୍ରାଜ ଓ ବଙ୍ଗଳାର ସଂଶ୍ଳିଷ୍ଟ ଓଡ଼ିଆ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷା ପ୍ରଚଳିତ ହେଲା । ପ୍ରଥମେ ମେଦିନୀପୁର ଓ ବାଙ୍କୁଡ଼ା ଅଞ୍ଚଳରୁ ପ୍ରାୟ କୋଡ଼ିଏ (୧୮୫୦-୧୮୭୦ ଖ୍ରୀଷ୍ଟାବ୍ଦ) ବର୍ଷ ମଧ୍ୟରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ବିଲୋପ କରାଗଲା । ଏଥିରେ କୃତକାର୍ଯ୍ୟ ହେବାରୁ ପ୍ରସିଦ୍ଧ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ପୁରୀ, କଟକ, ବାଲେଶ୍ୱର ଜିଲ୍ଲାରେ ବଙ୍ଗଳା ଭାଷା ପ୍ରବର୍ତ୍ତନ କରିବା ନିମନ୍ତେ ଆନ୍ଦୋଳନ ଆରମ୍ଭ କରିଥିଲେ । ବିଶେଷ ସମୃଦ୍ଧ ପୁରାତନ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଏକ ଉପଭାଷା ବୋଲି ଯୁକ୍ତି କରାଯାଇଥିଲା । ଏ ସମ୍ପର୍କରେ ୧୮୭୦ ଖ୍ରୀଷ୍ଟାବ୍ଦ ମଇ ମାସ ୪ ତାରିଖ କଲିକତାସ୍ଥିତ ଏସିଆଟିକ୍ ସୋସାଇଟିର ଏକ ଆଲୋଚନା ସଭାରେ ତୁମୁଳ ବାଦାନୁବାଦ ଘଟିଥିଲା । ବାଲେଶ୍ୱରର ତତ୍କାଳୀନ କଲେକ୍ଟର ବହୁଭାଷା ପ୍ରବୀଣ ଜନ୍ ବୀମସ୍ ଆଇ.ସି. ଏସ୍. ନିଜର ଅକାଟ୍ୟ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତିଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନତ୍ୱ ଓ ଉତ୍କର୍ଷ୍ୟ ପ୍ରତିପାଦନ କରିଥିଲେ । ବଙ୍ଗ ସରକାର ତାଙ୍କର ମତ ଗ୍ରହଣ କରି ଓଡ଼ିଶା ଡିଭିଜନର ଶାସନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ କରାଇଥିଲେ । ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ସାହାଯ୍ୟ ଓ ସହାନୁଭୂତି ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟରେ ନବଯୁଗ ଆରମ୍ଭ ହୋଇଥିଲା ।

## ଓଡ଼ିଆ ଭାଷାର ପୁନରୁତ୍ଥାନ

ଓଡ଼ିଆ ଭାଷାର ଆସନ୍ନ ବିଲୋପ ବିରୁଦ୍ଧରେ ଯେଉଁ ପ୍ରାତଃସ୍ମରଣୀୟ ପଣ୍ଡିତ, କବି ଓ ମନୀଷୀମାନେ ନିଜର ରଚନାବଳୀ ଦ୍ୱାରା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ, ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ସୁନାମଧନ୍ୟ ବ୍ୟକ୍ତିମାନଙ୍କର ନାମ ଉଲ୍ଲେଖଯୋଗ୍ୟ । ଉପନ୍ୟାସ ଓ ଗଳ୍ପ ସ୍ରଷ୍ଟା ବ୍ୟାସକବି ଫକୀର ମୋହନ ସେନାପତି, ଆଧୁନିକ କାବ୍ୟ ପ୍ରଣେତା କବିବର ରାଧାନାଥ ରାୟ, ନୂତନ ଶୈଳୀର କବିତା ରଚୟିତା ଭକ୍ତକବି ମଧୁସୂଦନ ରାଓ, 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କର ରାୟ, ନାଟ୍ୟକାର ରାମଶଙ୍କର ରାୟ, ଶତ ଶତ ଗ୍ରନ୍ଥ ପ୍ରଣେତା ଓ ପ୍ରକାଶକ ପଣ୍ଡିତ କପିଳେଶ୍ୱର ନନ୍ଦ, 'ସମ୍ବାଦ ବାହିକା' ବିଦ୍ୟାଭୂଷଣ ଓ ବିପ୍ଳବୀ ପଣ୍ଡିତ ଗୋବିନ୍ଦ ରଥ,

ପତ୍ରିକାର ସୁଯୋଗ୍ୟ ସଂପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ପ୍ରଥମ ଓଡ଼ିଶା ଇତିହାସ ପ୍ରଣେତା ପ୍ୟାରୀମୋହନ ଆଚାର୍ଯ୍ୟ, ବାଗ୍ମୀବର ବିଶ୍ୱନାଥ କର, ପଣ୍ଡିତ ଚନ୍ଦ୍ରମୋହନ ମହାରଣା, ଓଡ଼ିଆରେ ମହାଭାରତ ଅନୁବାଦକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଓଡ଼ିଶାରେ ନୂତନ ଶିକ୍ଷା ପ୍ରବର୍ତ୍ତକ ଦ୍ୱାରିକାନାଥ ଚକ୍ରବର୍ତ୍ତୀ, କବିଶେଖର ଚିନ୍ତାମଣି ମହାନ୍ତି, ପ୍ରସିଦ୍ଧ ଗଳ୍ପ ଲେଖକ ଗୋପାଳଚନ୍ଦ୍ର ପ୍ରହରାଜ, ପୁରୀର ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ, ଓଡ଼ିଆ ଆନ୍ଦୋଳନର କର୍ଣ୍ଣଧାର ରାଜା ବୈକୁଣ୍ଠ ନାଥ ଦେ, ଦାମୋଦର ପଟ୍ଟନାୟକ, ଗଙ୍ଗାଧର କାମପାଳ ମିଶ୍ର ଓ ଭିକାରୀ ଚରଣ ପଟ୍ଟନାୟକ, କବି କୃଷ୍ଣମୋହନ ପଟ୍ଟନାୟକ ପ୍ରଭୃତିଙ୍କ ଅବଦାନ ଚିରସ୍ମରଣୀୟ ।

ଓଡ଼ିଶା ଡିଭିଜନର ଜନ୍ ବୀମ୍ସ ଓ କମିଶନର ରେଭେନ୍ସାଙ୍କ ପରି ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଟି.ଜେ. ମଲ୍‌ବି (T.J. Maltby) ନାମକ ଜଣେ ଭାଷାତତ୍ତ୍ୱବିତ୍ ବ୍ରିଟିଶ କର୍ମଚାରୀ ୧୮୭୩ ଖ୍ରୀଷ୍ଟାବ୍ଦରେ "A practical Hand Book of the Oriya Language" ନାମକ ଗ୍ରନ୍ଥ ରଚନା କରି ସେଥିରେ ଓଡ଼ିଆ ଭାଷାର ମହତ୍ତ୍ୱ ଓ ପ୍ରାଚୀନତ୍ୱ ପ୍ରତିପାଦନ କରିଥିଲେ । ସେ ମାନ୍ଦ୍ରାଜ, ବଙ୍ଗଳା, ମଧ୍ୟପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କରେ ବାସ କରୁଥିବା ନବେଲକ୍ଷ ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପିତ କରିଥିଲେ । ଦକ୍ଷିଣ ଓଡ଼ିଶାରେ ନିମ୍ନଲିଖିତ କବି, ପଣ୍ଡିତ ଓ ଜମିଦାରମାନେ ଓଡ଼ିଆ ଭାଷାର ସୁରକ୍ଷା ଓ ସାହିତ୍ୟର ଉନ୍ନତି ପାଇଁ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ସଂସ୍କାରକ ଶ୍ରୀବତ୍ସ ପଣ୍ଡା, ସମ୍ବାଦପତ୍ର ସଂପାଦକ ନୀଳମଣି ବିଦ୍ୟାରତ୍ନ, ଖଲ୍ଲିକୋଟ କଲେଜ ପ୍ରତିଷ୍ଠାତା ରାଜା ହରିହର ମର୍ଦ୍ଦରାଜ, ପାରଳାଖେମୁଣ୍ଡିର ରାଜା ପଦ୍ମନାଭ ନାରାୟଣ ଦେବ, ଗଞ୍ଜାମର ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ଓ ସୁଲେଖକ ଶ୍ୟାମସୁନ୍ଦର ରାଜଗୁରୁ, ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ର ଦେବ, ଜୟପୁରର ମହାରାଜା ଡକ୍ଟର ବିକ୍ରମ ଦେବ ବର୍ମା, ଜୟପୁରର ବିପ୍ଳବୀ ନେତା ହରିହର ମିଶ୍ର, ମହୋପାଧ୍ୟାୟ ରାମନାଥ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖ୍ୟଯୋଗ୍ୟ । ଏମାନଙ୍କ ଆନ୍ଦୋଳନ ଫଳରେ ଦୀର୍ଘ ତିନି ଶତାବ୍ଦୀ ବ୍ୟାପୀ ରାଜନୈତିକ ଭାବରେ ଓଡ଼ିଶାରୁ ବିଚ୍ଛିନ୍ନ ଦକ୍ଷିଣ ଓଡ଼ିଶାର ଓଡ଼ିଆମାନେ ପୁନର୍ବାର ଏକତ୍ର ଅବସ୍ଥାନ ପାଇଁ ଉଦ୍‌ବୁଦ୍ଧ ହୋଇଥିଲେ ।

ଓଡ଼ିଶା ଡିଭିଜନରେ ଓଡ଼ିଆ ଭାଷାର ସୁରକ୍ଷା ଓ ଅଭିବୃଦ୍ଧିରେ ଅନୁପ୍ରାଣିତ ହୋଇ ସମ୍ବଲପୁର ଅଞ୍ଚଳର ନିମ୍ନଲିଖିତ ଓଡ଼ିଆ କବି, ପଣ୍ଡିତ ଓ ରାଜପୁରୁଷବର୍ଗ ସରକାରୀ କଚେରୀ, ସ୍କୁଲ ପ୍ରଭୃତିରୁ ହିନ୍ଦୀ ଭାଷା ଉଠାଇ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ପାଇଁ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ଏ କ୍ଷେତ୍ରରେ ବାମଣ୍ଡାର ରାଜା ସାର ବାସୁଦେବ ସୁଢ଼ଳ ଦେବ ଓ ତାଙ୍କର ସୁଯୋଗ୍ୟ ପୁତ୍ର ସଦାନନ୍ଦ ତ୍ରିଭୁବନ ଦେବ, ରାଜବଂଶୀୟ କଳନ୍ଧର ଦେବ ଓ ବଡ଼ କୁମାର ସଚ୍ଚିଦାନନ୍ଦ ଦେବଙ୍କ ଅବଦାନ ଚିର ସ୍ମରଣୀୟ । ଏମାନେ ପ୍ରତ୍ୟେକ ସ୍ୱ ସ୍ୱ ଉଚ୍ଚକୋଟୀର ରଚନାବଳୀ ଦ୍ୱାରା ଓଡ଼ିଆ ସାହିତ୍ୟର ପ୍ରଭୂତ ଉନ୍ନତି ସାଧନ କରିଥିଲେ । ଏମାନଙ୍କ ବ୍ୟତୀତ କବି ଗଙ୍ଗାଧର ମେହେର, ବିଶ୍ୱେଶ୍ୱର ଦାସ, କବିଭୂଷଣ, ବୈକୁଣ୍ଠନାଥ ପୂଜାରୀ, ବ୍ରଜମୋହନ ପଣ୍ଡା, ଓ ସୋନପୁରର ମହାରାଜା ସାର ବୀରମିତ୍ରୋଦୟ ସିଂହଦେଓଙ୍କ ଉଦ୍ୟମ ଓ ରଚନାବଳୀ ସର୍ବଥା ପ୍ରଶଂସନୀୟ ।

## ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ସମିଶ୍ରଣ

ମେଜର ଚେସ୍‌ନି (Major Chesny) ନାମକ ଜଣେ ଉଚ୍ଚ ପଦସ୍ଥ ବ୍ରିଟିଶ କର୍ମଚାରୀ ୧୮୬୮ ମସିହାରେ Indian Polity ନାମକ ଏକ ଉଚ୍ଚକୋଟୀର ଶାସନ ସମ୍ପର୍କୀୟ ଗ୍ରନ୍ଥ ରଚନା କରି ସେଥିରେ ବିଭିନ୍ନ ପ୍ରଦେଶର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକ ଶାସନାଧୀନ କରିବା ପାଇଁ ଅତି ବଳବତ୍ତର ଓ ଅକାଟ୍ୟ ଯୁକ୍ତିମାନ ଉପସ୍ଥାପନ କରିଥିଲେ । ଉକ୍ତ ବର୍ଷ ସାର ଷ୍ଟାଫୋର୍ଡ ନର୍ଥକୋଟ ଓଡ଼ିଆ ଓ ଅସମୀୟମାନଙ୍କ ସର୍ବବିଧ ଉନ୍ନତି ପାଇଁ ସ୍ୱତନ୍ତ୍ର ଓଡ଼ିଶା ଓ ଆସାମ ପ୍ରଦେଶ ସୃଷ୍ଟି ସପକ୍ଷରେ ବ୍ରିଟିଶ୍ ସରକାରଙ୍କୁ ସୁପାରିଶ କରିଥିଲେ । ଏହା ଫଳରେ ୧୮୭୪ ଖ୍ରୀଷ୍ଟାବ୍ଦରେ ଆସାମ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । କିନ୍ତୁ ଓଡ଼ିଶା ଦୁର୍ଭାଗ୍ୟବଶତଃ ସେ ସମୟରେ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହୋଇପାରିଲା ନାହିଁ । ଓଡ଼ିଆ ଜାତିର ଏହି ଘୋର ସଙ୍କଟ ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଦେଶ ମିଶ୍ରଣ ଆନ୍ଦୋଳନ ଆରମ୍ଭ କଲେ । ଏ ଦିଗରେ ଦକ୍ଷିଣ ଓଡ଼ିଶାର ଓଡ଼ିଆ ନେତୃବର୍ଗ ବିଶେଷ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ କରିଥିଲେ । ଉତ୍କଳଗୌରବ ମଧୁସୂଦନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଉତ୍କଳ ସମ୍ମିଳନୀ ଗଠିତ ହୋଇ ୧୯୦୩ ଖ୍ରୀଷ୍ଟାବ୍ଦରେ କଟକରେ ଏହାର ପ୍ରଥମ ଅଧିବେଶନ ବିପୁଳ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦେଶପ୍ରାଣ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଏହି ପ୍ରଥମ ଅଧିବେଶନର ସଭାପତି ରୂପେ ସମଗ୍ର ଜାତିକୁ ଉଦ୍‌ବୁଦ୍ଧ କରିଥିଲେ ।

ଓଡ଼ିଶାର ସୌଭାଗ୍ୟକୁ ଭାରତର ତଦାନୀନ୍ତନ ବଡ଼ଲାଟ ଲର୍ଡ଼ କର୍ଜନ (୧୮୯୯-୧୯୦୫ ଖ୍ରୀଷ୍ଟାବ୍ଦ) ୧୯୦୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୬ ତାରିଖ ଦିନ ପୁରୀ, ଭୁବନେଶ୍ୱର, କଟକ ପରିଦର୍ଶନ କରିଥିଲେ । ଭୁବନେଶ୍ୱରର ପ୍ରାଚୀନ କୀର୍ତ୍ତିଗୁଡ଼ିକର ଅତୁଳନୀୟ ଭାସ୍କର୍ଯ୍ୟ ଓ ସେଗୁଡ଼ିକର ଦୁର୍ଦ୍ଦଶା ଦେଖି ସେ ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଥିଲେ । ପ୍ରଶାସନିକ ବିଚ୍ଛେଦ ଫଳରେ ଓଡ଼ିଶାର ଏପରି ଦୁର୍ଗତି ହୋଇଥିବାରୁ ସେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ମିଶ୍ରଣ ଦାବିକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ । ଏହା ଫଳରେ ୧୯୦୫ ମସିହାରେ ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲ୍ଲା, କଳାହାଣ୍ଡି, ପାଟଣା, ସୋନପୁର ଓ ବାମଣ୍ଡା ଦେଶୀୟ ରାଜ୍ୟ ଏବଂ SWFAରେ ଥିବା ଗାଙ୍ଗପୁର ଓ ବଣାଇ ରାଜ୍ୟଦ୍ୱୟ ଓଡ଼ିଶା ଡିଭିଜନ ସହିତ ସଂଯୁକ୍ତ କରାଗଲା । ଏହା ଫଳରେ ଦୀର୍ଘ ତିନିଶହ ସତଚାଳିଶ ବର୍ଷର ବିଚ୍ଛେଦ ପରେ ସମ୍ବଲପୁର ଅଞ୍ଚଳର ଓଡ଼ିଆମାନେ ଉପକୂଳବର୍ତ୍ତୀ ଓଡ଼ିଆମାନଙ୍କ ସହିତ ଏକତ୍ର ହେବାର ସୁଯୋଗ ଲାଭ କଲେ । ଲର୍ଡ଼ କର୍ଜନଙ୍କ ଗଞ୍ଜାମ ଓ ଜୟପୁର ଅଞ୍ଚଳର ମିଶ୍ରଣ ପ୍ରସ୍ତାବ ମାନ୍ଦ୍ରାଜ ସରକାରଙ୍କ ପ୍ରବଳ ପ୍ରତିରୋଧ ଯୋଗୁଁ କାର୍ଯ୍ୟକାରୀ କରିବାରେ ବିଳମ୍ବ ଘଟିଲା । ସେହିବର୍ଷ ଲର୍ଡ଼ କର୍ଜନ କାର୍ଯ୍ୟରୁ ଇସ୍ତଫା ଦେଇ ଚାଲି ଯିବାରୁ ଦକ୍ଷିଣ ଓଡ଼ିଶାର ଓଡ଼ିଆମାନଙ୍କୁ ଆହୁରି ତିରିଶ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

ଏଥିରେ ପ୍ରତିହତ ନହୋଇ ଗଞ୍ଜାମର ନେତାଗଣ ଅଧିକ ପ୍ରବଳ ଭାବରେ ଦେଶ ମିଶ୍ରଣ ଆନ୍ଦୋଳନ ଚଳାଇଥିଲେ । ତାହା କ୍ରମଶଃ ବନାଗ୍ନି ପରି ସମଗ୍ର ଓଡ଼ିଶାରେ ବ୍ୟାପି ଯାଇଥିଲା । ଉତ୍କଳର ବରେଣ୍ୟ ନେତା ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପ୍ରଚାରକ ଅନନ୍ତ ମିଶ୍ର ଗ୍ରାମେ ଗ୍ରାମେ ସମ୍ମିଳନୀର ବାର୍ତ୍ତା ପ୍ରଚାର କରିଥିଲେ । ଗଞ୍ଜାମର ନେତାମାନଙ୍କ ମଧ୍ୟରେ ଶ୍ରୀବତ୍ସ ପଣ୍ଡା, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା, ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ, ପୁରୁଷ ସିଂହ ଶଶିଭୂଷଣ ରଥ, ସଂଗଠକ ନିରଞ୍ଜନ ପଟ୍ଟନାୟକ, ବିପ୍ଳବୀ ଦିବାକର ପଟ୍ଟନାୟକ, ପଣ୍ଡିତ ବାଉକୋଳି ଜ୍ୟୋତିଷ ବିଶାରଦ, ପଣ୍ଡିତ ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ପଣ୍ଡିତ ମୁରଲୀ କିଶୋର ପାଣିଗ୍ରାହୀ, ଶରତଚନ୍ଦ୍ର ମହାପାତ୍ର, ମଦନମୋହନ ରଥ, ପ୍ରସିଦ୍ଧ ଆଇନଜ୍ଞ ଲିଙ୍ଗରାଜ ପାଣିଗ୍ରାହୀ, କୃପାସିନ୍ଧୁ ନରେନ୍ଦ୍ର ଦେବ, ଶ୍ରୀ ସଦାଶିବ ତ୍ରିପାଠୀ, ଶ୍ରୀ ରାଧାକୃଷ୍ଣ ବିଶ୍ୱାସ ରାୟ, କୁମାର ବିଦ୍ୟାଧର ସିଂହ ଦେଓ, ଡକ୍ଟର ରାଧାଚରଣ ପଣ୍ଡା, ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଆନ୍ଧ୍ରମାନଙ୍କର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ୧୯୨୪ ମସିହାରେ ବ୍ରିଟିଶ୍ ସରକାର ଦକ୍ଷିଣରେ ଓଡ଼ିଆଭାଷୀ ଅଞ୍ଚଳର ସୀମା ନିର୍ଦ୍ଧାରଣ ନିମିତ୍ତ ଫିଲିପ୍ ଡଫ୍ କମିଶନ ନିଯୁକ୍ତ କରିଥିଲେ ।

## ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ

୧୯୨୪ ମସିହା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ପ୍ରବଳ ଆକାର ଧାରଣ କରିଥିଲା । ଏହି ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ସ୍ୱର୍ଗତ ଶଶିଭୂଷଣ ରଥ ବ୍ରହ୍ମପୁର ସହରରେ 'ନିଉ ଓଡ଼ିଶା' ଓ 'ଦୈନିକ ଆଶା' ନାମରେ ଦୁଇଟି ଦୈନିକ ପତ୍ରିକା ପ୍ରକାଶ କରିଥିଲେ । ଦେଶ ମିଶ୍ରଣ ଆନ୍ଦୋଳନରେ ଅଗ୍ରଣୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ଭୁବନାନନ୍ଦ ଦାସ, ବାରିଷ୍ଟର ବିଶ୍ୱନାଥ ମିଶ୍ର, 'ମୁକୁର' ସମ୍ପାଦକ ବ୍ରଜ ସୁନ୍ଦର ଦାସ, ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ, କବି ବାଞ୍ଛାନିଧି ମହାନ୍ତି, ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ ପ୍ରଭୃତି ମନପ୍ରାଣ ଦେଇ ସାହାଯ୍ୟ କରିଥିଲେ ।

କଂଗ୍ରେସ ନେତାମାନଙ୍କ ଅସହଯୋଗ ସତ୍ତ୍ୱେ ଓଡ଼ିଶାର ଅନ୍ୟାନ୍ୟ ନେତୃବର୍ଗ ଉତ୍କଳ ଗୌରବଙ୍କ ସହିତ ସାଇମନ୍ କମିଶନଙ୍କ ଆଟଲି ସବ୍ କମିଟି ସପକ୍ଷରେ ୧୯୨୭ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ଉକ୍ତ ସବ କମିଟି 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନ ପାଇଁ ସୁପାରିଶ କରିଥିଲେ । ବିହାର-ଓଡ଼ିଶା ବିଧାନସଭା ଦ୍ୱାରା ମନୋନୀତ ହୋଇ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧୯୩୦ ମସିହାରେ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଗୋଲଟେବୁଲ ବୈଠକରେ ଯୋଗଦେଇ ସେଠାରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦୃଢ଼ ଯୁକ୍ତି ବାଢ଼ି ଥିଲେ । ଏହା ପରେ ୧୯୩୧ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସୀମା ନିର୍ଦ୍ଧାରଣ ପାଇଁ ଓଡ଼ନେଲ କମିଟି ଗଠିତ ହୋଇଥିଲା । ୧୯୩୨ ମସିହାରେ ଏହି କମିଟିର ପ୍ରକାଶିତ ବିବରଣୀରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀକୁ ବାଦ ଦେଇ ଗଞ୍ଜାମର ଅବଶିଷ୍ଟାଂଶ ଓଡ଼ିଶା ସହିତ ମିଶ୍ରଣ ପାଇଁ ସୁପାରିଶ କରାଯାଇଥିଲା । କମିଟିର ଏହି ଅନ୍ୟାୟ ନିର୍ଦ୍ଧାରଣ ବିରୁଦ୍ଧରେ ଓଡ଼ିଶାର ନେତୃବର୍ଗ ପ୍ରବଳ ପ୍ରତିବାଦ ଜଣାଇଥିଲେ । ପାରଳାଖେମୁଣ୍ଡି ମହାରାଜା ହତୋତ୍ସାହ ନହୋଇ ଭାରତର ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କୁ ଓଡ଼ିଶାର ଦାବିର ଯଥାର୍ଥତା ବୁଝାଇ ପାରିଥିଲେ । ତାଙ୍କ ସାହାଯ୍ୟରେ ସେ ପୁନର୍ବାର ୧୯୩୩ ମସିହାରେ ଲଣ୍ଡନର ଗୋଲ୍‌ଟେବୁଲ ବୈଠକରେ ଯୋଗଦାନ କରି ସମଗ୍ର ଅବିଭାଜ୍ୟ ଜୟପୁର ଜମିଦାରୀ ଓ ପାରଳାଖେମୁଣ୍ଡି ସହରରେ ଥିବା ପୂର୍ବ ପାରଳାଖେମୁଣ୍ଡି ଜମିଦାରୀର ଏକ ତୃତୀୟାଂଶ ନୂତନ ଓଡ଼ିଶା ପ୍ରଦେଶରେ ମିଶ୍ରଣ କରାଇବା ନିମିତ୍ତ ମଞ୍ଜୁରୀ କରାଇଥିଲେ । ନିଜ ଜମିଦାରୀର ବିଭାଜନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଗଜପତି କୃଷ୍ଣଚନ୍ଦ୍ର ଯେଉଁ ମହତ ଆଦର୍ଶ ଦେଖାଇଥିଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଗଜପତିଙ୍କର ଅସାଧାରଣ ସଂଗଠନ ଶକ୍ତି, ପ୍ରବଳ ବୁଦ୍ଧିମତା ଓ ଲୋକପ୍ରିୟତା ଏବଂ ଅକାତର ଧନବ୍ୟୟ ଯୋଗୁଁ ୧୯୩୫ ମସିହା ଭାରତ ଶାସନ ଆଇନ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିବାରୁ ସେ ଓଡ଼ିଆ ଜାତିର ଚିରସ୍ମରଣୀୟ ହୋଇ ରହିବେ ।

## ଦେଶୀୟ ରାଜ୍ୟ ମିଶ୍ରଣ

୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ଉପକୂଳବର୍ତ୍ତୀ ଅଞ୍ଚଳ ଓ ସମ୍ବଲପୁର ମଧ୍ୟରେ ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକର ଅବସ୍ଥିତି ହେତୁ ରାସ୍ତା ନିର୍ମାଣ, କେନାଲ ଖନନ, ବିଦ୍ୟୁତ ଆଲୋକ ପ୍ରସାର, ଶିକ୍ଷାର ଅଭିବୃଦ୍ଧି, ଜଙ୍ଗଲ ସମ୍ପଦର ବିକାଶ ପ୍ରଭୃତିରେ ନାନା ପ୍ରକାର ବାଧାବିଘ୍ନ ଘଟିବାରୁ ଏହି କ୍ଷୁଦ୍ର କ୍ଷୁଦ୍ର ଦେଶୀୟ ରାଜ୍ୟଗୁଡ଼ିକୁ ଓଡ଼ିଶା ପ୍ରଦେଶ ସହିତ ମିଶାଇ ଦେବା ପାଇଁ ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀ ରାଧାନାଥ ରଥ, ଶ୍ରୀ ସାରଙ୍ଗଧର ଦାସ, ଶ୍ରୀ ପବିତ୍ର ମୋହନ ପ୍ରଧାନ, ଶ୍ରୀ କପିଳେଶ୍ୱର ପ୍ରସାଦ ନନ୍ଦ ପ୍ରଭୃତି ନେତୃବର୍ଗ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ଦେଶ ଭାରତ ସ୍ୱାଧୀନତା ଲାଭ କରିବାର ଠିକ୍ ଚାରିମାସ ପରେ ୧୯୪୭ ମସିହା ଡିସେମ୍ବର ୧୫ ତାରିଖରେ ଦୂରଦର୍ଶୀ ରାଜନୀତିଜ୍ଞ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓଡ଼ିଶାର ଦେଶୀୟ ରାଜ୍ୟ ସମୂହର ଶାସକବର୍ଗଙ୍କୁ ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିରେ ଆବଦ୍ଧ କରିଥିଲେ । ଏହାଫଳରେ ବହୁକାଳର ପ୍ରଶାସନିକ ବାଧା ଦୂରୀଭୂତ ହେଲା । କିନ୍ତୁ ଓଡ଼ିଶାର ନେତୃବୃନ୍ଦଙ୍କ ମତଦ୍ୱୈଧ ଫଳରେ ୧୯୪୯ ମସିହାରେ ଖର୍ସୁଆଁ ଓ ଖରସୁଆଁ ନାମକ ଦୁଇଟି ଓଡ଼ିଆ ରାଜ୍ୟ ବିହାରରେ ଅନ୍ତର୍ଭୁକ୍ତ ହେବାରୁ ଓଡ଼ିଶାର ଅଙ୍ଗହାନୀ ଘଟିଥିଲା ।

ପ୍ରାୟ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନ କ୍ରମଶଃ ମିଶ୍ରଣ ଘଟି ୧୯୪୯ ମସିହାରେ ସାମ୍ପ୍ରତିକ ଓଡ଼ିଶା ପ୍ରଦେଶର ଉଦ୍ଭବ ଘଟିଥିଲା ।

(କ) ୧୯୦୫ ମସିହାରେ ସମ୍ବଲପୁର ଜିଲ୍ଲା ଓଡ଼ିଶା ଡିଭିଜନ ସହିତ ମିଶ୍ରଣ (ଖ) ୧୯୩୫ ମସିହାରେ ଦକ୍ଷିଣର ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ମିଶ୍ରଣ (ଗ) ୧.୧.୧୯୪୮ ଠାରୁ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ ଫଳରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ-ଫୁଲବାଣୀ, ଢେଙ୍କାନାଳ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସୃଷ୍ଟି ହେବା ଯୋଗୁଁ ଓଡ଼ିଶା ପ୍ରଦେଶ ୧୩ ଜିଲ୍ଲା ବିଶିଷ୍ଟ ବିଶାଳ ପ୍ରଦେଶରେ ପରିଣତ ହୋଇଥିଲା ।

# ନୂତନ ଓଡ଼ିଶା ପାଇଁ ସୀମା କମିଶନ

● *ଶ୍ରୀ ସତ୍ୟ ମହାପାତ୍ର*

ବ୍ରିଟିଶ୍ ଶାସନ ଅମଳରେ ୧୯୩୫ ଭାରତ ଶାସନ ଆଇନର ପ୍ରଥମ ସୁଫଳଥିଲା ୧୯୩୬ ଅପ୍ରେଲ ପହିଲା ତାରିଖରୁ ଭାଷା ଭିତ୍ତିରେ ଗଠିତ ହୋଇଥିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଓଡ଼ିଆ ଭାଷାଭାଷୀ ଜନଗଣଙ୍କୁ ଗୋଟିଏ ଶାସନ ଅଧୀନରେ ରଖିବାପାଇଁ ଏବଂ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦୀର୍ଘକାଳ ଧରି ଆନ୍ଦୋଳନ ଚଳାଇବାକୁ ହୋଇଥିଲା । ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରାଦେଶିକ ଶାସନରେ ସଂଖ୍ୟାଲଘୁଭାବେ ଅକଥନୀୟ ନିର୍ଯ୍ୟାତିତ ଓଡ଼ିଆ ଜନଗଣଙ୍କ ମଧ୍ୟରୁ ଦକ୍ଷିଣ ଓଡ଼ିଶାର ଓଡ଼ିଆମାନଙ୍କ ଦୁଃଖ ବଢ଼ିପଡ଼ିବାରୁ ସେମାନେ ପ୍ରଥମେ ଜୋର ସୋର୍‌ରେ ଉଦ୍ୟମ ଆରମ୍ଭ କରିଥିଲେ (୧୮୭୦-ଋଷୁଲ୍‌କୋଣ୍ଡା ସଭା) ଭାଷାର ସୁରକ୍ଷା ସହିତ ଓଡ଼ିଶା ସହ ସଂଯୁକ୍ତ ହେବାପାଇଁ । ତାହାହିଁ ଥିଲା ୧୯୦୩ ମସିହା ଉତ୍କଳସମ୍ମିଳନୀର ଆଦ୍ୟ ପାହାଚ-'ଗଞ୍ଜାମ ଜାତୀୟ ସମିତି' ଆରମ୍ଭ ହେବାର କାରଣ । ଓଡ଼ିଶାର କେନ୍ଦ୍ର କଟକ ସମେତ ବାଲେଶ୍ୱର ଓ ସମ୍ବଲପୁରରୁ ମଧ୍ୟ ଦେଶ ମିଶ୍ରଣ ସଂପର୍କିତ ଦାବୀ ଯଥାସମ୍ଭବ ପ୍ରତିପାଦିତ ହେଉଥିଲା । ସମୟସହ ତାଳ ଦେଇ ସେହି ଆନ୍ଦୋଳନ ତୀବ୍ରତର ହେବା ଯୋଗୁଁ ୧୯୨୪ ମସିହାରେ ଫିଲିପ୍ -ଡଫ୍ କମିଟି ଗଠିତ ହୋଇଥିଲା ଦକ୍ଷିଣ ଓଡ଼ିଶା ବିଚ୍ଛିନ୍ନାଞ୍ଚଳର ଜନଗଣଙ୍କ ପ୍ରକୃତ ମତାମତ ଜାଣିବା ପାଇଁ । ସେଠିକା ଲୋକଙ୍କ ଯଥାର୍ଥ ବ୍ୟାକୁଳତା ସେମାନେ ଅନୁଭବ କରି ତାହା ସରକାରଙ୍କୁ ଜଣାଇଥିଲେ । ୧୯୩୦ ମସିହାରେ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଗୋଲ ଟେବୁଲ ବୈଠକରେ ପାରଳା ମହାରାଜାଙ୍କ ଅଭିଭାଷଣ ସ୍ୱତନ୍ତ୍ର ଓଡ଼ିଶା ଗଠନ ସଂପର୍କରେ ସରକାରୀ ଗତିବିଧିକୁ ଚଳଚଞ୍ଚଳ କରାଇ ଦେଇଥିଲା । ପ୍ରସ୍ତାବିତ ନୂତନ ଓଡ଼ିଶା ପାଇଁ ସୀମା କମିଟି ଗଠନ କରାଯାଇଥିଲା । ତାହା ଓଡ଼ୋନେଲ କମିଟି ରୂପେ ବିଶେଷ ପରିଚିତ ।

ଭାରତ ବିଭାଗ ସଚିବଙ୍କ ଅନୁମୋଦନକ୍ରମେ ଭାରତ ସରକାର ୧୯୩୧ ମସିହା ସେପ୍ଟେମ୍ବର ୧୮ ତାରିଖର F 12/ ୮୦/୩୧ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ସୀମା କମିଟି ଗଠନ କରିଥିଲେ । ପ୍ରସ୍ତାବିତ ନୂତନ ପ୍ରଦେଶର ସୀମା ସରହଦ ସଂପର୍କରେ ସୁପାରିଶ କରିବା ସଙ୍ଗେ ସଙ୍ଗେ ଉକ୍ତ କମିଶନ୍ ନୂତନ ପ୍ରଦେଶର ଶାସନଗତ, ଅର୍ଥନୀତିକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ମତାମତ ଦେବାପାଇଁ ମଧ୍ୟ କୁହାଯାଇଥିଲା । ତତ୍‌ସହିତ ସେଭଳି ଶାସନ ବ୍ୟବସ୍ଥାର ପରିଣାମ ସ୍ୱରୂପ ଇଂରେଜ ଶାସିତ ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଶାସନରେ ତାହାର ପ୍ରଭାବ ସଂପର୍କରେ ଅନୁସନ୍ଧାନ କରିବା ମଧ୍ୟ ଥିଲା ସେହି କମିଟିର କାର୍ଯ୍ୟ ପରିସରଭୁକ୍ତ ।

ଉକ୍ତ ସୀମା କମିଶନ୍‌ରେ ଭାରତ ସରକାରଙ୍କ ପୂର୍ବତନ ଘରୋଇ ବିଭାଗ ସଚିବ ସାର୍ ସାମୁଏଲ୍ ଓଡ଼ନେଲ୍ ଥିଲେ ଅଧ୍ୟକ୍ଷ । ରାଷ୍ଟ୍ର ପରିଷଦ ସଭ୍ୟ ବମ୍ବେର ଶ୍ରୀ ଏଚ୍.ଏମ୍. ମେହେଟ୍ଟା ଏବଂ କେନ୍ଦ୍ର ବିଧାନ ପରିଷଦ ଆସାମବାସୀ ଶ୍ରୀ ତରୁଣ ରାମ ଫୁକନ୍ - ଉଭୟେ ତାହାର ସଦସ୍ୟ ନିଯୁକ୍ତ ହୋଇଥିଲେ । ଉକ୍ତ ତିନିଜଣିଆ କମିଶନ୍ ସହିତ ସହଯୋଗୀ ସଭ୍ୟ ଭାବରେ ବିହାରୀ ଓ ତେଲୁଗୁ ପ୍ରତିନିଧି ଭାବେ ଯଥାକ୍ରମେ ଶ୍ରୀ ସଚ୍ଚିଦାନନ୍ଦ ସିହ୍ନା ଏବଂ ସି.ଭି.ଏସ୍. ନରସିଂହ ରାଜୁ ମନୋନୀତ ହୋଇଥିବାବେଳେ ଓଡ଼ିଶା ପ୍ରତିନିଧି ଥିଲେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି । ସେମାନେ ମଧ୍ୟ କମିଶନ୍‌ର ବୈଠକଗୁଡ଼ିକରେ ଅଂଶ ଗ୍ରହଣ କରିବା ନୀତି ନିର୍ଦ୍ଧାରିତ ହୋଇଥିଲା । ଭାରତ ସରକାରଙ୍କ ମହାଲେଖାର (A.G) କାର୍ଯ୍ୟାଳୟର ସହକାରୀ ଏକାଉଣ୍ଟସ୍ ଅଫିସର ଆର୍.ଡ଼ି. ବାଲ୍‌ଡେଲିଙ୍କୁ ପ୍ରସ୍ତାବିତ ନୂତନ ପ୍ରଦେଶ ସହ ଜଡ଼ିତ ଅର୍ଥନୀତିକ ବିଷୟାବଳୀଗୁଡ଼ିକର ସମୀକ୍ଷା କରିବା ଲାଗି ସରକାରୀ ନିର୍ଦ୍ଦେଶ ଦିଆ ଯାଇଥିଲା ।

ସେଭଳି କମିଶନ ନିଯୁକ୍ତି କେବଳ ସାରା ଓଡ଼ିଶାରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରି ନ ଥିଲା, ନୂତନ ଶିହରଣର ତରଙ୍ଗ ମଧ୍ୟ ସୃଷ୍ଟି ହୋଇଥିଲା ବଙ୍ଗଳାର ମେଦିନାପୁର, ଚାଇଁବସା ତଥା ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ । ସୀମା କମିଶନ୍ ନିଯୁକ୍ତିକୁ ଦୃଷ୍ଟିରେ ରଖି ୧୯୩୧ ମସିହା ମଇ ଦୁଇ ତାରିଖ ଦିନ କଟକ ଠାରେ ଦଳମତ ନିର୍ବିଶେଷରେ ଓଡ଼ିଆ ନେତୃବର୍ଗ ଏକ ବୈଠକରେ ସବୁ ଓଡ଼ିଆ ଅଞ୍ଚଳର ଏକୀକରଣ ଲାଗି ସମ୍ମିଳିତ ଉଦ୍ୟମ କରିବାଲାଗି ପ୍ରସ୍ତାବ ଗ୍ରହଣ କରିଥିଲେ । ସେହି ସର୍ବଦଳୀୟ ସମ୍ମିଳନୀରେ ବ୍ୟକ୍ତିଗତ ତଥା ନୀତିଗତ ମତପାର୍ଥକ୍ୟ ଦୂରେଇ ଦେଇ ସମ୍ମିଳିତ କଣ୍ଠସ୍ୱରର ଆବାହନୀ ଶୁଣାଇଥିଲେ ସମସ୍ତେ । ଆଗାମୀ ସମୟର ଦୃଢ଼ ମୁକାବିଲା କରିବାପାଇଁ ବିଭିନ୍ନ କମିଟି ଗଠିତ ହୋଇଥିଲା । ଶ୍ରୀ ବିଚିତ୍ରାନନ୍ଦ ଦାସ ଅର୍ଥ କମିଟିର ଅଧ୍ୟକ୍ଷ ହୋଇଥିବାବେଳେ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୋଟିଏ କମିଟି ଗଠିତ ହୋଇଥିଲା ସୀମା କମିଟି ନିକଟରେ ଉପସ୍ଥାପନ କରିବାକୁ ଥିବା ବିଭିନ୍ନ ସମ୍ବାଦ ତଥା ତଥ୍ୟ ସଂଗ୍ରହ କରାଯିବା ପାଇଁ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ଗଠିତ ହେବାକୁ ଥିବା କମିଟି ସଂପର୍କରେ ବହୁଳ ପ୍ରଚାର କରାଯାଇ ଯଥାସମ୍ଭବ ଜନମତ ଜାଗ୍ରତ ଉଦ୍ଦେଶ୍ୟରେ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଉ ଏକ କମିଟି ଗଠିତ ହୋଇଥିଲା । ସେଇ ଏକା ଉଦ୍ଦେଶ୍ୟରେ ଓଡ଼ିଶା କଂଗ୍ରେସ ଦଳ ତରଫରୁ ଡଃ ହରେକୃଷ୍ଣ ମହତାବଙ୍କ ପ୍ରସ୍ତାବ କ୍ରମେ

ପଣ୍ଡିତ ନୀଳକଣ୍ଠଙ୍କ ଅଧିନାୟକତ୍ବରେ ଆଉ ଏକ କମିଟି ଗଠିତ ହୋଇଥିଲା । ବିଶେଷକରି ବଙ୍ଗଳାର ମେଦିନାପୁର, ବିହାରର ସିଂହଭୂମ, ମଧ୍ୟପ୍ରଦେଶର ଫୁଲଝର ଏବଂ ମାନ୍ଦ୍ରାଜର ଗଞ୍ଜାମ ଅଞ୍ଚଳର ଜନଗଣନା ରିପୋର୍ଟକୁ ସୀମା କମିଟି କୌଣସି ଗୁରୁତ୍ବ ନ ଦେବା ପାଇଁ ଉକ୍ତ ସର୍ବ ଦଳୀୟ ସମ୍ମିଳନୀ ତରଫରୁ ମତ ପ୍ରକାଶ ପାଇଥିଲା । କାରଣ ସ୍ବତନ୍ତ୍ର ପ୍ରଦେଶ ବିରୋଧୀ ଗୋଷ୍ଠୀ ଜନଗଣନା ବେଳେ ଅନେକ ପ୍ରକାର ବିଭ୍ରାନ୍ତି ସୃଷ୍ଟି କରିଥିବା ବିଷୟ ସମୟକ୍ରମେ ଲୋକ ଲୋଚନକୁ ଆସିଥିଲା ଏବଂ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଦୈନିକ ''ଆଶା'' ସମେତ ଅନ୍ୟାନ୍ୟ ପତ୍ର ପତ୍ରିକାରେ ମଧ ପ୍ରତିଫଳିତ ହୋଇଥିଲା । (୧)

ଗଞ୍ଜାମ ସମେତ ସିଂହଭୂମ,ଫୁଲଝର, ଖରିଆଳ ଏବଂ ମେଦିନାପୁର ଅଞ୍ଚଳରେ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ଏବଂ ତାଙ୍କ ଦଳ ଜୋର୍ ସୋର୍‌ରେ ପ୍ରଚାର ଅଭିଯାନ ଚଳାଇଥିଲେ । ଉଲ୍ଲେଖଯୋଗ୍ୟ ଥିଲା ସେହି କାର୍ଯ୍ୟରେ ବହୁ ସଂଖ୍ୟାରେ ଛାତ୍ରମାନେ ନିଜ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ସେମାନେ ସହର ଓ ଗ୍ରାମମାନଙ୍କରେ ଘର ଘର ବୁଲି ଓଡ଼ିଆ ଜନଜାଗରଣ ଅଣାଇବା ପାଇଁ ଉଦ୍ୟମ କରିଥିଲେ ।

ମେଦିନାପୁରରେ ଓଡ଼ିଶା ମିଶ୍ରଣ ମନୋଭାବକୁ ବିରୋଧ କରି ତାହାକୁ ସଚେତ ରଖିବା ପାଇଁ ଅଣ୍ଟା ଭିଡ଼ିଥିଲେ ସେଠିକାର ଶ୍ରୀ ବୀରେନ୍ଦ୍ର କୁମାର ଶାସମଲ, ଜ୍ଞାନେନ୍ଦ୍ର ଚୌଧୁରୀ, ଦେବେନ୍ଦ୍ର ଭଟ୍ଟାଚାର୍ଯ୍ୟ ଏବଂ ଏମ୍.ଏନ୍. ବୋଷ୍ ପ୍ରମୁଖମାନେ । ଅପର ପକ୍ଷରେ ସମ୍ବଲପୁରର ତତ୍‌କାଳୀନ ଡେପୁଟି କମିଶନର ଶ୍ରୀ ନୀଳମଣି ସେନାପତି (ସ୍ବତନ୍ତ୍ର ଓଡ଼ିଶାର ମୁଖ୍ୟ ଶାସନ ସଚିବ) ବଜ୍ର ନିର୍ଘୋଷ କଣ୍ଠରେ ଆହ୍ୱାନ ଜଣାଇଥିଲେ, ସମ୍ମିଳିତଭାବେ ଓଡ଼ିଆମାନେ ହାତ ପାହାନ୍ତାରେ ପାଇଥିବା ସେଇ ସୁଯୋଗର ସଦ୍‌ବ୍ୟବହାର କରିବା ପାଇଁ । ତାହାକୁ ସମର୍ଥନ ଜଣାଇଥିଲେ ସ୍ଥାନୀୟ ନେତୃବର୍ଗଙ୍କ ମଧ୍ୟରୁ ଚନ୍ଦ୍ରଶେଖର ବେହେରା, ରାମନାରାୟଣ ମିଶ୍ର, ବୋଧରାମ ଦୁବେ ତଥା ଅଚ୍ୟୁତାନନ୍ଦ ପୁରୋହିତଙ୍କ ସମେତ ଅନ୍ୟମାନେ ।

ବ୍ରହ୍ମପୁର 'ଆଶା' ପ୍ରେସ୍‌ରୁ ଓଡ଼ିଆ ଏକୀକରଣ ଆନ୍ଦୋଳନରେ ଜନ ସହଯୋଗ ପାଇଁ ଏକ ଆବେଦନ ତା ୧୪-୧୦-୧୯୩୧ ରେ ପ୍ରକାଶିତ ହୋଇଥିଲା । ଓଡ଼ନେଲ କମିଟି ନିକଟରେ ଯଥାନୁରୂପ ସାକ୍ଷ୍ୟ ପ୍ରଦାନ କରିବା କାର୍ଯ୍ୟରେ ସାହାଯ୍ୟ କରିବା ତଥା ସେଥିପାଇଁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହୀତ ହେବା ଲାଗି ଗଞ୍ଜାମ ଓ ଜୟପୁର ଅଞ୍ଚଳରୁ ୨୫ହଜାର ଟଙ୍କା ଦାନ ସଂଗ୍ରହ କରାଯିବା ମଧ ଥିଲା ତାହାର ଏକ ଉଦ୍ଦେଶ୍ୟ । ସେଥିରେ ଓଡ଼ିଆମାନଙ୍କ ପାଇଁ ଅନ୍ୟ ଯେଉଁ ସୂଚନା ପ୍ରଦତ୍ତ ହୋଇଥିଲା ତାହାଥିଲା - ମେଦିନାପୁର ଓ ସିଂହଭୂମ ଅଞ୍ଚଳରେ ବଙ୍ଗାଳୀମାନେ ତଥା ଗଞ୍ଜାମ ଓ ଜୟପୁର ଅଞ୍ଚଳରେ ତେଲୁଗୁମାନେ ଓଡ଼ିଆମାନଙ୍କ ଦାବୀ ବିରୁଦ୍ଧରେ ଜନମତ ସୃଷ୍ଟି କରିବା ଦିଗରେ ଉଦ୍ୟମ ଆରମ୍ଭ କରି ସାରିଲେଣି । ସେହି ଦୃଷ୍ଟିରୁ ଓଡ଼ିଆମାନେ ମଧ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ସେହି ସୂଚନା ସେତେବେଳକାର ପରିସ୍ଥିତିରେ ଅତ୍ୟନ୍ତ ଉପାଦେୟ ଥିଲା ଓଡ଼ିଆ ଜନ ଜାଗରଣ ପାଇଁ । ସେହି ଆବେଦନକାରୀ ବ୍ୟକ୍ତିବୃନ୍ଦ ଥିଲେ, ଗୌରଚନ୍ଦ୍ର ଦେବ, ଶଶିଭୂଷଣ ରଥ, ମଧୁସୂଦନ ପାଣିଗ୍ରାହୀ, ବିଶ୍ୱନାଥ ଦାସ, ଭୁବନେଶ୍ବର ରଥ, ଦିଗମ୍ବର ରଥ, ଗୋରାଚାନ୍ଦ ମାନଧାତା ପଟ୍ଟନାୟକ, ଜଗନ୍ନାଥ ପାଢ଼ୀ ଖାଡ଼ଙ୍ଗା, ଦାମୋଦର ପାଢ଼ୀ, ନିରଞ୍ଜନ ପଟ୍ଟନାୟକ ଏବଂ ଲିଙ୍ଗରାଜ ପାଣିଗ୍ରାହୀ ।

ସେତିକିବେଳେ ଓଡ଼ନେଲ କମିଟିରେ ପାରଳା ମହାରାଜାଙ୍କୁ ଓଡ଼ିଆମାନଙ୍କ ତରଫରୁ ସହଯୋଗୀ ସଭ୍ୟ ମନୋନୟନ ନେଇ ଗୋଟିଏ ଗୋଷ୍ଠୀରୁ ପ୍ରତିବାଦର ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ମହାରାଜା ଥିଲେ ମାନ୍ଦ୍ରାଜ ବିଧାନ ସଭାରେ ଗଞ୍ଜାମରୁ ଜଣେ ନିର୍ବାଚିତ ସଭ୍ୟ ଏବଂ ପୁଣି ଭାରତର ଦକ୍ଷିଣାଞ୍ଚଳରେ ପାନାଗଲ ରାଜାଙ୍କ ନେତୃତ୍ବରେ ଗଠିତ ଜଷ୍ଟିସ୍ ରାଜନୀତିକ ଦଳର ମଧ ସଭ୍ୟ । ଓଡ଼ିଶାରେ ଜଷ୍ଟିସ୍ ଦଳର ସମାଲୋଚନାକାରୀ ଅନେକେ ଥିଲେ । ସେଇ ହିସାବରେ ସୀମା କମିଶନ୍ ସହିତ ମହାରାଜାଙ୍କ ସଂପୃକ୍ତିକୁ ବିରୋଧ କରାଯିବା ଥିଲା ଏକ ସ୍ୱାଭାବିକ ରାଜନୀତିକ ଘଟଣା । ପୁଣି ଓଡ଼ିଶା ଓ ଓଡ଼ିଆମାନଙ୍କ ତରଫରୁ ତତ୍‌କାଳୀନ ଓଡ଼ିଶାର ଉଚ୍ଚାକାଂକ୍ଷୀ ନେତାମାନଙ୍କ ପରିବର୍ତ୍ତେ ତଥାକଥିତ ରାଜନୀତିକ ଓଡ଼ିଶା ବାହାରର ଜଣେ ବ୍ୟକ୍ତିଙ୍କୁ ସେଭଳି ଏକ ଅତି ଗୁରୁତ୍ବପୂର୍ଣ୍ଣ କମିଟିରେ ଗ୍ରହଣ କରାଯାଉଥିବାରୁ ତାହା କଟକରେ ଏକ ଚାପା ଗୁଞ୍ଜରଣ ସୃଷ୍ଟି କରିଥିଲା ।

କିନ୍ତୁ ଆତ୍ମ ଗୌରବ କ୍ଷୁଣ୍ଣ ହେବାକୁ ସାମାନ୍ୟ ସୁଯୋଗ ଦେଇ ନଥିଲେ ଚିର ଅଭିମାନୀ ମହାରାଜା । ସେଇଥି ପାଇଁ ତ ସେ ଜନ ମାନସରେ ସୁଦୃଢ଼ ଆସନର ଅଧିକାରୀ ଆଜି ପର୍ଯ୍ୟନ୍ତ ।

କଟକର ପତ୍ରପତ୍ରିକାରେ ଗଜପତି କୃଷ୍ଣଚନ୍ଦ୍ରଙ୍କ ପରିବର୍ତ୍ତେ ଓଡ଼ିଶାର ଜଣେ ଅଭିଜ୍ଞ ନେତାଙ୍କୁ ଉକ୍ତ କମିଟିରେ ଗ୍ରହଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇବା ପରେ ପରେ ହିଁ ସେ ଆପଣାଛାଏଁ ଉକ୍ତ କମିଟିରୁ ଦୂରେଇ ଯିବାଲାଗି ସ୍ଥିର କରିଥିଲେ । (୨) ସେଥିରେ ତାଙ୍କର ସାମାନ୍ୟତମ ବ୍ୟକ୍ତିଗତ କିମ୍ବା ରାଜନୀତିକ ସ୍ୱାର୍ଥ ନଥିଲା । କେବଳ ସେ ଚାହୁଁଥିଲେ ଓଡ଼ିଆଙ୍କ ସ୍ୱାର୍ଥ । ଯଦି ଅନ୍ୟ କୌଣସି ମତେ ଅଧିକତର ଭାବରେ ଜାତୀୟସ୍ୱାର୍ଥ ରକ୍ଷା କରାଯାଇପାରିବ ସେଥିରେ ସେ ରହିବେ କାହିଁକି ?

କିନ୍ତୁ ତାହାର ପରିଣାମ ଯେ ଶୁଭଙ୍କରୀ କଦାପି ହୋଇ ପାରିବ ନାହିଁ ତାହା ଅନେକେ ଅନୁଭବ କରିଥିଲେ । ବିଶେଷ କରି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ଅଧିବାସୀଙ୍କ ପାଇଁ ସେଇ ଅନୁଭବ ଥିଲା ଅଧିକ ତୀବ୍ର । ତେଣୁ ବ୍ରହ୍ମପୁରର ଓକିଲ ଦିଗମ୍ବର ରଥ ତଥା ଗଣେଶ

(୧) ଉତ୍କଳ ଦୀପିକା- ୯, ୧୬-୫-୩୧ ଏବଂ ସମାଜ ୩-୫-୩୧

(୨) କର୍ମଯୋଗୀ ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଦେଓ (ପ୍ରବନ୍ଧ) ସମାଜ-୯-୧୦-୭୪ - ଶ୍ରୀ ଦିଗମ୍ବର ରଥ ।

ମହାପାତ୍ର ପାରଳା ଠାରେ ମହାରାଜାଙ୍କୁ ଭେଟି ପରିସ୍ଥିତିର ଗମ୍ଭୀରତା ନେଇ ଆଲୋଚନା କରିବା ସଂଗେ ସଂଗେ ତାହାଙ୍କ ନିର୍ଦ୍ଧାରଣ ପୁନର୍ବିଚାର ପାଇଁ ଅନୁରୋଧ ଜଣାଇଥିଲେ । ସେହିଭଳି ତାଙ୍କ ନିଜ ରାଜ୍ୟ ରାଜଧାନୀ ପାରଳାର ପିପୁଲ୍ସ ଏସୋସିଏସନ ପକ୍ଷରୁ ତାର ସମ୍ପାଦକ ପଦ୍ମଶ୍ରୀ ଡ଼ଃ ସତ୍ୟନାରାୟଣ ରାଜ୍ୟଗୁରୁ ମଧ୍ୟ ଅନୁରୋଧ କରିଥିଲେ ଅନ୍ତତଃ ତାଙ୍କରି ଓଡ଼ିଆ ଏବଂ ଓଡ଼ିଶାକାଂକ୍ଷୀ ପ୍ରଜାଗଣଙ୍କ ସ୍ୱାର୍ଥରକ୍ଷା ଲାଗି ସେ କମିଟିରୁ ଓହରି ଆସିବା ଅନୁକୂଳ ହେବ ନାହିଁ । ଯାହା ବାସ୍ତବରେ ଏକ ଜାତୀୟ କାର୍ଯ୍ୟ ହୋଇଥିବା ଯୋଗୁଁ ସେହି କାର୍ଯ୍ୟରୁ ଅବ୍ୟାହତି ନନେବା ପାଇଁ ପାରଳାର ଓଡ଼ିଆ ଅଧିବାସୀଙ୍କ ତରଫରୁ ଏକ ଦୀର୍ଘ ଆବେଦନ ପତ୍ର ପ୍ରଦାନ କରିଥିଲେ ଓ ନିବେଦନ ଜଣାଇଥିଲେ । (୩)

ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧକୁ ଏଡ଼ାଇ ପାରି ନଥିଲେ ମହାରାଜା । ଉକ୍ତ କମିଟି ପାଇଁ ମହାରାଜା ହିଁ ଥିଲେ ଯୋଗ୍ୟତମ ବ୍ୟକ୍ତି ।

୧୯୩୧ ମସିହା ନଭେମ୍ବର ସାତ ତାରିଖ ଦିନ ସୀମା କମିଟିର ପ୍ରଥମ ବୈଠକ ବିହାରର ପାଟଣାଠାରେ ଅନୁଷ୍ଠିତ ହୋଇଥିଲା ଏବଂ କାର୍ଯ୍ୟ ପ୍ରଣାଳୀ ବିଷୟରେ ନୀତି ନିର୍ଦ୍ଧାରିତ ହୋଇ ତତ୍ ପରଦିନ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତଦନୁସାରେ ଜନସାଧାରଣ, ସରକାରୀ/ ବେସରକାରୀ ସଂସ୍ଥା ତଥା ଅନୁଷ୍ଠାନଗୁଡ଼ିକ ନିକଟରୁ ସେମାନଙ୍କ ମତାମତ ସ୍ମାରକପତ୍ର, ଦାବି ଏବଂ ଆବେଦନ ଜରିଆରେ ଦାଖଲ କରାଯିବା ପାଇଁ କୁହା ଯାଇଥିଲା ।

ସେହି କ୍ରମରେ ସ୍ୱତନ୍ତ୍ର ଓଡ଼ିଶା ସହିତ ମିଶ୍ରଣ ସପକ୍ଷରେ ଦକ୍ଷିଣ-ପଶ୍ଚିମ ମେଦିନାପୁର, ସିଂହଭୂମ, ଗଞ୍ଜାମ, ମଧ୍ୟପ୍ରଦେଶର ଓଡ଼ିଆକାଂକ୍ଷୀ ଅଞ୍ଚଳରୁ ସ୍ମାରକପତ୍ର ସମେତ ଗଞ୍ଜାମ ଜମି ମାଲିକ ସଂଘ, ପାରଳାଖେମୁଣ୍ଡି ଓ ଜୟପୁର ଦେଶ ମିଶ୍ରଣ ସଂଘ ତରଫରୁ ଦାବିପତ୍ରମାନ କମିଟି ନିକଟରେ ଉପସ୍ଥାପିତ ହୋଇଥିଲା । ଠିକ୍ ସେହିଭଳି କୌଣସି ଶାସନତାନ୍ତ୍ରିକ ପରିବର୍ତ୍ତନ ଦେଶରେ କରାନଯିବା ପାଇଁ ଅର୍ଥାତ୍ ପ୍ରସ୍ତାବିତ ଓଡ଼ିଆ ଅଞ୍ଚଳଗୁଡ଼ିକର ଏକୀକରଣ କରାଯିବା ପ୍ରସ୍ତାବର ବିରୋଧ କରାଯାଇ ମେଦିନାପୁର ବିଭାଜନ ବିରୋଧୀ କମିଟି, ଧଳଭୂମି ରାଜ୍ୟର ଭୂ ସ୍ୱତ୍ତ୍ୱାଧିକାର ସଂଘ, ଜାମ୍‌ସେଦପୁରର ବଙ୍ଗାଳୀ ସଂଘ, କୋଲ୍ହାଣର ମାଙ୍କିଆ ଗୋଷ୍ଠୀ ଏବଂ ତେଲୁଗୁମାନଙ୍କ ଦ୍ୱାରା ଗଠିତ ଗଞ୍ଜାମ ଡିଫେନ୍ସ ଲିଗ୍ ତରଫରୁ ସ୍ମାରକପତ୍ରମାନ ଦିଆଯିବା ସଂଗେ ସଂଗେ ମାନ୍ଦ୍ରାଜ ସରକାରଙ୍କ ତରଫରୁ ସି.ଏ. ହାଣ୍ଡରସନ୍, ଆଇ.ସି.ଏସ୍ ତଥା ସମ୍ବଲପୁର- ପଦ୍ମପୁର ବିଷୟରେ ସ୍ୱତନ୍ତ୍ର ଉଲ୍ଲେଖ କରି ମଧ୍ୟପ୍ରଦେଶ ସରକାର ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଥିଲେ ।

୧୯୩୧ ମସିହା ନଭେମ୍ବର ୨୩ ତାରିଖରୁ ଆରମ୍ଭ କରି ୧୯୩୨ ଜାନୁଆରୀ ୧୪ ତାରିଖ ମଧ୍ୟରେ କମିଶନ୍ ପ୍ରତ୍ୟକ୍ଷ ଅନୁସନ୍ଧାନ କରିବା ଲାଗି ଯିବା ଅବସରରେ ଜାମ୍‌ସେଦପୁର, ଚାଇଁବସା, ସମ୍ବଲପୁର, ରାୟପୁର, ମେଦିନାପୁର, ଗୋପାଳପୁର, ୱାଲଟିଅର, କୋକନଡ଼ା ଏବଂ କଟକ ଠାରେ ଜନସାଧାରଣଙ୍କ ନିକଟରୁ ସାକ୍ଷ୍ୟ ଗ୍ରହଣ କରିଥିଲେ । ସେଇ ଅବସରରେ ବିଭିନ୍ନ ମତାବଲମ୍ବୀ ମୋଟ ୪୧୦ ଜଣଙ୍କ ସାକ୍ଷ୍ୟ ବିଚାର ଲାଗି କମିଶନଙ୍କ ନିକଟରେ ଉପସ୍ଥାପିତ ହୋଇଥିଲା ।

ଓଡ଼ିଶାର ଉତ୍ତର ପଟରୁ ସାକ୍ଷ୍ୟ ଗ୍ରହଣ ଆରମ୍ଭ କରିଥିବା ଓଡ଼ନେଲ କମିଟି ସ୍ୱତନ୍ତ୍ର ଓଡ଼ିଶା ପାଇଁ ଉନ୍ମାଦନାର ଅଭାବବୋଧ ଅନୁଭବ କରିଥିଲା । କାରଣ ସିଂହଭୂମ୍ ଓ ମେଦିନାପୁରରେ ସେଭଳି କୌଣସି ଉତ୍ସାହ ଲୋକଙ୍କ ନିକଟରେ ନଥିଲା । ଏପରିକି କମିଟିର ଗସ୍ତବେଳେ ପାରଳା ମହାରାଜାଙ୍କୁ ଭୟଭୀତ କରାଇବା ଉଦ୍ୟମ ମଧ୍ୟ ସେଠାରେ ହୋଇଥିଲା । ବୀରେନ୍ଦ୍ର ସାସ୍ମଲ ମହାରାଜାଙ୍କୁ ଧମକ ଦେଇ ଲେଖିଥିଲେ " ଖୁଦି ରାମେର ଦେଶ— ଫେରିଯାଅ ଉଡ଼େଦେର୍ ରାଜା" । ଠିକ୍ ସେହିଭଳି ସୀମାକମିଟିକୁ ଆଦିବାସୀ "ହୋ" ମାନେ କଳା ପତାକା ପ୍ରଦର୍ଶନ କରି ଫେରିଯିବା ପାଇଁ ଦାବି ଜଣାଇଥିଲେ । ସେଭଳି ଉଦ୍ୟମର ସୂତ୍ରଧର ଥିଲେ ସେଠିକାର ଓଡ଼ିଆ ବିରୋଧୀ ନେତାଗଣ । ଜାତୀୟ ସ୍ତରୀୟ ଉଚ୍ଚ କଂଗ୍ରେସୀ ନେତାମାନଙ୍କର ପ୍ରରୋଚନା ମଧ୍ୟ ସେମାନଙ୍କୁ ଉତ୍ସାହିତ କରିଥିବା ଆଶଙ୍କା ପ୍ରକାଶ ପାଇଥିଲା ।

ଉତ୍ତର ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା ଓ ଖରସୁଆଁ ମଧ୍ୟରୁ ଖରସୁଆଁ ରାଜାଥିଲେ ପାରଳା ମହାରାଜାଙ୍କ ଶାଳକ । ସେହି କ୍ରମରେ ମହାରାଜା ସେସବୁ ଅଞ୍ଚଳରେ ଆପଣାର ପ୍ରଭାବ ବିସ୍ତାର କରିପାରିଥିଲେ । ତେଣୁ ସେଠାରେ ଓଡ଼ିଆ ମିଶ୍ରଣ ସପକ୍ଷରେ ଜନମତ ପ୍ରକାଶ ପାଇଥିଲା ଏବଂ ସାକ୍ଷ୍ୟ ମଧ୍ୟ ପ୍ରବଳ ହୋଇଥିଲା । କିନ୍ତୁ ଷଢ଼େଇକଳା ରାଜ୍ୟରେ ହୋ' ଜାତିର ଆଦିବାସୀ ସମ୍ପ୍ରଦାୟକୁ ଓଡ଼ିଆ ବିରୋଧୀମାନେ ଅଧିକ ପ୍ରଭାବିତ କରାଇ ପାରିଥିଲେ । ଏପରିକି କଂଗ୍ରେସର ଉଚ୍ଚତମ ମହଲର ନେତୃବୃନ୍ଦ ମଧ୍ୟ ଇଚ୍ଛୁକ ନଥିଲେ ସେସବୁ ଅଞ୍ଚଳ ଓଡ଼ିଶାରେ ମିଶୁ । ଉକ୍ତ ଅଞ୍ଚଳର ଭବିଷ୍ୟତ ସମ୍ପର୍କରେ ସ୍ଥାନୀୟ ନେତୃବର୍ଗ 'ସୁଭାଷ ବୋଷ, ସେନ୍‌ଗୁପ୍ତ ଓ ରାଜେନ୍ଦ୍ର ପ୍ରସାଦ'ଙ୍କ ନିର୍ଦ୍ଧାରଣକୁ ହିଁ ପରିମାପକ ହିସାବରେ ଗ୍ରହଣ କରୁଥିଲେ । ସେସବୁ ଅଞ୍ଚଳରେ ଓଡ଼ିଆମାନଙ୍କୁ ସଂଗଠିତ କରିବା ପାଇଁ କଂଗ୍ରେସ ତରଫରୁ ଯାଇଥିବା ପଣ୍ଡିତ ନୀଳକଣ୍ଠଙ୍କ ଅଭିବ୍ୟକ୍ତି ଥିଲା, "କଂଗ୍ରେସ ମତେ ସିଂହଭୂମ୍‌ରେ କାମ କରିବାକୁ ଦେଇଛନ୍ତି..... ମୁଁ ଯାଇ ସେଇ ଜିଲ୍ଲାରେ କଂଗ୍ରେସ କାମ କଲାବେଳେ ସେହି ଜିଲ୍ଲାରେ ଥିବା କେତେକ ବଙ୍ଗାଳୀ ଓକିଲ ପ୍ରଭୃତିଙ୍କ ଠାରୁ ଶୁଣିଲି..... "ସିଂହଭୂମ ଏବେ ବିହାରରେ ରହିବା ପାଇଁ ଆମେ ଲଢ଼ିବୁ । ତାହା ହେଲେ ପରେ ବଙ୍ଗ ସୀମା କଥା ଉଠିଲା ବେଳେ ଏଖଣ୍ଡକୁ ବଙ୍ଗଳାକୁ ଝିଙ୍କି ନେବାକୁ ସୁବିଧା ହେବ । କାରଣ ବିହାରର ବସ୍ତୁତଃ ଏ ଭୂମିରେ ଦାବି କରିବାର କିଛି ନାହିଁ । କିନ୍ତୁ ଏହି ସିଂହଭୂମ୍ ଖଣ୍ଡ ଥରେ ଓଡ଼ିଶାକୁ ଚାଲିଗଲେ, ଆଉ

(୩) ରାଜ୍ୟ ଅଭିଲେଖାଗାର ACC No. 868 dt. 22.3.76 - F.No.A

ବଙ୍ଗଳାର ଦାବି ଉଠାଇବା ସହଜ ହେବ ନାହିଁ ।.....'' ସେମାନେ କହିଲେ, 'ଆପଣମାନେ ନେତୃ ଶ୍ରେଣୀୟ ଲୋକ । ଆପଣ ସୁଭାଷ, ସେନ୍‌ଗୁପ୍ତ, ରାଜେନ୍ଦ୍ର ପ୍ରସାଦଙ୍କ ସଂଗେ ବିଚାର କରି ଯାହା ଠିକ୍ କରି ଦେବେ, ଆମେ ତାହା ମାନିବାକୁ ବାଧ ହେବୁ ।'' ପଣ୍ଡିତ ନୀଳକଣ୍ଠଙ୍କ ସେହି ବକ୍ତବ୍ୟ ୧୯୩୧ ମସିହା ଜୁଲାଇ ପହିଲା ତାରିଖ ଦିନ ପ୍ରକାଶ ପାଉଥିବା ଶଶିରଥଙ୍କ ଦୈନିକ ଆଶାରେ ସ୍ଥାନୀତ ହୋଇଥିଲା । ସେହି ପ୍ରବନ୍ଧର ଶିରୋନାମା ଥିଲା– ଉତ୍କଳବାସୀର ବର୍ତ୍ତମାନ କର୍ତ୍ତବ୍ୟ । (୪)

ସେଇ ଓଡ଼ିଆ ବିରୋଧୀ ଆନ୍ଦୋଳନକାରୀଙ୍କ ପ୍ରଭାବରେ ଓଡ଼ନେଲ କମିଟିକୁ କଳା ପତାକା ପ୍ରଦର୍ଶନ କରିଥିବା ଗୋଷ୍ଠୀ ତରଫରୁ ମହାରାଜାଙ୍କୁ ମଧ୍ୟ ଧମକ ଦିଆ ଯାଇଥିଲା । ଏକ ରକ୍ତାଙ୍କିତ ପତ୍ରରେ ଗଜପତି କୃଷ୍ଣଚନ୍ଦ୍ରଙ୍କୁ ଲେଖା ଯାଇଥିଲା

Know Ye O'ure Raja
This is called Midnapur
How do you dare to harm us
Have you known that padi's fate.

ଅତୀତରେ ବଙ୍ଗାଳୀ ଉଗ୍ରବାଦୀମାନଙ୍କ ଦ୍ୱାରା ସେଠିକାର ଜିଲ୍ଲା କଲେକ୍ଟର ମି. ପାଡ଼ିଙ୍କୁ ହତ୍ୟା କରାଯାଇଥିଲା । ତେଣୁ ସେଭଳି ଭୟ ପ୍ରଦର୍ଶନ କରାଯାଇ ମହାରାଜାଙ୍କୁ ସେହି ଅଞ୍ଚଳର ଓଡ଼ିଶା ସହ ମିଶ୍ରଣ ଉଦ୍ୟମରୁ ବିରତ ରହିବା ପାଇଁ ଧମକ ଦିଆଯାଇଥିଲା ସେଇଠି ।

ସେହିଭଳି ପରିବେଶ ଭିତରେ ଓଡ଼ିଆମାନଙ୍କ ପ୍ରଭାବ ଓଡ଼ନେଲ କମିଟି ଉପରେ କମ୍ ହେବା ସ୍ୱାଭାବିକ ଥିଲା । ପରିଣାମତଃ କମିଟିର ସଭ୍ୟମାନଙ୍କ ଉପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇପାରିବା ସମ୍ଭାବନା ନେଇ ଏକ ବିରାଟ ପ୍ରଶ୍ନବାଚୀ ଅସମୀଚୀନ ନଥିଲା । କିନ୍ତୁ ଠିକ୍ ତାର ବିପରୀତ ପରିବେଶ ସୃଷ୍ଟି ହୋଇଥିଲା କମିଟିର ଗଞ୍ଜାମ ଗସ୍ତ କାଳରେ ।

ଓଡ଼ିଶାର ଦକ୍ଷିଣ ବିଚ୍ଛିନ୍ନାଞ୍ଚଳରେ କମିଟିକୁ ପ୍ରଭାବିତ କରାଇବା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ସବୁମତେ ଉଦ୍ୟମ କରିଥିଲେ । ସେତେବେଳେ ସେ ଥିଲେ ଗଞ୍ଜାମ ଜମି ମାଲିକ ସଂଘର ସଭାପତି । ନିଜେ ଓଡ଼ନେଲ କମିଟି ସହିତ ସଂଯୁକ୍ତ ରହିଥିବା ଯୋଗୁଁ ଯଥାଯୋଗ୍ୟ ସ୍ମାରକପତ୍ର ତଥା ସାକ୍ଷ୍ୟ ପ୍ରମାଣ ପ୍ରସ୍ତୁତ କରିବା ପାଇଁ ଟିକିଟି ରାଜା ଗୌରଚନ୍ଦ୍ର ଦେବଙ୍କୁ ତାଙ୍କ ତରଫରୁ ସେସବୁ କାର୍ଯ୍ୟ ଉତ୍ତମରୂପେ ପରିଚାଳନା କରିବା ପାଇଁ ପ୍ରଭାବିତ କରିଥିଲେ । ତେଣୁ ରାଜା ଗୌରଚନ୍ଦ୍ର ଦେବଙ୍କ ନେତୃତ୍ୱରେ କେବଳ ସେଭଳି ସ୍ମାରକପତ୍ର ସବୁ ପ୍ରସ୍ତୁତ ହୋଇନଥିଲା, ରେଳ ଷ୍ଟେସନ୍‌ରେ ଏକ ଭବ୍ୟ ସମ୍ବର୍ଦ୍ଧନା ମଧ୍ୟ ଅର୍ପିତ ହୋଇଥିଲା ।

ସାକ୍ଷ୍ୟ ଗ୍ରହଣ କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହେବା ପାଇଁ ପୂର୍ବରୁ କମିଟି ତରଫରୁ ଗୋପାଳପୁରଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇଥିଲା । ସେଠାରେ ଜଣେ ଆଇ.ସି.ଏସ୍. ଅଫିସର ଦାୟିତ୍ୱରେ ରହିଥିଲେ । କମିଟିର ସଭ୍ୟମାନେ ଯେତେବେଳେ ରେଳଯୋଗେ ବ୍ରହ୍ମପୁର ଷ୍ଟେସନଠାରେ ପହଞ୍ଚିଥିଲେ, ହଜାର ହଜାର ସଂଖ୍ୟାରେ ଓଡ଼ିଆ ଲୋକ ସେମାନଙ୍କ ପାରମ୍ପରିକ ଆନନ୍ଦ ଉଲ୍ଲାସର ନିଦର୍ଶନ ସ୍ୱରୂପ ତାଳ ମୃଦଙ୍ଗ ସହ ଦଳ ଦଳ ସଂକୀର୍ତ୍ତନରେ ଆକାଶ-ପାତାଳ ପ୍ରକମ୍ପିତ ଧ୍ୱନି ମଧ୍ୟରେ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ସେମାନଙ୍କ ନେତୃତ୍ୱ ନେଇଥିଲେ ଶଶିଭୂଷଣ ରଥ ଓ ଗୌରଚନ୍ଦ୍ର ଦେବ । ସେଇ ଜନ ସମାଗମର ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଭାଷାରେ '' ଏପରି ଜନ ଗହଳି କେବେ ବ୍ରହ୍ମପୁରରେ ହୋଇ ନଥିଲା କିମ୍ବା ଆଉଥରେ ହେବ ବୋଲି ବିଶ୍ୱାସ ହେଉନାହିଁ । ସ୍ୱର୍ଗତ ରାମଲିଙ୍ଗମ୍ ଆନ୍ଧ୍ରମାନଙ୍କ ତରଫରୁ ଓଡ଼ନେଲଙ୍କୁ ସ୍ୱାଗତ ଜଣାଇବାକୁ ଗହଳି ଭିତରେ ପଶି ଅପଦସ୍ତ ହୋଇ ଯାଇଥିଲେ । ତାଙ୍କର କାମିଜ ଇତ୍ୟାଦି ଚିରିଯାଇ ସେ ବାଧ୍ୟ ପାଇ ଫେରିଥିଲେ । ଶଶିବାବୁ ଦଳେ ଭଲେଣ୍ଟିଅର ଧରି ଆଗେ ଆଗେ ଚାଲିଥାନ୍ତି ।'' (୫) ସେଭଳି ଆନନ୍ଦ ଉଲ୍ଲାସ ଓ ସଂକୀର୍ତ୍ତନ ମଧ୍ୟରେ ଟିକିଟି ରାଜା ସାହେବଙ୍କ ଗାଡ଼ିରେ କମିଟି ସଭ୍ୟମାନେ ଗୋପାଳପୁର ଯାଇଥିଲେ ।

କେବଳ ସେତିକି ନୁହେଁ, କିଭଳି କମିଟି ନିକଟରେ ଉପଯୁକ୍ତ ଭାବେ ସାକ୍ଷ୍ୟ ପ୍ରମାଣ ସବୁ ଉପସ୍ଥାପିତ ହୋଇପାରିବ, ସେଥିପାଇଁ ମଧ୍ୟ ପ୍ରଗାଢ଼ ଉଦ୍ୟମ କରିଥିଲେ ପାରଳା ମହାରାଜା । ତାଙ୍କରି ସେଭଳି ଉଦ୍ୟମ ଜଣେ ଉଦ୍ୟମୀର ଆତ୍ମଲିପିରୁ ସ୍ପଷ୍ଟ ଅନୁମେୟ । ଓଡ଼ନେଲ କମିଟିର ଗସ୍ତ ପୂର୍ବରୁ '' ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡିର ଓଡ଼ିଆ ସ୍ୱେଚ୍ଛାସେବକମାନଙ୍କୁ ନେଇ ବ୍ରହ୍ମପୁର ଠାରେ ଥିବା ତାଙ୍କ ବଙ୍ଗଳାରେ ଏକ ଅଫିସ୍ ଖୋଲି ଦେଲେ । ସେଠାରେ ଏ ଲେଖକଙ୍କ ସମେତ ଯୁଗଳ କିଶୋର ପାଣିଗ୍ରାହୀ, ଶ୍ୟାମସୁନ୍ଦର ଗଡାୟତ ଓ ହୀରାଲାଲ ବର୍ଦ୍ଧନ ରହି ସୀମା କମିଟିରେ ଓଡ଼ିଆଙ୍କ ପକ୍ଷରୁ ସାକ୍ଷ୍ୟ ଦେବାକୁ ଆସୁଥିବା ଲୋକଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବା ଭାର ଗ୍ରହଣ କଲୁ ।'' (୬)

ନିଜ ରାଜ୍ୟ ରାଜଧାନୀ ପାରଳାଖେମୁଣ୍ଡି ଠାରେ ମହାରାଜା ନିଜ ପୃଷ୍ଠପୋଷକତାରେ ଓଡ଼ିଆ ଓ ତେଲୁଗୁମାନଙ୍କୁ ନେଇ ପିପୁଲ୍‌ସ ଏସୋସିଏସନ ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ । ସେମାନେ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଓଡ଼ିଶା ସହ ରହିବା ଆକାଂକ୍ଷା ପ୍ରକାଶ କରିବା ସଂଗେ ସଂଗେ ସବୁ ତେଲୁଗୁ ଲୋକଙ୍କ ତରଫରୁ ବ୍ରହ୍ମପୁର ଡିଫେନ୍ସ ଲିଗ୍ ଦେଇଥିବା ସ୍ମାରକପତ୍ରର ତୀବ୍ର ବିରୋଧ କରିଥିଲେ । ସାଧାରଣ ସଭା ଆୟୋଜନ କରି ବିଶେଷ କରି ତେଲୁଗୁମାନେ ସ୍ୱତନ୍ତ୍ର ଓଡ଼ିଶା

(୪) ଡ଼ଃ ସତ୍ୟନାରାୟଣ ରାଜଗୁରୁ– ଓଡ଼ିଶା ପ୍ରଦେଶ ନିର୍ମାତା- ପୃ-୪୫-୪୬ ଗଜପତି ପରିକ୍ରମା (ଓଡ଼ିଶା ପୂଜ୍ୟ ପୂଜା ସଂସଦ)
(୫) ଶଶିରଥଙ୍କ କାହାଣୀ (୧୯୬୫)- ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର- ପୃ-୬୩
(୬) ଗଜପତି ପରିକ୍ରମା– ଡ଼ଃ ସତ୍ୟନାରାୟଣ ରାଜଗୁରୁ-ପୃ-୪୨

ରଣା ମହାରାଜାଙ୍କ ସପକ୍ଷରେ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରିଥିଲେ । ସେଭଳି ୧୯୩୧ ମସିହା ଡିସେମ୍ବର ୧୨ ତାରିଖ ସଭାରେ ଗ୍ରହଣ କରାଯିବା ପ୍ରସ୍ତାବରେ ଥିଲା ଯେ ବର୍ତ୍ତମାନର ରାଜା ସାହେବଙ୍କ ଭଳି ପୁରୁଷାନୁକ୍ରମେ ପାରଳାଖେମୁଣ୍ଡିର ରାଜାଗଣ ସଦାସର୍ବଦା ପ୍ରଜାଗଣଙ୍କ ସୁଖ ସମୃଦ୍ଧି ଦିଗରେ ସହାୟକ ହେବା ସଂଗେ ସଂଗେ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରିଆସିଛନ୍ତି । ତେଣୁ ସେମାନେ ମହାରାଜାଙ୍କ ମତ ସହ ଅଭିନ୍ନ ଏବଂ ତାଙ୍କ ସହ ଓଡ଼ିଶାରେ ରହିବାକୁ ଚାହାନ୍ତି ।

ସେଭଳି ପରିସ୍ଥିତି ଭିତରେ ଗୋପାଳପୁରଠାରେ ସୀମା କମିଟି ସାକ୍ଷ୍ୟ ଗ୍ରହଣ କରିଥିଲେ । ଓଡ଼ିଆ ଓ ତେଲୁଗୁ ଉଭୟ ସମ୍ପ୍ରଦାୟ ପକ୍ଷରୁ ସ୍ମାରକପତ୍ର ତଥା ମୌଖିକ ସାକ୍ଷ୍ୟ ପ୍ରଦତ୍ତ ହୋଇଥିଲା । ତେବେ ମାନ୍ଦ୍ରାଜ ସରକାରଙ୍କ ତରଫରୁ ଜନଗଣନା ସୁପରିଣ୍ଟେଣ୍ଡେଣ୍ଟ ମି: ଇଟସ୍ (Mr. W.M. Yeatts) ଯେଉଁ ସାକ୍ଷ୍ୟ ଦେଇଥିଲେ, ପ୍ରବଳ ବିରୋଧ ସତ୍ତ୍ୱେ, ତାହା ଉପରେ ହିଁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

ସେତିକି ବେଳେ ମି. ଇଟ୍ସ ଓଡ଼ିଆ ଭାଷାଗରିଷ୍ଠ ଅଞ୍ଚଳ ଏବଂ ଓଡ଼ିଆ ଜାତିଗରିଷ୍ଠ ଅଞ୍ଚଳ ଚିହ୍ନଟ କରାଯାଇଥିବା ଦୁଇଟି ମାନଚିତ୍ର କମିଟି ନିକଟରେ ଉପସ୍ଥାପିତ କରିଥିଲେ । ସେ ସାକ୍ଷ୍ୟ ଦେବାବେଳେ ମତ ଦେଇଥିଲେ ଯେ ସେଥିରୁ ଓଡ଼ିଆ ଭାଷା ଗରିଷ୍ଠ ଅଞ୍ଚଳକୁ ଭିତ୍ତିକରି ସୀମା ନିର୍ଦ୍ଧାରଣ ହେବା ଉଚିତ । କିନ୍ତୁ ମହାରାଜାଙ୍କ ସମେତ ଅନ୍ୟମାନେ ଓଡ଼ିଆ ଜାତି ଭିତ୍ତିକ ମାନଚିତ୍ର ଉପରେ ଗୁରୁତ୍ୱ ଦେଇଥିଲେ ମଧ୍ୟ ତାହା ମି: ଓଡ଼ନେଲଙ୍କ ପାଇଁ ଗ୍ରହଣଯୋଗ୍ୟ ମନେ ହୋଇନଥିଲା । ଏପରି କି ଅନେକ ତେଲୁଗୁଭାଷୀ ବ୍ୟକ୍ତି ମଧ୍ୟ ମହାରାଜାଙ୍କ ସହିତ ଓଡ଼ିଶା ସହ ରହିବା ପାଇଁ ପ୍ରତ୍ୟକ୍ଷ ମତାମତ ପ୍ରଦାନ କରିଥିଲେ ସୁଦ୍ଧା ଏବଂ କମିଟିର ଭାରତୀୟ ସଭ୍ୟମାନେ ତାହାକୁ ସମର୍ଥନ କରିଥିଲେ ସୁଦ୍ଧା ମି: ଓଡ଼ନେଲ ସେଥି ସହିତ ଏକମତ ହୋଇପାରି ନଥିଲେ ପ୍ରସ୍ତାବିତ ଓଡ଼ିଶାର ଦକ୍ଷିଣ ସୀମା ନିର୍ଦ୍ଧାରଣ ପାଇଁ । ସେଠାରେ ଭାଷା ପରିବର୍ତ୍ତେ ଜାତିକୁ ଗୁରୁତ୍ୱ ଦିଆଯାଇଥିଲା ।

ତେବେ ଚିକିଟି ରାଜପ୍ରାସାଦରେ ଅନୁଷ୍ଠିତ ଏକ ଅଣ ଆନୁଷ୍ଠାନିକ ସମ୍ବର୍ଦ୍ଧନା ଉତ୍ସବ ସମ୍ଭବତଃ କିଛି ମାତ୍ରାରେ ମି: ଓଡ଼ନେଲଙ୍କୁ ପ୍ରଭାବିତ କରିପାରିଥିଲା ଓଡ଼ିଶାର ଦକ୍ଷିଣ ସୀମା-ସରହଦ ସ୍ଥିର କରିବା ପାଇଁ । ଚିକିଟି ରାଜା ଗୌରଚନ୍ଦ୍ରଦେବ ନିଜ ରାଜବାଟୀରେ ଏକ ବଡ଼ ଧରଣର ସାନ୍ଧ୍ୟ ମିଳନର ଆୟୋଜନ କରିଥିଲେ । ସେଥିରେ ଗଞ୍ଜାମର ପ୍ରାୟ  ରାଜା ଜମିଦାରଗଣ ଯୋଗ ଦେଇଥିଲେ ଏବଂ ଓଡ଼ନେଲଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ସେଠାରେ ଅନେକ ମାନପତ୍ର ମଧ୍ୟ ତାହାଙ୍କୁ ଅର୍ପିତ ହୋଇଥିଲା । ସେହି ସାନ୍ଧ୍ୟ ମିଳନରେ ଚିକିଟୀର ପଣ୍ଡିତ ରାଧାମୋହନ ବହ୍ନି ସଂସ୍କୃତ ଭାଷାରେ ଏକ ସାରଗର୍ଭକ ଭାଷଣ ମାଧ୍ୟମରେ ଓଡ଼ିଆମାନଙ୍କ ଦୟନୀୟ ଅବସ୍ଥାର ବର୍ଣ୍ଣନା କରିଥିଲେ । ସମ୍ଭବତଃ ସେଭଳି ଉତ୍ସବ ଅନୁଷ୍ଠାନ ମି: ଓଡ଼ନେଲଙ୍କ ମନରେ ଧାରଣା ସୃଷ୍ଟି କରିଥିଲା ଯେ ବାସ୍ତବିକ ତାହା ଓଡ଼ିଆ ଲୋକଙ୍କର ବାସସ୍ଥଳୀ ଏବଂ ସେହି ଜମିଦାରୀର ସୀମା ହିଁ ପ୍ରସ୍ତାବିତ ନୂତନ ଓଡ଼ିଶାର ସୀମା ହେବା ଉଚିତ ।

*ଜନଗଣନା ନିର୍ଦ୍ଦେଶାଳୟ*
*ଜନପଥ, ଭୁବନେଶ୍ୱର-୭*

" ଭାଇମାନେ, ଆପଣମାନଙ୍କ ଅନୁଗ୍ରହରୁ ମୁଁ ଏଠାରେ ବର୍ତ୍ତମାନ ସଭାପତି ସ୍ୱରୂପ ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ; କିନ୍ତୁ ବର୍ତ୍ତମାନ ମୋହର ବୃଦ୍ଧାବସ୍ଥା । ଗୋଟିଏ ଗୋଡ଼ ଶ୍ମଶାନରେ ଏବଂ ଅନ୍ୟ ଗୋଡ଼ ଜନସମାଜରେ । ଏ ବୟସରେ ମୃତ୍ୟୁଶଯ୍ୟା ମାନସିକ ଚିତ୍ରପଟରେ ଓ ଆତ୍ମାର ଚକ୍ଷୁର ସମ୍ମୁଖରେ ସର୍ବଦା ଦୃଶ୍ୟମାନ । ମୁଁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଅଛି ଏବଂ ଜାତିପ୍ରତି ମୋହର କର୍ତ୍ତବ୍ୟକର୍ମ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଅଛି । ଯେତେବେଳେ ମୃତ୍ୟୁଶଯ୍ୟାରେ ସଂସାର ସହିତ ମୋହର ସମ୍ପର୍କ ଛିନ୍ନହେବ ଏବଂ ମୋହର ଆତ୍ମାକୁ ଈଶ୍ୱର ପଚାରିବେ– 'ତୁ ତୋର ଜାତିପ୍ରତି କର୍ତ୍ତବ୍ୟ କର୍ମ କି ପ୍ରକାର କରିଅଛୁ ?' ତେତେବେଳେ ମୋହର ଆତ୍ମା ଯଦି କହିପାରେ, 'ଯଥାସାଧ୍ୟ ମୁଁ ମୋହର ଜାତିର ସେବା କରିବାକୁ ଚେଷ୍ଟା କରିଅଛି', ତାହାହେଲେ ଦୀନଦରିଦ୍ର ଅବସ୍ଥାରେ ଏବଂ ଜନଶୂନ୍ୟ ସ୍ଥାନରେ ମୋହର ଶଯ୍ୟା ଥିଲେ ମଧ୍ୟ ମୁଁ ଆପଣାକୁ ସୁଖୀ ଜ୍ଞାନ କରିବି । ଜଣେ ପାରସୀ କବି କହିଛନ୍ତି କି, 'ଯେତେବେଳେ କର୍ତ୍ତବ୍ୟପରାୟଣ ଆତ୍ମା ଏ ସଂସାର ତ୍ୟାଗ କରିବାକୁ ପ୍ରସ୍ତୁତ ହୁଏ, ତେତେବେଳେ ତାହା ପକ୍ଷରେ ମୃତ୍ୟୁଶଯ୍ୟା ରାଜସିଂହାସନ ହେଉ, ଅବା ପାଉଁଶଗଦା ହେଉ, ଏ ଦୁଇରେ କିଛି ପ୍ରଭେଦ ନାହିଁ ।"

(୧୯୧୩ 'ଉତ୍କଳ ସମ୍ମିଳନୀ' ପୁରୀ ଅଧିବେଶନରେ)

। ମଧୁସୂଦନ ।



# ମଧୁସୂଦନ: ଏକ ମହାଜୀବନ

## (୧୮୪୮-୧୯୩୪)

● ଶ୍ରୀମତୀ ମମତା ନାୟକ

୧୮୪୮ : ଏପ୍ରିଲ ୨୮- କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ଜନ୍ମ ।

୧୮୫୭ : ମହାସିଙ୍ଗପୁର ଭର୍ଣ୍ଣାକୁଲାର ସ୍କୁଲରେ ଶିକ୍ଷାଲାଭ ।

୧୮୬୪ : କଟକ ଜିଲ୍ଲା ସ୍କୁଲ (ରେଭେନ୍ସା କଲେଜିଏଟ)ରୁ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ୧୬ବର୍ଷ ବୟସରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ।

୧୮୬୫ : ବାଲେଶ୍ୱର ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ରୂପେ ନିଯୁକ୍ତ- ବାଲେଶ୍ୱର ରେଜିଷ୍ଟ୍ରେସନ ଅଫିସରେ କିରାଣୀ ଚାକିରୀ ।

୧୮୬୬ : ଉଚ୍ଚଶିକ୍ଷା ପାଇଁ କଲିକତା ଯାତ୍ରା- ଲଣ୍ଡନ ମିସନାରୀ ସୋସାଇଟି କଲେଜରେ ଅଧ୍ୟୟନ ।

୧୮୬୮ : ଏଫ୍.ଏ. (ଆଇ.ଏ.) ପାସ୍ ।

୧୮୬୯ : ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ- ପିତାଙ୍କ ଦ୍ୱାରା ତ୍ୟଜ୍ୟପୁତ୍ର ଘୋଷିତ ।

୧୮୭୦ : କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ ପାସ୍- ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍‌ର ଗୌରବ ।

୧୮୭୨ : ମିସନାରୀ ସୋସାଇଟି ହାଇସ୍କୁଲରେ ଶିକ୍ଷକତା ।

୧୮୭୩ : କଲିକତା ଇନ୍‌ଷ୍ଟିଚ୍ୟୁସନରୁ ଇଂରାଜୀରେ ଏମ୍.ଏ. ପାସ୍- ବଙ୍ଗୀୟ ଖ୍ରୀଷ୍ଟିଆନ ଯୁବତୀ ସୌଦାମିନୀ ଚଟ୍ଟୋପାଧ୍ୟାୟଙ୍କୁ ୨୫ବର୍ଷ ବୟସରେ ବିବାହ- କଲିକତା ହାଇକୋର୍ଟରେ ସାମୟିକ ଓଡ଼ିଆ ଅନୁବାଦକ ଭାବରେ ୧୮୭୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ।

୧୮୭୫ : ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀଙ୍କ ପାଇଁ ଇଂରେଜୀ ଭାଷାରେ ଆଦର୍ଶ ପ୍ରଶ୍ନ (Model Question) ପୁସ୍ତକ ପ୍ରଣୟନ- ମଧୁବାବୁଙ୍କ ବାସଗୃହରେ ଶୈଳବାଳାଙ୍କ ଜନ୍ମ ।

୧୮୭୬ : ଖିଦିରପୁର ଗାର୍ଡ଼େନରିଚ୍ ହାଇସ୍କୁଲରେ ପ୍ରଧାନଶିକ୍ଷକ ରୂପେ ଅବସ୍ଥାପିତ- ଶ୍ରମିକମାନଙ୍କ ଶିକ୍ଷା ନିମନ୍ତେ ଖିଦିରପୁରରେ ନୈଶ୍ୟ ବିଦ୍ୟାଳୟ ସ୍ଥାପନ- ୧୮୭୯ ପର୍ଯ୍ୟନ୍ତ ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କ ଗୃହ ଶିକ୍ଷକ ରୂପେ ନିଯୁକ୍ତ ।

୧୮୭୮ : କଲିକତା ପ୍ରେସିଡେନ୍ସି ସାନ୍ଧ୍ୟ କଲେଜରୁ ବି.ଏଲ୍. ପାସ୍- ଚବିଶ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି- କଲିକତାରେ ପ୍ରଥମ ଓଡ଼ିଆ ଓକିଲ- ପତ୍ନୀ ବିୟୋଗ ।

୧୮୮୧ : ୧୬ବର୍ଷ କାଳ କଲିକତା ରହଣି ପରେ ସେପ୍ଟେମ୍ବର ୨୪ ତାରିଖରେ କଟକ ପ୍ରତ୍ୟାବର୍ତ୍ତନ- ବିହାରୀବାଗରେ ଭଡ଼ାଘର ନେଇ ଅବସ୍ଥାନ- ଓକିଲାତି ବ୍ୟବସାୟ- ବାସଭବନରେ ଉତ୍କଳ ଯୁବକ ସଂଘ ଓ ପାଠାଗାର ସ୍ଥାପନ- ବିଚ୍ଛିନ୍ନାଞ୍ଚଳ ଛାତ୍ରଙ୍କୁ ଶିକ୍ଷାଦାନ ।

୧୮୮୨ : ଅଗଷ୍ଟ ୧୬ ତାରିଖ କଟକ ପ୍ରିଣ୍ଟିଂ କମ୍ପାନୀ ଗୃହରେ କର୍ମବୀର ଗୌରୀଶଙ୍କର ପ୍ରମୁଖଙ୍କ ସହଯୋଗରେ 'ଉତ୍କଳ ସଭା' ଗଠନ- ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଶାର ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶରେ ବ୍ରତୀ– 'ଉତ୍କଳ ସଭାର' ଉପସଭାପତି ମନୋନୀତ- ରେଭେନ୍ସା କଲେଜରେ ଓଡ଼ିଶାର ସର୍ବପ୍ରଥମ ଛାତ୍ର ସଂଗଠନ ଓଡ଼ିଶା ଷ୍ଟୁଡେଣ୍ଟସ୍ ଆସୋସିଏସନ ଗଠନ ।

୧୮୮୩ : ରେଭେନ୍ସା କଲେଜ ଆଇନ ବିଭାଗରେ ବିନା ବେତନରେ ପାର୍ଟଟାଇମ ଅଧ୍ୟାପକ ।

୧୮୮୫ : ଡିସେମ୍ବର- କଲିକତା ଠାରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଇଣ୍ଡିଆନ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଯୋଗଦାନ ।

୧୮୮୬ : ମାର୍ଚ୍ଚ ୩ କଟକ ପ୍ରିଣ୍ଟିଂ ପ୍ରେସଠାରେ ଓଡ଼ିଶାରେ କଂଗ୍ରେସର ପ୍ରଥମ ସଭା- ଡିସେମ୍ବର ମାସରେ କଲିକତା ଠାରେ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଉତ୍କଳ ସଭା ପ୍ରତିନିଧି ଦଳରେ ଯୋଗଦାନ- ୧୯୦୩ ମସିହା ପର୍ଯ୍ୟନ୍ତ କଂଗ୍ରେସର ସକ୍ରିୟ ସଭ୍ୟ- ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣ ପାଇଁ 'ଉତ୍କଳସଭା' ପକ୍ଷରୁ ଛୋଟ ବଡ଼ଲାଟଙ୍କ ପାଖକୁ ସର୍ବପ୍ରଥମ ସ୍ମାରକପତ୍ର ।

୧୮୮୭ : କଟକ ଜିଲାବୋର୍ଡ଼ର ସର୍ବପ୍ରଥମ ବେସରକାରୀ ଭାଇସଚେୟାରମ୍ୟାନ ନିର୍ବାଚିତ । ଜାନୁଆରୀ ୨୫- କଲିକତା ହାଇକୋର୍ଟରେ ଓକିଲ ନିଯୁକ୍ତ- ଐତିହାସିକ ଶ୍ରୀମନ୍ଦିର ମକଦ୍ଦମାରେ ଓକିଲାତି ଓ ଜୟଯୁକ୍ତ- କଟକରେ ଓଡ଼ିଶା ଆର୍ଟ ଓୟାରସ୍ ସ୍ଥାପନ ।

୧୮୮୮ : ମାର୍ଚ୍ଚ -୧୭ ଓଡ଼ିଶା ଗ୍ରାଜୁଏଟ୍ସ୍ ଅଣ୍ଡର ଗ୍ରାଜୁଏଟସ୍ ସମିତି ଗଠନ- ମୁସଲମାନମାନଙ୍କ ଫଏଜ ଆମ୍ ସଭାର ପୃଷ୍ଠପୋଷକତା- ନିଜ ବାସଭବନରେ ଓଡ଼ିଶାର ପ୍ରଥମ ରଙ୍ଗମଞ୍ଚ ସ୍ଥାପନ- ଓଡ଼ିଶୀ ଓ ଶାସ୍ତ୍ରୀୟ ସଂଗୀତ ଆସର ଆୟୋଜନ । ଅଗଷ୍ଟ ୨୫- ଲେଡି ଟାମସନ ମହିଳା ଡାକ୍ତରଖାନାର ସଂପାଦକ ନିଯୁକ୍ତ । ନଭେମ୍ବର-୨୫-ଉତ୍କଳସଭା ପକ୍ଷରୁ ବଙ୍ଗଲାଟ ସାର ଷ୍ଟିଓ୍ୱାଟଙ୍କୁ ଓଡ଼ିଆଭାଷୀ ଅଞ୍ଚଳ ମିଶ୍ରଣ ଦାବି କରି ସ୍ମାରକପତ୍ର- ସାନଭାଇ ଗୋପାଳ ବଲ୍ଲଭଙ୍କ ବିବାହ । ମାର୍ଚ୍ଚ-୫ ଓଡ଼ିଶାର କମିଶନର ମେଟକାଫ ସାହେବଙ୍କୁ ନିଜ ବାସଭବନରେ ବିଦାୟ ସମ୍ବର୍ଦ୍ଧନା ।

୧୮୮୯ : କଲିକତାରେ ବଙ୍ଗଳା ପ୍ରାଦେଶିକ କଂଗ୍ରେସ ସମ୍ମିଳନୀରେ ଯୋଗଦାନ- ଓଡ଼ିଶାରେ କଂଗ୍ରେସ ସଂଗଠନର ମୂଳଦୁଆ ସ୍ଥାପନ- ମଧୁବାବୁଙ୍କ ଘରେ ଅମ୍ବିକାଚରଣ ହାଜରାଙ୍କ ସପରିବାର ଅବସ୍ଥାନ ।

୧୮୯୦ : ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିଦର୍ଶନ ।

୧୮୯୧ : କେନ୍ଦୁଝରର ରାଜାଙ୍କ ପକ୍ଷରୁ ମକଦ୍ଦମାରେ ଓକିଲାତି ।

୧୮୯୨ : ମାତୃ-ବିୟୋଗ ପରେ ଶୈଳବାଳାଙ୍କୁ ପାଳିତା କନ୍ୟା ରୂପେ ଗ୍ରହଣ । କଟକରେ କୁଷ୍ଠାଶ୍ରମ ସ୍ଥାପନ ଉଦ୍ୟମ ।

୧୮୯୩ : ଉତ୍କଳ ସଂସ୍କୃତ ସମିତି ପ୍ରତିଷ୍ଠାରେ ସହଯୋଗ- ଓଡ଼ିଶା ନିମନ୍ତେ ଚିରସ୍ଥାୟୀ ବନ୍ଦୋବସ୍ତ ଦାବି ।

୧୮୯୪ : ଉତ୍କଳ ଟ୍ୟାନେରୀ ସ୍ଥାପନ ପାଇଁ ପ୍ରସ୍ତୁତି– 'ଉତ୍କଳ ହିତୈଷଣୀ, ପତ୍ରିକାର ପୃଷ୍ଠପୋଷକତା ।

୧୮୯୫ : ମଇ ୩- ଉତ୍କଳସଭା ସଭାପତି ନିର୍ବାଚିତ- ୧୧- ସମ୍ବଲପୁରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀଭାଷା ପ୍ରଚଳନ ଆଦେଶର ପ୍ରତିବାଦ ସଭାରେ ସଭାପତିତ୍ୱ- ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ଅଲଗା କରି ଓଡ଼ିଶା ଡିଭିଜନ ସହିତ ମିଶ୍ରଣ ପାଇଁ ଦାବୀ- ଭାଇସ୍‌ରାୟ ଲର୍ଡ଼ ଏଲଗିନଙ୍କୁ ସ୍ମାରକପତ୍ର- ଦାବି ପ୍ରତ୍ୟାଖ୍ୟାତ ହେବାରୁ ପ୍ରତିବାଦରେ କଟକ ଜିଲ୍ଲାବୋର୍ଡ଼ ଭାଇସ୍ ଚେୟାରମ୍ୟାନ ପଦରୁ ଇସ୍ତଫା ।

୧୮୯୬ : ଓଡ଼ିଶା- ଛୋଟନାଗପୁର ମ୍ୟୁନିସପାଲ ନିର୍ବାଚନ ମଣ୍ଡଳୀରୁ ବଂଗ ବ୍ୟବସ୍ଥାସଭାକୁ ନିର୍ବାଚିତ, ୧୮୯୬- ୧୮୯୮, ୧୮୯୮-୧୯୦୦, ୧୯୦୦- ୧୯୨୬ ପର୍ଯ୍ୟନ୍ତ ସର୍ବ ପ୍ରଥମ ଓଡ଼ିଆ ନିର୍ବାଚିତ ପ୍ରତିନିଧି- ୧୯୨୩ ପର୍ଯ୍ୟନ୍ତ ବଂଗ ଏବଂ ବିହାର- ଓଡ଼ିଶା ବ୍ୟବସ୍ଥାପକ ସଭା ସଦସ୍ୟ ନିର୍ବାଚିତ ।

୧୮୯୭ : ପ୍ରଥମ ବିଲାତ ଯାତ୍ରା- ଲଣ୍ଡନରେ ଓଡ଼ିଶା ଶିଳ୍ପ ପ୍ରଦର୍ଶନୀ ଆୟୋଜନ । ସେପ୍ଟେମ୍ବର ୨୦- ଭାରତ ସଚିବ ହାମିଲଟନଙ୍କୁ ଓଡ଼ିଶା ଦେଶମିଶ୍ରଣ ସମ୍ପର୍କରେ ସ୍ୱଲିଖିତ ପୁସ୍ତକ ପ୍ରଦାନ- ବ୍ରିଟିଶ ନେତୃବୃନ୍ଦଙ୍କ ନିକଟରେ ଓଡ଼ିଶାର ସମସ୍ୟା ଉପସ୍ଥାପନ । ନଭେମ୍ବର- ବିଲାତରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ । କଟକରେ ଓଡ଼ିଶା ଆର୍ଟ ଓୟାର ଓ ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠା । ବିଲାତରୁ ପ୍ରତ୍ୟାବର୍ତ୍ତନ ପରେ 'ମଧୁ ବାରିଷ୍ଟର' ନାମରେ ପରିଚିତ ।

୧୮୯୮ : ବଙ୍ଗ ବ୍ୟବସ୍ଥାପକ ସଭାକୁ ପୁନଃ ନିର୍ବାଚିତ- କଟକରେ ପ୍ରଥମ ଶିଳ୍ପ ପ୍ରଦର୍ଶନୀ ଆୟୋଜନ ।

୧୯୦୦ : ସିମଳାଠାରେ ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ ଓ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଦାବୀ । ଡିସେମ୍ବର ୧୬- ଲର୍ଡ଼ କର୍ଜନଙ୍କ କୋଣାର୍କ ଓ ଭୁବନେଶ୍ୱର ମନ୍ଦିର ପରିଦର୍ଶନ ଓ ଓଡ଼ିଶାର ଐତିହ୍ୟ ଓ ପ୍ରାଚୀନ କଳାକୃତିର ସୁରକ୍ଷା ବ୍ୟବସ୍ଥା- ସମ୍ବଲପୁରରେ ହିନ୍ଦି ଭାଷା ପ୍ରବର୍ତ୍ତନ ବିରୁଦ୍ଧରେ ବଡ଼ଲାଟଙ୍କ ଦୃଷ୍ଟି ଆକର୍ଷଣ ।

୧୯୦୧ : ମାର୍ଚ୍ଚ -୧୨ ବଂଗ ବ୍ୟବସ୍ଥାସଭାକୁ ପୁନଃ ନିର୍ବାଚିତ । ଜୁଲାଇ- ରମ୍ଭା ରାଜପ୍ରାସାଦ ଠାରେ ଦେଶମିଶ୍ରଣ ସମ୍ପର୍କରେ ଆୟୋଜିତ ଆଲୋଚନା ସଭାରେ ସଭାପତିତ୍ୱ- ଗଞ୍ଜାମ ଜାତୀୟ ସମ୍ମିଳନୀ ସ୍ଥାପନର ପରିକଳ୍ପନା- ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶା ଡିଭିଜନ ସହ ମିଶ୍ରଣ ପାଇଁ ଦାବୀ । ସେପ୍ଟେମ୍ବର ୩- ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ- ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ଅଲଗା କରି ଓଡ଼ିଆ ଡିଭିଜନ ସହିତ ମିଶ୍ରଣ ଦାବି କରି ବଡ଼ଲାଟ୍‌ଙ୍କୁ ତାରବାର୍ତ୍ତା ।

୧୯୦୨ : କଲିକତା ବିଶ୍ୱବିଦ୍ୟାଳୟରେ ଏଫ୍.ଏ ଓ ବି.ଏ. ଶ୍ରେଣୀର ପାଠ୍ୟ ନିର୍ଘଣ୍ଟରେ ଓଡ଼ିଆ ଭାଷା ସ୍ଥାନିତ । ମାନସିଂହ ପାଟଣା ମକଦ୍ଦମା ।

୧୯୦୩ : ଜାନୁଆରୀ ୧- ସମ୍ବଲପୁରରେ ଓଡ଼ିଆଭାଷା ସରକାରୀ ଭାଷା ରୂପେ ପୁନଃ ପ୍ରଚଳନ । ୨- ସମ୍ରାଟ ସପ୍ତମ ଏଡ୍‌ଓ୍ୱାର୍ଡ଼ଙ୍କ ଅଭିଷେକ ଉତ୍ସବ ଉପଲକ୍ଷେ କଟକରେ ଅନୁଷ୍ଠିତ ଦରବାରରେ ଗଡ଼ଜାତର ରାଜା- ମହାରାଜା ଓ ମୋଗଲବନ୍ଦୀ ଜମିଦାରମାନଙ୍କ ସମାଗମ । ସେମାନଙ୍କୁ ନିଜ ବାସଭବନକୁ ଆମନ୍ତ୍ରଣ- ଦେଶମିଶ୍ରଣ ଆନ୍ଦୋଳନ ପାଇଁ ଏକ ପ୍ରତିନିଧିମୂଳକ ସଂଗଠନ ପ୍ରତିଷ୍ଠା ପାଇଁ ସେହି ସମାବେଶରେ ପ୍ରସ୍ତାବ ଗ୍ରହଣ- ଉତ୍କଳ ସମ୍ମିଳନୀର ଭିତ୍ତିସ୍ଥାପନ । ମାତୃ ବିୟୋଗ । ଓଡ଼ିଆମାନଙ୍କ ଦାବୀ ପ୍ରତି ଜାତୀୟ କଂଗ୍ରେସର ଉଦାସୀନତାର ପ୍ରତିବାଦରେ କଂଗ୍ରେସ ସହିତ ସମ୍ପର୍କ ଛିନ୍ନ । ଏପ୍ରିଲ ୧୧- ବ୍ରହ୍ମପୁରରେ ଗଞ୍ଜାମ ଜାତୀୟ ସମ୍ମିଳନୀର ପ୍ରଥମ ଅଧିବେଶନରେ

ସଭାପତିତ୍ୱ । ଏପ୍ରିଲ ୨୫- ଉତ୍କଳ ସଭା ବୈଠକରେ ସଭାପତିତ୍ୱ- ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନର ଦାୟିତ୍ୱ ଗ୍ରହଣ । ସେପ୍ଟେମ୍ବର ୬- ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣ ଦାବୀ କରି ଡିଭିଜନାଲ କମିଶନରଙ୍କୁ ସ୍ମାରକପତ୍ର । ଅକ୍ଟୋବର ୩୧- କଟକ କନିକା ରାଜବାଟିରେ ଅନୁଷ୍ଠିତ ସଭାରେ 'ଉତ୍କଳ ସମ୍ମିଳନୀ' ସ୍ଥାପନ ପାଇଁ ସିଦ୍ଧାନ୍ତ ଏବଂ ଏଥିପାଇଁ ଗଠିତ କାର୍ଯ୍ୟକାରୀ କମିଟିର ସଂପାଦକ ମନୋନୀତ । ଡିସେମ୍ବର ୧- ଛୋଟଲାଟ କୋଡ଼ଇନଙ୍କ ଦ୍ୱାରା ଉଚ୍ଚକୋଟିର ବାଗ୍ମୀତା ପାଇଁ କେଟୋ (CATO) ଉପାଧିରେ ଭୂଷିତ । ଡିସେମ୍ବର ୩- ରିସଲେ ସର୍କୁଲାର ଘୋଷଣା । ୩୦- 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା ଏବଂ ସଂପାଦକ ଦାୟିତ୍ୱ ଗ୍ରହଣ- ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ୧୯୧୯ ମସିହା ପର୍ଯ୍ୟନ୍ତ 'ଉତ୍କଳ ସମ୍ମିଳନୀ'ର ପ୍ରାଣକେନ୍ଦ୍ର । 'ଉତ୍କଳ ସମ୍ମିଳନୀ' କଂଗ୍ରେସ ଠାରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିଚ୍ଛିନ୍ନ । 'ଉତ୍କଳ ସାହିତ୍ୟ ସମାଜ'ର ପ୍ରତିଷ୍ଠାତା ସଭ୍ୟ - ଓଡ଼ିଶା ସ୍ପୋର୍ଟସ ଆସୋସିଏସନ ସ୍ଥାପନ- ବ୍ୟାୟାମ ଶିକ୍ଷାର ବିକାଶ ପାଇଁ ଓଡ଼ିଶା ଆର୍ଟସ ଓ୍ୱାରସ୍ ନାମରେ ସିଲଡ୍ ପ୍ରଦାନ ।

୧୯୦୪ : ଜାନୁଆରୀ -୪ ଭାରତ ସମ୍ରାଟଙ୍କ ଦ୍ୱାରା ସି.ଆଇ.ଇ. (Companion of the Indian Empire) ଉପାଧିରେ ଭୂଷିତ । କଲିକତା ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ ମନୋନୀତ । ଜୁଲାଇ ୧୬- ଉତ୍କଳ ଯୁବକ ସଂଘ (Utkal Young mans Association)) ଗଠନ । ସ୍ୱଦେଶୀ ଶିଳ୍ପର ପ୍ରଦର୍ଶନୀ ଆୟୋଜନ ।

୧୯୦୫ : ଓଡ଼ିଶା ଡିଭିଜନରେ ସମ୍ବଲପୁର ଜିଲ୍ଲା ସାମିଲ, କିନ୍ତୁ ଗଞ୍ଜାମ ଓ ଭାଇଜାଗ ମିଶ୍ରଣ ଦାବୀ ପ୍ରତ୍ୟାଖ୍ୟାତ- ମତଭେଦ ଯୋଗୁଁ ଉତ୍କଳ ସମ୍ମିଳନୀ ସଂପାଦକ ପଦରୁ ଇସ୍ତଫା ପ୍ରଦାନ, କିନ୍ତୁ ମଇ ୨୧ ତାରିଖରେ କାର୍ଯ୍ୟ ନିର୍ବାହୀ କମିଟିର ଅନୁରୋଧ କ୍ରମେ ଇସ୍ତଫାପତ୍ର ପ୍ରତ୍ୟାହାର । ନିଜ ବାସଭବନ ହତାରେ ଉତ୍କଳ ଯୁବସମିତି ଛାତ୍ରାବାସ ସ୍ଥାପନ- ସାଲେପୁରରେ ତାଳଗୁଡ଼ ସଂସ୍ଥା ପ୍ରତିଷ୍ଠା । ଇଂରାଜୀ ସାପ୍ତାହିକ 'ଦି ଷ୍ଟାର ଅଫ୍ ଉତ୍କଳ'ର ପୃଷ୍ଠପୋଷକତା । ଡିସେମ୍ବର- ଓଡ଼ିଶା ଆର୍ଟ ଓ୍ୱାରସ୍‌ରେ ହସ୍ତତନ୍ତ ବୟନ କାର୍ଯ୍ୟ ଆରମ୍ଭ- ଓଡ଼ିଶାର ବି.ଏସ୍.ସି. ଛାତ୍ରମାନଙ୍କ ପାଇଁ ସାମନ୍ତ ଚନ୍ଦ୍ରଶେଖର ଛାତ୍ରବୃତ୍ତି ପ୍ରଦାନ । ଉତ୍କଳ ଟ୍ୟାନେରୀ ସ୍ଥାପନ । କଟକରେ ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ ଉଦ୍ୟମ ।

୧୯୦୬ : ଫେବୃୟାରୀ ୨- ବଙ୍ଗ ବ୍ୟବସ୍ଥାପକ ସଭା ନିର୍ବାଚନରେ ପରାଜିତ । ଜୁନ୍- ଦ୍ୱିତୀୟ ଥର ବିଲାତ ଯାତ୍ରା- ଭାରତ ସଚିବ ଲର୍ଡ଼ ମର୍ଲେଙ୍କ ସହିତ ଦେଶ ମିଶ୍ରଣ ସମ୍ପର୍କରେ ଆଲୋଚନା- ଇଣ୍ଡିଆନ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ସଭାରେ ଓଡ଼ିଶା ସମସ୍ୟା ଉପରେ ଭାଷଣ- ରେଭେନ୍ସା ସାହେବଙ୍କୁ ସାକ୍ଷାତ- unrest India ନାମକ ପୁସ୍ତକ ବିଲାତର ଶାସକ, ପାର୍ଲାମେଣ୍ଟ ସଦସ୍ୟ, ବୁଦ୍ଧିଜୀବୀମାନଙ୍କୁ ବଣ୍ଟନ । ଦୁର୍ଭିକ୍ଷ ସାହାଯ୍ୟ କମିଟିର ସଭାପତି ମନୋନୀତ । ଡିସେମ୍ବର- କଲିକତା ଠାରେ ଭାରତର ଶାସନ ବିକେନ୍ଦ୍ରୀକରଣ ସମ୍ପର୍କରେ ଲର୍ଡ଼ ହ୍ୱେଲବି କମିଶନ ଆଗରେ ସାକ୍ଷ୍ୟପ୍ରଦାନ ଓ ଭାଷା ସୂତ୍ରରେ ପ୍ରଦେଶ ଗଠନ ଦାବୀ ।

୧୯୦୯ : ତୃତୀୟ ଥର ପାଇଁ ୧୯୧୨ ମସିହା ପର୍ଯ୍ୟନ୍ତ ବଂଗ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ । ବଡ଼ଲାଟ ସାର ବେକରଙ୍କୁ ନିଜ ବାସଭବନରେ ସମ୍ବର୍ଦ୍ଧନା ।

୧୯୧୦ : ଜୁନ୍ ୩- 'ଉତ୍କଳ ସଭା' ସଭାପତି ପଦରୁ ଇସ୍ତଫା । ରେଭେନ୍ସା କଲେଜରେ ଇତିହାସ ଅଧ୍ୟାପକ ନିଯୁକ୍ତି ପାଇଁ ଦାବୀ ।

୧୯୧୧ : ବଂଗ ବ୍ୟବସ୍ଥାପକ ସଭାରେ ଜମିଦାର ପ୍ରଥାର ଉଚ୍ଛେଦ ପାଇଁ ରୟତିସ୍ୱତ୍ୱ ବିଲ୍ ଆଲୋଚନାରେ ଦାବୀ ।

୧୯୧୨ : ଏପ୍ରିଲ ୧- ବିହାର-ଓଡ଼ିଶା ପ୍ରଦେଶ ଗଠିତ । ପ୍ରଜା ପ୍ରତିନିଧି ସଭା ଗଠନ । ୧୯୨୩ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଦସ୍ୟ । ପ୍ରଜାସତ୍ୱ ବିଲ୍ ବଡ଼ଲାଟ୍‌ଙ୍କ ଦ୍ୱାରା ଆଗ୍ରାହ୍ୟ । ବିହାର ଛାତ୍ର ସମ୍ମିଳନୀରେ ସଭାପତିତ୍ୱ ।

୧୯୧୩ : ଜାନୁଆରୀ ୨୦- ଓଡ଼ିଶାର ପ୍ରଜା ପ୍ରତିନିଧି ରୂପେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଦସ୍ୟ ମନୋନୀତ । ୨୭- ଭାରତୀୟ ବିଧାନ ପରିଷଦ (Imperial Council) କୁ ସର୍ବପ୍ରଥମ ଓଡ଼ିଆ ସଭ୍ୟ ରୂପେ ମନୋନୀତ ଏବଂ ୧୯୧୬ ମସିହା ପର୍ଯ୍ୟନ୍ତ ଅବସ୍ଥାପିତ । ଡିସେମ୍ବର- ପୁରୀଠାରେ ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ ପ୍ରଥମଥର ସଭାପତିତ୍ୱ ।

୧୯୧୪ : ପାଟନା ବିଶ୍ୱବିଦ୍ୟାଳୟ କମିଟିର ସଭ୍ୟ ମନୋନୀତ । ଡିସେମ୍ବର- ପାରଳାଖେମୁଣ୍ଡିରେ 'ଉତ୍କଳ ସମ୍ମିଳନୀ' ଅଧିବେଶନରେ ଯୋଗଦାନ । ୨୩- ସାନଭାଇ ଗୋପାଳବଲ୍ଲଭଙ୍କ ପରଲୋକ ।

୧୯୧୫ : ବାଲ୍ୟଗୁରୁ 'ଉତ୍କଳ ସଭା' ସଂପାଦକ ଗୌରୀଶଙ୍କର ରାୟଙ୍କ ପରଲୋକ । ଏଲ୍ଲାବାଦରେ ନିଖିଳ ଭାରତ ଖ୍ରୀଷ୍ଟିୟାନ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ମନୋନୀତ ।

୧୯୧୬ : ଡିସେମ୍ବର ୨୭- ମାନ୍ଦ୍ରାଜ ଠାରେ ଅନୁଷ୍ଠିତ ନିଖିଳ ଭାରତ ଖ୍ରୀଷ୍ଟିୟାନ ସମ୍ମିଳନୀର ସଭାପତି ମନୋନୀତ । ପାଟନା ହାଇକୋର୍ଟରେ ଓକିଲାତି-

ଇମ୍ପେରିଆଲ କାଉନସିଲରେ ସରକାରଙ୍କ ପକ୍ଷରୁ ସଭ୍ୟ ମନୋନୀତ ।

୧୯୧୭ : 'ଉତ୍କଳ ସମ୍ମିଳନୀ'ର ମୁଖପତ୍ର ଇଂରାଜୀ ସାପ୍ତାହିକ 'ଦି ଓଡ଼ିଆ'ର ସଂପାଦକ । ପାଟନା ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ସିନେଟ ଓ ସିଣ୍ଡିକେଟ ସଭ୍ୟ ମନୋନୀତ । ଭାରତ ସଚିବ ମଣ୍ଟେଗୁଙ୍କ ଘୋଷିତ ସାତଜଣିଆ ସାମ୍ବିଧାନିକ ସଂସ୍କାର କମିଟିର ସଦସ୍ୟ ମନୋନୀତ । ଡିସେମ୍ବର ୧୧ - କଲିକତା ଠାରେ ପ୍ରତିନିଧି ଦଳରେ ଭାରତ ସଚିବ ମଣ୍ଟେଗୁ ଓ ବଡ଼ଲାଟ ଚେମସ୍‌ଫୋର୍ଡ଼ଙ୍କୁ ସାକ୍ଷାତ ଏବଂ ଓଡ଼ିଆ ଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ- ଉପ ପ୍ରଦେଶ ଗଠନ ପାଇଁ ଶାସନ ସଂସ୍କାର କମିଟିକୁ ସ୍ମାରକପତ୍ର ପ୍ରଦାନ । ୩୦-୩୧ କଟକରେ 'ଉତ୍କଳ ସମ୍ମିଳନୀ'ର ୧୩ଶ ଅଧିବେଶନରେ ଗଠିତ କାଉନସିଲର ସଂପାଦକ ମନୋନୀତ । କଲିକତା ଠାରେ ଅନୁଷ୍ଠିତ ଓଡ଼ିଆମାନଙ୍କ ସଭାରେ ଯୋଗଦାନ ।

୧୯୧୮ : ସେପ୍ଟେମ୍ବର-୨୧-୨୨— କଟକରେ 'ଉତ୍କଳ ସମ୍ମିଳନୀ'ର ବିଶେଷ ଅଧିବେଶନରେ ସଭାପତିତ୍ୱ । 'ଉତ୍କଳସମ୍ମିଳନୀ' ସମ୍ପାଦକ ପଦରୁ ଇସ୍ତଫା । ନାଗପୁରରେ ଅନୁଷ୍ଠିତ ନିଖିଳ ଭାରତୀୟ ଖ୍ରୀଷ୍ଟିୟାନ ସମ୍ମିଳନୀରେ ସଭାପତିତ୍ୱ ।

୧୯୧୯ : ଜାନୁଆରୀ- 'ଦି ଓଡ଼ିଆ' ସଂପାଦକ ପଦରୁ ଇସ୍ତଫା । ଜୁଲାଇ ୧୯- 'ଉତ୍କଳ ସାହିତ୍ୟ ସମାଜ' ନିଜସ୍ୱ ଗୃହର ଭିତ୍ତି ସ୍ଥାପନ । ଡିସେମ୍ବର ୨୭- ପୁରୀରେ ଉତ୍କଳ ଛାତ୍ର ସମ୍ମିଳନୀରେ ସଭାପତିତ୍ୱ । କଟକରେ ନିଃ.ଭାଃ ଖ୍ରୀଷ୍ଟିୟାନ ସମ୍ମିଳନୀର ଷଷ୍ଠ ଅଧିବେଶନ ଆୟୋଜନ ।

୧୯୨୦ : ନଭେମ୍ବର ୩୦- ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ।

୧୯୨୧ : ଏପ୍ରିଲ ୨୨- ବିହାର-ଓଡ଼ିଶା ସରକାରରେ ସ୍ୱାୟତ୍ତଶାସନ ମନ୍ତ୍ରୀ ନିଯୁକ୍ତ । ସ୍ୱାୟତ୍ତ ଶାସନ ଓ ମ୍ୟୁନିସପାଲିଟି ସଂଶୋଧନ ଆଇନ ପ୍ରଣୟନ ।

୧୯୨୩ : ମାର୍ଚ୍ଚ-୨୮— ଭାରତୀୟ ନାରୀମାନଙ୍କୁ ଆଇନଜୀବୀର ଅଧିକାର ପ୍ରଦାନ ପାଇଁ ଲିଗାଲ ପ୍ରାକ୍ଟିସନର ଆକ୍ଟର ସଂଶୋଧନ । ପାଳିତା କନ୍ୟା ଶୈଳବାଳା ଭାରତର ପ୍ରଥମ ମହିଳା ଆଡ୍‌ଭୋକେଟ । ମାର୍ଚ୍ଚ-୮— ଅବୈତନିକ ମନ୍ତ୍ରୀତ୍ୱ ଓ ଓକିଲାତି କରିବା ପାଇଁ ଦାବି କରି ମନ୍ତ୍ରୀତ୍ୱରୁ ଇସ୍ତଫା । ପାଟନାରେ ଓକିଲାତି । ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ । 'ଉତ୍କଳ ୟୁନିୟନ କମିଟି' ମାଧ୍ୟମରେ ଓଡ଼ିଆ ଆନ୍ଦୋଳନ ପରିଚାଳନା ।

୧୯୨୪ : ଜୁନ୍ ୨୮- କଟକରେ ପ୍ରଦେଶ କଂଗ୍ରେସର ରାଜନୈତିକ ସମ୍ମିଳନୀରେ କଂଗ୍ରେସ ସଭ୍ୟ ଶ୍ରେଣୀଭୁକ୍ତ । ଫିଲପ-ଡଫ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ ।

୧୯୨୫ : ଅଗଷ୍ଟ ୧୯- ମହାତ୍ମାଗାନ୍ଧୀଙ୍କ ଉତ୍କଳ ଟ୍ୟାନେରୀ ପରିଦର୍ଶନ । ଋଣଗ୍ରସ୍ତ ହୋଇ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ । ସ୍ଥାବର- ଅସ୍ଥାବର ସମ୍ପତ୍ତି କ୍ରୋକ ନିଲାମ । ଅକ୍ଟୋବର ୨୧- ବାସଗୃହ ନିଲାମ- ଚନ୍ଦ୍ର କୁମାର ହାଜରାଙ୍କ ଦ୍ୱାରା ଶୈଳବାଳାଙ୍କ ନାମରେ ନିଲାମ ଗ୍ରହଣ । ମୁଡ଼ିମ୍ୟାନ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ ।

୧୯୨୬ : ନଭେମ୍ବର ୧୫- 'ଉତ୍କଳ ଟ୍ୟାନେରୀ' ନିଲାମ- ପୁରୀର ମହାରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ ନିଲାମ ଗ୍ରହଣ ।

୧୯୨୭ : ମାର୍ଚ୍ଚ ୨୧- ଦେବାଳିଆ ଘୋଷଣା ପାଇଁ ଅଦାଲତରେ ଆବେଦନ । ଅଗଷ୍ଟ ୪- ଦେବାଳିଆ ଘୋଷିତ । ହାଇକୋର୍ଟରେ ପୁଣି ଓକିଲାତି ।

୧୯୨୮ : ନଭେମ୍ବର ୧୦- ଓଡ଼ିଶା ଲିବରାଲ ଲିଗ୍ ଗଠନ- ଲିଗ୍ ପକ୍ଷରୁ ଡିସେମ୍ବର ମାସରେ ପାଟନା ଠାରେ ସାଇମନ କମିଶନଙ୍କୁ ସ୍ୱାଗତ ଓ ସ୍ମାରକପତ୍ର ପ୍ରଦାନ ପାଇଁ ପ୍ରତିନିଧି ପ୍ରେରଣ ।

୧୯୨୯ : ଜାତୀୟ କଂଗ୍ରେସରୁ ଇସ୍ତଫା ।

୧୯୩୦ : ଜାନୁଆରୀ ୧୧- ଓଡ଼ନେଲ କମିଟିକୁ କଟକ ରେଳ ଷ୍ଟେସନ ଠାରେ ସ୍ୱାଗତ ଓ 'ଉତ୍କଳ ୟୁନିଅନ କମିଟି' ପକ୍ଷରୁ ସାକ୍ଷ୍ୟ ପ୍ରଦାନ । ଜାମସେଦ୍‌ପୁର ଓ ସିଂହଭୂମି ଅଞ୍ଚଳରେ ମିଶ୍ରଣ ସପକ୍ଷରେ ଜନମତ ସୃଷ୍ଟି । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଓଡ଼ନେଲ କମିଟିର ସୁପାରିଶ- ଶ୍ୱେତପତ୍ର ପ୍ରକାଶ । ଛିନ୍ନମସ୍ତା ଦିବସ ପାଳନ ଉତ୍ସବରେ ସଭାପତିତ୍ୱ ।

୧୯୩୩ : ଫେବୃୟାରୀ ୧୩- କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ନେତା ସମ୍ମିଳନୀରେ ଅନ୍ତିମ ଭାଷଣ । ମଇ-୨ — ଜୟପୁର ଓ ପାରଳା ମିଶ୍ରଣ ପାଇଁ ପ୍ରଚେଷ୍ଟା । ଭାରତ ସରକାରଙ୍କ ଦ୍ୱାରା ସାର ଜନ୍ ହବାକଙ୍କ ଅଧକ୍ଷତାରେ ଗଠିତ ଓଡ଼ିଶା ପ୍ରଶାସନିକ କମିଟିର ସଭ୍ୟ ମନୋନୀତ- ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ- କମିଟିର ଶେଷ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ଓ ରିପୋର୍ଟରେ ସ୍ୱାକ୍ଷର- ଜାତିପାଇଁ ଜୀବନର ଅନ୍ତିମ ଅବଦାନ ।

୧୯୩୪ : ଜାନୁଆରୀ-ସ୍ୱାସ୍ଥ୍ୟର ଦ୍ରୁତ ଅବନତି- ଫେବୃୟାରୀ ୩- ରାତି ୧.୨୦ (୪ତାରିଖ) ୮୬ ବର୍ଷ ବୟସରେ କର୍ମମୟ ଜୀବନର ଅବସାନ ।


*ମାର୍ଫତ- ମନୋଜ କୁମାର ନାୟକ*

*ଅନ୍ନପୂର୍ଣ୍ଣା ଲେନ୍, ପିଠାପୁର, କଟକ-୭୫୩୦୦୧*

# ମଧୁବାବୁଙ୍କ ଓଡ଼ିଆ ପ୍ରୀତି

● ଡକ୍ଟର ହରିହର କାନୁନଗୋ

ଓଡ଼ିଆ ଜାତୀୟ ଜୀବନର ଅଗ୍ରଦୂତ, ପ୍ରାଣ ପ୍ରତିଷ୍ଠାତା, ନିର୍ଭୀକ ନେତା ଉତ୍କଳ ଗୌରବ ମଧୁସୂଦନ ଥିଲେ ଓଡ଼ିଶା ପ୍ରଦେଶ ଗଠନର ସ୍ରଷ୍ଟା ଓ କର୍ଣ୍ଣଧାର । କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀଙ୍କର ସେ ଥିଲେ ସୁଯୋଗ୍ୟ ସନ୍ତାନ । ଗ୍ରାମ୍ୟ ପାଠଶାଳାରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ସେ ୧୮୬୪ରେ ରେଭେନ୍ସା କଲେଜିଏଟ ସ୍କୁଲରୁ ମାଟ୍ରିକ୍ୟୁଲେସନ ପାଶ୍ କଲେ । ୧୮୬୦ ରୁ ୧୮୬୫ ମଧ୍ୟରେ କଟକରେ ଅଧ୍ୟୟନ କାଳରେ ହାଇସ୍କୁଲର ଛାତ୍ର ମଧୁବାବୁ ଓଡ଼ିଆ ଅନଭିଜ୍ଞ ଶିକ୍ଷକମାନଙ୍କ ଅଧ୍ୟାପନାରେ ଅସୁବିଧା ଅଙ୍ଗେ ଲିଭାଇଥିଲେ ଏବଂ ତାହାର ଦୂରୀକରଣ ପାଇଁ ୧୯୬୬ର ନଅଙ୍କ ଦୁର୍ଭିକ୍ଷ ପୂର୍ବରୁ ଓଡ଼ିଆ ଭାଷାରେ ଶିକ୍ଷାଦାନ ପାଇଁ ଆନ୍ଦୋଳନର ସୂତ୍ରପାତ କରିଥିଲେ । ଏହି ମାତୃଭାଷା ପ୍ରୀତି ପରବର୍ତ୍ତୀ କାଳରେ ମାତୃଭୂମିର ଏକତ୍ରୀକରଣ ନିମନ୍ତେ ତାହାଙ୍କ ହୃଦୟରେ ବଦ୍ଧମୂଳ ହୋଇଥିଲା । ମାଟ୍ରିକ ପାଶ୍ କରିବା ପରେ ପିତାଙ୍କ ଅର୍ଥାଭାବ ଯୋଗୁଁ ମଧୁସୂଦନ ଆଉ ପଢ଼ି ପାରିଲେ ନାହିଁ । ବାଲେଶ୍ୱରରେ ଶିକ୍ଷକତା କରିବା ସମୟରେ ଫକୀର ମୋହନ, ରାଧାନାଥ ଓ ମଧୁସୂଦନ ରାଓଙ୍କ ସହିତ ତାଙ୍କର ଘନିଷ୍ଠ ବନ୍ଧୁତା ହେଲା । ସେମାନେ ଏକତ୍ର ବସି ତତ୍କାଳୀନ ଓଡ଼ିଶାର ଅନୁନ୍ନତ ଅବସ୍ଥାର ପ୍ରତିକାର ପନ୍ଥା ବିଷୟରେ ଦୀର୍ଘ ଆଲୋଚନା କରୁଥିଲେ । କିନ୍ତୁ ଶିକ୍ଷକତା ତାଙ୍କ ଭାଗ୍ୟରେ ସବୁଦିନ ପାଇଁ ରହିଲା ନାହିଁ । ତାକୁ ଛାଡ଼ି ଉଚ୍ଚଶିକ୍ଷା ପାଇଁ ଚାନ୍ଦବାଲିରୁ ଷ୍ଟିମରରେ କଲିକତା ଯାତ୍ରା କଲେ । ଉଚ୍ଚଶିକ୍ଷା ଲାଭ କରି ନିଜକୁ ପ୍ରତିଷ୍ଠିତ କଲେ ଜାତି ପ୍ରତିଷ୍ଠା ଲାଭ କରିବ– ଏହା ଥିଲା ତାଙ୍କର ସ୍ୱପ୍ନ । କଲିକତାସ୍ଥିତ ଭବାନୀପୁରର ବେଥୁନ୍‌କଲେଜରେ ଅଧ୍ୟୟନ କଲାବେଳେ ୧୮୬୯ରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ପ୍ରଭୁ ଯୀଶୁ ଆପଣାର ମୃତ୍ୟୁଜନିତ ଯନ୍ତ୍ରଣାରେ ବ୍ୟଥିତ ନହୋଇ ଜନମାନସର ମଙ୍ଗଳକାମନା କରିଥିଲେ । ଏହି ଚେତନାଟି ମଧୁବାବୁଙ୍କୁ ଆକୃଷ୍ଟ କରିବାରୁ ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କଲେ । ପିତା ରଘୁନାଥ ଏହି ପଥରୁ ନିବର୍ତ୍ତାଇବା ପାଇଁ ଚେଷ୍ଟା କରି ବିଫଳ ହୋଇ ଶେଷରେ ତାଙ୍କୁ ତ୍ୟାଜ୍ୟପୁତ୍ର କରିଥିଲେ । ୧୮୭୦ ରେ ବି.ଏ, ୧୮୭୩ରେ ଏମ୍.ଏ. ଓ ୧୮୭୮ରେ ବି.ଏଲ୍ ଡିଗ୍ରୀ ହାସଲ କରିବାରେ ସେ ଥିଲେ ପ୍ରଥମ ଓଡ଼ିଆ । ତାଙ୍କର ପତ୍ନୀ ସୌଦାମିନୀଙ୍କର ହୃଦରୋଗରେ ହଠାତ୍ ପରଲୋକ ହେବାରୁ ଉଦ୍‌ବିଗ୍ନ ହୋଇ ୧୮୮୧ରେ ସେ କଟକ ଫେରିଆସିଲେ । ନିଜ ପ୍ରାଣପ୍ରିୟା ପତ୍ନୀଙ୍କର ମୃତ୍ୟୁ କେବଳ ତାଙ୍କୁ ଆଘାତ ଦେଇନଥିଲା, ବରଂ ନିଜପ୍ରତି ଦୃଢ଼ ନିଷ୍ଠୁର ଓ ନିର୍ମମ ହୋଇ ବ୍ୟକ୍ତିଗତ ଜୀବନର ନିଃସଙ୍ଗତାକୁ ଲଂଘନକରି ଦେଶ ମାତୃକାର ସେବା କରିବା ପାଇଁ ଅନୁପ୍ରାଣିତ କରିଥିଲା । ତାପରେ ସେ କଟକରେ ରହି ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଅଳ୍ପ କେତେବର୍ଷ ଭିତରେ ସେ ଆଇନ୍ ବ୍ୟବସାୟରେ ଖ୍ୟାତିଲାଭ କରିବାରୁ ଲୋକେ ତାଙ୍କୁ ମଧୁ ବାରିଷ୍ଟର ବୋଲି ଡାକିଲେ । ଓଡ଼ିଶାର ଗ୍ରାମାଞ୍ଚଳରେ ଅଦ୍ୟାବଧି ତାଙ୍କର ସୁଖ୍ୟାତି ସମ୍ପର୍କରେ ଏକ ପ୍ରବାଦ ଅଛି–



'ପାଠ ପଢ଼ିବି, ଓକିଲ ହେବି
ମଧୁ ବାରିଷ୍ଟର ସଂଗେ ଲଢ଼ିବି ।'

ବହୁ ସ୍ୱନାମଧନ୍ୟ ଜାତିପ୍ରାଣ ଏ ମାଟିରେ ଜନ୍ମଗ୍ରହଣ କରିଛନ୍ତି ସତ, କିନ୍ତୁ ମଧୁବାବୁ ହିଁ କେବଳ ଓଡ଼ିଶା ଭୂଇଁରେ ଜାତୀୟ ଗୌରବ

ମା ଉତ୍କଳ ଗୌରବର ଅଧିକାରୀ ହୋଇପାରିଛନ୍ତି । ବିସ୍ମୃତିର ବାଲୁକା ଗର୍ଭରୁ ସେ ଓଡ଼ିଆମାନଙ୍କ ଜାତୀୟ ଜୀବନର ପୁନରୁଦ୍ଧାର କରିଛନ୍ତି । ଛିନ୍ନବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେ ବଳିଷ୍ଠ, ଅନନ୍ୟ ଓ ଯୁଗୋପଯୋଗୀ ପଦକ୍ଷେପ ନେଇଛନ୍ତି ।

୧୫୬୮ ଖ୍ରୀ.ଅ:ର ଗୋହିରାଟିକିରୀ ଯୁଦ୍ଧ ସେତେବେଳେ ଓଡ଼ିଆ ଜାତିର ମେରୁଦଣ୍ଡ ଦୋହଲାଇ ଦେଇଥିଲା । କାଳର କୁଟିଳ ଗତିରେ ଗତିଶୀଳ ଓଡ଼ିଶା ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନାଧୀନ ହେବା ଫଳରେ ଖଣ୍ଡ ବିଖଣ୍ଡିତ ହୋଇ ବହୁ ନିର୍ଯ୍ୟାତନାର ଶିକାର ହୋଇଥିଲା । ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୃଷ୍ଠପୋଷକତା କରିବା ପାଇଁ ଉଦ୍ୟମର ଘୋର ଅଭାବ ସେତେବେଳେ ପରିଲକ୍ଷିତ ହୋଇଥିଲା । ୧୮୦୩ରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର ବେଳେ ଓଡ଼ିଆମାନଙ୍କର ଦାବୀ ହାସଲ ପାଇଁ ପ୍ରତିବାଦ କରିବାର ପ୍ରଚେଷ୍ଟା କାହାରି ନଥିଲା । ସମୟ କ୍ରମେ ଇଂରେଜମାନଙ୍କ ରାଜତ୍ୱ କାଳରେ ଶାସନ ସଂସ୍କାରର ଦୁହାଇ ଦେଇ ଓଡ଼ିଶାର ବିଭାଜନ, ବିଭିନ୍ନ କରର ପ୍ରଚଳନ ଓ ଦମନନୀତି ଏ ଜାତିକୁ ନିଷ୍ପେଷିତ ଓ ଅବହେଳିତ କରିଦେଲା । ୧୮୬୬ର ନଅଙ୍କ ଦୁର୍ଭିକ୍ଷ, ୧୮୬୯ର ଭାଷାବିଲୋପ ଆନ୍ଦୋଳନ ଏ ଜାତିର ଅସ୍ତିତ୍ୱକୁ ଧ୍ୱଂସ କରିଦେବା ପାଇଁ ପଥ ସୁଗମ କରିଦେଲା । ଓଡ଼ିଆ ଜାତିର ଏହି ସଂକଟକାଳରେ ଜାତିର ଉତ୍‌ଥାନ ଓ ସ୍ୱାଭିମାନକୁ ବଞ୍ଚାଇ ରଖିବାପାଇଁ ଉତ୍କଳ ଦୀପିକା, ଉତ୍କଳପତ୍ର, ପ୍ରଜାବନ୍ଧୁ, ଓଡ଼ିଆ ଓ ନବସମ୍ବାଦ ଏବଂ ପାଟ୍ରିଅଟ ଆଦି ପତ୍ରପତ୍ରିକା ମାଧ୍ୟମରେ କ୍ଷୀଣ ଉଦ୍ୟମ ଆରମ୍ଭ ହେଲା । ଏପରିକି ଉନବିଂଶ ଶତାବ୍ଦୀର ଶେଷଆଡ଼କୁ ଓଡ଼ିଆଭାଷା ସାହିତ୍ୟର ସୁରକ୍ଷା ଓ ଉନ୍ନତି ସଂଗେ ସଂଗେ ଓଡ଼ିଆଙ୍କ ମଧ୍ୟରେ ଜାତୀୟତାର ଶିହରଣ ଖେଳିଯିବାରେ ସହାୟକ ହେଲା । ଓଡ଼ିଆ ଭାଷାମାତ୍ରେ ଓଡ଼ିଶାବାସୀ ହେବା ଥିଲା ମଧୁବାବୁଙ୍କର ସ୍ୱପ୍ନ-କାମନା । ଏ ଦେଶ ଓ ଜାତିପ୍ରତି ଆପଣାର କର୍ତ୍ତବ୍ୟ ବିଷୟରେ ସଚେତନ ଥାଇ ଖଣ୍ଡ ବିଖଣ୍ଡିତା ଉତ୍କଳ ଜନନୀର ଜାତିରେ ବିମର୍ଷ-ବିଚଳିତ ହୋଇପଡ଼ିଲେ ସେ । ଆଗଙ୍ଗା ଗୋଦାବରୀ ପରିବ୍ୟାପ୍ତ ଉତ୍କଳଜନନୀ ଅନ୍ୟମାନଙ୍କ ପାଖରେ ଯେପରି ଆଶ୍ରିତା, ଦଳିତା ଓ ଲାଞ୍ଛିତା ହୋଇ ରହିଥିଲା, ସେହି ମା'ର ଦୁର୍ଦ୍ଦଶାକୁ ସ୍ମରଣ କରି ସେ ଅଧୀର ହେଲେ । ସୃଷ୍ଟି କଲେ ଓଡ଼ିଆ ଜାତିର ପ୍ରାଣରେ ଅଗ୍ନିବର୍ଷୀ ଚେତାବନୀ । ଓଡ଼ିଆ ଜାତିକୁ ଦୁର୍ଦ୍ଦିନର ଅନ୍ଧକାର ମଧ୍ୟରୁ ଆଲୋକର ସ୍ପର୍ଶ ଦେବାପାଇଁ ଅଣ୍ଟାଭିଡ଼ି ଆଗେଇ ଆସିଲେ । ବିଖଣ୍ଡିତା ଉତ୍କଳର ସମସ୍ତ ଗୌରବ ଭୂଲୁଣ୍ଠିତ ହୋଇ ଚତୁର୍ଦ୍ଦିଗରେ ନୈରାଶ୍ୟ ଓ ଅସହାୟତାର କାଳିମା ଓଡ଼ିଆ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଥିଲା । ଏହିଭଳି ଅବସ୍ଥାରେ ମଧୁବାବୁଙ୍କର ବଜ୍ର ନିର୍ଘୋଷ ବାଣୀ କ୍ଷୀଣ ପ୍ରାଣରେ ସଞ୍ଜିବନୀ ସଞ୍ଚାର କଲା ।

"ତୁ ପରା ବୋଲାଉ ଉତ୍କଳ ସନ୍ତାନ ତେବେ କିମ୍ପା ଏତେ ଭୀରୁ
ତୋହର ଜନନୀ ରୋଦନ କରିଲେ କହିବାକୁ କିଆଁ ଡରୁ ।
ତୋ ପୂର୍ବପୁରୁଷ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ
ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି ।"

ଓଡ଼ିଶା ପାଇଁ କାର୍ଯ୍ୟ କଲାବେଳେ ତାଙ୍କର ମନ ସଂକୀର୍ଣ୍ଣ ନଥିଲା । ମହାଭାରତୀୟ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇଉଠିଥିଲେ । ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସର ତୃତୀୟ ଅଧିବେଶନରେ କର୍ମଯୋଗୀ ଗୌରୀଶଙ୍କରଙ୍କ ସହିତ ଯୋଗଦେଇ ଫେରି ଆସିବା ପରେ କଟକରେ ପ୍ରଦତ୍ତ ସମ୍ବର୍ଦ୍ଧନାର ଉତ୍ତରରେ ସେ କହିଥିଲେ, "ସଂକୀର୍ଣ୍ଣ ଜାତିଭାବ ଓ ପ୍ରାଦେଶିକତାକୁ ପଛରେ ପକାଇ ଦେବାକୁ ହେବ । ସମଗ୍ର ଭାରତବର୍ଷକୁ ନିଜର ମାତୃଭୂମି ରୂପେ ଗ୍ରହଣ କରି ମହାଭାରତୀୟ ଭାବରେ ଅନୁପ୍ରାଣିତ ହେବାକୁ ହେବ– ଏକତା ପ୍ରତିଷ୍ଠା କରିବାକୁ ହେବ । ଭାରତବାସୀ ସମସ୍ତେ ଏକ ଜାତି ବୋଲି ଭାବି କାର୍ଯ୍ୟ କରିବାକୁ ହେବ । ଓଡ଼ିଶା ମହାଭାରତର ଏକ ଅଙ୍ଗ । ସମଗ୍ର ଭାରତର ଉନ୍ନତି ନହେଲେ ଓଡ଼ିଶାର ଉନ୍ନତି ଅସମ୍ଭବ । ଭାରତର ସୁଖ ଦୁଃଖ ସଂଗେ ଜଡ଼ିତ ରହି, ସାମ୍ୟ ରକ୍ଷାକରି, ତାଳ ମିଶାଇ ଓଡ଼ିଶାକୁ ଅଗ୍ରସର ହେବାକୁ ହେବ । ଜାତୀୟତା ଭିତରେ ନିଚ ସ୍ୱାର୍ଥପରତା, ସଂକୀର୍ଣ୍ଣତାର ସ୍ଥାନ ନାହିଁ । ପ୍ରାଦେଶିକ ଉନ୍ନତି ଭାରତୀୟ ଉନ୍ନତିର ପରିପନ୍ଥୀ ନୁହେଁ । ଓଡ଼ିଆ ଭାଷା ଓ ସଂସ୍କୃତି, ଶାସନ ପ୍ରଭୃତିର ଉନ୍ନତି ବିଧାନ ପାଇଁ ଉଦ୍ୟମ କରିବା ସଂଗେ ସଂଗେ ସମଗ୍ର ଭାରତବର୍ଷର ଉନ୍ନତି ପ୍ରତି ମଧ୍ୟ ଲକ୍ଷ୍ୟ ରଖିବାକୁ ହେବ ।" ଏଥିରୁ ଏ ଜାତିର ଅଗ୍ରଦୂତ ମଧୁସୂଦନଙ୍କ ଆଦର୍ଶ, ଉଦାରତା ଓ ଜାତି ପ୍ରୀତିର ପ୍ରମାଣ ମିଳେ ।

୧୮୮୨ ଅଗଷ୍ଟ ୧୬ ତାରିଖରେ ବଙ୍ଗଳାରୁ ଫେରି ମଧୁସୂଦନ ଗୌରୀଶଙ୍କର ରାୟ ଓ ଚୌଧୁରୀ କାଶୀନାଥ ଦାସଙ୍କୁ ଧରି ଧାରାବାହିକ ଆନ୍ଦୋଳନ ଚଳାଇବା ପାଇଁ ଗଠନ କଲେ ଉତ୍କଳ ସଭା । ଏହାମୂଳରେ ତଦାନିନ୍ତନ ଭାରତର ବଡ଼ଲାଟ ଲର୍ଡ଼ ରିପନ୍‌ଙ୍କ ସ୍ୱାୟତ୍ତଶାସନ ପ୍ରସ୍ତାବକୁ ସମର୍ଥନ କରି ନିର୍ବାଚନ ପ୍ରଣାଳୀ ଦାବୀ କରିବା ଥିଲା ଉଦ୍ଦେଶ୍ୟ । ଏଣେ ମଧୁବାବୁ ଓଡ଼ିଆ ଗ୍ରାଜୁଏଟ୍ ଆସୋସିଏସନ ଏବଂ ଉତ୍କଳସଭା ମାଧ୍ୟମରେ ପ୍ରଥମେ ଓଡ଼ିଶାରେ ବଙ୍ଗଳା ମାଧ୍ୟମରେ ଶିକ୍ଷା ପ୍ରଚଳନର ବିରୋଧ ଆରମ୍ଭ କଲେ । ଗଞ୍ଜାମ ଓ କୋରାପୁଟ ବିଶାଖାପାଟଣା ଜିଲ୍ଲାର ଅଂଶ ବିଶେଷ ଭାବେ ମାନ୍ଦ୍ରାଜ ପ୍ରେସିଡେନ୍‌ସୀରେ, ଓଡ଼ିଶା ନାମରେ ନାମିତ କଟକ, ପୁରୀ ଓ ବାଲେଶ୍ୱର ବଙ୍ଗଳା ବିହାର ପ୍ରେସିଡେନ୍ସିରେ, ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶରେ ରହିବା ଦ୍ୱାରା ପ୍ରତ୍ୟେକ ରାଜ୍ୟର ରାଜଧାନୀ ଠାରୁ ଏହି ଅଞ୍ଚଳଗୁଡ଼ିକ ବହୁ ଦୂରରେ ଥିବାରୁ ଶାସନର ସୁଫଳ ଭୋଗ କରିବାରୁ ଏ ଜାତି ବଞ୍ଚିତ ଥିଲା । ଶାସନ କେନ୍ଦ୍ରରେ ଅନ୍ୟମାନେ ରହିଥିବାରୁ ଓଡ଼ିଆମାନେ ମୁଣ୍ଡଟେକି ପାରୁନଥିଲେ । କର୍ମଯୋଗୀ

ଗୌରୀଶଙ୍କର ରାୟଙ୍କ ସଂପାଦିତ ଉତ୍କଳଦୀପିକା (୧୮୬୬) ଏ ସମ୍ପର୍କରେ ମନ୍ତବ୍ୟ ଦେଇ ସେତେବେଳେ ଲେଖିଥିଲେ, "ଆମମାନଙ୍କ ବିଶ୍ୱାସ ଏହି ଯେ ବର୍ତ୍ତମାନ ଉତ୍କଳ ଭାଷା ତିନିଯେଣ୍ଡିଆ କାକୁଡ଼ି ବାଡ଼ି ପ୍ରାୟ ତୁଚ୍ଛାକୁ କ୍ଷତିଗ୍ରସ୍ତ ହେଉଛି । ଏହାର ରକ୍ଷକ ତିନି ଗଭର୍ଣ୍ଣମେଣ୍ଟ ହୋଇଛନ୍ତି । ଏକଭାଗ ବଙ୍ଗଳା ଗଭର୍ଣ୍ଣମେଣ୍ଟ ହସ୍ତେ, ଏକଭାଗ ମଧ୍ୟପ୍ରଦେଶ ଗଭର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଭାଗ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉ ନାହିଁ । ଏକ ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଅଇ । କେଉଁ ନିୟମ ଭଲ ଅବା ମନ୍ଦ ଜାଣିବାର ଉପାୟ ନାହିଁ । ସୁତରାଂ ଉତ୍କଳ ଭାଷା ଦୁଇଘର ଜୁଣିଆ ହୋଇ ଉପବାସରେ ଶୋଉଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ ।" (ଉତ୍କଳ ଦୀପିକା ୪ର୍ଥଭାଗ, ୧୩.୩.୧୮୬୯, ସଂଖ୍ୟା ୧୧) ଗୌରୀଶଙ୍କର ଥିଲେ ମଧୁବାବୁଙ୍କର ଘନିଷ୍ଠ ବନ୍ଧୁ-ପରାମର୍ଶଦାତା । ତାଙ୍କର ଉତ୍କଳ ଦୀପିକା ମଧୁବାବୁଙ୍କୁ ସମସ୍ତ କାର୍ଯ୍ୟରେ ଅକୁଣ୍ଠ ସମର୍ଥନ ଦେଉଥିଲା ।

ବ୍ୟକ୍ତିଗତ ସ୍ୱାର୍ଥକୁ ବଳୀ ଦେଇ ଜାତୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ମଧୁବାବୁଙ୍କର ଥିଲା ମୂଳ ଲକ୍ଷ୍ୟ । ସାହାହୀନ ଉତ୍କଳ ଜନନୀର ସେବା ଓ ସୁରକ୍ଷା ପାଇଁ ମଧୁବାବୁଙ୍କ ଅଭ୍ୟୁଦୟ ଥିଲା ଶୁଭଙ୍କର । ତାଙ୍କର କାଳଜୟୀ ଉଦ୍‌ବୋଧନ ଓ ପ୍ରାଣସ୍ପର୍ଶୀ ଆବେଦନ ଓଡ଼ିଆ ଜାତିର ହୃଦୟତନ୍ତ୍ରୀକୁ ନିନାଦିତ କରିବା ସଂଗେ ସଂଗେ ଜାତିର ଏକତାକୁ ସୁଦୃଢ଼ କରି ରଖିଥିଲା । ମୃତକଳ୍ପ ଓଡ଼ିଆ ଜାତିକୁ ଏଭଳି ଦୁର୍ଦ୍ଦିନ ଓ ଅସହାୟ ଅବସ୍ଥାରୁ ଉଦ୍ଧାର କରିବାକୁ ପଣ କଲେ ଉତ୍କଳ ସଭାର ସଭ୍ୟଗଣ । ୧୮୮୫ ନଭେମ୍ବର ୧୮ରେ ବଙ୍ଗ-ବିହାର-ଓଡ଼ିଶା- ଆସାମର ଛୋଟଲାଟ ସାର୍ ରିଚାର୍ଡସ୍ ଟମସନ୍‌ଙ୍କ କଟକ ଆଗମନ ବେଳେ ଓଡ଼ିଆ ଅଞ୍ଚଳକୁ ଏକ ଶାସନାଧୀନ କରିବା ପାଇଁ ଲାଟ୍‌ଙ୍କ ଦରବାରରେ ଏକ ସ୍ମାରକପତ୍ର ପ୍ରଦାନ କଲେ ମଧୁସୂଦନ । ପୁଣି ୧୮୮୮ ନଭେମ୍ବର ୨୪ରେ ବଙ୍ଗଲାଟ୍ ସାର ଷ୍ଟୁଆର୍ଟ୍‌ଙ୍କ କଟକ ପରିଦର୍ଶନ ବେଳେ 'ଉତ୍କଳସଭା' ମାଧ୍ୟମରେ ପ୍ରଦାନ କଲେ ଆଉ ଏକ ସ୍ମାରକପତ୍ର । ଏହି ଉତ୍କଳ ସଭାକୁ ନିଖିଳ ଭାରତ ଜାତୀୟ କଂଗ୍ରେସରେ ମଧୁବାବୁ ସାମିଲ କରାଇ ପ୍ରାଦେଶିକ କଂଗ୍ରେସ କମିଟିରେ ରୂପାନ୍ତରିତ କରିଥିଲେ । ୧୮୯୫ରେ ଏହା ଆନ୍ଦୋଳନ ଓ ସ୍ମାରକପତ୍ର ଭିତରେ ସୀମାବଦ୍ଧ ହୋଇ ରହିଲା ନାହିଁ । ମଧ୍ୟପ୍ରଦେଶର ଚିଫ୍ କମିଶନର୍ ସାର୍ ଜନ୍ ଉଡ୍‌ବର୍ଣ୍ଣ ଏ ଜାତିର ଛାତିରେ କରତ ଚଳାଇ ସମ୍ବଲପୁର ଜିଲ୍ଲାର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀ ଚଳାଇବା ପାଇଁ ଯେଉଁଦିନ ପ୍ରସ୍ତାବ ଦେଲେ, ସେହିଦିନ ଠାରୁ ସମଗ୍ର ଦେଶରେ ଆନ୍ଦୋଳନ ଆହୁରି ତେଜି ଉଠିଲା । ଓଡ଼ିଆ ପତ୍ରପତ୍ରିକା ଓ ସଭାସମିତି ମାଧ୍ୟମରେ ପ୍ରତିବାଦର ସ୍ୱର ତୀବ୍ରତର କରିବା ସଂଗେ ସଂଗେ ଜୁନ୍ ୨୦ରେ ଉତ୍କଳସଭା ଦ୍ୱାରା ଆହୂତ ପ୍ରତିବାଦ ସଭାରେ ଗର୍ଜନ କଲେ ସଭାପତି ଉତ୍କଳ ଗୌରବ ମଧୁସୂଦନ ।

"ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ ?
ପୂରୁବ ଗୌରବ ପୂରୁବ ସାହସ ପଡ଼ିବ କି ତୋର ମନେ ?
ତୋହର ଜନନୀ ବୀର ପ୍ରସବିନୀ ଧୂଳିରେ ପଡ଼ିଛି ଦେଖ
ଜନ ସମାଜରେ ଏ ମହୀ ମଧ୍ୟରେ କିପରି ଦେଖାଉ ମୁଖ ।"

ମଧୁବାବୁଙ୍କ ଉଦ୍‌ବୋଧନ ବାଣୀରେ ଓଡ଼ିଆମାନେ ଜାଗି ଉଠିଲେ । ଏକତାର ମହାମନ୍ତ୍ରରେ ଦୀକ୍ଷିତ ହେଲେ । ସମ୍ବଲପୁର କଚେରୀରୁ ଓଡ଼ିଆ ଭାଷା ଉଠି ହିନ୍ଦୀଭାଷା ପ୍ରଚଳନ ବିରୁଦ୍ଧରେ ଆନ୍ଦୋଳନ ଚଳାଇଲେ । ବଡ଼ଲାଟ ଲର୍ଡ଼ ଏଲ୍‌ଗିନ୍ ଏହି ଅନ୍ୟାୟକୁ ବିଚାର କରିବା ସଂଗେ ସଂଗେ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ କାଢ଼ି ଆଣି ଓଡ଼ିଶା ଡିଭିଜନ ସଂଗେ ମିଶାଇବା ପାଇଁ ଦାବୀ କଲେ । କେବଳ ଏତିକି ଦାବୀରେ ନିଶ୍ଚିନ୍ତ ନରହି ସେ ଓଡ଼ିଶା ଡିଭିଜନର କମିଶନର୍ କୁକ୍ ସାହେବଙ୍କ ପାଖରେ ସମସ୍ତ ଉପାନ୍ତ ଅଞ୍ଚଳକୁ ଏକତ୍ର କରି ଓଡ଼ିଶାରେ ମିଶାଇବା ପାଇଁ ଦୃଢ଼ଦାବୀ ଉପସ୍ଥାପନ କଲେ । ୧୮୯୭ ସେପ୍ଟେମ୍ବର ୨୦ ତାରିଖରେ ମଧୁବାବୁ ବିଲାତ ଯାତ୍ରା କରି ଭାରତ ସଚିବ ଲର୍ଡ଼ ଜର୍ଜ୍ ହାମିଲଟନ୍‌ଙ୍କୁ ଓଡ଼ିଶା ଦେଶମିଶ୍ରଣ ପୁସ୍ତିକା ଉପହାର ଦେଲେ । ବିଲାତରୁ ଫେରିବା ପରେ ଓଡ଼ିଶା ଦେଶମିଶ୍ରଣ ଆନ୍ଦୋଳନ ଆହୁରି ତୀବ୍ରତର ହେଲା । ୧୯୦୦ ମସିହାରେ ସିମ୍‌ଲା ଯାଇ ବଡ଼ଲାଟ୍ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଦାବୀ କଲେ । ଧୀରେ ଧୀରେ ମଧୁବାବୁଙ୍କ ପ୍ରୋଥିତ ଉତ୍କଳୀୟ ଜାତୀୟତାର ବୀଜ ଏକ ବୃକ୍ଷର ଆକାର ନେଇ ମହାମେରୁରେ ରୂପାନ୍ତରିତ ହେଲା । ସମସ୍ତ ଉପାନ୍ତ ଅଞ୍ଚଳରେ ଜାତୀୟତାଭାବ ବଢ଼ିବା ସଙ୍ଗେ ସଙ୍ଗେ ଅପୂର୍ବ ଉତ୍ସାହ ଉଦ୍ଦୀପନା ଦେଖାଦେଲା । ମଧୁବାବୁଙ୍କ କୁହୁକ କାଠିର ସ୍ପର୍ଶରେ ଓଡ଼ିଆଙ୍କ ଭିତରେ ଭ୍ରାତୃଭାବ ବଢ଼ି ଚାଲିଲା । ଭାଷା ଆନ୍ଦୋଳନ ହିଁ ଏଥିରେ କଲା ଜୀବନ୍ୟାସ । ୧୯୦୧ ରେ ରମ୍ଭା ପ୍ରାସାଦରେ ଓଡ଼ିଶାର ଏକତ୍ରୀକରଣ ସଂପର୍କରେ ମନ୍ତ୍ରଣା ଚାଲିଲା ଓ ଗଞ୍ଜାମ ହିତୈଷିଣୀ ସଭାର ଭିତ୍ତି ସ୍ଥାପନ ହେଲା । ମଧୁବାବୁଙ୍କ ନେତୃତ୍ୱ ବଳରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନର୍ବାର ପ୍ରଚଳିତ ହେବାରୁ ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ ଓଡ଼ିଆଙ୍କ ପ୍ରାଣରେ ଦେଖାଦେଲା ଉନ୍ମାଦନା । ୧୯୦୨ ରେ ସୂତ୍ରପାତ ହେଲା ଓଡ଼ିଆମାନଙ୍କ ପାଇଁ ନବଯୁଗ । ୧୯୦୨ ରେ ବ୍ରହ୍ମପୁରରେ ସଭା କରି ଉତ୍କଳ ସମ୍ମିଳନୀ ଗଠନ ପାଇଁ ନିଷ୍ପତ୍ତି ହେଲା । ୧୯୦୩ ଡିସେମ୍ବର ୩ ତାରିଖରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ରିସ୍‌ଲେ ସର୍କୁଲାର ପ୍ରକାଶ ପାଇଲା । କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଉପସ୍ଥାପିତ ହୋଇନପାରିବାରୁ ୧୯୦୩ ରେ ମଧୁବାବୁ କଂଗ୍ରେସରୁ

ବିଷୟ ନେଇ ଓଡ଼ିଶାବାସୀ ଏବଂ ଓଡ଼ିଆ ଭାଷୀଙ୍କ ଉନ୍ନତିରେ ନିଜକୁ ଉତ୍ସର୍ଗ କଲେ ।

୧୯୦୩ ଡିସେମ୍ବର ୨୫ ତାରିଖରେ ବହୁ ବିଘ୍ନ ଅତିକ୍ରମ କରି ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ତଥା ଓଡ଼ିଆ ଜାତୀୟ ଜୀବନର ସୁଖ ସମୃଦ୍ଧିକୁ ରୂପାୟିତ କରିବା ପାଇଁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ । କଟକର ଇଦ୍‌ଗା ପଡ଼ିଆରେ ଏହାର ପ୍ରଥମ ବୈଠକ ବସିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେଠି ପ୍ରସ୍ତାବ ଗୃହୀତ ହେଲା । ଯେ ଓଡ଼ିଆ ସେ ସମ୍ମିଳନୀ-ମଧୁବାବୁ ଉତ୍କଳ ସମ୍ମିଳନୀର ପ୍ରମୁଖ ଭୂମିକା ଗ୍ରହଣ କଲେ । ଜାତିର ସଙ୍କଟମୟ ପରିସ୍ଥିତିରେ ସୁପ୍ତ ମୁମୂର୍ଷୁ ଓଡ଼ିଆ ପ୍ରାଣର ସ୍ୱାଭିମାନକୁ ଜାଗ୍ରତ କରିବା ପାଇଁ ବଜ୍ରକଣ୍ଠରେ ଜ୍ୱାଳାମୟ ଉଦ୍‌ବୋଧନ ବାଣୀ ଶୁଣାଇ ଡାକ ଦେଲେ-

"ଶୁଣରେ ଶୁଣରେ ଶୁଣ ଭାଇମାନେ ଏ ଦୀନ ହୀନ ଗୁହାରି
ଆମ ପାପ ହେତୁ ମାତାଙ୍କ ଦୁର୍ଦ୍ଦଶା ମୋ ଜାତି ରହିଛି ପଡ଼ି ।
କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଆଲୋକ ପଥ ।"

ଏହି ଜାତୀୟତାମୂଳକ ଆହ୍ୱାନ ବିଜୁଳୀ ବେଗରେ ଓଡ଼ିଶାର ପଲ୍ଲୀପଲ୍ଲୀରେ ତରଙ୍ଗ ଭଳି ଖେଳିଗଲା । ଜାତୀୟତାର ମହାମନ୍ତ୍ରରେ ଆବାଳବୃଦ୍ଧ ବନିତା ଦୀକ୍ଷିତ ହୋଇ ଜାତିର ଗୌରବ ପ୍ରତିପାଦନ କରିବା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା ଉଦ୍ଦେଶ୍ୟରେ ସମ୍ମିଳନୀରେ ସାମିଲ୍ ହେଲେ । ଓଡ଼ିଆ ଜାତିର ଆବେଗ-ଉଚ୍ଛ୍ୱାସକୁ ଏକତ୍ର କରି ମଧୁବାବୁ ଭାଷାସୂତ୍ରରେ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସମ୍ମିଳନୀ ମାଧ୍ୟମରେ ପଦକ୍ଷେପ ନେବାରୁ ଓଡ଼ିଆ ପ୍ରାଣରେ ନବଜାଗରଣର ସୂତ୍ରପାତ ହେଲା । ସମସ୍ତ ସଂକୀର୍ଣ୍ଣତାକୁ ପରିହାର କରି ଏକ ମନ ପ୍ରାଣରେ ଜାତିର ଉନ୍ନତି ପାଇଁ ମିଳିତ ହେବାର ଆହ୍ୱାନ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କଲା । ମଧୁସୂଦନଙ୍କ ତେଜୋମୟ ଉଦାତ୍ତ ଉଦ୍‌ବୋଧନ "ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି" ପରାଧୀନତାର ଗ୍ଲାନି ମଧ୍ୟରୁ ପ୍ରତ୍ୟୟର କ୍ଷୀଣ ଆଲୋକ ଓଡ଼ିଆଙ୍କ ଭିତରେ ସଂଚାରିତ କଲା । ସେତେବେଳେ କୁହାଗଲା ସମ୍ମିଳନୀ ହିଁ ମଧୁବାବୁ ଓ ମଧୁବାବୁ ହିଁ ସମ୍ମିଳନୀ । ମଧୁବାବୁଙ୍କର ଅଙ୍ଗୀକାର ତାଙ୍କୁ ଉତ୍କଳ ସମ୍ମିଳନୀ ସହ ଏକାତ୍ମ କରିଦେଲା । ସମ୍ମିଳନୀର ନେତୃତ୍ୱ ନେଇ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ସେ ଏହାକୁ ଏକ ପ୍ରତିନିଧିମୂଳକ ଅନୁଷ୍ଠାନରେ ପରିଣତ କରିଦେଲେ । ଫଳରେ ଓଡ଼ିଆଭାଷୀଙ୍କ ଦୃଷ୍ଟିରେ ପ୍ରତୀୟମାନ ହେଲା ମଧୁବାବୁ ହିଁ ଓଡ଼ିଶା ଏବଂ ଓଡ଼ିଶା ହିଁ ମଧୁବାବୁ । ଓଡ଼ିଶା ଡିଭିଜନର ଅଦ୍ୱିତୀୟ ନେତାଭାବେ ସେ ସ୍ୱୀକୃତ ଓ ସମ୍ମାନିତ ହେଲେ ।

ଉତ୍କଳ ସମ୍ମିଳନୀର କାର୍ଯ୍ୟ ଦକ୍ଷତା ବଢ଼ି ଚାଲିଲା ଓଡ଼ିଶାର ପଲ୍ଲୀପଲ୍ଲୀରେ । ଓଡ଼ିଆମାନଙ୍କର ମହାମିଳନର ସଭାଥିଲା ଏ ସମ୍ମିଳନୀ । ପ୍ରତ୍ୟେକ ଓଡ଼ିଆ ଥିଲେ ଏହି ସମ୍ମିଳନୀର ଜଣେ ଜଣେ ସଭ୍ୟ ଏବଂ ସମସ୍ତଙ୍କୁ ଜାତୀୟ ବନ୍ଧନରେ ଆବଦ୍ଧ କରି ରଖିବା ଥିଲା ଏହାର ଉଦ୍ଦେଶ୍ୟ । ରାଜନୈତିକ ଚକ୍ରରେ ଉତ୍କଳ ବିଚ୍ଛିନ୍ନ ହୋଇଥିଲେ ସୁଦ୍ଧା ଖଣ୍ଡବିଖଣ୍ଡିତ ଓଡ଼ିଆମାନଙ୍କର ନୈସର୍ଗିକ ଜାତୀୟମିଳନ ଓ ଆକାଂକ୍ଷା ଏହି ସମ୍ମିଳନୀ ମାଧ୍ୟମରେ ଜାଗ୍ରତ ହୋଇ ପାରିଥିଲା ଏବଂ ନିରାଶା ମଧ୍ୟରେ ଆଶା ଓ ଆଶ୍ୱାସନା ଆଣି ଦେଇଥିଲା । କୋଟିଏ ଲୋକଙ୍କ ମନରେ ଗୋଟିଏ ଜାତୀୟଭାବ ସୃଷ୍ଟି କରାଇପାରିଥିଲା । ମଧୁବାବୁ ପୂର୍ବସୂରୀମାନଙ୍କର ମହତ୍ ପ୍ରେରଣାକୁ କାର୍ଯ୍ୟକାରୀ କରିବାପାଇଁ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଦୃଢ଼ ପଦକ୍ଷେପ ନେଇଥିଲେ । ସମ୍ମିଳନୀର ଅଗ୍ରଦୂତ ମଧୁସୂଦନଙ୍କ ସହିତ ଉତ୍କଳମଣି ଗୋପବନ୍ଧୁ ସାମିଲ ହେଲେ । ସମ୍ମିଳନୀ ମଣ୍ଡପରେ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇ ଗୋପବନ୍ଧୁ କହିଲେ,

"ଏଇ ସମ୍ମିଳନୀ ଜାତି ପ୍ରାଣସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ ।"

କଟକର ଉତ୍କଳସଭା ଓ ଗଞ୍ଜାମ ଓଡ଼ିଆ ସମାଜ ଭଳି ବହୁ ପ୍ରାଚୀନ ଅନୁଷ୍ଠାନ ଏହା ପୂର୍ବରୁ ଉତ୍କଳୀୟମାନଙ୍କର ମିଳନ ଆକାଂକ୍ଷାର ପରିଚୟ ଦେଇ ସାରିଥିଲା । ଅତଏବ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଅବିଭକ୍ତ ଜାତୀୟ ଅନୁଷ୍ଠାନ ଏହି ଉତ୍କଳ ସମ୍ମିଳନୀ ୧୯୦୩ ଡିସେମ୍ବର ଠାରୁ ଆରମ୍ଭ ହୋଇ ପ୍ରତିବର୍ଷ ଏହାର ଅଧିବେଶନଗୁଡ଼ିକ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ୧୯୩୪ ଫେବୃୟାରୀ ମାସ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମ୍ମିଳନୀର ପ୍ରାୟ ୧୩ଟି ଅଧିବେଶନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲା ।

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଓଡ଼ିଆ ପ୍ରାଣରେ ନବଉନ୍ମାଦନା ସୃଷ୍ଟି କଲେ ମଧ୍ୟ ମଧୁବାବୁଙ୍କ ନେତୃତ୍ୱକୁ କେତେକ ସ୍ୱାର୍ଥାନ୍ୱେଷୀ ସମାଲୋଚନା କରିବାକୁ ମଧ୍ୟ ପଛାଇ ନଥିଲେ । ତଥାପି ସମସ୍ତ ବାଧାବିଘ୍ନର ଗରଳକୁ ନୀଳକଣ୍ଠ ଭଳି ପାନ କରି ଅପ୍ରତିହତ ଓ ନିରୁଦ୍‌ବିଗ୍ନ ଭାବରେ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଲେ କର୍ମବୀର ମଧୁସୂଦନ । ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ସେ ଗଭୀର ଭାବରେ ଅନୁଧ୍ୟାନ କରି ସମାଧାନ ପ୍ରତି ସଚେତନ ଓ ଅବହିତ ହୋଇ ସରକାରଙ୍କ ନିକଟରେ ଦୃଢ଼ଦାବୀ ଉପସ୍ଥାପିତ କଲେ । ଉଠ-ଜାଗ-ମାତ, ସ୍ୱାର୍ଥମେଧ ଯଜ୍ଞରେ ଆପଣାକୁ ଆହୂତି ଦିଅ- ଥିଲା ମଧୁବାବୁଙ୍କ ଆହ୍ୱାନ । ଜନନୀର କନ୍ଦଣକୁ କେତେଦିନ ଆଉ ଦେଖିବରେ ବୀର ସନ୍ତାନଗଣ । କି ଅସହାୟ ସେହି ଛିନ୍ନମସ୍ତା ଆମ ଉତ୍କଳ ଜନନୀ । ମରିଗଲା ପରେ ବି ଆମର ପଚାସଢ଼ା ଶବକୁ ଜନ୍ମଭୂମି ମା' ଆପଣା ବକ୍ଷରେ ସାଇତି ରଖେ । ସେହି ମା'ର କଣ୍ଠ ଆଜି ରୁଦ୍ଧ । କବିଙ୍କ ଭାଷାରେ -

"ମାଆ ମାଆ ବୋଲି କେତେ ମୁଁ ଡାକିଛି ନ ଶୁଣିଲି କଣ୍ଠ ସ୍ୱର
ତୁଣ୍ଡ ଫିଟୁନାହିଁ ମୁଣ୍ଡ ହଲୁନାହିଁ ନେତ୍ରୁ ବହେ ଅଶ୍ରୁଧାର ।"

ସୁଜଳା ସୁଫଳା ଶସ୍ୟଶ୍ୟାମଳା ଆମ ଉତ୍କଳ ଭୂଇଁ । ଏଇ ଆମର ଚାରୁହାସମୟୀ-ଚାରୁଭାଷମୟୀ ଉତ୍କଳ ଜନନୀ-ଆଜି ହତଶିରୀ । ଏ ଅମା ନିଶା ନିଶ୍ଚୟ ପାହିବ । ନବ ଉତ୍କଳର ଅରୁଣୋଦୟ ଘଟିବ ଆଉ ଏକ ସୁପ୍ରଭାତରେ । ସମସ୍ତେ ଜାଗ୍ରତ ହେଲେ, କୋଟି କୋଟି କଣ୍ଠରେ ମାତୃମନ୍ତ୍ର ଉଚ୍ଚାରିତ ହେଲେ ମାତା ଦେବୀସ୍ୱରୂପ ପରିଗ୍ରହ କରି ଉଭା ହେବେ ।

"ଭୂମିକମ୍ପ ହେବ ମେଦିନୀ ଫାଟିବ ଉଠିବେ ସହସ୍ର ଭୁଜା
ସେହି ତୋର ମାତା ସେହି ତୋର ପିତା କର ତାଙ୍କ ପଦ ପୂଜା ।"

ମଧୁବାବୁ ଆପଣାର ଓଡ଼ିଆତ୍ୱ ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି । ମଧୁବାବୁ ଥିଲେ ଓଡ଼ିଆ ଜାତିର ଗଣଦେବତା । ନିଜେ ଦେବାଳିଆ ହୋଇ ରସାତଳଗାମୀ ହୋଇଛନ୍ତି । ହେଲେ ଓଡ଼ିଆ ଜାତିର ସମ୍ମାନକୁ ତଳେ ପକାଇ ନାହାଁନ୍ତି । ଓଡ଼ିଆଙ୍କ ପାଇଁ ଅକୁଣ୍ଠିତ ଚିତ୍ତରେ ସେ ସର୍ବସ୍ୱ ଦାନ କରିଛନ୍ତି, ହେଲେ ମୁଣ୍ଡ ନୁଆଁଇ କେବେ କାହାରି ପାଖରେ ହାତପାତି ଦୟାର ପାତ୍ର ହୋଇ ନାହାଁନ୍ତି । ବରଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଇଂରେଜ ସରକାରଙ୍କ ଠାରୁ ନ୍ୟାଯ୍ୟଦାବୀ ହାସଲ ଦିଗରେ ପଥ ସୁଗମ କରିଛନ୍ତି । ଶିଳ୍ପର ଉନ୍ନତି, ଖଟିଖିଆ ମଜୁରିଆର ଭରଣ ପୋଷଣ, ଏଇ ଗରୀବ ଦେଶର କଳା କୁଶଳୀ କାରିଗରଙ୍କର ସୁନାମ ପାଇଁ ସୁନା ରୂପାର ତାରକସି କାମ ଠାରୁ ଉତ୍କଳ ଟାନେରୀ ଜୋତା କାରଖାନାର ଉତ୍କୃଷ୍ଟ ଜୋତା ନିର୍ମାଣ କରାଇ ଦେଶ ବିଦେଶକୁ ପ୍ରେରଣ କରିଛନ୍ତି । ସେହି ଦାନୀ, ମାନୀ ଓ ଜ୍ଞାନୀ ମଧୁସୂଦନ ଶେଷକୁ ଦେଶ ପାଇଁ ନିଜକୁ ନିଃଶେଷ କରିଛନ୍ତି । ନିଜେ ଧର୍ମାନ୍ତର ଗ୍ରହଣ କରି ଖ୍ରୀଷ୍ଟିୟାନ ହେଲେ ସୁଦ୍ଧା ଜଗନ୍ନାଥ ମନ୍ଦିରର ସୁରକ୍ଷା ନିମନ୍ତେ ରାଜାଙ୍କ ପକ୍ଷ ସମର୍ଥନ କରି ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିଛନ୍ତି । ନିଜେ ନାଚି ଓଡ଼ିଶାର ଭିତରେ ବାହାରେ ଜନଗଣ ମନକୁ ନଚାଇଛନ୍ତି । ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ ଜଣେ ସାଧାରଣ ବ୍ୟକ୍ତି ପ୍ରାଣର ଆବେଗରେ ସେ କହିଛନ୍ତି :-

'କି ମନ୍ତ୍ର ଫୁଙ୍କିଲା ସୁମନ୍ତ୍ର ବୁଢ଼ା
ଯେମନ୍ତେ ଏ ଜାତି ହୋଇବ ଗଢ଼ା ।'

ଜାତି ଗଢ଼ା ହେଲା । ଇତିହାସ ଭିତରେ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରହିଲା । ଏ ଦେଶବାସୀ ମଧୁବାବୁଙ୍କୁ ଆପଣାର ହୃଦୟରେ ସ୍ଥାନ ଦେଲେ । ଏକତା, ଜାତୀୟତା, ସ୍ୱଦେଶପ୍ରୀତି, ନିର୍ଭୀକତା, ସାହସିକତା, ନିଃସ୍ୱାର୍ଥପରତା, ବଳିଷ୍ଠ ବ୍ୟକ୍ତିତ୍ୱ, କର୍ମନିଷ୍ଠା ଓ ଗଭୀର ଆତ୍ମବିଶ୍ୱାସ ପ୍ରଭୃତି ଗୁଣରେ ସେ ଭରି ଦେଲେ ଉତ୍କଳ ପୁତ୍ରଙ୍କୁ । ପ୍ରତିବର୍ଷ ଅପ୍ରେଲ ପହିଲାରେ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଅନୁଭବ କଲାବେଳେ ଓଡ଼ିଶାବାସୀ ସେମାନଙ୍କର ହୃଦୟନିଧି ଓ ମୁକୁଟବିହୀନ ସମ୍ରାଟ ରୂପେ ମଧୁବାବୁଙ୍କୁ ହିଁ ସ୍ମରଣ କରନ୍ତି ।

ମଧୁବାବୁଙ୍କର ସଂସ୍କୃତିପ୍ରେମ ଓ ଉତ୍କଳୀୟତା ଏକ ଅନୁଭୂତି । ଜାତି ଓ ଦେଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ପ୍ରାଣ ଥିଲା ଏକ ଅକୁତୋଭୟୀ ଆହ୍ୱାନ । ଜୀବିତାବସ୍ଥାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇ ନ ପାରିବାର ଅବଶୋଷ ଓ ଅସହାୟତା ତାଙ୍କୁ ଗଭୀର ଦୁଃଖ ଦେଇଛି । ମାତ୍ର ବେଦନାକ୍ଲିଷ୍ଟ ଜୀବନର ଅବସାନର ଦୁଇ ବର୍ଷପରେ ୧୯୩୬ ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାର୍ଥକ ହୋଇଛି । ମଧୁବାବୁଙ୍କ ସ୍ୱପ୍ନର ସଫଳ ରୂପାୟନ ସମ୍ଭବ ହୋଇଛି ତାଙ୍କର ନିରଳସ ନିରବଚ୍ଛିନ୍ନ ନିଃସ୍ୱାର୍ଥପର ପ୍ରଚେଷ୍ଟା ଯୋଗୁଁ । ଓଡ଼ିଆ ଜାତିର ଏକତା ଓ ସଂସ୍କୃତିକୁ ଉଜ୍ଜୀବିତ କରି ଓଡ଼ିଆ ପ୍ରାଣରେ ନବଜୀବନ ସଂଚାର କରିବା କ୍ଷେତ୍ରରେ ମଧୁବାବୁଙ୍କ ଅବଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ । ଧର୍ମାନ୍ତରିତ ହୋଇ ମଧ୍ୟ ସନାତନ ଧର୍ମର ଚେତନାରେ ସେ ଉଦବୁଦ୍ଧ ହୋଇଛନ୍ତି । ବ୍ୟକ୍ତିଗତ ଜୀବନର ହା'ହୁତାଶ ଓ ଯନ୍ତ୍ରଣା ମଧ୍ୟରେ ବୀର ବିପ୍ଳବୀ ମଧୁବାବୁ ଓଡ଼ିଆ ଜାତିକୁ ତତେଇ ମତେଇ ନିଜର ନ୍ୟାଯ୍ୟଦାବୀ ହାସଲ କରି ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ଯେଉଁଭଳି ସାକାର କରି ପାରିଥିଲେ, ତାହା କେବଳ ଇତିହାସ ଭିତରେ ସୀମାବଦ୍ଧ ନହୋଇ ଏ ଜାତିର ମାନସପଟରେ ସଦା ପ୍ରତିଧ୍ୱନିତ ହୋଇ ରହିବ । ନବ ଉତ୍କଳର ଜନକ ମଧୁବାବୁ ଆଜି ମରି ମଧ୍ୟ ଅମର ।

"ଉତ୍କଳ ବରେଣ୍ୟ ସୂନୁ ହେ ମଧୁସୂଦନ
ତୁମ୍ଭଲାଗି ଏବେ ଆଜି ଏ ଉତ୍କଳ ଧନ୍ୟ ।"

*ବରିଷ୍ଠ ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ସରକାରୀ ମହାବିଦ୍ୟାଳୟ, ଅନୁଗୋଳ*

# ଆଜୀବନ ସଂଗ୍ରାମୀ ମଧୁସୂଦନ ଦାସ

● ଡକ୍ଟର ଉଦ୍ଧବ ଚରଣ ନାୟକ

ମଧୁବାବୁ କେବଳ ଉତ୍କଳଗୌରବ କି ଜାତୀୟ ଗୌରବ ନ ଥିଲେ, ସେ ଥିଲେ ବିଶ୍ୱ ଗୌରବ । ସେ ହେଉଛନ୍ତି ଓଡିଶାର ଗର୍ବ, ଗୌରବ ଓ ଓଡିଆ ଜାତିର ସ୍ୱାଭିମାନର ଶ୍ରେଷ୍ଠତମ ପ୍ରତୀକ । ତାଙ୍କ ଜୀବନ ଥିଲା ଘଟଣାବହୁଳ । ତାଙ୍କର ପ୍ରତ୍ୟେକ କଥାରେ ପୂରି ରହିଥିଲା ବହୁ ଶିକ୍ଷଣୀୟ ଭାବ । ତାଙ୍କ ଘଟଣାବହୁଳ ଜୀବନର ପ୍ରତ୍ୟେକ ଘଟଣା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଉପାଦେୟ । ଆଜୀବନ ନିର୍ଭୀକ, ସାହସୀ, ସଚ୍ଚୋଟ, ସ୍ପଷ୍ଟବାଦୀ, ବାସ୍ତବବାଦୀ ଓ ଜାତୀୟବାଦୀ ମଧୁବାବୁ ଥିଲେ ଜଣେ ଦକ୍ଷ ସଂଗଠକ, ଦକ୍ଷ ବ୍ୟବସ୍ଥାପକ, କର୍ତ୍ତବ୍ୟପରାୟଣ ମନ୍ତ୍ରୀ, ବିଚକ୍ଷଣ ଆଇନଜୀବୀ । ତାଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶର ପଟାନ୍ତର ନାହିଁ ।

ମଧୁବାବୁ ମାଆଙ୍କ ଠାରୁ ବାଲ୍ୟକାଳରେ ଗୋଟିଏ ମହାମନ୍ତ୍ର ଶିକ୍ଷା କରିଥିଲେ । ସେଇଟି ହେଉଛି ''ଆଲୋ ସଖୀ ! ଆପଣା ମହତ ଆପେ ରଖ୍ '' । ଏହି ମନ୍ତ୍ରକୁ ସେ ସଦା ଜପାମାଳି କରି ଜୀବନର ପ୍ରତ୍ୟେକ କାର୍ଯ୍ୟରେ ବ୍ରତୀ ହୋଇ ସଫଳତା ଲାଭ କରୁଥିଲେ । ସେ ମଧ ମାଆଙ୍କର ଆହୁରି ଦୁଇଟି ଉପଦେଶକୁ ଜୀବନସାରା ମନେରଖି ଥିଲେ । ସେ ଦୁଇଟି ହେଲା, ''ସମସ୍ତଙ୍କ ପଛରେ ରହି ନିଜ କାର୍ଯ୍ୟ କରିବା ହେଲା ମହାନ ଆଦର୍ଶ '' ଓ '' ଉଚ୍ଚପଦସ୍ଥ ଲୋକଙ୍କ ସହିତ ମିଶି କେବଳ ସମ୍ମାନ ପାଇବାକୁ ଚେଷ୍ଟା କରିବ ନାହିଁ । କାରଣ ଗୋଲାପ ଚାରିପାଖରେ ଘାସ ଗୋଲାପ ଫୁଲର ସୁବାସ କିମ୍ବା ରଙ୍ଗ ପାଏ ନାହିଁ । '' ମାତାଙ୍କର ଏହି ଉପଦେଶକୁ ମାନି ଚଳି ସେ ହୋଇଥିଲେ ବଡ । ସେ ଆପେ ଆପେ ଉଚ୍ଚ ସମ୍ମାନ ଲାଭ କରୁଥିଲେ । ସେ ସମ୍ମାନ ପାଇବାକୁ କେବେ ବ୍ୟଗ୍ର ନଥିଲେ । ଚେଷ୍ଟା ବି କରୁ ନଥିଲେ ।

ଗାଁ ଚାଟଶାଳୀ ପାଠ ଶେଷ କରି ମଧୁବାବୁ କଟକ ଚାଲି ଆସି ସରକାରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେତେବେଳେ କର୍ମବୀର ଗୌରୀଶଙ୍କରଙ୍କ ପାଖରେ କିଛି ଦିନ ସେ ଅଧ୍ୟୟନ କରିଥିଲେ । ଏଣୁ ସେ ଗୌରୀଶଙ୍କରଙ୍କୁ 'ମାଷ୍ଟର' ବୋଲି ସମ୍ବୋଧନ କରିବା ସହ ସମ୍ମାନ ପ୍ରଦର୍ଶନ କରୁଥିଲେ । ମଧୁବାବୁ କଟକ ସରକାରୀ ଜିଲ୍ଲା ସ୍କୁଲରେ ଥିଲେ ଜଣେ ଓଡିଆ ଛାତ୍ର । ତାଙ୍କୁ ଅଣଓଡିଆ ବଙ୍ଗାଳି ଛାତ୍ରମାନଙ୍କଠାରୁ ବହୁ ତାଚ୍ଛଲ୍ୟ ସହ୍ୟ କରିବାକୁ ହେଉଥିଲା । ତଥାପି ସେ ସେମାନଙ୍କର ଏହି ଭାବକୁ ହେୟଜ୍ଞାନ କରୁଥିଲେ । ଜିଲ୍ଲା ସ୍କୁଲର ଛାତ୍ରମାନେ ଥିଲେ ବହୁ ସଂଖ୍ୟାରେ ଅଣ ଓଡିଆ ଓ ବଙ୍ଗାଳି । ଶିକ୍ଷକମାନେ ମଧ ଥିଲେ ବହୁ ସଂଖ୍ୟାରେ ବଙ୍ଗାଳି । ଜଣେ ବଙ୍ଗାଳି ଯୁବକ ଏଣ୍ଟ୍ରାନ୍ସ ପାଶ୍ କରି ଆସି ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତ ହେଲେ । ସେ ମଧ ଏଣ୍ଟ୍ରାନ୍ସ ଶ୍ରେଣୀରେ ଇଂରାଜୀ ପଢ଼ାଉଥିଲେ । ସେହି ବଙ୍ଗାଳି ପ୍ରଧାନ ଶିକ୍ଷକ ମଧୁବାବୁଙ୍କ ଶ୍ରେଣୀରେ ଇଂରାଜୀ ପଢାଉଥିବା ବେଳେ ଗୋଟିଏ ବାକ୍ୟର ଅର୍ଥକୁ ଭୁଲ କରି ବୁଝାଉଥିଲେ । ମଧୁବାବୁ ଏହାର ପ୍ରତିବାଦ କଲେ । ବଙ୍ଗାଳି ପ୍ରଧାନ ଶିକ୍ଷକଙ୍କୁ ଏକଥା ବହୁତ ବାଧିଲା । ଗୋଟିଏ ଓଡିଆ ଛାତ୍ର ସେ ପୁଣି ତାଙ୍କର ପାଠପଢ଼ାକୁ ଓ ବୁଝାଉଥିବା ଅର୍ଥକୁ ଚାଲେଞ୍ଜ କରୁଛି, ଏହା ଅବାଧ୍ୟତାର ଦୃଷ୍ଟାନ୍ତ ବୋଲି ଗ୍ରହଣ କରି ନେଇ ସେ ମଧୁବାବୁଙ୍କୁ ବିଦ୍ୟାଳୟରୁ ବହିଷ୍କାର ଆଦେଶ ଦେଲେ ।

ବାଳକ ମଧୁସୂଦନ କି ଏଥିରେ ଭାଙ୍ଗି ପଡିବାର ପିଲା ? ସେ ଯାଇ ଦେଖାକଲେ ତତ୍କାଳୀନ ଜିଲ୍ଲାପାଳ ହେଲି ସାହେବଙ୍କୁ । ତାଙ୍କୁ ସମସ୍ତ ଘଟଣା ଅବଗତ କରାଇଲେ । 'ଗୋଟିଏ ଓଡିଆ ବାଳକର ନିର୍ଭୀକତା ଓ ସ୍ପଷ୍ଟବାଦିତାରେ ହେଲି ସାହେବ ବିସ୍ମିତ ହେଲେ । ତାଙ୍କୁ ଆସନ୍ତା କାଲି ବିଦ୍ୟାଳୟରେ ସାକ୍ଷାତ କରିବାକୁ କହି ବିଦାୟ ଦେଲେ । ନିର୍ଦ୍ଦିଷ୍ଟ ସମୟରେ ତହିଁ ପରଦିନ ବାଳକ ମଧୁସୂଦନ ସ୍କୁଲ ଗେଟ ପାଖରେ ଅପେକ୍ଷାରତ । ଠିକ୍ ଏତିକିବେଳେ ଗୋରା କଲେକ୍ଟର ହେଲି ସାହେବ ସ୍କୁଲ ଭିତରେ ପ୍ରବେଶ କରି ସତ୍ୟାସତ୍ୟ ଅନୁସନ୍ଧାନ କରି ପ୍ରଧାନ ଶିକ୍ଷକଙ୍କୁ ଆଦେଶ ଦେଲେ- ''ମଧୁବାବୁଙ୍କର ନାମ ତୁରନ୍ତ ରେଜିଷ୍ଟରରେ ଉଠାଅ'' । ତତ୍କ୍ଷଣାତ ସବୁ କାମ ଠିକ୍ ହୋଇଗଲା । ମଧୁବାବୁଙ୍କର ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେଲା । ଏହା ଥିଲା ଲଢୁଆ ଓଡିଆ ବାଳକର ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ପ୍ରଥମ ବିଜୟ । ଏହି ଘଟଣା ପରେ ସେ ବୀର ପାଲଟି ଗଲେ । ଏଣିକି ବଙ୍ଗାଳି ଛାତ୍ରମାନେ ତାଙ୍କୁ ଭୟ ଓ ସମ୍ମାନ ଚକ୍ଷୁରେ ଦେଖିଲେ । ତାହାପରେ ମଧୁବାବୁ ଜୀବନର ପ୍ରତ୍ୟେକ ସଂଗ୍ରାମରେ ହୋଇଛନ୍ତି ବିଜୟୀ । ଆଗକୁ ମାଡି ଚାଲିଛନ୍ତି ସିନା ଆଉ ପଛକୁ ଫେରି ନାହାନ୍ତି । ମଧୁବାବୁ ଏଣ୍ଟ୍ରାନ୍ସ ପାଶ୍ କଲେ । ତାପରେ ଉଚ୍ଚଶିକ୍ଷା ଲାଭର ସ୍ୱପ୍ନରେ ବିହ୍ୱଳିତ ହେଲେ । ହେଲେ ଓଡିଶାରେ କଲେଜ ନାହିଁ ।

ମଧୁବାବୁ ବାଲେଶ୍ୱର ଚାଲି ଆସି ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଲେ । କିଛି ଅର୍ଥ ସଂଗ୍ରହ କରି ସେ ଉଚ୍ଚ ଶିକ୍ଷା ନିମନ୍ତେ କଲିକତା ଯାତ୍ରା କଲେ । ୧୮୬୬ ମସିହାରେ ସେ କଲିକତାରେ ପହଞ୍ଚି ଏଫ୍.ଏ ଶ୍ରେଣୀ ( ବା ଆଇ.ଏ)ରେ ନାମ ଲେଖାଇଲେ । ଏଠାରେ ମଧ ସେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ସେଥିରେ ମଧ ସେ ବିଜୟୀ ହୋଇଥିଲେ । ବି.ଏ.

ଶ୍ରେଣୀରେ ସଂସ୍କୃତ ଥିଲା ତାଙ୍କର ଦ୍ୱିତୀୟ ଭାଷା ପତ୍ର । ସଂସ୍କୃତ ବିଷୟ ପ୍ରଶ୍ନର ଉତ୍ତର ନିଜ ମାତୃଭାଷାରେ ଲେଖିବାପାଇଁ ଛାତ୍ରମାନଙ୍କୁ ଅଧିକାର ମିଳିଥିଲା । ହେଲେ ଓଡିଆପିଲା ଓଡିଆରେ ଉତ୍ତର ଲେଖିବାର ସୁବିଧା ନଥିଲା । ସେମାନେ ବଙ୍ଗଳାରେ ଉତ୍ତର ଲେଖିବା ନିମନ୍ତେ ଧାର୍ଯ୍ୟ ହୋଇଥିଲା । କାରଣ ସଂସ୍କୃତ ଭାଷାର ପରୀକ୍ଷକ ଓଡିଆ ଜାଣି ନଥିଲେ । ମଧୁବାବୁ ଏ ବିଷୟରେ ଆନ୍ଦୋଳନ ଆରମ୍ଭ କଲେ । ଶେଷରେ ସେ ହେଲେ ବିଜୟୀ । ଏହା ଥିଲା ମଧୁବାବୁଙ୍କ ଦ୍ୱାରା ଆହୂତ "ପ୍ରଥମ ଭାଷା ଆନ୍ଦୋଳନ ।" ଜୀବନର ପ୍ରତ୍ୟେକ ସୁବିଧା ଅସୁବିଧାକୁ ସେ ଆହ୍ୱାନଭାବରେ ଗ୍ରହଣ କରି ନେଉଥିଲେ । ବଡ ଦୁଃଖରେ ଉପାସ ରହି , ମୁଢ଼ି ଖାଇ, ମ୍ୟୁନିସ୍‌ପାଲିଟି ବତୀତଳେ ବସି ସେ ପାଠ ପଢୁଥିଲେ । ସେ ଦେଖୁଥିଲେ ପ୍ରବାସୀ ଓଡିଆମାନଙ୍କୁ । ସେମାନେ କୁଲିଗିରି କରି ପୋଷାକୀ ହେଉଛନ୍ତି । ବଙ୍ଗାଳିମାନେ ତାଙ୍କୁ ତାଚ୍ଛଲ୍ୟ କରୁଛନ୍ତି । ସେ ସେହି ଓଡିଆ ଭାଇମାନଙ୍କ କଥା ଭାବିଲେ । ତାଙ୍କ ହୃଦୟରେ ଭୀଷଣ ଆଘାତ ଲାଗିଲା । ପାଠଶାଠ ପଢ଼ି ଓଡିଶାର ଉନ୍ନତି କରିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ହେଲେ ।

ମଧୁବାବୁ ଗୋଟିଏ ଖ୍ରୀଷ୍ଟିଆନ ମିସନାରୀ ଅନୁଷ୍ଠାନରୁ ମାସିକ ଆଠଟଙ୍କା ସାହାଯ୍ୟ ପାଉଥିଲେ କଲେଜରେ ପଢ଼ିବାପାଇଁ । ୧୮୭୦ ମସିହାରେ ସେ ବି.ଏ. ପାସ୍ କରି ହେଲେ ପ୍ରଥମ ଓଡିଆ ଗ୍ରାଜୁଏଟ । ବି.ଏ. ପାସ୍ କରି ସାରିବାପରେ ମଧୁବାବୁ କଲିକତା ମିସନାରୀ ସୋସାଇଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଥିଲେ । ୧୮୭୩ ମସିହାରେ କଲିକତା ଫ୍ରି ଚର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରୁ ଇଂରାଜୀ ଭାଷା ସାହିତ୍ୟରେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଏମ୍. ଏ. ପାସ୍ କଲେ । ସେ ହେଲେ ପ୍ରଥମ ଏମ୍. ଏ ପାସ୍ କରିଥିବା ଓଡିଆ । ଏହାପରେ ମଧୁବାବୁ କଲିକତାର ଗାର୍ଡେନରିଚ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଲେ । ମାସିକ ଦରମା ୮୦ ଟଙ୍କା । ମଧୁବାବୁ ଘରୋଇ ଟିଉସନ୍ ସହ କଲିକତା ହାଇକୋର୍ଟରେ ଓଡିଆ ଅନୁବାଦକ ଭାବରେ କାମ କରି କିଛି ରୋଜଗାର କରୁଥିଲେ । ନିଜ ରୋଜଗାରରୁ ମାସିକ ୨୦ ଟଙ୍କା ଖର୍ଚ୍ଚକରି ସେ କଲିକତାରେ ରାତ୍ରି ସ୍କୁଲଟିଏ ବସାଇଲେ । ଏହି ସମୟରେ ସେ ୧୮୭୮ ମସିହାରେ କଲିକତାର ପ୍ରେସିଡେନ୍ସି କଲେଜରୁ ବି.ଏଲ. ପାଶ୍ କଲେ । ସେ ପ୍ରଥମ ଓଡିଆ ବି.ଏଲ ପାସ କରିଥିବା ବ୍ୟକ୍ତିଭାବରେ ହେଲେ ପରିଚିତ ।

ମଧୁବାବୁ ଥିଲେ ଜଣେ ଦକ୍ଷ ଶିକ୍ଷକ । ସେ ଇଂରାଜୀ ପଢାଉ ଥିଲେ । ତାଙ୍କର ଇଂରାଜୀ ଭାଷାରେ ଖୁବ୍ ବ୍ୟୁତ୍ପତ୍ତି ଥିଲା । ବଙ୍ଗଳାର ବୈଶିଷ୍ଟ ଶିକ୍ଷାବିତ୍ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ସେ ଥିଲେ ଗୃହ ଶିକ୍ଷକ । ଆଶୁତୋଷ ମୁଖାର୍ଜୀ ସାରା ଜୀବନ ମଧୁବାବୁଙ୍କୁ ପ୍ରଗାଢ ଭକ୍ତି ପ୍ରଦର୍ଶନ କରୁ ଥିଲେ । ମଧୁବାବୁ ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ବିନା ପାରିତୋଷିକରେ ତାଙ୍କ ଘରେ ପାଠ ପଢ଼ାଉ ଥିବାରୁ ଆଶୁତୋଷ ବାବୁ ସର୍ବଦା ମଧୁବାବୁଙ୍କ ପାଖରେ କୃତଜ୍ଞ ରହୁଥିଲେ । ସାର୍ ଆଶୁତୋଷ ମୁର୍ଖାର୍ଜୀ ଇଂରାଜୀରେ ଉଚ୍ଚ ଭାଷଣ ଦେଇ ସମବେତ ଜନତାଙ୍କୁ ମୁଗ୍ଧ କରି ଦେଉଥିଲେ । ଏପରିକି ଗୋରା ସାହେବମାନେ ତାଙ୍କ ଇଂରାଜୀ ଭାଷଣ ଶୁଣି ସାର୍ ଆଶୁତୋଷଙ୍କୁ ପଚାରନ୍ତି, ତୁମର ଶିକ୍ଷାଦାତା କିଏ ? ଆଶୁତୋଷ ବାବୁ ଗର୍ବ ସହକାରେ ମଧୁବାବୁଙ୍କ ନାମ ପ୍ରକାଶ କରୁ ଥିଲେ । ଏହି ଗୌରବର ଅଧିକାରୀ କେବଳ ମଧୁବାବୁ ନଥିଲେ । ଏହା ଥିଲା ଓଡିଆ ଜାତିର ଗର୍ବ ଓ ଗୌରବ । ସେହି ସମୟରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଖଣ୍ଡିଏ ଭଲ ଇଂରାଜୀ ବ୍ୟାକରଣ ବହି ନଥିଲା । ଏକଥା ମଧୁବାବୁ ଜଣେ ଇଂରାଜୀ ଶିକ୍ଷକ ଭାବରେ ହୃଦେ ହୃଦେ ଅନୁଭବ କଲେ । ଫଳରେ ସେ ଖଣ୍ଡିଏ ଇଂରାଜୀ ବ୍ୟାକରଣ ବହି ରଚନା କଲେ । ସେଥିରେ ଆଦର୍ଶ ପ୍ରଶ୍ନ ଉତ୍ତରମାନ ସ୍ଥାନ ପାଇଥିଲା । ୧୮୭୫ ମସିହାରେ ବହିଟି ପ୍ରଥମ କରି ପ୍ରକାଶ ପାଇଲା । ବହିଟିର ଆଦର ଖୁବ୍ ବଢ଼ିଗଲା । ତାହାହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଇଂରାଜୀ ଗ୍ରାମାର ପୁସ୍ତକ । ସେହି ବହିଟି "ମଧୁ ଉଡ୍‌ସ୍ ଗ୍ରାମାର" ବହି ନାମରେ କଲିକତାରେ ପ୍ରସଦ୍ଧି ଲାଭ କଲା । ସେତେବେଳେ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଏହି ବହି ଖୁବ୍ ଉପାଦେୟ ପୁସ୍ତକ ଭାବରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଦୃତ ହେଲା । ନେତାଜୀ ସୁଭାଷ ବୋଷଙ୍କ ପିତା ରାୟ ବାହାଦୁର ଜାନକୀ ନାଥ ବୋଷ ଏହି ବହି ପଢ଼ି ଇଂରାଜୀ ଶିକ୍ଷା ଲାଭ କରିଥିଲେ ବୋଲି ପ୍ରକାଶ କରିଯାଇଛନ୍ତି । ମଧୁବାବୁଙ୍କର ଏହି ଇଂରାଜୀ ଗ୍ରାମାର ବହିଟି ୧୮୭୫ ମସିହାରୁ ୧୮୮୪ ମଧ୍ୟରେ ଆଠଥର ପ୍ରକାଶ ପାଇଥିଲା ।

ଦିନେ ଜଣେ ବଙ୍ଗାଳି ପ୍ରଧାନ ଶିକ୍ଷକ କଟକ ଜିଲ୍ଲା ସ୍କୁଲରେ ମଧୁବାବୁଙ୍କୁ ଇଂରାଜୀ ପଢ଼ାଉଥିଲେ ଆଉ ସେ ଗୋଟିଏ ଇଂରାଜୀ ବାକ୍ୟର ଭୁଲ୍ ଅର୍ଥ କହିବାରୁ ମଧୁବାବୁ ଏହାର ପ୍ରତିବାଦ କରି ସ୍କୁଲରୁ ବହିଷ୍କାର ଆଦେଶ ପାଇଥିଲେ । ସେହି ମଧୁବାବୁ ବଡ ହୋଇ କଲିକତାର ଖ୍ୟାତନାମା ବିଦ୍ୟାଳୟମାନଙ୍କରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ସହ ଇଂରାଜୀ ପଢ଼ାଇ ଓ ଇଂରାଜୀ ଗ୍ରାମାର ବହି ରଚନା କରି ହଜାର ହଜାର ବଙ୍ଗାଳି ଛାତ୍ରମାନଙ୍କର ଇଂରାଜୀ ଭାଷାରେ ବ୍ୟୁତ୍ପତ୍ତି ଘଟାଉଥିଲେ, ଏହା ଭାବିଲା ବେଳକୁ ନିଶ୍ଚୟ ପ୍ରତ୍ୟେକ ଓଡ଼ିଆ ମନରେ ଗର୍ବ ଆସିବା ସ୍ୱାଭାବିକ । ୧୮୭୩ ମସିହାରେ ମଧୁବାବୁ ସୌଦାମିନୀ ନାମ୍ନୀ ଜଣେ ସୁନ୍ଦରୀ ଶିକ୍ଷିତା ବଙ୍ଗାଳି ଖ୍ରୀଷ୍ଟିୟାନ ଯୁବତୀଙ୍କୁ ବିବାହ କରିଥିଲେ । ୧୮୭୮ ମସିହାରେ ତାଙ୍କର ପତ୍ନୀ ସୌଦାମିନୀଙ୍କର ଆକସ୍ମିକ ବିୟୋଗ ଘଟିଲା । ମଧୁବାବୁ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ କିନ୍ତୁ ଆଉ ଦ୍ୱିତୀୟବାର ଦାରା ଗ୍ରହଣ କଲେ ନାହିଁ । ତାଙ୍କ କର୍ଣ୍ଣରେ ଜନ୍ମଭୂମିର ଡାକରା ବାଜିଲା । ସେ ଫେରି ଆସିଲେ କଟକ ନଗରୀକୁ ୧୮୮୧ ମସିହାରେ । ଓଡ଼ିଆ ଜାତିର ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ ହେଲେ ।

୧୮୯୬ ମସିହାରେ ମଧୁବାବୁ ପ୍ରଥମ ଥର ପାଇଁ ବଙ୍ଗ ବ୍ୟବସ୍ଥାପକ ସଭାକୁ ସଭ୍ୟ ମନୋନୀତ ହେଲେ । ସେତେବେଳେ ୧୮୯୬, ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୮୯୬,

୧୯୦୦-୧୯୦୨ ଓ ୧୯୦୮-୧୧ ମସିହାରେ ସେ ବଙ୍ଗ ବ୍ୟବସ୍ଥାପକ ସଭାର ସଭ୍ୟଭାବରେ ମନୋନୀତ ହୋଇଥିଲେ । ଏହା ପରେ ୧୯୧୨ ମସିହାରେ ବିହାର ଓ ଓଡ଼ିଶା ମିଶି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା । ୧୯୧୩-୧୯୨୩ ମସିହା ଯାଏ ସେ ବିହାର ଓ ଓଡ଼ିଶା ପ୍ରଦେଶ ବ୍ୟବସ୍ଥାପକ ସଭାର ସଭ୍ୟ ହେବାର ଗୌରବ ଅର୍ଜନ କରିଥିଲେ ।

ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ତାଙ୍କ ଦକ୍ଷତାକୁ ବିଚାରକୁ ନେଇ କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ମଧୁବାବୁଙ୍କୁ ସଭ୍ୟ ଭାବରେ ମନୋନୀତ କରାଗଲା । ୧୯୧୩ ମସିହା ଜାନୁଆରୀ ମାସ ୨୭ ତାରିଖ ଦିନ ସେ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କଲେ । ଏହି ଦିବସଟି ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ଦିବସ । ମଧୁବାବୁଙ୍କ ଅନୁପସ୍ଥିତିରେ ତାଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ କଟକ ଟାଉନ ହଲ ଠାରେ ଫେବୃୟାରୀ ପ୍ରଥମ ସପ୍ତାହରେ ଗୋଟିଏ ସଭା ଅନୁଷ୍ଠିତ ହେଲା । ରାୟବାହାଦୁର ଜାନକୀ ନାଥ ବସୁ ମହାଶୟ ଏହି ସଭାରେ ସଭାପତିତ୍ୱ କରିଥିଲେ । ଏହି ସଭାରେ ସଭାପତିଙ୍କ ଅନୁମତିକ୍ରମେ ରାମଶଙ୍କର ରାୟ ଦେବବର୍ମା କହିଲେ, '' ମଧୁବାବୁଙ୍କ ପାଇଁ ଓଡ଼ିଶା ଗୌରବାନ୍ୱିତ । ତାଙ୍କ ଯୋଗୁ ବିଲାତର ପାର୍ଲାମେଣ୍ଟର ସଦସ୍ୟମାନେ ଓଡ଼ିଶାକୁ ଚିହ୍ନିଲେ । ଓଡ଼ିଶାବାସୀଙ୍କୁ ବିପଦରେ ନିକ୍ଷେପ କରିବା ପାଇଁ ଉଦ୍ଦିଷ୍ଟ ତଥା ବଂଗୀୟ ବ୍ୟବସ୍ଥାପକ ସଭାରେ ପଢ଼ିହୋଇଥିବା ପ୍ରଜାସ୍ୱତ୍ୱ ଆଇନକୁ ବ୍ୟର୍ଥ କରିବା ନିମନ୍ତେ ମଧୁବାବୁ ହିଁ ଏକମାତ୍ର ସମର୍ଥ । ଓଡ଼ିଶାର ସମସ୍ତ ବିଷୟ ତାଙ୍କୁ ଜଣା । ଆଇନ ବିଦ୍ୟାରେ ସେ ଜଣେ ପଣ୍ଡିତ ।''

ସଭା ଭଙ୍ଗର ଅବ୍ୟବହିତ ପୂର୍ବରୁ ଗୋଟିଏ ପ୍ରସ୍ତାବ ଆଗତ ହେଲା । ସେହି ରାତ୍ରିର ଭୋରରେ ମଧୁବାବୁ ଆସି କଟକରେ ପହଞ୍ଚିବେ । ତାଙ୍କୁ ଅଭ୍ୟର୍ଥନା ଜଣାଇବା ନିମନ୍ତେ କଟକ ରେଳଷ୍ଟେସନକୁ ଯିବାକୁ ହେବ । ସମସ୍ତେ ଆନନ୍ଦରେ ତାଳିମାରି ପ୍ରସ୍ତାବଟିକୁ ସମର୍ଥନ ଜଣାଇଲେ । ତହିଁପର ଦିନର ସକାଳ । ସବୁ ଶ୍ରେଣୀର ଲୋକ ତଥା କେତେକ ଛାତ୍ର ରେଳଷ୍ଟେସନରେ ଯାଇ ରୁଣ୍ଡ ହୋଇଛନ୍ତି । ସେମାନଙ୍କ ସଂଖ୍ୟା ପ୍ରାୟ ଦୁଇଶହ ହେବ । ମଧୁବାବୁ ପହଞ୍ଚୁ ପହଞ୍ଚୁ ଆତସବାଜି ଫୁଟିଲା । ତାଙ୍କୁ ମାଲ୍ୟାର୍ପଣ କରାଗଲା । ଅଭିନନ୍ଦନ ପତ୍ର ଛପା ହୋଇଥିବା ଗୋଟିଏ ରୁମାଲ ମଧୁ ବାବୁଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଗଲା । ମଧୁବାବୁ ସମବେତ ଜନତାଙ୍କୁ ସାଧୁବାଦ ଜଣାଇଲେ । ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, ''ଯେଉଁ ପଦ ଲାଭ କରିଥିବା ହେତୁ ସେମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଆସିଛନ୍ତି, ତାହାକୁ ଆକାଂକ୍ଷା କରି ଛାତ୍ରମାନେ ଦେଶର ଗୌରବ ବୃଦ୍ଧିରେ ଯତ୍ନଶୀଳ ହେବା ନିହାତି ଆବଶ୍ୟକ ।''

ମଧୁବାବୁଙ୍କ ପାଇଁ ଅପେକ୍ଷା କରି ରହିଥିଲା ଘୋଡ଼ାଗାଡ଼ିଟିଏ ତାଙ୍କୁ ଘରକୁ ନେଇଯିବା ପାଇଁ । ଗାଡ଼ିରୁ ଘୋଡ଼ା ଖୋଲିଦେଇ ନିଜେ ଘୋଡ଼ା ଗାଡ଼ିକୁ ଟାଣି ଟାଣି ନେଇ ଯିବା ପାଇଁ ଛାତ୍ରମାନେ ମଧୁବାବୁଙ୍କୁ ପ୍ରାର୍ଥନା କଲେ । ମଧୁବାବୁ ହସହସ ବଦନରେ କହିଲେ, ''ତୁମେମାନେ ଶ୍ରୀଜଗନ୍ନାଥଙ୍କର ଦାସ ହୋଇ ରଥଟାଣିବାକୁ ପ୍ରୟାସୀ ହୁଅ । ମାତ୍ର ଭୁଲ୍‌ରେ ସୁଦ୍ଧା ମଣିଷର ଦାସ ହୁଅନାହିଁ ।'' ଛାତ୍ରମାନେ ଦୈବବାଣୀ ସଦୃଶ ମଧୁବାବୁଙ୍କର ଏହି ଅମୃତତୁଲ୍ୟ ଉପଦେଶକୁ ଗ୍ରହଣ କରି ମୁଗ୍ଧ ହୋଇଗଲେ । ସମସ୍ତେ ମଧୁବାବୁଙ୍କୁ ଧନ୍ୟାଧନ୍ୟ କଲେ । ସେହି ସମୟରେ ତତ୍‌କାଳୀନ ଓଡ଼ିଶା କମିଶନର ଗସ୍ତରେ ଯିବା ପାଇଁ କଟକ ରେଳଷ୍ଟେସନ ଠାରେ ଉପସ୍ଥିତ ଥିଲେ । ସେ ମଧ ମଧୁବାବୁଙ୍କୁ ଧନ୍ୟ ଧନ୍ୟ କରି ସାଧୁବାଦ ଜଣାଇଲେ ।

୧୯୧୨ ମସିହାର କଥା । ବିହାରୀ ଛାତ୍ରସଭାରେ ସଭାପତିତ୍ୱ କରିବା ନିମନ୍ତେ ମଧୁବାବୁ ନିମନ୍ତ୍ରଣଟିଏ ପାଇଲେ । ତାଙ୍କର ବହୁ କାର୍ଯ୍ୟ ଥିବା ସତ୍ତ୍ୱେ ସେ ସେହି ନିମନ୍ତ୍ରଣକୁ ଗ୍ରହଣ କରିନେଲେ । ସେ ଥିଲେ ଜଣେ ଶକ୍ତିଶାଳୀ ବକ୍ତା । ଖୁବ୍ ସୁନ୍ଦର ଓ ସରଳ ସାବଲୀଳ ଭାଷାରେ ସେ ଅନର୍ଗଳ ବକ୍ତୃତା ଦେଇପାରନ୍ତି । ସେ ଏହି ବିହାରୀ ଛାତ୍ରସଭାରେ ଗୋଟିଏ ଦୀର୍ଘ ବକ୍ତୃତା ଲେଖି ପଠନ କରିଥିଲେ । ତାଙ୍କର ଏହି ଭାଷଣଟି ଭାରତର ତତ୍‌କାଳୀନ ବହୁ ପ୍ରତିଷ୍ଠିତ ଖବର କାଗଜରେ ପ୍ରକାଶ ପାଇଥିଲା । ସେହି ଭାଷଣର ଉପସଂହାରରେ ସେ ଛାତ୍ରମାନଙ୍କୁ ଯେଉଁ ଉପଦେଶ ପ୍ରଦାନ କରିଥିଲେ, ତହିଁର କିଛି ଅଂଶ ଏଠାରେ ଉଲ୍ଲେଖ କରାଗଲା–

XX It runs thus " Each of you has been went into this world with a special mission from your creator, find out your post, make your stand there, with heart within and God overhead, and do your duty without caring to know how the world views your conduct. When God first breathed life into you were in your mother's womb, having no connection with the world around. When you will be lying on your death bed, and your eyes will fail to see, your ears fail to hear, your tongue fail to speak, you will have no connection with your conscience. And at the finish of life's work your conscience says you have done your duty, whatever the world might say of you, rest assured your creator will address you in these words, " Well done, my child, thou hast been faithful into death. I will give the crown of life.

ଥରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଗେର କେତେଜଣ କଲେଜଛାତ୍ର ଯାଇ ପହଞ୍ଚିଲେ ମଧୁବାବୁଙ୍କ ପାଖରେ ତାଙ୍କ କଟକ ବାସଭବନରେ । ସେତେବେଳକୁ ମଧୁବାବୁ ବହୁତ ବୃଦ୍ଧ ଓ ରୁଗ୍‌ଣ ହୋଇ ପଡ଼ିଥିଲେ । ମଧୁବାବୁ ସେହି ଛାତ୍ରମାନଙ୍କୁ ଜଣ ଜଣ କରି ସେମାନଙ୍କର ପରିଚୟ ପଚାରିଲେ । ତାପରେ ସେମାନଙ୍କର ଆସିବା

ଉଦ୍ଦେଶ୍ୟ ପଚାରିଲେ । ସେ ଏହି ଛାତ୍ରମାନଙ୍କ ଠାରୁ ଜାଣିବାକୁ ପାଇଲେ ଯେ ସେମାନେ ଆସିଛନ୍ତି ତାଙ୍କ ଜୀବନର ସ୍ମୃତି କଥା ଲେଖିବା ପାଇଁ । ଏଥିପାଇଁ ତାଙ୍କର ସ୍ୱୀକୃତି ମିଳିଲେ ପ୍ରତ୍ୟେକ ଦିନ କେହି ଜଣେ ତାଙ୍କ ଭିତରୁ ଆସି ତାଙ୍କ ପାଖରେ ବସି ତାଙ୍କ ଜୀବନର ଘଟଣାଗୁଡ଼ିକୁ ଲିପିବଦ୍ଧ କରିନେବେ ।

ଛାତ୍ରମାନଙ୍କ କଥା ଶୁଣି ମଧୁବାବୁ ଟିକିଏ ଚେଙ୍ଗା ହୋଇ ଚମକି ପଡ଼ି କହିଲେ, ''ମୋର ସ୍ମୃତିକଥା—ଏଇ ମଧୁସୂଦନ ଦାସର ସ୍ମୃତିକଥା !! ତାପରେ ସେ ଅନର୍ଗଳ ଭାଷଣ ପ୍ରଦାନ କରି କହିଲେ, ମଧୁସୂଦନ ଦାସ ଆଜି ଦେବାଳିଆ ହୋଇଯାଇଛି । ଉତ୍କଳ ଟେନେରୀ ତାର ବିକ୍ରି ହୋଇଯାଇଛି । 'ଦି ଓରିଆ' ଖବର କାଗଜ ଆଜି ନାହିଁ । ନେତୃତ୍ୱ ତାର ନିଃଶେଷ । ତାର ଆଉ ସ୍ମୃତିକଥା କ'ଣ ? ତାର ସ୍ମୃତିକଥା କ'ଣ ଲେଖିବ ? ଯଦି ସ୍ମୃତିକଥା ଲେଖିବାକୁ ଚାହିଁ, ତେବେ କୋଣାର୍କ ପାଖକୁ ଚାଲିଯାଅ । ସେଇଠି ମିଳିବ ଓଡ଼ିଶାର ସ୍ମୃତିକଥା । ଭାରତବର୍ଷ ଭିତରେ ଓଡ଼ିଶାକୁ ସ୍ୱତନ୍ତ୍ର କରି ରଖିଛି ଏଇ କୋଣାର୍କ । ଭାରତର ଲାଞ୍ଛିତ ହୋଇ ପଛରେ ଘୁଷୁରି ହୋଇ ରହିବନି ଏଇ ଓଡ଼ିଶା । ସେ ହେବ ଭାରତର ଅଗ୍ରଣୀ । ଏଇ କୋଣାର୍କର ବଂଶଧର ଦୁଇକୋଟି ଓଡ଼ିଆ ହେବେ ଭାରତର ଅଗ୍ରଣୀ ।''

ଏଇ କେଇପଦ କଥା ମଧୁବାବୁଙ୍କ ମୁହଁରୁ ଶୁଣି କାଳିନ୍ଦୀ ବାବୁ ଓ ସେଇ ଛାତ୍ରମାନଙ୍କର ଶରୀର ଶୀତେଇ ଉଠିଲା । ଆଖି ସେମାନଙ୍କର ଛଳଛଳ ହୋଇଗଲା । ସେମାନେ ମଧୁବାବୁଙ୍କ ଶରୀରରେ ଯେମିତି ଜୀବନ୍ତ କୋଣାର୍କକୁ ଦର୍ଶନ କରୁଥିଲେ । ଏହା ନଥିଲା ମଧୁବାବୁଙ୍କ ମୁଖର ବାଣୀ, ଏହା ଯେମିତି ଥିଲା ଦୁଇକୋଟି ଓଡ଼ିଶାବାସୀଙ୍କର ପ୍ରାଣର ଭାଷା । ***

ମଧୁବାବୁ କଟକ ଲ' କଲେଜର ଅବୈତନିକ ତଥା ପାର୍ଟ ଟାଇମ ଅଧ୍ୟାପକ ଥିଲେ । ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପିତା ଜାନକୀନାଥ ବୋଷ ସେହି ସମୟରେ ଲ' ଶ୍ରେଣୀରେ ମଧୁବାବୁଙ୍କର ଛାତ୍ର ଥିଲେ । ମଧୁବାବୁ ରେଭେନ୍ସା କଲେଜ ଗଭର୍ଣ୍ଣିଂ ବଡିର ସଦସ୍ୟ ଥିଲେ । କଟକ ନଗରର ପ୍ୟାରୀମୋହନ ଏକାଡେମୀ ଓ ଗାଉନ ଭିକ୍ଟୋରିଆ ସ୍କୁଲ (ଭକ୍ତ ମଧୁବିଦ୍ୟାପୀଠ)ର ଉନ୍ନତି ପାଇଁ ଖୁବ୍ ଧ୍ୟାନ ଦେଉଥିଲେ । ଫୁଟବଲ ଖେଳର ପ୍ରସାର ନିମନ୍ତେ ମଧୁବାବୁ 'କପ୍' ସୃଷ୍ଟି କରିଥିଲେ । ପ୍ରତି କ୍ଷେତ୍ରରେ ଓଡ଼ିଶା ସମୃଦ୍ଧି ଲାଭ କରୁ, ଓଡ଼ିଆମାନେ ବୀର ଭାବରେ ସର୍ବତ୍ର ପରିଚିତ ହୁଅନ୍ତୁ, ଏହା ଥିଲା ମଧୁବାବୁଙ୍କର ଅଭିଳାଷ । ଓଡ଼ିଶାର ନ୍ୟାଯ୍ୟ ଦାବିକୁ ସେ ସର୍ବଦା ନିର୍ଭୀକ ଭାବରେ ବ୍ରିଟିଶ ଶାସକମାନଙ୍କ ପାଖରେ ଉପସ୍ଥାପିତ କରୁଥିଲେ । ୧୯୦୦ ମସିହାରେ ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ଓଡ଼ିଶା ଅଣାଇ ତାଙ୍କୁ କହିଥିଲେ, ''ବ୍ରିଟିଶ ଶାସନାଧୀନ ଓଡ଼ିଶା ପଙ୍ଗୁ ପାଲଟି ଯାଇଛି ।'' ତାର ଉତ୍ତରରେ ଲର୍ଡ଼ କର୍ଜନ କହିଥିଲେ, ''ବ୍ରିଟିଶ ଶାସନ କାଳରେ ଯେତେବେଳେ ତୁମପରି ବ୍ୟକ୍ତି ବାହାରି ପାରିଛନ୍ତି, ତାହାହିଁ ଯଥେଷ୍ଟ । ବ୍ରିଟିଶ ଶାସକ ତୁମକୁ ପାଇ ଗର୍ବିତ ।'' ୧୯୦୭ ମସିହାରେ ମଧୁବାବୁ ଦ୍ୱିତୀୟଥର ନିମନ୍ତେ ବିଲାତ ଯାତ୍ରାକରି ତତ୍କାଳୀନ ଭାରତ ସଚିବ ଲର୍ଡ଼ ମର୍ଲେଙ୍କୁ ସାକ୍ଷାତ କରିଥିଲେ । ମର୍ଲେଙ୍କ ସହ ଭାରତର ଅଶାନ୍ତି ସମ୍ପର୍କରେ ଆଲୋଚନା କଲାବେଳେ ମର୍ଲେ ମଧୁବାବୁଙ୍କର ବିଚକ୍ଷଣ ବୁଦ୍ଧି ଓ ଗଭୀର ଜ୍ଞାନକୁ ତାରିଫ କରି କହିଲେ, ''ଭାରତର ପ୍ରତିନିଧି ରୂପେ ମୁଁ ତୁମକୁ ପାଇ ବିଶେଷ ଉପକୃତ । ଏହା ଓଡ଼ିଶାବାସୀ ଓ ଓଡ଼ିଆଙ୍କ ନିମନ୍ତେ ବଡ଼ ଗର୍ବ ଓ ଗୌରବର ବିଷୟ ।''

ମଧୁବାବୁ ଭାରତକୁ ଫେରିବା ପରର ଘଟଣା । ମହାଯୋଗୀ ଅରବିନ୍ଦ ମଧୁବାବୁଙ୍କୁ ତାରିଫ କରି 'ବନ୍ଦେମାତରମ୍' ସମ୍ବାଦପତ୍ରରେ ୧୯୦୭ ଡିସେମ୍ବର ସଂଖ୍ୟାରେ ଲେଖିଥିଲେ, ''ମଧୁସୂଦନଙ୍କ ପରି ଜଣେ ମହାସମର୍ଥ ଓ ତେଜସ୍ୱୀ ବ୍ୟକ୍ତି ଓଡ଼ିଶାର ସ୍ୱତନ୍ତ୍ର ଜାତୀୟ ଜାଗରଣ ମଞ୍ଜି ପୋତି ନିଖିଳ ଭାରତର ଜାତୀୟ ସତ୍ତାକୁ ସୁସଂଗଠିତ ଓ ସୁଦୃଢ଼ କରିପାରିଛନ୍ତି ।'' ଯୋଗୀ ଅରବିନ୍ଦ ବଙ୍ଗ ଭଙ୍ଗ ସମସ୍ୟାକୁ ନେଇ ଲର୍ଡ଼ ମର୍ଲେଙ୍କୁ ବଡ଼ ନିନ୍ଦା କରିଥିଲେ । ଏହି ପରିପ୍ରେକ୍ଷୀରେ ମଧୁବାବୁ ଯୋଗୀ ଅରବିନ୍ଦଙ୍କୁ ବୁଝାଇ ଦେଇ କହିଥିଲେ, ''ବଙ୍ଗଭଙ୍ଗ ପରେ ବଙ୍ଗବାସୀ ଯେପରି ବିବ୍ରତ ଓ କ୍ଷୁବ୍ଧ, ସେହିପରି ଶହଶହ ବର୍ଷଧରି ଓଡ଼ିଆଜାତି ଖଣ୍ଡବିଖଣ୍ଡିତ ହୋଇ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାଡ୍ରାଜ ପ୍ରଭୃତି ଅଞ୍ଚଳରେ ରହି କିପରି ଦୟନୀୟ ଓ ବ୍ୟତିବ୍ୟସ୍ତ ହେଉନଥିବେ, ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ ।''

ଡକ୍ଟର ହରେକୃଷ୍ଣ ମହତାବଙ୍କ ଭାଷାରେ, ମିଃ ମଧୁସୂଦନ ଦାସ ଥିଲେ ଜଣେ ସ୍ୱାଧୀନ ଓ ଖୋଲାପ୍ରାଣ ଆଦର୍ଶ ଭାରତୀୟ ନେତା । ସେ ଭାରତୀୟ ରାଜନୀତିରେ ଥିଲେ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ଗୋପାଳକୃଷ୍ଣ ଗୋଖେଲଙ୍କ ସମକକ୍ଷ । ୧୯୦୪ ମସିହାର ଗୋଟିଏ ଦିବସରେ ଗୋପାଳକୃଷ୍ଣ ଗୋଖେଲ ଓ ମଧୁବାବୁଙ୍କୁ ସମାଜ କାର୍ଯ୍ୟ ନିମନ୍ତେ ସି.ଆଇ ପଦବୀରେ ଭୂଷିତ କରାଯାଇଥିଲା ।

ଏହି ଓଡ଼ିଆ ବୀର ମଧୁସୂଦନ ଦାସ ଆଜି ଆମ ଗହଣରେ ନାହାଁନ୍ତି, ହେଲେ ତାଙ୍କର କାର୍ଯ୍ୟ ଓ ଗୁଣ ପାଇଁ ସେ ଭାରତର ଇତିହାସରେ ଚିରଦିନ ଜାଗ୍ରତ ହୋଇ ରହିବେ, ଏଥିରେ ସନ୍ଦେହର ଅବକାଶ ନାହିଁ ।

— ସହାୟକ ଗ୍ରନ୍ଥ ସୂଚୀ —


- ଉତ୍କଳ ଗୌରବ ମଧୁସୂଦନ ଦାସ — ନବକିଶୋର ଦାସ
- ମଧୁସୂଦନ ଦାସ — ସୁରେନ୍ଦ୍ର ମହାନ୍ତି
- ମଧୁସୂଦନ ଦାସ (ଇଂରାଜୀ ପ୍ରବନ୍ଧ) — ଶୈଳବାଳା ଦାସ
- ମଧୁବାବୁ ସ୍ମୃତି (ଓଡ଼ିଆ ପ୍ରବନ୍ଧ) ଶ୍ରୀ ଶୀତଳ କୁମାର ଘୋଷ
- ଅମର ବ୍ୟକ୍ତିତ୍ୱ (ଓଡ଼ିଆ ପ୍ରବନ୍ଧ) ରାଧାନାଥ ରାଉତ
- ମିଃ ମଧୁସୂଦନ ଦାସ (ଇଂରାଜୀ ପ୍ରବନ୍ଧ)— ଡଃ ହରେକୃଷ୍ଣ ମହତାବ
- ମଧୁବାବୁ ସଂଗେ ଲଢ଼ିବି (ଓଡ଼ିଆ ପ୍ରବନ୍ଧ)— ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ
- ଉତ୍କଳ ଗୌରବ ଓ ଉତ୍କଳ ଟାନେରୀ (ଓଡ଼ିଆ ପ୍ରବନ୍ଧ) ପୁରୁଷୋତ୍ତମ ନାୟକ


•

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଜନଶିକ୍ଷା ଭବନ, ଭୁବନେଶ୍ୱର-୭୫୧୦୦୧

# ଓଡ଼ିଶାର ସାଂସ୍କୃତିକ ଜାଗରଣରେ ଜାତିପ୍ରାଣ ମଧୁସୂଦନ

● ଶ୍ରୀ ସୁରସିଂହ ପଟ୍ଟନାୟକ

ଓଡ଼ିଶା ପ୍ରଦେଶର ପ୍ରାଣପ୍ରତିଷ୍ଠାତା ଓ ଜନକ ଜାତୀୟ ଗୌରବ ମଧୁସୂଦନଙ୍କର ଜୀବନବ୍ୟାପୀ ନିରବଚ୍ଛିନ୍ନ ସଂଗ୍ରାମର ଫଳଶ୍ରୁତି ହେଉଛି– ଆଧୁନିକ ଓଡ଼ିଶା ପ୍ରଦେଶ । ତାଙ୍କ ଆବିର୍ଭାବ ହୋଇଥିଲା ଓଡ଼ିଶାର ଅତ୍ୟନ୍ତ ସଂକଟପୂର୍ଣ୍ଣ ପରିସ୍ଥିତିରେ, ଯେତେବେଳେ ବିଦେଶୀ ଶାସନର ଗୋଟିଏ ଅବିବେକୀ କଲମ ଘାତର ନିର୍ଦ୍ଦେଶରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସମୂଳେ ଉଚ୍ଛେଦ ହୋଇ ଲୋପ ପାଇଯାଇଥାନ୍ତା । ନଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସରେ ମୁମୂର୍ଷୁ ଓଡ଼ିଆ ଜାତି ଯେପରି ମୃତ୍ୟୁ ସହିତ ସଂଗ୍ରାମ କରୁଥାଏ, ଆଉ ତାର ସଂସ୍କୃତି, ସାହିତ୍ୟ ଯେପରି ଅବଲୟପ୍ରାପ୍ତ ହେବାକୁ ବସିଥାଏ । ତାହା ଥିଲା ୧୮୮୧ ସାଲ, ଯେତେବେଳେ ମଧୁସୂଦନ ଓଡ଼ିଶାକୁ ଫେରି ଆସିଥିଲେ । ଏତେବେଳକୁ ଓଡ଼ିଆପ୍ରାଣ ରେଭେନ୍ସା ଓ ବିମସ୍ ସାହେବ ଓଡ଼ିଶାରୁ ବିଦାୟ ନେଇ ସାରିଥାନ୍ତି । ଓଡ଼ିଶାର ସ୍ୱାର୍ଥକୁ ଶାସନର ପରିଧି ମଧ୍ୟରେ ରକ୍ଷା କରୁଥିବା ଆଦିନେତା ବିଚିତ୍ରାନନ୍ଦଙ୍କର ମୃତ୍ୟୁ ଘଟିଥାଏ । ଓଡ଼ିଶା ହୋଇଯାଇଥାଏ ନିରାଶ୍ରୟ, ଅଭିଭାବକଶୂନ୍ୟ । ଏତିକିବେଳେ ଯଦି ମଧ୍ୟପ୍ରଦେଶର ଚିଫ୍ କମିଶନର 'ଭଡ୍‌ବରନ୍'ଙ୍କର ପରି ଜଣେ ସ୍ୱେଚ୍ଛାଚାରୀ, ସମ୍ବଲପୁର ସମେତ ମଧ୍ୟପ୍ରଦେଶରୁ ଓଡ଼ିଆ ଭାଷାର ବିଲୋପ ସାଧନ କଲାପରି ଓଡ଼ିଶା ଡିଭିଜନର କମିଶନର ବଙ୍ଗଳା ଗଭର୍ଣ୍ଣରଙ୍କର ସ୍ୱୀକୃତି ଆଣି ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା କୋର୍ଟ କଚେରୀ ତଥା ଶିକ୍ଷାୟତନରେ ପ୍ରଚଳନ ଲାଗି ନିର୍ଦ୍ଦେଶ ଦେଇଥାନ୍ତେ, ଏତେବେଳକୁ ଓଡ଼ିଆ ସଂସ୍କୃତିର ମୂଳପିଣ୍ଡ ରୂପେ ପରିଚିତ ଥିବା ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା ବଙ୍ଗଳାଭାଷୀ ଅଞ୍ଚଳରେ ପରିଣତ ହୋଇ ଆପଣାର ସ୍ଥିତି ଓ ସତ୍ତାକୁ ସମ୍ପୂର୍ଣ୍ଣ ରୂପେ ହରାଇ ବସିଥାନ୍ତା । ବିହାରୀମାନଙ୍କର ସ୍ୱେଚ୍ଛାଚାରିତାରେ ମୈଥିଳୀ ଭଳି ଉନ୍ନତ ସଂସ୍କୃତି ସମ୍ପନ୍ନ ଭାଷା ନିଶ୍ଚିହ୍ନ ହେଲାପରି ଓଡ଼ିଆ ଭାଷା ଅବଲୁପ୍ତ ହୋଇଯାଇଥାନ୍ତା । ୧୮୮୧ ରୁ ଦୀର୍ଘ ତିରିଶ ବର୍ଷ ଧରି ମଧୁସୂଦନ ଥିଲେ ଓଡ଼ିଶାର ରକ୍ଷାକବଚ ।

ମଧୁସୂଦନ ଫେରି ଆସିଥିଲେ ୧୮୮୧ ସାଲରେ, ଯେତେବେଳେ ଓଡ଼ିଶାର ସାଂସ୍କୃତିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ବିରାଟ ଶୂନ୍ୟତା ହିଁ 'ରାଜତ୍ୱ' କରୁଥାଏ । ସବୁ କ୍ଷେତ୍ରରେ ବହିରାଗତ ଜମିଦାର ଓ କର୍ମଚାରୀ ତଥା ଏ ଦେଶୀୟ ବଙ୍ଗାଳିମାନଙ୍କର ରାଜତ୍ୱ । 'ଭାଇ' ବୋଲି ଡାକ ଦେଲେ ପ୍ରତି ଉତ୍ତର ଦେବା ପାଇଁ ଜଣେମାତ୍ର ଓଡ଼ିଆ ଉଭା ହୋଇ ସାହସ ଯୋଗାଇବାକୁ ଉପସ୍ଥିତ ନଥିଲେ । ସବୁଆଡ଼େ ଖାଁ ଖାଁ ଗୋଡ଼େଇଲା ପରି ନୀରବତା ଓ ଶୂନ୍ୟତା । ତାହାହିଁ ପ୍ରତିଧ୍ୱନିତ ହୋଇଥିଲା ମଧୁସୂଦନଙ୍କ କବିତାରେ-

ମାଆ ମାଆ ବୋଲି          କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ,
ଭାଇ ଭାଇ ବୋଲି          କେତେ ମୁଁ ଡାକିଲି
ନଦେଲେ ଉତ୍ତର କେହି ।

ଗଭୀର ପ୍ରାଣର ଆକୁତିରେ ଉଚ୍ଚରିତ ହୋଇଛି ଏହି କେତୋଟି ପଦ ।

ଆଉ ଜୀବନର ଅନ୍ତିମ ବେଳାରେ ମୃତ୍ୟୁର ଏକବର୍ଷ ପୂର୍ବରୁ ଜାତିପ୍ରତି ଅନ୍ତିମ ଉଦ୍‌ବୋଧନ ପ୍ରଦାନ କରି ୧୯୩୩ ସାଲ ଫେବୃୟାରୀ ୧୩ ତାରିଖରେ ମଧୁସୂଦନ କହିଥିଲେ–

" ଏହି ଆନ୍ଦୋଳନର ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ କଣ ମୁଁ ଦେଖୁଛି ? ମୁଁ ଯେତେବେଳେ ଏ ଆନ୍ଦୋଳନ ଆରମ୍ଭ କଲି, ଜାତି ବୋଲି କିଛି ନଥିଲା । ମୁଁ କେବଳ ଛୁଡ଼ ଛୁଡ଼ ଅସ୍ଥି ଦେଖିଥିଲି । ଚାରିଆଡ଼େ କେବଳ ଅସ୍ଥି, ଅସ୍ଥି ଆଉ ଅସ୍ଥି । ଏହି ଅସ୍ଥି କଙ୍କାଳ ଭିତରେ ପ୍ରାଣ ସଞ୍ଚାର କରି ହସ୍ତପଦ ଓ ପେଶୀ ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼ିଛି । ମୋ ଜାତିକୁ ଯୁଦ୍ଧ ସରଞ୍ଜାମରେ ସଜ୍ଜିତ କରିବା ପାଇଁ ମତେ ଏକାକୀ କାର୍ଯ୍ୟ କରିବାକୁ ପଡ଼ିଛି । ଏଥିରେ ମୋତେ ଭଗବାନଙ୍କ ବ୍ୟତୀତ ଆଉ କେହି ସାହାଯ୍ୟ କରିନାହାନ୍ତି ।"

ନିଦାରୁଣ ନଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସରୁ ଉତୁରି ଆସିଥିବା କଙ୍କାଳସାର ଏହି ଜାତିକୁ ନିଶ୍ଚିହ୍ନ କରିଦେବା ପାଇଁ ଶେଷ ପ୍ରହାର ହିଁ ବାକୀ ରହିଥିଲା । ଏତିକିବେଳେ ତ୍ରାଣକର୍ତ୍ତା ରୂପେ ଉଭା ହେଲେ ମଧୁସୂଦନ । ତେଣୁ ଊନବିଂଶ ଶତାବ୍ଦୀର ଶେଷ ପାଦରେ ଓଡ଼ିଶାର ଅଭ୍ୟୁତ୍ଥାନର ପ୍ରତିଟି କ୍ଷେତ୍ରରେ ମଧୁସୂଦନ ଛାଡ଼ିଯାଇଛନ୍ତି ଆଦ୍ୟ ପ୍ରବର୍ତ୍ତକର ସ୍ୱାକ୍ଷର ।

୧୮୮୬ ମସିହା । ଓଡ଼ିଶାର ଜାତୀୟ ତଥା ଆଧ୍ୟାତ୍ମିକ ଚେତନାର ମୂଳକେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନାକୁ ବ୍ରିଟିଶ ଶାସନର କର୍ତ୍ତୃତ୍ୱ ମଧ୍ୟକୁ ନେବାପାଇଁ ଯେଉଁ ଚକ୍ରାନ୍ତ ଆରମ୍ଭ ହୋଇଯାଇଥିଲା, ତାହାରି ବିରୁଦ୍ଧରେ ପ୍ରତିବାଦ କରିବାର କ୍ଷମତା ହରାଇ ବସିଥିଲା ଏହି ଜାତି । ଚାରିଆଡ଼େ ପ୍ରତିବାଦର ଚାପା ଗୁଞ୍ଜରଣ । ହେଲେ ଦୃଢ଼ ପଦକ୍ଷେପ ନେବାପାଇଁ ଅକ୍ଷମ ଥିଲା ଏହି.

ଜାତି । ମାତ୍ର ୧୮୮୬ ସାଲରେ ଏହି ଅନ୍ୟାୟ ତଥା ଅନୈତିକ ଆଦେଶ ବିରୁଦ୍ଧରେ କଲିକତା ହାଇକୋର୍ଟରେ ଅପିଲ ଦାୟର କରି ଆଇନର ଶାଣିତ ତର୍କମା ମଧ୍ୟରେ ମଧୁବାବୁ ପୁନରାୟ ଫେରାଇ ଆଣିଥିଲେ ଶ୍ରୀ ମନ୍ଦିରର ପରିଚାଳନା ଦାୟିତ୍ୱ ଗଜପତି ବଂଶ ହାତରେ । ଏହା ଫଳରେ ଏକ ଯୁଗାନ୍ତକାରୀ ଅଧିକାରୀ ପୁନଃ ପ୍ରତିଷ୍ଠିତ ହୋଇପାରିଥିଲା ।

୧୮୮୨-୮୩ ସାଲ ବେଳକୁ ଓଡ଼ିଶାର ପାରମ୍ପରିକ ତଥା ଶାସ୍ତ୍ରୀୟ ସଂଗୀତର ଧାରା ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ । ପୁରୀ ତଥା କେତୋଟି ରାଜ ଦରବାରକୁ ଛାଡ଼ି ଦେଲେ ଓଡ଼ିଶାରେ ସଂଗୀତ ଧାରା ଶାଳୀନତା ପରିଧି ମଧ୍ୟରୁ ଖସି ପଡ଼ିଥିଲା । ଏହାର ପୁନରୁଦ୍ଧାର ପାଇଁ ବ୍ରତୀ ହେଲେ ମଧୁସୂଦନ । ମଧୁସୂଦନ ଆବାଲ୍ୟରୁ ସଂଗୀତପ୍ରିୟ ଥିଲେ । କଲିକତାରେ ଷୋହଳବର୍ଷ ରହଣି ମଧ୍ୟରେ ସେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ତଥା ପାଶ୍ଚାତ୍ୟ ସଂଗୀତରେ ନିବିଡ଼ ଭାବେ ପରିଚିତ ଥିଲେ । କଟକ ଆସିବା ପରେ, କଟକର ପ୍ରବୀଣ ସଂଗୀତ ଓସ୍ତାଦ୍ ‘ଖାନୁ ମିଆଁଙ୍କୁ ଠାବ କରିଥିଲେ । ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ଧାରାରେ ଆଧ୍ୟାତ୍ମିକ ସଂଗୀତ ଗାନରେ ପ୍ରବୀଣ ଥିଲେ ଖାନୁମିଆଁ । ତାଙ୍କର ମୂର୍ଚ୍ଛନାରେ ଫୁଟି ଉଠୁଥିଲା ସାତ୍ତ୍ୱିକତାର ଉଜ୍ଜ୍ୱଳ ଆଭାସ ଆଉ କବି ପ୍ରାଣରୁ ଉଦ୍ଗୀତ ହେଉଥିଲା ଆଧ୍ୟାତ୍ମିକ ସଙ୍ଗୀତର ସୁରଝଙ୍କାର । ଏହାଛଡ଼ା କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଜମିଦାର ନରେନ୍ଦ୍ର ବଂଶର ପ୍ରଖ୍ୟାତ ଗାୟକ ଗୋକୁଳବିହାରୀ ଶ୍ରୀଚନ୍ଦନଙ୍କୁ ମଧ୍ୟ ସେ ନିର୍ବାଚିତ କରିଥିଲେ । ଏହି ଭଳି ଓଡିଶାର ବିଖ୍ୟାତ ଗାୟକଙ୍କ ସହିତ କଲିକତାର ପ୍ରସିଦ୍ଧ ଗାୟକମାନଙ୍କୁ ଆଣି ମଧୁସୂଦନ ନିଜ ଖର୍ଚ୍ଚରେ ସଙ୍ଗୀତ ସମ୍ମିଳନୀମାନ ଆୟୋଜନ କରୁଥିଲେ । ତାହା କ୍ରମେ ଓଡ଼ିଶାର ସଙ୍ଗୀତର ଧାରାକୁ ମାର୍ଜିତ ତଥା ଶାସ୍ତ୍ରୀୟ ରୂପ ପ୍ରଦାନ କରିବାରେ ସହାୟକ ହୋଇଥିଲା ।

୧୮୮୧ ରୁ ଆସିବା ପରେ ମଧୁସୂଦନ ଦୀର୍ଘ ବାରବର୍ଷ ଚାନ୍ଦିନୀଚୌକ ସନ୍ନିକଟ ବିହାରୀବାଗରେ ବାସକରୁଥିଲେ । ତାଙ୍କର ବାସଭବନରେ ସଜ୍ଜିତ ଥିଲା ସମସ୍ତ ସଙ୍ଗୀତର ବାଦ୍ୟଯନ୍ତ୍ର, ଭାରତୀୟ ତଥା ୟୁରୋପୀୟ । ପ୍ରତି ଶନିବାର ସନ୍ଧ୍ୟାରେ ତାଙ୍କର ବାସଭବନରେ ରାତ୍ରିକାଳୀନ ସଙ୍ଗୀତ ଆସର ବସୁଥିଲା ଓ ପ୍ରଖ୍ୟାତ ସଙ୍ଗୀତଜ୍ଞମାନେ ରାତ୍ରିର ବିଳମ୍ବ ପ୍ରହର ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରୁଥିଲେ । ଏହା ପରେ କାଶ୍ମୀର ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ସୁସ୍ୱାଦୁ ଭୋଜନ ଅତିଥିମାନଙ୍କୁ ପରସା ଯାଉଥିଲା ।

ଏହାଛଡ଼ା ସାମସନ ଭାଇଙ୍କୁ ପ୍ରୋତ୍ସାହିତ କରି ମଧୁସୂଦନ ପ୍ରଥମେ ସୃଷ୍ଟି କରିଥିଲେ, ୟୁରୋପୀୟ ଐକ୍ୟତାନିକ ବ୍ୟାଣ୍ଡ ପାର୍ଟି । ଏହାଥିଲା ଓଡ଼ିଆମାନଙ୍କର ନିଜସ୍ୱ ଉଦ୍ୟମ । ମଧୁସୂଦନଙ୍କ ଆର୍ଥିକ ଅନୁଦାନରେ ଏହା ଗଢ଼ି ଉଠିଥିଲା ।

ଓଡ଼ିଶୀ, ଶାସ୍ତ୍ରୀୟ ତଥା ପାଶ୍ଚାତ୍ୟ ଐକ୍ୟତାନିକ ସଙ୍ଗୀତ କ୍ଷେତ୍ରରେ ଅସାଧାରଣ ପ୍ରବେଶ ଥିଲା ମଧୁସୂଦନଙ୍କର । ତେଣୁ ୧୯୦୩ ର ଉତ୍କଳ ସମ୍ମିଳନୀ ଅଧିବେଶନରେ ଗାନ କରାଯାଉଥିବା ପ୍ରତିଟି ସଙ୍ଗୀତ ଚିହ୍ନିତ ଓ ନିର୍ବାଚିତ ହେବା ସହିତ ସଙ୍ଗୀତ ମୂର୍ଚ୍ଛନାଗୁଡ଼ିକ ମଧୁସୂଦନଙ୍କର ଅନୁମୋଦନ ଲାଭ ପରେ ହିଁ ଗାନ କରାଯାଉଥିଲା । ମୁଖ୍ୟ ଆବାହନ ସଙ୍ଗୀତଗୁଡ଼ିକ ଗାନ କରୁଥିଲେ, ପ୍ରସିଦ୍ଧ ଗାୟକ ଓସ୍ତାଦ ଖାନୁମିଆଁ, ଯାହାଙ୍କର ସ୍ୱରର ମୂର୍ଚ୍ଛନାରେ ଅଭିମନ୍ତ୍ରିତ ହେଉଥିଲା ଏହି ଜାତୀୟ ସମ୍ମିଳନୀର ପୀଠ ଆଉ ସୃଷ୍ଟି ହେଉଥିଲା ଦେଶଭକ୍ତିର ପ୍ରବଳ ଉଦ୍ଦୀପନାର ଶିହରଣ ।

## ଉତ୍କଳୀୟ ରଙ୍ଗଭୂମିର ପ୍ରଖର ଜ୍ୟୋତି

ସେ ଯୁଗରେ ରଙ୍ଗମଞ୍ଚ ରଙ୍ଗଭୂମି ନାମରେ ପରିଚିତ ଥିଲା । ଆଉ ଏହି ରଙ୍ଗମଞ୍ଚ ସବୁ ଇଂରାଜୀ ନାଟକର ଶୈଳୀରେ ପ୍ରଥମେ କଲିକତାରେ ଆରମ୍ଭ ହୋଇଥିଲା । କଲିକତାରେ ପ୍ରଥମ ରଙ୍ଗମଞ୍ଚ ନ୍ୟୁଥିଏଟର ସ୍ଥାପିତ ହୁଏ ୧୭୯୫ ସାଲରେ ଆଉ ଚୌରଙ୍ଗୀ ଥିଏଟର ୧୮୦୪ ସାଲରେ । ଯହିଁରେ ଇଂରାଜୀ ନାଟକ ଅଥବା ଇଂରାଜୀ ନାଟକର ଅନୁବାଦ ବଙ୍ଗୀୟ ଭାଷାରେ ରଚିତ ନାଟକ ସବୁ ଅଭିନୀତ ହେଉଥିଲା । କ୍ରମେ ରଚିତ ହୁଏ ଉଚ୍ଚ ପରମ୍ପରାର ବଙ୍ଗୀୟ ନାଟକ ସବୁ-ମନମୋହନ ବସୁଙ୍କର ନାଟକ ସମୂହ - ଯଥାକ୍ରମେ ରାମାଭିଷେକ (୧୮୬୩) ଓ ସତୀ ନାଟକ (୧୮୭୩), ମଧୁସୂଦନ ଦତ୍ତଙ୍କ ଏକି ବଲି ସଭ୍ୟତା (୧୮୭୨), ଜ୍ୟୋତିନ୍ଦ୍ରନାଥ ମିତ୍ରଙ୍କର ଅଶ୍ରୁମତୀ (୧୮୭୯) ଗିରିଶ ଚନ୍ଦ୍ର ଘୋଷ (୧୮୪୪-୧୯୨୨) ଙ୍କର ଦକ୍ଷଯଜ୍ଞ, ଚୈତନ୍ୟଲୀଳା, ବିଲ୍ୱମଙ୍ଗଳ ଆଦି ବହୁ ନାଟକ । ଏହି ଗିରୀଶଚନ୍ଦ୍ର ପରେ ରାମକୃଷ୍ଣ ପରମହଂସଙ୍କ କୃପାପ୍ରାର୍ଥୀ ହୋଇଥିଲେ ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଢାକାର ଷ୍ଟାର ଥିଏଟର, କଲିକତାରେ ଗିରୀଶ ଘୋଷଙ୍କର ରଙ୍ଗଭୂମି ଆଉ ନ୍ୟାସନାଲ ଥିଏଟର ସବୁ ଜନପ୍ରିୟ ଥିଲା, ଯେଉଁଠାରେ ନାରୀ ଚରିତ୍ରର ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ରୂପଜୀବୀଗଣ । କ୍ରମେ ବଳିଷ୍ଠ ବଙ୍ଗୀୟ ନାଟକର ପରମ୍ପରା ସୃଷ୍ଟି ହେଲା ଆଉ ମଞ୍ଚ ପରିବେଷଣର ଶୈଳୀ ଉନ୍ନତ ହେଲା । ବଙ୍ଗୀୟ ନାଟ୍ୟ ସାହିତ୍ୟ ସମୃଦ୍ଧ ହେଲା, ଆଉ ନାଟକ ସବୁ ପୁସ୍ତକ ଆକାରରେ ମୁଦ୍ରିତ ହେଲା । କଲିକତା ଛଡ଼ା ବମ୍ବେରେ ମଧ୍ୟ ଗଢ଼ି ଉଠିଲା ହିନ୍ଦୀ ତଥା ମରାଠୀ ନାଟକର ଉଚ୍ଚ ପରମ୍ପରା ।

ଊନବିଂଶ ଶତାବ୍ଦୀର ବଙ୍ଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ-ଉପାନ୍ତ ଅଞ୍ଚଳର ମାତ୍ର ଏକ ଭୂମିଖଣ୍ଡ, ଯାହା ଗମନାଗମନ ଦୃଷ୍ଟିରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଥିଲା । ଉଭୟ ଅଞ୍ଚଳକୁ ସଂଯୁକ୍ତ କରୁଥିବା ପଥଟି ବନ୍ୟାସଙ୍କୁଳ ଥିଲା । ତେଣୁ କୁହାଯାଉଥିଲା

‘ହରଦୀ ମଖାମଖି ନରଣଗଡ଼ ପାରି ହେଲେ ଜୁଟମ୍ପ ଦେଖାଦେଖି ।’

୧୮୬୯ ସାଲରୁ ଅବସ୍ଥା ବଦଳିଲା । ସପ୍ତାହକୁ ଅନ୍ତତଃ ଗୋଟିଏ ଜାହାଜ ଚାନ୍ଦବାଲିଠାରୁ କଲିକତା ଯାତ୍ରା କଲା । କ୍ରମେ ପ୍ରାୟ ୧୮୭୨ ବେଳକୁ କଟକ ଯୋବ୍ରା ଆନିକଟ ଦେଇ କେନ୍ଦ୍ରାପଡ଼ା ଆଉ ପଟ୍ଟାମୁଣ୍ଡେଇ କେନାଲ ସହିତ ସଂଯୁକ୍ତ ହେଲା, ଆଉ ୧୮୭୭ ବେଳକୁ କଟକରୁ ଚାନ୍ଦବାଲି ପର୍ଯ୍ୟନ୍ତ ରୀତିମତ ଲଞ୍ଚ ଚଳାଚଳ କଲା । ଫଳରେ କଲିକତା କଟକର ନିକଟବର୍ତ୍ତୀ ହେଲା, ପ୍ରାୟ ୪୮ରୁ ୭୨ ଘଣ୍ଟା ମଧ୍ୟରେ ଲଞ୍ଚ ଆଉ ଜାହାଜ ଦେଇ କଲିକତା ଯିବା ସମ୍ଭବ ହେଲା । ସେଣିକି କଲିକତା ଯାତ୍ରା ଗୋଟିଏ କୁଦରୁ ଅନ୍ୟ କୁଦକୁ ଲମ୍ଫ ଦେଲା ପରି ସହଜସାଧ୍ୟ ହୋଇଗଲା ।

ଫଳରେ କଲିକତାରୁ ନୂଆ ସଂସ୍କୃତିର ଧାରା ଅବାରିତ ଭାବରେ ବହିବାକୁ ଲାଗିଲା, ହେଲେ ଏହି ସଂସ୍କୃତିର ଧାରାକୁ ଗ୍ରହଣ କରିବାର ଅଗ୍ରଭାଗରେ ଥିଲେ ଏ ଦେଶୀୟ ବଙ୍ଗୀୟ ଗୋଷ୍ଠୀ । ବଙ୍ଗ ପ୍ରଦେଶ ସହିତ ଭାଷାର ସାମ୍ୟତା ଓ ସଂସ୍କୃତିର ସାମଞ୍ଜସ୍ୟତା ଯୋଗୁ ସେମାନେ ଗ୍ରହଣଶୀଳତାର ପୁରୋ ଭାଗରେ ଥିଲେ ।

ସେ ସମୟର ପରିସ୍ଥିତି ବିଷୟରେ ସମ୍ୟକ ଧାରଣା କରିବା ପାଇଁ ଅଗ୍ରଗଣ୍ୟ ସମ୍ପାଦକ ରାମଶଙ୍କର ରାୟଙ୍କର ଚିନ୍ତାଧାରା ସହିତ ପରିଚିତ ହେବା ଉଚିତ । ଗୌରୀଶଙ୍କର ରାୟ, ସେ ସମୟର ଓଡ଼ିଶାର ଶିକ୍ଷିତ ଶ୍ରେଣୀକୁ ତିନି ଭାଗରେ ବିଭକ୍ତ କରିଥିଲେ । ତାହା ଏହିପରି

(୧) ଏ ଦେଶର ପ୍ରାଚୀନ ଓଡ଼ିଆ ଗୋଷ୍ଠୀ

(୨) ଏ ଦେଶୀୟ ବଙ୍ଗୀୟ ଗୋଷ୍ଠୀ - ଏହିମାନେ ଚୈତନ୍ୟଙ୍କ ସମୟରୁ ଅଥବା ପୂର୍ବରୁ କିମ୍ବା ମୁସଲମାନ ଶାସନର ପ୍ରାରମ୍ଭ କାଳରୁ ଓଡ଼ିଶାରେ ବସବାସ କରି ଓଡ଼ିଶାର ସ୍ୱାର୍ଥ ସହିତ ନିଜକୁ ଜଡ଼ିତ କରି ପାରିଥିଲେ । ଅନେକ କ୍ଷେତ୍ରରେ ସେମାନେ ଓଡ଼ିଆ ଭାଷା ଓ ସ୍ୱାର୍ଥର ସଂରକ୍ଷକ ଥିଲେ ମଧ୍ୟ ଭାଷା ଓ ସଂସ୍କୃତି ଦୃଷ୍ଟିରୁ ସେମାନେ ଥିଲେ ବଙ୍ଗୀୟ । ସେମାନେ ବଙ୍ଗଳା ସାହିତ୍ୟରେ ପାରଦର୍ଶୀ ଥିଲେ ।

## ବହିରାଗତ ବଂଶୀୟ ଗୋଷ୍ଠୀ

ଏହିମାନେ ବ୍ରିଟିଶ ଶାସନପରେ, ନିଜର ସ୍ୱାର୍ଥ ସିଦ୍ଧି ହାସଲ କରିବା ପାଇଁ ଓଡ଼ିଶାକୁ ଆସିଥିଲେ । ଯେଉଁମାନଙ୍କ ମଧ୍ୟରେ ଥିଲେ ସୂର୍ଯ୍ୟାସ୍ତ ଆଇନ ବଳରେ ଆସିଥିବା ଜମିଦାରୀ ଗୋଷ୍ଠୀ ତଥା ସେମାନଙ୍କର ଅନୁଗତ କର୍ମଚାରୀ ବୃନ୍ଦ, ସରକାରୀ କର୍ମଚାରୀ, କିଛି ଆଇନଜୀବୀ ଓକିଲ ଗୋଷ୍ଠୀ, ବଂଗୀୟ ବ୍ୟବସାୟୀ ଶ୍ରେଣୀ, ଯେଉଁମାନଙ୍କ ପାଇଁ ଓଡ଼ିଶା ଥିଲା ଚାରଣ ଭୂମି । ଆଶ୍ଚର୍ଯ୍ୟ ଲାଗେ ଊନବିଂଶ ଶତାବ୍ଦୀର ଶେଷ ପାଦ ପର୍ଯ୍ୟନ୍ତ ହରି ବଲ୍ଲଭ ବସୁଙ୍କୁ ଛାଡ଼ିଦେଲେ କଟକର ସମସ୍ତ ଓକିଲ ଗୋଷ୍ଠୀ ନିଜର ବୃତ୍ତିର ସନ୍ଧାନରେ ଓଡ଼ିଶାକୁ ଆସିଥିଲେ ।

୧୯୭୭-୭୮ ବେଳକୁ କଟକ କଲିକତାର ନିକଟବର୍ତ୍ତୀ ହେଲା । ବଂଗୀୟ ନାଟ୍ୟ ସାହିତ୍ୟ ସବୁ ଆସି ଏ ଦେଶୀୟ ବଂଗୀୟ ଗୋଷ୍ଠୀଙ୍କର ନିକଟରେ ଆସି ପହଞ୍ଚିଲା ଆଉ ପହଞ୍ଚିଲା ବଙ୍ଗଳା ନାଟକ ପ୍ରଦର୍ଶନୀର ଚାକ୍ଷୁସ ରୋମାଞ୍ଚକର ବିବରଣୀ ବଂଗୀୟ ପତ୍ର ପତ୍ରିକାର ମାଧ୍ୟମରେ । ନାଟକ ମଞ୍ଚସ୍ଥ କରିବା ପାଇଁ ନୂତନ ଉନ୍ମାଦନା ସୃଷ୍ଟି ହେଲା, ଏ ଦେଶୀୟ ବଂଗୀୟ ଗୋଷ୍ଠୀଙ୍କ ମଧ୍ୟରେ, ବିଶେଷତଃ, ଯେଉଁମାନେ ମାହାଙ୍ଗା, ଦୀକ୍ଷିତପଡ଼ା, ଅସୁରେଶ୍ୱର, ରଘୁନାଥପୁର, ଗୋପାଳପୁର ଗ୍ରାମରେ ବାସ କରୁଥିଲେ । ଏମାନେ ଶିକ୍ଷା-ଦୀକ୍ଷା କ୍ଷେତ୍ରରେ ଆଗୁଆ ଥିଲେ ଆଉ ଅନେକଙ୍କର କଟକ ସହରରେ ଅଲଗା ବାସଗୃହ ଥିଲା ।

ଓଡ଼ିଶାରେ କଟକ ସହରରେ ସର୍ବ ପ୍ରଥମେ ବିଧିବଦ୍ଧଭାବେ ନାଟକ ପ୍ରଦର୍ଶନ ଆରମ୍ଭ ୧୮୭୮ରେ ହେଲା, ଯହିଁରେ ମନମୋହନ ବସୁଙ୍କର ରଚିତ ନାଟକ 'ରାମାଭିଷେକ'ର ପ୍ରଦର୍ଶନ ହୋଇଥିଲା । ଏହାପରେ ମନମୋହନ ବସୁଙ୍କର ଅନ୍ୟ ବଂଗୀୟ ନାଟକ ସବୁ ପ୍ରଦର୍ଶିତ ହୋଇଥିଲା ।

ପ୍ରଥମ ଓଡ଼ିଆ ନାଟକ ବାବାଜୀ ରଚିତ ହୋଇଥିଲା ୧୮୭୭ ସାଲରେ ଜଗନ୍ମୋହନ ଲାଲାଙ୍କ ଦ୍ୱାରା, ଯେ ହିନ୍ଦୀ ସଂସ୍କୃତିର ନିକଟବର୍ତ୍ତୀ ଥିଲେ । ତାଙ୍କର ବଂଶଧରମାନେ ବରେଲୀରୁ ଆସିଥିଲେ ଆଉ ପାରିବାରିକ ବିବାହ ସମ୍ପର୍କରେ ସେ ଉତ୍ତର ପ୍ରଦେଶ ଓ ବିହାର ସହିତ ସମ୍ପର୍କିତ ଥିଲେ ।

ପରବର୍ତ୍ତୀ ଓଡ଼ିଆ ନାଟକଟି ରଚନା କରିଥିଲେ ରାମଶଙ୍କର ରାୟ ୧୮୮୦ ସାଲରେ, ଯାହାର ନାମ ଥିଲା 'କାଞ୍ଚିକାବେରୀ' । ରାମଶଙ୍କର ରାୟ ଦେଶୀୟ ବଂଗୀୟ ଗୋଷ୍ଠୀ ମଧ୍ୟରୁ ଆସିଥିଲେ । ପରେ ଜଗନ୍‌ମୋହନ ଲାଲା ଓ ରାମଶଙ୍କର ରାୟ ଅଧିକ ଓଡ଼ିଆ ନାଟକ ରଚନା କରିଥିଲେ । ୧୮୮୪ ସାଲଠାରୁ ପ୍ରତି ସରସ୍ୱତୀ ପୂଜାରେ କଟକରେ ବଂଗୀୟ ନାଟକ ପ୍ରଦର୍ଶନ ଆରମ୍ଭ ହୋଇଥିଲା ଅସ୍ଥାୟୀ ମଞ୍ଚରେ । ଏହି ସବୁ ମଞ୍ଚ ଖଟକୁ ଖଟ ଯୋଡ଼ି ଅସ୍ଥାୟୀ ମଞ୍ଚ ତିଆରି କରି ମୁଖ୍ୟତଃ କଟକର ମାହିଦାସ ବଜାରରେ ହାରାଧନ ଘୋଷ ଓ କାଳୀପଦ ବନ୍ଦୋପାଧ୍ୟାୟଙ୍କ ବାସ ଭବନ ନିକଟରେ ନାଟକ ଅଭିନୟ ଏମାନଙ୍କ ହାର୍ଦ୍ଦିକ ଓ ଆର୍ଥିକ ସହାୟତାରେ ହେଉଥିଲା ।

ନାଟ୍ୟକାର ରାମଶଙ୍କର ରାୟ ଓକିଲାତି ଆରମ୍ଭ କରିବା ପରେ, ଏହାଙ୍କର ମହକିଲ କୋଠପଦାର ମହନ୍ତ ରଘୁନାଥ ପୁରୀ, ଯାହାଙ୍କର ଯାତ୍ରାଦଳ ଥିଲା, ତାଙ୍କ ଉଦ୍ୟମରେ ସରସ୍ୱତୀ ପୂଜା ଉପଲକ୍ଷେ କୋଠପଦାର ଅସ୍ଥାୟୀ ମଞ୍ଚରେ 'କାଞ୍ଚି କାବେରୀ' ନାଟକର ଅଭିନୟ ଆରମ୍ଭ କରାଯାଇଥିଲା । ୧୮୮୫ ସାଲରୁ ସବୁବର୍ଷ ପ୍ରତି ସରସ୍ୱତୀ ପୂଜାଦିନ ନାଟକ ଅଭିନୀତ ହେଉଥିଲେ ମଧ୍ୟ, ଏହାର ଅଭିନେତାଗଣ ଅର୍ଦ୍ଧଶିକ୍ଷିତ ତଥା ଅଶିକ୍ଷିତ ଗ୍ରାମବାସୀ ଥିଲେ ଆଉ ଦର୍ଶକଙ୍କର ରୁଚି ଉନ୍ନତ ଧରଣର ନଥିବାରୁ ଅଭିନୟ ତଥା ପ୍ରଦର୍ଶନ ଉପଯୁକ୍ତ ମାନର ନଥିଲା ।

କଟକରେ ଏ ଦେଶୀୟ ବଂଗୀୟ ଗୋଷ୍ଠୀ ସ୍ଥାୟୀ ରଂଗମଞ୍ଚ ପ୍ରତିଷ୍ଠା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ ।

ଓଡ଼ିଶାରେ ରଙ୍ଗମଞ୍ଚ ଆନ୍ଦୋଳନ ଯେପରି ଆସି ପହଞ୍ଚିଥିଲା ସ୍ଥାଣୁତାର ପର୍ଯ୍ୟାୟରେ । ଏହି ସ୍ଥିତିରେ ପଶ୍ଚାତକୁ ଦୃଷ୍ଟି ପ୍ରଦାନ କଲେ ଦେଖାଯାଏ ଯେ ଏହି ରଙ୍ଗଭୂମି ଆନ୍ଦୋଳନରେ ଗ୍ରାମାଞ୍ଚଳର କୋଠପଡାର ମହତ୍ତ୍ୱକୁ ଛାଡ଼ିଦେଲେ ମୁଖ୍ୟତଃ ଏ ଦେଶୀୟ ବଂଗୀୟ ଗୋଷ୍ଠୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସଂଚାଳିତ ହୋଇଥିଲା, ଯହିଁରେ ଓଡ଼ିଆମାନଙ୍କର ଖଡ଼ିପାଠ ମଧ୍ୟ ଆରମ୍ଭ ହୋଇନଥିଲା । କେଡ଼େ ନିର୍ବେଦ ଥିଲା ଏ ଜାତି । ସାମୟିକ ଉନ୍ମାଦନାର ସ୍ଫୁରଣ ମଧ୍ୟ ହଜିଯାଇଥିଲା ଏ ଜାତିର ପରିଧି ମଧ୍ୟରୁ ।

ଏତିକି ବେଳେ ଦୃଶ୍ୟପଟରେ ଉଭା ହେଲେ ମଧୁସୂଦନ ଦାସ । ସେ ଓଡ଼ିଶାର ରଙ୍ଗମଞ୍ଚ ଆନ୍ଦୋଳନରେ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କ୍ଷେତ୍ରରେ ଆଦ୍ୟ ପ୍ରବର୍ତ୍ତକର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏହି ସମ୍ପର୍କରେ 'ଓଡ଼ିଶା ନାଟ୍ୟକଳା'ର ପ୍ରଣେତା ଅଧ୍ୟାପକ ଗିରିଜା ଶଙ୍କର ରାୟ ଲେଖିଛନ୍ତି, "ଏହି ସମୟରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନା ଦିଗରେ ଉତ୍କଳର ବରପୁତ୍ର ଶ୍ରୀ ମଧୁସୂଦନ ଦାସଙ୍କର ଉତ୍ସାହ ଜାତ ହୋଇଥିଲା ଓ କଟକ ନଗରରେ ତାଙ୍କରି ଘରଠାରେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ସ୍ଥାପିତ ହୋଇଥିଲା ଏବଂ ନାଟ୍ୟକାରମାନେ ନୂତନ ନାଟକ ଲେଖିବାରେ ଓ ଅଭିନେତାମାନେ ଅଭିନୟରେ ଉତ୍କର୍ଷ ସାଧନ କରିବାରେ ସଚେଷ୍ଟ ହୋଇଥିଲେ ।" (ଓଡ଼ିଆ ନାଟ୍ୟକଳା ପୃଷ୍ଠା-୬୦)

ଏହି ସ୍ଥାୟୀ ରଙ୍ଗମଞ୍ଚରେ ୧୮୮୭ ସାଲ ଡିସେମ୍ବର ୧୦ ତାରିଖରେ ଆମେଚର ଥିଏଟରଙ୍କର ଦ୍ୱାରା ହରିଶ୍ଚନ୍ଦ୍ର ନାଟକର ଅଭିନୟ ହୋଇଥିଲା । ବାବୁ ମଧୁସୂଦନ ଦାସ ଏ କାର୍ଯ୍ୟରେ ବିଶେଷ ଉତ୍ସାହ ପ୍ରଦାନ ଓ ବ୍ୟୟବହନ କରିଥିଲେ (ଉତ୍କଳ ଦୀପିକା- ୧୭-୧୨-୮୭)

ଏ ବିଷୟରେ ଗୋଟିଏ ପ୍ରଶ୍ନ ଉଠେ, ମଧୁସୂଦନ କଣ କଳାପ୍ରବଣ ବ୍ୟକ୍ତି ଥିଲେ ?

ହଁ, ମଧୁସୂଦନ କଲିକତା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ, ଯହିଁରେ ବିଶ୍ୱର ପ୍ରସିଦ୍ଧ ନାଟ୍ୟକାର ସେକ୍ସପିଅରଙ୍କର ନାଟ୍ୟ ସାହିତ୍ୟ ତାଙ୍କର ଅଧ୍ୟୟନର ପ୍ରଧାନ ବିଷୟ ଥିଲା । ପରବର୍ତ୍ତୀ କାଳରେ ବିଭିନ୍ନ ବ୍ୟବସ୍ଥାପକ ସଭାର ମଞ୍ଚରୁ, ଏହି ନାଟକମାନଙ୍କର ସଂଳାପ ଜରିଆରେ ସେ ଭାରତୀୟ କୃଷକ ଓ ଶ୍ରମିକ ଶ୍ରେଣୀର ଅନ୍ତର୍ଦାହର ବେଦନାକୁ ପ୍ରକଟିତ କରୁଥିଲେ ।

କଲିକତାରେ ତାଙ୍କର ସୁଦୀର୍ଘ ରହଣି କାଳରେ ସେ ନ୍ୟାସନାଲ ଥିଏଟର ଆଦି ବହୁ ରଙ୍ଗମଞ୍ଚରେ ପରିବେଷିତ ନାଟକ ପରିଦର୍ଶନ କରି ନାଟକ ଉପସ୍ଥାପନର ଶୈଳୀ ସହିତ କେବଳ ପରିଚିତ ନଥିଲେ, ଏହି ନାଟକ ଗୋଷ୍ଠୀ ସହିତ ତାଙ୍କର ମଧ୍ୟ ସମ୍ପର୍କ ରହିଥିଲା ।

ଏ ସବୁ ଦୃଷ୍ଟିରୁ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନାର ଦାୟିତ୍ୱ ଯେତେବେଳେ ତାଙ୍କର ଉପରେ ଆସି ଆପଣାଛାଏଁ ପଡ଼ିଲା, ସେ କ୍ଷେତ୍ରରେ ତାଙ୍କର ପଛଘୁଞ୍ଚା ଦେବାର ପ୍ରଶ୍ନ ନଥିଲା । କଲିକତାରୁ ସର୍ବାଧୁନିକ ଦୃଶ୍ୟପଟ ଓ ସରଞ୍ଜାମ ଆଣି ସେ ନିଜର ବାସଭବନର ପଶ୍ଚାତରେ ବିହାରୀବାଗରେ ସ୍ଥାୟୀ ରଙ୍ଗମଞ୍ଚର ସ୍ଥାପନା କରିଥିଲେ ।

ସେହି ସ୍ଥାୟୀ ରଙ୍ଗମଞ୍ଚର ସ୍ୱରୂପଟି କିପରି ଥିଲା ? ଏ ସମ୍ପର୍କରେ ଉତ୍କଳ ଦୀପିକାର ୧୮୮୮ ସାଲର ଜୁନ୍ ୨ତାରିଖ ଏହିପରି ଭାବରେ ଏକ ବିଶେଷ ଉପସ୍ଥାପନା କରାଯାଇଛି ।

'ମଧୁବାବୁ ଯେପରି ନାଟ୍ୟଶାଳାଟି ନିର୍ମାଣ କରି, ନାନା ଦୃଶ୍ୟପଟରେ ରଞ୍ଜିତ କରିଅଛନ୍ତି ଏବଂ ରୋସନାଇ (ଆଲୋକଦାନ) ଇତ୍ୟାଦିର ସୁବନ୍ଦୋବସ୍ତ ଦ୍ୱାରା ଯେମନ୍ତ ଉତ୍ସାହ ଦେଇଅଛନ୍ତି, ତହିଁରେ କିଛିକାଳ ସୁନ୍ଦର ରୂପେ କାର୍ଯ୍ୟଟି ନିର୍ବାହ ହେବ ଏବଂ ବର୍ଷା କାଳରେ ସୁଦ୍ଧା ବ୍ୟାଘାତ ହେବ ନାହିଁ । ଅଭିନେତା ସଂପ୍ରଦାୟ ମଧ୍ୟ ଯେମନ୍ତ ମନୋଯୋଗୀ ହୋଇଅଛନ୍ତି ତାହା ଆଶାପୂର୍ଣ୍ଣ ଅଟଇ ।"

ଏହି ବିବରଣୀରୁ ଜଣାଯାଏ ଯେ ମଞ୍ଚ ଆଉ ପ୍ରେକ୍ଷାଳୟ ସୁଆଚ୍ଛାଦିତଭାବେ ନିର୍ମିତ ହୋଇଥିଲା । ଏହାର ସୁଯୋଗ ନେଇ ସେହି ବର୍ଷ ମଇ ୨୫ ତାରିଖ ଦିନ କୀରାତାର୍ଜୁନୀୟ ନାଟକ ଓ ବିବାହ ବିଭ୍ରାଟ ପ୍ରହସନ ଅଭିନୀତ ହୋଇଥିଲା ।

ଏ ସମସ୍ତ ସୁବନ୍ଦୋବସ୍ତ ଆଉ ପ୍ରୋତ୍ସାହନ ସତ୍ତ୍ୱେ କଟକର ଉତ୍କଳୀୟ ପରମ୍ପରାରୁ କୌଣସି ନାଟକ ଅଭିନୟର ପ୍ରୟାସ ହୋଇ ନଥିଲା । ଯେପରି ଏକ ବିରାଟ ଶୂନ୍ୟତା ଓ ଅସହାୟବୋଧ ଏ ସଂପ୍ରଦାୟକୁ ସମୂଳେ ଗ୍ରାସ କରିଥିଲା, ହେଲେ କଳାସେବାର ଆହ୍ୱାନରେ ବିଜୁଳୀର ଛଟା ପରି ଉତ୍କଳୀୟ ଛାତ୍ରସମାଜ ମଧ୍ୟରେ କିଛି ଉତ୍ସାହ ଓ ଆଗ୍ରହ ପ୍ରକାଶ ପାଇଥିଲା ଓ ସେମାନେ ସହଯୋଗୀ ବଂଗୀୟ ବନ୍ଧୁମାନଙ୍କର ସହାୟତାରେ 'ଜଗନ୍ନାଥ ଥିଏଟର' ନାମକ ଦଳ ଗଢ଼ି ଯେତେବେଳେ ଆସିଥିଲେ, ମଧୁବାବୁ ସେମାନଙ୍କୁ ସର୍ବାଙ୍ଗ କରଣରେ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ବିବରଣୀ ଏହିପରି-

"ଏହି ଦଳ ମଧୁସୂଦନ ଦାସଙ୍କ ସ୍ଥାପିତ ନାଟ୍ୟଶାଳାରେ ନଭେମ୍ବର ୨୪ ତାରିଖରେ ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନକୁ କରି 'ଆଦର୍ଶ ସତୀ' ନାମକ ନାଟକ ଓ ତତ୍କାଳୀନ ହିନ୍ଦୁ ଯୁବକମାନଙ୍କର ଉଚ୍ଛୃଙ୍ଖଳତାକୁ ଅବଲମ୍ବନ କରି 'ଭଣ୍ଡ ଦମ୍ପତି' ନାମକ ପ୍ରହସନ କରିଥିଲେ । ଏହି ଦଳରେ କେତେକ ସ୍କୁଲ ଛାତ୍ର କର୍ତ୍ତା ଥିଲେ ଆଉ ରଙ୍ଗଭୂମିରେ ସ୍କୁଲ ବାଳକମାନେ ବାରଙ୍ଗନା ରୂପରେ ଖେମଟା ନାଚ ରୁଚି ବହିର୍ଭୂତ ଥିଲା ।" (ଓଡ଼ିଆ ନାଟ୍ୟକଳା ପୃ-୭୩)

ହେଲେ ମଧୁସୂଦନ ଆପରି କରି ନଥିଲେ, ସେ ଚାହିଁଥିଲେ ଏହ ପ୍ରକାର ସାଣୁ ପାଳଟି ଯାଉଥିବା ଛାତ୍ର ସମାଜ ଟିକିଏ ଦୁର୍ବିନୀତ, ଦୁଃସାହସୀ ଆଉ ଉଚ୍ଛୃଙ୍ଖଳ ହୁଅନ୍ତୁ ।

ଏହିବର୍ଷ ଡିସେମ୍ବର ପହିଲାରେ ରାମଶଙ୍କରଙ୍କର ନିଜସ୍ୱ ଗ୍ରାମ ଦୀକ୍ଷିତପଡ଼ାରୁ ଅଭିନେତା ଦଳ ଆସି ମଧୁବାବୁଙ୍କର ମଞ୍ଚରେ 'କାଞ୍ଚିକାବେରୀ' ନାଟକ ମଞ୍ଚସ୍ଥ କରିଥିଲେ ।

ମଧୁସୂଦନଙ୍କର ଏହି ରଙ୍ଗମଞ୍ଚଟି କଲିକତାର ଅତ୍ୟାଧୁନିକ ରଙ୍ଗମଞ୍ଚର ଏକ ନୂତନ ସଂସ୍କରଣ ଥିଲା, ଯାହାର ମଞ୍ଚ ପ୍ରସ୍ତୁତି ଓ ପରିଚାଳନା ଦର୍ଶକମାନଙ୍କ ମନରେ ଗଭୀର ପ୍ରଭାବ ବିସ୍ତାର କରିଥିଲା । ଏହା କୋଠପଦାର ମହନ୍ତ ଶ୍ରୀ ରଘୁନାଥ ପୁରୀଙ୍କୁ ତାଙ୍କର ମଞ୍ଚକୁ ଅଧିକ ଉନ୍ନତ କରିବାକୁ ପ୍ରୋତ୍ସାହନ ଯୋଗାଇ ଥିଲା । ଏ ସମ୍ପର୍କରେ ୧୮୮୮ ଜାନୁଆରୀ ୨୮ ତାରିଖରେ ଉତ୍କଳ ଦୀପିକାର ବିବରଣୀ ଏପରି ଥିଲା —

" ଗଲା କେତେବର୍ଷ ହେଲା ରଘୁନାଥ ପୁରୀ ସେମାନଙ୍କ ଓଡ଼ିଆ 'କାଞ୍ଚିକାବେରୀ' ନାଟକ ଅଭିନୟ କରି ଦେଖାଉଥିଲେ ମଧ୍ୟ ରଙ୍ଗଭୂମି ଭଲ ନଥିଲା । ଏଥର ସେ ବହୁ ବ୍ୟୟ କରି ଏ ନଗର (କଟକ)ର ସୌଖୀନ ନାଟକାଭିନୟ ରଙ୍ଗଭୂମି ପ୍ରାୟ ଗୋଟିଏ ରଙ୍ଗଭୂମି ନିର୍ମାଣ କରିଛନ୍ତି ।'' ଏ ଥିଲା କୋଠପଦାରେ ରଙ୍ଗମଞ୍ଚ ସ୍ଥାପନାର ବିବରଣୀ । ଅବଶ୍ୟ ଏହି ରଙ୍ଗମଞ୍ଚରେ ସମ୍ପୂର୍ଣ୍ଣ ଦୃଶ୍ୟାବଳୀ ସଂଯୁକ୍ତ ହେବା ପାଇଁ ଆହୁରି କିଛି ବର୍ଷ ଲାଗିଗଲା । ଏହା ୧୮୯୭ ସାଲ ବେଳକୁ ସମ୍ପୂର୍ଣ୍ଣ ହୋଇଥିଲା ।

ମଧୁବାବୁଙ୍କର ରଙ୍ଗମଞ୍ଚରେ ବାରମ୍ବାର ନାଟକ ଅଭିନୟ କରିବା ସମ୍ଭବ ହୋଇଥିଲା । ଏ ମଞ୍ଚର ଦୃଶ୍ୟାବଳୀ ଓ ସରଞ୍ଜାମ ସର୍ବସାଧାରଣ ସମ୍ପତ୍ତିରେ ପରିଣତ ହୋଇଥିଲା ।

"ଆମ୍ଭମାନଙ୍କର ଶ୍ରଦ୍ଧେୟ ମଧୁସୂଦନ ଦାସ‧ଆପଣାର ଭ୍ରାତାଙ୍କ ବିବାହ ସମୟରୁ କଲିକତାରୁ କେତେଗୁଡ଼ିଏ ଦୃଶ୍ୟ ଅଣାଇ ଥିବାରୁ ଉତ୍ସାହ ସହ କେତେକ ବର୍ଷ ବଙ୍ଗଳା ଓ ଓଡ଼ିଆ ନାଟକମାନଙ୍କର ଅଭିନୟ ଦେଖିବାକୁ ସମର୍ଥ ହୋଇଥିଲୁ । ମାତ୍ର ସେସବୁ ଦୃଶ୍ୟ ରଖିବା ପାଇଁ ସ୍ଥାନାଭାବ ଓ କାଳଗ୍ରାସ ଯୋଗୁ ନଷ୍ଟ ହୋଇଗଲା‧(ଉତ୍କଳ ଦୀପିକା ୧.୬.୧୮୯୪)

ବହୁବର୍ଷ ଧରି ମଧୁବାବୁ କଟକରେ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କରି ରଙ୍ଗମଞ୍ଚ ପରିବେଷଣ କଳାକୁ ଉନ୍ନତ ସ୍ତରକୁ ଉନ୍ନୀତ କରିବା ସହିତ ନୂତନ ଓଡ଼ିଆ ନାଟକ ରଚନା ଲାଗି ପ୍ରୋତ୍ସାହନ ଯୋଗାଇ ଆସିଥିଲେ । ଏ ସମ୍ପର୍କରେ ଏକ ବିବରଣୀ—

" ୧୮୯୧ ରେ କଟକର 'ଆମେଚର ଥିଏଟର' ଦଳକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କଲିକତାରୁ ବହୁ ଅର୍ଥ ବ୍ୟୟ କରି ମଧୁବାବୁ କେତେକ ଦୃଶ୍ୟ ଅଣାଇଥିଲେ । ନିଜ ବସା (ବିହାରୀବାଗ)ର ପଶ୍ଚାତ ଭାଗରେ ରଙ୍ଗଭୂମି ନିର୍ମାଣ ମଧ୍ୟ କରି ଦେଇଥିଲେ ଏବଂ ଯେତେବେଳେ ଇଚ୍ଛା ସେତେବେଳେ ଅଭିନୟ କରିବାକୁ ଅନୁମତି ଦେଉଥିଲେ । (ଦେଶପ୍ରାଣ ମଧୁସୂଦନ ପୃଷ୍ଠା-୭୦)

କେବଳ ନାଟକ ପ୍ରଦର୍ଶନ, ମଞ୍ଚ ପରିଚାଳନା ତଥା ଅଭିନୟ ନିର୍ଦ୍ଦେଶନାରେ ପାରଦର୍ଶୀ ନଥିଲେ ମଧୁସୂଦନ । ସେ ସମୟରେ ପ୍ରଦର୍ଶନ କରାଯାଉଥିବା ନାଟକମାନଙ୍କର ମୂଲ୍ୟାୟନ ସହିତ ଧାରାବାହିକ ଭାବେ ସମାଲୋଚନା ସବୁ ଉତ୍କଳ ଦୀପିକାର ପୃଷ୍ଠାରେ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରକାଶିତ କରିଥିଲେ । ଏହି ପର୍ଯ୍ୟାୟରେ ଲାଲା ଜଗନ୍ମୋହନଙ୍କର ସତୀ ନାଟକଠାରୁ ଆରମ୍ଭ କରି ରାମଶଙ୍କରଙ୍କର ବହୁ ନାଟକର ସମାଲୋଚନା ପ୍ରକାଶ କରିଥିଲେ । ମଧୁବାବୁ କଂସ ଓ ରୁକ୍ମିଣୀ ଚରିତ୍ରକୁ ଓଡ଼ିଆ ରଙ୍ଗମଞ୍ଚ ଉପରକୁ ଆଣିବା ପାଇଁ ଯେଉଁ ମତ ପ୍ରକାଶ କରିଥିଲେ, ତାହାକୁ ଆଧାର କରି ରାମଶଙ୍କର କିଛି ପୌରାଣିକ ନାଟକ ରଚନାରେ ବ୍ରତୀ ହୋଇଥିଲେ ।

ମଧୁସୂଦନଙ୍କର ସ୍ଥାୟୀ ରଙ୍ଗମଞ୍ଚଟି ବିହାରୀ ବାଗରେ ନିର୍ମିତ ହୋଇଥିଲା, ମାତ୍ର ସେ ୧୮୯୩ ସାଲରେ ମିଶନ ରୋଡ଼ର ନିଜସ୍ୱ ଗୃହକୁ ଆସିବା ପରେ ସ୍ଥାୟୀ ରଙ୍ଗମଞ୍ଚଟି ଅବହେଳିତ ଅବସ୍ଥାରେ ରହିଯାଇଥିଲା । ମାତ୍ର ଦୀର୍ଘ କାଳ ଧରି ସେ ନାଟକ ସମାଲୋଚନା ଲେଖିବାର ଧାରାକୁ ଅବ୍ୟାହତ ରଖିଥିଲେ ।

ହାଏ ! ଆଜି ଓଡ଼ିଶାର ଏହି ଆଦ୍ୟ ନାଟ୍ୟ ମଞ୍ଚ ସଂସ୍ଥାପକଙ୍କର ବିବରଣୀ ବିସ୍ମୃତିର ଗର୍ଭରେ ଲୀନ ହୋଇଯାଇଛି । ଗଭୀର ପରିତାପର ବିଷୟ, ସାହିତ୍ୟ ସମାଲୋଚକମାନେ ବିସ୍ମୃତି ଗର୍ଭରୁ ଏହି ଗୌରବୋଜ୍ଜ୍ୱଳ ପୃଷ୍ଠାଗୁଡ଼ିକୁ ଉନ୍ମୋଚିତ କରିବା ପାଇଁ ଏ ପର୍ଯ୍ୟନ୍ତ ସମର୍ଥ ହୋଇ ନାହାଁନ୍ତି ।

ମଧୁସୂଦନ ଛାତ୍ର ଅବସ୍ଥାରେ ପ୍ରାୟ ୧୬ ବର୍ଷ କାଳ-୧୮୬୬ ରୁ ୧୮୮୧ ପର୍ଯ୍ୟନ୍ତ ସେ ସମୟର ଭାରତର ରାଜଧାନୀ କଲିକତାରେ ବିତାଇଥିଲେ । ଜଣେ ଇଂରାଜୀ ଭାଷାର ପ୍ରବୀଣ ଶିକ୍ଷକ ତଥା ସ୍ୱାଭିମାନୀ ଆଇନଜୀବୀ ଭାବରେ ସେ କଲିକତାରେ ଆଭିଜାତ୍ୟ ଗୋଷ୍ଠୀ ସହିତ ସମ୍ପର୍କିତ ଥିଲେ । ସେ ସମୟର ପ୍ରଖ୍ୟାତ ଜନନାୟକ ସୁରେନ୍ଦ୍ରନାଥ ବାନାର୍ଜୀଙ୍କଠାରୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠାତା ସଭ୍ୟଙ୍କର ସହିତ ତାଙ୍କର ଅନ୍ତରଙ୍ଗତା ଥିଲା । ମଧୁବାବୁ ସେ ସମୟର କଲିକତାର ସବୁ ପ୍ରଗତିଶୀଳ ତଥା ସାଂସ୍କୃତିକ ଅନୁଷ୍ଠାନର ସଭ୍ୟ ରହିଥିଲେ ଆଉ ସେ ଯୁଗର ସର୍ବୋତ୍ତମ ଆଧୁନିକ ପରମ୍ପରା ସହିତ ନିବିଡ଼ ଭାବେ ପରିଚିତ ଥିଲେ । ପରେ ୧୮୯୭ ସାଲରେ ବହୁ ସମୟ ଧରି ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସୁଇଜରଲାଣ୍ଡ ସହିତ ମଧ୍ୟ ପ୍ରାଚ୍ୟର ବହୁ ଦେଶ ସେ ପରିଭ୍ରମଣ କରି ବିଶ୍ୱର ସର୍ବଶ୍ରେଷ୍ଠ ପରମ୍ପରା ଓ ସଂସ୍କୃତି ସହିତ ପରିଚିତ ଥିଲେ । ମାତ୍ର ତାଙ୍କର ନିଜସ୍ୱ ପ୍ରଦେଶ ଓଡ଼ିଶାରେ ରହି ରହିଥିଲା ବିକଟ

ଶୂନ୍ୟତା ପ୍ରତିଟି କ୍ଷେତ୍ରରେ । ତେଣୁ ସେ ଓଡ଼ିଶାବାସୀଙ୍କୁ ସବୁ କ୍ଷେତ୍ରରେ ଉଜ୍ଜୀବିତ କରିବା ପାଇଁ ନୂତନ ଅନୁଷ୍ଠାନମାନ ଗଢ଼ି ଚାଲିଥିଲେ ।

ଓଡ଼ିଆ ଜାତିକୁ ସଂସ୍ଥାପିତ କରିବା ପାଇଁ ତାଙ୍କର ମହନୀୟ ଅବଦାନର ପୂର୍ଣ୍ଣ ଆକଳନ କରିବା ସମ୍ଭବ ନୁହେଁ, କାରଣ ତାଙ୍କର କାର୍ଯ୍ୟର ପରିସର ପ୍ରସାରିତ ହୋଇଥିଲା ଜାତିର ଜୀବନର ପ୍ରତ୍ୟେକ କ୍ଷେତ୍ରକୁ, ଯହିଁରେ ସେ ଉଦ୍ଭାସିତ ହୋଇଥିଲେ ପ୍ରଖର ସୂର୍ଯ୍ୟର ଆଲୋକ ପରି । ତେଣୁ ସୁରେନ୍ଦ୍ର ମହାନ୍ତିଙ୍କର ଭାଷାରେ, ସେ ଥିଲେ 'ଶତାବ୍ଦୀର ସୂର୍ଯ୍ୟ' । ଗୃହ ଅଭ୍ୟନ୍ତରର ରନ୍ଧନ ଶୈଳୀ ଆଉ ଅତିଥି ପରାୟଣତାଠାରୁ ଆରମ୍ଭ କରି କୃଷି, ଶିଳ୍ପ, ନାଟ୍ୟକଳା, କ୍ରୀଡ଼ା, ପରମ୍ପରା, କଳା ଭାସ୍କର୍ଯ୍ୟର କାରୀଗରି ବିଦ୍ୟା, ଭାଷାତତ୍ତ୍ୱ, ସାହିତ୍ୟ, ଦଳିତ ଜନତାର ସେବା ଆଦି ସମସ୍ତ ଉଦ୍ୟୋଗକୁ ଆବରିତ କରି ରାଜନୀତିର ଚୂଡ଼ାନ୍ତ ପର୍ଯ୍ୟନ୍ତ ଥିଲା ତାଙ୍କର କର୍ମ କ୍ଷେତ୍ରର ପରିସର ।

୧୮୮୭ ସାଲରେ ମଧୁବାବୁ କଟକ ଜିଲ୍ଲା ବୋର୍ଡ଼ର ଉପସଭାପତି ଭାବରେ ଜିଲ୍ଲା ବୋର୍ଡ଼ର ସମସ୍ତ କାର୍ଯ୍ୟର ଭାର ଗ୍ରହଣ କରିବା ପରେ, ପ୍ରାୟ ବହୁ ସ୍କୁଲରେ ବ୍ୟାୟାମ ଶିକ୍ଷକ ପଦବୀ ସୃଷ୍ଟି କରି ସ୍କୁଲମାନଙ୍କରେ ବିଧିବଦ୍ଧ ବ୍ୟାୟାମ ପ୍ରଶିକ୍ଷଣର ବ୍ୟବସ୍ଥା କରିଥିଲେ ।

ମଧୁବାବୁ ୧୯୦୩-୦୪ ସାଲ ମଧ୍ୟରେ ପ୍ରତିଷ୍ଠା କରିଥିଲେ ଓଡ଼ିଶା ସ୍ପୋର୍ଟସ ଏସୋସିଏସନ ଆଉ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରୁଥିଲେ । ବିଜୟୀ ଦଳମାନଙ୍କୁ ପୁରସ୍କାର ପ୍ରଦାନ କରିବା ପାଇଁ ନିଜର ଖର୍ଚ୍ଚରେ Orissa Art ware ଦ୍ୱାରା ସିଲଡ ଓ କପମାନ ପ୍ରଦାନ କରୁଥିଲେ । ସେ ସମୟର ସମ୍ମାନଜନକ ସିଲ୍ଡଟି, ସେତେବେଳର କମିଶନର କୃଷ୍ଣ ଗୋବିନ୍ଦ ଗୁପ୍ତଙ୍କର ନାମରେ ନାମିତ ହୋଇଥିଲା । ବହୁ ବର୍ଷଧରି ମଧୁସୂଦନ ବାରବାଟୀର ବିସ୍ତୀର୍ଣ୍ଣ ପଡ଼ିଆରେ ବାର୍ଷିକ ଓ ସାମୟିକ ପ୍ରତିଯୋଗିତାମାନ ଆୟୋଜନ କରୁଥିଲେ । ଏହାର ଅନ୍ତିମ ପରିଣତି ସ୍ୱରୂପ ସେଠାରେ ଛିଡ଼ା ହୋଇଛି ସୁବିଶାଳ ବାରବାଟୀ ଷ୍ଟାଡିୟମ ।

ହେଲେ କ୍ରୀଡ଼ା କ୍ଷେତ୍ରରେ ମଧୁସୂଦନଙ୍କର ଆଦ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ଆଜି ବିସ୍ମୃତିର ଗର୍ଭରେ ଲୀନ ହୋଇଯାଉଛି ।

ସେହିପରି କଳା ଭାସ୍କର୍ଯ୍ୟ, କାରିଗରୀର ପରମ୍ପରାରେ ପାରଦର୍ଶୀ ମଧୁସୂଦନ ଓଡ଼ିଆଣୀମାନଙ୍କର ଅଳଙ୍କାରମାନଙ୍କୁ ତାରକସି ଢାଞ୍ଚାରେ ନିର୍ମିତ କରି ତାହାକୁ ବହୁ ଆକର୍ଷଣୀୟ ବସ୍ତୁରେ ପରିଣତ କରି ପାରିଥିଲେ । ମଧୁବାବୁ କଳାକାର ନଥିଲେ ମଧ୍ୟ ଏହି ସମସ୍ତ ଅଳଙ୍କାରର ନକ୍ସା ନିଜେ ପ୍ରସ୍ତୁତ କରି କାରିଗରମାନଙ୍କ ଦ୍ୱାରା ସେ ସବୁ ପ୍ରସ୍ତୁତ କରାଉଥିଲେ । ସେହିପରି ନିର୍ମିତ କରୁଥିଲେ ବହୁ କାରୁକଳା ସମ୍ବଳିତ ତାରକସି ଆଳଙ୍କାରିକ ଦ୍ରବ୍ୟ ସବୁ । ଏ ସମସ୍ତ ଥିଲା ମଧୁସୂଦନଙ୍କ ସୃଜନଶୀଳ କଳ୍ପନାଚାତୁରୀର ସ୍ୱାକ୍ଷର ।

ମଧୁସୂଦନ ଥିଲେ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ଆଉ ନବନିର୍ମିତ ପ୍ରଦେଶର ଜନକ । ମାତ୍ର ତାଙ୍କରି ପରି କୌଣସି ଯୁଗପୁରୁଷଙ୍କର ପ୍ରତିଭା ଏହି ଭଳି ବହୁ କ୍ଷେତ୍ରର ଦିଗବ ଦିଗନ୍ତକୁ ପ୍ରସାରିତ ହୋଇ ବିଭାବିମଣ୍ଡିତ ହୋଇ ନଥିଲା । ବିସ୍ମିତ ଲାଗେ ତାଙ୍କର ବହୁ ଦିଗନ୍ତକୁ ପ୍ରସାରିତ ହୋଇଥିବା ତାଙ୍କର କୀର୍ତ୍ତିର ସମାହକୁ ଆକଳନ କରିବାକୁ ।

ଅଦ୍ଭୁତ ଭାବେ ପାରଦର୍ଶୀ ଥିଲେ ମଧୁବାବୁ ପ୍ରତିଟି କ୍ଷେତ୍ରରେ ।

ବଟୀପର ଛକ, ଗୋପାଳପୁର, କଟକ

''ଉତ୍କଳ ଦେଶମିଶ୍ରଣ ଆନ୍ଦୋଳନ ପାଇଁ ମୁଁ ଜୀବନର ବହୁକାଳରୁ ବ୍ୟାକୁଳ । ଖାଲି ବ୍ୟାକୁଳ ନୁହେଁ, ମୋ ଅବସ୍ଥାକୁ ଚାହିଁ କାର୍ଯ୍ୟ କରିଛି । ଏଥିପାଇଁ ଧନ ଲୋଡ଼ା । ମୁଁ ମୋ ଅବସ୍ଥା ଦୃଷ୍ଟିରେ ବିଦୁରର ଖୁଦ ଗଣ୍ଡିଏ ଦେଇଛି । ମୁଁ ପରଠାରୁ ମାଗି ଦେଶକାର୍ଯ୍ୟ କରିବା ଜାଣେନାହିଁ । ଅନେକ ମତେ ଚାକିରି ଲୋଭରେ ମନ୍ତ୍ରୀ ହୋଇଥିଲି ବୋଲି ସମାଲୋଚନା କରନ୍ତି; କିନ୍ତୁ ମୁଁ କଣ ଚାକିରି କରିଥିଲି ? ସେତେବେଳର ବିହାର ଲାଟ ଲର୍ଡ଼ ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ ମତେ ବାରମ୍ବାର ମନ୍ତ୍ରୀ ହେବାପାଇଁ ଅନୁରୋଧ କଲେ । ମୁଁ ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ପଚାରିଲି । ସେ କହିଲେ– 'ମନ୍ତ୍ରୀ ହୋଇ ଆଇନଗୁଡ଼ିକ ବଦଳାଇ ଲୋକଙ୍କ ହାତକୁ ଅଧିକାର ଆଣ ।' ମୁଁ ତେଣୁ ମନ୍ତ୍ରୀ ହେଲି । ଯେଉଁ ମ୍ୟୁନିସିପାଲିଟିରେ ଆପଣମାନେ ଅଛନ୍ତି, ତାର ପରିଚାଳନା ପାଇଁ ମୁଁ ନୂଆ ଆଇନ କଲି । ଆଜି ତାରି ବଳରେ ଆପଣମାନେ କଣେ ଚେୟାରମ୍ୟାନଙ୍କୁ ତଡ଼ିପାରିଲେ । ମୁଁ ଚାକରି ଲୋଭ କରି ରହିନଥିଲି ।''

(୧୯୨୮ ନଭେମ୍ବର ୧୦: କଟକ ଟାଉନହଲ୍ ସଭାରେ)

। ମଧୁସୂଦନ ।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁସୂଦନଙ୍କ ସାହିତ୍ୟର ପ୍ରେରଣା

● ଶ୍ରୀ ଶଇଳେନ୍ଦ୍ର ଲେଙ୍କା

ସାହିତ୍ୟ ସମାଜ-ଜୀବନର ବାର୍ତ୍ତାବହ । ସମାଜ ରାଷ୍ଟ୍ରନାୟକମାନଙ୍କୁ ଗଣବିପ୍ଳବ ଦ୍ୱାରା ଚେତାବନୀ ଶୁଣାଇଥାଏ । ଜଣେ ଯଥାର୍ଥ ସାହିତ୍ୟିକ ରାଜତନ୍ତ୍ରର ସ୍ତୁତି କରେନି ବରଂ ନିରଙ୍କୁଶ ରାଷ୍ଟ୍ରନାୟକର ସ୍ୱେଚ୍ଛାଚାରୀ ମନୋବୃତ୍ତିକୁ କଠୋର ସମାଲୋଚନା କରି ଭବିଷ୍ୟତ ରାଷ୍ଟ୍ରଗଠନ ପାଇଁ ଇଙ୍ଗିତ ଦିଏ । ଉତ୍କଳର ଜାତୀୟଗୌରବ ମଧୁସୂଦନ ଦାସ (୧୮୪୮-୧୯୩୪) ଜଣେ ସ୍ୱଦେଶୀ ମାଟି ପ୍ରୀତିର ଏକନିଷ୍ଠ ସାଧକ ଓ ବିପ୍ଳବୀ କବି । ମଧୁସୂଦନଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏକ ଅନବଦ୍ୟ ଫଳଶ୍ରୁତି । ମଧୁସୂଦନଙ୍କ ସାହିତ୍ୟ ସମାଜଜୀବନର ବାର୍ତ୍ତାବହ । ଉତ୍କଳୀୟ ଜାତିପାଇଁ ସେ ବିପ୍ଳବର ପାଞ୍ଚଜନ୍ୟ ବଜାଇ ହୋଇଛନ୍ତି ଯୁଗବିପ୍ଳବୀ । ଜୀବନ-ବେଦୀରେ ନିଜେ ତିଳେ ତିଳେ ଜଳି ସମାଜ-ଜୀବନରୁ ରକ୍ଷଣଶୀଳତା, ନିର୍ବେଦତାକୁ ଦୂର କରି ଏକ ନୂତନ ମୌସୁମୀର ପ୍ରାଣସଞ୍ଜୀବନୀ ଭରି ଦେଇଛନ୍ତି । ସ୍ୱଦେଶ ଗଠନରେ ତାଙ୍କର କଳାତ୍ମକ ଅଭିବ୍ୟକ୍ତି ସବୁ ଓଡ଼ିଆଜାତିର ମର୍ମବାଣୀ ଓ ପରାଧୀନ ଜାତି ଅନ୍ତରର ମହାମନ୍ତ୍ର । ସେହି ପ୍ରାଣସ୍ପନ୍ଦନ ମୃତକଳ୍ପ ଓଡ଼ିଆ ଅନ୍ତରରେ ପ୍ରତିଧ୍ୱନିତ । କୁଳବୃଦ୍ଧ ମଧୁସୂଦନ ଜଣେ ଦେଶସେବକ, କର୍ମୀ ଓ ଜନନେତା । ତାଙ୍କ ମନର ସମ୍ବେଦନା ସାଧାରଣ ମଣିଷ-ସମାଜ ପ୍ରତି । ତାଙ୍କ ଲେଖାରେ ନାହିଁ ଶାସକର ମନୋବୃତ୍ତି କିମ୍ବା ରାଷ୍ଟ୍ରନାୟକର ଚିନ୍ତାଧାରା; ରାଷ୍ଟ୍ର ଓ ଶାସନର ମୌଳିକ ସୂତ୍ରଧର ଭାବେ ସ୍ୱଦେଶ ଗଠନରେ ଅଛି ତୀବ୍ର ଅଭିମାନ ଓ କଠୋର ତାଡ଼ନାର ଅଭିବ୍ୟକ୍ତି । ମଧୁସୂଦନ ସମସାମୟିକ ରାଜନୀତି ଓ ରାଜତନ୍ତ୍ର ସମ୍ପର୍କରେ ନିଜର ଗଭୀର ପ୍ରତିକ୍ରିୟାକୁ ବକ୍ତୃତା ଅପେକ୍ଷା କବିତା, ଚିନ୍ତା ଠାରୁ କାର୍ଯ୍ୟରେ ହିଁ ପରିସ୍ଫୁଟ କରିଛନ୍ତି । "ଉନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ଆରମ୍ଭରେ ଉତ୍କଳର ଜାତୀୟଗୌରବ ମଧୁସୂଦନଙ୍କ ନେତୃତ୍ୱରେ ନବଜାଗରଣର ଯେଉଁ ସୂତ୍ରପାତ ହୋଇଥିଲା ଏହି ଯୁଗର କବିମାନେ ଥିଲେ, ତାହାର ସହାକାର ।" (୧) ମଧୁସୂଦନଙ୍କ ବ୍ୟକ୍ତିତ୍ୱ ସଂଗ୍ରାମମୁଖୀ । ଓଜସ୍ୱିନୀ ବକ୍ତୃତା ଓ ମନନଶୀଳ କବିତାରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ । ଜାତୀୟ ମୁକ୍ତିର ଉନ୍ମାଦନା ତାଙ୍କ ସାହିତ୍ୟକୁ କରିଥିଲା ଅନୁରଣିତ । ସ୍ୱଦେଶପ୍ରେମର ପରିଚୟ ତାଙ୍କ ନିର୍ଭୀକ ସ୍ୱାଧୀନ ଚିନ୍ତାଠାରୁ କାର୍ଯ୍ୟ ପର୍ଯ୍ୟନ୍ତ ସର୍ବତ୍ର ପ୍ରଣିଧାନଯୋଗ୍ୟ । ତାଙ୍କର ଜାତୀୟ ଗୀତଗୁଡ଼ିକ ଓଡ଼ିଶାର ଲୋକପ୍ରିୟ ସୁବଚନ ଓ ପରାଧୀନ ଅନ୍ତରର ନୂତନ ଜାଗୃତି ।

ଜାତିପ୍ରେମ-ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
'ସ୍ୱାର୍ଥମେଧ ଯଜ୍ଞ, ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।

'କବିତ୍ୱ' ମଧୁସୂଦନଙ୍କ ପ୍ରତିଭାର ଏକ ଅମଳିନ ଦ୍ୟୁତି । ଏହା ସହସ୍ରରଶ୍ମିଯୁକ୍ତ, ବହୁ ଦିଗନ୍ତବିସ୍ତାରୀ । ମଧୁସୂଦନ ଓଡ଼ିଆ ଜାତୀୟତାର ପୂର୍ଣ୍ଣ ଚେତନାକୁ ଜାଗରିତ କରି ପରାଧୀନ ଓଡ଼ିଆଙ୍କ ପ୍ରାଣରେ ଭରି ଦେଇଥିଲେ ଏକତା ସୂତ୍ରରେ ଜାତୀୟତାର ପ୍ରେମବହ୍ନି । କବିଜନୋଚିତ କଳ୍ପନା ଓ ଚିନ୍ତନ ମଧୁସୂଦନଙ୍କ ମୌଳିକ ଦେଶପ୍ରେମର ପରିଚୟ ।

ଭାରତ ତଥା ଓଡ଼ିଶାର ସାମୂହିକ ଜାଗୃତିର ଅରୁଣୋଦୟ ହେଉଛି, ଉନବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ । ସମାଜ, ସାହିତ୍ୟ, ଶିକ୍ଷା, ଶିଳ୍ପ, ଅର୍ଥନୀତି ଓ ରାଜନୀତି ସବୁ କ୍ଷେତ୍ରର ପୃଷ୍ଠଭୂମିରେ ଦେଶନାୟକ ମଧୁସୂଦନଙ୍କ କର୍ମପ୍ରେରଣା ଏକ ପ୍ରଚଣ୍ଡ ବିସ୍ଫୋରଣ । ମଧୁସୂଦନଙ୍କ ଜୀବନବ୍ରତ ଥିଲା, ଓଡ଼ିଶାର ପୁନର୍ଗଠନ ଓ ପୁନର୍ଜୀବନ ଦେଇ ଶାସନ-ନୀତି ଓ ସମାଜ ସଂସ୍କୃତିର ଉଦ୍ଧାର । ମଧୁସୂଦନଙ୍କ କାର୍ଯ୍ୟକଳାପରେ ଥିଲା ଏକ ନବ ଚେତନାର ଉସାରିତ ବିକାଶ । ବ୍ୟକ୍ତିତ୍ୱରେ ଥିଲା ଋଷିର ଦର୍ଶନ, ସ୍ୱପ୍ନ ଓ ଚିନ୍ତାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ । ଜାତି ଓ ଦେଶର ଉନ୍ନତି ପାଇଁ ଜୀବନ-ସଂଗ୍ରାମର ମହାଯଜ୍ଞରେ ସେ ଚିର ଦୀପ୍ତିମାନ ହୋମାଗ୍ନି । ଦେଶମାତୃକାର ପବିତ୍ର ପୀଠରେ ନିଜେ ଜଳି ଅନ୍ୟମାନଙ୍କୁ ଆଲୋକାନୁବର୍ତ୍ତୀ କରିବାହିଁ ତାଙ୍କର ଧର୍ମ । ଏହାହିଁ ତାଙ୍କ ଜୀବନବ୍ରତର ମାନବୀୟ ଧର୍ମ । ଇଂରେଜ ଶାସନର ମର୍ମନ୍ତୁଦ କାହାଣୀ ତାଙ୍କ ଅଭିମାନଭରା ସ୍ୱରର ଅଭିଯୋଗରେ ଉସାରିତ—

"ବ୍ରିଟେନ ନିବାସୀ ଅତୀବ ସାହସୀ
କାପୁରୁଷେ ଶ୍ରଦ୍ଧା ନାହିଁ,
ଶିଖ-ରାଜପୁତ ଯେ ମାନ୍ୟ ଲଭନ୍ତି
ତୋର ଭାଗ୍ୟେ ତାହା କାହିଁ ?"

ଓଡ଼ିଶାର ଜାତୀୟ ମିଳନପୀଠ 'ଉତ୍କଳ ସମ୍ମିଳନୀ' (୧୯୦୩) ଓଡ଼ିଆ ଜାତିର ପୁଣ୍ୟପୀଠ । ଓଡ଼ିଶାର ଜାତୀୟଜୀବନରେ ଏହା ନବଜାଗରଣର ଦର୍ଶୋତ୍ସବ । ଉତ୍କଳ ସମ୍ମିଳନୀର ଭଗୀରଥ 'ମଧୁସୂଦନ'— ଇତିହାସର ଏକ ଅନବଦ୍ୟ ଚରିତ୍ର । ସମକାଳୀନ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଜାତୀୟଜୀବନର ଏକ ବିଧିବଦ୍ଧ କର୍ମଶାଳା

(୧) ମହାନ୍ତି, ସୁରେନ୍ଦ୍ର – ଓଡ଼ିଆ ସାହିତ୍ୟର କ୍ରମବିକାଶ (୧୯୭୮) ପୃଷ୍ଠା- ୨୬୨ ।

ଥିଲା ' ଉତ୍କଳ ସମ୍ମିଳନୀ' । ଜାତୀୟ ଚିନ୍ତାଧାରାରେ ନିଜ ଚିନ୍ତା ଓ ଚେତନାକୁ ଯିଏ ଏକାକାର କରି ଦେଇ ଏକ ନୂତନ ସମାଜର ସ୍ୱପ୍ନ ଦେଖିଥିଲେ, ସେ'ହିଁ ଦେଶର ଜନନାୟକ ମଧୁସୂଦନ । ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ କଳ୍ପେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ' ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଗଭୀର ଆଶା ଓ ଆଶ୍ୱସ୍ତିର ପ୍ରତୀକ । ଅମୃତ ବଜାର ପତ୍ରିକାରେ ୧୯୦୪ ମସିହା ଜାନୁଆରୀ ୯ ତାରିଖରେ ବିଶେଷ ସମ୍ବାଦଦାତା ଯଥାର୍ଥରେ ଲେଖିଥିଲେ– '' ଏହିଠାରେ ହିଁ ଓଡ଼ିଶାର ରାଜା, ମହାରାଜା, ଜମିଦାର ଓ ସାଧାରଣ ଜନତା ସେମାନଙ୍କର ସାଧାରଣ ଅବସ୍ଥାର ଉନ୍ନତି ଆଣିବା ଲାଗି ଏକ ସାଂସ୍କୃତିକ ଉଦ୍ୟମରେ ଲାଗିପଡ଼ିଥିବାର ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା । ଓଡ଼ିଶାର ରାଜା, ମହାରାଜା, ସମ୍ଭ୍ରାନ୍ତ ପରିବାର ଓ ଶିକ୍ଷିତ ପରିବାରର ଲୋକମାନଙ୍କ ସହିତ ସାଧାରଣ ଦରିଦ୍ର ଜନତାର ଏହିଠାରେ ମହାମିଳନ ଘଟିଥିଲା । ଏ ସବୁର ଅନ୍ତରାଳରେ ଯେଉଁ ମୁଖ୍ୟ କାରଣଟି ବିଦ୍ୟମାନ ରହିଛି, ତାହା ହେଲା ଓଡ଼ିଶାର ବିଶେଷ ପରିସ୍ଥିତି । ଏହି ଓଡ଼ିଶାରେ ରାଜା, ମହାରାଜାମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ସମସ୍ତେ ଗୋଟିଏ ଭାଷାରେ କଥାବାର୍ତ୍ତା କରନ୍ତି । ଏହାଛଡ଼ା ସେମାନଙ୍କର ଧର୍ମ, ଚଳଣି, ଆଚାର ବ୍ୟବହାର, ସଂସ୍କାର, ସଂସ୍କୃତି ଆଦି ସମାନ । ଏହିପରି ଭାବରେ ସମସ୍ତ ଓଡ଼ିଆଭାଷୀ ଲୋକମାନଙ୍କୁ ଏକ ଜାତିରେ ପରିଣତ କରିବାର ପ୍ରଥମ ଉଦ୍ୟମ ହୋଇଛି ।'' ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ଜନସାଧାରଣ ଐକ୍ୟବଦ୍ଧ ସମ୍ମିଳିତ ହେବା ସଙ୍ଗେ ସଙ୍ଗେ ଉତ୍କଳର ସ୍ୱାର୍ଥରକ୍ଷା ଓ ବିକାଶ ସାଧନରେ ବିବିଧ କର୍ମପନ୍ଥା ଗ୍ରହଣ କରିଥିଲେ ।

ଉତ୍କଳର ନିର୍ମାତା ମଧୁସୂଦନ ଓଡ଼ିଶା ନବଜାଗରଣର ଅଗ୍ରଦୂତ । ସ୍ୱତନ୍ତ୍ର ଉତ୍କଳ ଗଠନରେ ତାଙ୍କ ସ୍ୱପ୍ନଦର୍ଶୀ ଚିନ୍ତା ଓ ଚେତନା ଉତ୍ତରବୟସ ପର୍ଯ୍ୟନ୍ତ ସଂଗ୍ରାମମୁଖୀ । ରାଜନୀତି, ସାମ୍ବାଦିକତା ଓ ଆଇନ ବ୍ୟବସାୟ ଭିତରେ ମଧୁସୂଦନଙ୍କ ବହୁମୁଖୀ ପ୍ରତିଭାର ପରିଚୟ ମିଳିଥାଏ । ''ଶରବିଦ୍ଧ କ୍ରୌଞ୍ଚକୁ ଦେଖି ବାଲ୍ମୀକିଙ୍କର ପ୍ରଥମ ଉଚ୍ଚାରିତ ବାକ୍ୟଗୁଡ଼ିକ ଛନ୍ଦୋବଦ୍ଧ ହୋଇ ଉଚ୍ଚାରିତ ହୋଇଥିଲା । ଆମମାନଙ୍କ ଜାତିର ନିଶ୍ଚେଷ୍ଟତା ଓ ମୁମୂର୍ଷୁ ଅବସ୍ଥା ଦେଖି, ସ୍ୱଦେଶପ୍ରାଣ ବୃଦ୍ଧ ମଧୁସୂଦନଙ୍କର କେତେଗୁଡ଼ିଏ କାବ୍ୟ ଛନ୍ଦୋବଦ୍ଧ ହୋଇ ସ୍ୱତଃ ଉଚ୍ଚାରିତ ହୋଇଅଛି ।'' (୨) ଓଡ଼ିଶାର ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଅଭ୍ୟୁଦୟ ମଧୁସୂଦନଙ୍କ ରାଜନୈତିକ ସାଧନାର ଚରମ ଲକ୍ଷ୍ୟ । ୧୯୧୩ ମସିହା ମାର୍ଚ୍ଚ ୭ ତାରିଖ ଦିନ ମଧୁସୂଦନ ଇମ୍ପିରିଆଲ କାଉନସିଲରେ ଭାଷଣ ପ୍ରସଙ୍ଗରେ କହିଥିଲେ– ''ଓଡ଼ିଶାର ପ୍ରାଚୀନ ଶିଳ୍ପ ଓ ସ୍ଥାପତ୍ୟରୁ ଓଡ଼ିଆ ଜାତିର କଳାପ୍ରବଣତାର ନିଦର୍ଶନ ମିଳିଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଯେଉଁ ହାତ ଦିନେ ଭୁବନେଶ୍ୱର ମନ୍ଦିର ଗାତ୍ରରେ ପଥର ଦେହରେ ସୁନ୍ଦର ଅନୁପମ ଲାବଣ୍ୟ ସୃଷ୍ଟି କରି ପାରିଥିଲା, ତାହା ଆଜି ଦିନକୁ ଦୁଇଅଣା ମଜୁରୀରେ ହଳ ବୁଲାଉଛି । ସେ ଦିନର ହୃତ ଗୌରବର ପୁନରୁଦ୍ଧାର ପାଇଁ କ'ଣ କିଛି କରାଯାଇ ପାରିବ ନାହିଁ ?'' ଜାତୀୟଜୀବନର ବିକାଶ ମଧୁସୂଦନଙ୍କ ପ୍ରାଣର ଚିରନ୍ତନ ବାଣୀ । ଏହାର ଯଥାର୍ଥ ସ୍ଫୂର୍ତ୍ତି ତାଙ୍କ ସାହିତ୍ୟରେ ଉଦ୍‌ଘାଟିତ ।

କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ
ଜାତିର ଉନ୍ନତି ପଥ
ସୁଦର୍ଶନ ଚକ୍ର ଗରଜି ଉଠିବ
କଳିଆର ବାହୁ ବଳେ
ମାତାଙ୍କ ଶ୍ରୀଅଙ୍ଗ ପୂର୍ବବତ ହେବ
ଶତ୍ରୁ ପଳାଇବେ ଡରେ ।

ମଧୁସୂଦନଙ୍କ ଏସବୁ ଉକ୍ତି ଦେଶପ୍ରୀତିର ଉଜ୍ଜ୍ୱଳ ନିଦର୍ଶନ । କବିତାରେ ତାଙ୍କର ବୈପ୍ଳବିକ ଭାବନାର ଅଭିବ୍ୟକ୍ତି, ଚିନ୍ତାରେ ତାଙ୍କର ଅଭିଜ୍ଞ ଦୂରଦୃଷ୍ଟି, ବିଚାର ପ୍ରବଣତାରେ ନିର୍ଭୀକ ସ୍ୱାଧୀନତା ଲକ୍ଷଣୀୟ । ପରାଧୀନ ଉତ୍କଳର ଦୁଃଖ ଦୁର୍ଦ୍ଦଶାକୁ ଗଭୀରଭାବେ ମର୍ମେ ମର୍ମେ ଅନୁଭବ କରି ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁସୂଦନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ୧୯୦୧ ମସିହାରେ ଗଞ୍ଜାମ ଜାତୀୟ ସମିତି ସ୍ଥାପିତ ହେବା ପରେ ପରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଓ ଦେଶମିଶ୍ରଣର ଆନ୍ଦୋଳନ ସାରା ଓଡ଼ିଶାରେ ନବଜାଗରଣ ସୃଷ୍ଟି କରିଥିଲା । ମହାଭାରତୀୟ ରାଜନୀତି କ୍ଷେତ୍ରରେ ଏହି ପ୍ରଥମ ସମ୍ମିଳନୀ ଓଡ଼ିଶାର ଜନସାଧାରଣ ଠାରୁ ରାଜନୈତିକ କର୍ମୀମାନଙ୍କ ଭଳି କବିବୃନ୍ଦଙ୍କୁ ମୁକ୍ତି ଆନ୍ଦୋଳନରେ ପ୍ରବର୍ତ୍ତାଇ ଥିଲା । ମଧୁସୂଦନ ଥିଲେ ଏହି ମୁକ୍ତି ଆନ୍ଦୋଳନର ଉତ୍ସାହୀ ବୀର ଓ ଉନ୍ମାଦନାର ଜଣେ ଖାଣ୍ଟି ଉତ୍କଳୀୟ । ତାଙ୍କର ସାତୋଟି ବିଭିନ୍ନ କବିତା ରାଜିରୁ ଉଗ୍ର ଓଡ଼ିଆତ୍ୱର ପରିଚୟ ମିଳିଥାଏ । 'ଜଣାଣ', 'ଉତ୍କଳସନ୍ତାନ', 'ଜନନୀର ଉକ୍ତି', 'ସନ୍ତାନର ଉକ୍ତି', 'ସମ୍ମିଳନୀ', 'ଜାତି ଇତିହାସ' ଓ 'ଏ ଭବେ ପାଇବ କାହିଁ'– କବିତାରାଜି ଭିତରେ ମଧୁସୂଦନଙ୍କ ଦୀପ୍ତିମାନ ନେତୃତ୍ୱ ଓ ହୃଦୟସ୍ପର୍ଶୀ ମର୍ମବାଣୀର ପରିଚୟ ସହଜଲଭ୍ୟ ।

''ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ ।
ତରଙ୍ଗ ଉଠିବ ସିନ୍ଧୁ ଗରଜିବ
ଶୁଣିବୁ ସିଂହର ରବ,
ବ୍ରିଟିଶ ରାଜ୍ୟରେ ଓଡ଼ିଆଜାତିର
ବଢ଼ିବ ମାନ ଗୌରବ ।''

ଉତ୍କଳର ଜାତୀୟବୀରଙ୍କର ଏହାହିଁ ସ୍ୱଦେଶପ୍ରେମ । ମଧୁସୂଦନଙ୍କ ମାତୃଭୂମି ପ୍ରତି ଏହା ହେଉଛି ଅକୃତ୍ରିମ ସ୍ନେହ ଓ ମମତାର ପ୍ରତୀକ । ଅତୀତର ଗୌରବମୟ କାହାଣୀ ତାଙ୍କ ପ୍ରାଣରେ ସୃଷ୍ଟି

(୨) ଦାସ, ବ୍ରଜସୁନ୍ଦର (ସମ୍ପାଦକ ମୁକୁର)– ସଂକଳକ – 'ମଧୁମନ୍ତ୍ର'

ମଣିଷ ସଂଘର୍ଷର ଝଡ଼ । କବି ବ୍ୟଥିତ ପ୍ରାଣରେ ଗାଇ ଉଠିଚି -

ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?

'ଉତ୍କଳ ସନ୍ତାନ'ରେ ମଧୁସୂଦନଙ୍କ ଖେଦୋକ୍ତି ଓଡ଼ିଆମାନଙ୍କୁ ସଚେତନ କରାଇ ଦେଇଚି । ତୋଷାମୋଦକାରୀ ହୋଇ ଇଂରେଜ ଶାସନର ପଦଲେହନ କଲେ ଜାତି ଓ ଦେଶର ଉନ୍ନତି ସମ୍ଭବ ହେବ ନାହିଁ । ହେ ଉତ୍କଳ ସନ୍ତାନ ! ନିଜର ଆତ୍ମସ୍ୱାର୍ଥ ପରିତ୍ୟାଗ କରି ସ୍ୱାଧୀନ ଓଡ଼ିଆ ଦେଶ ଗଠନରେ ନିଜକୁ ସମର୍ପଣ କର - ମଧୁସୂଦନଙ୍କର ଏହି ଅମୃତବାଣୀ ହିଁ ତାଙ୍କ କବିତାର ଛନ୍ଦେ ଛନ୍ଦେ ମର୍ମରିତ । 'ଉଦ୍ବୋଧନ' କବିତାରେ ଓଡ଼ିଶାର ଲୋକମାନଙ୍କ କର୍ତ୍ତବ୍ୟଜ୍ଞାନ ଉଦ୍ରେକ 'ଆଶା ତୁଟିଗଲା' ଏବଂ 'ସ୍ୱପନ ଭାଙ୍ଗିଲା' ଇତ୍ୟାଦି କବିତା ମାଧ୍ୟମରେ ଉତ୍କଳର ଦୁଃଖ-ଦୁର୍ଦ୍ଦଶା ଦେଖି କବି ଜାତି ସମ୍ମୁଖରେ ଆଶାର ବାର୍ତ୍ତା ପ୍ରଚାର କରିଛନ୍ତି -

ଆଶା ଥିଲା ମନେ ଦେଖିବି ଜୀବନେ
ଉତ୍କଳ-ମାତାର ସହାସ୍ୟ ବଦନ
ସେ ଆଶା ତୁଟିଲା ସ୍ୱପନ ଭାଙ୍ଗିଲା
ନ ଦେଖି ଉତ୍କଳେ କରତବ୍ୟଜ୍ଞାନ ।

'ଜନନୀ ଉକ୍ତି' କବିତାଟି ମଧୁସୂଦନଙ୍କର ଓଡ଼ିଆ ମାଟିର ମଣିଷ ପ୍ରତି ଏକ ମର୍ମବାଣୀ । ବହୁ କର୍ମବୀରଙ୍କୁ ଉତ୍କଳମାତା ଜନ୍ମ ଦେଇ ଆଜି ଦୁର୍ଦ୍ଦିନରେ ବାକ୍ୟବୀରମାନଙ୍କର ହୁଙ୍କାର ଶୁଣିବା ବ୍ୟତୀତ ଦେଶ ଉଦ୍ଧାରରେ ସେମାନେ କେତେ ପଶ୍ଚାଦ୍‌ଗାମୀ, ତାହାର ଭୁରି ଭୁରି ଦୃଷ୍ଟାନ୍ତ କବିଙ୍କ 'ଜନନୀ ଉକ୍ତି'ରୁ ମିଳିଥାଏ । ଅତୀତର ଗୌରବ ଓ ବୀରତ୍ୱ ସମ୍ପର୍କରେ ଓଡ଼ିଆଜାତିକୁ ସଚେତନ କରାଇ ଦେଇ କବି ଗାଇ ଉଠିଛନ୍ତି -

ଇତିହାସ ଚୂରୀ ଜଗତେ ଘୋଷୁଛି
ମୋର ସୁତଙ୍କର ଯଶ
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ ।

X X X

ନାହିଁ ମୋର ମାନ ନାହିଁ ମୋର ଧନ
ବଦନେ ଲାଗିଛି ଧୂଳି,
ବୀର ପ୍ରସବିନୀ ଶୋଣିତ ରହିଛି
ତୋର ଶିରାରେ ଦେଵି ଢାଳି ।

କବିଙ୍କର ଏସବୁ ବାଣୀ ଦେଶଲୋକଙ୍କ ଚିତ୍ତରେ ଜାତୀୟତାର ନବ ଉନ୍ମାଦନା ଖେଳାଇ ଦେବା ସଙ୍ଗେ ସଙ୍ଗେ କର୍ତ୍ତବ୍ୟହୀନ ଓଡ଼ିଆମାନଙ୍କୁ ସାମର୍ଥ୍ୟ, ଶକ୍ତି ଓ ସାହସ ଯୋଗାଇ ଦେଉଛି । 'ଉତ୍କଳର ଉକ୍ତି' କବିତାରେ କବି ଉତ୍କଳ-ଜନନୀର ଦୁର୍ଦ୍ଦଶାଗ୍ରସ୍ତ ଛିନ୍ନ-ବିଚ୍ଛିନ୍ନ ରୂପକୁ ବ୍ୟଥିତ ପ୍ରାଣରେ ଅଙ୍କିତ କରିଛନ୍ତି । ଉଦାହରଣ ସ୍ୱରୂପରେ ପୁରାଣଯୁଗର ସୀତାଙ୍କଠାରୁ ଆରମ୍ଭ କରି ନୀଳାଚଳର ହିନ୍ଦୁ ମଥାମଣି ପର୍ଯ୍ୟନ୍ତ ବର୍ଣ୍ଣନାର ପରିଚୟ ମିଳିଥାଏ । ତଥାପି ଅଭିମାନହରା କବିକଣ୍ଠରେ ଅଛି ଅଜସ୍ର ଆଶାର ବହ୍ନି -

ଅପମାନ ହେତୁ ଜନନୀ ମୋହର
ଉତ୍କଳ ଭୂମଧ୍ୟବାସୀ
ଉତ୍କଳର ମାଟି ପବିତ୍ର ହୋଇଛି
ସ୍ୱର୍ଗାଦପି ଗରୀୟସୀ ।

ଇତିହାସ ହିଁ ଜାତିର ମୁଖଶାଳା । ଅତୀତ ଗୌରବର କାହାଣୀ ଇତିହାସ ପୃଷ୍ଠାରେ ଅଙ୍କିତ । ଜନ୍ମଭୂମିର ପ୍ରକୃତ ପରିଚୟ ଇତିହାସର ମୂଲ୍ୟ ଓ ମର୍ଯ୍ୟାଦାବୋଧ ଭିତରେ ସଂରକ୍ଷିତ । ଇତିହାସର ଚଳନ୍ତି ପ୍ରବାହ ମଧ୍ୟରେ ଜାତି ତା'ର ନିଜ ସ୍ୱରୂପକୁ ଦେଖିପାରେ । ମଧୁସୂଦନ ଅତୀତ ଗୌରବର କବି । ସେ ସ୍ୱାଧୀନଚେତା ଓ ଦେଶପ୍ରାଣ । ତାଙ୍କ କବିତାର ଅନ୍ତରରେ ଜାତୀୟତାର ପ୍ରେମବହ୍ନି ।

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।

ମଧୁସୂଦନଙ୍କ ଅନ୍ୟ ଏକ କବିତା 'ଏ ଭବେ ପାଇବା କାହିଁ' ଏକ ଶାଶ୍ୱତ ପ୍ରେମଗୀତିକା । ମଣିଷ ହୃଦୟର ଗଭୀର ଅନୁଭୂତି ଏହି ପ୍ରେମଦର୍ଶନ କବିତାରେ ବହୁଗୁଣିତ ଭାବେ ଆତ୍ମପ୍ରକାଶ କରିଛି । ଏଥିରେ ତାଙ୍କର ବିଶ୍ୱତୋମୁଖୀ ମନୋଭାବର ପରିଚୟ ମିଳିଥାଏ ।

ପ୍ରେମର ମିଳନ ଦୁଧ ପାଣି ପରି
ଆଉ ଛଡ଼ାଛଡ଼ି ନାହିଁ ।
ଫୁଲରୁ ସୁଗନ୍ଧ ପାଇବା ଲୋଭରେ
ଭ୍ରମର ତା' ପାଶେ ଉଡ଼େ,
କିନ୍ତୁ ଭ୍ରମରକୁ ଚୁମ୍ବିବା ଆଶାରେ
ଫୁଲ କି ତା' ସ୍ଥାନ ଛାଡ଼େ ।

ଓଡ଼ିଆ ଜାତୀୟଜୀବନର ନବଜାଗରଣରେ ମଧୁସୂଦନଙ୍କ ଭୂମିକା ଥିଲା ଅନବଦ୍ୟ । ଓଡ଼ିଆ ଜାତୀୟତାର ନବଜନ୍ମ ଘୋଷଣା 'ଉତ୍କଳ ସମ୍ମିଳନୀ' ମଣ୍ଡପରେ ଘଟିଥିଲା । ମଧୁସୂଦନଙ୍କ ସାହିତ୍ୟ ଓଡ଼ିଆଜାତିକୁ ନୂତନ ଦିଗନ୍ତର ସନ୍ଧାନ ଦେବା ସଙ୍ଗେ ସଙ୍ଗେ ସ୍ୱଦେଶ ଗଠନରେ ଏକ ନବରୂପାନ୍ତର ଘଟାଇବା ସମ୍ଭବପର ହୋଇଥିଲା । ଏହି ନବଜାଗରଣ ଫଳରେ ସମଗ୍ର ଓଡ଼ିଆ ସଂସ୍କୃତି ଓ ଜାତିରେ ଦେଖାଦେଲା ନୂତନ ଚିନ୍ତାଧାରାର ସୂର୍ଯ୍ୟୋଦୟ । ସମାଜ ଓ ବ୍ୟକ୍ତି ଜୀବନ ମଧ୍ୟରେ ଦେଖାଗଲା ଏକ ସୃଜନଶୀଳ ମନୋଭାବ ।ରେନେସାଁକାଳୀନ ସାହିତ୍ୟର ମାନବବାଦୀ ଚିନ୍ତାଧାରା ଏକ ସ୍ୱତନ୍ତ୍ର ସତ୍ତା ନେଇ ବିଦ୍ୟମାନ ହୋଇଥିଲା । ମାନବପ୍ରୀତି ହିଁ ଏ ସମୟର ସାହିତ୍ୟର ଏକ ନୂତନ ଉପାଦାନ । ସତ୍ୟର ସନ୍ଧାନ, ଆଦର୍ଶର ପ୍ରତିଷ୍ଠା, ବ୍ୟଷ୍ଟି ଓ ସମଷ୍ଟିର ସମ୍ପର୍କ, ଅତୀତ ଓ ବର୍ତ୍ତମାନ ସହିତ ଭବିଷ୍ୟତର ଯୋଗ-ସବୁ ଥିଲା ନବଜାଗରଣର ସ୍ୱରୂପ । ମଧୁସୂଦନଙ୍କ ସାହିତ୍ୟ ଓଡ଼ିଆ ମଣିଷକୁ ସ୍ୱାଧୀନ ଭାବରେ ଚିନ୍ତାକ୍ଷମ କରିବା ଉପରେ ଅଧିକ ଗୁରୁତ୍ୱ ପ୍ରଦର୍ଶନ କରିଚି । ତାଙ୍କ ସାହିତ୍ୟରେ

# ସ୍ମୃତି ମଧୁରମ୍

● ଶ୍ରୀମତୀ ଜୟନ୍ତୀ ରଥ

ମୂଳରୁ ଶେଷ ପର୍ଯ୍ୟନ୍ତ ମଧୁସୂଦନଙ୍କ ବ୍ୟକ୍ତିସତ୍ତାରେ କ୍ଷୁଦ୍ରତାର ସୂଚନା ନଥିଲା । ରୁଚିରେ, ଅଭିଳାଷରେ, ଘଟଣାରେ, ଦୁର୍ଘଟଣାରେ, ବୃତ୍ତିଗତ ସଫଳତାରେ, ବୈଷୟିକ ବିଫଳତାରେ, ଅପ୍ରାପ୍ତିରେ ସବୁଥିରେ ସେ ଥିଲେ ବଡ଼ । ଜୀବନରେ ଯଥେଷ୍ଟ ଜ୍ଞାନ ଓ ଧନ ଅର୍ଜନ କରିଥିଲେ ସେ । ବିତରଣ କରିଥିଲେ ତତୋଽଧିକ । ଅର୍ଜନ କରିଥିଲେ ଶ୍ରମ ଦେଇ ଉଚ୍ଚାକାଂକ୍ଷାର ପରିପୂରଣ ପାଇଁ । ବିତରଣ କରିଥିଲେ ପ୍ରେମ ଓ ସଂବେଦନା ଭାବରେ ଉଦ୍‌ବୁଦ୍ଧ ହୋଇ । ଜାତି ପାଇଁ ସଂକଳ୍ପବଦ୍ଧ ସାଧନା ଓ ତ୍ୟାଗ ତାଙ୍କ ଜୀବନକୁ କରିଥିଲା ମହାଜୀବନ । ମରଣକୁ ମହାମରଣ । ଧର୍ମପତ୍ନୀ ସୌଦାମିନୀଙ୍କ ସ୍ମୃତିକୁ ଉଦ୍‌ଜୀବିତ ରଖିବା ପାଇଁ ଶୟନ କକ୍ଷରେ ତାଙ୍କର ଫଟୋ ତଳେ, ଶ୍ମଶାନରେ ତାଙ୍କ କବର ଉପରେ ମଧୁବାବୁ ଗୋଟିଏ ଧାଡ଼ି ଲେଖିଥିଲେ– "ମରି ନାହିଁ, ଆଗେ ଯାଇଛ ମାତ୍ର ।" ଓଡ଼ିଶାର ମାଟି ଯଦି କଥା କୁହନ୍ତା, ତେବେ ମଧୁବାବୁଙ୍କ ଉଦ୍ଦେଶ୍ୟରେ ସେ ଏଇ ଗୋଟିଏ ବାକ୍ୟ କହନ୍ତା– "ତମେ ମରିନାହଁ, କେବଳ ଚାଲିଯାଇଛ ।"

ତାଙ୍କ ହୃଦୟର ଦୀପ୍ତି ଓ ବ୍ୟାପ୍ତି ଓ ତାଙ୍କ ବୋଧଶକ୍ତିର ଗଭୀରତା, ତେଜସ୍ୱିତା ଅନୁଧ୍ୟାନ କଲେ ଅବାକ୍ ହେବାକୁ ପଡ଼େ । ମୃତ୍ୟୁର ବହୁବର୍ଷପରେ ସେ ଏବେ ବି ଏକ ପ୍ରକାଣ୍ଡ ବିସ୍ମୟଭାବେ ପ୍ରତିଭାତ ହୁଅନ୍ତି । ତାଙ୍କ ବ୍ୟକ୍ତିତ୍ୱ ଭିତରେ ଲୁଚି ରହିଥିଲା ଗୋଟିଏ କବି, ଗୋଟିଏ ଦାର୍ଶନିକ, ଗୋଟିଏ ସଂକଳ୍ପବଦ୍ଧ କର୍ମଯୋଗୀ, ଗୋଟିଏ ନିଷ୍ଠାପର ସାଧକ । ସୁନାକୁ ମୁଠାଏ ଧୂଳି ଜ୍ଞାନ କରି ଫୋପାଡ଼ି ଦେବା ତାଙ୍କ ପାଇଁ ଥିଲା ସହଜ । ସ୍ୱାଭିମାନ ଆଗରେ ପଦ, ପଦବୀ, କ୍ଷମତା ସବୁକୁ ସେ ତୁଚ୍ଛ ମଣୁଥିଲେ । 'ଆଲୋ ସଖୀ, ଆପଣା ମହତ ଆପେ ରଖ୍' ମାଆ କହୁଥିବା ଏଇ କଥାଟିକୁ ନିଜର ଆଦର୍ଶ କରି ସଯତ୍ନରେ ସେ ପାଳିଥିଲେ ଶେଷ ପର୍ଯ୍ୟନ୍ତ । ମଧୁବାବୁ ମନ୍ତ୍ରୀ ଥିଲାବେଳେ ୧୯୨୧ ମସିହାରେ ବିଲାତରୁ ପ୍ରିନ୍ସ ଅଫ୍ ୱେଲସ୍ ଭାରତକୁ ଆସିଥିଲେ । ସେ ପାଟନାକୁ ଯାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ଭୋଜିସଭାକୁ ନିମନ୍ତ୍ରଣ କରିବାରେ ବହୁ ତ୍ରୁଟି କରାଯାଇଥିଲା । ମଧୁସୂଦନ ମନ୍ତ୍ରୀଭାବରେ ପ୍ରିନ୍ସ ଅଫ୍ ୱେଲସ୍‌କୁ ଦେଖା କରିବାରେ ଏବଂ ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ ସମ୍ପର୍କରେ ପ୍ରଭେଦ ହେବାରେ ଗୋଳମାଳ ଉପୁଜିଥିଲା । କାରଣ ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ ମଧ୍ୟରେ ସେ ସମୟରେ ଏକ ପାର୍ଥକ୍ୟ ପରିଲକ୍ଷିତ ହେଉଥିଲା । ସାଧାରଣତଃ ସେକ୍ରେଟାରୀ ପ୍ରଭୃତିଙ୍କୁ ମଧ୍ୟାହ୍ନ ଭୋଜନକୁ ଡକାଯାଇଥାଏ । ମନ୍ତ୍ରୀମାନଙ୍କୁ ଏହି ଭୋଜନ ତାଲିକାରେ ରଖାଯାଇଥିଲା । ତେଣୁ ଅନ୍ୟ ମନ୍ତ୍ରୀମାନେ ଏ ବିଷୟରେ ବଡ଼ ବିରକ୍ତ ହୋଇଥିଲେ । ଏହି ଘଟଣା ପରେ ମଧୁସୂଦନ ତତ୍‌କାଳୀନ ଗଭର୍ଣ୍ଣର୍‌ଙ୍କ ପାଖକୁ ଲେଖିଥିଲେ– "ବ୍ୟକ୍ତିଗତ ଭାବରେ ରାତ୍ରିଭୋଜନ କିମ୍ବା ଅନ୍ୟକୌଣସି ନିମନ୍ତ୍ରଣକୁ ନିମନ୍ତ୍ରିତ ହେବା ନହେବାରେ ମୁଁ ବେଶୀ କିଛି ଆସ୍ଥା ରଖେନାହିଁ । ମୋର ପ୍ରିୟ ମାଆ ମୋତେ ଶିଖେଇ ଥିଲେ ଯେ, ଉଚ୍ଚପଦସ୍ଥ ଲୋକମାନଙ୍କ ସଂସ୍ପର୍ଶରେ ଆସି ସମ୍ମାନ ଲାଭ କରିବାକୁ ଚେଷ୍ଟା କରନାହିଁ । କାରଣ ଗୋଲାପ ଚାରିପାଖରେ ଥିବା ଘାସ ଫୁଲର ମଧୁର ସୁବାସ କିମ୍ବା ରଙ୍ଗ ଗ୍ରହଣ କରିପାରେ ନାହିଁ ।"

ଜାତି ପାଇଁ, ଜୀବନ ପାଇଁ କେବଳ ଅଭିମାନ ନୁହେଁ, ତାଙ୍କର ଭଲ ପାଇବା ବି ଥିଲା ପ୍ରଚୁର । ଭଲ ପାଇବାର ଉଦାର ଦୀପ୍ତି ମହଜ ଅତିକ୍ରମ କରିଯାଉଥିଲା ବ୍ୟକ୍ତିଗତ ମତ ପାର୍ଥକ୍ୟ । ବିଚାର ପାର୍ଥକ୍ୟ । ଗୋପବନ୍ଧୁଙ୍କ ପାଖକୁ ସେ ଅସୁସ୍ଥ ଥିବା ସମୟରେ ମଧୁବାବୁ ଯେଉଁ ଚିଠି ଲେଖିଥିଲେ, ତାହା ପଢ଼ିଲେ ସ୍ପଷ୍ଟ ବାରି ହୋଇଯାଏ ତାଙ୍କ ହୃଦୟର ପ୍ରଶସ୍ତି । ଦୁହିଁଙ୍କର ରାଜନୈତିକ ଦୃଷ୍ଟିକୋଣ ସମାନ ନଥିଲା । କାର୍ଯ୍ୟ କ୍ଷେତ୍ରରେ ବହୁ ମତଭେଦ ଥିଲା । ତେବେ ବ୍ୟକ୍ତିଗତ ସ୍ତରରେ ମଧୁବାବୁ ଗୋପବନ୍ଧୁଙ୍କୁ ପୁତ୍ରବତ୍ ସ୍ନେହ କରୁଥିଲେ । ତେଣୁ ଗୋପବନ୍ଧୁ ପୀଡ଼ିତ ଥିବା ଖବର ଶୁଣି ବିଚଳିତ ହୋଇ ସେ ଲେଖିଥିଲେ ।**** "ମୁଁ ତୁମର ସ୍ୱାସ୍ଥ୍ୟ ପାଇଁ ବଡ଼ ବ୍ୟାକୁଳ । ମୁଁ ବଡ଼ ହତାଶ ହୋଇ ପଡ଼ିଲିଣି । ଯେକୌଣସି ଦିନ ସଂସାରରୁ ବିଦାୟ ନେଇ ଚାଲିଯାଇପାରେ ।

ତୁମେତ ଏକମାତ୍ର ଲୋକ, ମୋର ମୃତ୍ୟୁ ଶଯ୍ୟା ନିକଟରେ ଯାହାଙ୍କ ସହ ଏକାଠି ଭଗବତ୍ ପ୍ରାର୍ଥନା କରିବାକୁ ଇଚ୍ଛା କରୁଅଛି । ତୁମ ସ୍ୱାସ୍ଥ୍ୟର ଯତ୍ନ ନିଅ ।"****

ଗୋପବନ୍ଧୁ ଜେଲ୍‌ରେ ଥିଲାବେଳେ ତାଙ୍କୁ ଓ ଅନ୍ୟ ସହବନ୍ଦୀମାନଙ୍କୁ ମୁକ୍ତ କରିଦେବା ନିମନ୍ତେ ମଧୁବାବୁ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଦାବୀ କରି ଯେଉଁ ଭାଷଣ ଦେଇଥିଲେ, ସେଥିରେ ଗୋପବନ୍ଧୁବାବୁଙ୍କ ନିର୍ମଳ ଚରିତ୍ର, ତ୍ୟାଗ ଓ ନେତୃତ୍ୱର ଅତି ଉଚ୍ଚ ପ୍ରଶଂସା କରିଥିଲେ ଏବଂ ତାଙ୍କୁ ସେ ନିଜ ହାତରେ ଗଢ଼ିଥିବା ପ୍ରକାଶ କରିଥିଲେ ।

୧୯୨୮ ମସିହା ଜୁନ୍ ୧୭ ତାରିଖ ଦିନ ଉତ୍କଳମଣି ଗୋପବନ୍ଧୁଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମ୍ବାଦ ପାଇବା ପରେ

ମଧୁବାବୁ ମ୍ରିୟମାଣ ହୋଇ ପଡ଼ିଥିଲେ । ଏକ ବାର୍ତ୍ତାରେ ସେ କହିଥିଲେ– "ସାଧାରଣ ଜୀବନରେ ତାଙ୍କ ସହିତ ଯେ ମୋର ସହଯୋଗ ଥିଲା ଏବେ ସେ ସୁଖସ୍ମୃତି ସବୁ ମନେ ପଡ଼େ । କେତେବର୍ଷ ହେଲା ଆମ୍ଭେ ଦୁହେଁ ଏକାଠେଇଁ ବସି କଥା ହୋଇନାହୁଁ । ଆମମାନଙ୍କର ଜୀବନ ଅଲଗା ହେଲେ କ'ଣ ହେବ, ଆମ୍ଭମାନଙ୍କର ମତଦ୍ୱୈଧ ଥିଲେ କ'ଣ ହେବ, ଗୋପବନ୍ଧୁଙ୍କର ଜୀବନୀ ମହତ୍ । ଏହା ଉତ୍କଳର ଜାତୀୟ ସମ୍ପଦ । ମୋର ଆଶା ସେ ଯେଉଁ କାର୍ଯ୍ୟ ବାକି ରଖିଛନ୍ତି, ତାଙ୍କର ବନ୍ଧୁମାନେ ତା'କୁ ଚଳାଇବେ । ପରଲୋକଗତ କାର୍ଯ୍ୟ ଚଳାଇବା ହିଁ ତାଙ୍କ ପକ୍ଷେ ଶ୍ରେଷ୍ଠ ସମ୍ମାନ । ସେ ଯେତେବେଳେ କର୍ତ୍ତବ୍ୟରେ ଲାଗିଛନ୍ତି, ଭଗବାନ ତାଙ୍କୁ ସେହି ସମୟରେ ନେଇଗଲେ । ମୋର ଆଶା, ଉତ୍କଳବାସୀ ପଣ୍ଡିତ ଗୋପବନ୍ଧୁଙ୍କର ଯଥାର୍ଥ ସମ୍ମାନ କରିବେ ।"

ମଧୁବାବୁ ଥିଲେ ଜଣେ ଦାର୍ଶନିକ । ଭାବୁକ ଜୀବନ ପ୍ରତି ତାଙ୍କର ଗଭୀର ଆସ୍ଥା ଥିଲା ।

ସେ ଲେଖିଥିଲେ– "ଜୀବନ ଏକ ଦୌଡ଼ । ପୃଥିବୀ ଦୌଡ଼ ପଡ଼ିଆ । ଜନ୍ମ ଦୌଡ଼ିବାର ଆରମ୍ଭ ସ୍ଥଳ । ମୃତ୍ୟୁ ଲକ୍ଷ୍ୟ ବିନ୍ଦୁ । ଲକ୍ଷ୍ୟ ସ୍ଥାନରେ ଠିକ୍ ପହଞ୍ଚିବା ପାଇଁ କର୍ତ୍ତବ୍ୟ ବାଡ଼ ପରି ।"

କର୍ତ୍ତବ୍ୟକୁ ବାଡ଼ ଭଳି ମାନି ନେଇଥିଲେ ହେଁ ଶରୀର କ୍ଳେଶ ତାଙ୍କ ଗତିପଥରେ ଅନ୍ତରାୟ ସୃଷ୍ଟି କରୁଥିଲା ସଦାବେଳେ । ନିଜ ଅସମ୍ପୂର୍ଣ୍ଣ ଆତ୍ମଜୀବନୀରେ ବୃଦ୍ଧାବସ୍ଥା ଓ ଦୁର୍ବଳ ସ୍ୱାସ୍ଥ୍ୟ ବିଷୟରେ ସେ ଲେଖିଥିଲେ– 'ପିଲାଦିନେ ୧୦୮ ବର୍ଷ ବଞ୍ଚିବାକୁ କଲ୍ୟାଣ କରାଯାଉଥିଲା । ମୁଁ ବହୁ ବୁଢ଼ାବୁଢ଼ୀ ଦେଖୁଥିଲି । କିନ୍ତୁ ବୃଦ୍ଧାବସ୍ଥା କ'ଣ ମୁଁ ଜାଣି ନଥିଲି । ସୁସ୍ଥ ଶରୀରରେ ବୟସ ଅଦୃଶ୍ୟ ଭାବରେ ଅକର୍ମଣ୍ୟତା ଆଣେ । କିନ୍ତୁ ଯେଉଁ ମଣିଷର ଚାଳିଶ ବର୍ଷ ହେଲା ସର୍ବଦା ଆରୋଗ୍ୟହୀନ ରୋଗ ସଙ୍ଗୀ, ବୟସ ସେହି ଲୋକର ଶରୀର ଉପରେ ପ୍ରକାଣ୍ଡ ପ୍ରଳୟ ସୃଷ୍ଟି କରେ । ଆତ୍ମାର ଅଗ୍ରଗତି ପଥରେ ଦେହ ଏକ ପ୍ରତିବନ୍ଧକ ହୋଇ ଛିଡ଼ା ହୁଏ । ଆତ୍ମାର ଆକାଂକ୍ଷା ପରିପୂରଣ ପଥରେ ଏହା ବାଧା ସୃଷ୍ଟି କରେ ।"

ପ୍ରଚଣ୍ଡ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଯୋଗୁ ହିଁ ସ୍ୱାସ୍ଥ୍ୟ ଓ ପରିବେଶଜନିତ ପ୍ରତିକୂଳ ପରିସ୍ଥିତି ପାଖରେ ସେ ମୁଣ୍ଡ ନୁଆଁଇ ନଥିଲେ କଦାପି । ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆସୁଥିବା ଡାକ୍ତରଙ୍କୁ ରୋଗ ଓ ତା'ର ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ପ୍ରଶ୍ନ ପଚାରି ସେ ଅପଦସ୍ତ କରିଦେଉଥିଲେ ।

ମଧୁବାବୁ ଅଭିମାନୀ ଥିଲେ । କିନ୍ତୁ ଆତ୍ମ-ସ୍ତୁତି କରିବାକୁ ଭଲ ପାଉନଥିଲେ । ଓଡ଼ିଆ ଭାଷାକୋଷର ପ୍ରଣେତା ୰ ଗୋପାଳ ଚନ୍ଦ୍ର ପ୍ରହରାଜ ମଧୁବାବୁଙ୍କର ନାମ ଓ ପରିଚୟ ତହିଁରେ ଉଲ୍ଲେଖ କରିବାର ପ୍ରସ୍ତାବ ରଖି ଗୋଟିଏ ଚିଠି ଦେଇଥିଲେ । ତା'ର ଉତ୍ତରରେ ମଧୁବାବୁ ଲେଖିଥିଲେ ** "ଜିନିଷଟିଏ ତା'ର ଠିକଣା ଜାଗାରେ ନରହିଲେ ତାହା ଆବର୍ଜ୍ଜନା ମନେହୁଏ । ବହିର ମୁଦ୍ରଣ ପାଇଁ ସ୍ୟାହି ଏକ ଆବଶ୍ୟକତା । ଅକ୍ଷର ଆକାର ପାଏ ସ୍ୟାହିରେ । ମାତ୍ର ତୁମ ସାର୍ଟରେ ସ୍ୟାହି ଲାଗିଲେ କି ମୋ ଆଙ୍ଗୁଠିରେ ସ୍ୟାହି ଲାଗିଲେ ତାହା ଅସନା ଦିଶିବ ।"

ଆତ୍ମ ବିଜ୍ଞପ୍ତିପ୍ରତି ଉଦାସୀନତାର ଏହା ଏକ ପ୍ରକୃଷ୍ଟ ଉଦାହରଣ ।

କନ୍ୟା ଶୈଳବାଳାଙ୍କର ବ୍ୟକ୍ତିତ୍ୱର ପରିପୂର୍ଣ୍ଣ ବିକାଶ ନିମନ୍ତେ ମଧୁବାବୁଙ୍କର ଅବଦାନ ଥିଲା ଅତୁଳନୀୟ । ପ୍ରତି ପଦେ ପଦେ ସେ ଥିଲେ ଶୈଳବାଳାଙ୍କର ଦିଗ୍‌ଦର୍ଶକ । ଓଡ଼ିଶାରେ ନାରୀ ଶିକ୍ଷାର ପ୍ରଗତି ପାଇଁ ଏବଂ ନାରୀ ସମାଜର ସାମୂହିକ କଲ୍ୟାଣ ସାଧନ ନିମନ୍ତେ ପ୍ରୟୋଗାତ୍ମକ ଶିକ୍ଷା ଆହରଣ କରିବା ପାଇଁ ମଧୁବାବୁ ତାଙ୍କୁ ଲଣ୍ଡନ ପଠେଇଥିଲେ । ୧୯୦୬ ରୁ ୧୯୦୭ ମସିହାବେଳେ ଏହି ଉଦ୍ଦେଶ୍ୟରେ ଶୈଳବାଳାଙ୍କର ଲଣ୍ଡନ ଭ୍ରମଣ କାଳରେ ମଧୁବାବୁ ଶୈଳବାଳାଙ୍କ ନିକଟକୁ ଯେଉଁ ଚିଠି ସବୁ ଲେଖିଥିଲେ, ସେସବୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ଏହି ଭାବଗର୍ଭକ ଶିକ୍ଷଣୀୟ, ଅନ୍ତରଙ୍ଗ ଚିଠି ସବୁରୁ ମଧୁବାବୁଙ୍କର ସ୍ନେହପ୍ରବଣତା ଓ ମହାନୁଭବତା ସହଜରେ ବାରି ହୋଇଯାଏ । କେତୋଟି ଚିଠିର କିୟଦାଂଶ ଅନୂଦିତ ହୋଇ ନିମ୍ନରେ ପ୍ରଦତ୍ତ ହେଲା ।

୧) **** ଅହଂକାର ପ୍ରକଟ କରୁଥିବା ପୋଷାକକୁ ଏଡ଼େଇବାକୁ ଚେଷ୍ଟା କରିବୁ । ବିଦେଶ ଜାଗାରେ ଆରମ୍ଭରୁ ହିଁ ବେଶ ପୋଷାକ ପ୍ରତି ସଜାଗ ରହି ନିଜର ମର୍ଯ୍ୟାଦା ପ୍ରତିଷ୍ଠା କରିବାକୁ ହେବ । ସବୁଠାରେ ସବୁ ସମୟରେ ସରଳ ପରିପାଟୀ ଅଧିକ ସ୍ପୃହଣୀୟ । ଦେଖିବୁ ମାନ୍ୟତାପ୍ରାପ୍ତ ହେବା ପରେ ଆଡ଼ମ୍ବରପୂର୍ଣ୍ଣ ପୋଷାକ ଅପେକ୍ଷା ସାଦାସିଧା ପୋଷାକ ତତେ ବେଶୀ ସମ୍ମାନଜନକ ମନେ ହେବ ।****

୨) ****, ସେଠାରେ ସୁନାମ ଅର୍ଜନ କରିବା ତୋ'ର ଲକ୍ଷ୍ୟ ହେବା ଉଚିତ୍ । ସବୁବେଳେ ଜଗିଥିବୁ, ଯେମିତି ବ୍ୟବହାରରେ ଅହଂକାର ପ୍ରକଟିତ ନହୁଏ । ଇଂରେଜ ଜାତି ଦାମ୍ଭିକତାକୁ ଘୃଣା କରେ । ଗୋଟିଏ ସାଧାରଣ ଦୁର୍ବଳ ମଣିଷ ପାଇଁ ସେମାନେ ବହୁତ କିଛି କରିପାରନ୍ତି, ମାତ୍ର ସମ୍ରାଟ ଏଡ୍‌ୱାର୍ଡ଼ ସପ୍ତମ ଯଦି ଔଦ୍ଧତ୍ୟ ପ୍ରକାଶ କରନ୍ତି, ତାହେଲେ ସେମାନେ ସହ୍ୟ କରିବେ ନାହିଁ । ଯୀଶୁଖ୍ରୀଷ୍ଟଙ୍କ ଜୀବନ ଏହାର ସର୍ବଶ୍ରେଷ୍ଠ ଉଦାହରଣ ।

ସେ ତ ମେଷଶାବକ ପରି ନିରୀହ ଥିଲେ । ଲୋକମାନଙ୍କ ସହିତ ମିଶିଲା ବେଳେ ଏହି କଥାଟି ବରାବର ମନେ ରଖିବୁ ।"

୩) ****** ବିଦେଶ ଜାଗାରେ ଏତେ କାହାର ଅନୁଗ୍ରହ ନେଇ ଚଳିବା ସ୍ପୃହଣୀୟ ନୁହେଁ । ତୁ ଛୋଟ ଦୁର୍ବଳ ଝିଅଟିଏ, କୌଣସି ପ୍ରକାର ଭାର ସହିବାକୁ ତୋର ଶକ୍ତି ନାହିଁ । ଭାବୁଚି ତୋ' ପାଖରେ କଟକର କିଛି ତାରକସି କାମ ଅଛି, ଯାହାକୁ ତୁ ଉପହାର ଭାବେ ଦେଇପାରିବୁ । ଆଜି ଡାକରେ ମୁଁ ଆଉ କିଛି ରୂପାର ସାମଗ୍ରୀ

ପଠାଉଛି । କେବଳ କଥାରେ ନୁହେଁ, ବସ୍ତୁ ଆକାରରେ କିଛି ଉପହାର ଦେଇ କୃତଜ୍ଞତା ଜଣାଇବାକୁ ଚେଷ୍ଟା କରିବୁ । ଇଂରେଜମାନେ ବଡ଼ ବସ୍ତୁବାଦୀ । ସେମାନେ ବସ୍ତୁ ମାଧ୍ୟମରେ ଭାବ ବିନିମୟରେ ବିଶ୍ୱାସ କରନ୍ତି । ଭାବ ଆବେଗ ଏସବୁ ପ୍ରଦର୍ଶିତ ହେବା ଉଚିତ୍ । ଦୃଶ୍ୟ ଭାବରେ ପ୍ରକାଶିତ ନହେଲେ ତାହା ବର୍ଷାବିହୀନ ଜଳପୂର୍ଣ୍ଣ ମେଘପରି ଦେଖାଯିବ । ଭାବନା କିଛି ନୁହେଁ । ସେଗୁଡ଼ିକ ଜଳାଧାର ଭଳି । ଯଦି ସେଥିରୁ ବାହାରକୁ ଜଳ ବୋହି ନଯାଏ, ତାହେଲେ ତାହା ମୃତ ନିର୍ଝର ମାତ୍ର ।'' ******

ମଧୁବାବୁ କ୍ଷଣକୋପୀ ଥିଲେ ସତ, କିନ୍ତୁ ବ୍ୟକ୍ତିଗତ ଆକ୍ରୋଶ ରଖି ପ୍ରତିଶୋଧ ନେବା ଭଳି ହୀନମନ୍ୟତା ତାଙ୍କଠାରେ ନଥିଲା । ପରବର୍ତ୍ତୀ ଜୀବନରେ ମଧୁବାବୁଙ୍କ ପାଖରେ ଜୁନିୟର ଭାବେ କାମ କରିଥିବା ଏବଂ ତାଙ୍କର ଦେହାନ୍ତ ପରେ ତାଙ୍କର ଜୀବନୀ ଲେଖିଥିବା ଶ୍ରୀ ନବକିଶୋର ଦାସ ଆଦ୍ୟ ଜୀବନରେ ଥିଲେ ତାଙ୍କର କଟୁ ସମାଲୋଚକ । କଲିକତାରେ ରହି ଆଇନ୍ ପଢୁଥିଲା ବେଳେ ସେ ଉତ୍କଳ ସମ୍ମିଳନୀରେ ମଧୁବାବୁଙ୍କ ଭୂମିକାକୁ ନେଇ ଏକ ଲେଖା ପ୍ରକାଶିତ କରିଥିଲେ, ଯାହା ମଧୁବାବୁଙ୍କୁ ଅତ୍ୟନ୍ତ ଉତ୍ତେଜିତ କରିଥିଲା । ଲେଖାଟି ପଢ଼ିସାରି ମଧୁବାବୁ ଏତେ ଦୂର କ୍ଷୁବ୍ଧ ହୋଇଥିଲେ ଯେ ତାଙ୍କ ବିରୁଦ୍ଧରେ ମାନହାନି କେସ୍ କରିବା ପାଇଁ ଧମକ ଦେଇ ଚିଠି ଦେଇଥିଲେ ।

ନବକିଶୋର ଦାସ କଲିକତାରୁ ଓଡ଼ିଆ ଫେରି ନୂଆ ନୂଆ ଓକିଲାତି ଆରମ୍ଭ କଲେ କଟକରେ । ମଧୁବାବୁଙ୍କ ପାଖରେ ରହି କାମ କରିବାକୁ ଚାହିଁଲେ । ମଧୁବାବୁ ମଧ ବିନା ଆପତ୍ତିରେ ତାଙ୍କୁ ଗ୍ରହଣ କରିଥିଲେ । ଏକାଠି କାମ କରୁଥିବାର ନିରୋଳା ମୁହୂର୍ତ୍ତରେ ପଚାରିବାର ଯଥେଷ୍ଟ ଅବକାଶ ଥିଲେ ସୁଦ୍ଧା ମଧୁବାବୁ ଥରେ ମଧ ସେଇ ତିକ୍ତ ଘଟଣାର ପୁନରାବୃତ୍ତି କରି ନଥିଲେ । ତୀକ୍ଷ୍ଣ ସ୍ମୃତିଶକ୍ତିସମ୍ପନ୍ନ ମଧୁବାବୁଙ୍କର ସେ ଘଟଣା ଯେ ପାଶୋରି ହୋଇଯାଇଥିଲା ତାହା ନୁହେଁ । ନିଜର କନିଷ୍ଠ ଅନୁଗାମୀକୁ ଦୋଷ ଭାରରେ ନୁଆଁଇ ଦେବାକୁ ହୁଏତ ତାଙ୍କର ପୁରୁଷକାର ସମ୍ମତି ଦେଉ ନଥିଲା ।

ଅନ୍ୟର ମାନରକ୍ଷା କରିବା ତାଙ୍କ ସ୍ୱଭାବର ଏକ ବିଶିଷ୍ଟ ଦିଗ ଥିଲା । ଘରର ସାହାଯ୍ୟକାରୀ ଭୃତ୍ୟ ଶହେଟଙ୍କିଆ ନୋଟ୍ ନେଇ ଯଦି କୋଡ଼ିଏ ଟଙ୍କା ନିଜ ପାଇଁ ଖର୍ଚ୍ଚ କରି ଅଶୀଟଙ୍କା ଫେରାଉଥିଲା କାକୁସ୍ଥ ହୋଇ, ତେବେ ତା'ର ଅଭାବ ପଣ ହୃଦୟଙ୍ଗମ କରି ମଧୁବାବୁ ଓଲଟି କହୁଥିଲେ, ''ତତେ ଦେବା ପାଇଁ କେତେବେଳେ କହିଲି, କାହିଁକି ଦେଉଛୁ ?''

ମଧୁବାବୁଙ୍କର ବିଚକ୍ଷଣତାର ପଟାନ୍ତର ନଥିଲା । ବହୁ ଅସାଧ୍ୟ ଓ ଦୁଃସାଧ୍ୟ ମନେ ହେଉଥିବା କେସ୍‌କୁ ସେ ହାତକୁ ନେଇ ଜୟଯୁକ୍ତ ହେଉଥିଲେ । ଏହି ବୃତ୍ତି ତାଙ୍କୁ ଦେଇଥିଲା ପ୍ରଚୁର ଅର୍ଥ ଓ ଅକ୍ଷୟ ଯଶ । କେସ୍‌ଟିଏ ଲଢ଼ିଲାବେଳେ ତା' ସହିତ ଓତଃପ୍ରୋତଭାବେ ଜଡ଼ିତ ରହୁଥିଲେ । ନିଜର ଉପସ୍ଥିତ ବୁଦ୍ଧି ଓ ଅକାଟ୍ୟ ଯୁକ୍ତି ବଳରେ ବିପରୀତ ପକ୍ଷକୁ ଦୁର୍ବଳ କରିଦେବା ତାଙ୍କ ପକ୍ଷେ ଖୁବ୍ ସହଜ ଥିଲା । ତେବେ ତାଙ୍କ ଓକିଲାତି ଜୀବନରେ ସବୁଠାରୁ ଲକ୍ଷଣୀୟ ବିଷୟ ହେଲା, ତାଙ୍କର ମାନବିକ ସଂବେଦନା । କେହି ଅସହାୟ, ନିରପରାଧ ବ୍ୟକ୍ତି ଯଦି ଦଣ୍ଡ ପାଇବାକୁ ଯାଉଛି ବୋଲି ସେ ନିଜର ଅନ୍ତର୍ନିହିତ ଅନ୍ତର୍ବୋଧ ବଳରେ ଜାଣି ପାରୁଥିଲେ, ତେବେ ପ୍ରାଣମୂର୍ଚ୍ଛା ଚେଷ୍ଟା କରି ସେ ତା' ପାଇଁ ଲଢୁଥିଲେ । ବିବେକର ସ୍ୱର ଆଗରେ ଅର୍ଥର ପ୍ରଶ୍ନ ମୁହଁ ଲୁଚଉଥିଲା ।

ଥରେ ଗୋଟିଏ ନରହତ୍ୟା ମକଦ୍ଦମାରେ ସେସନ୍ସ ଅଦାଲତରେ ମକଦ୍ଦମା ଚାଲିଥାଏ । ମୁଦାଲା ନିଜର ଗୋଟିଏ ଚଉଡ଼ା ମୁହଁ କୁରାଢ଼ୀରେ ଗୋଟିଏ ଲୋକର ମୁଣ୍ଡକୁ ହାଣି ଦେବାରୁ ସେ ମନୁଷ୍ୟ ମରିଗଲା ବୋଲି ସରକାର ତରଫରୁ ଅଭିଯୋଗ ହୋଇଥାଏ । ପୁଲିସ ମୁର୍ଦ୍ଦାରକୁ ଡାକ୍ତର ମାଇନା ପରୀକ୍ଷା ସକାଶେ ପଠାଇଲେ ଓ ସଂଗେ ସଂଗେ କୁରାଢ଼ୀ ମଧ ପଠାଇଦେଲେ । ଗୋରା ଡାକ୍ତର ସାହେବ ମୁର୍ଦ୍ଦାର ଖପୁରି ମାଇନା କରି ଖପୁରିର ଚୋଟ ବସିଥିବା ଅସ୍ଥିମାନଙ୍କର ନାମୋଲ୍ଲେଖ କରି ରିପୋର୍ଟ ଦେଲେ ଯେ ସେହି କୁରାଢ଼ୀ ଚୋଟରେ ଲୋକଟିର ଖପୁରି ଜଖମ ହୋଇଛି । ମୁଦାଲା ତଳ କୋର୍ଟରେ ଦୋଷ ଅସ୍ୱୀକାର କରି ଜବାବ୍ ଦେଲା ଓ ମକଦ୍ଦମା ଦୌରାସୁପର୍ଦ୍ଦ ହେଲା । ମୁଦାଲା ଜେଲରେ ଥାଏ । ସେସନ୍ସ କୋର୍ଟରେ ମୁଦାଲାର ଓକିଲ ହେଲେ ମଧୁବାବୁ । ସରକାରଙ୍କ ଆଗତ ସାକ୍ଷୀ ପ୍ରମାଣରୁ ପ୍ରମାଣିତ ହେଲା ଯେ ମୃତ ଲୋକଟି ବସିଥିଲା ଓ ମୁଦାଲା ପଛଆଡୁ ଆସି ତା' ମୁଣ୍ଡରେ କୁରାଢ଼ୀର ଚୋଟ ବସେଇ ଦେବାରୁ ସେ ମରିଗଲା । ଏହାକୁ ସମର୍ଥନ କରି ଡାକ୍ତର ରିପୋର୍ଟ ପେଶ୍ କଲେ ଓ ସାକ୍ଷ୍ୟ ଦେଲେ ଯେ ଖପୁରୀରେ ଆଘାତ କୁରାଢ଼ୀର ଚୋଟ ଦ୍ୱାରା ହୋଇଥିଲା ଓ ସେଥି ସକାଶେ ଲୋକଟି ମରିଗଲା ।

ମଧୁବାବୁ ସେସନ୍ସ ଜଜ୍ କୋର୍ଟରେ ମୁଦାଲା ପକ୍ଷରୁ କହିଲେ ଯେ ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା । ଏହା ପୂର୍ବରୁ ସେ ମୁଦାଲା ନିକଟରୁ ସବିଶେଷ ତଥ୍ୟ ଜାଣିବା ପାଇଁ ଜେଲ୍‌କୁ ଯାଇଥିଲେ । ମୁଦାଲା ତାଙ୍କୁ କହିଥିଲା ଯେ, ମୃତ ବ୍ୟକ୍ତି ଗ୍ରାମର ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆହତ ହୋଇ ମରିଚି । କୁରାଢ଼ୀ ତା' ନିଜର । ମାତ୍ର ସେଇ କୁରାଢ଼ୀର ଆଘାତରେ ସେ ମରିନାହିଁ । ଗ୍ରାମରେ ଦଳାଦଳି ଥିବାରୁ ବିପକ୍ଷ ଗ୍ରାମବାସୀମାନେ ମୁଦାଲା ଘରୁ କୁରାଢ଼ୀଟି କାଢ଼ି ମୁଦାଲାକୁ ମିଛରେ ହତ୍ୟାକାରୀ ବୋଲି ପୁଲିସ ସାହାଯ୍ୟରେ ପ୍ରମାଣ କରିଛନ୍ତି । ମୁଦାଲା ଜେଲ୍‌ରେ ଏପରି ଦୃଢ଼ତା ସ ଶପଥ ସହକାରେ ମଧୁବାବୁଙ୍କୁ ଏକଥା କହିଲା ଯେ, ତା' କଥାରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମିଲା । ତାଙ୍କର ଏ ମକଦ୍ଦମାରେ ବ୍ୟକ୍ତିଗତ ଜିଦ୍ ଲାଗିଲା । କିପରି ନିରପରାଧ ଲୋକଟି ଖଲାସ ହେବ ।

ସେ କଚେରୀ ଯାଇ ଡାକ୍ତରୀ ରିପୋର୍ଟର ନକଲ ଆଣିଲେ । କ୍ଷତର ରେଖା କେଉଁ କେଉଁ ହାଡ଼ର ମଧ ଦେଇ ଯାଇଚି, ତାହା ସବୁ ସେଥିରେ ବୈଜ୍ଞାନିକ ନାମ ଦିଆଯାଇ ଲେଖା ଯାଇଥାଏ । ପ୍ରଥମେ ସେ ସବୁ ହାଡ଼ର ନାମରୁ କିଛି ବୁଝି ପାରିଲେ ନାହିଁ । ସେ ନିଜେ

ଶ୍ମଶାନରୁ ଯାଇ ଗୋଟିଏ ମଣିଷ ମୁଣ୍ଡ ଆଣିଲେ ଓ ଡାକ୍ତରୀ ଶରୀର ବିଜ୍ଞାନ ବହିରୁ ପଢ଼ି ଏହି ଖପୁରୀର ହାଡ଼ମାନଙ୍କ ସାଙ୍ଗେ ମିଳେଇ ଦେଖିଲେ ଯେ, ଡାକ୍ତର ଲକ୍ଷିତ କ୍ଷତରୁ ଯେଉଁ ଯେଉଁ ଅସ୍ଥିବାଟେ ଫାଟା ହୋଇଛନ୍ତି, ସେହି ସେହି ବାଟେ ରେଖା କାଟିଲେ ତାହା କଦାପି ସିଧା ରେଖା ହେବ ନାହିଁ, ତାହା ଗୋଟିଏ ଚାରିବାଙ୍କିଆ ରେଖା ହେବ ଏବଂ କୁରାଢ଼ୀର ଚୋଟରେ ଏପରି ଚାରିବାଙ୍କିଆ କ୍ଷତ ହେବା ଅସମ୍ଭବ । ଏହା ଦେଖି ମୁଦାଲା ଯେ ନିର୍ଦ୍ଦୋଷ, ଏ ବିଷୟରେ ସେ ନିଃସନ୍ଦେହ ହେଲେ । ତହିଁ ଆରଦିନ କଚେରୀରେ ମକଦ୍ଦମା ବିଚାର ହେଲା । ସରକାରଙ୍କ ତରଫରୁ ଏକାଦିକ୍ରମେ ସାତଜଣ ସାକ୍ଷୀ ଜବାନବନ୍ଦୀ ଦେଇଗଲେ ଯେ ସେହି କୁରାଢ଼ୀରେ ଏକ ଚୋଟ ମାରି ଦେବାରୁ ଲୋକଟି ମରିଗଲା । ଆସାମୀ ପକ୍ଷରୁ ଉକ୍ତ ସାକ୍ଷୀମାନଙ୍କୁ ମଧୁବାବୁ ଆଦୌ ଜେରା କଲେ ନାହିଁ । ଏହା ଦେଖି ଜଜ୍ ସାହେବ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ ମି. ଦାସ୍, ଆପଣଙ୍କ ମହକିଲ ବିପକ୍ଷରେ ଏ ପ୍ରମାଣମାନ ଭାରି ମାରାତ୍ମକ । ଆପଣ ଏମାନଙ୍କୁ ଜେରା କାହିଁକି କରୁନାହାନ୍ତି । ତଥାପି ମଧୁବାବୁ ନିରୁତ୍ତର । ଶେଷକୁ ଗୋରା ଡାକ୍ତର ସାହେବ ଆସି ସାକ୍ଷୀ ଅଡ଼ାରେ ଠିଆ ହୋଇ କହିଲେ ଯେ ସେଇ କୁରାଢ଼ୀ ଦ୍ୱାରା ହିଁ ମୃତ ଲୋକର ଖପୁରୀରେ କ୍ଷତ ହୋଇଛି । ଏହା କହି ସେ ତାଙ୍କ ରିପୋର୍ଟ ପଢ଼ିଲେ । ତା'ପରେ ମଧୁବାବୁ ଜେରା କରିବାକୁ ଉଠି ପ୍ରଥମେ ତାଙ୍କୁ ଖୁବ୍ କର୍ଥଲେଇ ଘେଞ୍ଚାଘେଞ୍ଚି କରି କହିବାରୁ ଡାକ୍ତର ବୁଝିଲେ ଯେ ଶରୀର ବିଦ୍ୟା ବିଷୟରେ ଓକିଲ ଅନ୍ଧ ଅଟନ୍ତି । ଏପରି ବିଚାରି ବେଖାତିର ଭାବରେ ମଧୁବାବୁଙ୍କ ପ୍ରଶ୍ନର ଉତ୍ତର ଦେଲେ । ଶେଷରେ ମଧୁବାବୁ ତାଙ୍କ ବହି ମୁଣି ଭିତରୁ ମଣିଷ ମୁଣ୍ଡଟିଏ ବାହାର କରି ହାକିମଙ୍କ ଆଗରେ ଡାକ୍ତର ସାକ୍ଷୀଙ୍କ ସାମ୍ନାରେ ରଖିଦେଲେ । ତାଙ୍କୁ କହିଲେ, ଆପଣ ଯେଉଁ ଜାଗାରେ ଖପୁରୀରେ କ୍ଷତଦାଗ ଦେଖିଥିଲେ ଓ ପରୀକ୍ଷା କରିଥିଲେ, ସେ ଜାଗାଟି ଜଜ୍ ସାହେବଙ୍କୁ ଦେଖେଇ ଦିଅନ୍ତୁ । ଡାକ୍ତର ସେ ଖପୁରିଟିକୁ ଧରି ବେଖାତିର ଭାବରେ ଖପୁରୀ ଉପରେ ପେନ୍ସିଲରେ ଗୋଟିଏ ସରଳରେଖା ଟାଣିଦେଲେ, ଯାହା କୁରାଢ଼ୀ ଧାରର ପରିସର ପରି ଲମ୍ବ । ସାହେବ ଗାର ଆଙ୍କିବାରୁ କହିଲେ, ଏ ଗାରକୁ ଆପଣ ଜଜ୍ ସାହେବଙ୍କୁ ଦେଖାନ୍ତୁ । ଡାକ୍ତର ଜଜ୍ ସାହେବଙ୍କୁ ସେ ରେଖାଟି ଦେଖାଇବା ପରେ ମଧୁବାବୁ କହିଲେ, ମୁଁ ବର୍ତ୍ତମାନ ଆପଣଙ୍କ ରିପୋର୍ଟ ପଢୁଛି । ଆପଣ ଯେଉଁ ଗାର କାଟି ଦେଲେ ତାକୁ ଆପଣଙ୍କ ରିପୋର୍ଟର ଲେଖା ହାଡ଼ମାନଙ୍କ ସଂଗେ ମିଳାନ୍ତୁ । ମଧୁବାବୁ ରିପୋର୍ଟ ପଢୁଥାଆନ୍ତି । ଏଣେ ଖପୁରୀକୁ ଦୃଷ୍ଟିରେ ରଖିଥାନ୍ତି । ଡାକ୍ତର ରିପୋର୍ଟରେ ଲେଖା ହାଡ଼ ବାଟେ ଗାର ନେଇ ନପାରି ନଳମୁଖ ସରଳରେଖା ବାଟେ ପେନ୍ସିଲ ନେବାରୁ ମଧୁବାବୁ ଶରୀର ବିଜ୍ଞାନ ବହିରୁ ଡାକ୍ତରଙ୍କ ଭ୍ରମ ଦର୍ଶେଇ ଦେଉଥାଆନ୍ତି ।

ଏହିପରି ତର୍କ ବିତର୍କ ହେଉ ହେଉ ଏକ ଘଣ୍ଟା ବିତିଗଲା । ସେତେବେଳକୁ ଡାକ୍ତର ସାହେବ ଗଳଦ୍‌ଘର୍ମ ଓ ଅରୁଣମୁଖ ହୋଇ ସାରିଲେଣି । ଶେଷକୁ ରିପୋର୍ଟ ଅନୁସରଣ କରି ଯେଉଁ ଗାରଟି ଟାଣିଲେ, ତାହା ଚାରିବାଙ୍କିଆ ହେଲା ଓ କୁରାଢ଼ୀର ଧାର ପରିସର ଅପେକ୍ଷା ଅଧଇଞ୍ଚ ଛୋଟ ହେଲା । ଏହା ଦେଖି ଜଜ୍ ସାହେବ, ସରକାରୀ ଓକିଲ ଓ ପୁଲିସ କର୍ମଚାରୀ ସମସ୍ତେ ଚିତ୍ର ପ୍ରତିମା ପରି ଚାହିଁଲେ । ଶେଷରେ ମଧୁବାବୁ ଡାକ୍ତର ସାହେବଙ୍କୁ ପଚାରିଲେ, ଏ ଲାସ୍‌କୁ ଅନ୍ୟ ଡାକ୍ତର ମାଇନା କରି ରିପୋର୍ଟ ଲେଖି ଦେଇଛନ୍ତି । ଆପଣ ଖପୁରୀକୁ ମାଇନା ନକରି ସେ ରିପୋର୍ଟରେ ଦସ୍ତଖତ କରିଛନ୍ତି । ଡାକ୍ତର କହିଲେ ହଁ । ମଧୁବାବୁ ପଚାରିଲେ, ଆପଣତ ବାଇବେଲ ଧରି ଶପଥ କରିଛନ୍ତି । ଅବଶ୍ୟ ସତ କହୁଛନ୍ତି । ଆପଣଙ୍କ ଦସ୍ତଖତ ରିପୋର୍ଟ ମୁତାବକ ଏହି ଚାରିବାଙ୍କିଆ କମ୍ ଚଉଡ଼ା ରେଖା ଏଇ କୁରାଢ଼ୀ ଦ୍ୱାରା ହେଇପାରେ କି ?

ଡାକ୍ତର କହିଲେ, ଏ କୁରାଢ଼ୀ ଦ୍ୱାରା ଏପରି କ୍ଷତ ହେବା ଅସମ୍ଭବ ।

ଏତିକିରେ ମକଦ୍ଦମା ଶେଷ ହେଲା । ଜଜ୍ ସାହେବ ସଂଗେ ସଂଗେ ଆସାମୀକୁ ଦୋଷ ମୁକ୍ତ ଘୋଷଣା କରି ଖଲାସ କରିଦେଲେ ।

ସଂକଟ ସମୟରେ ମଧୁବାବୁ ଓକିଲ ଭାବରେ ଶ୍ରେଷ୍ଠ ଆଶ୍ରୟଦାତା ଥିଲେ । ଲୋକେ କହୁଥିଲେ— ବିପଦରେ ମଧୁସୂଦନମ୍' ।

ମଧୁସୂଦନ ଥିଲେ ଯଥାର୍ଥରେ ଉତ୍କଳର ଗୌରବ । ଓଡ଼ିଶାର ପ୍ରଥମ ଭାବରେ ଚିହ୍ନିତ ହେବା ପଛରେ ଥିଲା ତାଙ୍କର ଅକ୍ଳାନ୍ତ ଶ୍ରମ ଓ ଅଦମିତ ସଂଘର୍ଷ । କିନ୍ତୁ ଏଇ ପ୍ରମାଣପତ୍ର ନେଇ ସେ ବଞ୍ଚି ନାହାଁନ୍ତି ଓଡ଼ିଶାରେ । ସେ ବଞ୍ଚିଛନ୍ତି ତାଙ୍କ ହୃଦୟର ବଡ଼ ପଣ ପାଇଁ, ଯାହା ଫୁଟି ବିଶୁଥିଲା ତାଙ୍କ ଜୀବନର ଛୋଟ ଛୋଟ କଥାରେ । ଛୋଟ ଛୋଟ ଘଟଣାରେ । ତାହାହିଁ ଥିଲା ତାଙ୍କର ସ୍ୱକ୍ଷ । ଅନ୍ତର୍ଗତ ସମ୍ପଦ ।

ଭାଗ୍ୟର ନିଷ୍ଠୁର ପରିହାସରେ ସେ ଦିନେ ଦେବାଳିଆ ଘୋଷିତ ହୋଇଥିଲେ ସତ, ମାତ୍ର ଆଜି ସେ ଏ ମାଟିର ଶ୍ରେଷ୍ଠ ସମ୍ପଦଶାଳୀ ସନ୍ତାନ ଭାବେ ବନ୍ଦିତ । ଏଇ ଘୋଷଣା ସମୟର । ତାଙ୍କ ସ୍ମୃତି ପାଇଁ ଏଇ ଅଙ୍ଗୀକାର ହିଁ ତାଙ୍କ ପୁରୁଷକାରର ଶ୍ରେଷ୍ଠ ପ୍ରମାଣପତ୍ର ।

## ସହାୟକ ଗ୍ରନ୍ଥ


୧. Shoilabala Das– A Look before and after S.B. Das

୨. ଉତ୍କଳ ଗୌରବ ମଧୁସୂଦନ– ନବକିଶୋର ଦାସ,

୩. ଦେଶପ୍ରାଣ ମଧୁସୂଦନ– ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ



ସହ ସଂଗ୍ରହାଧ୍ୟକ୍ଷା
ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର-୧୪

# ମଧୁବାବୁଙ୍କ ଶିଳ୍ପ ନୀତି ଓ ଶ୍ରମିକ ସଂଗଠନ

● ଶ୍ରୀ ଶରତଚନ୍ଦ୍ର ଜେନା

ଆଧୁନିକ ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା, ଉତ୍କଳ ମାତାର ବରପୁତ୍ର, ନିର୍ଭୀକ ତଥା ସ୍ୱାଭିମାନୀ ଜନନାୟକ ସ୍ୱର୍ଗତ ମଧୁସୂଦନ ଦାସ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ପୃଷ୍ଠପୋଷକ ଥିଲେ । ଓଡ଼ିଶା ତମସାଚ୍ଛନ୍ନ ଥିବା ସମୟରେ ସେ ଆଲୋକ ପ୍ରଜ୍ୱଳନ କରି ଏହାର ପଥ ପ୍ରଦର୍ଶକ ହୋଇଥିଲେ । ଉତ୍କଳ ମାତାର ଦୁଃଖ ଦୁର୍ଦ୍ଦଶା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜୀବନର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ଉତ୍କଳ ଜନନୀର ଆଜୀବନ ସେବା ପାଇଁ ନିଜକୁ ତିଳ ତିଳ କରି ଉତ୍ସର୍ଗ କରି ଓଡ଼ିଶାକୁ ନୂତନ ଆଲୋକରେ ଆଲୋକିତ କରିଥିଲେ । ଓଡ଼ିଆ ଭାଷା ଭିତ୍ତିରେ ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ଓ ଜାଗରଣ ମାଧ୍ୟମରେ ସେମାନଙ୍କର ସ୍ୱାର୍ଥ ସଂରକ୍ଷଣ ତାଙ୍କ କର୍ମମୟ ଜୀବନରେ ସୀମାବଦ୍ଧ ଥିଲା । ନିଜ ଜାତିର ସ୍ୱାଭିମାନକୁ ସେ କେବେ ହେଲେ ନତମସ୍ତକ କରାଇବାକୁ ଚାହୁଁ ନଥିଲେ । ଓଡ଼ିଶାର ସଂସ୍କୃତିଗତ ପରମ୍ପରା ମାଧ୍ୟମରେ ଅର୍ଥନୈତିକ ଅଭ୍ୟୁଦୟ ମଧୁବାବୁଙ୍କ ରାଜନୈତିକ ସାଧନାର ଚରମ ଲକ୍ଷ୍ୟ ଥିଲା । ଏହି ଉଦ୍ଦେଶ୍ୟରେ ମଧୁବାବୁଙ୍କ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ୧୯୦୩ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ କଟକଠାରେ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରଥମ ପୃଷ୍ଠାରେ ଉଲ୍ଲେଖ ଅଛି, " ଏକ ସମୟରେ ଓଡ଼ିଶାର ସୀମା ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଲାଗି ଥିଲା । ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ପୂର୍ବେ ଶିଳ୍ପ, ବାଣିଜ୍ୟ, ଧର୍ମ ଓ ସାହିତ୍ୟରେ ଢେର ଉନ୍ନତି କରିଥିଲେ । ** ଆମ୍ଭମାନଙ୍କ ପୂର୍ବପୁରୁଷମାନେ ବାଣିଜ୍ୟ କରିବା ନିମନ୍ତେ ବୋଇତରେ ସମୁଦ୍ର ପାରି ହୋଇ ଜାଭା, ବୋର୍ଣ୍ଣିଓ, ବାଲିଦ୍ୱୀପ ପର୍ଯ୍ୟନ୍ତ ଯାଉଥିଲେ; ** କାରିଗରୀ ଓ ବୁଦ୍ଧି ବଳରେ କୋଣାର୍କଠାରେ ଗୋଟିଏ ବିଚିତ୍ର ଦେଉଳ ତିଆରି କରି ତାକୁ ଚକ ଉପରେ ଠିଆ କରାଇଥିଲେ । ଆମ୍ଭମାନଙ୍କ ଦେଶର କାରିଗରମାନେ ବଡ଼ ବଡ଼ ନଗର, ଦୁର୍ଗ ପ୍ରସ୍ତୁତ କରିଅଛନ୍ତି । କଟକର ବାରବାଟୀ କିଲାରେ ନ' ମହଲା କୋଠା ତିଆରି କରିଥିଲେ । ଏହି ଦେଶର ତନ୍ତିମାନେ ଏପରି ବିଚିତ୍ର ଓ ସରୁ ଲୁଗା ବୁଣୁଥିଲେ ଯେ ଇଉରୋପରୁ ଧନୀ ବେପାରୀମାନେ ଆସି ସେ ଲୁଗା କିଣି ନେଉଥିଲେ । ** ପୂର୍ବେ ଆମ୍ଭମାନଙ୍କ ଦେଶର କାରିଗରଙ୍କର ଏପରି ହାତଯଶ ଥିଲା ଯେ ଏହା ଦେଖି ସାହେବମାନେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟ ହେଉଛନ୍ତି । ବାଲେଶ୍ୱରର ଲୋକମାନେ ସୁଲୁପ ବୋଟ ତିଆରି କରନ୍ତି ଓ ବାଲେଶ୍ୱରୀ କେଉଟମାନେ ସେହି ସୁଲୁପମାନଙ୍କୁ ସମୁଦ୍ରରେ ଚଳାନ୍ତି । ** କେବଳ ପଥର କାମରେ ନୁହେଁ; କାଠ କାରିଗରୀରେ ଉତ୍କଳୀୟମାନେ ପୂର୍ବେ ଖୁବ୍ ଉନ୍ନତି କରିଥିଲେ । ** ଉତ୍କଳର ଏହିପରି କେତେ ଗୌରବର ବିଷୟ ଅଛି । ଧନ, ଧର୍ମ, ସାହିତ୍ୟ, ଶିଳ୍ପ ବାଣିଜ୍ୟରେ ଉତ୍କଳୀୟମାନେ ଖୁବ୍ ଉନ୍ନତି କରିଥିଲେ । ଆମ୍ଭେମାନେ ସେହିମାନଙ୍କର ବଂଶଧର । ** ପୂର୍ବପୁରୁଷମାନଙ୍କର କୀର୍ତ୍ତି ସୁମରି, ଚାଲ କାର୍ଯ୍ୟ କ୍ଷେତ୍ରକୁ ବାହାରିବା । ଉତ୍କଳର ଅବସ୍ଥା କିପରି ଦିନକୁ ଦିନ ଉନ୍ନତି ହେବ ଏଥିଲାଗି ଏହି ସମ୍ମିଳନୀ ସଭା ଆରମ୍ଭ ହୋଇଅଛି" ।

କେବଳ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ରିତ କରିଦେଲେ ଓଡ଼ିଆ ଜାତିର ସମସ୍ୟା ସମାଧାନ ହୋଇପାରିବ ନାହିଁ । ସେତେବେଳେ ବିଦେଶୀ ଶାସକମାନେ ଓଡ଼ିଶାର ଶିଳ୍ପ ଓ ଅର୍ଥନୀତିକୁ ଦୋହଲାଇ ଦେଇଥିଲେ । ମଧୁବାବୁ ସବୁବେଳେ କହୁଥିଲେ, ଓଡ଼ିଶାର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ନହେଲେ ତାହାର ଏକତ୍ରୀକରଣ ବା ସ୍ୱତନ୍ତ୍ରତାର କିଛି ମୂଲ୍ୟ ନାହିଁ । ମଧୁବାବୁଙ୍କର ଅର୍ଥନୈତିକ ଚିନ୍ତାଧାରାକୁ ମହାତ୍ମାଗାନ୍ଧୀ ସମର୍ଥନ କରି ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ଅନୁଧ୍ୟାନ କରି କହିଥିଲେ, "ଶତ ଶତ ମାଂସହୀନ ଅସ୍ଥିକଙ୍କାଳସାର ନରନାରୀ ଓ ପୁଅଝିଅଙ୍କୁ ଦେଖି ମୋ ଅବସ୍ଥା କାଇଲି ହୋଇଗଲା । ମୋ ଛାତି ଥରିଲା । ଏଠାରେ ଯେଉଁଭଳି ଅବସ୍ଥା, ଲୋକେ ଯଦି ସ୍ୱରାଜ୍ୟ ପରେ ଏଭଳି ଦୁର୍ଭିକ୍ଷରେ ସଢୁଥିବେ ଓ ଅନାହାରରେ ମରୁଥିବେ, ତେବେ ସ୍ୱରାଜ୍ୟ ହେଉକି ନହେଉ ସେଥିରେ ପ୍ରଭେଦ କଅଣ ? ତାକୁହିଁ ସ୍ୱରାଜ୍ୟ ବୋଲି କହିବା, ଯେଉଁଥିରେ ମଣିଷ ମାତ୍ରେ କେହି ଜଣେ ହେଲେ ତାର ନିଜର ଦୋଷ ନଥାଇ ବା ନିଜ ଇଚ୍ଛା ବିରୁଦ୍ଧରେ ଖାଦ୍ୟ ବସ୍ତ୍ର ବିନା ରହୁନଥିବ" । ଓଡ଼ିଶାର ଆର୍ଥିକ ଅବସ୍ଥାର ପରିବର୍ତ୍ତନ କେବଳ କୃଷି ଓ ଜଳସେଚନ ଦ୍ୱାରା ସମ୍ଭବ ନୁହେଁ । ଶିଳ୍ପର ଦ୍ରୁତ ପ୍ରସାର ନଘଟିଲେ ଓଡ଼ିଶାବାସୀଙ୍କ ଅବସ୍ଥାର ପରିବର୍ତ୍ତନ ଘଟିବ ନାହିଁ ବୋଲି ମଧୁବାବୁ ଚିନ୍ତା କରୁଥିଲେ ।

ଉତ୍କଳ ସମ୍ମିଳନୀ ସଭାର ଆୟୋଜନ ନିମନ୍ତେ ତା୨୪।୧୨।୧୯୦୩ ମସିହାର ଅଷ୍ଟମ ଅଧିବେଶନ ମଧୁବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଦେଶୀୟ ଶିଳ୍ପର ଉନ୍ନତି ଏବଂ ଏହାର ବାର୍ଷିକ ପ୍ରଦର୍ଶନୀ ପାଇଁ ଉକ୍ତ ସଭାର ଷଷ୍ଠ ପ୍ରସ୍ତାବରେ ଗୃହୀତ ହେବା ପରେ ଏହା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମଧ୍ୟ ଗୃହୀତ ହୋଇଥିଲା । ତତ୍‌ପରେ ପ୍ରାୟ ପ୍ରତ୍ୟେକ ସମ୍ମିଳନୀରେ ସ୍ୱଦେଶୀ ଶିଳ୍ପର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଥିବାର

ଉଲ୍ଲେଖ ଅଛି । ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ଓଡ଼ିଶାରେ ଶିଳ୍ପ ଜାଗରଣ ପାଇଁ ମଧୁବାବୁ "ଶିଳ୍ପୋନ୍ନତି ସଭା" ନାମରେ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ । ଏହି ସଭା ମାଧ୍ୟମରେ ଚାଷୀମାନଙ୍କୁ ଘଣା ମୋଟା ଚାଉଳ ପ୍ରସ୍ତୁତ କରିବାର ପ୍ରଣାଳୀ, ଲୁଗା ବୁଣାର ଉନ୍ନତି ସାଧନ ନିମନ୍ତେ ନୂତନ ପ୍ରଣାଳୀ ଓ ଯାନ୍ତ୍ରିକ କୌଶଳ ଶିକ୍ଷା ଦେବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏଥିପୂର୍ବରୁ ୧୮୮୫ ମସିହା ନଭେମ୍ବର ମାସରେ ବଙ୍ଗଳାର ଛୋଟ ଲାଟ୍ ସାର୍ ରିଚାର୍ଡ଼ ଥମ୍ପସନ୍‌ଙ୍କ ଓଡ଼ିଶା ପରିଦର୍ଶନ ସମୟରେ ମଧୁବାବୁ ଉତ୍କଳ ସଭା ତରଫରୁ ଓଡ଼ିଶାରେ ରେଳପଥ ଓ ଶିଳ୍ପର ପ୍ରସାର ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ପୁନର୍ବାର ୧୮୮୮ ମସିହା ନଭେମ୍ବର ମାସ ଷ୍ଟୁଆର୍ଟ କଲଭିନ୍ ବାର୍ଲିଙ୍କ କଟକ ପରିଦର୍ଶନ ସମୟରେ ମଧୁବାବୁ ଉତ୍କଳ ସଭାର ସଭାପତି ରୂପେ ଓଡ଼ିଶାର ଉନ୍ନତି ପାଇଁ ଉପର୍ଯୁକ୍ତ ବିଷୟଗୁଡ଼ିକ ଉପସ୍ଥାପନା କରିଥିଲେ । ୧୮୯୭ ମସିହାରେ ଓଡ଼ିଶାର ହଜାର ହଜାର ସୁଦକ୍ଷ ଓଡ଼ିଆ କାରିଗରମାନଙ୍କର କର୍ମସଂସ୍ଥାନ ପାଇଁ କଟକରେ ଆର୍ଟ ୱେୟାର ନାମକ ଏକ ତାରକସୀ କାରଖାନା ପ୍ରତିଷ୍ଠା କରି ଦେଶ ବିଦେଶରେ ନାମ କମାଇ ଓଡ଼ିଶାର ଗୌରବ ଅର୍ଜନ କରିଥିବାର ଅନେକ ପ୍ରାମାଣିକ ତଥ୍ୟ ମିଳେ ।

ଓଡ଼ିଶାରେ ଶିଳ୍ପର ଅଭିବୃଦ୍ଧି ଘଟିଲେ ଓଡ଼ିଶାର ଦୁଃଖ ଦୂର ହେବ । ସେଥିପାଇଁ ମଧୁବାବୁ ବାରମ୍ବାର ଚିନ୍ତା କରି ଉପାୟ ସ୍ଥିର କରୁଥିଲେ । ଓଡ଼ିଶାରେ ମହଜୁଦ୍ ଥିବା ଖଣିଜ ସମ୍ପଦର ବିନିଯୋଗ ପାଇଁ ଓ ଓଡ଼ିଆ ଛାତ୍ରମାନଙ୍କୁ ଉପଯୁକ୍ତ ବୈଷୟିକ ତାଲିମ ଦେବା ପାଇଁ ସରକାରଙ୍କୁ ଉପଦେଶ ଦେଉଥିଲେ । ତାଙ୍କରି ଉଦ୍ୟମ ଫଳରେ ଓଡ଼ିଶାର ବୀରଜ ମୋହନ ସେନାପତି, ଲକ୍ଷ୍ମୀନାରାୟଣ ସାହୁ ଓ ସାରଙ୍ଗଧର ଦାସ ଦେଶ ବିଦେଶରୁ ଉଚ୍ଚତର ବୈଷୟିକ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ । ନିଜେ ଅର୍ଥ ବିନିଯୋଗ କରି ୧୯୦୫ ମସିହାରେ କଟକଠାରେ 'ଉତ୍କଳ ଟ୍ୟାନେରୀ' ନାମରେ ଏକ ଉତ୍କୃଷ୍ଟ ଚମଡ଼ା କାରଖାନା ପ୍ରତିଷ୍ଠା କରିଥିଲେ । ଓଡ଼ିଶାରୁ ଯେଉଁ ଚମଡ଼ା ବିଦେଶକୁ ରପ୍ତାନୀ ହୋଇଥାଏ ସେହି ଚମଡ଼ାରେ ଇଂଲଣ୍ଡରେ ବିଭିନ୍ନ ପଦାର୍ଥ ପ୍ରସ୍ତୁତ ହୋଇ ଭାରତ ତଥା ଓଡ଼ିଶା ବଜାରରେ ବିକ୍ରୀ ପାଇଁ ସେ ସବୁ ପୁଣି ଆମଦାନୀ ହୋଇଥାଏ । ଏହି ଚମଡ଼ାକୁ କଞ୍ଚାମାଲ ରୂପେ ରପ୍ତାନୀ କରିବା ପରିବର୍ତ୍ତେ କାରଖାନା ବସାଇ ସେଥିରୁ ବିଭିନ୍ନ ଜିନିଷ ପ୍ରସ୍ତୁତ କରି ସେ ସବୁ ବିଦେଶକୁ ରପ୍ତାନୀ କରିବା ମଧୁବାବୁଙ୍କର ପରିକଳ୍ପନା ଥିବାରୁ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଏ ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ତତ୍‌ପରେ ମଧୁବାବୁ କଟକଠାରେ ଛତିଶ ଏକର ପରିମିତ ଜମିରେ ଚମଡ଼ା କାରଖାନା ପ୍ରତିଷ୍ଠା କରି ବହୁ ଉତ୍କୃଷ୍ଟ ଧରଣର ଚମଡ଼ାଜାତ ଦ୍ରବ୍ୟ ପ୍ରସ୍ତୁତ କରି ଦେଶ ବିଦେଶରେ ବହୁ ଗୌରବର ଅଧିକାରୀ ହୋଇଥିଲେ । ୧୯୦୮ ମସିହାରେ ବଙ୍ଗଳା ସରକାରଙ୍କ ତରଫରୁ ବେଙ୍ଗଲ ପ୍ରେସିଡେନ୍ସି ରେ କଳକାରଖାନା ସମ୍ପର୍କରେ ଯେଉଁ ସର୍ଭେ କରାଯାଇଥିଲା, ସେଥିରେ ପଚାଶ କିମ୍ବା ତଦୁର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତି ଥିବା ମାତ୍ର ତିନୋଟି କାରଖାନା ଥିବାର ଉଲ୍ଲେଖ ଥିଲା । କଟକର ଉତ୍କଳ ଟ୍ୟାନେରୀ ସେଥିମଧ୍ୟରୁ ଥିଲା ଅନ୍ୟତମ । ଉକ୍ତ କାରଖାନାରେ ପ୍ରଥମେ ଏକଶହ ପଚାଶ ଜଣ କର୍ମଚାରୀ ନିଯୁକ୍ତ ହୋଇଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମଧୁବାବୁଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଯେଉଁ ସି.ଆଇ.ଇ (C.I.E.- Companion of Indian Expire) ଉପାଧିରେ ଭୂଷିତ କରାଯାଇଥିଲା, ସେ ସମ୍ବନ୍ଧରେ ୧୯୦୪ ମସିହା ଜାନୁଆରୀ ମାସ ୯ ତାରିଖ "ଉତ୍କଳ ଦୀପିକା"ରେ ନିମ୍ନମତେ ଉଲ୍ଲେଖ ଅଛି ଯେ, "** ଓଡ଼ିଶାର ଶ୍ରମଜୀବୀଙ୍କ ହିତାର୍ଥେ ସେ ଗତ କେତେ ବର୍ଷରୁ ବହୁ ବ୍ୟୟ ଓ ଶ୍ରମ ସ୍ୱୀକାର ପୂର୍ବକ ଓଡ଼ିଶା ଶିଳ୍ପଶାଳା ନାମରେ ଯେଉଁ କାରଖାନା ଫିଟାଇ ଅଛନ୍ତି ତାହା କାହାରିକୁ ଅବିଦିତ ନାହିଁ । ଭୂତପୂର୍ବ ଛୋଟ ଲାଟ ସ୍ୱର୍ଗୀୟ ଉଡ୍‌ବର୍ଣ୍ଣ ବାହାଦୂର ସେହି କାରଖାନା ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ବଡ଼ଲାଟ୍‌ଙ୍କୁ ଜଣାଇବେ ବୋଲି କହିଥିଲେ । ଗରିବ ଶ୍ରମଜୀବୀଙ୍କ ହିତ ସାଧନ ଏବଂ ଓଡ଼ିଶା ଉନ୍ନତିର କାରଣ ଦାସ ମହାଶୟଙ୍କର ଏ ପ୍ରକାର ଅନୁରାଗ ଓ ଯତ୍ନ ଦେଖି ଗଭର୍ଣ୍ଣମେଣ୍ଟ ତାହାଙ୍କୁ ଏ ଉଚ୍ଚ ସମ୍ମାନ ପ୍ରଦାନ କରିଅଛନ୍ତି ଏବଂ ସାମାନ୍ୟ ଶ୍ରେଣୀରେ ଶ୍ରମଜୀବୀଙ୍କ ଦୁଃଖରେ ସହାନୁଭୂତି ଦେଖାଇ ସେମାନଙ୍କ ମଙ୍ଗଳ କାର୍ଯ୍ୟରେ ରତ ହୁଅନ୍ତି ସେମାନେ ଗଭର୍ଣ୍ଣମେଣ୍ଟଙ୍କର କେଡେ ପ୍ରିୟପାତ୍ର ତାହା ଦେଖାଇ ଅଛନ୍ତି ।" ପୁନଶ୍ଚ ଜାତିର ଜନକ ମହାତ୍ମାଗାନ୍ଧୀ ୧୯୨୫ ମସିହା ଅଗଷ୍ଟ ମାସ ମଧୁବାବୁଙ୍କୁ ଏକ ଚିଠି ଲେଖି କଟକ "ଉତ୍କଳ ଟ୍ୟାନେରୀ" ପରିଦର୍ଶନ କରି ଏହାର ବହୁ ପ୍ରଶଂସା କରିଥିଲେ । ଉକ୍ତ ଚିଠିରେ ମହାତ୍ମାଗାନ୍ଧୀ ଓଡ଼ିଶାର ଖଦଡ଼ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ଆର୍ଥିକ ଉନ୍ନତିର ବିକାଶ ପାଇଁ ମଧୁବାବୁଙ୍କୁ ଲେଖିଥିଲେ " ** teach me how to spread the message of the spinning wheel in Utkal. Though the Congress has spent money like water there, it has made very little headway in Utkal. I have not, however, despaired" ପୁନର୍ବାର ୧୯୩୮ ମସିହାରେ ମହାତ୍ମାଗାନ୍ଧୀ ଡେଲାଙ୍ଗଠାରେ ଗାନ୍ଧୀ-ସେବା ସଂଘର ଖଦୀ ଓ କୁଟୀର ଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସମୟରେ ମଧୁବାବୁ ଅତୀତରେ ଗାନ୍ଧିଜୀଙ୍କୁ ଶିଳ୍ପ ସମ୍ବନ୍ଧରେ ଦେଇଥିବା ଉପଦେଶର ଭୂୟସୀ ପ୍ରଶଂସା କରିଥିଲେ ।

ଓଡ଼ିଆ ଜାତି ପ୍ରତି ମଧୁବାବୁଙ୍କର ସ୍ନେହ ମମତା କେତେ ନିବିଡ଼ ଥିଲା, ତାହାର ପ୍ରମାଣ ଓଡ଼ିଶାର ଅନ୍ୟତମ ବରପୁତ୍ର ଦେଶପ୍ରାଣ ପଣ୍ଡିତ ଗୋପବନ୍ଧୁଙ୍କୁ ଲେଖିଥିବା ଏକ ସଂକ୍ଷିପ୍ତ ଚିଠିରୁ ମିଳେ । ଓଡ଼ିଆ ଜାତିର ମୁକ୍ତି ଓ ଉନ୍ନତି ପାଇଁ ଉଭୟଙ୍କ ମଧ୍ୟରେ କାର୍ଯ୍ୟ ପନ୍ଥା ନେଇ ପ୍ରଭେଦ ଆସି ଯାଇଥିଲେ ସୁଦ୍ଧା ପ୍ରାଣ ଦୁହିଁଙ୍କର ଏକ ହୋଇ ଜଡ଼ିତ ଥିଲା । ଓଡ଼ିଶାର ଆର୍ଥିକ ଜୀବନର ଉନ୍ନତି ପାଇଁ ମଧୁବାବୁ କିପରି ବ୍ୟାକୁଳ ଥିଲେ ଓ ନିଜର ତ୍ରୁଟି କିପରି ସରଳ ଭାବରେ ନିଜର ମହାନ ଗୁଣରେ ସ୍ୱୀକାର କରି ପ୍ରତିକାର ଉପାସନା କରିଥିଲେ, ତାହାର ଓଡ଼ିଆ ଅନୁବାଦ ନିମ୍ନଲିଖିତ ମତେ ପାଠ କରାଯାଇପାରେ ।

" ମୋର ପ୍ରିୟ ଗୋପବନ୍ଧୁ,

ଓଡ଼ିଶାର ଆର୍ଥିକ ଅବସ୍ଥା ବିଷୟରେ ମୁଁ କେତେ ଲେଖା ଏଥି ସଂଗେ ଯୋଡ଼ି ପଠାଉଛି । ଏ ସବୁ ଯେଉଁଭଳି ସଦ୍ ବ୍ୟବହାର ହୋଇପାରେ ତାର ସ୍ୱଚ୍ଛନ୍ଦ ବ୍ୟବହାର କରିପାର । ଲୋକଙ୍କର ଅର୍ଥର ଭାରକେନ୍ଦ୍ର ବଦଳାଇବା ପାଇଁ ଲୋକଙ୍କୁ ବଦଳାଇବା ହେଉଛି ବଡ଼ କାର୍ଯ୍ୟ ।

ମୁଁ ତୁମର ସ୍ୱାସ୍ଥ୍ୟ ପାଇଁ ବଡ଼ ବ୍ୟାକୁଳ । ମୁଁ ହତାଶ ହୋଇ ପଡ଼ିଲିଣି । ଯେକୌଣସି ଦିନ ସଂସାରରୁ ବିଦାୟ ନେଇ ଚାଲି ଯାଇପାରେ । ତୁମେ ଏକମାତ୍ର ଲୋକ ଯାହାଙ୍କୁ କି ମୋର ମୃତ୍ୟୁ ଶଯ୍ୟା ପାଖେ ଧରି ଭଗବତ ପ୍ରାର୍ଥନା କରିବାକୁ କାମନା କରୁଛି । ତୁମ ସ୍ୱାସ୍ଥ୍ୟର ଯତ୍ନ ନିଅ ।

ଓଡ଼ିଶା ବଡ଼ ହତଭାଗ୍ୟ । ଯଦି ଆଶୁତୋଷ ବଞ୍ଚିଥାନ୍ତେ ତେବେ ସେ ଟ୍ୟାନେରୀକୁ ଏକ ଅଭିନବ ବସ୍ତୁ କରିଥାନ୍ତେ । ବ୍ୟକ୍ତିଗତ ଭାବରେ ମୋଠାରେ ତାଙ୍କର ସ୍ନେହ ଥିଲା । ତାଙ୍କର ମୃତ୍ୟୁରେ ମୁଁ ଭାଇଠାରୁ ବଳି ଅଧିକ ଜଣଙ୍କୁ ହରାଇଛି ।

ମୁଁ ଏକା ଏକା ଦେଶର ସାଧାରଣ ଜୀବନ ଆରମ୍ଭ କରିଥିଲି ଏବଂ ମୁଁ ଯେ ଭୁଲ୍ କରିଛି ଏହା ସ୍ୱାଭାବିକ । କିନ୍ତୁ ମୋର ଆଶା, ତୁମେ ବିଶ୍ୱାସ କରିଥିବ ଯେ ଦେଶର ସ୍ୱାର୍ଥ ଛଡ଼ା ଅନ୍ୟ କିଛି ମୋ ଭାବନାର ନିୟାମକ ନଥିଲା ।

' ତୁମର ସେହି ସବୁଦିନର

ଏମ୍.ଏସ୍.ଦାସ ।"

ମଧୁବାବୁ ଥିଲେ ଉତ୍କଳ ମାତାର ଏକମାତ୍ର ଯୋଗ୍ୟ ସନ୍ତାନ ଯେକି ତାର ଐକ୍ୟ ବିଧାନ କରିବା ସହିତ ପ୍ରାକୃତିକ ଉତ୍କଳର କଞ୍ଚାମାଲ ଉପଯୋଗରେ ଦେଶକୁ ଶିଳ୍ପ ସମୃଦ୍ଧ କରି ଦାରିଦ୍ର୍ୟ ଦୂର କରିବା ପାଇଁ ବୃଦ୍ଧ ବୟସରେ ଲାଗିପଡ଼ିଥିଲେ । ସେ ସମୟରେ ଆଜିକାଲି ପରି ଓଡ଼ିଶାରେ କୌଣସି ଶିଳ୍ପାନୁଷ୍ଠାନ ନଥିଲା । ତେଣୁ ଲକ୍ଷ ଲକ୍ଷ ଓଡ଼ିଆ ଯାଇ କଲିକତା ଓ ନାଗପୁର ଆଦି ଶିଳ୍ପାଞ୍ଚଳରେ ଶ୍ରମିକଭାବେ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରୁଥିଲେ । ନିଜ ଦେଶର ଲୋକେ ଯାଇ ବିଦେଶରେ କୁଲି କାମ କରି ପେଟ ପୋଷିବେ, ଏ କଥା ମଧୁବାବୁଙ୍କ ହୃଦୟରେ ଦାରୁଣ ଆଘାତ ଦେଉଥିଲା । ସେଥିପାଇଁ ସେ କେବଳ ନିଜ ଅର୍ଥ ବ୍ୟୟରେ ଓଡ଼ିଶାରେ ଆର୍ଟ ୱେୟାର ଓ ଉତ୍କଳ ଟ୍ୟାନେରୀ– ଦୁଇଟି କାରଖାନା ପ୍ରତିଷ୍ଠା କରି ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହରାଇ ବସିଲେ, ଏହା ବ୍ୟତୀତ କଲିକତା ଓ ଜାମସେଦପୁରରେ କାର୍ଯ୍ୟରତ ଥିବା ଓଡ଼ିଆ ଶ୍ରମିକମାନଙ୍କର ସଂଗଠନ ନିମନ୍ତେ ନିଜ ତରଫରୁ ଅର୍ଥ ବ୍ୟୟ କରି ଅକ୍ଳାନ୍ତ ପରିଶ୍ରମ ମଧ୍ୟ କରିଥିଲେ । ତାଙ୍କର ସମସ୍ତ ଦୃଷ୍ଟି ଥିଲା ସିଂହଭୂମି ଜିଲ୍ଲା ଉପରେ । ଏହା ନବଗଠିତ ଓଡ଼ିଶା ପ୍ରଦେଶରେ ମିଶି ପାରିଲେ ଟାଟା କମ୍ପାନୀ ପରି ଏକ ଆଧୁନିକ ଓ ଉନ୍ନତ ଇସ୍ପାତ କାରଖାନା ଏହାର ଅନ୍ତର୍ଭୁକ୍ତ ହେବ । ଫଳରେ ଅଧିକ ଓଡ଼ିଆ ଶ୍ରମିକ କର୍ମନିଯୁକ୍ତି ପାଇ ପାରିବେ । ସେଥିପାଇଁ ପ୍ରାରମ୍ଭରୁ ଜାମସେଦପୁର ଗସ୍ତ କରି ଓଡ଼ିଆ ଶ୍ରମିକମାନଙ୍କୁ ସଂଗଠିତ କରିବାରେ ମଧୁବାବୁ ଯେଉଁ ଶ୍ରମ ସ୍ୱୀକାର କରିଥିଲେ, ସେପରି ସଂଗଠନ ଅନ୍ୟ କେଉଁ ଅଞ୍ଚଳରେ କରି ନଥିଲେ ।

ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ଅଟ୍‌ଲି କମିଶନ ସୁପାରିଶ୍ କରିବା ପରେ ଏହାର ସୀମା ନିର୍ଦ୍ଧାରଣ ପାଇଁ ସରକାର ୧୯୩୧ ମସିହାରେ ସାର୍ ସାମୁଏଲ ଓଡନେଲଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ । ଏହି କମିଟି ଓଡ଼ିଶା ତଥା ତାହାର ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ଏହାର ତଦନ୍ତ କରିଥିଲେ । ଏହି ଅବସରରେ ଉପଯୁକ୍ତ ଚିନ୍ତାଧାରାକୁ ଭିତ୍ତି କରି ମଧୁବାବୁ ଓଡ଼ିଆ ଶ୍ରମିକମାନଙ୍କୁ ସଂଗଠନ କରିବା ଲକ୍ଷ୍ୟରେ ବାରମ୍ବାର ଜାମ୍‌ସେଦପୁର ଯାଇ ଟାଟା କମ୍ପାନୀ ଓ ସେଠାରେ ସ୍ଥାପିତ ହୋଇଥିବା ଅନ୍ୟାନ୍ୟ ନିର୍ଭରଶୀଳ ସହଯୋଗୀ କାରଖାନା ଯଥା– ଭାରତୀୟ ତାର ପ୍ରସ୍ତୁତ କମ୍ପାନୀ, ଭାରତୀୟ କେବୁଲ କମ୍ପାନୀ, ରାମଦାସ ତେଲ କଳ, ରେଳବାଇ ୱାର୍କସପ୍ ଓ ସୋନାରି କୁଲି ବସ୍ତିର ଓଡ଼ିଆ ଶ୍ରମିକମାନଙ୍କ ସହିତ ଆଲୋଚନା କରି ସଭାସମିତି ମାଧ୍ୟମରେ ସେଠାରେ ଓଡ଼ିଆମାନଙ୍କୁ ସଂଗଠିତ କରିଥିଲେ । ଉକ୍ତ କାର୍ଯ୍ୟରେ ସହାୟତା ପାଇଁ ଜାମସେଦ୍‌ପୁରସ୍ଥିତ ଯେଉଁ ଓଡ଼ିଆ ବନ୍ଧୁମାନଙ୍କୁ ମଧୁବାବୁ ଚିଠି ଲେଖୁଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଟାଟା କମ୍ପାନୀ ଜେନେରାଲ ମ୍ୟାନେଜରଙ୍କ ଅଫିସ କର୍ମଚାରୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଦିଗମ୍ବର ଚାନ୍ଦ, ପରମାନନ୍ଦ ମହାପାତ୍ର, ମୌଲବୀ ସଇଦ୍ ହେମାୟୁଦ୍ଦିନ ଅହମ୍ମଦ ଓ ବାବୁ ବଳଭଦ୍ର ନାୟକ । ଏମାନଙ୍କ ବ୍ୟତୀତ ଜାମସେଦ୍‌ପୁରର ଖ୍ୟାତନାମା ଓକିଲ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ଓ ବାବୁ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଟାଟା କମ୍ପାନୀର ଜେନେରାଲ ମ୍ୟାନେଜର ଓ ପରିଚାଳନା ନିର୍ଦ୍ଦେଶକ ଆଦି ଉଚ୍ଚପଦସ୍ଥ ଅଫିସରମାନଙ୍କୁ ସାକ୍ଷାତ କରିବା ସମୟରେ ସାହାଯ୍ୟ କରିବାର ପ୍ରତିଶ୍ରୁତି ପାଇ ସେମାନଙ୍କ ନିକଟକୁ ମଧୁବାବୁ ଠିକ୍ ସମୟରେ ଚିଠି ଲେଖୁଥିଲେ । ସେଠାକାର ଶ୍ରମିକମାନଙ୍କୁ ସଂଗଠିତ କରିବା ଓ ଓଡ଼ିଆମାନଙ୍କର ଦାବିକୁ ସୀମା କମିଶନରଙ୍କ ନିକଟରେ ଯଥାର୍ଥ ଭାବେ ଉପସ୍ଥାପନ କରିବାର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କରି ଓଡ଼ିଶାର ଅନ୍ୟାନ୍ୟ ବିଚ୍ଛିନ୍ନାଞ୍ଚଳର ସଂଗଠନ ପାଇଁ ସମୟ ଦେଇ ପାରୁନଥିବାରୁ ମଧୁବାବୁ ଦୁଃଖ ପ୍ରକାଶ କରୁଥିଲେ । ଟାଟା କମ୍ପାନୀର ଜେନେରାଲ ମ୍ୟାନେଜର ଓ ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଓଡ଼ିଆ ଶ୍ରମିକମାନଙ୍କର ସଂଗଠନ ନିମନ୍ତେ ବାରମ୍ବାର ଆଲୋଚନା କରି ତାଙ୍କର ନିଃସ୍ୱାର୍ଥପର ସମାଜ ସେବା ଓ ସ୍ୱଦେଶପ୍ରୀତି ପାଇଁ ସେମାନଙ୍କର ଅତିଥି ହୋଇପାରିଥିଲେ । ମଧୁବାବୁଙ୍କୁ ଏ ଦିଗରେ ସାହାଯ୍ୟ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ତଦନୁଯାୟୀ ମଧୁବାବୁ ଟାଟା କମ୍ପାନୀର କିନନସାହେବଙ୍କୁ ଓଡ଼ିଆମାନଙ୍କର ଦାବି ଓ ଶ୍ରମିକ ସଂଗଠନ ବିଷୟରେ ୧୯୩୧ ମସିହା ଅକ୍ଟୋବର ଓ ନଭେମ୍ବର ମାସରେ ଦୁଇଟି ଚିଠି ଲେଖିଥିବାର ପ୍ରମାଣ ମିଳେ । ସିଂହଭୂମି ଜିଲ୍ଲାର ଜାମସେଦପୁର ଭାରତର ଏକ ବୃହତ୍ତମ ଶିଳ୍ପସଂସ୍ଥା ହୋଇଥିବାରୁ ଉକ୍ତ ପରିପ୍ରେକ୍ଷୀରେ ସୀମା କମିଶନର ତାଙ୍କ

ମଧୁବାବୁ ଉଲ୍ଲେଖ କମ୍ପାନୀର ମତାମତକୁ ପ୍ରାଧାନ୍ୟ ଦେବେ ବୋଲି ମଧୁବାବୁ ଉଲ୍ଲେଖ କରିଥିଲେ । ତେଣୁ ଟାଟା କମ୍ପାନୀର ଉନ୍ନତି ପାଇଁ ବିଶ୍ୱସ୍ତ ଓ ନିଷ୍ଠାପର ଓଡ଼ିଆ ଶ୍ରମିକମାନଙ୍କ ପ୍ରତି ଧ୍ୟାନ ଦେବା ମିଷ୍ଟର କିନନ୍‌ଙ୍କର ତଥା କମ୍ପାନୀର କର୍ତ୍ତବ୍ୟ । କମିଶନର ସ୍ଥିର କରିବେ ଯେ ସିଂହଭୂମି ବିହାରକୁ ଦିଆଯିବ କିମ୍ବା ନବଗଠିତ ହେବାକୁ ଥିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଛାଡ଼ି ଦିଆଯିବ । ଓଡ଼ିଶା ସପକ୍ଷରେ ଉଚିତ ବିଚାର କରି ମତ ଦେବା ପାଇଁ ମଧୁବାବୁ କମ୍ପାନୀକୁ କେତେକ ଅକାଟ୍ୟ ପ୍ରମାଣ ପ୍ରଦାନ କରିଥିଲେ । ମଧୁବାବୁ ନିଜକୁ ଜଣେ ଶିଳ୍ପ ବିଶେଷଜ୍ଞ ରୂପେ ପରିଚୟ ଦେଇ କମ୍ପାନୀକୁ ଓଡ଼ିଆମାନେ କିପରି ସାହାଯ୍ୟ କରିପାରିବେ ସେ ବାହାର ଦୃଷ୍ଟାନ୍ତ ଦେଇଥିଲେ । ଓଡ଼ିଆ ଶ୍ରମିକମାନେ ବିହାରୀ ଓ ବଙ୍ଗାଳିମାନଙ୍କ ପରି ଆନ୍ଦୋଳନକାରୀ ନୁହନ୍ତି ଓ ସେମାନଙ୍କ ଉପରେ ମଧୁବାବୁଙ୍କର କର୍ତ୍ତୃତ୍ୱ ଥିବା କଥା ଉଲ୍ଲେଖ କରିଥିଲେ । ଓଡ଼ିଶାର ଦକ୍ଷ ଶ୍ରମିକମାନେ ଅନ୍ୟାନ୍ୟ ପ୍ରଦେଶରେ ବହୁ ଦୂରରେ ଯାଇ କାମ କରିବା ଅପେକ୍ଷା ପଡ଼ୋଶୀ ଟାଟା କମ୍ପାନୀରେ କାମ କରିବା ପାଇଁ ସେଠାରେ ଏକ ଓଡ଼ିଆ ବସ୍ତି ଏବଂ ସେମାନଙ୍କର ପିଲାମାନଙ୍କୁ ଶିକ୍ଷା ଦେବାପାଇଁ ଏକ ଓଡ଼ିଆ ସ୍କୁଲ ଓ ଶ୍ରମିକମାନଙ୍କ ପାଇଁ ଏକ ନୈଶ୍ୟ ବିଦ୍ୟାଳୟ ସ୍ଥାପନ କରିବା ମଧୁବାବୁଙ୍କର ପ୍ରବଳ ଇଚ୍ଛା ଥିବା କଥା ମିଷ୍ଟର କିନନ୍‌ଙ୍କୁ ଜଣାଇଥିଲେ । ଯଦି ତାଙ୍କ ପ୍ରସ୍ତାବରେ ରାଜି ହୋଇ ଓଡ଼ିଆମାନଙ୍କ ଦାବି ପ୍ରତି ସମର୍ଥନ ଥାଏ ତାହାହେଲେ ସୀମା କମିଶନରଙ୍କ ନିକଟରେ ସାକ୍ଷ୍ୟ ଦେବା ପାଇଁ ମଧୁବାବୁ ତାଙ୍କ (କିନନଙ୍କ) ନାମ ପ୍ରସ୍ତାବ କରିବା କଥା ଉଲ୍ଲେଖ ଅଛି । ତତ୍ ସଂଗେ ସଂଗେ ଓଡ଼ିଆମାନଙ୍କ ଦାବି ଉପସ୍ଥାପନ କରିବା ନିମନ୍ତେ ଟାଟା କମ୍ପାନୀ ଓ ସେଠାରେ ଥିବା ଅନ୍ୟାନ୍ୟ କଳକାରଖାନାରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକମାନଙ୍କର ପ୍ରାମାଣିକ ତଥ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପୂର୍ବରୁ ଯୋଗାଇଥିବା ତଥ୍ୟରୁ କମ୍ପାନୀରେ କାର୍ଯ୍ୟ କରୁଥିବା ଓଡ଼ିଆ ଅମଲାମାନେ ବାଦ୍ ପଡ଼ିଯାଇଥିବାରୁ ପୁନର୍ବାର ସେମାନଙ୍କୁ ମିଶାଇ ସଠିକ୍ ବିବରଣୀ ଦେବାକୁ ଉଲ୍ଲେଖ କରିଥିଲେ । ଜାମସେଦ୍‌ପୁରରେ ଓଡ଼ିଆ ଶ୍ରମିକମାନଙ୍କର ସଂଗଠନ ଓ ଜାଗରଣ ପାଇଁ ମଧୁବାବୁ ନିଜ ନାମରେ ହଜାର ହଜାର ପ୍ରଚାରପତ୍ର ଛାପି ସେଗୁଡ଼ିକୁ ଶ୍ରମିକମାନଙ୍କ ମଧ୍ୟରେ କାରଖାନା ସମୟରେ ବଣ୍ଟନ କରିବା ପାଇଁ ସେ ମିଷ୍ଟର କିନନ୍‌ଙ୍କୁ ଅନୁରୋଧ କରିଥିଲେ । ଟାଟା କମ୍ପାନୀ ବ୍ୟତୀତ ଅନ୍ୟାନ୍ୟ କାରଖାନାର ଓଡ଼ିଆ କର୍ମଚାରୀମାନଙ୍କ ମଧ୍ୟରେ ଏହାର ବଣ୍ଟନ ପାଇଁ ଖର୍ଚ୍ଚ ବାବଦକୁ ପଚାଶ ଟଙ୍କା ମଧ ପଠାଇଥିଲେ । ରବିବାରରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରିବା, ସେ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ଓ ସେଠାରେ କିଛି ଦିନ ଅବସ୍ଥାନ କରିବାର ବ୍ୟବସ୍ଥା କରିବା ପାଇଁ ମଧୁବାବୁ ଚିଠିରେ ଉଲ୍ଲେଖ କରିଥିଲେ ।

ସେହିପରି କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କୁ ତା ୩୧.୧୦.୧୯୩୧ ମସିହାରେ ଲେଖିଥିବା ଏକ ଚିଠିରୁ ଜଣାଯାଏ ଯେ ସେ ଓଡ଼ିଆ ଶ୍ରମିକମାନଙ୍କର ସଂଗଠନ ତଥା ଓଡ଼ିଆମାନଙ୍କର ବିଭିନ୍ନ ସମସ୍ୟା ନେଇ ତାଙ୍କ ସହିତ ଜାମସେଦ୍‌ପୁରରେ ବାରମ୍ବାର ଆଲୋଚନା କରିଥିଲେ ଓ କମ୍ପାନୀ ପରିଦର୍ଶନ ସମୟରେ ତାଙ୍କୁ ରାଜକୀୟ ସମ୍ମାନ ଦେଇ ଉତ୍କଳୀୟମାନଙ୍କୁ ସାହାଯ୍ୟ କରିବା ପାଇଁ ସଦୟ ପ୍ରତିଶ୍ରୁତି ଦେଇ ଥିବାରୁ ମଧୁବାବୁ କୃତଜ୍ଞତା ଜଣାଇଥିଲେ । କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ରିପୋର୍ଟ ମୁତାବକ ସେଠାରେ କେତେକ ଓଡ଼ିଆ ମୁସଲମାନ ଶ୍ରମିକ ଗଣ୍ଡଗୋଳ ସୃଷ୍ଟି କରୁଥିବାରୁ ତାହାର ସମାଧାନ ପାଇଁ ମଧୁବାବୁ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେ ଆଶା କରୁଥିଲେ ତାଙ୍କ ଦ୍ୱାରା ମୁଦ୍ରିତ ପ୍ରଚାରପତ୍ରଗୁଡ଼ିକ ଶ୍ରମିକମାନଙ୍କ ମଧ୍ୟରେ ବିତରଣ ହୋଇଗଲେ ତାହାର ସମାଧାନ ହୋଇଯିବ ।

ଜାମସେଦ୍‌ପୁରସ୍ଥିତ ଓଡ଼ିଆ ଶ୍ରମିକମାନଙ୍କୁ ଆହ୍ୱାନ କରି, ଲକ୍ଷ୍ମୀନାରାୟଣ ପ୍ରେସ, କଟକରୁ ଯେଉଁ ପ୍ରଚାର ପତ୍ର ଛାପିଥିଲେ ସେଗୁଡ଼ିକର ବିତରଣ ପାଇଁ ପ୍ରତ୍ୟକ୍ଷ ଭାବେ ଯେଉଁ ଓଡ଼ିଆମାନଙ୍କ ଉପରେ ଦାୟିତ୍ୱ ଦେଇଥିଲେ, ସେମାନଙ୍କ ମଧ୍ୟରେ ମଧୁବାବୁଙ୍କର ପୁରାତନ ଓକିଲ ବନ୍ଧୁ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ପୁରାତନ ବନ୍ଧୁ ପ୍ରମୋଦ ଚନ୍ଦ୍ର ମହାପାତ୍ରଙ୍କ ବ୍ୟତୀତ କମ୍ପାନୀର କର୍ମଚାରୀ ଗୌରାଙ୍ଗ ଚରଣ ମହାନ୍ତି ପ୍ରଭୃତି ମୁଖ୍ୟ ବ୍ୟବସ୍ଥାପକ ଥିଲେ । ଉକ୍ତ ପ୍ରଚାର ପତ୍ରରେ ପ୍ରତ୍ୟେକ ଓଡ଼ିଆ ଶ୍ରମିକଙ୍କୁ ଅନୁପ୍ରାଣିତ କରିବା ପାଇଁ ମଧୁବାବୁଙ୍କ ଚିନ୍ତାଧାରା ସେଥିରେ ପ୍ରତିଫଳିତ ହୋଇଥିଲା । ତେଣୁ ସେଗୁଡ଼ିକ ପ୍ରତ୍ୟେକ ଓଡ଼ିଆଙ୍କର ହସ୍ତଗତ ହେବାପାଇଁ ଅନୁରୋଧ କରିଥିଲେ ।

ଅନ୍ୟପକ୍ଷରେ ମଧୁବାବୁ ଜାମ୍‌ସେଦପୁରରେ ଶ୍ରମିକମାନଙ୍କର ସମସ୍ୟା ସମ୍ପର୍କରେ ସଚେତନ ଥିଲେ । ସେ ସେଠାରେ ଶ୍ରମିକମାନଙ୍କର ଉନ୍ନତି ନିମନ୍ତେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ସହିତ ଜାମ୍‌ସେଦପୁରରେ ପ୍ରତ୍ୟକ୍ଷ ଆଲୋଚନା କରୁଥିବାର ସମ୍ୟକ ସୂଚନା ନିମ୍ନ ଲିଖିତ ଚିଠିରୁ ପ୍ରମାଣ ମିଳେ । ୧୯୨୯ ମସିହା ଫେବୃୟାରୀ ମାସ ୨୭ ତାରିଖରେ ମଧୁବାବୁଙ୍କୁ ଭାଗୀରଥି ନାମକ ଜଣେ ଶ୍ରମିକ ଜାମସେଦ୍‌ପୁରରୁ ଲେଖିଥିବା ଏକ ଚିଠି ନିମ୍ନରେ ଉଦ୍ଧାର କରାଗଲା

ଜାମସେଦପୁର

୨୭.୨.୧୯୨୯

"ଶ୍ରୀଳ ଶ୍ରୀଯୁକ୍ତ ଦାଶ ମହୋଦୟଙ୍କ ଚରଣ କମଳେଷୁ,

ମାନ୍ୟବର ମହାଶୟ,

ଗତବାର ଆପଣ ଯେତେବେଳେ ଶ୍ରୀଯୁକ୍ତ ସୁଭାଷ ବାବୁଙ୍କ ସହିତ ଜାମ୍‌ସେଦପୁରରେ ଅବସ୍ଥାନ କରୁଥିଲେ, ବୋଧହୁଏ, ମନେକରି ପାରନ୍ତି, ସେହି ସମୟରେ ସ୍ୱତଃପ୍ରବୃତ୍ତ ମୋର ଅବସ୍ଥା ଦୃଷ୍ଟିଗୋଚର କରି ହେଉ, ନଚେତ ଆପଣଙ୍କର ଅଯାଚିତ ଶ୍ରଦ୍ଧା ଓ ବାତ୍ସଲ୍ୟ ପ୍ରେମରେ ହେଉ ଆପଣଙ୍କର Personal Clerk ବା ଅନ୍ୟ କୌଣସି ଭାବେ ମୋତେ କର୍ମ ଦେବାର ଇଚ୍ଛା ପ୍ରକାଶ କରୁଥିଲେ । ବର୍ତ୍ତମାନ ଆପଣଙ୍କର କରୁଣା ଭିକ୍ଷା ନିତାନ୍ତ ଆବଶ୍ୟକ ମନେକରି ଏପତ୍ର ଲେଖିବାର ସାହସ ମନେ କରିଅଛି । ଧୃଷ୍ଟତା କ୍ଷମା କରିବେ ।

ଲେବର ଏସୋସିଏସନ ବର୍ତ୍ତମାନ ଶେଷ ସୋପାନ ଅବତରଣ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ହୋମିର ପ୍ରବଞ୍ଚନାପୂର୍ଣ୍ଣ ବାକ୍ୟେ ସମସ୍ତ ମଜୁରି ଦଳ, ବିଶେଷତଃ ଅନଭିଜ୍ଞ ଲୋକ ହୋମିର ସ୍ୱାର୍ଥ ସିଦ୍ଧି ସକାଶେ ଅଲୌକିକ ଓ ଅହିତ କର୍ମରେ ଯୋଗ ଦେଇସାରିଲେଣି । ଦିନେ ଲେବର ଅଫିସ ଲୁଟ ପର୍ଯ୍ୟନ୍ତ ହୋଇସାରିଲେଣି । ଗଭର୍ଣ୍ଣମେଣ୍ଟ ବାହାଦୂର ନିଜେ କମ୍ପାନୀ ପରେ ଯୋର ଦେଲେଣି ଯେ କମ୍ପାନୀ ହୋମି ସାହେବଙ୍କ ଗଠିତ Federation ମଞ୍ଜୁର କରିବା ଦରକାର, ଯେହେତୁ ସହରରେ ସ୍ଥାନେ ଅଶାନ୍ତିର ଆବିର୍ଭାବ ହେଲେଣି– ପ୍ରକୃତ ହୋମି ସାହେବର ଅନୁଚରମାନେ ଲେବର ଅଫିସ ଲୁଟପାଟ ପରେ କାରଖାନାରେ ସୁଦ୍ଧା ସେହି ହଲ୍ଲା କରିଥିଲେ । ଅବସ୍ଥା ଗୁରୁତର । କମ୍ପାନୀସ୍ଥ କର୍ମଚାରୀଗଣ ବିଚଳିତ ହେଲେଣି । ଦୁଃଖର ବିଷୟ ଜାତୀୟ କାରଖାନାଟି କିଭାବେ ଭବିଷ୍ୟତ ଉନ୍ନତି ପ୍ରାପ୍ତ ହେବ ଅନୁମାନ କରାଯାଇ ପାରୁନାହିଁ । ଆପଣଙ୍କୁ ଏ ସବୁ ବିଦିତ ଅଛି । କିଛି ଦିନ ହେଲା ମୁଁ ଲେବର ଏସୋସିଏସନ କାମ କରୁଥିଲି, କିନ୍ତୁ ଏ ସବୁ ଅଶାନ୍ତି ଓ ଅଭାବ ଯୋଗେ କାମ କରିବା ଇଚ୍ଛା ନାହିଁ ଓ ଯେପରି ପରିବର୍ତ୍ତନ ଦେଖାଯାଉଅଛି ଲେବର ଏସୋସିଏସନ କେତେଦୂର ସ୍ଥାୟୀ ବୁଝାଯାଏ ନାହିଁ ।

ମୁଁ ଚକ୍ରଧରପୁରରେ ରେଳବାଇ ଚାକିରି ଚେଷ୍ଟା କରିବା ଉଦ୍ଦେଶ୍ୟେ ଯାଇଥିଲି କିନ୍ତୁ ଓଡ଼ିଆ ଭାଗ୍ୟରେ ରେଳବାଇ ଚାକିରି କମ୍, ନାମଟି ରେଜିଷ୍ଟ୍ରି କରାଗଲା । ଯେ ନାମଟି ଖାଲିଥିଲା ସେଟି ଅଫିସ ବନ୍ଦୋବସ୍ତରେ ପୂରଣ କରାଗଲା ।

ଆପଣଙ୍କର ବହୁମୂଲ୍ୟ ଉପଦେଶରେ ଏପତ୍ର ଲେଖି ଅଛି । ମୋର ସ୍ୱଦେଶ ଓ ସ୍ୱଜାତି ବା ମଜୁରି କାମ କରିବା ଉଦ୍ଦେଶ୍ୟ ଅଛି, କିନ୍ତୁ ସଂଗେ ସଂଗେ କିଛି ଦିନ ସକାଶେ ଗୃହର ଯତ୍କିଞ୍ଚିତ ସାହାଯ୍ୟ କରିବା କର୍ତ୍ତବ୍ୟ ମନେ କରେ ।

ଆଶାକରେ, ଆପଣ ଇଚ୍ଛା କଲେ କିଛି ଭଲ ଚାକିରି ସକାଶେ ବନ୍ଦୋବସ୍ତ କରି ଦେଇପାରନ୍ତି । ନଚେତ ଯଦି ଇଚ୍ଛା କରନ୍ତି କିଛି ଦିନ ସକାଶେ ଆପଣଙ୍କ ନିକଟରେ ରଖାଇ ପାରନ୍ତି, ପରେ ସୁବିଧା ମତେ ହୁଏତ କିଛି ସାହାଯ୍ୟ ସେହି ଦିଗରେ କରିପାରନ୍ତି ।

ଯଦି ଆଦେଶ ହୁଏ, ତେବେ ଆପଣଙ୍କ ସାକ୍ଷାତ ସକାଶେ ବନ୍ଦୋବସ୍ତ କରିବି । ସୁଭାଷ ବାବୁ ଏ ଦିଗରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବୋଧହୁଏ କରପୋରେସନ ଚାକିରି ତାଙ୍କର ଉଦ୍ଦେଶ୍ୟ ଥିଲା, ସେବି ଭଲ ହୁଅନ୍ତା । ଆପଣଙ୍କ ଆଦେଶ ଅପେକ୍ଷାରେ ରହିଲି

ଇତି

ଆଜ୍ଞାଧୀନ

ଶ୍ରୀ ଭାଗୀରଥି ”

ମଧୁବାବୁ ହିମାଳୟ ଶୃଙ୍ଗପରି ଓଡ଼ିଶାରେ ଅବତୀର୍ଣ୍ଣ ହୋଇ ଓଡ଼ିଶାକୁ ବହୁ ବିପଦ ଆପଦରୁ ରକ୍ଷା କରିବା ସହିତ ତାହାର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିଲେ । ପ୍ରତ୍ୟେକ ଓଡ଼ିଆ ତାଙ୍କର ମହାନୁଭବତାକୁ ସ୍ମରଣ କରି କାର୍ଯ୍ୟ କଲେ ଓଡ଼ିଶା ତଥା ଓଡ଼ିଆ ଜାତିର ସୁଖ୍ୟାତି ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ହୋଇପାରିବ ।

## ପ୍ରସଙ୍ଗ

(୧) ଉତ୍କଳ ସମ୍ମିଳନୀର ବିବରଣୀ - ୧୯୦୩

(୨) ଉତ୍କଳ ଦୀପିକା

(୩) ଅଭିଲେଖାଗାରରେ ସଂରକ୍ଷିତ ଥିବା ଘରୋଇ ନଥି

(୪) ସମାଜ

(୫) କୁଳବୃଦ୍ଧ– ସୁରେନ୍ଦ୍ର ମହାନ୍ତି

(୬) ସୀମା କମିଶନ ରିପୋର୍ଟ

*ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର*

# ଜୀବନ-ସଂଗ୍ରାମର ଅଗ୍ରମାରମ୍ଭ

● ଶ୍ରୀ ମହେଶ୍ୱର ମୂଳିଆ

କଟକ ଜିଲ୍ଲାର ଏକ କ୍ଷୁଦ୍ର ଗ୍ରାମ ସତ୍ୟଭାମାପୁର । ସେହି ଗ୍ରାମରେ ସମ୍ଭ୍ରାନ୍ତ ଚଉଧୁରୀ ବଂଶର ବସତି । ଚଉଧୁରୀ ପରିବାର ତୋଡ଼ରମଲ୍ଲ ବନ୍ଦୋବସ୍ତ କାଳରୁ ସେ ଅଞ୍ଚଳରେ ଜାଗିରିଦାର ଥିଲେ । ଏହି ଅଭିଜାତ ବଂଶରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜନ୍ମ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ । ପିତାଙ୍କ ନାମ ଚଉଧୁରୀ ରଘୁନାଥ ଦାସ, ମାତା ପାର୍ବତୀ ଦେବୀ । ରଘୁନାଥଙ୍କର ଦୁଇପୁତ୍ର ଓ ଦୁଇ କନ୍ୟା । କନ୍ୟା କୁମୁଦ ଦେଈ ସବା ବଡ଼ । ତାଙ୍କ ତଳକୁ ମଧୁସୂଦନ । ଅନ୍ୟ ଭାଇମାନଙ୍କ ସନ୍ତାନ ସନ୍ତତି ନଥିଲେ । ଏହି ବଂଶର ବହୁ ପୁରୁଷ ଥିଲେ ନିଃସନ୍ତାନ । ମଧୁସୂଦନ ଥିଲେ ଚଉଧୁରୀ ବଂଶର କୁଳପ୍ରଦୀପ । ତାଙ୍କ ଜନ୍ମ ବେଳକୁ ଚଉଧୁରୀ ବଂଶର ସେ ବୈଭବ ନଥିଲା । କିନ୍ତୁ ବଂଶଗତ ମର୍ଯ୍ୟାଦା ବଜାୟ ରହିଥିଲା । ଏହି ପରିବାର ସେ ଅଞ୍ଚଳରେ ବହୁ ମନ୍ଦିର ତୋଳାଇଥିଲେ । ଅନେକ ମଠ ଓ ବ୍ରାହ୍ମଣଙ୍କୁ ଜମି ଦାନ କରିଥିଲେ । ବଂଶର ଗୌରବ ଲୁପ୍ତ ହୋଇଥିବାରୁ ଭୂସମ୍ପତ୍ତି ସବୁ ନିଲାମ, ବିକ୍ରୀ, ବନ୍ଧକରେ ଚାଲିଗଲା । ଚଉଧୁରୀ ରଘୁନାଥ କଟକର ତଳ କୋର୍ଟରେ ଓକିଲାତି କଲେ ।

ମଧୁବାବୁଙ୍କ ଉପର ସପ୍ତମ ପୁରୁଷ ମଣିମଲ୍ଲଦେବ ଜାତିରେ କ୍ଷତ୍ରିୟ । ତାଙ୍କର ସଂଜ୍ଞା ମଲ୍ଲ । ମଣି ମଲ୍ଲଦେବ ଖୋର୍ଦ୍ଧା ଜିଲ୍ଲାରୁ ଆସି ସତ୍ୟଭାମାପୁରରେ ବାସ କରିଥିଲେ । ବିଭିନ୍ନ ପୁରୁଷରେ ଏହି ବଂଶର ସଂଜ୍ଞା ଥିଲା ଦାସ, କାନଗୋଇ, ରାଉତରା । ଶୈଶବରେ ମଧୁବାବୁଙ୍କ ଡାକ ନାମ ଥିଲା ଗୋବିନ୍ଦ । ସାଆନ୍ତ ମା'ଙ୍କ ଯତ୍ନରେ ସେ ଲାଳିତ ପାଳିତ ହୋଇଥିଲେ । ତାଙ୍କର ପ୍ରପିତାମହୀ ସତୀ ହୋଇଥିବା କଥା ସେ ତାଙ୍କଠୁ ଶୁଣିଥିଲେ । ସାଆନ୍ତ ମା ମଧୁସୂଦନଙ୍କ ଶିଶୁପ୍ରାଣରେ ଉଚ୍ଚ ଆଦର୍ଶର ବୀଜ ରୋପଣ କରିଥିଲେ । ମା ପାର୍ବତୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଉଦାରହୃଦୟା । ନିଜେ ଦରିଦ୍ର ପରିବାରରୁ ଆସିଥିବାରୁ ତାଙ୍କ ମନରେ ଟିକେ ହେଲେ ଗର୍ବ, ଅହଙ୍କାର ନ ଥିଲା । ସେ ଥିଲେ ଦୀନ ଦୁଃଖୀର ସାହା ଭରସା । ସମସ୍ତଙ୍କ ଦୁଃଖରେ ସମବେଦନଶୀଳା । ମଧୁସୂଦନ ମା'ଙ୍କ ମୁହଁରୁ ଗୋଟିଏ ନୀତିବାକ୍ୟ ମୃତ୍ୟୁପର୍ଯ୍ୟନ୍ତ ମନେ ରଖିଥିଲେ - ''ଆଲୋ ସଖୀ, ଆପଣା ମହତ ଆପେ ରଖି ।''

ଗାଁ ଚାଟଶାଳୀରେ ମଧୁସୂଦନଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା । ମାଟି ବଂଶ ଅବଧାନ ମାଗୁଣି ମିଶ୍ର ଥିଲେ ତାଙ୍କର ଆଦ୍ୟ ଗୁରୁ । ତାଙ୍କୁ ସେ ଓଡ଼ିଆ ଓ ଅଙ୍କ ପଢ଼ାଉଥିଲେ । ଖାଇବା, ପିଇବା ବ୍ୟତୀତ ମାସିକ ସାତଟଙ୍କା ବେତନ ସେ ପାଉଥିଲେ । ମାଟିର ତଳ ଓ ଖଣ୍ଡେ ଖଡ଼ି ଥିଲା ପାଠ୍ୟ ଉପକରଣ । ଅବଧାନ ତଳେ ଖଡ଼ିରେ ଅକ୍ଷର ଲେଖି ଦେଉଥିଲେ । ଛାତ୍ରମାନେ ପାଟିକରି ଅକ୍ଷର ନାମ ଡାକି ସେ ଗାର ଉପରେ ଖଡ଼ି ମଡ଼ାଇ ଲେଖୁଥିଲେ । ମାଟି କାଛ ଉପରେ ଅବଧାନ ଖଡ଼ିରେ ହିସାବ, ରଚନା ପ୍ରଭୃତି ଲେଖୁଥିଲେ । ପିଲାମାନେ ତଳେ ଆଣ୍ଠୁ ଭାଙ୍ଗି ବସୁଥିଲେ । ସେମାନଙ୍କୁ ଆସନ ଦିଆଯାଉ ନଥିଲା । ନଡ଼ିଆ ଚାଞ୍ଚ ଉପରେ ଅବଧାନେ ବସୁଥିଲେ । ପରବର୍ତ୍ତୀ କାଳରେ ଛାତ୍ରମାନେ ତାଳପତ୍ର ଉପରେ ଲେଖନୀରେ ଲେଖିବା ଶିଖୁଥିଲେ । ମଧୁବାବୁଙ୍କ ଘରେ ଚାଟଶାଳୀ ବସୁଥିଲା ।

ମଧୁବାବୁ ଲେଖିଛନ୍ତି, ''ପିଲାକାଳେ ଅବଧାନଙ୍କଠାରେ ୧୦-୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ୩୫ ବର୍ଷ ନିମନ୍ତେ ପେନସନ ଦେଉଥିଲି'' । ମାଗୁଣି ମିଶ୍ର ଅତି ବୁଢ଼ା ହୋଇ ମରିବାର ଅଳ୍ପଦିନ ପୂର୍ବ ଯାଏ କଟକ ଆସୁଥିଲେ । ମଧୁବାବୁ ତାଙ୍କୁ ଦେଖିବା ମାତ୍ରେ ଆସନରୁ ଉଠିଯାଇ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କ ଗୋଡ଼ ତଳେ ପଡୁଥିଲେ । ପ୍ରତିଥର ପାଞ୍ଚ, ଦଶ ଟଙ୍କା, ଲୁଗା ପାଉଥିଲେ । ବାଲ୍ୟ ଗୁରୁଙ୍କ ପ୍ରତି ମଧୁବାବୁଙ୍କର ଥିଲା ଅଗାଧ ଭକ୍ତି ।

ବାଲ୍ୟକାଳରେ ମଧୁବାବୁ ଯେତିକି ବେପରୁଆ, ସେତିକି ମେଧାବୀ ଓ ବୁଦ୍ଧିମାନ ଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସେ ନିଜ ସଂକଳ୍ପରେ ଥିଲେ ଅଟଳ ।

ଚାଟଶାଳୀ ପାଠ ଶେଷ ହେବା ପରେ ୧୮୫୭ ମସିହାରେ ସେ ଗାଁ ପାଖ ମହାସିଙ୍ଗପୁର ଭର୍ଣ୍ଣାକୁଲାର ସ୍କୁଲରେ ପଢ଼ିଲେ । ସ୍କୁଲରେ ଦରମା ପଡୁନଥିଲା । ସ୍କୁଲରୁ ପାସ୍ କରିବା ପରେ କଟକରେ ଇଂରାଜୀ ସ୍କୁଲରେ ପଢ଼ାଇବା ପାଇଁ ବାପାଙ୍କର ଇଚ୍ଛା ନଥିଲା । କିନ୍ତୁ ମା ପାର୍ବତୀଙ୍କର ଖୁବ୍ ଆଗ୍ରହ ପୁଅ କଟକରେ ପଢ଼ିବ । ମଧୁବାବୁ କଟକର ଏକମାତ୍ର ସରକାରୀ ଇଂରାଜୀ ସ୍କୁଲ୍ କଟକ ହାଇସ୍କୁଲରେ ନାମ ଲେଖାଇଲେ । ଏହି ସ୍କୁଲରେ ପଢ଼ିବା ବେଳେ ସେ ବଙ୍ଗାଳି ପିଲା ଓ ଶିକ୍ଷକଙ୍କ ସମ୍ପର୍କରେ ଆସିଲେ । ସେତେବେଳେ କଟକରେ ବଙ୍ଗାଳିମାନଙ୍କର ଖୁବ୍ ପ୍ରଭାବ ଓ ପ୍ରତିପତ୍ତି । ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରୁ ଓଡ଼ିଶାକୁ ଅନେକ ବଙ୍ଗାଳି ଆସିଥିଲେ । ଇଂରେଜ ଭାଷା ଓ ଶାସନ ପଦ୍ଧତି ସମ୍ପର୍କରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ଥିଲା । ଓଡ଼ିଶାରେ ବ୍ରିଟିଶ ରାଜ କର୍ମଚାରୀମାନଙ୍କୁ ସେମାନେ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରୁଥିଲେ । ଶାସନ କାର୍ଯ୍ୟରେ ସେମାନେ ଆସ୍ଥାନ ଜମାଇ ଦେଇଥିଲେ । ଓଡ଼ିଆମାନଙ୍କ ଭିତରେ ବେଶୀ ପାଠୁଆ ନ ଥିଲେ । ଇଂରାଜୀ ପଢୁଆ ଖୁବ୍ କମ୍ ଥିଲେ ।

ବଙ୍ଗାଳିମାନେ ଓଡ଼ିଆମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲେ । ଶିକ୍ଷା କ୍ଷେତ୍ରରେ ସେମାନଙ୍କର ବହୁତ ପତିଆରା ଥିଲା । ଭାଷା, ପୋଷାକ, ଖାଦ୍ୟ, ଚାଲି ଚଳଣିରେ ବଙ୍ଗାଳି-ଓଡ଼ିଆଙ୍କ ଭିତରେ ଅନେକ ପ୍ରଭେଦ ଥିଲା । ସ୍କୁଲ ଜୀବନ ସମ୍ପର୍କରେ ମଧୁବାବୁ ତାଙ୍କ ଅସମ୍ପୂର୍ଣ୍ଣ ଆତ୍ମଜୀବନୀରେ ଲେଖିଛନ୍ତି - "ମୁଁ ଥିଲି ଅନେକ ପରିହାସର ଶରବ୍ୟ । ମୋର ବଙ୍ଗାଳି ସହପାଠୀମାନେ ମୋତେ ସବୁବେଳେ ଥଟ୍ଟା ପରିହାସ କରୁଥିଲେ । ମୁଁ ସେତେବେଳେ ପିନ୍ଧୁଥିଲି ଗାଁ ତନ୍ତୀଙ୍କ ବୁଣା ଲୁଗା । ସେତେବେଳେ ପର୍ଯ୍ୟନ୍ତ ଓଡ଼ିଶାକୁ ଇଂରେଜୀ ସାର୍ଟ ଆସିନଥିଲା । ମୁଁ ଯେଉଁ ଜାମା ପିନ୍ଧୁଥିଲି, ତାହାକୁ କୁହାଯାଉଥିଲା ମିରିଜାଇ । ପ୍ରତ୍ୟହ ସ୍କୁଲରେ ମୋ ପ୍ରତି ଯେଉଁ ଲାଞ୍ଛନା, ପରିହାସ ହେଉଥିଲା, ତାହା ମୋ ଭିତରେ କ୍ରମେ କ୍ଷମା ଭାବର ସଞ୍ଚାର କରିଥିଲା । ବଙ୍ଗାଳି ସହପାଠୀମାନେ ମୋ ବିଷୟରେ କ'ଣ ଭାବୁଥିଲେ ବା ନ ଭାବୁଥିଲେ, ସେଥିରେ ମୁଁ ସମ୍ପୂର୍ଣ୍ଣ ଉଦାସୀନ ହୋଇପଡ଼ିଥିଲି । ମୋ ମୁଣ୍ଡରେ ଗୋଟିଏ ଲମ୍ବା ଚୁଟି ଥିଲା । ଏ ଚୁଟିରେ ଗଣ୍ଠି ପଡୁଥିଲା । ସେମାନେ ଭାବୁଥିଲେ ଏହା ବାଳିକାର ଲକ୍ଷଣ । ବାଳକର ନୁହେଁ । ବଙ୍ଗଳାରେ ସେତେବେଳେ ପିଲାଏ ମୁଣ୍ଡବାଳ ସାନ ସାନ କରି ରଖୁଥିଲେ । *** ଦିନେ ମୋର ଜଣେ ବଙ୍ଗାଳି ସହପାଠୀ କତୁରୀରେ ମୋର ଚୁଟିଟିକୁ କାଟି ଦେଲା । ମୁଁ ସେ ଚୁଟିଟି ରଖି କହିଲି, ମୋର ବଙ୍ଗୀୟ ସ୍ତ୍ରୀ ପାଇଁ ଏ ଚୁଟିଟି ମୋର ପୌରୁଷର ପ୍ରମାଣ ହେବ ।"

ଏହିପରି ବଙ୍ଗାଳି ଛାତ୍ରମାନେ ମଧୁସୂଦନଙ୍କୁ ସ୍କୁଲରେ ଘୃଣା ଚକ୍ଷୁରେ ଦେଖୁଥିଲେ । ଅଧିକାଂଶ ସମୟରେ ତାଙ୍କ ପ୍ରତି କୁବ୍ୟବହାର କରୁଥିଲେ ।

ସ୍କୁଲରେ ଜଣେ ଏଣ୍ଟ୍ରାନ୍ସ ପାସ ବଙ୍ଗାଳି ପ୍ରଧାନ ଶିକ୍ଷକ ଥିଲେ । କ୍ଲାସରେ ଦିନେ ଗୋଟିଏ ବାକ୍ୟକୁ ଭୁଲ ଅର୍ଥ କରି ପିଲାଙ୍କୁ ବୁଝାଉଥିଲେ । ମଧୁସୂଦନ ତାର ପ୍ରତିବାଦ କରି ପ୍ରକୃତ ଅର୍ଥ ବ୍ୟକ୍ତ କରିଦେବାରୁ ପ୍ରଧାନ ଶିକ୍ଷକ ଅପମାନ ବୋଧ କଲେ । ତାଙ୍କୁ ଅବାଧ୍ୟ ଛାତ୍ର କହି ସଙ୍ଗେ ସଙ୍ଗେ ସ୍କୁଲରୁ ବିତାଡ଼ିତ କରିଦେଲେ । ମଧୁବାବୁଙ୍କ ମୁଣ୍ଡରେ ବଜ୍ରପାତ ହୋଇଥିଲା । ସେଦିନ ରାତିରେ ସେ ଶୋଇ ପାରିଲେ ନାହିଁ । ଭବିଷ୍ୟତ ଅନିଶ୍ଚିତ ଚିନ୍ତାରେ ସେ ଭାଙ୍ଗି ପଡ଼ିଥିଲେ । ନିଜ ଆତ୍ମଜୀବନ ଚରିତରେ ଖେଦ ପ୍ରକାଶ କରି ସେ ଲେଖିଛନ୍ତି - " ମୁଁ ମୋର ବିଦ୍ୟାଳୟରୁ ବିତାଡ଼ିତ ହେବାର ଅର୍ଥ ବେଶ୍ ଅନୁଭବ କରିଥିଲି । ଇଂରେଜୀ ଶିକ୍ଷାରେ ଭବିଷ୍ୟତ ଉନ୍ନତି ପଥରେ ଏହା ପୂର୍ଣ୍ଣଚ୍ଛେଦ ପକାଇଥିଲା । ଇଂରେଜୀ ଜ୍ଞାନ ପାଇଁ ସେତେବେଳେ ବଙ୍ଗାଳିମାନେ ଏତେ ପ୍ରାଧାନ୍ୟ ଲାଭ କରିଥିଲେ । ଏହି ଭାଷା ଜ୍ଞାନ ବିନା ମୋ ଭବିଷ୍ୟତ ଜୀବନ ଏକ ଶୁଷ୍କ ମରୁ ଭ୍ରମଣ ସଦୃଶ ହେବା ଧ୍ରୁବସତ୍ୟ ।"

ଅନେକ ସହପାଠୀ ତାଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ପରାମର୍ଶ ଦେଲେ । କିନ୍ତୁ ସ୍ୱାଭିମାନୀ, ସ୍ୱାଧୀନଚେତା ମଧୁସୂଦନ ଏଥିରେ ରାଜି ହେଲେ ନାହିଁ । ନିର୍ଭୀକ ଭାବରେ ସେ ଏ ଅନ୍ୟାୟ ଅବିଚାର ବିଷୟରେ ବିଭାଗୀୟ ଉଚ୍ଚକର୍ତ୍ତା ମିଷ୍ଟର ହେଲିଙ୍କୁ ଜଣାଇଲେ । ମିଷ୍ଟର ହେଲି ନିଜେ ସ୍କୁଲକୁ ଯାଇ ଏ ଘଟଣାର ସମାଧାନ କଲେ । ମଧୁସୂଦନଙ୍କ ଉପରୁ ବିତାଡ଼ନ ଆଦେଶ ପ୍ରତ୍ୟାହୃତ ହୋଇଥିଲା । ସ୍ୱତ୍ୱବାଦିତାର ବିଜୟ ହେଲା । ମଧୁବାବୁ ପୁଣି ଲେଖିଛନ୍ତି– " ମୁଁ ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଏହି ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି ।"

୧୯୧୫ ମସିହା ରେଭେନ୍ସା କଲେଜିଏଟ ସ୍କୁଲର ପୁରସ୍କାର ବିତରଣୀ ସଭାରେ ମଧୁବାବୁ କହିଥିଲେ– "ମୁଁ ଯେତେବେଳେ ଏହି ସ୍କୁଲରେ ୧୮୬୦ ରୁ ୧୮୬୫ ପର୍ଯ୍ୟନ୍ତ ପଢୁଥିଲି, ସେତେବେଳେ ଏହି ସ୍କୁଲରେ କେହି ଓଡ଼ିଆ ଶିକ୍ଷକ ନଥିଲେ । ସମସ୍ତେ ବଙ୍ଗାଳି ଶିକ୍ଷକ । ବଙ୍ଗାଳି ଶିକ୍ଷକଙ୍କ ଭିତରୁ ଅଧିକାଂଶ ଶିକ୍ଷକ ଓଡ଼ିଆ ଛାତ୍ରମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ । ବହୁ ଶିକ୍ଷକ ଓଡ଼ିଆ ଭାଷା ଜାଣି ନଥିବାରୁ ବଙ୍ଗଳା ଭାଷାରେ ଶିକ୍ଷା ଦେଉଥିଲେ । ଏ ଅବସ୍ଥାର ବିଷମୟ ଫଳ ମୁଁ ଭୋଗ କରିଛି । ସେହି ସମୟରୁ ଓଡ଼ିଆ ଛାତ୍ରମାନଙ୍କର ଏକ ସଂଘ ଗଠନ କରି ଓଡ଼ିଆ ଭାଷାରେ ଶିକ୍ଷକମାନେ ପଢ଼ାଇବା ନିମନ୍ତେ ମୁଁ ଦାବି କରିଥିଲି । ଓଡ଼ିଆ ଭାଷା ପ୍ରଚଳନ ସମ୍ପର୍କରେ ଆନ୍ଦୋଳନ ସେ ସମୟରୁ ଏହି ସ୍କୁଲରେ ଆରମ୍ଭ ହୋଇଥିଲା ।"

ପିଲା ଦିନରୁ ଓଡ଼ିଶାର ପ୍ରାଚୀନ ଗୌରବ ଓ ଐତିହ୍ୟ ପ୍ରତି ମଧୁସୂଦନଙ୍କର ଗଭୀର ଅନୁରାଗ ପ୍ରକାଶ ପାଇଥିଲା । ଖୋର୍ଦ୍ଧାର ବିଭିନ୍ନ ଐତିହାସିକ ଗଡ଼ ଓ ପାଇକ ବିଦ୍ରୋହ ସ୍ମୃତିପୀଠ ବୁଲି ଦେଖିଥିଲେ । ବୁଢ଼ା ବୁଢ଼ୀମାନଙ୍କଠାରୁ ସେ ଜାଣର ଓଡ଼ିଆ ବୀରମାନଙ୍କ ବୀରତ୍ୱ ଓ ଯୁଦ୍ଧ କାହାଣୀ ଶୁଣି ଅଭିଭୂତ ହୋଇପଡୁଥିଲେ । ଯୋଦ୍ଧାମାନଙ୍କ ସମ୍ପର୍କରେ ବହୁ ପ୍ରବାଦ, ଛନ୍ଦ, ଗୀତ ମୁଖସ୍ଥ କରିଥିଲେ । ଓଡ଼ିଆ ଜାତୀୟତାର ଭାବନା ବାଲ୍ୟକାଳରୁ ତାଙ୍କ ମନରେ ଜାଗ୍ରତ ହୋଇଉଠିଥିଲା ।

୧୮୬୪ରେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସେଇଁଙ୍କ ପ୍ରବଚନ ତାଙ୍କ ମନରେ ଧାର୍ମିକ ଚିନ୍ତା ଉଦ୍ରେକ କରିଥିଲା ।

୧୮୬୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ମଧୁବାବୁ ଏଣ୍ଟ୍ରାନ୍ସ ପରୀକ୍ଷା ପାସ୍ କଲେ । ସେତେବେଳକୁ ତାଙ୍କ ଷୋଳବର୍ଷ ବୟସ । ଉଚ୍ଚଶିକ୍ଷା ପାଇଁ ସେତେବେଳେ ଓଡ଼ିଶାରେ କୌଣସି କଲେଜ ନଥିଲା । କଲିକତା ଯିବାକୁ ପଡୁଥିଲା । କଲିକତାକୁ ରେଳପଥ ନଥିଲା । ଉଚ୍ଚଶିକ୍ଷା ପାଇଁ ପରିବାରରେ ପ୍ରଚୁର ଅର୍ଥ ମଧ୍ୟ ନାହିଁ । ଏଫ୍.ଏ. ପଢ଼ିବାକୁ ମଧୁସୂଦନଙ୍କର ପ୍ରବଳ ଇଚ୍ଛା । କିନ୍ତୁ ବାପାଙ୍କର ମନ କି ଧନ ନଥାଏ । ବୃତ୍ତି ପାଇନଥିବାରୁ ତାଙ୍କ ମନରେ ଖୁବ୍ ଦୁଃଖ । କିଲଟରୀ ଅଫିସରେ ପୁଅକୁ ରଖାଇ ଦେବାପାଇଁ ବାପା କମିଶନରଙ୍କ ସିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ଅନୁରୋଧ କଲେ । କିନ୍ତୁ ଅମଲା ଚାକିରି କରିବାକୁ ମଧୁବାବୁ ଅନିଚ୍ଛୁକ । ତଥାପି ବାପାଙ୍କ

କଲିକତାରେ ତାଙ୍କଠୁଁ ଚିଠି ନେଇ ବିଚିତ୍ରାନନ୍ଦଙ୍କ ପାଖକୁ ତାଙ୍କୁ ଛାଡ଼ିବାକୁ ପଡ଼ିଲା । ବିଚିତ୍ରାନନ୍ଦ ତାଙ୍କୁ ଚାକିରି ନକରି ପାଠ ପଢ଼ିବାପାଇଁ ପ୍ରବର୍ତ୍ତାଇଲେ । ସୌଭାଗ୍ୟକ୍ରମେ ୧୮୬୫ରେ ବାଲେଶ୍ୱର ହାଇସ୍କୁଲରେ ମଧୁବାବୁ ଏକ ଶିକ୍ଷକ ଚାକିରି ପାଇଗଲେ । ମୋତିଗଞ୍ଜ ବଜାରରେ ସେ ରହୁଥିଲେ । ଫକୀରମୋହନ ତାଙ୍କ ଆତ୍ମଜୀବନଚରିତରେ ମଧୁସୂଦନଙ୍କ ଶିକ୍ଷକ ଜୀବନ ସମ୍ପର୍କରେ ଲେଖିଛନ୍ତି— "ବାବୁ ମଧୁସୂଦନ ଦାସ ସେ ସମୟରେ ଗଭର୍ଣ୍ଣମେଣ୍ଟ ସ୍କୁଲରେ ଥାର୍ଡ଼ ମାଷ୍ଟର ଥିଲେ । ତାଙ୍କର ବସା ଗଡ଼ଗଡ଼ିଆ ସମୀପରେ ଥିଲା । ଗ୍ରୀଷ୍ମକାଳରେ ଆମ୍ଭେମାନେ ପ୍ରାୟ ପ୍ରତିଦିନ ପରସ୍ପର କଥୋପକଥନ, ବାୟୁସେବନ ନିମନ୍ତେ ଉକ୍ତ ପୁଷ୍କରିଣୀର ପକ୍କା ଘାଟରେ ଏକତ୍ର ହେଉଥିଲୁ । ପିତାଙ୍କ ଭୟରେ ରାଧାନାଥ ଦିବାଲୋକରେ ପ୍ରକାଶ୍ୟରେ ଆମମାନଙ୍କ ସହିତ ଆସି ବସି ପାରନ୍ତି ନାହିଁ । ଦିନେ ଦିନେ ରାଧାନାଥ ସନ୍ଧ୍ୟା ଉତ୍ତାରେ ଆସି ପହଞ୍ଚି ଯାଆନ୍ତି । କିନ୍ତୁ ମଧୁସୂଦନ ପ୍ରତ୍ୟହ ଆସି ଆମ୍ଭମାନଙ୍କ ଦଳରେ ମିଶୁଥିଲେ । ସେହି ତରୁଣ ବୟସରେ ମଧ୍ୟ ତାଙ୍କର ଉଚ୍ଚାକାଂକ୍ଷା ବିଷୟ ଶୁଣି ଆମ୍ଭେମାନେ ବିସ୍ମିତ ହୋଇଯାଉଥିଲୁ । ସେ ସେଠାରୁ କର୍ମତ୍ୟାଗ କରି କଲିକତା ଚାଲି ଯାଇଥିଲେ ।"

ବାପାଙ୍କର ଇଚ୍ଛା ଥିଲା ଗୋବିନ୍ଦ ଡେପୁଟି ମାଜିଷ୍ଟ୍ରେଟ ହୋଇଥାନ୍ତା । ରେଭେନ୍ୟୁ କମିଶନରଙ୍କ ଅଫିସରେ ଖଣ୍ଡେ ଭଲ ଚାକିରି ଯୋଗାଡ଼ ହୋଇଛି ବୋଲି ସେ ବାପାଙ୍କଠାରୁ ଚିଠି ପାଇଥିଲେ । କିନ୍ତୁ ଚାକିରି ପ୍ରତି ମଧୁସୂଦନଙ୍କ ଆଦୌ ଆଗ୍ରହ ନଥିଲା । ତାଙ୍କର କେବଳ ଚିନ୍ତା, କେମିତି କଲିକତାରେ ଏଫ.ଏ ପଢ଼ିବାକୁ ଯିବେ । ବାଲେଶ୍ୱର କଲେକ୍ଟରଙ୍କ ସିରସ୍ତାଦାର ମୁକୁନ୍ଦ ବଲ୍ଲଭ ମିତ୍ର ତାଙ୍କ ବାପାଙ୍କର ଜଣେ ବନ୍ଧୁ । ସେ ବାଲେଶ୍ୱର ରେଜେଷ୍ଟ୍ରିଖାନାରେ ମଧୁବାବୁଙ୍କୁ ଗୋଟିଏ ଅମଲା ଚାକିରିରେ ରଖାଇ ଦେଲେ । କିଛିଦିନ ପରେ ସେ ଚାକିରିଟି ଉଠିଗଲା । ମଧୁବାବୁ ଦିନେ ମୁକୁନ୍ଦପ୍ରସାଦଙ୍କ ସାଙ୍ଗଭାଇ ଗୋଲକପ୍ରସାଦଙ୍କ ଠାରୁ ୨୦ଟଙ୍କା ଧାର ନେଲେ । ସିଧା ଷ୍ଟିମରରେ ବସି ବାହାରି ଗଲେ ସୁଦୂର କଲିକତା— ଅନିଶ୍ଚିତ ଭବିଷ୍ୟତର ସନ୍ଧାନରେ । ସେହି ଷ୍ଟିମର ଭିତରେ ମଧୁସୂଦନଙ୍କ ପରିଚୟ ହେଲା ପାଦ୍ରୀ ସ୍ତ୍ରିପାନଙ୍କ ସହିତ ।

କଲିକତାରେ ଆରମ୍ଭ ହୋଇଥିଲା ମଧୁସୂଦନଙ୍କ ସଂଗ୍ରାମମୟ ଜୀବନର ନୂତନ ଅଧ୍ୟାୟ । ସେଠାରେ ତାଙ୍କର ଜଣା ଲୋକ କେହି ନଥିଲେ । ଯେଉଁ ଓଡ଼ିଆମାନେ ଥିଲେ ସେମାନେ ସମସ୍ତେ ଶ୍ରମିକ । ବଙ୍ଗାଳିମାନଙ୍କ ସହିତ ତାଙ୍କରତ ପିଲାବେଳୁ ସଂଘର୍ଷ । ସମସ୍ତଙ୍କ ପାଖରେ ବଙ୍ଗାଳୀ ବିଦ୍ୱେଷୀ ଭାବରେ ପରିଚିତ । ସେମାନଙ୍କ ସଂଗେ ରହିବା ତାଙ୍କ ପକ୍ଷରେ ମୁସ୍କିଲ । ବାପାଙ୍କର ବନ୍ଧୁ ବିଚିତ୍ରାନନ୍ଦ ଦାସ କଲିକତାରେ ଥିବା ତାଙ୍କର ଆତ୍ମୀୟ ନୀଳମାଧବ ଦାସଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖି ଦେଇଥିଲେ, ମଧୁବାବୁଙ୍କର ରହିବା ବ୍ୟବସ୍ଥା କରିଦେବା ପାଇଁ । ମଧୁବାବୁ କଲିକତାରେ ପହଞ୍ଚି ତାଙ୍କ ଘରେ ରହିଲେ । ଓଡ଼ିଆ ଶ୍ରମିକମାନଙ୍କ ଅତିଥି ହୋଇ ମଧ୍ୟ ସେ କିଛି ଦିନ ରହିଲେ । ହିନ୍ଦୁ କଲେଜରେ ନାମ ଲେଖାଇବା ପାଇଁ ବହୁତ ଚେଷ୍ଟା କରି ହତାଶ ହେଲେ । ଏହି ସମୟରେ ପୂର୍ବ ପରିଚିତ ପାଦ୍ରୀ ସ୍ତ୍ରିପାନ ତାଙ୍କର ଇଚ୍ଛା ପୂରଣ କରିଥିଲେ । ଭବାନିପୁରରେ ଲଣ୍ଡନ ମିଶନ ସୋସାଇଟି କଲେଜର ଅଧ୍ୟକ୍ଷ ରେଭେରେଣ୍ଡ ଜେ.ପି ଅଷ୍ଟନ ତାଙ୍କର ଜଣେ ବନ୍ଧୁ । ମଧୁସୂଦନଙ୍କ ପାଇଁ ଅନୁରୋଧ କରି ତାଙ୍କ ପାଖକୁ ଏକ ପତ୍ର ଦେଲେ । ବିନା ଫିସ୍‌ରେ କଲେଜରେ ନାମଲେଖାର ବ୍ୟବସ୍ଥା ହୋଇଗଲା । ପଢ଼ାଖର୍ଚ୍ଚ ପାଇଁ ମାସିକ ସାତଟଙ୍କା ବୃତ୍ତି ମଧ୍ୟ ପାଇଲେ । କଲେଜ ହଷ୍ଟେଲରେ ସେ ରହିଲେ ।

କଲେଜରେ ଅମ୍ବିକା ଚରଣ ହାଜରା ଥିଲେ ମଧୁସୂଦନଙ୍କ ସହପାଠୀ ଓ ଅନ୍ତରଙ୍ଗ ସାଥୀ । ଥରେ ଗୀର୍ଜାର ଜଣେ ପାଦ୍ରୀ ଯଦୁନାଥ ଚାଟାର୍ଜୀଙ୍କ ସହିତ ମଧୁସୂଦନଙ୍କ ସାକ୍ଷାତ ହୋଇଥିଲା । ତାଙ୍କର ଦୁଇଟି ଝିଅ— ସୌଦାମିନୀ ଓ ସୁରଙ୍ଗିଣୀ । ଯଦୁନାଥ ମଧୁସୂଦନଙ୍କୁ ଝିଅମାନଙ୍କ ଗୃହଶିକ୍ଷକ ରୂପେ ନିଯୁକ୍ତ କଲେ । କଲିକତାରେ ତାଙ୍କର ଛାତ୍ରଜୀବନ ଥିଲା ଅତ୍ୟନ୍ତ ଦୁଃଖ ଓ ସଂଘର୍ଷପୂର୍ଣ୍ଣ । ରାତିରେ ଫୁଟ୍‌ପାଥରେ ବସି ରାସ୍ତା କଡ଼ ଆଲୁଅରେ ପଢୁଥିଲେ । ଅନେକ ସମୟରେ ଖାଇବାକୁ ନପାଇ ଉପାସ ରହୁଥିଲେ । ଦିନେ ଦିନେ ଦି'ପଇସାର ମୁଢ଼ି ଖାଇ ଜୀବନ ଧାରଣ କରୁଥିଲେ । ଘରୁ କୌଣସି ସାହାଯ୍ୟର ଆଶା ନଥିଲା । କଲିକତାର ସେ ୟଙ୍ଗ ବେଙ୍ଗଲ ସଂଗଠନ ସହିତ ସଂପୃକ୍ତ ହୋଇଥିଲେ । ଡିବେଟିଂ ସୋସାଇଟିର ବିତର୍କ ସଭାମାନଙ୍କରେ ଭାଗ ନେଉଥିଲେ । ବକ୍ତୃତାରେ ତାଙ୍କର ପାରଦର୍ଶିତା ପ୍ରକଟିତ ହେଉଥିଲା । ନିଜର ବିଚକ୍ଷଣ ବାଗ୍ମିତା ପାଇଁ କଲିକତା ଛାତ୍ରସମାଜରେ ସେ 'ମଧୁ ଉଡ଼ିୟା' ନାମରେ ଖ୍ୟାତ ହୋଇଯାଇଥିଲେ ।

୧୮୬୮ ମସିହାରେ ମଧୁସୂଦନ ଏଫ୍.ଏ. ପାସ୍ କଲେ ଓ ବି.ଏରେ ନାମ ଲେଖାଇଲେ । ଖ୍ରୀଷ୍ଟୀୟ ମିଶନରୁ ତାଙ୍କୁ ମାସିକ ଆଠ ଟଙ୍କା ବୃତ୍ତି ମିଳୁଥିଲା । ଗରିଆହଟା ଅଞ୍ଚଳରେ ସକାଳବେଳା ଆଉ ଦୁଇଜଣ ଛାତ୍ରଙ୍କୁ ଟିଉସନ କରି ସେ ଚଳୁଥିଲେ । ବି.ଏ. ପଢୁଥିବା ବେଳେ ବିଳାତର ମିସନାରୀ ଭାଷଣ ଶୁଣି ମଧୁସୂଦନ ଖ୍ରୀଷ୍ଟ ଧର୍ମପ୍ରତି ଅନୁରକ୍ତ ହୋଇ ପଡ଼ିଥିଲେ । ୧୮୬୯ ମସିହାରେ ବନ୍ଧୁ ଅମ୍ବିକା ଚରଣଙ୍କ ସହ ଖ୍ରୀଷ୍ଟ ଧର୍ମରେ ସେ ଦୀକ୍ଷିତ ହେଲେ । ଏ ଖବର ପାଇ ବାପା କଲିକତା ଆସି ତାଙ୍କୁ ଏଥିରୁ ନିବୃତ୍ତ ହେବାପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ । ଫଳରେ ସେ ହେଲେ ପିତାଙ୍କ ତ୍ୟାଜ୍ୟପୁତ୍ର ।

ଅମ୍ବିକା ଚରଣ ଖ୍ରୀଷ୍ଟିୟାନ ହୋଇ ପ୍ରସନ୍ନମୟୀଙ୍କୁ ବିବାହ କରିଥିଲେ । ମଧୁସୂଦନ ମାଟିଆ ବୁରୁଜ ଓଡ଼ିଆ ଶ୍ରମିକ ବସ୍ତିରେ ଗୋଟିଏ ନୈଶ ବିଦ୍ୟାଳୟ ଖୋଲିଥିଲେ । ଏଥିପାଇଁ ମାସକୁ ତାଙ୍କର କୋଡ଼ିଏ ଟଙ୍କା ଖର୍ଚ୍ଚ ହେଉଥିଲା । ସେ ବଙ୍ଗାଳି ଖ୍ରୀଷ୍ଟିଆନ ବୋଲି ପ୍ରଚାର ହେବାରୁ ଓଡ଼ିଆ ଛାତ୍ରସଂଖ୍ୟା କମିଗଲା ।

ସେତେବେଳେ ବି.ଏ.ରେ ସଂସ୍କୃତ ପରୀକ୍ଷା ପ୍ରଶ୍ନର ଉତ୍ତର ବଙ୍ଗାଳି ଭାଷାରେ ଲେଖା ଯାଉଥିଲା । ମଧୁସୂଦନ ଆନ୍ଦୋଳନ କଲେ ଓଡ଼ିଆ ଭାଷାରେ ଉତ୍ତର ଦିଆଯିବ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାସ୍ତିବାଣୀ ଶୁଣାଇଲେ । ମଧୁସୂଦନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର ଉଇଲିୟମ ଗ୍ରେଙ୍କୁ ଏହି ଦାବୀ କରି ସ୍ମାରକପତ୍ର ଦେଲେ । ତାଙ୍କ ହସ୍ତକ୍ଷେପ ଫଳରେ ଓଡ଼ିଆ ପରୀକ୍ଷାର୍ଥୀମାନଙ୍କୁ ବଙ୍ଗଳା ପରିବର୍ତ୍ତେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ଅନୁମତି ମିଳିଥିଲା ।

୧୮୭୦ ମସିହାରେ ମଧୁସୂଦନ ବି.ଏ. ପାଶ୍ କଲେ । ସେ ହେଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ । ବି.ଏ. ପାଶ୍ ପରେ ସେ ଗାର୍ଡ଼ନରିଚ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ବେତନ ପାଉଥିଲେ ମାସିକ ଅଶୀ ଟଙ୍କା । ମା'ଙ୍କୁ ଦେଖିବା ପାଇଁ ଥରେ କଟକ ଯାଇଥିଲେ । ସମାଜ ଦୃଷ୍ଟିରେ ସେ ଥିଲେ ପତିତ । ଘରେ ପଶିବା ମନା । ବାହାର ପଶିତ ଶାଳାରେ ରହିଲେ । ପୁଅକୁ ଛୁଇଁ ମା'ଙ୍କୁ ପ୍ରାୟଶ୍ଚିତ ହେବାକୁ ପଡ଼ିଲା । ଗସକୁଣ୍ଡ ପୋଖରୀରେ ବୁଡ଼ ପକେଇବାକୁ ହେଲା । ଗୋବରପାଣିରେ ଘର ଲିପିବାକୁ ପଡ଼ିଲା । ମଧୁସୂଦନ ଏସବୁ କାଣ୍ଡ କାରଖାନା ଦେଖି କାହାକୁ କିଛି ନକହି ଭୋରୁ ଭୋରୁ ଘର ଛାଡ଼ି କଲିକତା ଫେରି ଯାଇଥିଲେ ।

କଲିକତା ଆସି ସେ ଅସୁସ୍ଥ ହୋଇ ପଡ଼ିଥିଲେ । ପାଦ୍ରୀ ଯଦୁନାଥଙ୍କ ଅନୁରୋଧରେ ତାଙ୍କ ଘରେ ରହିଲେ । ପରେ ବିହାରର ଆରା ଠାରେ ଥିବା ମିସନାରୀ ସାନାଟୋରିୟମରେ ତିନିମାସ ଚିକିତ୍ସିତ ହେବା ପରେ କଲିକତା ଫେରିଲେ । ସେତେବେଳେ ଏମ୍.ଏରେ ନାମଲେଖା ସମୟ ଅତିକ୍ରାନ୍ତ ହୋଇଯାଇଥିଲା । ତେଣୁ ୧୮୭୧ ମସିହାରେ ସେ ଫ୍ରିଚର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ କଲେଜରେ ଏମ୍.ଏରେ ନାମ ଲେଖାଇଲେ । ୧୮୭୩ ମସିହାରେ ସେ ଇଂରାଜୀରେ ଏମ୍.ଏ. ପାଶ୍ କଲେ । ଏମ୍.ଏ ପାଶ୍ କରିବାରେ ମଧ ସେ ହୋଇଥିଲେ ପ୍ରଥମ ଓଡ଼ିଆ । ଏମ୍.ଏ ପାଶ୍ ପରେ ୨୫ବର୍ଷ ବୟସରେ ଭବାନିପୁର ଗୀର୍ଜାଠାରେ ପାଷ୍ଟର ଯଦୁନାଥଙ୍କ ବଡ଼ଝିଅ ସୌଦାମିନୀଙ୍କୁ ସେ ବିବାହ କରିଥିଲେ । ସୌଦାମିନୀ ତାଙ୍କଠୁ ବର୍ଷେ ବଡ଼ । ୧୮୭୨ରେ ମଧୁବାବୁ କଲିକତାର ମିର୍ଜାପୁର ଷ୍ଟ୍ରୀଟ୍‌ରେ ଥିବା ଏକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । କଲିକତା ହାଇକୋର୍ଟରେ ସାମୟିକ ଓଡ଼ିଆ ଟ୍ରାନ୍ସଲେଟର ଭାବରେ ସେ ୧୮୭୮ ମସିହା ପର୍ଯ୍ୟନ୍ତ କାମ କରିଥିଲେ ।

ରେଭେରେଣ୍ଡ ଆଷ୍ଟନ ମଧୁବାବୁଙ୍କୁ ମିସନାରୀ ହେବାପାଇଁ ପରାମର୍ଶ ଦେଲେ । କିନ୍ତୁ ମଧୁସୂଦନ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ହାଇସ୍କୁଲଟି ଲଣ୍ଡନ ମିସନାରୀ ସୋସାଇଟି ଦ୍ୱାରା ପରିଚାଳିତ ହେଉଥିଲା । ଆଷ୍ଟନ ଥିଲେ ତାର କର୍ତ୍ତା । ଆଷ୍ଟନଙ୍କ ସହିତ ମତଭେଦ ଫଳରେ ମଧୁସୂଦନ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇଥିଲେ । ତା'ପରେ ଶ୍ରୀରାମପୁର କଲେଜରେ ଅଧ୍ୟାପକ ଚାକିରୀ ପାଇଁ ପ୍ରାର୍ଥୀ ହେଲେ । ବେତନ ମାସିକ ୨୦୦ଟଙ୍କା ବୋଲି କୁହାଗଲା । ମାତ୍ର ୪୦୦ଟଙ୍କାରୁ କମ୍ ହେଲେ ସେ ଚାକିରି କରିବେ ନାହିଁ କହି ଚାଲି ଆସିଲେ ।

ଏହି ସମୟରେ ସେ ଚକ୍ରବାରିଆ ରୋଡ୍‌ରେ ଏକ ଛୋଟିଆ ଖପରଲି ଘରେ ମାସିକ ସାତଟଙ୍କା ଭଡ଼ା ଦେଇ ରହୁଥିଲେ । ଅର୍ଥାଭାବରୁ ନିୟମିତ ଭଡ଼ା ଦେଇ ପାରୁନଥିଲେ । ଚିଉସନରୁ ଯାହା ମିଳୁଥିଲା ସ୍ୱାମୀ-ସ୍ତ୍ରୀ କଷ୍ଟେ ମୃଷ୍ଟେ ଚଳିଯାଉଥିଲେ । ଏହା ସତ୍ତ୍ୱେ କଲିକତାର ଅନେକ ଓଡ଼ିଆ ଛାତ୍ରଙ୍କୁ ସେ ସାହାଯ୍ୟ କରିବାକୁ କୁଣ୍ଠିତ ହେଉନଥିଲେ ।

୧୮୭୫ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ସେ ଆଦର୍ଶ ପ୍ରଶ୍ନ (Model question) ନାମରେ ଏକ ଇଂରାଜୀ ପୁସ୍ତକ ପ୍ରଣୟନ କରିଥିଲେ । ଏ ବହିଟି ଖୁବ୍ ଉପାଦେୟ ହୋଇଥିବାରୁ ୧୮୮୪ ମସିହା ବେଳକୁ ଏହାର ଅଷ୍ଟମ ସଂସ୍କରଣ ହୋଇ ପାରିଥିଲା । ନେତାଜୀଙ୍କ ପିତା ପ୍ରଖ୍ୟାତ ଓକିଲ ଜାନକୀନାଥ ବୋଷ ଏହି ପୁସ୍ତକରୁ ଇଂରାଜୀ ବ୍ୟାକରଣ ଜ୍ଞାନ ହାସଲ କରିଥିବା କଥା ଥରେ ପ୍ରକାଶ କରିଥିଲେ । ୧୮୭୬ ରେ ସେ ଖିଦିରପୁର ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ।

ଏକ ଘଟଣାରେ ପାଦ୍ରୀଙ୍କ ସହିତ ତାଙ୍କର ଝଗଡ଼ା ଫଳରେ ସେ ଆଉ ଗୀର୍ଜା ଯାଉନଥିଲେ । ବନ୍ଧୁ ଅମ୍ବିକା ଚରଣ ଖ୍ରୀଷ୍ଟିଆନ ହୋଇ ଯାଇଥିବାରୁ ପରିବାରରୁ ତ୍ୟାଜ୍ୟପୁତ୍ର ହୋଇଥିଲେ । ସସ୍ତ୍ରୀକ ସେ ମଧୁସୂଦନଙ୍କ ଘରେ ରହୁଥିଲେ । ସେଠାରେ ପ୍ରସବମୁହୂର୍ତ୍ତ ପ୍ରଥମ କନ୍ୟାର ଅକାଳ ମୃତ୍ୟୁ ଘଟିଥିଲା । ଶୈଳବାଳା ତାଙ୍କର ଦ୍ୱିତୀୟ କନ୍ୟା । ଅମ୍ବିକା ଚରଣ ସୌଦାମିନୀଙ୍କ କୋଳରେ ଶୈଳଙ୍କୁ ଛାଡ଼ିଦେଇ ସିମଲା ଚାଲିଯାଇଥିଲେ । ଶୈଳବାଳା ହୋଇଥିଲେ ମଧୁସୂଦନଙ୍କର ପାଳିତା କନ୍ୟା ।

ମଧୁସୂଦନ ଥିଲେ ବଙ୍ଗଳାର 'ରଏଲ ବେଙ୍ଗଲ ଟାଇଗର' ସାର ଆଶୁତୋଷ ମୁଖାର୍ଜୀଙ୍କର ଗୃହଶିକ୍ଷକ । ୧୮୭୭ ରୁ ୧୮୭୯ ପର୍ଯ୍ୟନ୍ତ ସେ ତାଙ୍କୁ ଇଂରାଜୀ ପଢ଼ାଉଥିଲେ । ଆଶୁତୋଷଙ୍କ ପିତା ଡାକ୍ତର ଗଙ୍ଗାଧର ମଧୁବାବୁଙ୍କର ବିଶିଷ୍ଟ ବନ୍ଧୁ । ଆଶୁତୋଷ ସାଧାରଣ କ୍ଷେତ୍ରରେ ମଧୁସୂଦନଙ୍କୁ ନିଜର ଗୁରୁ ଭାବରେ ଖୁବ୍ ସମ୍ମାନିତ କରୁଥିଲେ । ସାର ଆଶୁତୋଷଙ୍କ ପୁତ୍ର ବିଶିଷ୍ଟ ଜନନେତା ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ମଧୁସୂଦନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ କୃତଜ୍ଞତା ସମ୍ପର୍କରେ ବର୍ଣ୍ଣନା କରି ଲେଖିଛନ୍ତି– " ଶିକ୍ଷାଗୁରୁ ଦାସଙ୍କ ସହିତ ତାଙ୍କର ସମ୍ପର୍କ ଓ ତାଙ୍କଠାରେ ସେ କେତେ ଋଣୀ ତାହା ବର୍ଣ୍ଣନା କଲାବେଳେ ମୋ ପିତା ଅସୀମ ଆନନ୍ଦ ଅନୁଭବ କରୁଥିଲେ । କହୁଥିଲେ, 'ମଧୁସୂଦନ ମୋତେ ଯେ କେବଳ ଇଂରାଜୀ ଶିକ୍ଷା ଦେଇଥିଲେ ତାହା ନୁହେଁ, ମନୁଷ୍ୟର ଦୁଇଗୋଟି ପ୍ରଧାନ ଗୁଣ– ଚରିତ୍ର ଓ ସ୍ୱାଧୀନତା ଅନୁଶୀଳନ କରିବା ପାଇଁ ସେ ମୋତେ ଯଥେଷ୍ଟ ପ୍ରେରଣା ଦେଇଥିଲେ । ଦାସଙ୍କ ବ୍ୟକ୍ତିତ୍ୱ ଏହିପରି ଶକ୍ତିଶାଳୀ ଥିଲା'' ।

କଲିକତାରେ ସ୍କୁଲ ଚାକିରି, ହାଇକୋର୍ଟ ଚାକିରି, ଗୃହ ଶିକ୍ଷକତା, ନୈଶ ବିଦ୍ୟାଳୟ ଆଦି କର୍ମ ବ୍ୟସ୍ତତା ଭିତରେ ମଧୁସୂଦନଙ୍କ ଜୀବନ ଅତିବାହିତ ହେଉଥିଲା । ସେଥିପାଇଁ ସମୟାନୁବର୍ତ୍ତିତା ତାଙ୍କ କର୍ମମୟ ଜୀବନରେ ଏକ ଅଭ୍ୟାସ ହୋଇଯାଇଥିଲା । ସକାଳେ ଟ୍ୟୁସନ କରିବାକୁ ଯାଉଥିଲେ । ୧୦ଟାରୁ ୪ଟା ପର୍ଯ୍ୟନ୍ତ ଗାର୍ଡ଼ନରିଚ୍ ହାଇସ୍କୁଲରେ ପାଠ ପଢ଼ାଉଥିଲେ, ସନ୍ଧ୍ୟାରେ ଆଇନ କଲେଜରେ ବି.ଏଲ୍. ପଢୁଥିଲେ । ଘରକୁ ଫେରୁଥିଲେ ରାତି ନଅଟାରେ ।

ସୁରେନ୍ଦ୍ରନାଥ ବାନାର୍ଜୀ କଲିକତାରେ 'ଦି ଇଣ୍ଡିଆନ' ଆସୋସିଏସନ ସ୍ଥାପନ କରିଥିଲେ । ମଧୁବାବୁଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା, । ଆସୋସିଏସନର ସବୁ ଅଧିବେଶନରେ ମଧୁବାବୁ ଯୋଗ ଦେଉଥିଲେ । ଇଣ୍ଡିଆନ ଆସୋସିଏସନର ସବୁ କର୍ମକର୍ତ୍ତା ଥିଲେ ବାରିଷ୍ଟର । ମଧୁବାବୁଙ୍କ ଇଛା ହେଲା ବାରିଷ୍ଟର ହେବାକୁ । କିନ୍ତୁ ବିଲାତରେ ବାରିଷ୍ଟରୀ ପଢ଼ିବାକୁ ତାଙ୍କର ସମ୍ବଳ ନଥିଲା । ତେଣୁ କଲିକତା ପ୍ରେସିଡେନ୍ସି ସାନ୍ଧ୍ୟ କଲେଜରେ ବି.ଏଲ୍ ଶ୍ରେଣୀରେ ନାମ ଲେଖାଇ ୧୮୭୮ ମସିହାରେ ଓକିଲାତି ପାସ୍ କଲେ । କଲିକତାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ଓକିଲ ।

୧୮୭୮ ମସିହାରେ ପତ୍ନୀ ସୌଦାମିନୀଙ୍କ ଅକାଳ ବିୟୋଗ ଘଟିବାରୁ ମଧୁସୂଦନ ଅସହାୟ ହୋଇପଡ଼ିଲେ । ଚବିଶ ପ୍ରଗନାର ଆଲିପୁର କୋର୍ଟରେ ସେ ଓକିଲାତି ଆରମ୍ଭ କଲେ । ଖ୍ୟାତନାମା ଇଂରେଜ ବାରିଷ୍ଟର ଜେ.ଟି. ଉଡରଫଙ୍କ ସିରସ୍ତାରେ ସେ ପ୍ରଥମେ ଜୁନିଅର ରହିଲେ । ସେତେବେଳେ ତାଙ୍କୁ ୩୦ବର୍ଷ ବୟସ ।

କଟକର ରେଭେନ୍ୟୁ କମିଶନରଙ୍କ ଆସିଷ୍ଟାଣ୍ଟ ଓ ଗଡ଼ଜାତ ମାହାଲର ସୁପରିଟେଣ୍ଡେଣ୍ଟ ନନ୍ଦକିଶୋର ଥରେ ମଧୁବାବୁଙ୍କୁ ପତ୍ର ଲେଖିଲେ କଟକ ଫେରି ଆସିବାକୁ । ମଧୁବାବୁ ସ୍ଥିର କଲେ, କଟକ ଯିବାକୁ । ଦୀର୍ଘ ୧୬ବର୍ଷ କଲିକତା ରହଣୀ ପରେ ୧୮୮୧ ମସିହା ସେପ୍ଟେମ୍ବର ମାସ ୨୪ ତାରିଖରେ ଷ୍ଟିମରରେ ବସି ସେ କଟକ ଫେରିଲେ । ଷ୍ଟିମର ଜୋବ୍ରାରେ ଲାଗିଲାବେଳେ ତାଙ୍କୁ ପାଛୋଟି ନେବାକୁ ବେଶୀ କେହି ନଥିଲେ । କେବଳ ନନ୍ଦକିଶୋର, ମଧୁବାବୁଙ୍କ ସାନଭାଇ ଗୋପାଳବଲ୍ଲଭ ଓ ନାଟ୍ୟକାର ରାମଶଙ୍କର ରାୟ । ସାନଭାଇକୁ ସେ ପର୍ଯ୍ୟନ୍ତ ମଧୁବାବୁ ଦେଖିନଥିଲେ ।

ମଧୁବାବୁଙ୍କ ରହିବାପାଇଁ ନନ୍ଦକିଶୋର ଚାନ୍ଦିନୀଚୌକରେ ବିହାରୀଲାଲ ପଣ୍ଡିତଙ୍କ ବିହାରି ବାଗ କୋଠାଘର ଭଡ଼ାରେ ଯୋଗାଡ଼ କରି ଦେଇଥିଲେ । ସେପ୍ଟେମ୍ବର ୨୬ ତାରିଖରେ ରାମଶଙ୍କର ମଧୁବାବୁଙ୍କ ଉଦ୍ଦେଶ୍ୟରେ କଟକ ପ୍ରିଣ୍ଟିଂ କମ୍ପାନୀ କୋଠାରେ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରିଥିଲେ । କଟକରେ ଓକିଲାତି ଜୀବନ ଆରମ୍ଭ କାଳରେ ମଧୁବାବୁଙ୍କୁ ବାର୍ ଲାଇବ୍ରେରୀରେ ବସିବା ପାଇଁ ସ୍ଥାନ ମିଳିନଥିଲା । ତାଙ୍କୁ ବାର ଆସୋସିଏସନର ସଭ୍ୟ ମଧ୍ୟ କରାଯାଇନଥିଲା । ମଧୁବାବୁ ପ୍ରଥମ ଦିନ କଚେରୀକୁ ଓକିଲାତି କରିବାକୁ ଆସିଲା ଦିନ କେହି ତାଙ୍କୁ ସ୍ୱାଗତ ଜଣାଇନଥିଲେ । ବାର୍‌ରେ ବସିବା ପାଇଁ ଚଉକି ଖଣ୍ଡେ ମିଳି ନଥିଲା । ସିନିଅର ଓକିଲମାନେ ତାଙ୍କୁ କେତେ ଥଟ୍ଟା ପରିହାସ କରିଥିଲେ । ତା' ପରଦିନ ସେ ଜଜ୍ ସାହେବ କକଲାନଙ୍କ ଇଜଲାସ ସାମନା ବାରଣ୍ଡାରେ ବସିଲେ । ଏହା ଦେଖି ଜଜ୍ ସାହେବ ଦୟା ପରବଶ ହୋଇ ତାଙ୍କ ଖାସ୍ କାମେରାକୁ ଲାଗି ପେସ୍କାର ରୁମ୍‌ରେ ବସିବା ପାଇଁ ତାଙ୍କୁ ଅନୁମତି ଦେଇଥିଲେ ।

ଏହି ଠାରୁ ଆରମ୍ଭ ହୋଇଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ଘଟଣାବହୁଳ, ସଂଗ୍ରାମମୟ ଜୀବନର ପରବର୍ତ୍ତୀ ଅଧ୍ୟାୟ ।

କ୍ୱାର୍ଟର ନଂ.୧୨/୨, ଟାଇପ୍ ଭି/ଏ, ୟୁନିଟ୍-୨, ଭୁବନେଶ୍ୱର

# ଦେଶ ପାଇଁ ମଧୁ ଦାସ ଦାଣ୍ଡର ଭିକାରୀ

" ଜୀବନବ୍ୟାପୀ ଦୀର୍ଘ ସଂଗ୍ରାମ ମଧ୍ୟରେ, ମଧୁସୂଦନ ନିଜର ଏକକ ଉଦ୍ୟମରେ ଯେତେ ଯାହା ସବୁ ଅନୁଷ୍ଠାନ ଗଢ଼ିଥିଲେ, ସେସବୁ ଗୋଟି ଗୋଟି ହୋଇ ନିଜ ଆଖି ଆଗରେ ଏବେ ଜୀବନ ସାୟାହ୍ନରେହିଁ ଭୁଶୁଡ଼ି ପଡ଼ିଲା । ଓଡ଼ିଶାର ସର୍ବ ପ୍ରଥମ ରାଜନୈତିକ ଅନୁଷ୍ଠାନ 'ଉତ୍କଳସଭା'– ସେଦିନକୁ ଇତିହାସର ସାମଗ୍ରୀ.... 'ଉତ୍କଳ ସମ୍ମିଳନୀ' ୧୯୨୦ ସାଲରୁ ବିଲୁପ୍ତ । 'ପ୍ରଜା ପ୍ରତିନିଧି ସଭା' ବିସ୍ମୃତ.... 'ଓଡ଼ିଶା ଆର୍ଟସ ଓ୍ୱେୟାରସ୍' ଗତାୟୁ..... ଜୀବନ୍ମୃତ ଅବସ୍ଥାରେ ପଡ଼ି ରହିଥିଲା କେବଳ ଉତ୍କଳ ଟ୍ୟାନେରୀ । ବଙ୍ଗଳା ସରକାରଙ୍କ ଟ୍ୟାନେରୀ ବିଶେଷଜ୍ଞ ବି.ଏମ୍ ଦାସ୍ ଯାହାକୁ ନିଜ ରିପୋର୍ଟରେ ଅଭିହିତ କରିଥିଲେ– " ବଙ୍ଗଳା, ବିହାର ଓ ଓଡ଼ିଶାରେ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ଏକ ପଥିକୃତ ପ୍ରଚେଷ୍ଟା" ରୂପେ । ସବୁ ଭାଙ୍ଗି ପଡ଼ିଥିଲା । ସବୁ ଭୁଶୁଡ଼ି ପଡ଼ିଥିଲା– ଭବିଷ୍ୟତର ମୁକାବିଲା ପାଇଁ ତଥାପି ଅନମନୀୟ ରହିଥିଲା, କେବଳ ମଧୁସୂଦନଙ୍କ ଅବିଚଳିତ ଆତ୍ମପ୍ରତ୍ୟୟ, ଝଞ୍ଜା ବିଧ୍ୱସ୍ତ ଏକ ବନସ୍ପତି ପରି ।" (ସୁରେନ୍ଦ୍ର ମହାନ୍ତି)

ସେଇ ଆତ୍ମପ୍ରତ୍ୟୟକୁ ପୁଞ୍ଜି କରି ମଧୁସୂଦନ ଛଅସ୍ତରୀ ବର୍ଷ ବୟସ ସତ୍ତ୍ୱେ ଟ୍ୟାନେରୀକୁ ପୁଣି ଥରେ ପାଦରେ ଠିଆ କରାଇବାକୁ ଆରମ୍ଭ କରିଥିଲେ ଆପ୍ରାଣ ଉଦ୍ୟମ । କଂଗ୍ରେସର ଉଦାସୀନତା ସତ୍ତ୍ୱେ ଟ୍ୟାନେରୀକୁ ବଞ୍ଚାଇବା ପାଇଁ ସେ ଏହାକୁ ଏକ ପବ୍ଲିକ ଲିମିଟେଡ୍ କମ୍ପାନୀରେ ପରିଣତ କରିଥିଲେ । କମ୍ପାନୀ ଚଳାଇବା ପାଇଁ ଅନ୍ୟୁନ ଆଠ ଲକ୍ଷ ଟଙ୍କା ପାଣ୍ଠି ଆବଶ୍ୟକ । ଗୋପାଳ ଚନ୍ଦ୍ର ପ୍ରହରାଜ ସ୍ୱେଚ୍ଛା ପ୍ରଣୋଦିତ ଭାବରେ ନିଜକୁ ନିୟୋଜିତ କରିଦେଲେ, ଉତ୍କଳ ଟ୍ୟାନେରୀର ଅଂଶ ବିକ୍ରୟ ପାଇଁ ପ୍ରଚାର କରିବାରେ । "ମୋର ଭାଇମାନଙ୍କୁ ନିବେଦନ" ଶୀର୍ଷକ ପ୍ରଚାର ପୁସ୍ତିକାରେ ଗୋପାଳଚନ୍ଦ୍ର ଲେଖିଥିଲେ– 'ଉତ୍କଳ ଟ୍ୟାନେରୀ ଚମଡ଼ା କାରଖାନାକୁ ମଧୁବାବୁ ଆଜିଯାଏ ଚଳାଇ ଆସିଲେ । ପହିଲେ ପହିଲେ ଯେତକ ଲୋକସାନ ହେଲା, ସେତକ ମଧୁବାବୁ ନିଜେ ସହିଲେ । ଘରୁ ଖାଇ ଘୋଡ଼ା ଆଗରେ ଡେଇଁଲେ । ବିଲାତରୁ ହଜାର ହଜାର ଟଙ୍କା ଖରଚ କରି ଚମଡ଼ା କସିବାର ଓ ତିଆରି କରିବାର ବାରିକ ବାରିକ କଳମାନ ଅଣାଇଲେ । ଓଲିଲାତି ଛାଡ଼ି ଅନେକ ସାହେବ କାରିଗରଙ୍କୁ ହଜାର ହଜାର ଟଙ୍କା ଦରମା ଦେଇ ଆଣି ଆପଣା କାରଖାନାରେ ଚାକିରି ଦେଲେ । ଓ ନିଜେ ପରୀକ୍ଷା କରି, ନାନା ଦେଶର ନାନା ପୋଥି ଦେଖି, ମେସିନରେ ଯୋଗଯୋଗ ଶିଖିଥିଲେ । ଏହି କଥାରେ ଜୀବନର ୨୦ବର୍ଷ ବିତିଗଲା ଓ ଏହା କରୁ କରୁ ତାଙ୍କର ତିନିଲକ୍ଷ ଟଙ୍କା ଲୋକସାନ ହେଲା । ଏତକ ମଧୁବାବୁ ନିଜେ ସହିଲେ । *** ମଧୁବାବୁ ଆସି ବୃଦ୍ଧ ହେଲେଣି । ଏ କାରଖାନା ଯୋଗୁଁ ସେ ଯେତେ ଲୋକସାନ କରିଛନ୍ତି ସେଥିପାଇଁ କାଙ୍ଗାଳ ହେବାକୁ ବସିଛନ୍ତି । *** ଏ କମ୍ପାନୀଟି କିପରି ଆମ ଦେଶର ଲୋକଙ୍କ ସ୍ନେହ ଆକର୍ଷଣ କରିପାରିବ, ଏଥିପାଇଁ ମଧୁବାବୁ ବର୍ତ୍ତମାନ ବାୟା ହୋଇଅଛନ୍ତି ।"

କକ୍ସ କମ୍ପାନୀର ଦେଣାର ପରିମାଣ ବଢ଼ି ବଢ଼ି ତିନିଲକ୍ଷ ଟଙ୍କା ହେଲାଣି । ଋଣ ପରିଶୋଧ ପାଇଁ ପ୍ରତି ମୁହୂର୍ତ୍ତରେ ତାଗିଦା, ଓକିଲ ନୋଟିସ । ମଧୁସୂଦନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ପ୍ରଚାର ଫଳରେ ବିହାରରେ କେତେକ ସେଆର ବିକ୍ରୀ ହୋଇପାରିଥିଲା । ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଉଦ୍ୟମରେ ବଙ୍ଗଳାର କେତେକ ଜମିଦାର ଓ ଧନାଢ୍ୟ ବ୍ୟକ୍ତି ଉତ୍କଳ ଟ୍ୟାନେରୀର କିଛି ଅଂଶ ମଧ୍ୟ କିଣିଥିଲେ । କିନ୍ତୁ ଏତେ ଉଦ୍ୟମ ସତ୍ତ୍ୱେ ଉତ୍କଳ ଟ୍ୟାନେରୀ ପାଇଁ ପାଣ୍ଠିତ ଦୂରର କଥା, କକ୍ସ କମ୍ପାନୀର ଦେଣା ପରିଶୋଧ ପାଇଁ ସୁଦ୍ଧା ଅର୍ଥ ସଂଗୃହୀତ ହୋଇ ପାରୁନଥିଲା । କଲିକତାର ଖ୍ୟାତନାମା ୟୁରୋପୀୟ କମ୍ପାନୀ ହ୍ୱାଇଟଓ୍ୱେ ଲେଡ୍‌ଲର ଉତ୍କଳ ଟ୍ୟାନେରୀକୁ ଅଗ୍ରିମ ଓ ୫୦ ହଜାର ଟଙ୍କା ରୟାଲିଟି ଦେବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ସର୍ତ୍ତ ରଖିଲେ ଟ୍ୟାନେରୀ କୋଠାରେ ତାଙ୍କ କମ୍ପାନୀର ସିଲ ରହିବ । ମଧୁବାବୁ ରୋକଠୋକ୍ ମନା କରିଦେଲେ– ମଧୁ ଦାସ ଲୋଭରେ ଓଡ଼ିଆ ଜାତିର ମାନ ଇଜ୍ଜତ ଇଂରେଜ ପାଖରେ ବିକ୍ରୀ କରି ପାରିବ ନାହିଁ ।

ଅପର ପକ୍ଷରେ କଂଗ୍ରେସର ଗୋଟିଏ ଗୋଷ୍ଠୀ ମଧୁସୂଦନଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ଜୀବନର ନାନା ତିକ୍ତ ସମାଲୋଚନାରେ ହୋଇ ଉଠିଥିଲେ ଶତମୁଖ । ଟ୍ୟାନେରୀ ସେମାନଙ୍କ ଦୃଷ୍ଟିରେ ଥିଲା ଯେପରି ବ୍ରିଟିଶ ଉପନିବେଶବାଦର ସଂକେତ । ଟ୍ୟାନେରୀର ସେଆର ଜନସାଧାରଣଙ୍କ ମଧ୍ୟରେ ଯେପରି ବିକ୍ରୟ ନହୁଏ, ସେଥିପ୍ରତି ସେମାନେ ଥିଲେ ଅଧିକତର ସଚେଷ୍ଟ । ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ– "ମଧୁବାବୁ ବହୁ ଅର୍ଥ, ସମୟ ଓ ଶକ୍ତି ବ୍ୟୟ କରି ଉତ୍କଳ ଟ୍ୟାନେରୀକୁ ଦେଶ ବିଦେଶରେ ବିଖ୍ୟାତ କରାଇଛନ୍ତି । ଏହା ଓଡ଼ିଶା ପକ୍ଷରେ ଏକ ଗୌରବ । ଓଡ଼ିଶାର ବୁଝିବା ସୁଝିବା ଲୋକେ ଟ୍ୟାନେରୀକୁ ଓଡ଼ିଆ ଲୋକଙ୍କ ହାତରେ ରଖିବାକୁ ଚାହିଁବେ, ସନ୍ଦେହ ନାହିଁ । ଏହା ମୋର ଏକାନ୍ତ ଇଚ୍ଛା । ଉତ୍କଳ ଟ୍ୟାନେରୀ ବିଦେଶୀ ବ୍ୟବସାୟୀଙ୍କ ହାତକୁ ଯିବା, ଉତ୍କଳବାସୀଙ୍କ ପକ୍ଷରେ ବଡ଼ ନିନ୍ଦାର ବିଷୟ ହେବ ।"

ଓଡ଼ିଶାରେ ଟ୍ୟାନେରୀର ଅଂଶ ବିକ୍ରୟ ଆଉ ଅଗ୍ରଗତି କରିପାରି ନଥିଲା । ବହୁ ଚେଷ୍ଟାରେ ଯେଉଁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଅଂଶ ବାବଦକୁ ଉଠିଥିଲା, ଜନ୍‌ସ କମ୍ପାନୀକୁ ପରିଶୋଧ ଦିଆଯିବା ପରେ ସୁଦ୍ଧା ଆହୁରି ପ୍ରାୟ ଲକ୍ଷେ ପନ୍ଦର ହଜାର ନଅଶହ ଚଉଦ ଟଙ୍କା ସଇଁତିରିଶ ପଇସା ଋଣ ବାବଦକୁ ଅବଶିଷ୍ଟ ରହିଥିଲା । ଏହାର ଅଦାୟ ପାଇଁ ଟ୍ୟାନେରୀ କେତେବେଳେ ଯେ ନିଲାମରେ ଉଠିବ ତାହାର କୌଣସି ସ୍ଥିରତା ନଥିଲା । ଏଣେ ଚୋଳା ମିଆଁ ବଜାରରେ ତାଙ୍କର ପ୍ରିୟତମ ବାସଗୃହ ଓ କଟକ ସହରରେ ଥିବା ଅନ୍ୟାନ୍ୟ ଭୂସମ୍ପତ୍ତି ଉପରେ ଦେଣାଦାରମାନଙ୍କର ଡିକ୍ରୀଜାରୀ ପରୱାନା ଜାରୀ ହେବାର ସମ୍ଭାବନା ଦିନୁ ଦିନ ସ୍ପଷ୍ଟ ହୋଇ ଉଠୁଥିଲା । ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କଠାରୁ ଆରମ୍ଭ କରି, ବହୁଗ୍ରାମର ନନ୍ଦକୁମାର ଏଷ୍ଟେଟ ପର୍ଯ୍ୟନ୍ତ ଦେଣାଦାରମାନଙ୍କ ସଂଖ୍ୟା ଥିଲା ଏକାଧିକ । ଋଣ ପରିଶୋଧ ପାଇଁ ସେମାନଙ୍କର ତାଗିଦା ଓ ଓକିଲ ନୋଟିସ ଶତ ବୃଶ୍ଚିକ ଦଂଶନରେ ମଧୁସୂଦନଙ୍କ ପ୍ରତିଟି ମୁହୂର୍ତ୍ତକୁ ଅସହନୀୟ ଜ୍ୱାଳାରେ ଅସ୍ୱସ୍ତିପୂର୍ଣ୍ଣ କରି ଦେଉଥିଲା ।

ମଧୁସୂଦନ ଆଶା କରିଥିଲେ, ମହାତ୍ମାଜୀଙ୍କ ମଙ୍ଗଳ ସ୍ପର୍ଶରେ ଟ୍ୟାନେରୀ ପୁଣି ସଂଜୀବିତ ହୋଇ ଉଠିବ । ଧ୍ୱଂସ ମୁଖରୁ ରକ୍ଷା ପାଇପାରିବ । ମାତ୍ର ମଧୁସୂଦନଙ୍କର ସେ ସବୁ ଆଶା ବୃଥା ହୋଇଗଲା । ସେଆର ବିକ୍ରୀରୁ ଆଉ ଟଙ୍କା ଉଠାଇବାର ମଧ ସମ୍ଭାବନା ନଥିଲା ।

ଜନସ୍ କମ୍ପାନୀ ଆଉ ଅପେକ୍ଷା କରିବାକୁ ପ୍ରସ୍ତୁତ ନଥିଲେ । ତେବେ ସବଜଜ୍ କୋର୍ଟରେ ସେମାନେ ଡିଗ୍ରୀ ପାଇ ସାରିଥିଲେ । କେବଳ ଡିଗ୍ରୀଜାରୀ ପାଇଁ ଥିଲା ଅପେକ୍ଷା । ୧୯୨୬ ସାଲରେ ସେମାନେ ଡିଗ୍ରୀଜାରୀ ପାଇଁ କୋର୍ଟରେ ଆବେଦନ କଲେ । ଏହାପରେ ଟ୍ୟାନେରୀ ନିଲାମରେ ଉଠିବା ବ୍ୟତୀତ ଗତ୍ୟନ୍ତର ନଥିଲା ।

ମଧୁସୂଦନଙ୍କର ସମସ୍ତ ଆୟ, ସମସ୍ତ ସଞ୍ଚୟ, ସମସ୍ତ ଋଣ ନିୟୋଜିତ ହୋଇଥିଲା ଏ ଟ୍ୟାନେରୀରେ । ଏହା କେବଳ ତାଙ୍କର ସ୍ୱପ୍ନ ନଥିଲା, ଏହା ମଧ ଥିଲା ତାଙ୍କର ଅହଙ୍କାର, ଓଡ଼ିଆ ଜାତିର ଅହଙ୍କାର । ମାତ୍ର ତାହା ଏବେ ଉଠୁଥିଲା ନିଲାମରେ ।

ଶେଷ ଚେଷ୍ଟା ପାଇଁ ମଧୁସୂଦନ ଦ୍ୱାରସ୍ଥ ହୋଇଥିଲେ, ଚୌଧୁରୀବଜାରର ଜଣେ ମହାଜନଙ୍କ ପାଖରେ । ତାଙ୍କର ପୂର୍ବ ଦେଣା ଅନେକ । ତଥାପି ଟ୍ୟାନେରୀକୁ ନିଲାମରୁ ରକ୍ଷା କରିବା ପାଇଁ ସେତେବେଳେ ଯଦି ଆଉ କିଛି ଋଣ ସେ ଦେଇପାରନ୍ତି । ମହାଜନ ଦ୍ୱାରରୁ ମଧୁସୂଦନ ଫେରିଛନ୍ତି ନିରାଶ ହୋଇ ।

ଟ୍ୟାନେରୀ ନିଲାମର ଦିବସ ନିର୍ଦ୍ଦିଷ୍ଟ ହୋଇଥିଲା, ସେପ୍ଟେମ୍ବର ୧୫ ତାରିଖକୁ । ସେ ନେଇଥିଲେ ଦୁଇମାସ ମହଲତ । ନଭେମ୍ବର ୧୫ ତାରିଖକୁ ନିଲାମ ଘୁଞ୍ଚି ଯାଇଥିଲା ।

୭୮ ବର୍ଷ ବୟସରେ ମଧୁସୂଦନ ଏ ଆଘାତ ଆଶା କରିନଥିଲେ । ଏ ପ୍ରହାର ଯେତେ ତାଙ୍କ ଆର୍ଥିକ ସ୍ଥିତି ଉପରେ ପଡ଼ିନଥିଲା, ସେତେ ପଡ଼ିଥିଲା ତାଙ୍କ ଅହଙ୍କାର ଉପରେ ।

ନିଲାମ ପୂର୍ବଦିନ ମଧୁସୂଦନ ଆସିଲେ ପୁରୀ । ମଧୁସୂଦନ ସହାୟ ହୋଇ ନଥିଲେ ରାମଚନ୍ଦ୍ର ଦେବ ପୁରୀ ରାଜଗାଦୀ ପାଇବା ଥିଲା ସନ୍ଦେହଜନକ । ଏଇ ପୃଷ୍ଠଭୂମିରେ ମଧୁସୂଦନ ରାମଚନ୍ଦ୍ର ଦେବଙ୍କ ଦ୍ୱାରସ୍ଥ ହୋଇଥିଲେ, ଟ୍ୟାନେରୀକୁ ନିଲାମରେ ଧରିବା ପାଇଁ ଅନୁରୋଧ ଘେନି । ମଧୁସୂଦନ କହିଲେ, '' ଉତ୍କଳ ଟ୍ୟାନେରୀ କାଲି ଉଠିବ ନିଲାମରେ । ତୁମେ ନିଲାମ ଧରିବ । ତା ହେଲେ ମୁଁ ପରେ ନିଲାମ ଟଙ୍କା ପରିଶୋଧ କରି ତୁମଠାରୁ ଟ୍ୟାନେରୀ ମୁକୁଳାଇ ପାରିବି ।'' ମଧୁସୂଦନଙ୍କ ପ୍ରସ୍ତାବରେ ରାମଚନ୍ଦ୍ର ରାଜି ହୋଇଗଲେ ।

କଟକର ସବ୍‌ଜଜ୍ ବି.ଏମ୍ ଦାସଙ୍କ ରିପୋର୍ଟର ଭିତ୍ତିରେ ଟ୍ୟାନେରୀ ମୂଲ୍ୟ ନିରୂପଣ କରିଥିଲେ ଅଢ଼େଇ ଲକ୍ଷ ଟଙ୍କା । ମାତ୍ର ରାମଚନ୍ଦ୍ର ଦେବ ତାହାକୁ ନିଲାମ ଧରିଲେ ୬୫ ହଜାର ଟଙ୍କାରେ । ବାହାରୁ କେହି ଏତେ ଟଙ୍କାରେ ନିଲାମ ଧରିବା ପାଇଁ ପ୍ରସ୍ତୁତ ନଥିଲେ ।

'ଉତ୍କଳ ଦୀପିକା' (୧୯୨୬ ନଭେମ୍ବର ୨୦ ତାରିଖ) ଲେଖିଥିଲେ – ''ସମସ୍ତ ପ୍ରକାର ପ୍ରଚେଷ୍ଟା ସତ୍ତ୍ୱେ ନଭେମ୍ବର ୧୫ ତାରିଖରେ ଉତ୍କଳ ଟ୍ୟାନେରୀ ନିଲାମ ହେଲା । ପୁରୀର ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ୬୫ ହଜାର ଟଙ୍କାରେ ଏହାକୁ ନିଲାମ ଧରିଲେ । *** ଏକ ସମୟରେ ପୁରୀ ରାଜଭବନ ନିଲାମ ହୋଇଯାଇଥିଲା ଓ ତାହାକୁ ମଧୁବାବୁ କିଣି ନେଇ ପୁଣି ସମ ପରିମାଣର ଅର୍ଥର ବିନିମୟରେ ତାହା ପୁରୀ ରାଜାଙ୍କୁ ଫେରାଇ ଦେଇଥିଲେ । ଠିକ୍ ସେହିପରି ଭାବରେ ମଧୁବାବୁଙ୍କର ପ୍ରାଣାଧିକ ଉତ୍କଳ ଟ୍ୟାନେରୀକୁ ବିଦେଶୀୟ କମ୍ପାନୀ ହାତରୁ ରକ୍ଷା କରି ପୁରୀ ରାଜା ଧନ୍ୟବାଦର ପାତ୍ର ହୋଇଅଛନ୍ତି ।''

ଇତି ମଧ୍ୟରେ ବିହାର-ଓଡ଼ିଶା ଲେଜିସଲେଟିଭ କାଉନସିଲ ନିର୍ବାଚନ ପୁଣି ଆସନ୍ନ ହୋଇଥିଲା । କିନ୍ତୁ କଂଗ୍ରେସର ଅକୁଣ୍ଠ ସମର୍ଥନ ଓ ସଦିଚ୍ଛା ସତ୍ତ୍ୱେ କାଉନସିଲକୁ ଯିବା ପାଇଁ ମଧୁସୂଦନଙ୍କର ଆଉ ଅବକାଶ ନଥିଲା । ତାଙ୍କ ଭାଗ୍ୟାକାଶରେ ଦୁର୍ଦ୍ଦିନର ଅନ୍ଧକାର କ୍ରମେ ଘନୀଭୂତ ହୋଇ ଆସୁଥିଲା । ଦେଣାଦାରମାନଙ୍କ ବନ୍ଧନରୁ ମୁକ୍ତି ପାଇବା ସେତେବେଳେ ଥିଲା, ତାଙ୍କର ଏକମାତ୍ର ସମସ୍ୟା ଓ ସଂକଟ । ମଧୁସୂଦନଙ୍କ ଚାରିପଟେ ଦେଣାଦାରମାନଙ୍କର ଡିଗ୍ରୀଜାରୀ ପରୱାନା । ୭୯ ବର୍ଷ ବୟସରେ ସେ ଯେପରି ବସି ରହିଥିଲେ ଭୟଙ୍କର ଏକ ଭୂମିକମ୍ପର କେନ୍ଦ୍ରବିନ୍ଦୁ ଉପରେ । ତାଙ୍କର ଚାରିପଟେ ସବୁ ଭାଙ୍ଗି ଭୁଶୁଡ଼ି ପଡୁଥିଲା । ରାଜନୀତି କ୍ଷେତ୍ରରେ ମଧ ସେ କ୍ରମେ ହୋଇ ପଡ଼ିଥିଲେ ଅବାନ୍ତର । ତରୁଣମାନଙ୍କ ଦୃଷ୍ଟିରେ ମଧୁସୂଦନ ହଠାତ୍ ହୋଇ ଉଠିଥିଲେ ଯେପରି ଓଡ଼ିଶାର ଅଭ୍ୟୁଦୟ ପଥରେ ଏକ କଣ୍ଟକ !.

ଏକଦା ଲାଟ୍, କମିଶନର, ଏକ୍‌ଜିକ୍ୟୁଟିଭ୍ କାଉନସିଲରଙ୍କଠାରୁ ଆରମ୍ଭ କରି ରାଜା ମହାରାଜା, ଜମିଦାରଙ୍କ ପର୍ଯ୍ୟନ୍ତ କେତେ ଧନୀ, ମାନୀ ମଧୁସୂଦନଙ୍କର ବନ୍ଧୁ, ବଶମ୍ବଦ ନଥିଲେ । ମାତ୍ର ଦୁର୍ଭାଗ୍ୟର ବନ୍ୟା ସ୍ରୋତରେ ସେମାନଙ୍କର ସବୁ ବନ୍ଧୁତ୍ୱ ବାଲିବନ୍ଧ ପରି କୁଆଡ଼େ ଭାସିଗଲା । ଆଜି ସେ ନିଃସ୍ୱ, ରିକ୍ତ । କହିବାକୁ ଗଲେ ବାସହୀନ ମଧ । ବସ୍ତୁତଃ ଟ୍ୟାନେରୀ ନିଲାମରେ ଯିବା ପରଠାରୁ ମଧୁସୂଦନ ଜୀବନର ସୁଖ ଦୁଃଖ ସମ୍ପର୍କରେ ସମ୍ପୂର୍ଣ୍ଣ ବୀତସ୍ପୃହ ହୋଇ ଉଠିଥିଲେ । ତାଙ୍କଠାରେ ଗୌରବ-ଅପମାନର ଆଉ କୌଣସି ମୂଲ୍ୟ ନଥିଲା ।

ମାତ୍ର ପଞ୍ଚଷଠି ହଜାର ଟଙ୍କାରେ ଟ୍ୟାନେରୀ ନିଲାମରେ ଉଠିବାରୁ କକ୍ସ କମ୍ପାନୀର ଋଣ ତ ପୁରାପୁରି ପରିଶୋଧ ହେଲା ନାହିଁ, ଅପର ପକ୍ଷରେ ଅନ୍ୟ ଯେଉଁ ଦେଣାଦାରମାନେ ଡିକ୍ରୀ ପାଇ ବସିଥିଲେ, ନିଜ ନିଜର ଦେଣା ଆଦାୟ ପାଇଁ ସେମାନେ ମଧ ସକ୍ରିୟ ହୋଇ ଉଠିଲେ ।

୧୯୨୪ ସାଲରେ ପାରଳାର ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମୋଟ ଟ.୨୪,୬୫୨୧ ଋଣ ଆଦାୟ ପାଇଁ ମଧୁସୂଦନଙ୍କ ବାସଭବନ ଓ ଅନ୍ୟ ସମ୍ପତ୍ତି ଉପରେ ସବ୍‌ଜଜ୍ ଅଦାଲତରୁ ମଧ ଡିକ୍ରୀ ପାଇଥିଲେ । ସେତେବେଳେ ବାସଭବନକୁ ଡିକ୍ରୀଜାରୀରୁ ରକ୍ଷା କରିବା ପାଇଁ ମଧୁସୂଦନଙ୍କ ପରିବାରରେ ପ୍ରତିପାଳିତ ଚନ୍ଦ୍ର କୁମାର ହାଜରା ଡିକ୍ରୀଦାର ରୂପେ ପାରଳା ମହାରାଜାଙ୍କ ସ୍ଥାନରେ ସ୍ଥଳାଭିଷିକ୍ତ ହୋଇଥିଲେ । ସେଇଦିନୁ ପ୍ରକୃତ ପକ୍ଷେ ଚନ୍ଦ୍ର କୁମାର ହାଜରାହିଁ ହୋଇଥିଲେ ଭୋଳା ମିଆଁ ବଜାରର ମଧୁସୂଦନଙ୍କର ସେଇ ଦ୍ୱିତଳ ବାସଭବନର ସ୍ୱତ୍ୱାଧିକାରୀ । ଏହାର ଗୋଟିଏ ପାଖ ଭଡ଼ା ନେଇଥିଲେ କୋ-ଅପରେଟିଭ୍ ଡେପୁଟି ରେଜିଷ୍ଟ୍ରାର । ଅନ୍ୟ ପାଖରେ ମଧୁସୂଦନ ରହୁଥିଲେ ଚନ୍ଦ୍ରକୁମାରଙ୍କ ଅନୁଗୃହୀତ ଭଡ଼ାଟିଆ ରୂପେ ।

ଇତି ପୂର୍ବରୁ ନନ୍ଦ କୁମାର ଏଷ୍ଟେଟ ମଧ ଋଣ ଆଦାୟ ପାଇଁ ଏଇ ବାସଭବନ ସହିତ ତୁଳସୀପୁର ଅଞ୍ଚଳରେ ଥିବା ଅନାମ ବାସ କୋଠା ଓ ଅନ୍ୟ ଭୂସମ୍ପତ୍ତି ଉପରେ ଡିକ୍ରୀ ପାଇ ସାରିଥିଲେ । ମଧୁସୂଦନ ସେତେବେଳେ ନନ୍ଦକୁମାର ଏଷ୍ଟେଟଙ୍କ ପାଖରେ ଉହଣି ବନ୍ଧକ ତମସୁକ କରିଦେଇ ଏଇ ବାସଭବନଟିକୁ ଦ୍ୱିତୀୟ ଥର ରକ୍ଷା କରିଥିଲେ ।

ମାତ୍ର ମଧୁସୂଦନଙ୍କ ଡିକ୍ରୀଧାରୀମାନଙ୍କ ସଂଖ୍ୟା ଥିଲା ଏକାଧିକ । ସେମାନଙ୍କ ମଧରେ କଲିକତାର କକ୍ସ କମ୍ପାନୀଠାରୁ ଆରମ୍ଭ କରି ବିହାରର କେତେକ ଜମିଦାର ଓ ଓଡ଼ିଶାର ରାଧାପ୍ରସାଦ ଭଗତ, ଗଣେଶଲାଲ ପଣ୍ଡିତ, ନନ୍ଦକୁମାର ଏଷ୍ଟେଟ, ପାରଳା ମହାରାଜା ପର୍ଯ୍ୟନ୍ତ ଥିଲେ ନାନା ଜମିଦାର ଓ ମହାଜନ । ମହାଜନମାନେ ମୂଳ ଓ ସୁଧରୁ କାଣୀ କଉଡ଼ିଟିଏ ପର୍ଯ୍ୟନ୍ତ ଛାଡ଼ିବା ପାଇଁ ନାରାଜ । ଡିକ୍ରୀଦାରମାନଙ୍କ ମଧରେ ପୁଣି ଏପରି କେତେକ ଥିଲେ ଯେଉଁମାନେ ପ୍ରତିହିଂସା ପରାୟଣ ହୋଇ ମଧୁସୂଦନଙ୍କୁ ଦାଣ୍ଡର ଭିକାରୀ କରିବାରେ କେବଳ ସନ୍ତୁଷ୍ଟ ନରହି ତାଙ୍କୁ ସିଭିଲ ଜେଲ୍ ଦେବାପାଇଁ ତତ୍ପର ହୋଇଉଠିଥିଲେ । ବିହାରର ଜଣେ ଜମିଦାର ଥିଲେ ଏଥିରେ ଅଗ୍ରଣୀ ।

ମଧୁସୂଦନଙ୍କ ସହପାଠୀ ଓ ଯୌବନର ବନ୍ଧୁ ସ୍ୱର୍ଗତ ଅମ୍ବିକା ଚରଣ ହାଜରାଙ୍କ ପୁତ୍ର ଚନ୍ଦ୍ର କୁମାର ପିତାଙ୍କ ମୃତ୍ୟୁ ପରେ ୧୯୧୩ ସାଲ ପର୍ଯ୍ୟନ୍ତ କଟକରେ ମଧୁସୂଦନଙ୍କ ପରିବାରରେ ରହି ପ୍ରତିପାଳିତ ଓ ଶିକ୍ଷାପ୍ରାପ୍ତ ହୋଇଥିଲେ । ମଧୁସୂଦନଙ୍କ ଅର୍ଥ ସାହାଯ୍ୟରେ ସେ ବିଲାତ ଯାଇ ବାରିଷ୍ଟରୀ ପାଶ୍ କରିଥିଲେ । ଏବେ ମଧୁସୂଦନ ହୋଇଥିଲେ ସେଇ ଚନ୍ଦ୍ରକୁମାରଙ୍କ ଅନୁଗୃହୀତ ସାହାଯ୍ୟ ପ୍ରାର୍ଥୀ ।

ମଧୁସୂଦନଙ୍କଠାରୁ ଟେଲିଗ୍ରାମ ପାଇ ଚନ୍ଦ୍ରକୁମାର ହାଜରା ମେଦିନିପୁରରୁ କଟକ ଆସିଥିଲେ ବାସଗୃହ ସମ୍ପର୍କରେ କିଛି ଗୋଟାଏ ଚୂଡ଼ାନ୍ତ ବ୍ୟବସ୍ଥା କରିବା ପାଇଁ । ମଧୁସୂଦନଙ୍କ ବାସଗୃହକୁ ଚନ୍ଦ୍ର କୁମାର ନିଲାମରେ ଉଠାଇବା ପାଇଁ ଥିଲେ କୁଣ୍ଠିତ । କିନ୍ତୁ ମଧୁସୂଦନଙ୍କ ଓକିଲ ପାରେଶ୍ୱର ଓ ସୁବାରାଓ ପ୍ରମୁଖଙ୍କ ପରାମର୍ଶରେ ଅବଶେଷରେ ଭୋଳାମିଆ ବଜାର, ମିଶନରୋଡ଼ ଉପରେ ଥିବା ମଧୁସୂଦନଙ୍କ ଐତିହାସିକ ବାସଗୃହ ନିଲାମ ଉଠାଇବା ପାଇଁ ଚନ୍ଦ୍ରକୁମାର ହାଜରା ସବ୍‌ଜଜ୍ କୋର୍ଟରେ ମକଦ୍ଦମା ଦାୟର କଲେ । (Execution case No.296 of 1925) ମଧୁସୂଦନଙ୍କ ବାସଗୃହ ଶେଷକୁ ନିଲାମରେ ଉଠିଲା ।

*ଏହା କେବଳ ମଧୁସୂଦନଙ୍କର ବାସଭବନ ନଥିଲା— ଏହା ଥିଲା ଓଡ଼ିଆ ଜାତୀୟତାର ପ୍ରାଣକେନ୍ଦ୍ର । ଏକ ଜାତୀୟ ଅନୁଷ୍ଠାନ । ବିଗତ ଶତାବ୍ଦୀର ଶେଷ ଦଶକରେ ଏହି ଭବନ ନିର୍ମିତ ହେବାଦିନୁ ଓଡ଼ିଶାର ପ୍ରତ୍ୟେକ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ଏଇଠାରୁ । ଏହା ଥିଲା ପୁଣି ଓଡ଼ିଶାରେ ସ୍ୱଦେଶୀ ଶିଳ୍ପର ପ୍ରସୂତିଶାଳା । ଓଡ଼ିଶା ଆର୍ଟ ୱାର୍କ କାରଖାନା ଓ ସ୍ୱଦେଶୀ ଟେଣ୍ଟଶିଳ୍ପ ଏକଦା ଏହାର ପରିସର ମଧ୍ୟରେ ସ୍ଥାପିତ ହୋଇଥିଲା । ଏକାଧିକ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଓ ବହୁ ଉଚ୍ଚପଦସ୍ଥ ଇଂରେଜ ରାଜପୁରୁଷଙ୍କଠାରୁ ଆରମ୍ଭ କରି ସ୍ୱୟଂ ମହାତ୍ମାଗାନ୍ଧୀଙ୍କ ପର୍ଯ୍ୟନ୍ତ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ପଦସ୍ପର୍ଶରେ ଏହାର ପ୍ରତ୍ୟେକ ଧୂଳିକଣା ଥିଲା, ଐତିହାସିକ ସ୍ମୃତି-ପୂତ । 'ଉତ୍କଳ-ସମ୍ମିଳନୀ'ର ଶୁଭାରମ୍ଭ ହୋଇଥିଲା ପୁଣି ଏଇଠାରୁ ।*

*ଏବେ ସେଇ ଘର ଉପରେ ପଡୁଥିଲା ନିଲାମ ଡାକ— ଓଡ଼ିଶା ଇତିହାସର ଅର୍ଦ୍ଧ ଶତାବ୍ଦୀ ଯେପରି ନିଲାମରେ ଉଠୁଥିଲା ।*

ତିନି ତିନିଥର ନିଲାମ ଡାକ ପରେ ସୁଦ୍ଧା 'ମଧୁବାବୁଙ୍କ କୋଠୀ'କୁ ନିଲାମରେ ଧରିବା ପାଇଁ କେହି ବାହାରିଲେ ନାହିଁ । ଅନ୍ୟପକ୍ଷରେ ୧୯୨୫ ସାଲ ଅକ୍ଟୋବର ୨୧ ତାରିଖ ଦିନ

ଶୈଳବାଳାଙ୍କ ନାମରେ ଚନ୍ଦ୍ର କୁମାର ହାଜରା ସ୍ୱୟଂ ଏଇ ଘରକୁ ନିଲାମରେ ଧରିଲେ । ଶୈଳବାଳାଙ୍କର ନିଜର କୌଣସି ଉପାର୍ଜନ ନଥିଲା । ମଧୁସୂଦନ ତାଙ୍କୁ ମାସିକ ଯେଉଁ ୪୦୦ଟଙ୍କା ମାସୋହାରା ଦେଉଥିଲେ, ସେଇ ସଞ୍ଚୟ, ପୁଣି ତାଙ୍କର ହାତ ପଇଠ ହୋଇଥିବା ମଧୁସୂଦନଙ୍କ ଅନ୍ୟ ଟଙ୍କାରେ ଶୈଳବାଳା କୋଠା ନିଲାମ ଧରିଥିଲେ ।

ମଧୁସୂଦନଙ୍କ ବାସଗୃହ ନିଲାମରେ ବିକ୍ରୀ ହେବାଦିନ ସହରରେ ଖେଳିଯାଇଥିଲା ସ୍ୱତଃ ପ୍ରସାରିତ ଏକ ଶୋକଛାୟା । ମଧୁସୂଦନଙ୍କ ଶତ୍ରୁମାନେ ସୁଦ୍ଧା ଦୀର୍ଘଶ୍ୱାସ ପକାଇଥିଲେ: 'ଦେଶ ପାଇଁ ମଧୁ ଖାସ ଦାଣର ଭିକାରୀ ହୋଇଗଲା ।'

ଇତିହାସର ପୁନରାବୃତ୍ତି ବିଚିତ୍ର । ଏ ଜାଗା ଦିନେ ଥିଲା ଗଡବେକ୍ ସାହେବଙ୍କର । ୧୮୮୩ ସାଲରେ ସେ ରାୟ ଚୌଧୁରୀ ମାନଙ୍କଠାରୁ ଏ ଜାଗା କିଣି ଏଠାରେ ତିଆରି କରିଥିଲେ ନିଜ ପାଇଁ ଏଇ ବିରାଟ କୋଠୀ । ଟପବେକ ସାହେବଙ୍କର ଥିଲା ଜାହାଜାଡୀ କାରବାର । କିନ୍ତୁ ତାଙ୍କର ଦୁଇ ଦୁଇଟା ଷ୍ଟିମର ଚାନ୍ଦବାଲିଠାରୁ ମାଡ଼ ଖାଇବା ପରେ ସେ ଦେବାଳିଆ ହୋଇ କଟକରୁ ନେଲେ ବିଦାୟ । ୧୮୮୯ ସାଲରେ ଏଇ ହତା ଓ କୋଠୀ ନିଲାମରେ ଉଠିଥିଲା । ସେତେବେଳେ ମଧୁବାବୁ ଏହାକୁ କିଣିଥିଲେ ଡାକ ନିଲାମରେ । ଉତ୍କଳ ଟ୍ୟାନେରୀ ବୁଡ଼ି ଯିବା ପରେ ସେ ମଧ ଆଜି ଦେବାଳିଆ । ଏଇ ହତା ଆଉ କୋଠୀ ପୁଣି ଥରେ ଆଜି ଉଠିଲା ନିଲାମରେ ।

ଆଇନ ଦୃଷ୍ଟିରେ ଶୈଳବାଳା ସେ ଘରର ମାଲିକ । ଶୈଳଙ୍କ ଅପରି ସତ୍ତ୍ୱେ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମଧୁସୂଦନ ସେ ଘରେ ରହିଥିଲେ ତାଙ୍କୁ ପ୍ରତିମାସରେ ନିୟମିତ ଭଡ଼ା ଦେଇ ।

ଜଣେ ଜମିଦାର ଓ ନନ୍ଦକୁମାର ଏଷ୍ଟେଟର ଋଣ ପରିଶୋଧରେ ମଧୁସୂଦନଙ୍କ ସମସ୍ତ ସ୍ଥାବର ସଂପତ୍ତି ନିଃଶେଷିତ ହୋଇଗଲା । ମିଶନ ରୋଡ଼ରେ ଅନାମ ଦାସ କୋଠା, ଭୋଳା ମିଆଁ ବଜାରରେ ତାଙ୍କର ବାସଭବନ ଓ ତାହାର ତଳିଜମି ପାରଳା ସେପରିକି ଋଣ ପରିଶୋଧ ବାବଦରେ ଚନ୍ଦ୍ର କୁମାର ନିଲାମରେ ଉଠାଇବା ପରେ ତୁଳସୀପୁର ଅଞ୍ଚଳରେ ଥିବା ମଧୁସୂଦନଙ୍କ ଅନ୍ୟପ୍ରାୟ ୪ ଏକର ଭୂସମ୍ପତ୍ତି ରହଣୀ ବନ୍ଧକ ତମସୁକ ବଳରେ ନନ୍ଦକୁମାର ଏଷ୍ଟେଟ ଦଖଲ କରି ବସିଲେ । ତଥାପି ଆଉରି ଦଶଜଣ ମହାଜନଙ୍କ ଦେଣା ବାକି । ମାତ୍ର ମଧୁସୂଦନଙ୍କ ସମ୍ପତ୍ତିରୁ ସେମାନେ ପ୍ରାୟ କିଛି ପାଇ ପାରିଲେ ନାହିଁ । କାରଣ ନିଲାମ କ୍ରୋକ କରିବା ପାଇଁ ମଧୁସୂଦନଙ୍କର ଆଉ ଅନ୍ୟ ସମ୍ପତ୍ତି ନଥିଲା ।

ମଧୁସୂଦନ ମନ୍ତ୍ରୀ ଥିବା ବେଳେ ତାଙ୍କ ପ୍ରତି ବିହାରର ଜମିଦାର କୀର୍ତ୍ତ୍ୟାନନ୍ଦ ସିଂହ ବାହାଦୂରଙ୍କ ଶତ୍ରୁତା ଥିଲା । ମଧୁସୂଦନଙ୍କୁ ସିଭିଲ ଜେଲ୍ ଦେବାପାଇଁ ସେ ତତ୍ପର ହୋଇ ଉଠିଲେ ।

ଏ ପରିସ୍ଥିତିରେ ଦେବାଳିଆ ଘୋଷିତ୍ ହେବା ବ୍ୟତୀତ ମଧୁସୂଦନଙ୍କର ଉପାୟାନ୍ତର ନଥିଲା । ଅଗତ୍ୟା କଟକର ଜିଲ୍ଲାଜଜ୍‌ଙ୍କ ଅଦାଲତରେ ମଧୁସୂଦନ ଆବେଦନ କଲେ ଦେବାଳିଆ ଘୋଷିତ ହେବା ପାଇଁ ।

ଏହି ଦେବାଳିଆ ମକଦ୍ଦମାର ଶୁଣାଣି ମାସାଧିକ କାଳ ଚାଲିଲା । ଅବଶେଷରେ ୧୯୨୭ ସାଲ ଅଗଷ୍ଟ ୪ ତାରିଖ ଦିନ ଓଡ଼ିଶାରେ ଜାତୀୟ ଜୀବନର ଭଗୀରଥ ଘୋଷିତ ହେଲେ ଦେବାଳିଆ ରୂପେ ।

ମଧୁସୂଦନଙ୍କର ସର୍ବସ୍ୱ ଯାଇଥିଲା ନିଲାମରେ । ଅବଶିଷ୍ଟ ରହିଥିଲା କେବଳ ଏକ ମୂଲ୍ୟବାନ ଲାଇବ୍ରେରୀ ଓ ଆସବାବପତ୍ର । ଆଇନ ପୁସ୍ତକ, ରିପୋର୍ଟଠାରୁ ଆରମ୍ଭ କରି ଡାକ୍ତରୀ, ଇଞ୍ଜିନିୟରିଂ, ରାଜନୀତି, ଇତିହାସ ଓ ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ସହସ୍ରାଧିକ ଗ୍ରନ୍ଥ ଗଚ୍ଛିତ ଥିଲା ସେଇ ଲାଇବ୍ରେରୀରେ । ଏ ଗ୍ରନ୍ଥଗୁଡ଼ିକର ପ୍ରତି ପୃଷ୍ଠାରେ ମଧୁସୂଦନଙ୍କ ସ୍ୱହସ୍ତରେ ଉତ୍କୀର୍ଣ୍ଣ ଥିଲା ମାର୍ଜିନାଲ ନୋଟ ଓ ମନ୍ତବ୍ୟ । ମଧୁସୂଦନଙ୍କ ନିଃସ୍ୱ ନିଃସଙ୍ଗ ଜୀବନରେ ଏହି ଗ୍ରନ୍ଥଗୁଡ଼ିକହିଁ ଥିଲା ପରମ ସମ୍ପଦ ।

ବିହାରର ବନାଲି ଏଷ୍ଟେଟ ଜମିଦାର କୀର୍ତ୍ତ୍ୟାନନ୍ଦ ସିଂହ ବାହାଦୂର ସେଇ ଲାଇବ୍ରେରୀକୁ ସୁଦ୍ଧା ଛାଡ଼ିବା ପାଇଁ ନାରାଜ ଥିଲେ । ଲାଇବ୍ରେରୀଟା ରକ୍ଷା ପାଇଗଲା, କିନ୍ତୁ ଅନ୍ୟସବୁ ଆସବାବପତ୍ର ନିଲାମରେ ବିକ୍ରୀ ହୋଇଗଲା ମାତ୍ର ୫ ହଜାର ୬୦୦ଟଙ୍କା ମୂଲ୍ୟରେ ।

ଅଶୀବର୍ଷ ବୟସରେ ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମଧ୍ୟରେ ପରିବର୍ଦ୍ଧିତ ମଧୁସୂଦନଙ୍କ ଅବସ୍ଥା ଦାଣର ଭିକାରୀଠାରୁ ସୁଦ୍ଧା ଦୟନୀୟ । ତଥାପି ସ୍ୱାଭିମାନ ଓ ଆତ୍ମପ୍ରତ୍ୟୟରେ ସେ ରହିଥିଲେ ଅନମନୀୟ ।

୧୯୨୭ ସାଲ ସେପ୍ଟେମ୍ବର ମାସରେ ବାଲେଶ୍ୱରରେ ଅନୁଷ୍ଠିତ ହେଉଥିବା ଉତ୍କଳ ଛାତ୍ର ସମ୍ମିଳନୀ ପାଇଁ ଏକ ବାର୍ତ୍ତାରେ ମଧୁସୂଦନ କହିଥିଲେ– ''ବଙ୍ଗଳାର ପ୍ରଥମ ଗ୍ରାଜୁଏଟ୍ ମରିଥିଲେ ପେନସନ୍ ପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ ରୂପେ । କିନ୍ତୁ ମୁଁ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଅଶୀବର୍ଷ ବୟସରେ ଆଜି ଦେବାଳିଆ । ତଥାପି ଅର୍ଦ୍ଧଶତାବ୍ଦୀ ପୂର୍ବେ ଉତ୍କଳକୁ ବିଶ୍ୱ ଦୃଷ୍ଟିକୁ ଆଣିବା ପାଇଁ ମୁଁ ଯେଉଁ ବ୍ରତ ଗ୍ରହଣ କରିଥିଲି, ଆଜି ସୁଦ୍ଧା ତାହା ଅପରିବର୍ତ୍ତିତ ରହିଛି । ଉତ୍କଳ ଟ୍ୟାନେରୀ ମୋତେ ଦେବାଳିଆ କଲା ସତ, ମାତ୍ର ସଭ୍ୟଜଗତର ଦୃଷ୍ଟି ଏହାଦ୍ୱାରା ଉତ୍କଳ ପ୍ରତି ଆକୃଷ୍ଟ ହୋଇପାରିଛି ।''

ବିହାରର ଜମିଦାର କୀର୍ତ୍ତ୍ୟାନନ୍ଦ ମଧୁସୂଦନଙ୍କୁ ତଳିତଳାନ୍ତ କରିବାପାଇଁ ଲାଗିଥିଲେ । ଜଣେ ଦେବାଳିଆ ବ୍ୟକ୍ତିଙ୍କୁ ଆଡ୍‌ଭୋକେଟ ରୂପେ ପ୍ରାକ୍ଟିସ କରିବାର ଅଧିକାରରୁ ବଞ୍ଚିତ କରିବା ପାଇଁ ମଧ ଅଦାଲତରେ ଦ୍ୱାରସ୍ଥ ହେବା ପାଇଁ କୁଣ୍ଠିତ ହୋଇନଥିଲେ । ଓକିଲାତି କରିବା ପାଇଁ ମଧୁସୂଦନ ଜିଲ୍ଲା ଜଜ୍‌ଙ୍କ ପାଖରେ ଅପିଲ କଲେ । ଅବଶେଷରେ ବହୁ ବିତର୍କ ପରେ ତାଙ୍କୁ ମିଳିଥିଲା ଅନୁମତି । ଏହାପରେ ମଧ କୀର୍ତ୍ତ୍ୟାନନ୍ଦ ଆବେଦନ କରିଥିଲେ, ଓକିଲାତିରୁ

ମଧୁସୂଦନଙ୍କ ଆୟ ଆଟାଚ କରି ସେଥିରୁ ତାଙ୍କର ଋଣ ଆଦାୟ ପାଇଁ । ମାତ୍ର ଆୟ ସମ୍ପତ୍ତି ରୂପେ ଆଇନରେ ବିବେଚିତ ନଥିଲା । ପୁଣି ଦେବାଳିଆର ବ୍ୟକ୍ତିଗତ ଆୟ ଆଟାଚ କରିବାର କୌଣସି ନଜିର ମଧ୍ୟ ନଥିଲା । ସେଥିପାଇଁ ମଧୁସୂଦନଙ୍କ ଆୟ ଆଟାଚ ହୋଇପାରିଲା ନାହିଁ ।

ଓକିଲାତିରୁ ଉପାର୍ଜନ ଉପରେ ଆଟାଚମେଣ୍ଟର ଖଡ୍ଗ ଝୁଲୁଥିବାରୁ ୧୯୨୭ ସାଲ ଅପ୍ରେଲ ଠାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ମଧୁସୂଦନ କୋର୍ଟକୁ ଆସୁନଥିଲେ । କିନ୍ତୁ ଜିଲାଜଜ୍‌ଙ୍କ ଆଦେଶ ପରଠାରୁ ସେ ଓକିଲାତି ବ୍ୟବସାୟ ପୁଣି ଆରମ୍ଭ କରିଦେଲେ । ମାତ୍ର ସେ ସମୟକୁ ଓକିଲାତି ବ୍ୟବସାୟରେ ମଧୁସୂଦନଙ୍କର ଆଉ ପ୍ରତିଷ୍ଠା ନଥିଲା । ଯେଉଁମାନେ ଏକଦା ମଧୁସୂଦନଙ୍କ ଜୁନିଅର ଥିଲେ, ପୁଣି ଯେଉଁମାନଙ୍କୁ ମଧୁସୂଦନ ଓକିଲାତିରେ ଦେଇଥିଲେ ପ୍ରଥମ ତାଲିମ, ବେଳେ ବେଳେ କୋର୍ଟ କଚେରୀରେ ତାଙ୍କୁ ସେମାନଙ୍କଠାରୁ ନତି ସ୍ୱୀକାର କରିବାପାଇଁ ମଧ୍ୟ ପଡୁଥିଲା ।

ଜିଲ୍ଲାଜଜ୍‌ଙ୍କ ଆଦେଶକ୍ରମେ ମଧୁସୂଦନ ଓକିଲାତିରୁ ତାଙ୍କ ଆୟର ହିସାବ ନିୟମିତ ଭାବରେ ଦାଖଲ କରୁଥିଲେ । ସେତେବେଳେ ତାଙ୍କର ମାସିକ ଆୟ ପ୍ରାୟ ପାଞ୍ଚଶହ ଟଙ୍କାରୁ ବେଶୀ ନଥିଲା । ଏପରି ତାଙ୍କର ସଲାମୀ ୫୧ ଟଙ୍କାରୁ ପଇସାଟିଏ ଊଣା ନଥିଲା । ଏବେ କିନ୍ତୁ ସାମାନ୍ୟ ଦଶଟଙ୍କା ସଲାମୀ ପାଇଁ ସୁଦ୍ଧା ମଧୁସୂଦନ ହସ୍ତ ପ୍ରସାରିତ କରୁଥିଲେ ଅକୁଣ୍ଠିତ ଭାବରେ । ସେଇ ପରିଣତ ବାର୍ଦ୍ଧକ୍ୟ ଓ ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତ୍ୱେ ଓକିଲାତି ସଂକ୍ରାନ୍ତରେ ତାଙ୍କୁ ପୁରୀ, ଖୋର୍ଦ୍ଧା ପ୍ରଭୃତି ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯିବାପାଇଁ ମଧ୍ୟ ପଡୁଥିଲା । ଗୋଟାଏ ମକଦ୍ଦମାରୁ ହଜାର ହଜାର ଟଙ୍କା ଫିଜ୍ ପାଇବାର ଦିନ ଆଉ ନଥିଲା । ନିଃସ୍ୱ ଓ ଦରିଦ୍ର ପୁଣି ଦୁର୍ଗତ ଗୃହସ୍ଥମାନଙ୍କୁ ଅସମୟରେ ଯଥାଶକ୍ତି ସାହାଯ୍ୟ କରିବା, ବହୁ ଉପଚାରରେ ଅତିଥିମାନଙ୍କର ଚର୍ଚ୍ଚା କରିବା, ରାଜନୈତିକ ଆନ୍ଦୋଳନପାଇଁ ପାଣ୍ଠି ଯୋଗାଇବା– ଏହିସବୁ ଥିଲା ମଧୁସୂଦନଙ୍କ ବିଳାସ । ଏସବୁ ପାଇଁ ଏବେ ଅର୍ଥାଭାବ ମଧୁସୂଦନଙ୍କୁ ବଡ଼ ମର୍ମାହତ କରୁଥିଲା । ତଥାପି ମଧୁସୂଦନଙ୍କ ଦାକ୍ଷିଣ୍ୟରେ ସେଇ ଦୁର୍ଦ୍ଦିନରେ ସୁଦ୍ଧା କୃପଣତା ଆସିନ ଥିଲା ।

(ସୁରେନ୍ଦ୍ର ମହାନ୍ତିଙ୍କ 'କୁଳବୃଦ୍ଧ' ଗ୍ରନ୍ଥରୁ ସଂଗୃହୀତ)

( Verification )

I Madhusudan Das do hereby declare that what is stated herein in paras 1, 2, 3 & 4 & 5, 6, 7, 8, 9, 10 are true to my knowledge.

I sign this verification at my residence in Mission Road Cuttack.

---

ମଧୁସୂଦନ ଦେବାଳିଆ ହେବା ପାଇଁ ଦାଖଲ୍ ହୋଇଥିବା Insolvency Petitionର ନକଲ୍ ।

# ଧର୍ମ ତାଙ୍କ ସାଥୀରେ

● ଶ୍ରୀ ରଜତ କୁମାର କର

ଫୁଲ ତୋଡ଼ାଟିଏ ଧରି ବିଚ୍ଛନ୍ଦ ଚରଣ ଠିଆ ହେଲେ ମଧୁବାବୁଙ୍କ ମୃତ ଦେହର ପାଖରେ । ପାଖରେ ଥିଲେ ବ୍ରଜ ସୁନ୍ଦର ଦାସ, ମଧୁବାବୁଙ୍କ ଭ୍ରାତୃବଧୂ, ଆଉ ଦୁଇ ତିନି ଜଣ । ଫଟୋଗ୍ରାଫର ଫଟ ଉଠାଇଲା । ଶେଷ ଯାତ୍ରାର ଦର୍ଶନକାଳୀନ ଫଟରେ ରହିଲେ ଓଡ଼ିଆ ସଂସ୍କୃତିର ପୁନରୁଦ୍ଧାର ପାଇଁ ସଂଗ୍ରାମ ଆରମ୍ଭ କରିଥିବା ବିଚ୍ଛନ୍ଦ ଚରଣ ପଟ୍ଟନାୟକ ।

ଏହି ବିରଳ ଫଟଟି ପ୍ରକାଶ ପାଇଛି ମଧୁବାବୁଙ୍କ ପ୍ରଥମ ଜୀବନୀ ଗ୍ରନ୍ଥର ଶେଷ ଭାଗରେ । ଜୀବନର ଏକ ଅପୂର୍ବ ସୁଯୋଗ ଘଟିଥିଲା ସେଦିନ । ବାରମ୍ବାର ଫଟଟି ନିରୀକ୍ଷଣ କରୁଥିଲେ ବିଚ୍ଛନ୍ଦଚରଣ ।

ସେଦିନର ସେଇ ମୁହୂର୍ତ୍ତରେ ଓଡ଼ିଆ ଜାତି ପାଗଳ ହୋଇଯାଇଥିଲା ତାର ଅତି ଆପଣାର ମଧୁବାବୁଙ୍କୁ ପ୍ରଣତି ଜଣାଇବା ପାଇଁ । ଶବାଧାରକୁ ଟିକିଏ ସ୍ପର୍ଶ କରିବା ପାଇଁ କି ବ୍ୟାକୁଳତା । ଯିଏ ତ ଦେଖିଛି ସିଏ ବିଶ୍ୱାସ କରି ପାରିବ ନାହିଁ । ହଜାର ହଜାର ନରନାରୀଙ୍କ ଆଖିରେ ଲୁହ । ଗୋଟିଏ ଚିନ୍ତା ଯେପରି ସମସ୍ତଙ୍କ ପାଖକୁ ସମୁଦ୍ରର ଢେଉ ଭଳି ଚାଲିଆସୁଛି । "କିଏ ଛିଡ଼ା ହେବ ଓଡ଼ିଆ ଜାତିର ଦୁର୍ଦ୍ଦିନରେ ?" "ଓଡ଼ିଆ ପାଇଁ ସର୍ବସ୍ୱ ସାରି ଆଗେଇ ଆସିବା ପୁଣି କାହିଁ ?"

ବିଚ୍ଛନ୍ଦଙ୍କ ଆଖିରେ ଲୁହ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେବା ଅବସ୍ଥା ହେଲାଣି । ହୁଏତ ଆଦେଶନାମା ବାହାରିବ । ଯିଏ ଏ ପ୍ରଦେଶର ଜନ୍ମ ପାଇଁ ଯଜ୍ଞ ଆରମ୍ଭ କରିଥିଲା, ଦେଖିବାକୁ ରହିଲା ନାହିଁ ସେ ।

ଏତ ମଧୁବାବୁଙ୍କ ମର ଶରୀର ନୁହେଁ । ଏ ଯେ ଜୀବନ୍ତ ପ୍ରେରଣା, ପ୍ରତ୍ୟେକ ଓଡ଼ିଆ ପାଇଁ । ମଧୁବାବୁଙ୍କର ସଂକ୍ଷିପ୍ତ ବାର୍ତ୍ତା ସବୁ ଓଡ଼ିଆଙ୍କ ପାଇଁ । "ପ୍ରତିଦିନ ଜାତି ପାଇଁ ପାଞ୍ଚମିନିଟ ଦିଅ ।" ଏତେବଡ଼ ଦିନ ମାତ୍ର ପାଞ୍ଚ ମିନିଟ । ତଥାପି ସମୟ ନାହିଁ ! ଜାତିଟା କଣ୍ଟି ପାଖରେ ଏତିକି ତୁଚ୍ଛ ! କେମିତି ଉଠିବ ଏ ଜାତି ? ସେ ଖଞ୍ଜି ଚାଲିବାରେ କଷ୍ଟ । ମେରୁଦଣ୍ଡ ସିଧା ହୋଇପାରୁନାହିଁ । ସାପଭଳି ଚାଲୁଛନ୍ତି । କୁବ୍‌ଜା ଭଳି ମଥୁରା ବାଟରେ ଚାଲି ତାଙ୍କର । ବିଦ୍ରୋହୀ ଚିହ୍ନ ବିଦ୍ରୂପକୁ ଭ୍ରୂକ୍ଷେପ ନକରି ସେ ଆଗେଇ ଆସିଛନ୍ତି । ଭଲ ପାଇଛନ୍ତି ଅତୀତର ସେଇ ଓଡ଼ିଶାକୁ । ଯାହାକୁ ମାଆ ବୋଲି ଡାକିଛନ୍ତି ମଧୁସୂଦନ ।

"ମାଆ ମାଆ ବୋଲି କେତେ ମୁଁ ଡାକିଲି ମାଆକୁ ପାଇଲି ନାହିଁ" ।

ଗଙ୍ଗା ଠାରୁ ଗୋଦାବରୀ ଯାଏ ଲୀଳା କରି ଅପସରି ଯାଇଛି ମା । ମଧୁବାବୁଙ୍କ ଡାକ ପଡ଼ିଛି ତା କାନରେ । ହେଲେ କି ଉତ୍ତର ଦେବ ମା ? ଜବାବ ସେ ଦେଲା ନାହିଁ । ଡାକି ଡାକି ଥକି ଗଲେ ମଧୁସୂଦନ । "ଭାଇ ଭାଇ ବୋଲି ଡାକିଲେ ସେ । "ନ ଦେଲେ ଉତ୍ତର କେହି" ।

ଜାତି ନନ୍ଦୀଘୋଷର ସାରଥୀ ହେଲା ସ୍ୱାର୍ଥ । ଘୋଡ଼ାର ମୁହଁରେ ବନ୍ଧା ହେଲା ଦାନାର ପୁଟୁଳା । ଗାଡ଼ି ଟାଣିଲା ନାହିଁ । ଯହିଁ ଘୋଡ଼ା, ଶାଗୁଣା, ବିଲୁଆ ରୋଗୀର ଚିକିତ୍ସକ ସାଜିଲେ ।

ଚାହିଁଲେ ଶବାଧାରକୁ ବିଚ୍ଛନ୍ଦଚରଣ । ମଧୁବାବୁଙ୍କ କବିତା ତାଙ୍କର ଚିତ୍ତରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି ।

ମଧୁବାବୁଙ୍କ ଠୁ ପ୍ରେରଣା ପାଇଥିଲେ ଓଡ଼ିଶାକୁ ଭଲପାଇବା ପାଇଁ । ସେଇ ଉତ୍କଳ ପ୍ରୀତିକୁ ରୂପ ଦେଇ ଭଞ୍ଜ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣଙ୍କ କବିତାକୁ ଇଂରାଜୀରେ ଅନୁବାଦ କରିଛନ୍ତି ବିଚ୍ଛନ୍ଦ ଚରଣ, ନିଜର ସମ୍ପାଦିତ ପ୍ରାଚୀ ପତ୍ରିକାରେ । ପଢ଼ିଛନ୍ତି ମଧୁସୂଦନ ।

ସେଦିନ ତାଙ୍କ ଗଣେଶଘାଟ ଅଫିସ୍‌ରେ ହାଜର ମିଷ୍ଟର ଦାସ । "ମିଷ୍ଟର ଦାସ କାର କାଛେ ଯାଏନା" । ବଙ୍ଗଳାରେ ସ୍ୱତଃ ବାହାରି ପଡ଼ିଲା ମଧୁସୂଦନଙ୍କ ତୁଣ୍ଡରୁ । ତାଙ୍କ ଭଲ ଇଂରାଜୀର ତାରିଫ କରିବାକୁ ଆସିଥିଲେ କୁଳବୃଦ୍ଧ । ଓଡ଼ିଶାର ଗୌରବକୁ ଇଂରେଜି ଜରିଆରେ ବିଦେଶୀଙ୍କୁ ଜଣେଇବାର ସାଧୁ ଉଦ୍ୟମକୁ ସାବାସ ଦେବା ପାଇଁ ନିଜେ ଆସିଥିଲେ ଜଣେ ତରୁଣ ପାଖକୁ ।

କିଏ ଆଉ ଇମିତି କରିବ । ସେ ପ୍ରାଣପାତ କରିବେ । ଆଜି ଏ ଶବାଧାର ପାଖରେ ପଣ ତାଙ୍କର । ଜାତିର ବୈଶିଷ୍ଟ୍ୟକୁ ଗୋଟି ଗୋଟି କରି ସମସ୍ତଙ୍କୁ ଚିହ୍ନାଇବେ । ମଧୁବାବୁଙ୍କ ଆତ୍ମା ସେଥିରେ ଶାନ୍ତି ପାଇବ । ଓଡ଼ିଶା ଓ ଓଡ଼ିଆର ମାନ ରକ୍ଷା ପାଇଁ ଶେଷ ରକ୍ତବିନ୍ଦୁ ଦେବେ ସେ ।

ଶବାଧାରରେ ଫୁଲ ଥୋଇଲେ ବିଚ୍ଛନ୍ଦ ଚରଣ ।
ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୂଜା ।
ସେଇ ତୋର ମାତା ସେଇ ତୋର ଭ୍ରାତା
କର ତାର ପାଦ ପୂଜା ।

ପାଦତଳେ ଫୁଲ ଥୋଇଲା ବେଳେ ମନେହେଲା ଯେପରି ସେଇ ଭ୍ରାତା, ସେଇ ମାତାର ପୂଜା କରୁଛନ୍ତି ସେ । ରାମ ଭକ୍ତ ହନୁମାନ ରାମ୍ ନାମ୍ କରି ରାମ ସ୍ୱରୂପ ହୋଇଗଲେ । ହନୁମାନଙ୍କୁ ପୂଜି ସେଇ ରାମଙ୍କ ଅର୍ଚ୍ଚନା ହୋଇ ପାରୁଛି ।

ଏ ଯେ ଶୋଇଛନ୍ତି ଉତ୍କଳ ଜନନୀ । ଶାନ୍ତିର ମହାନିଦ୍ରା । "କର ତାର ପାଦ ପୂଜା" ।

ଶବାଧାର ଏଥରକ ଉଠିବ । ଚର୍ଚ୍ଚର ଧର୍ମଯାଜକ ଆସିଗଲେଣି । ବାଇବେଲ ପଢ଼ା ହେଲାଣି । କଫିନ୍‌ର ମୁହଁ ବନ୍ଦ ହୋଇଯିବ । ବାହାରେ ରୁଣ ହଜାର ହଜାର ବ୍ୟକ୍ତି । ଶେଷ ଦର୍ଶନରେ ମୁଖ ଦେଖିବା ସୁଯୋଗ ସରିଯିବ । ଖ୍ରୀଷ୍ଟିୟାନ ରୀତିରେ ଶବ ସଂସ୍କାର ହେବ ।

ଶବାଧାରକୁ କାନ୍ଧେଇ ସର୍ବ ସମ୍ମୁଖରେ ନେଇଥିଲେ ଭଲ ହୋଇଥାଆନ୍ତା । କଷ୍ଟ ହେଉ ପଛକେ ସେ କାହା ଉପରେ ଭରା ଦେଇ ଟିକେ କାନ୍ଧ ଦେଇଥାନ୍ତେ ଶବାଧାରକୁ । ଓଡ଼ିଆ ଜାତିର ଭୀଷ୍ମ ପିତାମହଙ୍କ ଶବ ସ୍ପର୍ଶରେ ସନ୍ତୋଷ ଆସିଥାନ୍ତା ।

''ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ଛାତିକୁ ମିଶାଇ ଛାତି''

କି ଉଦାତ୍ତ ଆହ୍ୱାନ ମଧୁସୂଦନଙ୍କର । ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ପାଇଁ ସେ କଫିନ୍ ଭିତରୁ ଡାକ ଶୁଭୁଛି ।

କଫିନ୍ ଭିତରେ ନିଶ୍ଚିନ୍ତରେ ଯେ ଶୋଇଛନ୍ତି ସେ କଣ 'ଖ୍ରୀଷ୍ଟିୟାନ୍ ?'' ଭଲ ଭାବରେ ତାଙ୍କୁ ବୁଝି ନ ପାରି ସେଦିନ ଗୌରୀଶଙ୍କର ଉତ୍କଳ ଦୀପିକାରେ ସମାଲୋଚନା କରି ତାଙ୍କୁ କାମିନୀ କାଞ୍ଚନ ବଶବର୍ତ୍ତୀ ପୁରୁଷ ବୋଲି ନିନ୍ଦା କରିଥିଲେ । କଲିକତାରେ ଥାଇ ଏ ସମାଲୋଚନାରେ କ୍ଷତ ବିକ୍ଷତ ହୋଇ ବି ଅବିଚଳିତ ଥିଲେ ମଧୁସୂଦନ । କାମିନୀ ପ୍ରଭାବରେ ସେ ଧର୍ମାନ୍ତରିତ ହୋଇନାହାନ୍ତି । ଈଶ୍ୱର ପୁତ୍ର ଯୀଶୁଙ୍କ ନିର୍ମଳ ବ୍ୟକ୍ତିତ୍ୱ ଓ ପ୍ରେମଦର୍ଶନରେ ପ୍ରଭାବିତ ହୋଇ ଖ୍ରୀଷ୍ଟିୟାନ୍ ହେଲେ ସେ । ପିତୃକୋପ ପଡ଼ିଲା । ଦୁଃଖରେ ଭାଙ୍ଗି ପଡ଼ିଲେ ଜନନୀ । ବିଚଳିତ ହୋଇନାହାନ୍ତି ମଧୁସୂଦନ । ଗାଁ ଘରେ ଅଲଗା ବାସନରେ ପରଷା ହୋଇଛି ଖାଦ୍ୟ । ଖାଦ୍ୟ ପରଷି ପୁଣିଥରେ ଗାଧୋଇ ଜ୍ୱର ରୋଗିଛନ୍ତି ମା । କଳାପାହାଡ଼ ହୋଇଯାଇଥାନ୍ତେ ମଧୁସୂଦନ ! ହିନ୍ଦୁ ଦେବ ଦେବୀଙ୍କୁ ଘୃଣା କରିଥାନ୍ତେ । ଖ୍ରୀଷ୍ଟିୟାନ କଠୋର ପନ୍ଥୀ ପାଦ୍ରୀଙ୍କ ସାଙ୍ଗରେ କଣ୍ଠ ମିଳେଇ ଜଗନ୍ନାଥଙ୍କୁ କହିଥାନ୍ତେ, ଜଗର ନଟ । କଳାପାହାଡ଼ ଭଳି ସେ ବାହାରିଥାନ୍ତେ; ପିଇଥାନ୍ତେ ମହାନଦୀ ପାଣି, ତାଙ୍କୁ ସୁବର୍ଣ୍ଣ ଥାଳିରେ ହେଡ଼ା ବା ଗୋମାଂସ ପରଷିଥାନ୍ତେ । ମୁକୁନ୍ଦଦେବ ନ ହେଲେ କି ଅନ୍ୟ କେଉଁ ରାଜା ।

କିନ୍ତୁ ଏ କଣ କଲେ ମଧୁସୂଦନ ? ଗୋମାଂସ ଦୋକାନ ଓ କଂସେଇଖାନାକୁ କଟକର ଛାତିରୁ ହଟେଇ ଦେବା ପାଇଁ ପ୍ରଚଣ୍ଡ ଆନ୍ଦୋଳନର ସେ ହିଁ ହେଲେ ଅଗ୍ରଗାମୀ ନେତା । ଚର୍ଚ୍ଚକୁ ଗୋଟାଏ ରବିବାରିଆ କ୍ଲବରେ ପରିଣତ କରିବାକୁ ଆକାଂକ୍ଷା ନାହିଁ ତାଙ୍କର । ଘରେ ବସି ବାଇବେଲ ପଢ଼ା ଓ ପିଆନୋରେ ଶୁଣନ୍ତି ଖ୍ରୀଷ୍ଟୀୟ ସଙ୍ଗୀତର ମୂର୍ଚ୍ଛନା । ହିନ୍ଦୁ ଦେବତା ଜଗନ୍ନାଥ ପାଇଁ କି ଅଦ୍ଭୁତ ଦରଦ !

ଜଗନ୍ନାଥ ହିନ୍ଦୁର ନୁହନ୍ତି; ସେ ସମସ୍ତଙ୍କର । ଓଡ଼ିଆ ଜାତିର ଅବିଚ୍ଛିନ୍ନ ଆତ୍ମା ଜଗନ୍ନାଥ । ମାଦଳାପାଞ୍ଜିର ଜୀର୍ଣ୍ଣ ପୃଷ୍ଠା ଘାଣ୍ଟି, ଇତିହାସର ଛିନ୍ନ ପୃଷ୍ଠାକୁ ଏକାଠି କରି ଉତ୍କଳର ଗଜପତି ବଂଶ ଆଉ ଜଗନ୍ନାଥ ମଧ୍ୟରେ ଏକ ଅବିଚ୍ଛେଦ୍ୟ ସମ୍ପର୍କ ଆବିଷ୍କାର କରିଛନ୍ତି ମଧୁସୂଦନ । ସେଇ ଜଗନ୍ନାଥଙ୍କ ଠାରୁ ଗଜପତିଙ୍କୁ ଅଲଗା କରିବାକୁ ଦେବେ ନାହିଁ ସେ । ନାମକୁ ମାତ୍ର ଫି ନେଇ ରାଜମାତା ସୂର୍ଯ୍ୟମଣିଙ୍କ ଓକିଲ ସାଜିଛନ୍ତି । ତଳ କୋର୍ଟର ବିଚାର ବିପକ୍ଷରେ ଯାଇଛି । କଲିକତା ହାଇକୋର୍ଟରେ ବାରିଷ୍ଟର ଜିତିଛନ୍ତି କେଶ୍ । ବିଚାରପତିଙ୍କୁ ଜଣାଇଛନ୍ତି ବାରିଷ୍ଟର ଏଇ ମଧୁବାବୁଙ୍କ କଥା, ଯାହାଙ୍କ ପ୍ରସ୍ତୁତ ତଥ୍ୟ ଓ ସୂତ୍ର ହିଁ ତାଙ୍କୁ ଜିତାଉଛି ।

ଦିବ୍ୟସିଂହ ଦେବ ଦ୍ୱୀପାନ୍ତର ଯାଉଛନ୍ତି । ତାଙ୍କ ପୁତ୍ର ମୁକୁନ୍ଦ ହାତଖଣ୍ଡି ର ପ୍ରେମରେ ପଡ଼ି ହତାଦର କରିଛନ୍ତି ସୂର୍ଯ୍ୟମଣିଙ୍କୁ । ପୁଣି ମକଦ୍ଦମା କରି ଗଜପତିଙ୍କୁ ଜବତ କରିଛନ୍ତି ମଧୁସୂଦନ ।

ଠାକୁରଙ୍କ ଯେତେବେଳେ ଯାଉଛି, ଠାକୁର ରାଜାଙ୍କୁ ଠେଲିଦେଇ ଦେଇଛନ୍ତି ମଧୁସୂଦନ । କଣ ତେବେ ଯାଙ୍କର ଧର୍ମ ? ଭୁରାଂ ଭୂମରୁ କଫିନ୍ ଅପସାରିତ ହେଉଛି । ଘନ ଘନ ବାଜୁଛି ଗିର୍ଜାର ଘଣ୍ଟା ।

ମଧୁବାବୁଙ୍କ ଭାଇବୋହୂଙ୍କ ଆଖିରେ ଲୁହ । ପୋଛୁଛନ୍ତି କନ୍ୟା ରମା । ଭାଇବୋହୂଙ୍କ ଇଚ୍ଛାଥିଲା ହିନ୍ଦୁମତରେ ସଂସ୍କାର ହେଉ । ଦେଢ଼ଶୁରଙ୍କ ଆଖି ଆଗରେ ଅଳ୍ପବୟସରେ ଚାଲିଗଲେ ସ୍ୱାମୀ - ସେ ଦିନର ନାମକରା ମ୍ୟାଜିଷ୍ଟ୍ରେଟ ଗୋପାଳ ବଲ୍ଲଭ । ସ୍ୱାମୀ ଯିବାପରେ ପ୍ରତିଦିନ ଆସି ରାନ୍ଧି ଦିଅନ୍ତି ଦେଢ଼ଶୁରଙ୍କ ପାଇଁ । ଖାନସାମା ଥାଇ ବି ତାଙ୍କ ହାତରୁ ରୁଟି ଖଣ୍ଡେ ଆଉ ଟିକେ ଝୋଳ ଖାଇବାରେ ପରମ ଆନନ୍ଦ ।

ଦେଢ଼ଶୁରଙ୍କ ପାଳିତା କନ୍ୟା ଶୈଳ ଖୁବ ମୁହଁରା ଓ ଜିଦ୍‌ଖୋରିଆଣି । ତାର ଜିଦ୍ ଖ୍ରୀଷ୍ଟୀୟାନ ମତରେ ସଂସ୍କାର ହେଲେ ସେ ଶାନ୍ତି ପାଇବେ । ସେ ଯୀଶୁଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କର ବିଜୟ ହେଲା । ଝିଅ ରମା ମାଙ୍କୁ ବୁଝେଇ ଦେଲା, ବଡ଼ବାପାଙ୍କ ସଂସ୍କାର ଖ୍ରୀଷ୍ଟୀୟ ରୀତିରେ ହେଉ ।

ନିଶ୍ଚିତ ଭାବେ ଖ୍ରୀଷ୍ଟଙ୍କୁ ଭଲପାଉଥିଲେ ମଧୁସୂଦନ । କିନ୍ତୁ କୃଷ୍ଣ ମଧ ତାଙ୍କ ମାନସ ପଟରେ ବିରାଜମାନ କରୁଥିଲେ ।

କୃଷ୍ଣ ଜଗନ୍ନାଥଙ୍କ ସମ୍ମାନ ପାଇଁ ସେ ସର୍ବଦା ସଂଗ୍ରାମ କରିଛନ୍ତି । ବିଚ୍ଛନ୍ଦଚରଣ ଉଠି ପଡ଼ିଲେ । ଭିଡ଼ରେ ହୁଏତ ସେ ଚେପି ହୋଇଯିବେ । ଏତ ଶବଯାତ୍ରା ନୁହେଁ । ଏ ଯେ ଓଡ଼ିଆ ଜାତିର ବିଜୟ ଯାତ୍ରା ।

ଯାହାର ଏ ମହାନ୍ ଯାତ୍ରାଟି କୌଣସି ଧର୍ମର ନୁହଁନ୍ତି । ସମ୍ପ୍ରଦାୟର ସଙ୍କୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରିନାହିଁ । ଏ ପଟେ ଚର୍ଚ୍ଚ ଘଣ୍ଟାର ଘନ ଘନ ସ୍ୱନ ସାଙ୍ଗକୁ କୀର୍ତ୍ତନ ମଣ୍ଡଳିର ଅନ୍ତିମ କୀର୍ତ୍ତନ ପରିବେଶକୁ ଅପୂର୍ବ କରିଛି ।

ଧର୍ମର ଧ୍ୱଜା ଧରି ନାହାନ୍ତି ମଧୁସୂଦନ । ସବୁ ଧର୍ମର ଉର୍ଦ୍ଧ୍ୱରେ ଥିବା ମାନବ ସତ୍ତାର ପ୍ରତୀକ ଭାବେ ସେ ଯେପରି ତପସ୍ୟାରତ । ଶୋଭାଯାତ୍ରା ଚାଲିଛି । ଧର୍ମ ତାଙ୍କରି ସାଥୀରେ । ଧର୍ମର ଅନିର୍ବାଣ ଶିଖା ସେ । ଓଡ଼ିଆ ଜାତିର ଅଭିଭାବକଙ୍କୁ ପ୍ରଣାମ କଲେ ବିଚ୍ଛନ୍ଦଚରଣ ।

ନୂଆପଲ୍ଲୀ,
ଏନ ୧/୧୮୩, ଭୁବନେଶ୍ୱର

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ଭୂମିକା

● ଶ୍ରୀ ଯଜ୍ଞଦତ୍ତ ସାମନ୍ତରାୟ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଫଳ ରୂପାୟନରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସର୍ବବାଦି ସମ୍ମତ। ତତ୍କାଳୀନ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗ ସରକାରଙ୍କ ଅଧୀନରେ ଶାସିତ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀମାନଙ୍କର ଗୋଟିଏ ଶାସନ ଅଧୀନରେ ଏକତ୍ରୀକରଣ ଉଦ୍ଦେଶ୍ୟରେ 'ଗଞ୍ଜାମ ଜାତୀୟ ସମିତି' (୧୯୦୨ ମସିହାରେ) 'ଉତ୍କଳ ସମ୍ମିଳନୀ' (୧୯୦୩ ମସିହାରେ) ବିଧିବଦ୍ଧ ଭାବରେ ଗଠିତ ହୋଇଥିଲେ ହେଁ କୃଷ୍ଣଚନ୍ଦ୍ର ଗଜପତିଙ୍କର ସିଂହାସନ ଆରୋହଣ ଅର୍ଥାତ ୧୯୧୩ ପର୍ଯ୍ୟନ୍ତ ତାହା ସୁପ୍ତ ଅବସ୍ଥାରେ କେବଳ ପ୍ରସ୍ତାବ, ପ୍ରାର୍ଥନା ଏବଂ ପ୍ରତିବାଦ ମଧ୍ୟରେ ହିଁ ସୀମିତ ଥିଲା। କିନ୍ତୁ କୃଷ୍ଣଚନ୍ଦ୍ର ଗଜପତି ହିଁ ଏହି ଶେଷ ପର୍ଯ୍ୟାୟରେ ଓଡ଼ିଶା ଜାତୀୟ ଚେତନାକୁ ତ୍ୱରାନ୍ୱିତ କରି ଉଦ୍ଦୀପିତ ତଥା କ୍ରିୟାଶୀଳ କରିଥିଲେ।



ଓଡ଼ିଆ ଭାଷାର ଉନ୍ନତି, ସାହିତ୍ୟର ବିକାଶ ଏବଂ ସଂସ୍କୃତିର ସଂରକ୍ଷଣ ଉଦ୍ଦେଶ୍ୟରେ ବିଚ୍ଛିନ୍ନ ଓଡ଼ିଆମାନଙ୍କୁ ଏକ ସାଂସ୍କୃତିକ ମଞ୍ଚ ଉପରେ ଏକତ୍ର କରିବାର ଆବଶ୍ୟକତା ହେଲା ୧୮୬୮-୧୮୭୦ ସାଲର ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର ପରବର୍ତ୍ତୀ କାଳରେ। କିନ୍ତୁ ସମ୍ପୂର୍ଣ୍ଣ ରାଜନୈତିକ ଦୃଷ୍ଟିକୋଣରୁ ଓଡ଼ିଶା ପ୍ରଦେଶ ମିଶ୍ରଣ ପ୍ରସ୍ତାବର ପ୍ରଥମ ଆଭାସ ମିଳେ ୧୮୭୦ ସେପ୍ଟେମ୍ବର ୧୮ ତାରିଖରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ। ଏହାର ଦୀର୍ଘ ତିରିଶ ବର୍ଷପରେ ଖଲ୍ଲିକୋଟ ମହାରାଜା ହରିହର ମର୍ଦ୍ଦରାଜ ଦକ୍ଷିଣ ଓଡ଼ିଶାକୁ ମାନ୍ଦ୍ରାଜ ପ୍ରେସିଡେନ୍ସିରୁ ବିଚ୍ଛିନ୍ନ କରି ଓଡ଼ିଶା ସହ ସଂପୃକ୍ତ କରିବା ପାଇଁ ୧୯୦୧ ସାଲ ଜୁଲାଇ ମାସରେ ରମ୍ଭା ଠାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରିଥିଲେ। ଏହି ସଭାହିଁ ଗଞ୍ଜାମ ଜାତୀୟ ସମିତି ଗଠନର ବୀଜ ବପନ କରେ ଏବଂ ବର୍ଷକ ମଧ୍ୟରେ ତାହା ଅଙ୍କୁରିତ ହୋଇ ୧୯୦୩ରେ 'ଉତ୍କଳ ସମ୍ମିଳନୀ'ର ରୂପନିଏ। ଗଞ୍ଜାମ ଜାତୀୟ ସମିତିର ପ୍ରଥମ ଅଧିବେଶନ ୧୯୦୨ ଏପ୍ରିଲ ୧୧ ଓ ୧୨ ତାରିଖରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୁଏ। ଏହି ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରମୁଖ ବହୁ ନେତୃସ୍ଥାନୀୟ ଓଡ଼ିଆ କର୍ମବୀର ଯୋଗ ଦିଅନ୍ତି।

ପାରଳାର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଗୋପବନ୍ଧୁ, ମଧୁସୂଦନ ଓ ଅନନ୍ତ ମିଶ୍ରଙ୍କ ପରି ଉଚ୍ଚକୋଟୀର ନିଷ୍ଠାପର କର୍ମୀଥିଲେ। ୧୯୧୩ ମସିହାର ପରବର୍ତ୍ତୀ ସମୟରେ ତାଙ୍କ ନେତୃତ୍ୱରେ ମୃତପ୍ରାୟ ଏହି ଆନ୍ଦୋଳନ ପୁଣି ଜୀବିତ ହୋଇଉଠିଲା। ସେ ହିଁ ସର୍ବପ୍ରଥମେ ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ବିହାର-ଓଡ଼ିଶା ସଂଗେ ସଂଯୁକ୍ତ କରିବା ପ୍ରସ୍ତାବର ଘୋର ବିରୋଧ କରି ସମସ୍ତ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପୂର୍ବକ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦାବୀ କରିଥିଲେ। ଫଳରେ ତାଙ୍କର ଅଦମ୍ୟ ଚେଷ୍ଟା ବଳରେ ହିଁ ଓଡ଼ିଶା ନିଜର ସମସ୍ତ ହୃତ ଗୌରବ ପୁଣି ଫେରି ପାଇଛି।

୧୯୨୮ ମସିହାରେ ମୁସଲିମ୍‌ଲିଗ୍‌ର ସ୍ୱତନ୍ତ୍ର ସିନ୍ଧୁ ପ୍ରଦେଶ ଗଠନ ଦାବୀ କୃଷ୍ଣଚନ୍ଦ୍ରଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସ୍ୱପ୍ନକୁ ଗଭୀର ଭାବେ ଆଶାବାଦୀ କଲା। ଆଶାୟୀ ଓଡ଼ିଶାର ଜାଗ୍ରତ ପ୍ରହରୀ ସଦୃଶ ସେ ଏହି ସମସ୍ୟାର ଗତିବିଧି ଲକ୍ଷ୍ୟ କରୁଥିଲେ। ତେଣୁ ଏ ସମସ୍ୟାର ସମାଧାନ ପାଇଁ ୧୯୩୦ ନଭେମ୍ବର ୧୨ ତାରିଖଠାରୁ ୧୯୩୧ ଜାନୁଆରୀ ୧୯ ତାରିଖ ଯାଏଁ ଲଣ୍ଡନ୍‌ରେ ଅନୁଷ୍ଠିତ ହେଉଥିବା ପ୍ରଥମ ଗୋଲ୍‌ଟେବୁଲ ବୈଠକରେ ଯେଉଁ ଚିଠା ପ୍ରସ୍ତାବ

ପ୍ରସ୍ତୁତ କରାଯାଇଥିଲା, ସେଥିରେ ଓଡ଼ିଶାର ପ୍ରସଙ୍ଗ ଆଦୌ ଉଲ୍ଲେଖ କରାଯାଇନଥିଲେ ହେଁ, କୃଷ୍ଣଚନ୍ଦ୍ର ଗଜପତି ତତ୍କାଳୀନ ବ୍ରିଟିଶ୍ ବୈଦେଶିକ ମନ୍ତ୍ରୀ ସାମୁଏଲ୍ ହୋର ସାହେବଙ୍କୁ କୌଣସି ମତେ ପ୍ରଭାବିତ କରି ପ୍ରଥମ ଗୋଲଟେବୁଲ୍ ବୈଠକରେ ଓଡ଼ିଶାର ପ୍ରସଙ୍ଗ ଉତ୍ଥାପନ କରିଥିଲେ । କେବଳ ସେତିକି ନୁହେ; ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସପକ୍ଷରେ ମଧ୍ୟ ସେ ଏକ ମର୍ମସ୍ପର୍ଶୀ ଐତିହାସିକ ଉଦ୍‌ବୋଧନ ଦେଇ ବିଲାତ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଫଳସ୍ୱରୂପ, ସିନ୍ଧୁ ପ୍ରଦେଶ ଗଠନ ପ୍ରସଙ୍ଗ ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସଙ୍ଗ ସଂଯୁକ୍ତ ଭାବେ ବିଚାରଯୋଗ୍ୟ ବିବେଚିତ ହେଲା ।

ବିଲାତ ସରକାରଙ୍କର ସୁପାରିଶ କ୍ରମେ ଭାରତ ସରକାର ଗଠନଯୋଗ୍ୟ ନବ ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ସାର୍ ଏସ୍.ପି. ଓଡ୍ରୋନେଲଙ୍କ ଅଧ୍ୟକ୍ଷତାରେ ଏକ କମିଟି ନିଯୁକ୍ତ କଲେ । ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି ଏହି କମିଟିର ଜଣେ ସଦସ୍ୟ ରୂପେ ମନୋନୀତ ହେଲେ । ୧୯୩୨ ସାଲର ଏହି ଓଡ୍ରୋନେଲ କମିଟି ୧୯୨୪ ସାଲର ପୂର୍ବତନ ଫିଲିପ୍ ଡଫ୍ କମିଟି ଏବଂ ୧୯୨୭ ସାଲର ସାଇମନ୍ କମିଶନ ପରାମର୍ଶକୁ ଖଣ୍ଡନ କରି ପାରଳା ଜମିଦାରୀକୁ ଅପରିବର୍ତ୍ତିତ ରଖି ଜୟପୁର ଜମିଦାରୀକୁ ଓଡ଼ିଶା ସହ ସଂଯୁକ୍ତ କରିବା ପାଇଁ ପ୍ରସ୍ତାବ ଦେଲେ । ତଥାପି ପାରଳା ମହାରାଜା ଏବଂ ଖଲ୍ଲିକୋଟ ରାଜାସାହେବ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ୧୯୩୨ ମସିହା ନଭେମ୍ବର ୧୧ ତାରିଖ ଠାରୁ ଡିସେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଲଣ୍ଡନଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଗୋଲଟେବୁଲ ବୈଠକରେ ମହେନ୍ଦ୍ରତନୟାଠାରୁ ଉତ୍ତର ପାର୍ଶ୍ୱର ଜମିଦାରୀ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତରିତ କରାଗଲା । "ନୂତନ ଓଡ଼ିଶା ପ୍ରଦେଶ ଗଠନ ନହେଲେ ମୁଁ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବି ନାହିଁ "– ଗଜପତିଙ୍କର ଏହି ଦୃଢ଼ବାଣୀ ବ୍ରିଟିଶ୍ ସରକାରଙ୍କୁ ସ୍ତମ୍ଭିତ ଏବଂ ବିବ୍ରତ କରିଦେଲା । ପରିଣାମରେ ଏକ ସରକାରୀ ବିଜ୍ଞପ୍ତି ବଳରେ ୧୯୩୬ ମସିହା ଏପ୍ରିଲ ପହିଲାଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବସ୍ତୁତଃ କାର୍ଯ୍ୟକାରୀ ହେଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମସ୍ତ ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଏକାନ୍ତ ଭାବେ ପ୍ରାପ୍ୟ । ତେଣୁ ସାମୁଏଲ୍ ସାହେବ ମୁକ୍ତ କଣ୍ଠରେ କହିଛନ୍ତି– 'ପାରଳାଖେମୁଣ୍ଡି ମହାରାଜା ପ୍ରଥମେ ଓଡ଼ିଶା ପ୍ରସଙ୍ଗ ୧୯୩୧ ମସିହାରେ ଅନୁଷ୍ଠିତ ହେଉଥିବା ପ୍ରଥମ ଗୋଲ୍‌ଟେବୁଲ ବୈଠକରେ ଉପସ୍ଥାପନା ପୂର୍ବକ ପ୍ରବଳ ଚାପ ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହୋଇ ପାରିଲା । ତେଣୁ ଓଡ଼ିଶା ଜାତି ତାଙ୍କର ଏହି ସମ୍ମାନିତ ପ୍ରତିନିଧି ଠାରେ ଚିରକୃତଜ୍ଞ ରହିବା ଉଚିତ ।"

ମୂର୍ତ୍ତିମାନ ଶୌର୍ଯ୍ୟ ଓ କୀର୍ତ୍ତିର ପ୍ରତୀକ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୮୯୨ ଏପ୍ରିଲ ୨୬ ତାରିଖରେ ଜନ୍ମଲାଭ କରି ୧୯୭୪ ମସିହା ମଇ ୨୫ ତାରିଖରେ ଇହଧାମ ତ୍ୟାଗ କରିଥିଲେ ।

କବିସୂର୍ଯ୍ୟ ନଗର, ଗଞ୍ଜାମ

# ଓଡ଼ିଶା

● ଶ୍ରୀ କିଶୋର କୁମାର ପାଣିଗ୍ରାହୀ

ଶାଗରଙ୍ଗା,
ଆମ୍ବୁଲ ଟାକୁରା
ଟଙ୍କ ତୋରାଣି କଂସାରେ
ମେହେନତି ମଣିଷର ଭଂସା
ଓଡ଼ିଶା ।
ପିଠିରେ ତା
ଛୁଟି ଉଠି ତୁହା ତୁହା ଶିରାବଣ ଧାରା,
ଗାଇଁ ଗାଇଁ ବଉଶାଖ ଖରା
ହାଡ଼ଭଙ୍ଗା ଖଟଣିରେ
ହକେ ସାହସା
ଓଡ଼ିଶା ।
ରକ୍ତ ନିଗାଡ଼ି,
ଜାତି ଟିଭି,
ରକ୍ତ ଚୋରି ଆସିବାର ପଣ
ଫୋଟକାଏ ପାଣି ହୋଇଯାଏ;
ଲସୁଚାପ, ବନ୍ୟା ଓ ମରୁଡ଼ି ଯେବେ
ଖାଇବା ଆସିବେ
ଚାଲି ପିଙ୍ଗି ଯାଏ,
ମନେ ପୁଣି ବାନ୍ଧେ ନୂଆ ଆଶା–
ଏଠି ଏକା.ବାକିଆ ଭରସା
ଓଡ଼ିଶା ।

ମୁଠିରେ ଭିଡ଼େ କଂଟି
ମୁଣ୍ଡଝାଳ ତୁଣ୍ଡେ ଚାଟି
କ୍ଷେତରେ ଲହୁ ନିଗାଡ଼େ, ନୂଆ ସପନ ଦେଖୁ
ହାତେ ଧରି ଦାଆ
କାଟିବାକୁ ଦାନା
ଅଣ୍ଟା ସଳଖି ସାହସରେ ଠିଆ
ଏ ମାଟିରେ ଚଷା
ଓଡ଼ିଶା ।
ଜୀବନର ପଥେ କ୍ଲାନ୍ତ
ଦୁଃଖର ଗଣ୍ଠିଲି ଥୋଇ
ବାଇଶି ପାହାଚେ ମାରେ ଅଦ୍ଭୁତ
ଓଡ଼ିଶା ।
ଈଶ୍ୱର ଆସନ୍ତି ଏଠି
ବାଟ ଭୁଲି କଂଟା ମାଡ଼ି
ଶୁଣିବାକୁ କୁଆଁରୀ କଂଠରୁ ଗୀତ
ମାଟି ଏଠି ସୁନା ନୁହେଁ ରତ
ଜାଏ ଆମ ମାଟିର ସରଗ,
ଇଷ୍ଟବାକୁ ତା'ର ଦେହ
ପାର ଭିଡ଼ି ଈଶ୍ୱର ପାଦକ
ଦେବତା ପାରେ ନା ସହି
ମଣିଷର ଦଶା
ଓଡ଼ିଶା ।

ଲଢ଼ି ଯଦି ଯାଏ ହାରି
ଅଧା ରହେ ଧାଡ଼ି
କବିତା ଖାତାରେ
ଅଧା ଗଢ଼ା ଦିଅଁ ତାକୁ ପୂରା କରେ
ଆପଣା ହାତରେ,
ଯୁଦ୍ଧ ଭୂଇଁରେ
ହତିଆର ହାରେ
ହୃଦୟ ପାଖରେ ।
ବାର ବରଷର ପୁଅ
ହାତରେ ନିହାଣ ଧରି
କୋଣାର୍କର ମୁଣ୍ଡି ମାରି ପାରେ
ପଥରେ ଫୁଟାଇ ପାରେ
ଅନ୍ତରର ଭାଷା
ଓଡ଼ିଶା ।
କେତେ ଯେ ଜାତି,
କେତେ ଧରମ, ଭାଷା
ନାହିଁ ଭେଦ ସବୁ ଭାଇ ବଂଧୁ ପଡ଼ିଶା
ଓଡ଼ିଶା ।

ଅଧ୍ୟାପକ, ଇଂରାଜୀ
ଆଇ.ଜି.ଏମ୍. କଲେଜ, ଧୁଷୁରୀ, ଭଦ୍ରକ

# 'ବନ୍ଦେ ଉତ୍କଳ ଜନନୀ' ଓ କାନ୍ତକବି ଲକ୍ଷ୍ମୀକାନ୍ତ

● ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର 'ପ୍ରାଣ ସିନ୍ଧୁ' ଉତ୍କଳ ସମ୍ମିଳନୀର ଆଦ୍ୟ ଉଦ୍‌ବୋଧନୀ ସଙ୍ଗୀତର ମର୍ଯ୍ୟାଦା ଲାଭ କରି ଓଡ଼ିଶାର ଘରେ ଘରେ ଜନପ୍ରିୟ ହୋଇ ପାରିଛି । ଏହି ସଙ୍ଗୀତର ଆକର୍ଷଣୀୟ ଭାବ, ଭାଷାର ଲାଳିତ୍ୟ, ଛନ୍ଦର ସରଳତା ସଙ୍ଗୀତଟିକୁ ଆଦରଣୀୟ କରିବାରେ ଅନ୍ୟ ଏକ କାରଣ । ଆଜି ଉତ୍କଳର ଅନେକ ସାହିତ୍ୟିକ ଓ ସାଂସ୍କୃତିକ ଉତ୍ସବରେ ଏହି ସଙ୍ଗୀତ ବୋଲା ଯାଉଛି । ଏବେ ଆମ ଓଡ଼ିଶାର ବିଧାନସଭା ଅଧିବେଶନମାନଙ୍କର ପ୍ରାରମ୍ଭରେ 'ବନ୍ଦେ ମାତରମ୍' ସଙ୍ଗୀତ ବୋଲା ଯାଉଥିବାବେଳେ ଅଧିବେଶନର ଶେଷଦିନ, ସମାପ୍ତିର ସୂଚନା ଦେଉଥାଏ - ଏହି 'ବନ୍ଦେ-ଉତ୍କଳ ଜନନୀ' ସଙ୍ଗୀତ । ଏହି ଦୁଇଟି ସଙ୍ଗୀତକୁ ଏପରି ମାନ୍ୟତା ଦେବା ଦ୍ୱାରା ସ୍ୱଦେଶ ପ୍ରୀତି ସହ ପ୍ରଦେଶ ପ୍ରୀତିକୁ ଏକ ସୂତ୍ରରେ ବାନ୍ଧି ଦିଆଯାଇଛି । ତାହାହିଁ ଥିଲା ଉତ୍କଳ ଗୌରବ ମଧୁସୂଦନଙ୍କର ଆଦର୍ଶ । ସେ କହୁଥିଲେ, ଉତ୍କଳ ହେଉଛି ଭାରତର ଏକ ଅଙ୍ଗ । ଶରୀରର ଏକ ଅଙ୍ଗ ପୀଡ଼ିତ କି ଦୁର୍ବଳ ରହିଲେ ଶରୀର ସୁସ୍ଥ ରହି ପାରିବ ନାହିଁ । ତେଣୁ ଦେଶ ଓ ପ୍ରଦେଶର ସ୍ୱାର୍ଥ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଏକ ଓ ଅଭିନ୍ନ ।

କାନ୍ତକବି ଲକ୍ଷ୍ମୀକାନ୍ତ ଉତ୍କଳ ବନ୍ଦନାର ଅନୁରୂପ ଭାରତ ବନ୍ଦନା ମଧ୍ୟ ରଚନା କରିଥିଲେ । ତାଙ୍କର ପଡ଼ୋଶୀ ତତ୍‌କାଳୀନ ପ୍ରବାସୀ ଆନ୍ଦୋଳନର ନେତା ସ୍ୱର୍ଗୀୟ ରାମଚନ୍ଦ୍ର ବେହୁରାଙ୍କର ଏକାନ୍ତ ଅନୁରୋଧ କ୍ରମେ ସର୍ବଜନ ସୁବୋଧ୍ୟ ଭାଷା, ଜାତୀୟ ଭାବ ସମ୍ବଳିତ ଏକ ଉତ୍କୃଷ୍ଟ ସଙ୍ଗୀତ କଲିକତାର ଏକ ପ୍ରବାସୀ ଓଡ଼ିଆ ସମ୍ମିଳନୀରେ ପରିବେଷିତ ହୋଇଥିଲା । ତାହା ସେଠାରେ ଅତ୍ୟନ୍ତ ଆଦୃତ ହୋଇଥିଲା । ଉକ୍ତ ସଙ୍ଗୀତର ପ୍ରତିଲିପି ଆଉ ମିଳିଲା ନାହିଁ । ଲେଖକର ଚେଷ୍ଟା ଫଳବତୀ ହୋଇପାରିଲା ନାହିଁ । ସ୍ୱର୍ଗୀୟ ରାମଚନ୍ଦ୍ର ବେହୁରାଙ୍କୁ ଜୀବିତାବସ୍ଥାରେ ମୁଁ ତାଙ୍କ ଦ୍ୱାରସ୍ଥ ହୋଇ ଅନୁରୋଧ କରିଥିଲି । ସେ ତାଙ୍କର ପୁତ୍ରଙ୍କୁ ଖୋଜି ଦେବା ପାଇଁ କହିଥିଲେ । ମାତ୍ର ପୁତ୍ରଙ୍କଠାରୁ ମଧ୍ୟ ମୁଁ ନିରାଶ ହେଲି ।

ଏଠାରେ 'ବନ୍ଦେ ଉତ୍କଳ ଜନନୀ'ର ସୃଷ୍ଟି ବିଷୟରେ ଗୋଟିଏ କୌତୂହଳର ବିଷୟ ସ୍ମରଣ କରାଇ ଦେଉଛି । ଏହି ସଙ୍ଗୀତ ଉତ୍କଳ ସମ୍ମିଳନୀରେ ପରିବେଷିତ ହେବା ପୂର୍ବରୁ କେଉଁ ସଙ୍ଗୀତ ବୋଲା ଯାଉଥିଲା, ମୁଁ ଜାଣେ ନାହିଁ । ସମ୍ଭବତଃ ରାଧାନାଥ ରାୟଙ୍କର ସେହି ସଂସ୍କୃତ ସଙ୍ଗୀତ, 'ସର୍ବେଷାଂ ନୋ ....' ବୋଲା ଯାଉଥିଲା । ସେ ଯାହା ହେଉ, କାନ୍ତକବି ତାଙ୍କର ଛାତ୍ରାବସ୍ଥାରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । 'ଉତ୍କଳ ସମ୍ମିଳନୀ'ରେ ସ୍ୱେଚ୍ଛାସେବକ ରୂପେ କାର୍ଯ୍ୟ କରିଥିଲେ । ସମ୍ମିଳନୀରେ ତାଙ୍କର ମନଲାଖି ଓଡ଼ିଆ ସଙ୍ଗୀତ ପରିବେଷିତ ହେଉନାହିଁ ବୋଲି ସେ ଅନୁଭବ କଲେ । ତେଣୁ ସେ ତାଙ୍କର ପିତା ଭାଗବତ ପ୍ରସାଦ ମହାପାତ୍ରଙ୍କୁ ଏହି କଥା ସୂଚାଇଥିଲେ । ଏଠାରେ କହି ରଖେ ଯେ କାନ୍ତକବିଙ୍କ ପିତା ସେତେବେଳେ 'ଉତ୍କଳ ସମ୍ମିଳନୀ'ର ଜଣେ ପ୍ରମୁଖ ସଭ୍ୟ ତଥା ମଧୁସୂଦନଙ୍କର ଏକାନ୍ତ ଅନୁଗତ ଥିଲେ । ଭାଗବତ ପ୍ରସାଦ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ତଥା ଉପସଭାପତି ଥିଲେ । ମଧୁବାବୁଙ୍କ ଭଳି ସେ ମଧ୍ୟ ଓଡ଼ିଆମାନଙ୍କର ସ୍ୱାଭିମାନର ପ୍ରତୀକ 'ପଗଡ଼ି' ପିନ୍ଧି ସଭା ସମିତି ଓ ବିହାର-ଓଡ଼ିଶା କାଉନସିଲକୁ ଯାଉଥିଲେ । ମଧୁବାବୁଙ୍କ ଆଦର୍ଶରେ ନିଜ ଅଞ୍ଚଳରେ କୁଟୀର ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ଅନୁଷ୍ଠାନ ଗଢ଼ିଥିଲେ । ଭାଗବତ ପ୍ରସାଦଙ୍କ ଉଦ୍ୟମରେ ଗୋଟିଏ ଉତ୍ତମ ଓଡ଼ିଆ ସଙ୍ଗୀତ ସମ୍ମିଳନୀରେ ବୋଲାଯାଇ ପାରିବ । ଏହା ଭାବି ଲକ୍ଷ୍ମୀକାନ୍ତ ତାଙ୍କର ଛାତ୍ରାବସ୍ଥାରେ ପିତାଙ୍କୁ ଓଡ଼ିଆ ସଙ୍ଗୀତ ବିଷୟରେ ଅବଗତ କରାଇଥିଲେ । ଫଳରେ ଭାଗବତ ପ୍ରସାଦ କବିଶେଖର ଚିନ୍ତାମଣି ମହାନ୍ତିଙ୍କୁ ଖଣ୍ଡିଏ ପତ୍ର ଲେଖିଥିଲେ । ସେଥିରେ ସେ କବିଶେଖରଙ୍କୁ ଉତ୍କଳ ସମ୍ମିଳନୀ ସକାଶେ ଗୋଟିଏ ମର୍ମସ୍ପର୍ଶୀ ଉତ୍କୃଷ୍ଟ ସଙ୍ଗୀତ ଲେଖିବା ପାଇଁ ଅନୁରୋଧ କରିଥିଲେ । କବିଶେଖର ସେତେବେଳେ ଯେଉଁ ସଙ୍ଗୀତ ଲେଖିଥିବେ, ତାହା ମଧ୍ୟ ସମ୍ମିଳନୀର କେତେକ ଅଧିବେଶନରେ ବୋଲା ଯାଉଥିବ ।

ବହୁବର୍ଷ ବିତି ଗଲା । କାନ୍ତକବିଙ୍କ ବୟସ ସେତେବେଳେ ତିରିଶ ବର୍ଷ ବା ତଦୁର୍ଦ୍ଧ୍ୱ ହେବ । ସେ ମନସ୍ଥ କରିଲେ ନିଜେ 'ଉତ୍କଳ ସମ୍ମିଳନୀ' ପାଇଁ ଗୋଟିଏ ସଙ୍ଗୀତ ରଚନା କରିବେ । ବହୁଦିନର ଅଭାବବୋଧରୁ ସଞ୍ଜାତ ବେଦନାର ଅପସାରଣ ପାଇଁ ତଥା ଦେଶାତ୍ମବୋଧର ଗଭୀର ତୃଷା ନିବାରଣ ପାଇଁ କାନ୍ତକବି ସୃଷ୍ଟି କରିଲେ ଏହି ଅପୂର୍ବ ତଥା ଅନନ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' । ଉପଯୁକ୍ତ ଶବ୍ଦ, ଉତ୍କୃଷ୍ଟ ଭାବ ତଥା ସରଳ ଓ ସାବଲୀଳ ଭଙ୍ଗୀରେ ଏହି ସଙ୍ଗୀତ ରଚନା କରିବାରେ କବିଙ୍କୁ ରାତ୍ରିର କେତେ ବିନିଦ୍ର ପ୍ରହର ଅତିବାହିତ କରିବାକୁ ପଡ଼ିଥିବ । କାରଣ ସେ ନିଜେ ପ୍ରକାଶ

କରିଥିଲେ ଯେ ବେଳେବେଳେ କବିତା ଓ ସଙ୍ଗୀତ ପାଇଁ ସାର୍ଥକ ଓ ସମୀଚୀନ ଶବ୍ଦ ଆହରଣ ପାଇଁ ତାଙ୍କୁ ଦୁଇତିନି ଦିନ ଲାଗି ଯାଉଛି । ରାତିରେ ଭଲ ନିଦ ହୋଇ ନାହିଁ । କଲମ କାଗଜ ମୁଣ୍ଡ ପାଖରେ ଥୁଆ ହୋଇଥାଏ । ମନେ ପଡ଼ିଲେ ଅଣ୍ଟାଳିକି ଲେଖି ପକାନ୍ତି । କାନ୍ତକବିଙ୍କର ନାଟ୍ୟାଦଙ୍କର ସ୍ୱର୍ଗୀୟ କାଳନ୍ଦୀ ମହାନ୍ତି ମଧ୍ୟ ଏହି ଘଟଣାର ଜୀବନ୍ତ ସାକ୍ଷୀ ଥିଲେ ।

'ବନ୍ଦେ ଉତ୍କଳ ଜନନୀ'ର ଭାଷା ଯେପରି ଲଳିତ, ଭାବ ସେହିପରି ମଧୁର, ରାଗିଣୀ ତତୋଧିକ ମନୋମୁଗ୍ଧକର ।

ଏଠାରେ ଆଉ ଗୋଟିଏ କଥାର ଅବତାରଣା ନ କରି ରହି ପାରୁନାହିଁ । ଅନେକ ସ୍ଥାନରେ, ଅନୁଷ୍ଠାନରେ, ସଭାସମିତିରେ ଏପରିକି ଗଣ ମାଧ୍ୟମରେ ମଧ୍ୟ ଏହି ପବିତ୍ର ସଙ୍ଗୀତଟିର ବିକୃତ ଉଚ୍ଚାରଣ କରାଯାଉଛି । ଦୃଷ୍ଟାନ୍ତ ସ୍ୱରୂପ :- 'ଚାରୁହାସମୟୀ' 'ଚାରୁଭାଷମୟୀ' ଶବ୍ଦ ଯୋଡ଼ିକୁ 'ଚାରୁହାସ୍ୟମୟୀ' 'ଚାରୁଭାଷ୍ୟମୟୀ' ବୋଲି ବିକୃତ ଉଚ୍ଚାରଣ କରାଯାଉଛି । ସେହିପରି ଏହି ସଙ୍ଗୀତରେ ଯେଉଁଠି ଅଛି - 'ଶୁଭ୍ର-ତଟିନୀ-କୂଳ-ଶୀକର-ସମୀରା' ସେଠାରେ ଭ୍ରମାତ୍ମକ ଭାବେ 'ଶୀକର-ସମୀର ପରିବର୍ତ୍ତେ 'ଶିଖର ସମୀରା' ବୋଲି ଉଲ୍ଲେଖ କରାଯାଉଛି । ଆମର ଅନୁରୋଧ, ଏପରି ଏକ ପବିତ୍ର ସଙ୍ଗୀତକୁ ଆଉ ବିକୃତ କରା ନ ଯାଉ ।

କାନ୍ତ କୁଟୀର, ନୂଆ ବଜାର, ଭଦ୍ରକ

# ଆମେ ଓଡ଼ିଆ ପୁଅ

● ଶ୍ରୀମତୀ କାଞ୍ଚନ ମିଶ୍ର

ଓଡ଼ିଆ ପୁଅ ଆମେରେ ଭାଇ
ଓଡ଼ିଶା ଆମ ଘର
ସବୁଠୁ ଭଲ ଲାଗେ ଆମକୁ
ଏଇ ରାଇଜ ଘର ।
ଓଡ଼ିଶା ଘରେ ଜନମି ଥିଲେ
କେତେ ଓଡ଼ିଆ ବୀର
ଓଡ଼ିଶା ପାଇଁ ଜୀବନ ଦେଲେ
ନକରି ଚିନ୍ତେ ଡର ।
ଓଡ଼ିଆ ଘର ସାଧବ ପୁଅ
ଦରିଆ ପାରି ହୋଇ
ବିଦେଶୁ ଫେରେ ବଣିଜ କରି
ଧନ ସମ୍ପଦ ନେଇ ।

ଆମ ଦେଶର ଓଡ଼ିଆ ଝିଅ
ଚଢ଼ିଲେ ହିମାଳୟ
ଖେଳ କୁଦରେ ବିଜୟୀ ହେଲେ
ଯୁଦ୍ଧରେ କଲେ ଜୟ ।
ଆସେଇ ଆସ ଭାଇ ଭଉଣୀ
ଗଢ଼ିବା ଆମ ଦେଶ
ମନଲଗାଇ ପଢ଼ିବା ପାଠ
ରଖିବା ତା'ର ଯଶ ।
ବିଜ୍ଞାନ କ୍ରମେ ହେଲା ଉନ୍ନତି
ଦେଖିବା ଚନ୍ଦ୍ର ଦେଶ
ରହିବା ଯାଇ ପୃଥିବୀ ପାରେ
ଭୁଲି ସବୁରି ଦୁଃଖ ।

ୟୁନିଟ୍-୯, ଭୁବନେଶ୍ୱର

# ଭକ୍ତକବି ଜୟଦେବ ଓ ଶ୍ରୀଗୀତଗୋବିନ୍ଦ

● ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ । ପଦୁଁ ଗଳୁଛି ମକରନ୍ଦ
ସେ ମକରନ୍ଦ ପାନ କରି । ହେଲେ ତରିଲେ ବ୍ରଜନାରୀ ।

ଗୋବିନ୍ଦ ହେଉଛନ୍ତି ଗୋସ୍ୱାମୀ– ସର୍ବଜୀବାନ୍ତରାତ୍ମା । ସେ ମଧ୍ୟ ଗୋପାଳ । ତାହାଙ୍କ ଧ୍ୟାନରେ କୁହାଯାଇଛି–

''କସ୍ତୁରୀ-ତିଳକଂ ଲଲାଟ-ପଟଳେ ବକ୍ଷସ୍ଥଳେ କୌସ୍ତୁଭମ୍,
ନାସାଗ୍ରେ ବର ମୌକ୍ତିକଂ କରତଳେ ବେଣୁଃ କରେ କଙ୍କଣମ୍ ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେ ଚ ମୁକ୍ତାବଳୀ
ଗୋପସ୍ତ୍ରୀ- ପରିବେଷ୍ଟିତୋ ବିଜୟତେ ଗୋପାଳଃ ଚୂଡ଼ାମଣି ।''

ସମ୍ମୋହନ ତନ୍ତ୍ରରେ ହରପାର୍ବତୀ ସମ୍ବାଦେ ତ୍ରୈଲୋକ୍ୟ ମୋହନଂ ଶ୍ରୀ ଶ୍ରୀ ଗୋପାଳ ସହସ୍ରନାମ ସ୍ତୋତ୍ରଂରେ ପ୍ରଦତ୍ତ ଏ ଧ୍ୟାନ ଶ୍ରୀ ଗୀତଗୋବିନ୍ଦକାର ଜୟଦେବ (ଦ୍ୱାଦଶ ଶତାବ୍ଦୀ)ଙ୍କ ପୂର୍ବବର୍ତ୍ତୀ ବୋଧହୁଏ । ଶ୍ରୀ ଜୟଦେବ ଥିଲେ ମାଧବ ପୂଜକ । ପୂତସଲୀଳା ପ୍ରାଚୀ ନଦୀ ତୀରରେ କେନ୍ଦୁବିଲ୍ୱ ଗ୍ରାମରେ ଜୟଦେବଙ୍କ ଜନ୍ମ । ପ୍ରାଚୀ ତୀରରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ଅମ୍ବିକା ଓ ଦ୍ୱାଦଶ ମାଧବଙ୍କ ମନ୍ଦିର 'ପ୍ରାଚୀ ମାହାତ୍ମ୍ୟ'ରେ ଲିଖିତ ଥିଲେ ହେଁ ଆହୁରି ଅଧିକ ପରିମାଣରେ ମାଧବଙ୍କ ମନ୍ଦିର ବିଦ୍ୟମାନ ଥିବା ପରିଦୃଷ୍ଟ ହୁଏ ।

ମାଧବ ମୂର୍ତ୍ତିଗୁଡ଼ିକ ବିଷ୍ଣୁବିଗ୍ରହ । ଚତୁର୍ଭୁଜ । ଶଙ୍ଖ-ଚକ୍ର ଗଦା ପଦ୍ମଧାରୀ । ମସ୍ତକରେ ମୁକୁଟ ମଣ୍ଡିତ । ବକ୍ଷରେ ଶ୍ରୀବତ୍ସଲାଞ୍ଛନ ଓ କୌସ୍ତୁଭମଣି ଶୋଭିତ । ଏହାଙ୍କର ଧ୍ୟାନ

''ଶଙ୍ଖ ଚକ୍ର ଗଦା ପଦ୍ମ ଧାରିଣଂ ଶୁଭକାରିଣମ୍ ।
ପ୍ରଣତା ଶେଷ ପାପୌଘ ହାରିଣଂ ମୁରବୈରିଣମ୍ ।
ନମସ୍ତେ କମଳାପାଙ୍ଗ ନିତ୍ୟ ସଂସ୍କାରି ଚକ୍ଷୁଷେ
ଶ୍ରୀବତ୍ସ କୌସ୍ତୁଭୋଭାସି ମନୋଜ୍ଞସ୍ଫୁଟ ବକ୍ଷସେ ।''

ମାଧବ (ବିଷ୍ଣୁ) ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ପ୍ରତିମା ଲକ୍ଷଣଗତ ବୈସାଦୃଶ୍ୟ ଥିଲେ ହେଁ ଭକ୍ତକବି ଜୟଦେବ ଉଭୟଙ୍କୁ ଏକ ଓ ଅଭିନ୍ନଭାବେ ଗ୍ରହଣ କରି ଓ ମାଧବଙ୍କ ସହ ରାଧାଙ୍କୁ ସଂଯୁକ୍ତ କରି ଉଲ୍ଲେଖ କରିଛନ୍ତି,

''ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ ।''

ଶ୍ରୀ ଜୟଦେବଙ୍କ ମାଧବ ଦ୍ୱିଭୁଜ, ବଂଶୀପାଣି, ନଟବର କୃଷ୍ଣ । ସେ କାଳୀୟ ବିଷଧର ଗଞ୍ଜନ, ଯଦୁକୁଳ ନଳିନ ଦିନେଶ– ଅଭିନବ ଜଳଧର ସୁନ୍ଦର- ମନ୍ଦର ଗିରିଧାରୀ । ସେ ପୁଣି ଜନକସୁତାକୃତ ଭୂଷଣ ରାମଚନ୍ଦ୍ର; ମଧୁମୁର ନରକ ବିନାଶକ ଗରୁଡ଼ାସନ ବିଷ୍ଣୁ ଏବଂ ନୀଳାଦ୍ରି ବିହାରୀ କମଳାରମଣ ଜଗଦୀଶ ଜଗନ୍ନାଥ ।

ଜୟଦେବଙ୍କ ସ୍ୱଗ୍ରାମ କେନ୍ଦୁବିଲ୍ୱ ଶାସନରେ ଅମ୍ବିକା, ମୁକ୍ତେଶ୍ୱର ଶିବ ଓ ମାଧବଙ୍କ ମନ୍ଦିର ଜୟଦେବଙ୍କ ଜନ୍ମର ତିନିଶତ ବର୍ଷ ପୂର୍ବରୁ ଅର୍ଥାତ୍ ନବମ ଶତାବ୍ଦୀରୁ ବିଦ୍ୟମାନ ଥିବା ଐତିହାସିକ ସ୍ୱର୍ଗତ କେଦାରନାଥ ମହାପାତ୍ର ଉଲ୍ଲେଖ କରିଛନ୍ତି । କାନ୍ତ କୋମଳ ମଧୁର ପଦାବଳୀ ବିଶିଷ୍ଟ ଶ୍ରୀଗୀତଗୋବିନ୍ଦ ''ସୁଖଦଂ ଶୁଭଦଂ ଭବସାରମ୍' ।

ଶ୍ରୀ ଜୟଦେବକୃତ ଶ୍ରୀଗୀତଗୋବିନ୍ଦର ପ୍ରଶଂସା କରି କୁହାଯାଉଛି–

''ସାଧ୍ୱୀ ମାଧ୍ୱୀକ ଚିନ୍ତା ନ ଭବତି ଭବତଃ ଶର୍କରେ କର୍କଶାଽସି,
ଦ୍ରାକ୍ଷେ ଦକ୍ଷନ୍ତି କେ ତ୍ୱାମମୃତ ମୃତମସି କ୍ଷୀରଂ ନୀରଂ ରସସ୍ତେ,
ମାକନ୍ଦ କନ୍ଦକାନ୍ତାଧର ଧରଣିତଳଂ ଗଚ୍ଛ ଗଚ୍ଛନ୍ତି ଯାବଂ
ଯାବ ଚ୍ଛୃଙ୍ଗାର ସାରସ୍ୱତମିହ ଜୟଦେବସ୍ୟ ବିଷ୍ୱଗ୍‌ବଚାଂସି ।''

ଭକ୍ତଶ୍ରେଷ୍ଠ ଜୟଦେବ ଓ ସତୀ ସାଧ୍ୱୀ ପଦ୍ମାବତୀଙ୍କ ସହ ଶ୍ରୀକ୍ଷେତ୍ର ବାସକାଳରେ–

''ଶ୍ରୀ ରାଧାମାଧବ ଦର୍ଶନେ । ଉତ୍କଣ୍ଠା ଜନ୍ମିଲା ବର୍ଣ୍ଣନେ ।
ରଚିଲା ଅପୂର୍ବ ପ୍ରବନ୍ଧ । ନାମ ଯେ ଶ୍ରୀ ଗୀତଗୋବିନ୍ଦ ।
ଦିନେ ସେ ଗ୍ରନ୍ଥର ରଚନା । ସମୟେ ଏମନ୍ତ ଘଟନା ।
ଖଣ୍ଡି ତା ରସ ବର୍ଣ୍ଣନରେ । ଶ୍ରୀକୃଷ୍ଣ ରାଧିକା ପୟରେ ।
ପଡ଼ିଣ ଥିଲେ କାମଭୋଳେ । ଏକଥା ଜାଣନ୍ତି ସକଳେ ।
ମାତ୍ର ଭକତ ଜୟଦେବ । ମନେ ଜନ୍ମିଲା ଶଙ୍କାଭାବ ।
ହେଲେ ହେଁ ରାଧା ଜଗନ୍ନାଥ । ଜଗତ ପ୍ରଭୁ ଜଗନ୍ନାଥ ।
ଅଧୀର ଲମ୍ପଟ ପରାୟେ । ପଡ଼ିଲେ ରମଣୀର ପାୟେ ।
କେମନ୍ତେ ଲେଖିବି ଏ କଥା । ହୃଦକୁ ଲାଗଇ ଏ ବ୍ୟଥା ।
ପୋଥି ଲେଖନ ଥୋଇ ଭାଳି । ସ୍ନାନକୁ ଗଲେ କବି ଚଳି ।
ଏକାଳେ ପ୍ରଭୁ ବିଶ୍ୱରୂପ । ଧରିଣ ଜୟଦେବ ରୂପ ।
ଧରିଣ ଲେଖନ ଯେ ପୋଥି । ଲେଖିଲେ ତରତରେ ଅତି ।
ଯେ ସ୍ମରଗରଳ ଖଣ୍ଡନ । ଯେ ମମ ଶିରସି ମଣ୍ଡନ ।
ଯେ ପଦ ପଲ୍ଲବ ଉଦାର । ଦେହି ଏମନ୍ତ ପଦ ସାର ।
ଲେଖି ଗମିଲେ ଦେବ ଦେବ । ପ୍ରବେଶ ଆସି ଜୟଦେବ ।
ଫିଟାଇ ଦେଖିଲେ ସେ ପୋଥି । ଝଟକେ ନବ ଲେଖା ଜ୍ୟୋତି ।
ହୃଦୟେ ଥୋଇ ସେହି ଗ୍ରନ୍ଥ । ନାଚିଲେ ହୋଇ ଉନମତ୍ତ ।''

ବିପ୍ର ରାମଦାସଙ୍କ କୃତ 'ଦାର୍ଢ୍ୟତାଭକ୍ତି'ରେ ଜୟଦେବ ଗୋସ୍ୱାମୀଙ୍କ ଚରିତ ପ୍ରସଙ୍ଗରେ ଯେଉଁ ବର୍ଣ୍ଣନା କରିଛନ୍ତି, ତାହା ଅନନ୍ୟ, ଅଲୌକିକ ଓ ଅସାଧାରଣ । ଭଗବାନ ଭକ୍ତ ପ୍ରତି ଅହେତୁକୀ

କୃପାକରି ଅବତାର ଧାରଣ କରିବା ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଥିଲେ ହେଁ ସ୍ୱୟଂ ଭକ୍ତର ରୂପ ପରିଗ୍ରହ କରି ପଦପୂରଣ କରିବା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ତାର ପଟାନ୍ତର ନାହିଁ । ଭଗବାନ ଭାବଗ୍ରାହୀ । ଭକ୍ତର ଭାବକୁ ଭାଷାରେ ପରିସ୍ଫୁଟନ ନିମନ୍ତେ ଅଭାବବୋଧକୁ ପୂର୍ଣ୍ଣ କରନ୍ତି ସ୍ୱୟଂ ଭକ୍ତବତ୍ସଳ ।

କେବଳ ବିପ୍ର ରାମଦାସ ନୁହଁନ୍ତି, କବି ମାଧବ ପଟ୍ଟନାୟକ (ଶ୍ରୀଚୈତନ୍ୟଙ୍କ ସମସାମୟିକ) ଷୋଡ଼ଶ ଶତାବ୍ଦୀରେ ''ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ।

'ବିପ୍ର ସେ ଜୟଦେବ ନାମ । କ୍ଷେତ୍ର ବରକୁ ଆଗମନ ।
କେନ୍ଦୁଲି ଶାସନ ତା ଗ୍ରାମ । ପ୍ରାଚୀ ନଦୀର ତଟେ ପୁଣ ।
ଶ୍ରୀ ନୀଳମାଧବ ସମୀପେ । ଭକ୍ତି କଲା ସେ ନାନା ରୂପେ ।
ଶାସ୍ତ୍ର ପୁରାଣେ ବିଚକ୍ଷଣ । କବିତ୍ୱ ମାର୍ଗେ ତାର ମନ ।
ଗୀତ ସେ ରଚିବ ବୋଲେ । କ୍ଷେତ୍ର ବାସକୁ ମନ କଲା ।''

ଏଥିରୁ ଜୟଦେବଙ୍କ ସଂପର୍କରେ ପ୍ରମାଣ ମିଳିଥାଏ । କେନ୍ଦୁଲି ଗାଁରେ ଦୁଇଟି ଦେବୀମୂର୍ତ୍ତି ବିରାଜିତା । ଗୋଟିଏ ମହିଷମର୍ଦ୍ଦିନୀ ଦୁର୍ଗା ଓ ଅନ୍ୟଟି ପଦ୍ମପୁଷ୍ପଧାରିଣୀ ଓ ମସ୍ତକୋପରି ସର୍ପଫଣା ବିଭୂଷିତା ପଦ୍ମପୁଷ୍ପକରା ଲକ୍ଷ୍ମୀ ଓ ସର୍ପଦେବୀ ମନସାଙ୍କ ସମନ୍ୱିତ ବିଗ୍ରହ 'ପଦ୍ମାବତୀ' କବିଙ୍କ ଇଷ୍ଟଦେବୀ । ଗୀତଗୋବିନ୍ଦରେ ଉଲ୍ଲିଖିତ 'ବାଗ୍‌ଦେବତା- ଚରିତ- ଚିତ୍ରିତ- ଚିତ୍ତସଦ୍ମା, ପଦ୍ମାବତୀ- ଚରଣ- ଚାରଣ- ଚକ୍ରବର୍ତ୍ତୀ' ପଦରୁ ଜଣାଯାଏ ଯେଉଁ ବାକ୍‌ଦେବୀ ଚିତ୍ତରେ ବିରାଜମାନ କରି ପଦ୍ମାବତୀ ରୂପରେ ପୂଜିତା, ସେହି ଦେବୀଙ୍କର ଚରଣ ସେବକ ଅଗ୍ରଣୀ କବି ଜୟଦେବ । ଗୀତଗୋବିନ୍ଦ ପ୍ରାରମ୍ଭରେ 'ଶ୍ରୀତକମଳା କୁଚମଣ୍ଡଳ ଧୃତ' ଭାବରେ ଶ୍ରୀଜଗନ୍ନାଥଙ୍କୁ ''ଜୟ ଜୟ ଦେବ ହରେ'' କହି ବନ୍ଦନା କରିବାରୁ ତାଙ୍କର ଲକ୍ଷ୍ମୀଙ୍କ ପ୍ରତି ଭକ୍ତି ନିବେଦନ କରିବା ସହିତ ପ୍ରାଚୀ ତୀରରେ 'ଆଦିମାତା' ଦୁର୍ଗାଙ୍କ ସହିତ ମାଧବଙ୍କ ଉପାସନାର ବହୁତ ପ୍ରମାଣ ମିଳିଅଛି । ପୁଣି ପ୍ରକୃତି ସ୍ୱରୂପିଣୀ ଆଦିମାତାଙ୍କୁ ଶ୍ରୀରାଧା କଳ୍ପନା କରି ମାଧବଙ୍କ ସହ ସଂଯୋଗ ପୂର୍ବକ 'ରାଧାମାଧବ' ଉପାସନା ଓ 'ଶ୍ରୀବାସୁଦେବ ରତିକେଳି କଥା'ର ଅବତାରଣା କରିବା ଦ୍ୱାରା ଉପଯୁକ୍ତ ଶ୍ଳୋକର ଗୂଢ଼ ଅର୍ଥ ପ୍ରତୀତ ହେଉଅଛି ।

'ଗୀତଗୋବିନ୍ଦ'ରେ ଆତ୍ମପରିଚୟ ଦେଇଛନ୍ତି, କେନ୍ଦୁବିଲ୍ୱ ରୂପକ ସମୁଦ୍ରରୁ ଜାତ ଚନ୍ଦ୍ର ସିଏ । ପୁଣି ତାଙ୍କର ପରାଶର ଆଦି ବନ୍ଧୁଙ୍କ ଦ୍ୱାରା ଏହା ଗାନ କରାଯାଉଥିବା ମଧ୍ୟ ଉଲ୍ଲେଖ କରିଛନ୍ତି । ଜୀବକୁଳର ଜୀବନ ସଂଗୀତ 'ଗୀତଗୋବିନ୍ଦ' । ତାର ଆତ୍ମା ହେଉଛି ଧର୍ମମାଧୁର୍ଯ୍ୟ । 'ରସୋ ବୈ ସଃ– ରସର ଆଧେୟ ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ । ଆଧାର ବିଶ୍ୱ ସହୃଦୟତାର ପ୍ରତୀକ ରାଧା ।

କୃଷ୍ଣ ବଡ଼ ଡରକୁଳା । ପିତା ନନ୍ଦ ନିର୍ଦ୍ଦେଶ ଦେଲେ ରାଧାଙ୍କୁ । ନେଇକୁ ଘରେ ପହଞ୍ଚାଇ ଦିଅ । ପଥରେ କୁଞ୍ଜ ପାଖରେ ଅଟକିଛନ୍ତି ରାଧିକା । ପାଲଟିଛନ୍ତି ଅଭିସାରିକା । ନାଟକୀୟ ଛଟାରେ ୧୨ଟି ସର୍ଗରେ ବିରଚିତ ଶ୍ରୀ ଗୀତଗୋବିନ୍ଦରେ ଶ୍ରୀରାଧାଙ୍କୁ ଅଭିମାନିନୀ, ବାସକସଜ୍ଜା, ବିପ୍ରଲବ୍ଧା, ଖଣ୍ଡିତା, କଳହାନ୍ତରିତା, ମାନମୟୀ, ଅଭିସାରିକା ଓ ସ୍ୱାଧୀନ ଭର୍ତ୍ତୃକା ନାୟିକା ଭାବରେ ଚିତ୍ରଣ କରିଛନ୍ତି ଭକ୍ତକବି ।

ସାମୋଦ ଦାମୋଦର ନାମକ ପ୍ରଥମ ସର୍ଗରେ ବସନ୍ତ ଋତୁର ଆଗମନ, ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଙ୍କ ମନ ଉପରେ ମଦନ ଦେବତାର ରାଜତ୍ୱ ବର୍ଣ୍ଣିତ । ଦ୍ୱିତୀୟ ସର୍ଗ 'ଅକ୍ଳେଶ କେଶବ'ରେ ଶ୍ରୀକୃଷ୍ଣ କୁଞ୍ଜରେ ବିଜେ ନକରନ୍ତେ ଅଭିମାନିନୀ ରାଧାଙ୍କ ଚକ୍ଷୁରେ ଭାସି ଉଠୁଛି ଶ୍ୟାମସୁନ୍ଦରଙ୍କ ଭୁବନମୋହନ ରୂପ ।

'' କେଶୀ ମଥନ ମୁଦାରଂ ରମୟ ମୟାସହ
ମଦନ ମନୋରଥ ଭାବିତୟା ସବିକାରଂ ।''

ତୃତୀୟ ସର୍ଗ-. ମୁଗ୍ଧ ମଧୁସୂଦନ । ଶ୍ରୀରାଧା ବିରହରେ ଶ୍ରୀକୃଷ୍ଣଙ୍କ ମନରେ ଉତ୍କଣ୍ଠା । ସ୍ୱୟଂ ଅଖିଳ ରସାମୃତ ସିନ୍ଧୁ ଓ ଆନନ୍ଦଘନ ବିଗ୍ରହ ହେଲେ ବି ଶ୍ରୀରାଧା ବିରହରେ କାତର । ଚତୁର୍ଥ ସର୍ଗ ସ୍ନିଗ୍ଧ ମଧୁସୂଦନ– ସଖୀ ଆସି ଶ୍ରୀକୃଷ୍ଣ ଅଗ୍ରତେ ନିବେଦିଛି ବିରହିଣୀ ଶ୍ରୀରାଧାଙ୍କ ବିରହ ବେଦନା । ଚନ୍ଦ୍ର ଓ ଚନ୍ଦନକୁ ନିନ୍ଦା କରୁଛନ୍ତି ସେ । ମଳୟ ପବନ ତ ତାଙ୍କୁ ଗରଳ ବୋଧ ହେଉଛି । ଏ ବର୍ଣ୍ଣନା ବିରହୀ ନାୟକର ଦମ୍ଭ ଭାଙ୍ଗିବାକୁ ସମର୍ଥ ।

'' ନିନ୍ଦତି ଚନ୍ଦନମିନ୍ଦୁ କିରଣମନୁ ବିନ୍ଦତି ଖେଦ ମଧୀରଂ
ବ୍ୟାଳ ନିଳୟମିଳନେନ ଗରଳମିବ କଳୟତି ମଳୟ ସମୀରଂ ।

କେଶବ– ସା ବିରହେ ତବ ଦୀନା
ମାଧବ ମନସିଜ ବିଶିଖ ଭୟାଦିବ ଭାବନୟା ତ୍ୱୟିଲୀନା ।

ପଞ୍ଚମ ସର୍ଗ ସାକାଂକ୍ଷ ପୁଣ୍ଡରୀକାକ୍ଷ । ଶ୍ରୀକୃଷ୍ଣଙ୍କର ଶ୍ରୀରାଧାଙ୍କ ପାଇଁ ବ୍ୟାକୁଳତା ଓ ସଖୀ ପ୍ରେରଣ । ଶ୍ରୀରାଧାଙ୍କ ଆଗରେ ସଖୀ ପ୍ରକାଶ କରିଛି, ବିରହ ବ୍ୟଥିତ ଶ୍ୟାମ ଘରଦ୍ୱାର ଛାଡ଼ି ବଣରେ ବୁଲୁଛନ୍ତି । ଭୂଇଁରେ ଗଡ଼ି ଗଡ଼ି କେବଳ 'ରାଧା' 'ରାଧା' ଚିତ୍କାର କରୁଛନ୍ତି । ତେଣୁ ରାଧିକେ ! ଅବିଳମ୍ବେ ଯାଅ ।

'' ରତି ସୁଖ ସାରେ ଗତମଭିସାରେ ମଦନ ମନୋହର ବେଶଂ
ନ କୁରୁ ନିତମ୍ବିନୀ ଗମନ ବିଳମ୍ବନ ଅନୁସର ତଂ ହୃଦୟେଶଂ
ଧୀର ସମୀରେ ଯମୁନା ତୀରେ ବସତି ବନେ ବନମାଳୀ
ପୀନ ପୟୋଧର ପରିସର ମର୍ଦ୍ଦନ ଚଞ୍ଚଳ କର ଯୁଗଶାଳୀ ।''

ଷଷ୍ଠ ସର୍ଗ ଧୃଷ୍ଟ ବୈକୁଣ୍ଠ । ସଖୀ ଫେରିଯାଇ ଶ୍ରୀକୃଷ୍ଣଙ୍କ ସମୀପରେ ବାସକସଜ୍ଜା ନାୟିକା ଶ୍ରୀରାଧାଙ୍କ ବର୍ଣ୍ଣନା କରିଛି । ସପ୍ତମ ସର୍ଗ ନାଗର ନାରାୟଣ । ନାୟିକା ଏବେ ବିପ୍ରଲବ୍ଧା । ଦୂତୀ ପ୍ରେରଣ ସତ୍ତ୍ୱେ ଶ୍ରୀକୃଷ୍ଣ ଆସୁନାହାନ୍ତି । ଏହି ଭାବ ମନରେ ଆସିବାରୁ ଯୌବନ ବିଫଳ ହେଲା ବୋଲି ରାଧା ଭାବୁଛନ୍ତି । ଅଷ୍ଟମ ସର୍ଗ- ବିଲକ୍ଷ ଲକ୍ଷ୍ମୀପତି । ରାତି ପାହି ପ୍ରଭାତ ହେଲା । କୃଷ୍ଣ ଆସିଲେ ନାହିଁ । ଏବେ କୁପିତା ରାଧିକା ହେଲେ ଖଣ୍ଡିତା ନାୟିକା । ବିରହ ଜ୍ୱାଳା ବେଳକୁ ବେଳ ପ୍ରବଳ । ରାଧା ଏବେ କ୍ରୁଦ୍ଧା । ଆସିଲେ କୃଷ୍ଣ । କ୍ରୋଧ ପ୍ରକାଶ କଲେ । କୃଷ୍ଣଙ୍କ ଉପରେ ଦୃଷ୍ଟି ପଡ଼ିଗଲା । ଆଉ ରାଧାଙ୍କୁ ସମ୍ଭାଳେ କିଏ ? ଭର୍ତ୍ସନା ଆଉ ଭର୍ତ୍ସନା ।

''ହରି ହରି ଯାହି ମାଧବ ଯାହି କେଶବ ମା ବଦ କୈତବ ବାଦଂ
ତମନୁସର ସରସୀରୁହ ଲୋଚନ ଯାତବ ହରତି ବିଷାଦଂ ।''

ନବମ ସର୍ଗ– ମୁଗ୍ଧ ମୁକୁନ୍ଦ । କୃଷ୍ଣଙ୍କ ସହ କଳହ କରି ମଲିପାଉଛନ୍ତି କଳହାନ୍ତରିତା ନାୟିକା ଶ୍ରୀରାଧା । ମନରେ ତାଙ୍କର ଅଶେଷ ଯନ୍ତ୍ରଣା । ମଦନ ପୀଡ଼ିତା, ବଞ୍ଚିତା, ବିଷାଦମଗ୍ନା, ଉତ୍କଣ୍ଠିତା ରାଧାଙ୍କୁ ସଖୀଙ୍କର ସାନ୍ତ୍ୱନା– ''ମାଧବେ ମା କୁରୁ ମାନିନି !''

ଦଶମ ସର୍ଗ– ମୁଗ୍ଧ ମାଧବ । ରାତି ପାହିଲା । ନୂତନ ପ୍ରଭାତରେ ନବୀନ ସନ୍ଦେଶ ଘେନି ଶ୍ରୀରାଧାଙ୍କ ସାକ୍ଷାତ ଉଦ୍ଦେଶ୍ୟରେ ପହଞ୍ଚିଲେ କୃଷ୍ଣ । ମାନିନୀର ମାନଭଞ୍ଜନ ପାଇଁ ଭାଷାର ଭଣ୍ଡାର ନିଃଶେଷିତ କଲେ । କହିଲେ–

''ପ୍ରିୟେ ଚାରୁଶୀଳେ ମୁଞ୍ଚମୟି ମାନମନିଦାନଂ'' । ରାଧିକେ ! ତୁମେ ମୋର ଜୀବନ, ଭୂଷଣ, ଭବସାଗରର ରତ୍ନ । ତେଣୁ ସଖୀ, ''ସ୍ମର ଗରଳ ଖଣ୍ଡନଂ, ମମ ଶିରସି ମଣ୍ଡନଂ, ଦେହି ପଦ ପଲ୍ଲବ ମୁଦାରମ୍ ।'

ଏକାଦଶ ସର୍ଗ– ସାନନ୍ଦ ଗୋବିନ୍ଦ । ଶ୍ରୀକୃଷ୍ଣଙ୍କ ଅଶେଷ ଚାଟୁ ବାକ୍ୟ ପ୍ରୟୋଗ ପରେ ମାନିନୀ ରାଧାଙ୍କର ହେଲା ମାନଭଙ୍ଗ । ଉଭୟଙ୍କ ମଧ୍ୟରେ ଅନୁରାଗ ବୃଦ୍ଧି ପାଇଁ ସଖୀମାନଙ୍କ ପ୍ରଯତ୍ନ । ସୁରଭିତ ମଳୟପବନ ସହିତ ନିକୁଞ୍ଜ କାନନରେ ଦୀର୍ଘ ଉତ୍କଣ୍ଠାର ଅବସାନ ପରେ ନାୟକ ନାୟିକାଙ୍କ ମଧୁର ମିଳନ ସଂଘଟିତ ।

ଦ୍ୱାଦଶ ସର୍ଗ– ସୁପ୍ରୀତ ଦାମୋଦର । ରତିରଣ ପ୍ରମତ୍ତ ହେଲେ ନାୟକ ନାୟିକା । ମନରେ ଗଭୀର ଆନନ୍ଦ । ରାଧା ଏବେ ସ୍ୱାଧୀନଭର୍ତ୍ତୃକା । ଦୂରପଥରୁ ଚାଲି ଚାଲି କୁଞ୍ଜକୁ ଆସିଥିବାରୁ ରାଧାଙ୍କ ପାଦରେ ପୀଡ଼ା ଲାଗିଛି । ରାଧାଙ୍କ ପାଦ ବ୍ୟଥା ଦୂର କରିବାକୁ ଶ୍ରୀକୃଷ୍ଣ ତାହାଙ୍କ ଶ୍ରୀପୟର ମର୍ଦ୍ଦନ କରିବାକୁ ଚାହିଁଛନ୍ତି ।

''କରକମଳେନ କରୋମି ଚରଣ ମହମାଗ ମିତାସିଁ ବିଦୂରମ୍ ।''

ରତିକ୍ରିୟା ସମାପନାନ୍ତେ ଶ୍ରୀରାଧା କହିଲେ, ପ୍ରିୟବନ୍ଧୁ, ସଖୀମାନେ ମୋର ଏଇ ଛିନ୍ନ ଭିନ୍ନ ବେଶକୁ ଦେଖି ଥଟ୍ଟା କରିବେ ପରା । ସେମାନେ ଆସିବା ଆଗରୁ ମୋତେ ସଜାଇ ଦିଅ ଶ୍ୟାମ ।

କବିଶ୍ରେଷ୍ଠ ଜୟଦେବଙ୍କ ପରିବେଷିତ ଏ ଶ୍ରୁତିକର ପଦାବଳୀ କବିକୁଳ ନାଶକ ଓ ବୈଷ୍ଣବମାନଙ୍କର କଣ୍ଠ ଭୂଷଣ ।

ଶ୍ରୀଜଗନ୍ନାଥ ଧାମ ଭାରତର ଚତୁର୍ଦ୍ଧାମ ମଧ୍ୟରେ ଅନ୍ୟତମ । ସପ୍ତମ ଶତାବ୍ଦୀରେ ଆଗତ ଶଙ୍କରାଚାର୍ଯ୍ୟଙ୍କ ଜଗନ୍ନାଥାଷ୍ଟକ ତାହାର ପ୍ରମାଣ । ନବମ ଶତାବ୍ଦୀରେ 'ଅନର୍ଘ ରାଘବ' ନାଟକରେ ସାଗର ବେଳାଭୂମିରେ ଅବସ୍ଥିତ ପୁରୁଷୋତ୍ତମଙ୍କ ମନ୍ଦିର ବିଷୟ ସୂଚୀତ । ସେହି ମନ୍ଦିର କାଳକ୍ରମେ ଭାଙ୍ଗି ଯାଇଥିବା ଓ ଶାସକ ରାଜାମାନଙ୍କ ଦ୍ୱାରା ଉପେକ୍ଷିତ ଏହି ମନ୍ଦିର ଗଙ୍ଗେଶ୍ୱର ଦେବଙ୍କ ଦ୍ୱାରା ପୁନର୍ବାର ନିର୍ମିତ ହୋଇଥିବା ଦାଶଗୋବା ତମ୍ବାପଟା (ଏପିଗ୍ରାଫିଆ ଇଣ୍ଡିକା ୨୭ଭାଗ ପୃ.୨୫) ରୁ ଜଣାଯାଏ । ଚୋଡ଼ଗଙ୍ଗ (୧୦୭୮-୧୧୪୭) ୧୧୨୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଅଧିକାର କରି ୧୧୩୨ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ ଧାମରେ ୨୦ଟି ଅଖଣ୍ଡ ଦୀପ ଜାଳିବା ପାଇଁ ମାକୁଦ ଗ୍ରାମ ଦାନ କରିଥିବା କଥା ମୁକ୍ତ ନୃସିଂହ ମନ୍ଦିର ଦ୍ୱାରଦେଶରେ ଥିବା ଶିଳାଲେଖରୁ ଜଣାଯାଏ । ଚୋଡ଼ଗଙ୍ଗ ପୁତ୍ର କାମାର୍ଣ୍ଣବ (୧୧୪୭-୫୭) ଓ ଇନ୍ଦିରା ଦେବୀଙ୍କ ପୁତ୍ର ରାଘବ ଦେବ (୧୧୫୭-୬୯)ଙ୍କ ସମସାମୟିକ ଥିଲେ ଜୟଦେବ । ଏହି ସମୟକୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମିତ ହୋଇଥିବାରୁ ଉପସ୍ଥିତ ମନ୍ଦିରରେ ଜୟଦେବ ଓ ତାଙ୍କ ପତ୍ନୀ ପଦ୍ମାବତୀ ସେବା କରିଥିଲେ ।

ଓଡ଼ିଶା ସହିତ ବଙ୍ଗୀୟ ଶାସକମାନଙ୍କର ବୈରଭାବ ଥିଲେ ହେଁ ବଙ୍ଗଳା ମୁସଲମାନମାନଙ୍କ କରଗତ ହେବାରୁ ରାଜା ଲକ୍ଷ୍ମଣ ସେନ ପୁରୀକୁ ପଳାଇ ଆସିଥିଲେ ଓ ଓଡ଼ିଶା ରାଜାଙ୍କ ଶରଣାଗତ ହେଲେ । ବଙ୍ଗୀୟ ବିଦ୍ୱାନମାନେ ଓଡ଼ିଶାକୁ ନ୍ୟୁନ ଦୃଷ୍ଟିରେ ଦେଖୁଥିବାରୁ ଏହାର ବିପରୀତ ଚିତ୍ର ଦେଇ ଲେଖିଛନ୍ତି, ଜୟଦେବ ଲକ୍ଷ୍ମଣସେନଙ୍କ ସଭାକବି ଥିଲେ । ଲକ୍ଷ୍ମଣସେନ ପୁରୀର ସାଗର ବେଳାରେ ବିଜୟ ପତାକା ଉଡ଼ାଇଲେ । କେବଳ ସେତିକି ନୁହେଁ, ଜୟଦେବଙ୍କୁ ବଙ୍ଗବାସୀ ବୋଲି ପ୍ରମାଣିତ କରିବାକୁ ଯାଇ କହନ୍ତି, ବୀରଭୂମି ଜିଲ୍ଲାରେ କେନ୍ଦୁବିଲ୍ୱ ଗ୍ରାମରେ 'ଜୟଦେବ ଦେଉଳ' ଅଛି ଓ ସେଠାରେ ବୈଷ୍ଣବମାନଙ୍କର ମେଳା ହୁଏ । ମାତ୍ର ସେମାନେ ଏହି ବିଭ୍ରାନ୍ତିକର ତଥ୍ୟ ପରିବେଷଣ କଲାବେଳେ ଭୁଲିଯାଆନ୍ତି ଯେ ବର୍ଦ୍ଧମାନ ରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ୧୬୦୫ ଶକାବ୍ଦ (୧୬୮୩ଖ୍ରୀ:)ରେ ଏହି ମନ୍ଦିରକୁ ନିର୍ମାଣ କରିଥିବା ବୀରଭୂମି ଜିଲ୍ଲା ଗେଜେଟିଅର୍‌ରେ ଉଲ୍ଲିଖିତ ଅଛି । ସେହି ମନ୍ଦିର ନିକଟରେ ସ୍ଥାନୀୟ ମହନ୍ତଙ୍କ ନିର୍ମିତ ଅନ୍ୟ ଏକ ମନ୍ଦିରରେ ରାଧାବିନୋଦ ଠାକୁର ଅଛନ୍ତି । ସେ ଜୟଦେବଙ୍କ ପୂଜିତ ମୂର୍ତ୍ତି ନୁହଁନ୍ତି । ବରଂ ଜୟଦେବଙ୍କ ଶେଷ ଅବସ୍ଥାରେ ତୀର୍ଥରେ ଯାଇ ବୃନ୍ଦାବନ କେଶୀଘାଟଠାରେ ତାହାଙ୍କ ପୂଜିତ ରାଧାଗୋବିନ୍ଦ ମୂର୍ତ୍ତିଥିଲେ । ଜୟଦେବଙ୍କ ମୃତ୍ୟୁପରେ ଜୟପୁର ମହାରାଜା ସେହି ଠାକୁରଙ୍କୁ ନେଇ ଜୟପୁରର ଘାଟି ନାମକ ସ୍ଥାନରେ ପ୍ରତିଷ୍ଠା କରିଛନ୍ତି । (ଜଗବନ୍ଧୁ ସିଂହ -ପ୍ରାଚୀନ ଉତ୍କଳ ପୃ.୫୫)

ଦ୍ୱିତୀୟ ରାଜରାଜ ଦେବ (୧୧୭୦-୯୪)ଙ୍କ ପ୍ରାଚୀ ତୀରବର୍ତ୍ତୀ ନିଆଳିର ଶୋଭନେଶ୍ୱର ମନ୍ଦିର ଶିଳାଲେଖର ଲେଖକ ପଣ୍ଡିତ ଉଦୟନାଚାର୍ଯ୍ୟ ଗୀତଗୋବିନ୍ଦର ପ୍ରଥମ ଟୀକାକାର । ଗୀତଗୋବିନ୍ଦରେ ଏହି ପୁରୀବାସୀ ପଣ୍ଡିତଙ୍କ ନାମର ଉଲ୍ଲେଖ ଅଛି । ସେ ଗୋବର୍ଦ୍ଧନ ଶତକ ଗ୍ରନ୍ଥର ପ୍ରଣେତା ମଧ୍ୟ ।

ଆଜକୁ ପ୍ରାୟ ପାଞ୍ଚଶବର୍ଷ ତଳେ ଧରଣୀଧର ନାମକ କବି ଶ୍ରୀ ଗୀତଗୋବିନ୍ଦର ପଦ୍ୟାନୁବାଦ କରିଥିଲେ । ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ଗାତ୍ରରେ ଖୋଦିତ ଏକ ଶିଳାଲେଖରେ ''ସାଧୁ ପ୍ରଧାନ ଜୟଦେବ'' ଉଲ୍ଲିଖିତ । ଗଙ୍ଗରାଜ କବି ନରସିଂହ ଦେବ (୧୨୮୪-୧୩୦୭ ଖ୍ରୀ:) ଶ୍ରୀମନ୍ଦିରରେ ପ୍ରତ୍ୟହ ବଡ଼ସିଂହାର ବେଳେ ଭିତର ଗାଏଣୀ ସେବାରେ ଗୀତଗୋବିନ୍ଦ ଗାନବିଧି ପ୍ରବର୍ତ୍ତନ କରିଥିଲେ ।

୧୨୯୧ ଖ୍ରୀ.ରେ ଗୁଜରାଟର ଶାରଙ୍ଗଦେବ ଆପଣାର ପ୍ରବନ୍ଧ ଅଭିଲେଖରେ ଗୀତଗୋବିନ୍ଦର '' ବେଦାନୁଦ୍ଧରତେ...... ''ଶ୍ଳୋକ ଲେଖାଇଛନ୍ତି । ଚତୁର୍ଦ୍ଦଶ ଶତାବ୍ଦୀରେ ପଣ୍ଡିତ ନାରାୟଣ ଦାସ 'ସର୍ବାଙ୍ଗ ସୁନ୍ଦରୀ' ଟୀକା ରଚନା କରିଛନ୍ତି ଏବଂ ଆଳଙ୍କାରିକ ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ'ରେ ଗୀତଗୋବିନ୍ଦର ''ହୃଦି

ବିସଙ୍କତାହାରେ....... ଗରଳ ଦ୍ୟୁତି'' ଶ୍ଲୋକ ଉଦ୍ଧାର କରିଛନ୍ତି । ସମ୍ରାଟ କପିଳେନ୍ଦ୍ର (୧୪୩୫-୬୬) ୧୨.୪.୧୪୫୦ ଖ୍ରୀ.ଅ:ରେ ଶ୍ରୀମନ୍ଦିର ପ୍ରାଚୀର ଗାତ୍ରରେ ଖୋଦିତ ଲିପିରେ ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପ ପରଠାରୁ ତେଲଙ୍ଗୀ ନର୍ତ୍ତକୀଙ୍କ ନୃତ୍ୟ ସହ ୪ଜଣ ବୈଷ୍ଣବ ଗୀତଗୋବିନ୍ଦ ଗାଇବା ଆଦେଶ ଦେଇଛନ୍ତି । ଗଜପତି ପ୍ରତାପରୁଦ୍ର (୧୪୯୭-୧୫୩୪) ଏକ ଘୋଷଣାରେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ବ୍ୟତୀତ ଅନ୍ୟ ଗୀତ ଗାଇବାକୁ ଅନୁମତି ଦେଇଥିଲେ ହେଁ ୮ ଜୁଲାଇ ୧୫୦୦ ଖ୍ରୀ.ଅ:ରେ ଅନ୍ୟ ଗୀତ ଗାନ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଦଶାବତାର ଲିଖିତ ଖଣ୍ଡୁଆ, ଦଶାବତାର ଚିତ୍ର ପୋଥି, ହାତୀଦାନ୍ତ ଫଳକରେ ଗୀତଗୋବିନ୍ଦ ଲିଖନ, ପଟ୍ଟଚିତ୍ର ଓ ସଚିତ୍ରପତ୍ରମାନଙ୍କରେ ଦଶାବତାର, ରାଧାକୃଷ୍ଣ ଗୋପୀକୃଷ୍ଣ ଓ ବିଭିନ୍ନ ଲୀଳାର ଚିତ୍ର ଅଙ୍କିତ ଥାଇ ଶ୍ରୀମନ୍ଦିର ସହ ଗୀତଗୋବିନ୍ଦ ଜଡ଼ିତ ରହିଛି ।

ଭାରତର ଭିତର ଓ ବାହାରେ ମଧ ଗୀତଗୋବିନ୍ଦ ଆଦୃତ । ରାଜସ୍ଥାନ ରାଣା କୁମ୍ଭକର୍ଣ୍ଣ (୧୪୩୩-୬୮) ରସିକ ପ୍ରିୟା ଟୀକା, ବଙ୍ଗଳାର ଚୈତନ୍ୟ ଦାସ ବାଳ ବୋଧିନୀ ଟୀକା; ନାଭାଜୀ (୧୫୮୫) ଓ ରାଘବ ଦାସ (୧୬୬୦)ରେ 'ଭକ୍ତମାଳ'ରେ ଜୟଦେବ ପୁରୀ ପ୍ରାନ୍ତରେ କେନ୍ଦୁବିଲ୍ୱରେ ଜନ୍ମ କହିଛନ୍ତି । ବଙ୍ଗଳାର କୃଷ୍ଣଦାସ 'ଯୁକ୍ତମାଳା'ରେ ଉପର୍ଯ୍ୟୁକ୍ତ ମତ ପୋଷଣ କରିଛନ୍ତି । ୧୭୬୭ରେ ମରାଠି ସନ୍ଥ କବି ମହୀପତି 'ଭକ୍ତ ବିଜୟ' ଗ୍ରନ୍ଥରେ ଜୟଦେବଙ୍କୁ ବ୍ୟାସଙ୍କ ଅବତାର କହିଛନ୍ତି । ୧୭୯୯ରେ ସାର୍ ଉଇଲିଅମ ଜୋନ୍‌ସ୍ କଳିଙ୍ଗର କେନ୍ଦୁଲିରେ ଜୟଦେବଙ୍କ ଜନ୍ମ ବୋଲି କହିଛନ୍ତି । ଗୀତଗୋବିନ୍ଦ ଶେଷ ସର୍ଗରେ ସ୍ୱୟଂ କବି ଆତ୍ମ ପରିଚୟ ଦେଇ '' ଶ୍ରୀ ଭୋଜଦେବ ପ୍ରଭବସ୍ୟ ରମାଦେବୀସୁତ'' ବୋଲି ପ୍ରକାଶ କରିଛନ୍ତି ।

ବଙ୍ଗୀୟ ବିଦ୍ୱାନମାନେ ଜୟଦେବଙ୍କୁ ବଙ୍ଗାଳି ପ୍ରମାଣିତ କରିବା ପାଇଁ ଅଦ୍ଭୁତ ଯୁକ୍ତିମାନ ଦର୍ଶାଇଛନ୍ତି । ଗୋପାଳଚନ୍ଦ୍ର ଆଚାର୍ଯ୍ୟ କହନ୍ତି, ଗୀତଗୋବିନ୍ଦର ସଂସ୍କୃତ ଶ୍ଲୋକ ବଙ୍ଗଳା ଭାଷାରେ ସଂସ୍କୃତ ବିଭକ୍ତି ଯୋଗ କଲେ ହୋଇଯିବ । ମାତ୍ର ବାସ୍ତବରେ ବଙ୍ଗଭାଷା ମୈଥିଳୀ ଓ ବ୍ରଜବୋଲି ଭାଷାରୁ ଜାତ । ବରଂ ଓଡ଼ିଆ ଭାଷା ସହିତ ଅଧିକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

''ଧୀରସମୀରେ ଯମୁନାତୀରେ ବସତି ବନେ ବନମାଳୀ''– ସମ୍ପୂର୍ଣ୍ଣ ଓଡ଼ିଆ ବୋଧହୁଏ ।

ସେହିପରି ବୀରଭୂମିର କେନ୍ଦୁଲୀ ଗ୍ରାମକୁ ଜୋର ଜବରଦସ୍ତ ଜୟଦେବଙ୍କ ଜନ୍ମିତ ଗ୍ରାମ କୁହାଯାଇଛି । ମାତ୍ର ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ବୋଲି ଗୀତଗୋବିନ୍ଦ, ଭକ୍ତମାଳା ଆଦି ବିଭିନ୍ନ ଗ୍ରନ୍ଥରେ ଉଲ୍ଲିଖିତ ।

ଜୟଦେବ ବୈଷ୍ଣବ ଓ ଗୀତଗୋବିନ୍ଦ ଶ୍ରୀ ଜଗନ୍ନାଥଙ୍କ ନିତ୍ୟ ସେବାରେ ପ୍ରଯୁକ୍ତ । ମାତ୍ର ମତ୍ସ୍ୟପ୍ରିୟ ଶାକ୍ତଧର୍ମୀ ବଙ୍ଗୀୟମାନେ ଜୟଦେବ ବା ଗୀତଗୋବିନ୍ଦକୁ ଏପରି ଦେବସେବାରେ ବିନିଯୁକ୍ତ କରିବାର ପ୍ରମାଣ ନାହିଁ । ପୁଣି ସେମାନେ ଅନୁକୂଳ କଲାବେଳେ, କେବଳ 'ହୁଲା', 'ହୁଲା' ଉଚ୍ଚାରଣ କଲାବେଳେ ଓଡ଼ିଶାରେ 'ଦୁର୍ଗାମାଧବ'ଙ୍କୁ ସ୍ମରଣ କରି ଅନୁକୂଳ କରନ୍ତି । ଓଡ଼ିଶା ପରି ବଙ୍ଗଳାରେ ଗୀତଗୋବିନ୍ଦ ଜନପ୍ରିୟତା ଲାଭ କରିନାହିଁ ।

ଗୀତଗୋବିନ୍ଦର ଛନ୍ଦ ଓଡ଼ିଆ ଛାନ୍ଦରେ ଯେପରି ପ୍ରଭାବ ବିସ୍ତାର କରିଛି, ବଙ୍ଗଳାରେ ସେପରି ନାହିଁ । ତେଣୁ ଆଚାର, ଆଚରଣ, ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଜନଜୀବନ ସହିତ ଗୀତଗୋବିନ୍ଦ ଓତଃପ୍ରୋତ ଭାବରେ ଜଡ଼ିତ ଥିବାରୁ ବଙ୍ଗୀୟ ବିଦ୍ୱାନମାନେ ଉପରଠାଉରିଆ ଭାବରେ ବିତଣ୍ଡାଯୁକ୍ତ ନକରି ଗୁରୁତର ଭାବେ ଚିନ୍ତା କରି ମତ ଉପସ୍ଥାପନା କରିବା ସଂଗତ ହେବ । ଅବଶ୍ୟ, ବଙ୍ଗଳାର ଅନେକ ବିବେକୀ ବିଦ୍ୱାନ ଜୟଦେବ ଓଡ଼ିଆ ପୁଅ ବୋଲି ସ୍ୱୀକାର କରିଲେଣି । ଅନେକେ ପ୍ରଶ୍ନ କରିପାରନ୍ତି, ବଙ୍ଗଳାର ବିଦ୍ୱାନଙ୍କ ଉକ୍ତି ପ୍ରତି ଗୁରୁତ୍ୱ ଆରୋପ କରିବାର ଆବଶ୍ୟକତା କଣ ? ଅବଶ୍ୟ କାରଣ ରହିଛି । ବଙ୍ଗୀୟମାନେ ଓଡ଼ିଶାର ମୁରବୀଭାବେ ଅତୀତରୁ କାର୍ଯ୍ୟ କରି ଆସିଛନ୍ତି ଏବଂ ସେମାନଙ୍କ ଚକ୍ରାନ୍ତ ଫଳରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ମଧ ପ୍ରଚାରିତ ହୋଇଥିଲା । ଇଂରେଜମାନଙ୍କ ବିଶ୍ୱସ୍ତ କର୍ମଚାରୀ ଭାବେ ସୂର୍ଯ୍ୟାସ୍ତ ଆଇନ ବଳରେ ଓଡ଼ିଶାରେ ଜମିଦାର ଓ ରାଜା ଭାବରେ ଶାସନ କରିବା ଏବଂ ଓଡ଼ିଆମାନଙ୍କୁ ନ୍ୟୂନ ଭାବରେ ଚିତ୍ରଣ କରିବାକୁ ବଙ୍ଗୀୟ ଭ୍ରାତାମାନେ ବାହାଦୁରୀ ମନେ କରନ୍ତି । ଓଡ଼ିଶାର ଶାସକମାନେ ଏ ସମ୍ପର୍କରେ ଉଦାସୀନ ଓ ସେମାନେ ମଧ ଓଡ଼ିଆ ବିଦ୍ୱାନମାନଙ୍କୁ ଭାରତୀୟ ସାରସ୍ୱତ ଦରବାରରେ ପରିଚିତ କରାଇବାକୁ ପଦ୍ମଶ୍ରୀ, ପଦ୍ମଭୂଷଣ ଆଦି ସମ୍ମାନରେ ବିଭୂଷିତ ହେବାକୁ ସୁପାରିଶ କରନ୍ତି ନାହିଁ । ଫଳରେ ବର୍ଷ ବର୍ଷ ଧରି ଓଡ଼ିଶାର ବରପୁତ୍ରମାନେ ଏଭଳି ସୁଯୋଗ ଲାଭରୁ ବଞ୍ଚିତ ହୁଅନ୍ତି । ଏପରି ସ୍ଥଳେ ପ୍ରତିବେଶୀମାନଙ୍କ ଅପପ୍ରଚାରକୁ ପ୍ରତିହତ କରିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ହେବା ଆବଶ୍ୟକ । ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷା ହୋଇଥିବାରୁ ସିନା ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆମମାନଙ୍କ ପୂର୍ବପୁରୁଷଙ୍କ ଚେଷ୍ଟା ଫଳରେ ଗଠିତ ହେଲା । ତେଣୁ ଏ ସବୁ ବିଷୟକୁ ଲଘୁ ଭାବରେ ଗ୍ରହଣ ନକରି ଗୁରୁତ୍ୱ ଦେବା ସର୍ବାଦୌ କର୍ତ୍ତବ୍ୟ । ତା' ନହେଲେ ଆମେ ଆମର ପୂର୍ବସୂରୀ ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ଜଗବନ୍ଧୁ ସିଂହ, ପାରଳା ଗଜପତି କୃଷ୍ଣଚନ୍ଦ୍ର ଦେବ ଆଦିଙ୍କର ଯୋଗ୍ୟ ଦାୟାଦ ଭାବେ ନିଜକୁ ପ୍ରମାଣିତ କରିପାରିବା ନାହିଁ । ଏତଦ୍ଦୃଷ୍ଟେ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ ଉଭୟଙ୍କୁ ଓଡ଼ିଆ ଜାତୀୟତାର ପ୍ରତୀକ ଭାବେ ଗ୍ରହଣ କରି ଆମର ଶିରକୁ ଉନ୍ନତ ରଖିବାକୁ ହେବ ।

ନିର୍ମଳ କୁଟୀର, ବଙ୍କାଳି ସାହି, କଟକ-୯

# ମହାମହିମ ସମ୍ରାଟ ଖାରବେଳ: ଏକ ଅନୁଶୀଳନ

● ପ୍ରଫେସର ଜଗନ୍ନାଥ ପଟ୍ଟନାୟକ

ସୁଦୂର ଅତୀତରେ ଏକଦା ଓଡିଶାର ରାଜନୈତିକ ଦିଗବଳୟ କୁହେଳିକାଛନ୍ନ ହୋଇଥିବା ସମୟରେ ଜଣେ ଶକ୍ତିଶାଳୀ ବୀର କଳିଙ୍ଗ ସିଂହାସନ ଅଳଙ୍କୃତ କରି ଦିଗ୍‌ବଳୟକୁ ନିଜର କୃତିତ୍ୱ ଦ୍ୱାରା ଉଦ୍ଭାସିତ କରିଥିଲେ । ସେହି ବହୁଚର୍ଚ୍ଚିତ ବୀର ଜଣକ ଥିଲେ ମହାମେଘ ବାହନ ଐର ଖାରବେଳ-ବହୁବିଧ ପ୍ରତିଭାର ଅଧିକାରୀ । ଏକାଧାରରେ ସେ ଥିଲେ ଜଣେ ପରାକ୍ରମଶାଳୀ ସମ୍ରାଟ, ଲବ୍ଧ ପ୍ରତିଷ୍ଠ ପ୍ରଜାହିତୈଷୀ ଶାସକ, ନୃତ୍ୟ ଓ ସଂଗୀତ କଳାର ବରିଷ୍ଠ ପୃଷ୍ଠପୋଷକ ଓ ସର୍ବୋପରି ଜୈନଧର୍ମର ମହାନ ପ୍ରଚାରକ ।

ଖାରବେଳ ଜନ୍ମଗ୍ରହଣ କରିଥିଲେ ଚେଦୀ ବଂଶର ମେଘବାହନ ପରିବାରରେ । ତାଙ୍କର ବଂଶ ପ୍ରଥମେ ମଧ୍ୟଦେଶ ବା ମଗଧରେ ଶାସନ କରୁଥିଲେ । ଉକ୍ତ ବଂଶର ଏକ ଶାଖା କଳିଙ୍ଗ ଆସି ତାଙ୍କର ଶାସନ ପ୍ରତିଷ୍ଠା କରିଥିଲେ । ସେମାନେ କେବେ ଆସିଥିଲେ ତାହା ସଠିକ୍ ଭାବେ କୁହାଯାଇ ପାରୁନାହିଁ । ମାତ୍ର ଖାରବେଳ ଥିଲେ କଳିଙ୍ଗ ଚେଦୀ ବଂଶର ତୃତୀୟ ବ୍ୟକ୍ତି । ସେ ନିଜେ ବା ତାଙ୍କର ଅନ୍ୟ କେହି ପୂର୍ବବର୍ତ୍ତୀ ଶାସକ କଳିଙ୍ଗରେ ମଗଧ ରାଜତ୍ୱର ଯବନିକା ଟାଣି ଥିଲେ, ତାହା ସ୍ପଷ୍ଟ ଭାବରେ କହି ହେଉନାହିଁ । କାରଣ କଳିଙ୍ଗରୁ ମୌର୍ଯ୍ୟ ବଂଶର ରାଜୁତି ବିଦାୟ ନେବା ପରେ କଳିଙ୍ଗର ଇତିହାସ ରହସ୍ୟର ବଳୟ ମଧ୍ୟରେ ରହିଥିଲା । କେତେବେଳେ ଏହା ତାର ସ୍ୱାଧୀନତା ଫେରିପାଇଲା, ତାହା ଠିକ୍ ରୂପେ ଜଣାଯାଏ ନାହିଁ । ସମ୍ଭବତଃ ଖ୍ରୀଷ୍ଟପୂର୍ବ ୧୮୫ ରେ ମଗଧରେ ସୁଙ୍ଗ ବଂଶର ପୁଷ୍ୟମିତ୍ର ସୁଙ୍ଗ ମୌର୍ଯ୍ୟବଂଶର ସର୍ବମୟକର୍ତ୍ତା ହେବାପରେ କଳିଙ୍ଗରୁ ମୌର୍ଯ୍ୟ ବଂଶର ଶାସନ ବିଦାୟ ନେଇଥିଲା । ସେ ଯାହାହେଉ ଖାରବେଳ ଯେ କଳିଙ୍ଗରେ ଜଣେ ସ୍ୱାଧୀନ ରାଜାଙ୍କର ଉତ୍ତରାଧିକାରୀ ହୋଇଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ ।

ଖାରବେଳଙ୍କର ପ୍ରାଥମିକ ଜୀବନୀ ଓ କୃତିତ୍ୱ ସମ୍ବନ୍ଧରେ ତଥ୍ୟ ଭୁବନେଶ୍ୱର ସ୍ଥିତ ଉଦୟଗିରି ପାହାଡ ଉପରେ ତାଙ୍କ ଖୋଦିତ ଅନୁଶାସନରୁ ମିଳିଥାଏ । ଏହା ହାତୀଗୁମ୍ଫା ଅନୁଶାସନ ନାମରେ ଖ୍ୟାତ । ଏହା ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଛି । କାରଣ ଏହା ବହୁ ବର୍ଷଧରି ବୁଦ୍ଧ ଓ ଜଙ୍ଗଲ ମଧ୍ୟରେ ଅବହେଳିତ ଓ ଅନାଲୋକିତ ହୋଇ ପଡିଥିଲା । ସୌଭାଗ୍ୟ ବଶତଃ ଉନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଇଂରେଜ ପ୍ରଶାସକ ଷ୍ଟାର୍ଲିଂ ଏହାକୁ ଆବିଷ୍କାର କରି ଗବେଷକ ଓ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଯଦି ଏହି ଅନୁଶାସନଟି ଅକ୍ଷତ ଅବସ୍ଥାରେ ରହିଥାଆନ୍ତା, ତେବେ କେବଳ ମାତ୍ର ତତ୍କାଳୀନ କଳିଙ୍ଗର ଇତିହାସ ଉପରେ ଆଲୋକପାତ କରାଯାଇ ପାରିଥାନ୍ତା ତା' ନୁହେଁ, ସମଗ୍ର ଭାରତବର୍ଷର ବହୁ ଘଟଣା ଲୋକଲୋଚନକୁ ଆସିପାରିଥାଆନ୍ତା । ମାତ୍ର ଦୁର୍ଭାଗ୍ୟବଶତଃ ଏହା ଏହିପରିଭାବେ ଖଣ୍ଡିତ ହୋଇଛି ଯେ ଏହାକୁ ସଂପୂର୍ଣ୍ଣଭାବେ କୌଣସି ଗବେଷକ ପଢିପାରୁନାହାନ୍ତି । ଫଳରେ ସମସ୍ତଙ୍କ ମଧ୍ୟରେ ଗୋଟିଏ ମତ ପ୍ରକାଶ ପାଇ ପାରୁନାହିଁ ।

ଖାରବେଳଙ୍କର ରାଜଧାନୀ ଥିଲା କଳିଙ୍ଗନଗର । ଶିଶୁପାଳଗଡ ଖନନର ଦାୟିତ୍ୱରେ ଥିବା ବି.ବି.ଲାଲ ଏହାକୁ ଭୁବନେଶ୍ୱରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଭୁବନେଶ୍ୱର-ପୁରୀ ରାସ୍ତାର ବାମ ପାର୍ଶ୍ୱରେ ଅବସ୍ଥିତ ଶିଶୁପାଳଗଡ ସହିତ ଚିହ୍ନିତ କରାଇଛନ୍ତି । ସେ ତାଙ୍କ ରାଜଧାନୀର ଆଖପାଖରେ ଥିବା କୌଣସି ଏକ ସ୍ଥାନରେ ଅନୁଶାସନଟି ଖୋଦନ ନକରି ତା ଠାରୁ ୧୨ କିଲୋମିଟର ଦୂରରେ ଉଦୟଗିରି ପାହାଡ ଉପରେ ତାହା ଖୋଦନ କରିଥିଲେ । ତା ମୂଳରେ ଗୋଟିଏ କାରଣ ଚିନ୍ତା କରାଯାଇପାରେ । ନିଜ ରାଜଧାନୀର ଅନତିଦୂରରେ ଅବସ୍ଥିତ ଧଉଳିଗିରି ପାହାଡ ଉପରେ ଅଶୋକଙ୍କ ଅନୁଶାସନ ରହିଥିବାରୁ ତାର ସିଧାରେ ଅନ୍ୟ ଏକ ପାହାଡ ଉପରେ ଖାରବେଳ ତାଙ୍କର ଓ ତାଙ୍କ ବଂଶର ଗୌରବୋଜ୍ଜ୍ୱଳ କୃତିତ୍ୱକୁ ଅନ୍ୟ ଏକ ଅନୁଶାସନରେ ଲିପିବଦ୍ଧ କରିଥିଲେ । ଖାରବେଳ ମଗଧକୁ ଜୟ କରିଥିଲେ । ସମ୍ଭବତଃ ଅଶୋକଙ୍କ ଅନୁଶାସନକୁ ବ୍ୟର୍ଥ ବା ନିଷ୍ଫଳ କରିବାର ଉଦ୍ଦେଶ୍ୟ ରଖି ଖାରବେଳ ଇଚ୍ଛା କରି ଏପରି ଏକ ଅନୁଶାସନ ଖୋଦନ କରିଥିଲେ । ଏହିପରିଭାବେ ଗୋଟିଏ ଅନୁଶାସନ କଳିଙ୍ଗ ବିଜେତାଙ୍କର ହୋଇଥିବା ସ୍ଥଳେ ଅନ୍ୟଟି ଥିଲା ମଗଧ ବିଜେତାଙ୍କର ।

ଖାରବେଳ ତାଙ୍କ ହାତୀଗୁମ୍ଫା ଅନୁଶାସନରେ ପ୍ରଥମେ ଜୈନ ସନ୍ନ୍ୟାସୀଙ୍କୁ ପ୍ରଣାମ ଜଣାଇ ଘଟଣାବଳୀ ଲିପିବଦ୍ଧ କରିଥିଲେ । ଏଥିରୁ ଜଣାଯାଏ ଯେ ସେ ତାଙ୍କର ୨୪ ବର୍ଷ ବୟସରେ ରାଜଦଣ୍ଡ ଧାରଣ କରିଥିଲେ । ତା ପୂର୍ବରୁ ତାଙ୍କର ବାଲ୍ୟାବସ୍ଥା ଓ ଯୌବନାବସ୍ଥା ବିଷୟରେ ବର୍ଣ୍ଣନା କରାଯାଇଛି । ସେ ଥିଲେ ବେଶ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ଯୁବକ । ତାଙ୍କ ଚେହେରାରୁ ଜଣାପଡୁଥିଲା ଯେ ଭବିଷ୍ୟତରେ ସେ ଜଣେ ପରାକ୍ରମଶାଳୀ ବୀରର ଭୂମିକାରେ ଅବତୀର୍ଣ୍ଣ ହେବେ । ୧୫ ବର୍ଷ ବୟସରେ ଖେଳ ଓ କ୍ରୀଡା କୌତୁକରେ ଦକ୍ଷତା ହାସଲ କରିବାପରେ ମୁଦ୍ରା ଅର୍ଥନୀତି, ରାଜକୀୟ ପତ୍ରବିନିମୟ, ଶାସନଗତ ଓ ଧର୍ମସମ୍ବନ୍ଧୀୟ ଆଇନ ବିଷୟରେ ଶିକ୍ଷାଲାଭ କରିଥିଲେ । ଜଣେ ଆଦର୍ଶ ଓ ସତ୍ୟନିଷ୍ଠ ଶାସକଭାବେ

କିପରି ନିଜକୁ ପ୍ରତିଷ୍ଠିତ କରାଇପାରିବେ ତାହା ଥିଲା ସେହି ସବୁ ଶିକ୍ଷାଲାଭର ଉଦ୍ଦେଶ୍ୟ । ଏହିପରିଭାବେ ସେ ୨୪ ବର୍ଷ ପର୍ଯ୍ୟନ୍ତ ନିଜର ଜୀବନୀ ଲେଖିବାପରେ କ୍ରମାନୁସାରେ ଅନୁଶାସନରେ ତାଙ୍କର ୧୩ ବର୍ଷର ରାଜତ୍ୱ ବର୍ଣ୍ଣନା କରିଛନ୍ତି ।

ଖାରବେଳଙ୍କ ରାଜତ୍ୱର ବର୍ଣ୍ଣନାକୁ ଅନୁଶୀଳନକଲେ ଜଣାଯାଏ ଯେ ସେ କ୍ରମାଗତ ଭାବେ ଯୁଦ୍ଧଯାତ୍ରା କରିଥିଲେ । ଗୋଟିଏ ବର୍ଷ ଯୁଦ୍ଧରେ ବ୍ୟାପୃତ ରହି ତାର ପରବର୍ତ୍ତୀ ବର୍ଷ ସେ ଓ ତାଙ୍କର ସୈନ୍ୟବାହିନୀକୁ ବିଶ୍ରାମ ଦେବାପାଇଁ ନୃତ୍ୟ, ସଂଗୀତ ଓ ନିର୍ମାଣ ଆଦି କାର୍ଯ୍ୟ କରିଥିଲେ । ଏହା ତାଙ୍କୁ ଜଣେ ଉତ୍ତମ ଶାସକର ସ୍ଥାନ ଦେଇଥାଏ । ରାଜତ୍ୱର ପ୍ରଥମବର୍ଷରେ ତାଙ୍କ ରାଜଧାନୀ କଳିଙ୍ଗ ନଗରର ଫାଟକ ଓ ବାସଗୃହ ମରାମତି କରିଥିଲେ । ସେଗୁଡିକ ଏକ ଝଡ଼ ଘୂର୍ଣ୍ଣିବାତ୍ୟାରେ ଧ୍ୱଂସପ୍ରାପ୍ତ ହୋଇଥିଲା । କେବଳ ସେଗୁଡିକ ନୁହେଁ, ସେହିବର୍ଷ ସେ ମଧ କେତେକ ଲୋକହିତକର କାର୍ଯ୍ୟ କରିଥିଲେ । ଏଥିପାଇଁ ତାଙ୍କୁ ୩୫ ଶହ ମୁଦ୍ରା ବ୍ୟୟ କରିବାକୁ ପଡିଥିଲା । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ତାଙ୍କର ସୈନ୍ୟବାହିନୀ ସହ ପଶ୍ଚିମ ଦିଗକୁ ଗତି କରି କୃଷ୍ଣାନଦୀ ନିକଟରେ ପହଞ୍ଚି ଥିଲେ । ତାଙ୍କ ସୈନ୍ୟବାହିନୀରେ ଥିଲେ ଅଶ୍ୱାରୋହୀ,ପଦାତିକ ଓ ରଥାରୋହୀ, ସେତେବେଳେ ସାତବାହାନ ରାଜା ସାତକର୍ଣ୍ଣିଙ୍କର କ୍ଷମତାକୁ ସେ ଖାତିରି କରି ନଥିଲେ । କୃଷ୍ଣାନଦୀକୂଳରେ ପହଞ୍ଚି ସେଠାରେ ଅବସ୍ଥିତ ମୂଷିକନଗର ଓ ତାର ଅଧିବାସୀଙ୍କ ମନରେ ଭୟ ସଞ୍ଚାର କରିଥିଲେ । ସାତକର୍ଣ୍ଣିଙ୍କ ସହିତ ଖାରବେଳଙ୍କର କୌଣସି ସଂଘର୍ଷ ହୋଇଥିବାର ପ୍ରମାଣ ମିଳେ ନାହିଁ । ଏହି ବିଷୟରେ ପ୍ରାଚୀନ ଇତିହାସ ବିଶାରଦ ଡି.ସି.ସରକାର ମଧ କହନ୍ତି ଯେ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ରହିଥିଲା । ସେଥିପାଇଁ ସାତକର୍ଣ୍ଣିଙ୍କ ରାଜ୍ୟମଧ୍ୟରେ ଖାରବେଳ ବିନା ପ୍ରତିବନ୍ଧକରେ ନିଜର ସେନାବାହିନୀ ସହ ଗତି କରିପାରିଥିଲେ ।

ରାଜତ୍ୱର ତୃତୀୟ ବର୍ଷ ଥିଲା ଏକ ଶାନ୍ତିର ସମୟ । ସମ୍ଭବତଃ କ୍ଳାନ୍ତ ସୈନ୍ୟଙ୍କୁ ବିଶ୍ରାମ ଓ ଆନନ୍ଦ ତଥା ତାଙ୍କ ରାଜଧାନୀର ଅଧିବାସୀଙ୍କୁ ଆପ୍ୟାୟିତ କରିବାପାଇ ଖାରବେଳ ତାଙ୍କ ରାଜଧାନୀରେ ସଂଗୀତ, ନୃତ୍ୟ, ବାଦ୍ୟଯନ୍ତ୍ରର ଆସର ଓ ଭୋଜିର ଆୟୋଜନ କରିଥିଲେ । ଏଥି ସହିତ ସେ ସମାଜ ବା ଆନନ୍ଦ ଆସର ପାଇଁ ପଶୁଯୁଦ୍ଧ, ମଦ୍ୟପାନ ଓ ମାଂସଭୋଜିର ଆୟୋଜନ କରିଥିଲେ ।

ଚତୁର୍ଥ ବର୍ଷରେ ପୁନରାୟ ଆରମ୍ଭ ହୋଇଥିଲା ଖାରବେଳଙ୍କର ଯୁଦ୍ଧାଭିଯାନ । ଏଥର ସେ ବିଦ୍ୟାଧର ନାମକ ଜଣେ ରାଜପୁତ୍ରଙ୍କର ରାଜଧାନୀ ଅଧିକାର କରିଥିଲେ । ଏଥି ସହିତ ବେରାରର ରାଷ୍ଟ୍ରିକ ଏବଂ ଭୋଜିକ ଓ ମହାରାଷ୍ଟ୍ର ଅଞ୍ଚଳର ଲୋକଙ୍କୁ ସେ ଦମନ କରିଥିଲେ ।

ଖାରବେଳଙ୍କ ରାଜତ୍ୱର ପଞ୍ଚମବର୍ଷ ଥିଲା ବେଶ୍ ମହତ୍ତ୍ୱପୂର୍ଣ୍ଣ । କଳିଙ୍ଗରେ ବହୁବର୍ଷ ପୂର୍ବେ ନନ୍ଦରାଜା ଏକ କେନାଲ ଖୋଦନ କରିଥିଲେ ଅଧିବାସୀଙ୍କର ମଙ୍ଗଳସାଧନ ନିମନ୍ତେ । ଏହା ଥିଲା ୧୦୩ ବା ୩୦୦ ବର୍ଷ ପୂର୍ବର ଘଟଣା । ଅନୁଶାସନଟି ଖଣ୍ଡିତ ହୋଇଯାଇଥିବାରୁ କେନାଲ ଖୋଦନର ପ୍ରକୃତ ସମୟ ନିରୂପଣ କରାଯାଇପାରୁନାହିଁ । ଖାରବେଳ ଏହି କେନାଲର ଗୋଟିଏ ଶାଖା ଖୋଦନ କରି ନିଜ ରାଜଧାନୀ ପର୍ଯ୍ୟନ୍ତ ଅଣାଇଥିଲେ । ସେହିବର୍ଷ ମଧ ଖାରବେଳ ଏକ ରାଜସୂୟ ଯଜ୍ଞର ଆୟୋଜନ କରିଥିଲେ । ସେହି ବର୍ଷରେ ତାଙ୍କର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ପ୍ରଜାମାନଙ୍କ ଉପରୁ ରାଜସ୍ୱ ବା କର ଛାଡ଼ କରିବା । ଏହା କରିଥିଲେ ତାଙ୍କ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ । ତାପରେ ଖାରବେଳଙ୍କ ରାଜତ୍ୱର ତିନିବର୍ଷର ଘଟଣା ବିଷୟରେ ଅନୁଶାସନରେ ସ୍ପଷ୍ଟ ଚିତ୍ର ମିଳେ ନାହିଁ । ମାତ୍ର ଏହି ସମୟରେ ସେ ଯେ କିଛି ନକରି ଦିନଗୁଡ଼ିକ ଅତିବାହିତ କରିଥିବେ, ତା ନୁହେଁ । କାରଣ ସେ ଆଳସ୍ୟପରାୟଣ ହୋଇ ବସି ରହିବା ବ୍ୟକ୍ତି ନଥିଲେ । ସେ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଥାଆନ୍ତି । ସେହି ସମୟରେ ସେ ଜଣେ ପୁତ୍ରର ପିତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସମ୍ଭବତଃ ସେ ନିଜର ସେନାବାହିନୀକୁ ଅଧିକ ଶୃଙ୍ଖଳିତ ଓ ଶକ୍ତିଶାଳୀ କରାଇ ଭବିଷ୍ୟତ କଳିଙ୍ଗର ପ୍ରଧାନ ଶତ୍ରୁ ମଗଧ ଅଭିମୁଖେ ଯୁଦ୍ଧାଭିଯାନରେ ଯିବା ପାଇଁ ତିନିବର୍ଷ ସମୟ ନେଇଥିଲେ ।

ରାଜତ୍ୱର ଅଷ୍ଟମବର୍ଷରେ ଉତ୍ତରକୁ ପ୍ରଥମଥର ପାଇଁ ଖାରବେଳ ଯୁଦ୍ଧାଭିଯାନରେ ଯାଇ ଗୋରଥଗିରି ଧ୍ୱଂସ କରିଥିଲେ । ଏହା ଅଧୁନା ବିହାର ରାଜ୍ୟ ଅନ୍ତର୍ଗତ ଗୟାଜିଲ୍ଲାର ବାରବାରା ପାହାଡ଼ ସହିତ ଚିହ୍ନିତ କରାଯାଏ । ତାପରେ ସେ ପହଞ୍ଚିଥିଲେ ରାଜଗୃହ ନଗରରେ । ଏହାର ଧ୍ୱଂସ ସାଧନ କରିଥିଲେ । ଏହାକୁ ସେହି ଗୟା ଜିଲ୍ଲାର ରାଜଗିରି ସହିତ ଚିହ୍ନିତ କରାଯାଇଥାଏ । ଏହାଥିଲା ମଗଧ ସାମ୍ରାଜ୍ୟର ସର୍ବ ପୁରାତନ ରାଜଧାନୀ । ଏହାର ଧ୍ୱଂସ ସାଧନ କରି ଖାରବେଳ ମଗଧ ରାଜାଙ୍କ କଳିଙ୍ଗ ବିଜୟର ପ୍ରତିଶୋଧ ନେଇଥିଲେ । ଅବଶ୍ୟ ଖାରବେଳ ମଗଧ ସାମ୍ରାଜ୍ୟର ତତ୍କାଳୀନ ରାଜଧାନୀ ପାଟଳୀପୁତ୍ର ଆଡ଼କୁ ଅଗ୍ରସର ହୋଇନଥିଲେ । ଏହାର କାରଣ ଅଦ୍ୟାବଧି ରହସ୍ୟାବୃତ ହୋଇ ରହିଛି । ତଥାପି ମଗଧରେ ଖାରବେଳଙ୍କର ଯୁଦ୍ଧାଭିଯାନ ଜନିତ ପଦକ୍ଷେପ ଏତେ ଭୟାବହ ହୋଇଥିଲା ଯେ ମଥୁରାର ଜନୈକ ଯବନ ରାଜା ଆତଙ୍କିତ ହୋଇ ପାଟଳୀପୁତ୍ର ଅଭିଯାନରୁ କ୍ଷାନ୍ତ ହୋଇଥିଲେ । ଖାରବେଳ ଯବନରାଜାଙ୍କୁ ଅନୁସରଣ କରି ମଥୁରା ଯାଇଥିଲେ କି ନାହିଁ ତାହା ହାତୀଗୁମ୍ଫା ଅନୁଶାସନରୁ ଜଣାଯାଉନାହିଁ । ମାତ୍ର କେତେଜଣ ଗବେଷକ ବିଶ୍ୱାସ କରନ୍ତି ଯେ ସେ ମଥୁରା ଯାଇ ଯବନରାଜାଙ୍କୁ ପରାସ୍ତ କରିଥିଲେ । ଏହା ମଧ ଏକ ସମ୍ଭାବଯୋଗ୍ୟ ମତ ।

ଖାରବେଳ ତାଙ୍କ ରାଜତ୍ୱର ନବମବର୍ଷରେ ନିଜ ରାଜଧାନୀରେ ଏକ ବିଶାଳ ଓ ସୁଶୋଭନ ପ୍ରାସାଦ ନିର୍ମାଣ କରି ତାର ନାମ ରଖିଥିଲେ 'ମହାବିଜୟ ପ୍ରସାଦ' । ଏ ଦିଗରେ ସେ ୩୮ ସହସ୍ର ଟଙ୍କା ବ୍ୟୟ କରିଥିବାର ଜଣାଯାଏ । ଏହା ଥିଲା ତାଙ୍କର ଏକ ଆକର୍ଷଣୀୟ କୀର୍ତ୍ତି । ରାଜତ୍ୱର ଦଶମ ଓ ଏକାଦଶ ବର୍ଷର

ଘଟଣାବଳୀ ବିଷୟରେ ସ୍ପଷ୍ଟ ଚିତ୍ର ଅନୁଶାସନରୁ ମିଳେ ନାହିଁ । ମାତ୍ର କେତେକଣ ଶିକ୍ଷାବିତ୍ ବିଶ୍ୱାସ କରନ୍ତି ଯେ ସେ ଏହି ସମୟରେ ଜନମଙ୍ଗଳ କାର୍ଯ୍ୟରେ ବ୍ୟସ୍ତ ରହିବା ସମେତ ଯୁଦ୍ଧାଭିଯାନରେ ଯାଇଥିଲେ । ସମ୍ଭବତଃ ଦକ୍ଷିଣରେ ପାଣ୍ଡ୍ୟରାଜ୍ୟ ବିରୁଦ୍ଧରେ ଏକ ଯୁଦ୍ଧାଭିଯାନରେ ଯାଇ ଦକ୍ଷିଣରେ ବିଭିନ୍ନ ରାଜ୍ୟ ମିଶି ଗଠନ କରିଥିବା ମିତ୍ରଶକ୍ତିକୁ ଧ୍ୱଂସ କରିଥିଲେ । ପାଣ୍ଡ୍ୟ ରାଜାଙ୍କର ବଶ୍ୟତାର ନିଦର୍ଶନ ସ୍ୱରୂପ ସେ କିଛି ମଣିମୁକ୍ତା ଦେବାପାଇଁ ତାଙ୍କୁ ବାଧ୍ୟ କରିଥିଲେ । ଏହି ସମୟ ମଧ୍ୟରେ ସେ ପିଥୁଣ୍ଡା ନାମକ ଏକ ନଗରୀକୁ ଜୟ କରି ସେଥିରେ ଗଧ ସାହାଯ୍ୟରେ ହଳ କରିଥିଲେ ।

ରାଜତ୍ୱର ଦ୍ୱାଦଶ ବର୍ଷ ଥିଲା ଏକ ଘଟଣାବହୁଳ ସମୟ । ଖାରବେଳ ପୁନରାୟ ଉତ୍ତରଦିଗକୁ ଯୁଦ୍ଧାଭିଯାନରେ ଯାଇ ପାଟଳୀପୁତ୍ରରେ ପହଞ୍ଚି ଥିଲେ । ତତ୍କାଳୀନ ମଗଧରାଜା ବହୁସତିମିତ (ବୃହସ୍ପତି ମିତ୍ର)ଙ୍କୁ ବାଧ୍ୟ କରିଥିଲେ ତାଙ୍କର ବଶ୍ୟତା ସ୍ୱୀକାର କରିବା ପାଇଁ । ଏହି ବିଜୟ ପରେ ପୂର୍ବରୁ କଳିଙ୍ଗରୁ ମଗଧରାଜା ନେଇଯାଇଥିବା ଜୀନାସନକୁ ଖାରବେଳ ନିଜର ରାଜଧାନୀକୁ ନେଇ ଆସିଥିଲେ । ଏହାଥିଲା ମଗଧ ଉପରେ ତାଙ୍କ ବିଜୟର ଗୌରବମୟ ପ୍ରତିଚ୍ଛବି ।

ରାଜତ୍ୱର ଶେଷବର୍ଷ ବା ତ୍ରୟୋଦଶ ବର୍ଷରେ ଖାରବେଳ ନିଜକୁ ଆଧ୍ୟାତ୍ମିକ କାର୍ଯ୍ୟରେ ନିୟୋଜିତ କରିଥିଲେ । ବିଭିନ୍ନ ବ୍ୟସ୍ତତା ମଧ୍ୟରେ ରହି ଏ ପର୍ଯ୍ୟନ୍ତ ସେ ଦିଗରେ ସେ ମନୋନିବେଶ କରିପାରିନଥିଲେ । ଚେଦୀବଂଶର ରାଜକୀୟ ଧର୍ମ ଜୈନଧର୍ମ ହୋଇଥିବାରୁ ଖାରବେଳ ଏହାର ପ୍ରଚାର ଓ ପ୍ରସାର ଦିଗରେ ଯତ୍ନବାନ ହୋଇଥିଲେ । ବାସ୍ତବପକ୍ଷେ ସେ ଥିଲେ ଏହି ଧର୍ମର ଜଣେ ବିଶ୍ୱସ୍ତ ଅନୁଗାମୀ । ସେ ଜୈନଶ୍ରମଣ ଓ ଆରହତଙ୍କର ରହିବା ପାଇଁ କୁମାରୀ ପର୍ବତ (ଉଦୟଗିରି ପାହାଡ଼) ଉପରେ ସଂଖ୍ୟାତୀତ ଗୁମ୍ଫା ଖୋଦନ କରିବା ସମେତ ସେମାନଙ୍କୁ ଶୁଭ୍ର ବସ୍ତ୍ର ଦାନ କରିଥିଲେ । ଜୈନଧର୍ମ ପ୍ରତି ତାଙ୍କର ସତ୍ୟନିଷ୍ଠ ସମ୍ମାନର ସୂଚନାରେ ହାତୀଗୁମ୍ଫା ଅନୁଶାସନ ମୁଖରିତ । ଜୈନଧର୍ମର ସନ୍ୟାସୀଙ୍କୁ ପ୍ରଥମେ ପ୍ରଣାମ କରାଇ ଖାରବେଳ ତାଙ୍କ ଅନୁଶାସନର ଖୋଦନ ଆରମ୍ଭ କରିବା ସମେତ ଏଥିରେ ନନ୍ଦିପାଦ, ସ୍ୱସ୍ତିକ, ଉଦ୍ଧମାଗନାଳା ପରି ଜୈନଙ୍କର ପବିତ୍ର ପ୍ରତୀକ ଖୋଦନ କରାଇଥିଲେ । ମଗଧରୁ ଜୀନାସନ ଆଣି ସେ ତାଙ୍କର ଆଧ୍ୟାତ୍ମିକ ନିଷ୍ଠାର ପରିଚୟ ପ୍ରଦାନ କରିଛନ୍ତି । ଏହାକୁ କଳିଙ୍ଗକୁ ଆଣି କେବଳ ଯେ ସେ ତାଙ୍କର ମଗଧ ଉପରେ ବିଜୟ ସାବ୍ୟସ୍ତ କରିଥିଲେ ତାହା ନୁହେଁ, ତାହା ତାଙ୍କର ନିଜର ଧର୍ମ ପ୍ରତି ପ୍ରଗାଢ଼ ଅନୁରକ୍ତି ସୂଚାଉଥାଏ । ଜୈନଧର୍ମର ଜଣେ ନିଷ୍ଠାପର ଅନୁଗାମୀ ହୋଇଥିଲେ ମଧ୍ୟ ସେ ସବୁ ଧର୍ମାବଲମ୍ବୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ବ୍ରାହ୍ମଣ ଓ ଆଜୀବଙ୍କ ପ୍ରତି ତାଙ୍କର ଭକ୍ତି ଥିଲା । ରାଜସୂୟ ଯଜ୍ଞ ବ୍ରାହ୍ମଣ ଧର୍ମର ଏକ କ୍ରିୟା ପଦ୍ଧତି ହୋଇଥିଲେ ମଧ୍ୟ ସେ ତାଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ଉକ୍ତ ଯଜ୍ଞକୁ ନିଜ ରାଜଧାନୀରେ ଅନୁଷ୍ଠିତ କରାଇଥିଲେ । ମାତ୍ର ଅହିଂସା ଜୈନଧର୍ମର ଏକ ମୁଖ୍ୟ ବୈଶିଷ୍ଟ୍ୟ ହୋଇଥିଲେ ମଧ୍ୟ ତା ଉପରେ ସେ ବିଶେଷ ଗୁରୁତ୍ୱ ଦେଇନଥିଲେ । ସେ ବହୁ ରାଜ୍ୟ ଜୟ କରିବା ଅବସରରେ ନିଶ୍ଚିତ ପକ୍ଷେ ଯେ ରକ୍ତପାତ ହୋଇଥିବ ଓ ବହୁ ଲୋକ ଗୃହହୀନ ଓ ଦରିଦ୍ର ହୋଇଥିବେ, ଏଥିରେ ସନ୍ଦେହ ନାହିଁ ।

ମୋଟ ଉପରେ କଳିଙ୍ଗକୁ ସ୍ୱାଧୀନ କରାଇବାର ପ୍ରକ୍ରିୟା ଖାରବେଳଙ୍କ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ୍ୟ ସେ ତାଙ୍କ ପୂର୍ବପୁରୁଷଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇଥିଲେ । ସେହି ଆଭିମୁଖ୍ୟ ନେଇ ସେ ମଗଧ ବିରୁଦ୍ଧରେ ଯୁଦ୍ଧଘୋଷଣା କରିବା ସଂଗେ ସଂଗେ ସେଠାରୁ ପବିତ୍ର ଜୀନାସନକୁ ନିଜ ରାଜଧାନୀକୁ ନେଇ ଆଣିଥିଲେ । ଏହିପରି ଜଣେ ମହାନ ବିଜେତା, ପ୍ରଜାହିତୈଷୀ ଶାସକ, ଜନମତ ରଂଜକ ଓ ଆଧ୍ୟାତ୍ମବାଦୀ ସମ୍ରାଟ ଖାରବେଳ ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷ ପରେ ବଞ୍ଚିରହିଥିଲେ କି ନାହିଁ ତାହା ସଠିକ୍ ରୂପେ ଜଣାନାହିଁ । ହାତୀଗୁମ୍ଫା ଅନୁଶାସନ ଯେ, ତାଙ୍କ ମୃତ୍ୟୁପରେ ଖୋଦିତ ହୋଇଛି ତାହା ମଧ୍ୟ ଜଣାଯାଏ ନାହିଁ । ତାଙ୍କର ପରବର୍ତ୍ତୀ ରାଜତ୍ୱ ମଧ୍ୟ ଅନ୍ଧକାରାଚ୍ଛନ୍ନ । ଅବଶ୍ୟ ମଞ୍ଚପୁରୀ ଗୁମ୍ଫା ଅନୁଶାସନରେ କାମଦାପଶିରି ଐର ମହାରାଜା କଳିଙ୍ଗାଧିପତି ବୋଲି ନିଜକୁ ଅଭିହିତ କରିଥିଲେ । ସମ୍ଭବତଃ ସେ ଥିଲେ ତାଙ୍କର ଜଣେ ଉତ୍ତରାଧିକାରୀ । ସେହି ଗୁମ୍ଫାରେ ଅନ୍ୟ ଗୋଟିଏ ଅନୁଶାସନରେ ରାଜପୁତ୍ର ବୋଲି ଉଦ୍ରେଖଙ୍କ ନାମ ଉଲ୍ଲେଖ କରାଯାଇଛି । ମାତ୍ର ସେମାନଙ୍କ ବିଷୟରେ କିଛି ଜଣାଯାଏ ନାହିଁ । ଖାରବେଳ ତ୍ରୟୋଦଶ ବର୍ଷର ଶାସନପରେ ବହୁବର୍ଷ ବଞ୍ଚିରହିଥିବେ ବୋଲି ଅନୁମାନ କରାଯାଏ । ତାଙ୍କର ଶାସନକାଳ ଏକ ବିବାଦୀୟ ବିଷୟ ହୋଇ ରହିଛି । କେତେକ ତାଙ୍କର ରାଜତ୍ୱ ସମୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବୋଲି କହିଥିବା ସ୍ଥଳେ ଅନ୍ୟ କେତେକଣ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ଓ ଅନ୍ୟ କେତେକ ପ୍ରଥମ ଶତାବ୍ଦୀର ପଞ୍ଚମ ଦଶନ୍ଧି ବୋଲି କହିଥାଆନ୍ତି । ସେ ଯାହା ହେଉନା କାହିଁକି, ଖାରବେଳଙ୍କ ପରେ ଓଡ଼ିଶାରେ ଏକ ଅନ୍ଧାରୀଯୁଗ ଆରମ୍ଭ ହୋଇ ବହୁବର୍ଷ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।

*ଏନ୍-୨/୧୦୧, ନୟାପଲ୍ଲୀ, ଭୁବନେଶ୍ୱର-୫*



# କର୍ମଯୋଗୀର ଅମର କୀର୍ତ୍ତି

● ଡକ୍ଟର ମଦନମୋହନ ଚୋପ୍ରା

ଡକ୍ଟର ହରେକୃଷ୍ଣ ମହତାବଙ୍କ ଭଳି ବହୁମୁଖୀ ପ୍ରତିଭାଶାଳୀ ପୁରୁଷଙ୍କ ନାମ ସ୍ମରଣ ମାତ୍ରେ ଦେଶର କୋଟି କୋଟି ମସ୍ତକ ଶ୍ରଦ୍ଧା ଓ ସମ୍ମାନରେ ଅବନତ ହୋଇପଡ଼େ । ନିଜର ଯଶସ୍ୱୀ ଜୀବନର ଅନ୍ତିମ ଚରଣରେ ଡଃ ମହତାବ ଏହି ଶହୀଦ ସ୍ମାରକ ଓ ସ୍ୱାଧୀନତା ସଂଗ୍ରାମ ସଦନ ଅତ୍ୟନ୍ତ ନିଷ୍ଠା ଓ ଉତ୍ସାହର ସହିତ ନିର୍ମାଣ କରିଥିଲେ । ମୃତ୍ୟୁଞ୍ଜୟୀ ବୀରମାନଙ୍କ ପବିତ୍ର ସ୍ମୃତିପୀଠ ରୂପେ ଏହି ଭବନ ଭବିଷ୍ୟତ ପୁରୁଷମାନଙ୍କୁ ପ୍ରେରଣା ଯୋଗାଇ ଆସିଛି । ଦେଶଭକ୍ତି ତଥା ଜନକଲ୍ୟାଣ ଭାବନା ଜାଗ୍ରତ କରିବା ଦିଗରେ ସକ୍ରିୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏହା ଏକ ଆଶ୍ରମରେ ପରିଣତ ହୋଇପାରିଛି ।

ଡଃ ମହତାବ ଦେଶ ମାତାଙ୍କର ଜଣେ ବରପୁତ୍ର । ନିଜର ବହୁମୁଖୀ ବ୍ୟକ୍ତିତ୍ୱ ଓ କାଳଜୟୀ ପ୍ରତିଭାରେ ଏ ଦେଶକୁ ସେ ଗୌରବାନ୍ୱିତ କରିଯାଇଛନ୍ତି । 'ପ୍ରଜାତନ୍ତ୍ର' ମାଧ୍ୟମରେ ସେ ଲୋକ ଚେତନାର ବିକାଶ ଦ୍ୱାରା ରାଷ୍ଟ୍ର ଜୀବନରେ ନୂତନ ଉତ୍ସାହ ଓ ସାହସ ସୃଷ୍ଟି କରିଥିଲେ ଏବଂ ଦେଶକୁ ଦାସତ୍ୱ ବନ୍ଧନରୁ ମୁକ୍ତ କରିବାରେ ସଫଳ ହୋଇଥିଲେ । ଏଥି ସହିତ ସାମାଜିକ କୁସଂସ୍କାର ଓ ଅନୁନ୍ନତ ଅବସ୍ଥା ଦୂର କରିବା ପାଇଁ ଦିଗ୍‌ଦର୍ଶନ ଦେଇ ଜନମାନସରେ ନୂତନ କ୍ରାନ୍ତି ଆଣିଥିଲେ । ମୌଳିକ ଚିନ୍ତାଧାରା ଓ ଦୃଢ଼ ସଂକଳ୍ପ ନେଇ ସେ ସମାଜରେ ଚେତନା ଓ ଜାଗୃତି ସୃଷ୍ଟି କରିଥିଲେ । ରାଜପୁତ୍ର ହୋଇ ମଧ୍ୟ ପ୍ରଜାମାନଙ୍କ ସୁଖ ଓ କଲ୍ୟାଣ ପାଇଁ ସେ ନିଜର ସମଗ୍ର ଜୀବନ ଉତ୍ସର୍ଗ କରି ଦେଇଥିଲେ । ସେ ଥିଲେ ତୀକ୍ଷ୍ଣଧୀସମ୍ପନ୍ନ ବ୍ୟକ୍ତି, କୁଶଳୀ ପ୍ରଶାସକ, ଯଶସ୍ୱୀ ଲେଖକ । ତାଙ୍କ ହୃଦୟ, ମନ, ବିଚାରଧାରା ଓ ସଂକଳ୍ପରେ ଭରି ରହିଥିଲା ଦୀନ-ଦୁଃଖୀ, ଦରିଦ୍ରର ସେବା ତଥା ଦଳିତ, ନିଷ୍ପେଷିତ ଓ ଶୋଷିତ ଜନଗଣଙ୍କ ଉତ୍ଥାନର ଭାବନା । ଦେଶକୁ ପରାଧୀନତା ଓ ଦାସତ୍ୱରୁ ମୁକ୍ତ କରିବାର ପ୍ରବଳ ବାସନା ।

ଡଃ ମହତାବ ଏକ ସାଧାରଣ ବ୍ୟକ୍ତିରୁ ଉଠି ରାଷ୍ଟ୍ରର ମହାନ ନେତା ହେବାର ଗୌରବ ଲାଭ କରିଥିଲେ । ଏହି ସଫଳତା ପଛରେ ବିଦ୍ୟମାନ ଥିଲା ତାଙ୍କର ତପସ୍ୟା, ସାଧନା, ସେବା ଓ ସଂଘର୍ଷର ପୃଷ୍ଠଭୂମି । ସ୍ୱର୍ଗତ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭଳି ପାଶ୍ଚାତ୍ୟ ଜୀବନର ଅନେକ ଗୁଣ ଓ ପ୍ରଭାବ ଗ୍ରହଣ କରିଥିଲେ ମଧ୍ୟ ମାନସିକ ରୂପରେ ପ୍ରାଚୀନ ସଂସ୍କୃତି, ଧାର୍ମିକ ଆଚରଣ, ଆଧ୍ୟାତ୍ମିକ ଓ ନୈତିକ ମୂଲ୍ୟବୋଧ ହିଁ ଥିଲା ତାଙ୍କ ଜୀବନର ଆଦର୍ଶ । ସେ କାହାଣୀ ଏକ ପ୍ରଦୀପର, ଏକ ଦୀପଶିଖାର । ସେ ଶିଖା ଆଗରପଡ଼ାରୁ ଉଦ୍ଭୂତ ହୋଇ ନିଜର ପ୍ରକାଶରେ ଚନ୍ଦ୍ରମାର ସ୍ନିଗ୍ଧ କିରଣ ଭଳି ସାରା ଓଡ଼ିଶା ଭୂଖଣ୍ଡରେ କରିଥିଲା ସ୍ନେହ, ସୁଖ ଓ ବିକାଶର ବର୍ଷା । ପୁଣି ଏ ଭାରତ ଭୂମିରେ ଅର୍ଦ୍ଧଶତାବ୍ଦୀ ଧରି ରାଜନୈତିକ, ସାମାଜିକ ଓ ରାଷ୍ଟ୍ରୀୟ ମୁଖ୍ୟ ଧାରାକୁ ନିଜର ପ୍ରଚଣ୍ଡ ପ୍ରଭାବରେ କରି ପାରିଥିଲା ଆଲୋକିତ ।

୧୯୮୭ ଜାନୁଆରୀ ୨ ତାରିଖରେ ଡଃ ମହତାବଙ୍କ ତିରୋଧାନରେ ଛିନ୍ନ ହୋଇଯାଇଥିଲା ଭାରତର ସ୍ୱାଧୀନତା ଇତିହାସର ଏକ ସଶକ୍ତ ସୂତ୍ର । ସେ ଥିଲେ ଲକ୍ଷ ଲକ୍ଷ ଦେଶଭକ୍ତ, ସମାଜସେବକଙ୍କ ପ୍ରେରଣାର ସ୍ରୋତ ଓ ଶକ୍ତିର ଉତ୍ସ । ତାଙ୍କ ବିୟୋଗରେ ଦେଶର ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ଚିନ୍ତାଧାରାର ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ, ଯଶସ୍ୱୀ ସାହିତ୍ୟିକାର, ନିର୍ଭୀକ ସାମ୍ବାଦିକ, ମାନବତାର ପୂଜାରୀ ଆମ ଭିତରୁ ଅନ୍ତର୍ହିତ ହୋଇଯାଇଛନ୍ତି ।

ନିଜର ସମର୍ପିତ ଜୀବନରେ ମହାତ୍ମାଗାନ୍ଧୀଙ୍କ ପ୍ରତି ତାଙ୍କର ସବୁଠୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ଗାନ୍ଧୀ ଦର୍ଶନ ଥିଲା ତାଙ୍କ ସାମାଜିକ ଜୀବନର ବ୍ରତ । ଏହାକୁ ଆଧାର କରି ନିଜର ବୁଦ୍ଧି ଓ ବିଚାରବୋଧ ଯୋଗୁଁ ସେ ଓଡ଼ିଶା ପ୍ରଦେଶର ନବନିର୍ମାତା ରୂପେ ସ୍ମରଣୀୟ ହୋଇ ରହିବେ । ଦେଶ ସେବା ଓ ମୁକ୍ତି ସଂଗ୍ରାମରେ ଯୋଗ ଦେଇ ତାଙ୍କୁ ଅନେକ ଥର ଜେଲ ଯିବାକୁ ହୋଇଛି । ଅଶେଷ ଦୁଃଖ, କଷ୍ଟ ସହିବାକୁ ପଡ଼ିଛି । କିନ୍ତୁ ଏହି ପରାକ୍ରମୀ ବୀର ନିଜ ସାଧନା ପଥରୁ କେବେ ବିଚଳିତ ହୋଇନାହାନ୍ତି । ଦେଶସେବା, ଜନକଲ୍ୟାଣ ଓ ସମାଜ ସଂସ୍କାରର ଯେଉଁ ବ୍ରତ ସେ ଗ୍ରହଣ କରିଥିଲେ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅତ୍ୟନ୍ତ ଦୃଢ଼ତାର ସହିତ ତାହାକୁ ପାଳନ କରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ରର ରାଜ୍ୟପାଳ ତଥା

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବାଣିଜ୍ୟ ମନ୍ତ୍ରୀ ଆଦି ଉଚ୍ଚ ପଦପଦବୀ ସେ ଲାଭ କରିଥିଲେ । କିନ୍ତୁ କ୍ଷମତାକୁ ସେ ସବୁବେଳେ ସେବାର ସାଧନ ରୂପେ ଗ୍ରହଣ କରିଥିଲେ । ହୀରାକୁଦ ବନ୍ଧ, ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ପ୍ରଦେଶରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଇତ୍ୟାଦି ମହାନ କାର୍ଯ୍ୟାବଳୀ ଦ୍ୱାରା ଜଣେ ଦୂରଦର୍ଶୀ, ବିଚକ୍ଷଣ ରାଜନୀତିଜ୍ଞ ଭାବରେ ସେ ଖ୍ୟାତି ଅର୍ଜ୍ଜନ କରିଥିଲେ । ଏହାର ଭୂରି ଭୂରି ପ୍ରଶଂସା ରାଷ୍ଟ୍ରନାୟକ ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ତଥା ପାଶ୍ଚାତ୍ୟ ରାଷ୍ଟ୍ର ନେତା ଲର୍ଡ୍ ଆଟେଲି, ଲର୍ଡ଼ ମାଉଣ୍ଟ ବାଟେନ, ଷ୍ଟଫୋର୍ଡ଼ କ୍ରିପସ୍ ପ୍ରମୁଖ କରିଯାଇଛନ୍ତି ।

ଆଜି ଡଃ ମହତାବ ଆମ ଗହଣରେ ନାହାନ୍ତି ସତ, ମାତ୍ର ତାଙ୍କ କର୍ମଯୋଗର ଅମର କୀର୍ତ୍ତି ଏବେ ମଧ୍ୟ ତାଙ୍କର ପବିତ୍ର ସ୍ମୃତିକୁ ପ୍ରେରଣା ଦେଇ ଆସୁଛି । ତାଙ୍କର ଅନ୍ତିମ ଜୀବନ କାଳରେ ମୋତେ ସେ ଯେଉଁ ପତ୍ର ଦେଇଥିଲେ, ଦେଶର ରାଜନୈତିକ ସ୍ଥିତି ନେଇ ସେ କେତେ ଚିନ୍ତିତ ଥିଲେ ସେଥିରୁ ତାହା ପରିସ୍ଫୁଟ ହୋଇଥାଏ । ସେ ଲେଖିଥିଲେ– ''ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଯେଉଁ ମୂଲ୍ୟବୋଧ ଦେଶକୁ ଦେଇଥିଲେ, ତାଙ୍କ ଅନ୍ତେ ତାଙ୍କର ସେ ସିଦ୍ଧାନ୍ତ ଓ ଆଦର୍ଶ ମଧ୍ୟ ବିଲୁପ୍ତ ହୋଇଗଲା । କ୍ଷମତା ଓ ସାଧନ ସେବା ନୁହେଁ, ଆତ୍ମସ୍ୱାର୍ଥ ସିଦ୍ଧିର ମାଧ୍ୟମ ହେଲା, କ୍ଷମତା ପଦ ଲୋଲୁପତାରେ ପରିଣତ ହୋଇଗଲା । ଏକମାତ୍ର ଲକ୍ଷ୍ୟ ହେଲା ଯେକୌଣସି ଉପାୟରେ ନିର୍ବାଚନ ଜିତି ଗାଦୀ ଦଖଲ କରି ବସିବା । ଧନର ଅର୍ଥ ହେଲା ନିଜ ଘର ଭର୍ତ୍ତି କର । ନିରଙ୍କୁଶ କ୍ଷମତା ସୃଷ୍ଟି କରେ ଅନୀତି ଓ ଅରାଜକତା । ଅର୍ଥ ଲାଳସା ବିବେକ ଉପରେ ଢାଙ୍କି ଦିଏ ପର୍ଦ୍ଦା । ଆଜି ସେଇଆ ହେଉଛି । ଅର୍ଥ ଓ କ୍ଷମତାର ପ୍ରଭାବ ମଣିଷକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ।''

ଧର୍ମ ନିରପେକ୍ଷତା ଓ ଲୋକତନ୍ତ୍ର ଏକ ଉଚ୍ଚ ଓ ଆଦର୍ଶ ଭାବନା । ଏଥିରେ ମଣିଷ ପ୍ରତି ସମ୍ମାନ, ସଦ୍‌ଭାବ ଓ ସହିଷ୍ଣୁତାର ଭାବ ନିହିତ । ଏହି ଦୁଇ ଭାବନାରେ ମଣିଷର ଶ୍ରେଷ୍ଠତମ ପରମ୍ପରା ପ୍ରଦର୍ଶିତ । କିନ୍ତୁ ଧର୍ମନିରପେକ୍ଷତାର ଭୁଲ୍ ଅର୍ଥ ଯୋଗୁଁ ସ୍ୱାର୍ଥପନ୍ଥୀମାନେ ଧର୍ମକୁ ଆଧାର କରି ଶାସନ ଗାଦୀ ଅକ୍ତିଆର କରିବାପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି । ଦେଶଦ୍ରୋହ ଓ ରାଷ୍ଟ୍ରଭଙ୍ଗ କାର୍ଯ୍ୟକଳାପରେ ଲିପ୍ତ ରହୁଁଛନ୍ତି । ଏହାଫଳରେ ସମ୍ପୂର୍ଣ୍ଣ ବାତାବରଣ ବିଷାକ୍ତ ଓ ଆତଙ୍କଜନକ ହୋଇ ପଡୁଛି । ସାର୍ବଜନୀନ ଜୀବନରେ ଅଶାନ୍ତି, ଅସନ୍ତୋଷ ଓ ଅସ୍ଥିରତା ସୃଷ୍ଟି ହେବାରେ ଲାଗିଛି ।

ମୂଳଭୂତ ଦର୍ଶନ ହିଁ ରାଜନୀତିର ଆଧାର । ଏହା କେବଳ ନିୟାମକ ନୁହେଁ, ନିର୍ଣ୍ଣାୟକ ମଧ୍ୟ । ନିର୍ଦ୍ଦିଷ୍ଟ ଦର୍ଶନ ଅଭାବରେ ମୂଲ୍ୟ, ସିଦ୍ଧାନ୍ତ ଓ ରାଜନୀତି ସବୁ ବ୍ୟର୍ଥ ହୋଇଥାଏ । ସଂପ୍ରତି ରାଜନୀତିକ ପରିଦୃଶ୍ୟ ଏତେ ବଦଳିଯାଇଛି ଯେ ମାନବିକ ମୂଲ୍ୟବୋଧ ସମ୍ପୂର୍ଣ୍ଣ ଲୋପ ପାଇଯାଇଛି । ଦାର୍ଶନିକ ଚିନ୍ତାଧାରାର ପୃଷ୍ଠଭୂମି ଓ ଏହାର କାର୍ଯ୍ୟକାରିତା ବିନା ରାଜନୀତି ପଙ୍ଗୁ, ଅନ୍ଧ ଓ ବିବେକହୀନ ହୋଇପଡ଼ିଥାଏ । ତଥାପି ଏକଥା ସ୍ୱୀକାର କରିବାରେ ଆମର କୌଣସି ସଂକୋଚ ନାହିଁ ଯେ ରାଜନୀତି ଠାରୁ ଅନ୍ୟ ଉତ୍ତମ ଓ ଶକ୍ତିଶାଳୀ ମାଧ୍ୟମ ନାହିଁ । ରାଜନୀତିର ପ୍ରଭାବଶାଳୀ ମାଧ୍ୟମ ଯୋଗେ ହିଁ ଜନସେବା, ସମାଜସଂସ୍କାର ତଥା ଜନଗଣଙ୍କ ଉନ୍ନତି ଓ ଉତ୍‌ଥାନ ହୋଇପାରିବ । ଆବଶ୍ୟକ ହେଉଛି କେତେକ ସମର୍ପିତ କର୍ମୀ, ଯେଉଁମାନେ ଏହି ଶୂନ୍ୟତା ପୂରଣ କରିବା ନିମନ୍ତେ ଆଗେଇ ଆସିବେ । ଗଣତନ୍ତ୍ରକୁ ଉଜ୍ଜୀବିତ ରଖିବାକୁ ହେଲେ ଏହାକୁ ଅପରାଧୀକରଣ ଓ ଭ୍ରଷ୍ଟାଚାରରୁ ମୁକ୍ତ କରିବାକୁ ପଡ଼ିବ ।

ଆଜି ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ଓ ନୂତନ ପିଢ଼ିର ଯୁବକ-ଯୁବତୀମାନେ ଚିନ୍ତା କରିବା ଦରକାର, ଏ ଦେଶ କେଉଁ ଆଡ଼କୁ ଯାଉଛି ? ୬୦୦ ବର୍ଷର ମୁସଲମାନ ଶାସନ, ୨୦୦ ବର୍ଷର ଇଂରେଜ ରାଜତ୍ୱର ପରାଧୀନତା କାଳରେ ଆମେ ନିଜ ଆଧ୍ୟାତ୍ମିକ ମାନବବାଦୀ ଆଦର୍ଶ, ସଂସ୍କୃତି, ଗୌରବମୟ ସଭ୍ୟତା ଓ ଆତ୍ମୀୟତାକୁ କ୍ଷୁଣ୍ଣ କରିବାକୁ ଦେଇନଥିଲୁ । ଏହି ସଂସ୍କୃତି, ସଭ୍ୟତା ଓ ସମପ୍ରାଣତା କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏବଂ ଗୋଆରୁ ମଣିପୁର ପର୍ଯ୍ୟନ୍ତ ଆମକୁ ଏକାଠି କରି ରଖିଥିଲା । କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ୫୦ବର୍ଷରେ ଆମେ ଏହି ମହାନ୍ ସଂସ୍କୃତି, ଉଚ୍ଚ ଆଦର୍ଶ ଓ ମହନୀୟ ମୂଲ୍ୟବୋଧକୁ ବଳି ଦେଇ ବସିଛୁ । ଯଦି ଏହି ଅଧଃପତନ ଓ ଅବକ୍ଷୟକୁ ରୋକା ନଯାଏ, ତାହାହେଲେ ସେ ଦୁର୍ଦ୍ଦିନ ଆଉ ବେଶି ଦୂର ନୁହେଁ, ଯେତେବେଳେ ଆମେ ଭାରତୀୟ ନିଜର ଗୌରବମୟ ପରିଚିତିକୁ ମଧ୍ୟ ହରାଇ ବସିବୁ ଏବଂ ଭାରତର ଅଖଣ୍ଡତା ଓ ଏକାତ୍ମକତା କ୍ଷୁଣ୍ଣ କରି ଦେବୁ । ରାଜନୀତିର ପରିବେଶ ଆଜି ମାନବିକ ମୂଲ୍ୟବୋଧକୁ ସମ୍ପୂର୍ଣ୍ଣ ଅପସୃତ କରିଦେଇଛି । କ୍ଷମତା ଓ ପଦ ଲୋଲୁପତାର ଏହି ଅନ୍ଧାରୀ ଦୌଡ଼କୁ ରୋକିବାକୁ ହେବ । ଭ୍ରଷ୍ଟାଚାରକୁ ସଦାଚାର ଭାବେ ଗ୍ରହଣ କରିବା ନୀତିକୁ ପରିତ୍ୟାଗ କରିବାକୁ ପଡ଼ିବ । ଦାରିଦ୍ର୍ୟ ଦୂରୀକରଣର ଭ୍ରମ ଜାଲରେ ଧନପତିମାନଙ୍କ ସ୍ୱାର୍ଥ ସାଧନର ଷଡ଼ଯନ୍ତ୍ରକୁ ବନ୍ଦକରାଇବାକୁ ହେବ । ନିରପେକ୍ଷତାର ଦୁହାଇ ଦେଇ ଧର୍ମ ନାଶ କରିବାର ପ୍ରବୃତ୍ତି ଉପରେ ଅଙ୍କୁଶ ଲଗାଇବାକୁ ପଡ଼ିବ ।

ଏବେ ମଧ୍ୟ ଭାରତର ସ୍ୱାଧୀନତା ଅପୂର୍ଣ୍ଣ ରହିଛି । ମୃତ୍ୟୁଞ୍ଜୟୀ ବୀର ଶହୀଦମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏବଂ ନିଜ ସଂସ୍କୃତିର ଅମୂଲ୍ୟ ରତ୍ନକୁ ସୁରକ୍ଷିତ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ନୂତନ ପିଢ଼ିର ଯୁବକମାନଙ୍କୁ ଆଜି ଆଗକୁ ବାହାରି ଆସିବାକୁ ପଡ଼ିବ ।

(୧୯୯୯ ଜାନୁଆରୀ ୨ ଭୁବନେଶ୍ୱରଠାରେ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ପ୍ରଦତ୍ତ ଅଭିଭାଷଣରୁ)

*ମହାସଚିବ ନିଃପ୍ରା. ସ୍ୱାଧୀନତା ସଂଗ୍ରାମୀ ସମିତି*

*ସି-୨/୧୧୬, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮*

# କାହାକୁ କହିବା ?

● ଡ. ବେଣୀମାଧବ ପାଢ଼ୀ

ହେଉ ଦେଖୁ ଦେଖୁ ଆମେ ସ୍ୱତନ୍ତ୍ର ପ୍ରଦେଶ ପାଇବାର ତେଷଠି ବର୍ଷ ହୋଇଗଲା । ତେଷଠି ବର୍ଷ ଆଗେ ସେ କାଳ ବିଦେଶୀ ସରକାର ଅମଳରେ ଆମକୁ ଦିଆ ଯାଇଥିଲା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ 'ଓଡ଼ିଶା' ନାମରେ- ଆମ ଭାଷାକୁ ସମ୍ମାନ ଦେଇ, ଏହାର ବଳିଷ୍ଠତା ଏବଂ ଜନ୍ମଜାତକ ଦେଖି । ସେକାଳ ଆମର ପୂର୍ବସୂରୀଗଣ ଦୁନିଆ ଆଗରେ ଦେଖାଇ ଦେଇଥିଲେ ଆମ ଭାଷାର ଗୌରବ, ବୈଶିଷ୍ଟ୍ୟ ଏବଂ ବ୍ୟାପକତା, ଯାହାକୁ କେହି ଉପେକ୍ଷା କରି ପାରିଲେ ନାହିଁ । ବାଧ୍ୟ ହୋଇ ମାନିନେଲେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ବଳିଷ୍ଠତା । ଫଳରେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଗଢ଼ି ଉଠିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯେଉଁ ଦିନଟିକୁ ଆମେ ଉତ୍କଳ ଦିବସରୂପେ ପାଳନ କରିଆସୁଛୁ ମହା ଆଡ଼ମ୍ବରରେ । ଓଡ଼ିଶାର ଜୟଗାନ କରୁଛୁ, ଓଡ଼ିଆ ଭାଷାର ପ୍ରତିପତ୍ତି ସମ୍ବନ୍ଧରେ ଭାଷଣ ଦେଉଛୁ, ପୂର୍ବପୁରୁଷଙ୍କ ପ୍ରଶଂସା ଗାନ କରୁଛୁ । କିନ୍ତୁ ଭିତରେ ଭିତରେ କରୁଛୁ କଣ ସେଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହୁଁ । ତାହାର ଉନ୍ନତି ପାଇଁ ଟିକିଏ ସୁଦ୍ଧା ଚେଷ୍ଟା କରୁ ନାହୁଁ ବରଂ କହିବାରେ ଲାଗିଛୁ- ଓଡ଼ିଆ ଭାଷାଟା ବଡ଼ କଟିଳ ଭାଷା, ଏହାକୁ ଶିକ୍ଷା କରିବା ଯେତିକି କଷ୍ଟ, ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ଆହୁରି କଷ୍ଟକର । ଏ ଭାଷାର ବର୍ଣ୍ଣାବଳୀକୁ, ଏହାର ଶବ୍ଦସମ୍ଭାରକୁ ଦେଖିଲେ ଜଣାପଡ଼େ ଏହା ମୋଟେ ସମୟୋପଯୋଗୀ ନୁହେଁ । ଏଣୁ ଏହାକୁ ସଂସ୍କାର କରିବା । କାଟଛାଂଟ କରି ସରଳ କରିବା, ବର୍ଣ୍ଣାବଳୀ ମଧ୍ୟରୁ କେତୋଟି ଉଠାଇ ଦେବା ପ୍ରଭୃତି କାର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେହୁଏ । ଖାଲିତ କହିବାରେ ଲାଗିନୁ, ସେଥିଲାଗି ଜନମତ ସୃଷ୍ଟି କରିବାରେ ଆପ୍ରାଣ ଉଦ୍ୟମ କରୁଛୁ । ଏଯାବତ୍ ପ୍ରଚଳିତ ହୋଇ ଆସୁଥିବା- କିମ୍ବା, ବାରମ୍ବାର, ପୂର୍ଣ୍ଣ, କାର୍ଯ୍ୟ, ସମ୍ମାନ, ଘଟଣା, କରୁଛି ପ୍ରଭୃତି ଶବ୍ଦଗୁଡ଼ିକୁ ଅଶୁଦ୍ଧ କହି ତା' ବଦଳରେ କିଂବା, ବାରଂବାର, ପୂର୍ଣ, କାର୍ଯ, ସମାନ, ଘଟନା, କରୁଛି ପ୍ରଭୃତି ଶୁଦ୍ଧ ବୋଲି ପ୍ରଚାର କରିବାରେ ଲାଗିଛୁ । ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ହେବାଯାଏଁ ଏପରି କି ଆଜିପର୍ଯ୍ୟନ୍ତ ଯାହା ସବୁ ଲେଖା ହୋଇ ଆସୁଥିଲା, ସାହିତ୍ୟରେ ଅତି ସତର୍କତାର ସହିତ ବ୍ୟବହାର କରାଯାଉଥିଲା, ନାନାବିଧ ପରୀକ୍ଷା ନିରୀକ୍ଷା ପରେ ଯାହାର ମହତ୍ତ୍ୱ ହୃଦୟଙ୍ଗମ କରାଯାଉଥିଲା ଏବଂ ଯାହାକୁ ମହାନ ବୋଲି ଦର୍ଶାଇ ଆମ ବାପ ଗୋସାପେ ପ୍ରଦେଶ ଆଣିଥିଲେ, ତାହା ଏବେ କଟିଳ ଏବଂ ଅଦରକାରୀ ବୋଲି କୁହାଯାଉଛି । ଯେଉଁମାନେ ଏପରି କରିବାରେ ଅଗ୍ରଣୀ ମୁଖ୍ୟ ହେଉଛନ୍ତି ସେମାନଙ୍କର ଓଡ଼ିଆ ଭାଷାରେ ଅନୁପ୍ରବେଶ ବେଶୀ ଦିନର ନୁହେଁ କିମ୍ବା ବେଶୀ ଗଭୀର ତଳକୁ ନୁହେଁ । ଏଣୁ ସେପରି କହିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ସେହି ଗୋଟିଏ କଥାକୁ ବାରମ୍ବାର ଦୋହରାଇ ସାଧାରଣ ସରଳ ଜନମାନସରେ ତଥା ଉତ୍ତରପାଢ଼ି ଉପରେ ଜବରଦସ୍ତ ଲଦିଦେବାର ଯେଉଁ ଉଦ୍ୟମ- ଯାହା ନାଜୀ ହିଟଲରଙ୍କ ପ୍ରଚାର ବିଭାଗ ମନ୍ତ୍ରୀ ଗୋବଲ୍‌ସଙ୍କ ନୀତି ଥିଲା- ତାହା ଆଦୌ କ୍ଷମଣୀୟ ନୁହେଁ । କିହୋ ବାବୁ, ତମେ ବ୍ୟାକରଣ ବା ଭାଷା ଶାସ୍ତ୍ର ନିୟମ ଜାଣିନାହିଁ ବୋଲି ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛ, ତାହା ତୁମ ପକ୍ଷରେ ଗ୍ରହଣୀୟ ହୋଇପାରେ । ଗ୍ରହଣ କର । ସେ ଅନୁଯାୟୀ ତୁମର ଯାହା କରଣୀୟ କରିନିଅ । ଅନ୍ୟମାନଙ୍କୁ କାହିଁକି ବାଧ୍ୟ କରିବାକୁ ଯିବ ? ଏବେ ଓଡ଼ିଶାରେ ଏହା କେବଳ ବାକ୍ତିଗତ ଭାବେ ଘଟୁନାହିଁ । ଏଥିରେ ଗୋଟିଏ ଦୁଇଟି ସମ୍ବାଦପତ୍ରର ଭୂମିକା ମଧ୍ୟ ନ୍ୟୂନ ନୁହେଁ । କାହାକୁ କହିବା ?

ହଁ, ଯୁଗ ବଦଳୁଛି । ତଦନୁଯାୟୀ କୌଣସି ଜାତିର ଭାଷା, ସାହିତ୍ୟ, ଲିଖନ ଶୈଳୀ, ପ୍ରକାଶନ ଭଙ୍ଗୀ ଏପରିକି ଆଚାର, ବ୍ୟବହାର ପ୍ରଭୃତିରେ ମଧ୍ୟ ପରିବର୍ତ୍ତନ ଆସିବା ସ୍ୱାଭାବିକ । କିନ୍ତୁ ତା'ର ଅର୍ଥ ନୁହେଁ, ଯେଉଁ ଗୃହରେ ଆବହମାନ କାଳରୁ ବସବାସ କରି ଆସିଥିବ, ଯାହାର ଗଠନ ପ୍ରଣାଳୀ ଓ ବାସୋପଯୋଗିତା ସଦାସ୍ୱୀକୃତ ଏବଂ ବୈଜ୍ଞାନିକ ତଥା ପାରିବେଶିକ ଦୃଷ୍ଟିକୋଣରୁ ଅଧିକ ସ୍ୱାସ୍ଥ୍ୟକର, ନବନିର୍ମାଣ ନାଁରେ ତାହାର ଭିତ୍ତିକୁ ଦୋହଲାଇ ଦେବା କେତେଦୂର ବିଜ୍ଞତାର କାର୍ଯ୍ୟ ତାହା ଚିନ୍ତା କରିବାର କଥା । ଏହି ପରିପ୍ରେକ୍ଷୀରେ ମୋର କହିବାର ଉଦ୍ଦେଶ୍ୟ, ଆମେ କଣ କରିବାକୁ ଯାଇ କଣ କରି ପକାଉଛୁ । ଆମେ ଜାଣିପାରୁ ନାହୁଁ, ଅଥଚ ଆମେ ବାହୁନିବାରେ ଲାଗିଛୁ- ଓଡ଼ିଆ ଭାଷାପ୍ରତି ଲୋକଙ୍କର ଆଗ୍ରହ କମିକମି ଯାଉଛି, ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରାହୋଇ ପାରୁନାହିଁ, ଓଡ଼ିଆ ପୁସ୍ତକ କିଣି ପଢ଼ିବାରେ ଲୋକଙ୍କର ସ୍ପୃହା ନାହିଁ, ପୁସ୍ତକଗୁଡ଼ିକ ଛାପା ହୋଇ ବର୍ଷବର୍ଷ ପଡ଼ି ରହୁଛି, ବିକ୍ରୀ ହୋଇ ପାରୁନାହିଁ, ଅଣ ଓଡ଼ିଆ ସାହିତ୍ୟ ପ୍ରତି ଓଡ଼ିଆ ପାଠକ ବିଶେଷ ମନୋଯୋଗୀ ହୋଇ ପଢ଼ୁଛନ୍ତି ଇତ୍ୟାଦି ଇତ୍ୟାଦି । କିନ୍ତୁ ଆମେ ଟିକିଏ

ରହିଛି କି ଏସବୁର ମୂଳକାରଣ କଣ ? ଏହା ପଛରେ କି ମନୋଭାବ ନିହିତ ? ଟିକିଏ ସୂକ୍ଷ୍ମ ଦୃଷ୍ଟି ଦେଇ ବିଚାର କଲେ ଏହାର ମୂଳସୂତ୍ର ସହଜେ ଧରାପଡ଼ିଯିବ ।

ଏଇ ଦେଖନ୍ତୁ– ଓଡ଼ିଆ ଭାଷାର ସଂସ୍କାର କହନ୍ତୁ, ନବୀକରଣ କହନ୍ତୁ ବା ଯୁଗୋପଯୋଗିତା କହନ୍ତୁ, ତା'ର ଉଦ୍ଦେଶ୍ୟରେ ଯେଉଁ ଅଯୌକ୍ତିକ ଉଦ୍ୟମ ଆରମ୍ଭ କରିଛୁ ଏବଂ ତାହାରି ସାହାଯ୍ୟରେ ଯେଉଁ ସାହିତ୍ୟ ସୃଷ୍ଟି ହେବାରେ ଲାଗିଛି ତାହା ସାଧାରଣ ଶିକ୍ଷିତ ବୁଦ୍ଧିଜୀବୀ ସମାଜରେ କେତେଦୂର ଆଦୃତ ହୋଇପାରିଛି ପ୍ରଥମେ ଦେଖିବାର କଥା । କାରଣ ଭାଷା ସାହିତ୍ୟର ବାହନ । ଭାଷା ବଳିଷ୍ଠ ଓ ବ୍ୟାପକ ଥିଲେ ଉତ୍କୃଷ୍ଟ ସାହିତ୍ୟ ଉତୁରି ଉଠେ । ଏଣୁ ସାହିତ୍ୟ ସୃଷ୍ଟିକାଳରେ ଭାଷା ଉପରେ ହିଁ ଅଧିକ ଗୁରୁତ୍ୱ ଦିଆଯାଏ । ଯେହେତୁ ସାହିତ୍ୟ ହେଉଛି ଏକ ଅଲୌକିକ ସୃଷ୍ଟି ସମ୍ଭାର, ଏହା ରୂପହୀନ । ଏହାର ବିଶ୍ଳେଷଣ ସହଜସାଧ୍ୟ ନୁହେଁ । ଏଥିପାଇଁ ଯେଉଁ ବିଶ୍ଳେଷଣ ଓ ଲକ୍ଷଣମାନ ଦୃଷ୍ଟିଗୋଚର ହୁଏ ତା' ଦେଖିଲେ ସାହିତ୍ୟ ଏକ ଅନୈକାନ୍ତିକ ଏବଂ ଲକ୍ଷଣାତୀତ ମନେହୁଏ । କାରଣ, ଏଯାଏଁ ସାହିତ୍ୟର ଯେଉଁ କେତୋଟି ଲାକ୍ଷଣିକ ସୂତ୍ର ଦେଖାଯାଏ ସେ ସବୁ ତା'ର ବିଭିନ୍ନ ଆଂଗିକ ବିଭବକୁ ନେଇ କେବଳ ଗଠିତ । ସେ ମଧ୍ୟରୁ କୌଣସି ଗୋଟିଏ ସୁଦ୍ଧା ସାହିତ୍ୟର ପୂର୍ଣ୍ଣ ସ୍ୱରୂପ ପ୍ରକାଶ କରିବାକୁ ସମର୍ଥ ନୁହନ୍ତି । ପୁଣି ମଧ୍ୟ ଆହୁରି କେତେକ ଲକ୍ଷଣ ରହିଛି ଯାହାର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ବୁଝା ପଡ଼େନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଦେଖନ୍ତୁ– କେତେ କହନ୍ତି, 'ସହିତସ୍ୟ ଭାବଃ ସାହିତ୍ୟଂ', ଅବଶ୍ୟ ବ୍ୟୁତ୍ପତ୍ତି ଦୃଷ୍ଟିରୁ ଏଥିରେ କୌଣସି ଭୁଲ୍ ନାହିଁ । କିନ୍ତୁ ଏହାର ପ୍ରକୃତ ଉଦ୍ଦେଶ୍ୟ କ'ଣ ? 'ସହିତ' କହିଲେ କାହା ସହିତ କିଏ ? ବାକ୍ୟ ସହିତ ପଦ, ନା ପଦ ସହିତ ଅର୍ଥ, ନା ଅର୍ଥ ସହିତ ଭାବ ନା ଆଉ କିଛି ? ଏ ପ୍ରକାର ବିଶ୍ଳେଷଣ ଜିଜ୍ଞାସା ସମାଧାନ କରିବା ପରିବର୍ତ୍ତେ ତାକୁ ଆହୁରି ଜଟିଳ କରି ପକାଏ । ପ୍ରାଚୀନ ଆଳଂକାରିକ ମତରେ ସାହିତ୍ୟର ଅନ୍ୟ ନାମ 'କାବ୍ୟ' । ତେଣୁ କାବ୍ୟର ଲକ୍ଷଣ କରିବାରେ ସେମାନେ ବହୁତ ଚିନ୍ତି ଭାବିକ ତଥା ଶାବ୍ଦିକ ବିଶ୍ଳେଷଣର ଚମତ୍କାରିତା ଦର୍ଶାଇ ଯାଇଛନ୍ତି । ତଥାପି ସେଗୁଡ଼ିକ ସମ୍ପୂର୍ଣ୍ଣ ବୋଲି ବୋଧ ହୁଏ ନାହିଁ । ସେ ମଧ୍ୟରୁ କେତେକଙ୍କ ମତରେ – '' ବକ୍ରୋକ୍ତିଃ କାବ୍ୟ ଜୀବିତଂ ଆଉ କେତେକଙ୍କ ମତରେ– '' ଅଦୋଷୌ ସଗୁଣୌ ସାଳଂକାର ଶବ୍ଦାର୍ଥ କ୍ୱାପି ପୁନଃ କ୍ୱାପି'' । ପୁଣି କାହା ମତରେ – '' ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦଃ କାବ୍ୟଂ'' । ଏହିପରି ଆହୁରି କେତେ ଲକ୍ଷଣ ମଧ୍ୟ ରହିଛି । ଏସବୁ ପ୍ରାଚୀନ ଲକ୍ଷଣ ଛଡ଼ା ଅର୍ବାଚୀନ ଲକ୍ଷଣ କେତେ ମଧ୍ୟ ଶୁଣିବାକୁ ମିଳେ । ସେଗୁଡ଼ିକ ହେଲା– ୧. ସାହିତ୍ୟ ଜୀବନର ପ୍ରତିବିମ୍ବ । ୨. ସାମାଜିକ ବିକାଶର ପ୍ରକାଶ ହିଁ ସାହିତ୍ୟ । ୩. ମନୋରଞ୍ଜକ କଳାତ୍ମକ ରଚନାର ନାମ ସାହିତ୍ୟ । ୪. ସାହିତ୍ୟ ସମାଜର ପ୍ରତିଛବି ଇତ୍ୟାଦି । ଏସବୁ ପ୍ରାଚ୍ୟ ଚିନ୍ତା ପ୍ରସୂତ ଲକ୍ଷଣ ବ୍ୟତୀତ ପାଶ୍ଚାତ୍ୟ ବିଦ୍ୱାନମାନଙ୍କ ସାହିତ୍ୟ ଲକ୍ଷଣ ମଧ୍ୟ ରହିଛି । ସେଗୁଡ଼ିକ ହେଲା (1) " Literature is the criticism of life", (2) "Literature is the expression of society" (3) Literature is the immortality of speach" ଇତ୍ୟାଦି । ଅତଏବ ଏ ସବୁର ନିର୍ଯ୍ୟାସ ସ୍ୱରୂପ କୁହାଯାଇପାରେ– ସାହିତ୍ୟ ବସ୍ତୁଟି ଅନାଖ୍ୟେୟ ଓ ତା'ର ପୂର୍ଣ୍ଣଲକ୍ଷଣ ସହଜସାଧ୍ୟ ନୁହେଁ । ଉପରୋକ୍ତ ସମସ୍ତ ପ୍ରକାର ଲକ୍ଷଣରେ ସାହିତ୍ୟର ବିଭିନ୍ନ ବିଭାବ ସମ୍ବନ୍ଧରେ ଆଂଶିକ ସଂକେତ ରହିଥିଲେ ସୁଦ୍ଧା କୌଣସିଟି ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ଉପନ୍ୟାସ, ପ୍ରବନ୍ଧ, କାବ୍ୟ ନାଟକ, କବିତା, ଗଳ୍ପ ସବୁଥିରେ ସାହିତ୍ୟର ଆଂଗିକ ପରିପ୍ରକାଶ ଘଟିଥାଏ ବୋଲି ସେ ସବୁକୁ 'ସାହିତ୍ୟ' ଆଖ୍ୟା ଦିଆଯାଇଥାଏ ।

କିନ୍ତୁ, ଆଜିକାଲି ଅଧିକାଂଶ ଓଡ଼ିଆ ସାହିତ୍ୟ ଅନୁଷ୍ଠାନ ଏବଂ ସଭାସମିତିରେ ପ୍ରଧାନ ଚର୍ଚ୍ଚାର ବିଷୟ ହେଉଛି– ଆମ ସାହିତ୍ୟର ପାଠକ ସଂଖ୍ୟା ଅତି ନଗଣ୍ୟ, ଏଣୁ ପାଠକ ସଂଖ୍ୟା ବଢ଼ାଇବା ଆବଶ୍ୟକ ନହେଲେ ସାହିତ୍ୟର ସମୃଦ୍ଧି ସମ୍ଭବ ନୁହେଁ । କଥାଟା ସମ୍ପୂର୍ଣ୍ଣ ସତ୍ୟ ନହେଲେ ମଧ୍ୟ ଏକାବେଳକେ ମିଥ୍ୟା ନୁହେଁ । ପାଠକ ନଥିଲେ ସାହିତ୍ୟର ମୂଲ୍ୟ ବା କ'ଣ ? ତାକୁ ବୁଝିବ କିଏ ? ସାହିତ୍ୟ ବା ସୃଷ୍ଟି ହେବ କାହିଁକି ? ଏଇଠି କିନ୍ତୁ ମନରେ ପ୍ରଶ୍ନ ଉଠେ– ପାଠକ ସଂଖ୍ୟା ବଢ଼ିବ କିପରି ? ପାଠକ ବୋଇଲେ ତ ଖାଲି ଅକ୍ଷର ପରିଚୟ ଥିବା କିମ୍ବା ଛାପା ବହି ଖଣ୍ଡିଏ ପଢ଼ିପାରୁଥିବା ଲୋକକୁ ବୁଝାଏ ନାହିଁ; ପାଠକ ଶବ୍ଦର ଅର୍ଥ ନିଆରା । 'ପାଠକ' ବୋଇଲେ, ଗୋଟିଏ ଦୃଷ୍ଟିରେ ଯେପରି ପଢ଼ିପାରିବା ଲୋକ ଅନ୍ୟ ଦୃଷ୍ଟିରେ ସେହିପରି ଗଭୀର ତତ୍ତ୍ୱାର୍ଥବୋଧକ । ଦ୍ୱିତୀୟ ପ୍ରକାର ବ୍ୟକ୍ତିକୁ 'ସହୃଦୟ' କୁହାଯାଏ । କାଳିଦାସଙ୍କ ଭାଷାରେ 'ପାଠକ'ର ପର୍ଯ୍ୟାୟବାଚୀ ଶବ୍ଦ ହେଉଛି 'ବିଦ୍ୱାନ' । ତେଣୁ ସେ କହନ୍ତି – ''ଆପରିତୋଷାଦ୍ ବିଦୁଷାଂ ନ ସାଧୁ ମନ୍ୟେ ପ୍ରୟୋଗ ବିଜ୍ଞାନଂ'' ଅର୍ଥାତ ବିଦ୍ୱତ୍‌ସମାଜର ସନ୍ତୋଷ ବିଧାନ ନହେଲାଯାଏଁ ମୋ ରଚନାକୁ ଉତ୍ତମ ବୋଲି କହି ପାରିବି ନାହିଁ । ଏଣେ ପୁଣି ଧ୍ୱନ୍ୟାଲୋକକାର ଆନନ୍ଦବର୍ଦ୍ଧନ 'ବିଦ୍ୱାନ' ଶବ୍ଦର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ କହନ୍ତି– 'ପ୍ରଥମତୋ ବିଦ୍ୱାଂସୋ ବୈୟାକରଣାଃ' । ତାଙ୍କ ମତରେ ବୈୟାକରଣ ବା ଶବ୍ଦାର୍ଥଜ୍ଞାନୀଙ୍କୁ ହିଁ ମୁଖ୍ୟତଃ 'ବିଦ୍ୱାନ' କୁହାଯାଏ । କାରଣ, ସେମାନେ ହେଉଛନ୍ତି ଶବ୍ଦାର୍ଥ ପ୍ରୟୋଗର ତାତ୍ପର୍ଯ୍ୟ ବୋଧ କରିବାରେ ସମର୍ଥ । ଅତଏବ 'ସହୃଦୟ' ଏହା କହିବାର ଉଦ୍ଦେଶ୍ୟ, ଶବ୍ଦାର୍ଥଜ୍ଞାନ ନଥିଲେ କୌଣସି ରଚନାର ଭାବବୋଧ ସହଜ ନୁହେଁ । ତାତ୍ପର୍ଯ୍ୟବୋଧ ତ ଆହୁରି ଦୂରର କଥା ।

ଏଇ ପରିପ୍ରେକ୍ଷୀରେ ବିଚାର କଲେ ପାଠକ ଆଖ୍ୟା ଅର୍ଜନ କରିବା କେତେଦୂର କଷ୍ଟସାଧ୍ୟ ତାହା ସହଜେ ଅନୁମେୟ । ଅତଏବ

ପାଠକ ସଂଖ୍ୟା ବଢ଼ାଇବା କଣ ସହଜ ବ୍ୟାପାର ? ଏହା କୌଣସି ବ୍ୟକ୍ତି ବା ସଂଘ ଉଦ୍ୟମରେ ସଂଘଟିତ ହୋଇ ନପାରେ । ଏ ଏକ ସାର୍ବଜନୀନ ପ୍ରକ୍ରିୟା । ଏଠାରେ ସାମୂହିକ ଶିକ୍ଷାର ପ୍ରୟୋଜନୀୟତା ରହିଛି । ସମାଜ ଯେଉଁ ପରିମାଣରେ ଶିକ୍ଷିତ ସେହି ପରିମାଣରେ ତା'ର ପାଠକ ସଂଖ୍ୟା ବଢ଼େ । ପାଠକଙ୍କ ସଂଖ୍ୟା ଅନୁପାତରେ ସାହିତ୍ୟର ସୃଷ୍ଟି ଓ ସଂପ୍ରସାରଣ ଘଟେ ଏବଂ ତା'ର ମାନ ମଧ୍ୟ ଉତ୍ତରୋତ୍ତର ବୃଦ୍ଧି ପାଏ । ପାଠକର ଦୃଷ୍ଟିଭଙ୍ଗୀ ଉନ୍ନତ ଥିଲେ ଉଚ୍ଚକୋଟିର ସାହିତ୍ୟ ଛଡ଼ା ଅପକୃଷ୍ଟ ସାହିତ୍ୟ ସୃଷ୍ଟିର ସମ୍ଭାବନା ନଥାଏ । ତାହା ଘଟିଲେ ମଧ୍ୟ ଦୀର୍ଘସ୍ଥାୟୀ ହୁଏ ନାହିଁ । ଏପରି ଭାବେ ଦେଖିଲେ, ପାଠକର ସଂଖ୍ୟା ଓ ସ୍ୱରୂପ ସହିତ ଉତ୍ପନ୍ନ ସାହିତ୍ୟର ପ୍ରକୃତି ଓ ପ୍ରୟୋଜନୀୟତା ପ୍ରଶ୍ନ ମଧ୍ୟ ମନରେ ଜାଗ୍ରତ ହୁଏ ।

ସାହିତ୍ୟର ସ୍ୱରୂପ ଓ ଲକ୍ଷଣ ସମ୍ବନ୍ଧରେ ଆଗରୁ ସୂଚନା ଦିଆଯାଇଛି । ବାସ୍ତବିକ୍ ଉଚ୍ଚକୋଟିର ସାହିତ୍ୟ ହେଉଛି ସିଏ, ଯାହା କଳାତ୍ମକ ଶବ୍ଦ ରୂପରେ କବିମାନସରୁ ଉତ୍ପନ୍ନ ହୋଇ ସାମାଜିକ ଚିତ୍ର ମାଧ୍ୟମରେ ହିତସାଧନ ପୂର୍ବକ ସମାଜକୁ ବିକାଶ ପଥରେ ଅଗ୍ରସର କରାଏ । ତାଦୃଶ ସାହିତ୍ୟ ଜୀବ ଜଗତରେ ପଞ୍ଚେନ୍ଦ୍ରିୟ ପ୍ରାଣୀ ମନୁଷ୍ୟ ତୁଲ୍ୟ ସର୍ବଶ୍ରେଷ୍ଠ । ଅନ୍ୟଗୁଡ଼ିକ ଏକେନ୍ଦ୍ରିୟ, ଦ୍ୱିନ୍ଦ୍ରିୟ ବା ତ୍ରିନ୍ଦ୍ରିୟ ପ୍ରାଣୀ ଜୀବ ପଦବାଚ୍ୟ ହେଲା ପରି 'ସାହିତ୍ୟ' ଆଖ୍ୟା ଧାରଣ କଲେ ସୁଦ୍ଧା ବିଦଗ୍ଧ ପାଠକ ସମାଜରେ ଆଦୃତ ହୋଇପାରେ ନାହିଁ । ଫଳତଃ ତାଦୃଶ ସାହିତ୍ୟର ପାଠକ ସଂଖ୍ୟା ନ୍ୟୁନ ହୋଇପଡ଼େ । ଏଠାରେ ମନେ ରଖିବା ଉଚିତ, ଯେଉଁ ଭାଷାରେ ଯେତେ ଉତ୍କୃଷ୍ଟ ସାହିତ୍ୟର ସୃଷ୍ଟି ଘଟେ, ସେ ଭାଷାର ସାହିତ୍ୟ-ପାଠକ ସଂଖ୍ୟା ସେତେ ଅଧିକ ହୁଅନ୍ତି । ତା' ସଂଗେ ସଂଗେ ଏହା ବି ଅନୁଭୂତ ହୁଏ ଯେ, ପାଠକ ସଂଖ୍ୟାର ବହୁଳତା ଦୃଷ୍ଟିରୁ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ହୋଇଥାଏ । ଏହି ସମସ୍ୟା ପ୍ରତି ଦୃକ୍‌ପାତ ନକରି ଆମେ ଯଦି କହୁ ଓଡ଼ିଆ ସାହିତ୍ୟର ପାଠକ ସଂଖ୍ୟା ଅତି ନଗଣ୍ୟ, ତେବେ ସେଥିପାଇଁ ଦାୟୀ କିଏ ଏକଥା ପ୍ରଥମେ ବିଚାରକୁ ନେବା ଉଚିତ । ତା' ନକରି କାରଣ ସ୍ୱରୂପ ଆମେ ଯଦି କହୁ– ଆମ ଛାପା ବହି ଗୁଡ଼ିକର ଗେଟପ୍ ସୁନ୍ଦର ନୁହେଁ, ଛାପାକାଗଜ ଅତି ନିମ୍ନମାନର, ଓଡ଼ିଆ ପାଠକଙ୍କ ବହି କିଣି ପଢ଼ିବାର ପ୍ରବୃତ୍ତି ନାହିଁ ତେଣୁ ଓଡ଼ିଆ ସାହିତ୍ୟର ଆଶାନୁରୂପ ବିକାଶ ଘଟିପାରୁନାହିଁ । କଥାରେ ଯତ୍କିଂଚିତ ସତ୍ୟତା ରହିଥାଇପାରେ, କାରଣ, ଯୁଗରୁଚି ଅନୁଯାୟୀ ଏସବୁ ମଧ୍ୟ ଯେ କାରଣ, ଏଥିରେ ଦ୍ୱିମତ ରହିନପାରେ, କିନ୍ତୁ ସେ ସବୁ ଗୌଣ ସିନା ମୁଖ୍ୟ କାରଣ ନୁହେଁ । ପ୍ରକୃତ କାରଣ ହେଉଛି ସର୍ବବିଧ ପାଠକଙ୍କ ମନୋରଞ୍ଜନ ହେଉଥିବା ରଚନାର ଅଭାବ । ତା'ବୋଲି ଇତର ଭାଷାର ପୁସ୍ତକମାନଙ୍କରେ ସାହିତ୍ୟର ସମସ୍ତ ଉପାଦାନ ଯେ ବିଦ୍ୟମାନ, ଏ କଥା ନୁହେଁ । ଓଡ଼ିଆ ପୁସ୍ତକ ପରି ସେଗୁଡ଼ିକର ଭିତର ମୂଲ୍ୟ ସମାନ ହେଲେ ସୁଦ୍ଧା ଉପର ଚାକଚକ୍ୟ ହେତୁ ଅଧିକ ଆକର୍ଷଣୀୟ ହେବା ହେତୁ ଓଡ଼ିଆଙ୍କ ଭିତରେ ସେଗୁଡ଼ିକର କାଟ୍‌ତି ଟିକିଏ ବେଶୀ । ସେଥିପାଇଁ କେତେଜଣ ନିର୍ଦ୍ଦିଷ୍ଟ ଖରିଦ୍‌ଦାର ଥାଆନ୍ତି, ଯେଉଁମାନେ ଆପଣାକୁ 'ପାଠକ' ବୋଲି ଦେଖାଇବାକୁ ଚାହାଁନ୍ତି, କିନ୍ତୁ ପ୍ରଚ୍ଛଦପଟ ବା କାଗଜ ଯାହା ହେଉଥାଉ ପଛକେ ବହିର ଭିତର ମୂଲ୍ୟ ଯଦି ଆଶାନୁରୂପ ହୁଏ ତେବେ ବହିର ଅନାଦର ଘଟି ନଥାଏ । ଆପେ ଆପେ ତାହାର ପାଠକ ସଂଖ୍ୟା ବଢ଼ି ବଢ଼ି ଚାଲେ । ଏ ପ୍ରସଙ୍ଗରେ ମୋର କହିବାର କଥା, ଆମ ରାଷ୍ଟ୍ରର ଅପେକ୍ଷାକୃତ ଅଧିକ ଶିକ୍ଷିତ ଓ ଉନ୍ନତ ରାଜ୍ୟ ସହିତ ଓଡ଼ିଶାର ପାଠକ ସଂଖ୍ୟାର ତୁଳନାତ୍ମକ ବିଚାର କରି ଓଡ଼ିଆ ପାଠକ ଶ୍ରେଣୀ ଉପରେ ଦୋଷାରୋପ କରିବା ସଂଗତ ନୁହେଁ । ଯେହେତୁ ଲେଖକ ଓ ପାଠକ ଉଭୟ ଉଭୟର ପରିପୂରକ, ଜଣକ ବିନା ଅନ୍ୟର ସ୍ଥିତି ଏକାବେଳକେ ଦୁର୍ବଳ ଏପରିକି ଅସମ୍ଭବ କହିଲେ ଚଳେ । ଏ କଥାର ସ୍ପଷ୍ଟୀକରଣ ପାଇଁ ସଂସ୍କୃତ ଭାଷାର 'ଅନ୍ୟାପଦୀ' ଶ୍ଳୋକଟିଏ ମନକୁ ଆସେ । ସେଥିରେ କେହି ଜଣେ ମହୁଫେଣାକୁ ଲକ୍ଷ୍ୟ କରି ପଚାରିଛି–

''ମାଧ୍ୱୀକ ବଦ ବିସ୍ପଷ୍ଟଂ ପୁଷ୍ଟଂ କେନ କଳେବରଂ

ମକରନ୍ଦେନ ଭୃଙ୍ଗେଣ ସଂଯୋଗେନା ଅବା ଦ୍ୱୟୋଃ''

ଅର୍ଥହେଲା– ହେ ମାଧ୍ୱୀକ (ମହୁଫେଣା) ତୁମ ଶରୀର କାହାଦ୍ୱାରା ଏପରି ପରିପୁଷ୍ଟ ହୋଇଛି ? ମକରନ୍ଦ ଦ୍ୱାରା ନା ଭ୍ରମର ଦ୍ୱାରା ନା ଉଭୟଙ୍କ ସହଯୋଗରେ ? ଉତ୍ତରରେ ମହୁଫେଣା କହୁଛି–

''ନୈକ ଚକ୍ରରଥୋ ଯାତି ନୈକେନ ସୃଷ୍ଟି ସମ୍ଭବଃ

କିମତ୍ର ପୃଚ୍ଛ୍ୟତେ ସାଧୋ ଯୋଗଃ କର୍ମସୁ କୌଶଳଂ''

ହେ ମହାଶୟ ! ଗୋଟିଏ ଚକରେ ରଥ ଚାଲେନି । ଏକ ପୁରୁଷ କିମ୍ବା ପ୍ରକୃତି ଦ୍ୱାରା ସୃଷ୍ଟି ସମ୍ଭବ ହୁଏ ନି, କାର୍ଯ୍ୟ ସିଦ୍ଧିର ପ୍ରଧାନ ଉପାୟ ହେଲା ଯୋଗ ବା ସଂଯୋଗ ଏଥିରେ ପ୍ରଶ୍ନ କରିବାର କ'ଣ ଅଛି ? ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେଇୟା । ଲେଖକ ଓ ପାଠକ ପରସ୍ପର ସହଯୋଗରେ କେବଳ ସାହିତ୍ୟ ପରିପୁଷ୍ଟ ହୁଏ । କିନ୍ତୁ ଏସବୁର ମୂଳରେ ରହିଛି ଭାଷା । ଏ କଥା ଜାଣି ସୁଦ୍ଧା ଆମେ 'ନବୀକରଣ' ନାମରେ ଅବାଞ୍ଛିତ ଯୁକ୍ତିମାନ ଦର୍ଶାଇ ଭାଷାକୁ ଦୁର୍ବଳ ଓ ସଂକୁଚିତ କରିପକାଉ, ସେଥିପାଇଁ ଦାୟୀ କିଏ ହେବ ? ଆମେ ନୁହଁ କି ? କାହାକୁ କହିବା ଏ କଥା !!

ଚନ୍ଦ୍ରପ୍ରଭା ସାହୁ, ଚମ୍ପୁଆ, ଜି. କେଓଁଝର

# ଆମ ରାଜ୍ୟ – ଆମ ପ୍ରଗତି

● ଡକ୍ଟର ହୃଷିକେଶ ମିଶ୍ର

ଆଜକୁ ୧୦୦୦ ବର୍ଷ ତଳେ ଓଡ଼ିଶା ସମୃଦ୍ଧ ଥିଲା । ଏଠିକାର ଲୋକେ ଜାଭା, ବାଲି, ସୁମାତ୍ରା, ବୋର୍ଣିଓ, ସିଂହଳ ଇତ୍ୟାଦି ଯାଇ ବାଣିଜ୍ୟ ବ୍ୟବସାୟ କରିବା ସହ ଉପନିବେଶ ସ୍ଥାପନ କରିବାର ଚିହ୍ନ ତଥା ଏମାନଙ୍କର ବଂଶଧର ଆଜିବି ସେଠାରେ ଦେଖାଯାନ୍ତି । ସେତେବେଳେ ଓଡ଼ିଶା ଉତ୍କଳ, ଉଡ୍ରଦେଶ ବା 'କଳିଙ୍ଗ' ନାମରେ ଜଣାଶୁଣା ଥିଲା । କଳିଙ୍ଗାଃ ସାହସିକାଃ ବୋଲି ଲୋକ ମୁଖରେ ପରିଚିତ ଥିଲେ ।

ଏହାର ଅର୍ଥନୈତିକ ଅବକ୍ଷୟ ଆରମ୍ଭ ହେଲା ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରୁ । ତଥାପି ଏଠିକାର ଲୋକେ ୧୭୫୦ ମସିହା ପର୍ଯ୍ୟନ୍ତ ସୁଖ ଓ ଶାନ୍ତିରେ ଥିଲେ । ନୌବାଣିଜ୍ୟର ପତନ ପରେ ମଧ୍ୟ ଭଲ ଫସଲ ସାଙ୍ଗକୁ ଗ୍ରାମ୍ୟ ଶିଳ୍ପ ମାଧ୍ୟମରେ ଲୋକେ ସମସ୍ତ ଜିନିଷ ପାଉଥିଲେ । ଅଭାବ ଓ ଅନଟନ ଖୁବ୍ କମ୍ ଥିଲା । ଯଦିବା ପଡୁଥିଲା ତାହା ପରସ୍ପର ସାହାଯ୍ୟ ଓ ଜନ ହିତକାରୀ ଜମିଦାର ଓ ରାଜାଙ୍କ ଯୋଗୁଁ ବାଧୁ ନଥିଲା । ମାତ୍ର ପ୍ରକୃତ ଅଧଃପତନ ଆରମ୍ଭ ହେଲା ମରହଟ୍ଟା ଓ ଇଂରେଜଙ୍କ ଓଡ଼ିଶା ଅଧିକାର ପରେ- ୧୮୦୩ ମସିହା ପରଠାରୁ । ୧୯୦୩ ସୁଦ୍ଧା ଏ ୧୦୦ ବର୍ଷରେ ଓଡ଼ିଶାର ମେରୁଦଣ୍ଡ ଦୋହଲି ଗଲା । ଏହା ବିଶେଷ ଅନୁନ୍ନତ ଅବସ୍ଥାରେ ପଡ଼ିରହିଲା । ଉକ୍ତ ଅର୍ଥନୈତିକ ଅନଗ୍ରସରତା ସାଙ୍ଗକୁ ବନ୍ୟା, ବାତ୍ୟା ଓ ମରୁଡ଼ିର ପ୍ରକୋପ ତଥା ବିଭିନ୍ନ ରୋଗ ଇତ୍ୟାଦିରେ ଲୋକେ ବହୁ କଷ୍ଟ ପାଇ ଭୋକ ଉପାସରେ ମରୁଥିଲେ ।

ଦୁର୍ଭିକ୍ଷ ଓ ଦାରିଦ୍ର୍ୟ ବୃଦ୍ଧି ସାଙ୍ଗକୁ ଲୋକଙ୍କ ମଧ୍ୟରେ ତଥା ରାଜା ଓ ପ୍ରଜାଙ୍କ ମଧ୍ୟରେ ପୂର୍ବର ସେ ଏକତା ତଥା ପରସ୍ପର ସାହାଯ୍ୟ ମନୋଭାବ ଆଉ ରହିଲା ନାହିଁ । ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ କେତେବେଳେ ବଙ୍ଗଳା ଅଧୀନରେ ତ କେତେବେଳେ ବିହାର ସହିତ ରହିଲା । ଏହାର ପଶ୍ଚିମାଞ୍ଚଳ ମଧ୍ୟପ୍ରଦେଶ ତଥା ଦକ୍ଷିଣାଞ୍ଚଳ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ରହି ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିଲା ।

ଏପରି ଅବହେଳିତ ତଥା ନିର୍ଯ୍ୟାତିତ ରହି ତତ୍କାଳୀନ ଉତ୍କଳର କେତେକ ବରପୁତ୍ର ମଧୁସୂଦନ, ଗୋପବନ୍ଧୁ, ପାରଳା ରାଜା ଇତ୍ୟାଦିଙ୍କ ଅକ୍ଳାନ୍ତ ଉଦ୍ୟମରେ ଏବଂ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଶା ୧୯୩୬ ମସିହା ଅପ୍ରେଲ ପହିଲାରେ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ତତ୍କାଳୀନ ଓଡ଼ିଶାରେ କେବଳ ୬ଟି ଜିଲ୍ଲା ଏବଂ ୨୪ ଗଡ଼ଜାତ ରାଜ୍ୟ ଅନ୍ତର୍ଭୁକ୍ତ ହେଲା ।

ଯେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା, ସେତେବେଳେ ଏହାର ରାଜଧାନୀ ନଥିଲା, ଉଚ୍ଚ ନ୍ୟାୟାଳୟ ତଥା ବିଶ୍ୱ ବିଦ୍ୟାଳୟ ନଥିଲା । ରାସ୍ତାଘାଟର ଅବସ୍ଥା ଶୋଚନୀୟ ଥିଲା । କଲେଜ ଓ ହାଇସ୍କୁଲ ସଂଖ୍ୟା ବହୁତ କମ୍ ଥିଲା । ବନ୍ୟା, ବାତ୍ୟା ଓ ମରୁଡ଼ିର ବିଭୀଷିକା ଲାଗି ରହିଥିଲା । ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇ ମଧ୍ୟ ଅତ୍ୟନ୍ତ ଅନୁନ୍ନତ ହୋଇ ପଡ଼ିରହିଲା ।

ଦେଶ ସ୍ୱାଧୀନତା ପରେ ଏବଂ ଓଡ଼ିଶାରେ ଦେଶୀୟ ରାଜ୍ୟ ସମୂହର ମିଶ୍ରଣ (ଢେଙ୍କାନାଳ, ନୀଳଗିରି, ତାଳଚେର, ରେଢ଼ାଖୋଲ, ନୟାଗଡ଼, ଆଠଗଡ଼, ପାଲ୍ଲହଡ଼ା, ଗାଙ୍ଗପୁର, ରଣପୁର, ହିନ୍ଦୋଳ, ବାମଣ୍ଡା, ଦଶପଲ୍ଲା, ସୋନପୁର, ଖଣ୍ଡପଡ଼ା, ଆଠମଲ୍ଲିକ, ବଣାଇ, ବୌଦ୍ଧ, ବଡ଼ମ୍ବା, ନରସିଂହପୁର, କଳାହାଣ୍ଡି, ତିଗିରିଆ, କେନ୍ଦୁଝର, ପାଟଣା, ମୟୂରଭଞ୍ଜ, ଷଢ଼େଇକଳା ଓ ଖରସୁଆଁ ଇତ୍ୟାଦି) ପରେ ଓଡ଼ିଶା ୧୩ ଟି ଜିଲ୍ଲା ହେଲା । ଏହାର ପରିସୀମା ଥିଲା ୬୦୦୧୭ ବର୍ଗ ମାଇଲ । ୧୯୪୮ ଅପ୍ରେଲ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ଭୁବନେଶ୍ୱର ରାଜଧାନୀ ଶିଳାନ୍ୟାସ ହେଲା । ୧୯୪୯ ଜୁନଠାରୁ ସରକାରୀ ଦପ୍ତର ସବୁ ଭୁବନେଶ୍ୱର ଆସିଲା । ରାଜଧାନୀ ଭୁବନେଶ୍ୱର ପ୍ରଥମେ ୨୫୦୦୦ ଲୋକଙ୍କ ପାଇଁ କଳ୍ପନା କରାଯାଇ ଥିଲା

ବନ୍ୟା ଓ ମରୁଡ଼ିର ପ୍ରତିକାର ନିମନ୍ତେ ହୀରାକୁଦ ନଦୀବନ୍ଧ ଯୋଜନାର ଶୁଭ ଦିଆଗଲା । ଲକ୍ଷ୍ୟ ରହିଲା ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ । ୧୯୫୧ ମସିହାରେ ଓଡ଼ିଶାର ଲୋକ ସଂଖ୍ୟା ୧୪୬ କୋଟି ଏବଂ ପୁରୁଷଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ କମ୍ ଥିଲା । ଜନସଂଖ୍ୟାର ଦୁଇ ତୃତୀୟାଂଶ ଅନୁନ୍ନତ ଜାତି ଓ ଉପଜାତି ତଥା ଏକ ତୃତୀୟାଂଶ ଉଚ୍ଚ ବର୍ଗର ଲୋକ ଥିଲେ । କଟକ କେବଳ ଗୋଟିଏ ନଗର ତଥା ବ୍ରହ୍ମପୁର ୩୮ ଗୋଟି ସହର ମଧ୍ୟରେ ଥିଲା ବୃହତ୍ତମ । ସେତେବେଳେ ସହରରେ ଶତକଡ଼ା ୫ ଭାଗ ଲୋକ ରହୁଥିଲେ । କୃଷି ଉପରେ ନିର୍ଭର କରି ୮୦ ଭାଗ ଲୋକେ ଚଳୁଥିଲେ ।

## ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି

୧୯୩୬ ମସିହାରେ ଓଡ଼ିଶାର ଆୟ ଥିଲା ୧.୬୮ କୋଟି ତଥା ବ୍ୟୟ ଥିଲା ୧.୭୧ କୋଟି ଟଙ୍କା । ୧୯୪୯-୫୦ ରେ ଏହା ଥିଲା ଯଥାକ୍ରମେ ୧୦.୭୨ କୋଟି ଓ ୧୧.୦୪ କୋଟି ଟଙ୍କା । ୧୯୫୫-୫୬ ରେ ୧୯.୫୭ କୋଟି ଓ ୨୬.୬୩ କୋଟି ଟଙ୍କା । ୧୯୮୦-୮୧ ରେ ଆୟ ଓ ବ୍ୟୟ ବଢ଼ି ଏହା ୩୪୪୨.୬୯ କୋଟି ତଥା ୧୯୯୫-୯୬ ରେ ଏହାଥିଲା ୫୩୪୬.୧୫ କୋଟି ଟଙ୍କା । ବାର୍ଷିକ ୧୨.୩୦ ପ୍ରତିଶତ ବୃଦ୍ଧି ଘଟିଥିଲା । ମୁଣ୍ଡପିଛା ଆୟ ବୃଦ୍ଧି

ଜାତୀୟ ଆୟ ତୁଳନାରେ ବହୁତ କମ୍ । ସ୍ଥିର ଦରରେ ଏହା ୧୯୮୦-୮୧ରେ ଟ ୧୩୧୪ ଥିବାବେଳେ ୧୯୯୫-୯୬ ରେ ଟ ୧୫୮୧, ଚଳନ୍ତି ଦରରେ ଏହା ୧୯୯୫-୯୬ ରେ ୫୧୫୭ ଟଙ୍କା ଥିବା ବେଳେ ୧୯୯୭-୯୮ରେ ହୋଇଛି ଟ୬୦୨୯ ଙ୍କା - ଜାତୀୟ ମୁଣ୍ଡପିଛା ଆୟ ତୁଳନାରେ ଟ ୨୨୦୮ ଙ୍କା କମ୍ । ଏହା ଓଡ଼ିଶାବାସୀଙ୍କ ନିମନ୍ତେ ଘୋର ଉଦ୍‌ବେଗର ବିଷୟ ।

ମାତ୍ର ୧୯୩୬ ଠାରୁ ପ୍ରତ୍ୟେକ ୨୦ ବର୍ଷର ପରିସଂଖ୍ୟାନ ଅନୁଧ୍ୟାନ କଲେ ଓଡ଼ିଶାର ଉନ୍ନତି ୧୯୫୬, ୧୯୭୬ ଓ ୧୯୯୬ରେ କ୍ରମଶଃ ଅଧିକ ହୋଇ ଚାଲିଛି । ଏହା ୧୯୩୬ ରେ ଶୂନଠାରୁ ଆରମ୍ଭ ହୋଇ ୧୯୯୮-୯୯ ଆଡ଼କୁ ଉନ୍ନତି ଦିଗରେ ଅଗ୍ରସର ହେଉଛି ।

## ରାଜ୍ୟ ଯୋଜନା

ରାଜ୍ୟରେ ପ୍ରଥମ ଯୋଜନାରେ ୨୦.୦୪ କୋଟି ଟଙ୍କା ବ୍ୟବସ୍ଥା ହୋଇ କୃଷି ଉପରେ ଗୁରୁତ୍ୱ ଦିଆଗଲା । ଦ୍ୱିତୀୟ ଯୋଜନାରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ଶିଳ୍ପ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଗଲା । ତୃତୀୟ ଯୋଜନାରେ କୃଷି ଶିଳ୍ପ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମରେ ବେକାରୀ, ଦାରିଦ୍ର୍ୟ, ସ୍ୱାବଲମ୍ବନଶୀଳତା, ପରିବାର ନିୟନ୍ତ୍ରଣ, ବନ୍ୟା, ବାତ୍ୟା, ମରୁଡ଼ିର ମୂଳୋତ୍ପାଟନ ନିମନ୍ତେ ଅଭିମୁଖ୍ୟ ଗ୍ରହଣ କରାଗଲା । ଯୋଜନା ବ୍ୟୟ ବଢ଼ି ବଢ଼ି ଚାଲିଲା । ଫଳରେ ଅଷ୍ଟମ ଯୋଜନାରେ ୧୦୦୦୦ କୋଟି ଟଙ୍କା ଓ ୯ମ ଯୋଜନାରେ ୧୫୦୦୦ କୋଟି ଟଙ୍କାର ଆକଳନ କରାଯାଇ ରାଜ୍ୟକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଦେଖା ଯାଉଥିଲା । ଦରିଦ୍ର ରାଜ୍ୟର ନିଜସ୍ୱ ସମ୍ବଳ ସଂଗ୍ରହର ଉପାୟ ନଥିବାରୁ ଯୋଜନା ବ୍ୟୟର ୯୦ ଭାଗ ସାଧାରଣତଃ ଋଣରୁ ଅର୍ଥାତ୍ କେନ୍ଦ୍ର ସରକାର, ବୈଦେଶିକ, ଖୋଲାବଜାର, ଭବିଷ୍ୟନିଧି ପାଣ୍ଠି ଓ ନାବାର୍ଡ଼ ଇତ୍ୟାଦିରୁ ଆସେ । ସମ୍ବଳ ସଂଗ୍ରହ କମ୍ ହେଲେ ଯୋଜନା ବ୍ୟୟରେ କାଟ କରାଯାଇଥାଏ । ମାତ୍ର ରାଜ୍ୟର ମୁଣ୍ଡପିଛା ଆୟରେ ଉନ୍ନତି ଆଣି ଜାତୀୟ ମୁଣ୍ଡପିଛା ଆୟ ସହ ସମାନ କରିବାକୁ ହେଲେ ଆମ ରାଜ୍ୟର ୯ମ ଯୋଜନାର ଅଟକଳ ଅତିକମ୍‌ରେ ୨୦୫୦୦ କୋଟି ଟଙ୍କା ହେବା ଦରକାର । ମାତ୍ର ଏତେ ଅଧିକ କୋଟି ଟଙ୍କାର ସମ୍ବଳ ସଂଗ୍ରହ ଏଠି ଅସମ୍ଭବ । ଏଣୁ ଓଡ଼ିଶାର ଉନ୍ନତି ହୋଇ ପାରୁନି । ଏ ସମସ୍ତ ଯୋଜନାମାନଙ୍କରେ ରାଜ୍ୟର ଉନ୍ନତି ଓ ମୁଣ୍ଡପିଛା ଆୟରେ ସ୍ୱଳ୍ପ ପରିବର୍ତ୍ତନର ଏକ ପରିସଂଖ୍ୟାନ ନିମ୍ନରେ ପ୍ରଦତ୍ତ ହେଲା -

## ବିଭିନ୍ନ ଯୋଜନାରେ ରାଜ୍ୟରେ ଉନ୍ନତି

| ଯୋଜନା | ଉନ୍ନତି ହାର | ମୁଣ୍ଡପିଛା ଆୟ |
|---|---|---|
| ପ୍ରଥମ ଯୋଜନା (୫୧-୫୬) | ୩.୩୬ | ୧.୩୯ |
| ଦ୍ୱିତୀୟ ଯୋଜନା (୫୬-୬୧) | ୨.,୦୦ | ୦.୨୮ |
| ତୃତୀୟ ଯୋଜନା (୬୧-୬୫) | ୩.୯୭ | ୧.୪୯ |
| ଚତୁର୍ଥ ଯୋଜନା (୬୯-୭୪) | ୧.୧୫ | (-)୦.୯୬ |
| ପଞ୍ଚମ ଯୋଜନା (୭୪-୭୯) | ୨.୭୪ | ୦.୭୭ |
| ଷଷ୍ଠ ଯୋଜନା (୮୦-୮୫) | ୨.୮୯ | ୧.୧୫ |
| ସପ୍ତମ ଯୋଜନା(୮୫-୯୦) | ୭.୧୮ | ୫.୨୪ |
| ଅଷ୍ଟମ ଯୋଜନା (୯୦-୯୫) | ୩.୪୬ | ୧.୬୦ |

ଯୋଜନା ପରେ ଯୋଜନା ହେଲେ ମଧ୍ୟ ଓଡ଼ିଶାର ଆଶାନୁରୂପ ଉନ୍ନତି ହୋଇ ପାରୁନି କି ଓଡ଼ିଶା ଋଣ ଯନ୍ତାରୁ ମୁକ୍ତି ପାଇ ପାରୁନି । ଫଳରେ ବିଭିନ୍ନ ଅର୍ଥକମିଶନଙ୍କଠାରେ ଓଡ଼ିଶାର ଦାବୀ ବାରମ୍ବାର ଉପସ୍ଥାପିତ ହେଉଛି ।

## ଋଣ ଯନ୍ତାରେ ଓଡ଼ିଶା

ରାଜ୍ୟର ଋଣ ବୋଝ ଅତ୍ୟନ୍ତ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ଏକ ସରକାରୀ ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୯୯ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ଋଣଭାର ୧୪ ହଜାର ୭୮୪ କୋଟି ୬୬ ଲକ୍ଷ ଟଙ୍କାରେ ପହଞ୍ଚିବ । ରାଜ୍ୟର ମୁଣ୍ଡପିଛା ଋଣଭାର ବଢ଼ିଛି ୪୦୮୪ ଟଙ୍କାକୁ । ୧୯୯୭ ମାର୍ଚ୍ଚ ସୁଦ୍ଧା ଓଡ଼ିଶାର ଋଣ ଥିଲା ୧୦ହଜାର କୋଟି ଟଙ୍କା ଓ ମୁଣ୍ଡପିଛା ଋଣ ୩୧୦୪ ଟଙ୍କା। ୧୯୮୫-୮୬ ରେ ମୁଣ୍ଡପିଛା ଋଣ ଟ ୭୮୮ଙ୍କା ଥିଲା । ବାର୍ଷିକ ୧୪ ପ୍ରତିଶତ ଋଣ ବଢୁଥିବାର ଆକଳନ କରାଯାଇଛି । ଏହି ଗତିରେ ଋଣ ବଢ଼ି ଚାଲିଲେ ୨୦୦୪-୫ ସୁଦ୍ଧା ଏହା ୩୦ ହଜାର ୬୨୦ କୋଟି ୬୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇ ମୁଣ୍ଡପିଛା ଋଣ ୭୬.୩୫ ଟଙ୍କା ହେବ । ପ୍ରତି ବର୍ଷ କେବଳ ସୁଧ ବାବଦକୁ ଦିଆଯାଏ ୩୩୦ କୋଟି ଟଙ୍କା । ଋଣ ଓ ସୁଧ ପୈଠ ଓଡ଼ିଶା ଆର୍ଥିକ ଦୁର୍ଗତିର ମୂଳ କାରଣ । ଓଡ଼ିଶାର ସୁଧ ପୈଠ ମୋଟ ରାଜସ୍ୱର ୨୦ ପ୍ରତିଶତରୁ ଅଧିକ । ଏଣେ ଅଣଯୋଜନା ଖର୍ଚ୍ଚ ବଢ଼ି ଚାଲିଛି । ଏଣୁ ଯୋଜନା ପାଇଁ ଅଧିକ ଋଣ ବ୍ୟତୀତ ଅନ୍ୟ ଉପାୟ ନାହିଁ । କେନ୍ଦ୍ର ଋଣର ୯୫ ପ୍ରତିଶତ ଋଣ ଓ ସୁଧ ପୈଠରେ ବ୍ୟୟ ହୁଏ । ଏଣୁ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଚାର ଦରକାର ହୁଏ । ଋଣ ନ ମିଳିଲେ ଓଡ଼ିଶା ଋଣ ଯନ୍ତାରୁ ମୁକୁଳି ପାରିବ ନାହିଁ ।

ଦୁର୍ନୀତି, ଭ୍ରଷ୍ଟାଚାର ଦୂର କରି ଏବଂ ବିଭିନ୍ନ ବିଭାଗରେ ଖର୍ଚ୍ଚକାଟ କରି ଓଡ଼ିଶାର ଆର୍ଥିକ ଦୁର୍ଗତି ଦୂର କରିବାର ପ୍ରୟାସ ଏକାନ୍ତ ଆବଶ୍ୟକ ।

## ଉନ୍ନତିର ଦ୍ୱାର ଦେଶରେ ଓଡ଼ିଶା

ପ୍ରାକୃତିକ ସଂପଦ ଭରା ଓଡ଼ିଶାର ବିକାଶ ପାଇଁ ଦ୍ରୁତ ଶିଳ୍ପାୟନ, କୃଷି, ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଉଛି । ଇସ୍ପାତ, ବନ୍ଦର, ରାସ୍ତା ଘାଟ ତଥା ଅନ୍ୟାନ୍ୟ ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ବିଶ୍ୱର ବଡ଼ ବଡ଼ ସଂସ୍ଥାମାନ ଆଗେଇ ଆସୁଛନ୍ତି । ରାଜ୍ୟ ଯୋଜନାରେ ଅନୁନ୍ନତ ବର୍ଗଙ୍କ ଉତ୍‌ଥାନ, ଦ୍ରବ୍ୟର ସୁଷମ ବଣ୍ଟନ ତଥା ପର୍ଯ୍ୟଟନ ବିକାଶ ପ୍ରତି ଅଗ୍ରାଧିକାର ଦିଆଯାଉଛି । ଆମ ରାଜ୍ୟ ଏବେ ପ୍ରଗତିର ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି ।

*ପ୍ରାଧ୍ୟାପକ, ଅର୍ଥନୀତି*
*ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର*

# ଭକ୍ତ କବିରତ୍ନ ଜୟଦେବ: ସୁନ୍ଦରାଞ୍ଚଳ ମହାଜନ

● ଶ୍ରୀ ଶ୍ରୀଧର ପତି

ସନାତନୀ ହିନ୍ଦୁମାନଙ୍କ ମୂର୍ତ୍ତିପୂଜାର ମୌଳିକତତ୍ତ୍ୱ ସଗୁଣ ନିରାକାର ବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ପ୍ରିୟ ସଂଗୀତ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ରଚୟିତା ଭକ୍ତ କବିରତ୍ନ ଶ୍ରୀଜୟଦେବଙ୍କର ଦିନେ ବ୍ରଜଭୂମି ଥିଲା ସୁନ୍ଦରାଞ୍ଚଳରେ ଆଜିର ପଣ୍ୟ ବୀଥିକା-ଦଶାବତାର ମଠ । ବିବାଦୀୟ ଶ୍ରୀଜୟଦେବଙ୍କୁ ୧୯୧୭ ମସିହାରେ ଐତିହାସିକ ୰ ଜଗବନ୍ଧୁ ସିଂହ, ୧୯୨୯ ରୁ ୧୯୩୪ ମଧ୍ୟରେ ସାହିତ୍ୟିକ ୰ ଭଗବାନ ପତି ଓ ୧୯୬୩ରେ ପ୍ରତ୍ନତତ୍ତ୍ୱବିତ୍ ୰ କେଦାରନାଥ ମହାପାତ୍ର ପ୍ରମୁଖ, ସେ ଉତ୍କଳୀୟ ତଥା ପୁଣ୍ୟତୋୟା ପ୍ରାଚୀ ତଟବର୍ତ୍ତୀ କେନ୍ଦୁଲି ଶାସନରେ ପିତା ଭୋଜଦେବ ଓ ମାତା ରାଧା ଦେବୀଙ୍କର ଏକମାତ୍ର ସନ୍ତାନ ତଥା ଜୀବନର ପ୍ରଥମାବସ୍ଥାରେ ସେ ଯାଜ୍ଞିକ ବ୍ରାହ୍ମଣ ଥିବା ପ୍ରମାଣ କରିସାରିଛନ୍ତି । ତଥାପି ତାଙ୍କର ଆଦି ସାଧନା ପୀଠ ତଥା ପ୍ରତିଭାର ଉନ୍ମେଷସ୍ଥଳ ସମ୍ପର୍କରେ ସେମାନେ ନୀରବ । ଉକ୍ତ ସ୍ଥାନଟି ଯେ ଦଶାବତାର ମଠ ପ୍ରାଙ୍ଗଣ, ଏତଦ୍ ସମ୍ପର୍କରେ ଶ୍ରୀମନ୍ଦିର ଗବେଷକ ୰ ସଦାଶିବ ରଥଶର୍ମାଙ୍କ ଲିଖିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଜୟଦେବ ପୁସ୍ତକର ଏକୋଇଶ ପୃଷ୍ଠାରେ ଦଶାବତାର ମଠ ବା ଜୟଦେବ ସାଧନା ପୀଠ ଶୀର୍ଷକ ଲେଖାର ବିଶିଷ୍ଟ ଅଂଶ ଜିଜ୍ଞାସୁମାନଙ୍କ ଗୋଚରାର୍ଥେ ନିମ୍ନରେ ଉଦ୍ଧୃତ ହେଉଛି । ସେ ଲେଖିଛନ୍ତି, " ଏହା ସର୍ବଜନ ବିଦିତ ଯେ ଯେଉଁ ମହାପୁରୁଷମାନେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆପଣାର ମତବାଦ ପ୍ରଚାର କରିଛନ୍ତି, ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ସ୍ଥାନ ରାଜାମାନେ ପ୍ରଦତ୍ତ କରି ମଠ ସ୍ଥାପନ ପାଇଁ ଭୂମିବୃତ୍ତି ଓ ଇଷ୍ଟ ବିଗ୍ରହ ସ୍ଥାପନ କରି ପୂଜା ଉପାସନା ପାଇଁ ସ୍ଥାନ ନିର୍ଦ୍ଧାରିତ କରିଛନ୍ତି । ସେହି ସୂତ୍ରରେ ଗୋସ୍ୱାମୀ ଜୟଦେବ ନିତ୍ୟରାସ ମଣ୍ଡଳ ବା ଆଡ଼ପମଣ୍ଡଳ ଯାହାକୁ ଆମ୍ଭେମାନେ ସୁନ୍ଦରାଞ୍ଚଳ ବା ଗୁଣ୍ଡିଚାଘର ମଣ୍ଡଳ କହୁ, ସେଠାରେ ଦଶାବତାର ମଠ ନାମକ ସ୍ଥାନ ପ୍ରଦତ୍ତ ହୋଇଥିଲା । ଦଶାବତାର ମଠ ମହାରାସସ୍ଥାନ ବା ଗୁଣ୍ଡିଚା ମନ୍ଦିରର ସମ୍ମୁଖରେ ଅବସ୍ଥିତ । ସେଠାରେ ରାଧାମାଧବଙ୍କ ମନ୍ଦିର ଉତ୍ତରମୁଖ ହୋଇ ରହିଛନ୍ତି ଓ ଜୟଦେବଙ୍କର କୁଟୀର ସେହିଠାରେ ବିଦ୍ୟମାନ ଥିଲା । ପଦ୍ମାବତୀ ମଣ୍ଡପ ବର୍ତ୍ତମାନ ଭାଙ୍ଗିଭୁଜି ଯାଇଥିଲେ ମଧ୍ୟ ସେଠାରେ ଜୟଦେବ ଗୋସ୍ୱାମୀ ପ୍ରଭୁଙ୍କ ଚରଣାରବିନ୍ଦ ପ୍ରୀତି ନିମିତ୍ତ ମତ୍ସ୍ୟ, କୂର୍ମ, ବରାହ ପ୍ରଭୃତି ଦଶାବତାର ପାଷାଣ ମୂର୍ତ୍ତି ସ୍ଥାପନ କରିଥିଲେ । ସେହି ମୂର୍ତ୍ତିମାନଙ୍କୁ ଜୟଦେବ ଉପାସନା କରୁଥିଲେ । ସେଠାରେ ବୌଦ୍ଧାବତାର ସ୍ଥାନରେ ଜଗନ୍ନାଥାଦି ମୂର୍ତ୍ତି ଚତୁଷ୍ଟୟ ବିରାଜିତ ଅଛନ୍ତି । ଏକ ପକ୍ଷରେ ରାଧାମାଧବ ଓ ଅନ୍ୟ ପକ୍ଷରେ ଦଶାବତାର ମୂର୍ତ୍ତି ବିରାଜିତ । ସେହି ମଠରେ ପୌଷ ଶୁକ୍ଳ ତୃତୀୟା ଦିନ ଆବିର୍ଭାବ ତିଥି ଓ ମକର ୨୪ ଦିନ ତିରୋଭାବ ତିଥି ପାଳିତ ହେଉଅଛି । ଉକ୍ତ ପୀଠ ବର୍ତ୍ତମାନ ବଡ଼ଛତା ମଠର ଅନ୍ତର୍ଗତ । ବଡ଼ଛତା ମଠର ମହନ୍ତମାନେ ତାଙ୍କର ତିରୋଧାନ ଦିବସରେ ଗୁରୁଦିବସ ପାଳନରେ ମଠର ପୁରୋହିତଙ୍କ ଦ୍ୱାରା ଭୋଜ୍ୟ ପ୍ରଦାନ କରି ଆସୁଛନ୍ତି । ଜୟଦେବ ସାଧୁ ଜୟଦେବ ନାମରେ ଖ୍ୟାତଥିବା ପଣ୍ଡିତ କେଦାରନାଥ ମହାପାତ୍ର ପ୍ରମାଣ କରିଛନ୍ତି । ତେଣୁ ସାଧୁ ଜୟଦେବଙ୍କର ତିରୋଧାନ ଦିବସରେ ବଡ଼ଛତା ମଠର ମହନ୍ତ ସଞ୍ଜା ପ୍ରଦାନ କରିବାର ବିଧି ଅଦ୍ୟାବଧି ପ୍ରଚଳିତ ଅଛି । ଶ୍ରୀ ମହାପ୍ରସାଦ ଓ ନବୀନ ସଞ୍ଜା ରଖି ବଡ଼ଛତା ମଠର ମହନ୍ତଗଣ ଜୟଦେବ ସାଧୁ ଶିରୋମଣିଙ୍କ ଉଦ୍ଦେଶ୍ୟରେ ଅନ୍ନଦାନ କରୁଛନ୍ତି । ସେହି ଛଞ୍ଚା ଉତ୍ସର୍ଗ ବଡ଼ଛତା ମଠର ଅନାଦି ଦାସ ଗୋସ୍ୱାମୀଙ୍କ ସମୟ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ଆମର ବଂଶଜ ଅର୍ଥାତ ଆତ୍ରେୟ ଗୋତ୍ରଜ ରଥ ମୋର କନିଷ୍ଠ ପିତାମହ ଦାମୋଦର ରଥ ଉକ୍ତ ସଞ୍ଜା ଆଣିବା ଓ ପିତା ରାମଚନ୍ଦ୍ର ରଥ ଜୟଦେବଙ୍କର ତିରୋଧାନ ସଞ୍ଜା ଆଣିବାର ଅନୁଭୂତି ମୋର ପ୍ରତ୍ୟକ୍ଷ ଅଛି ।

+++

ଜୟଦେବ ଗୃହୀ ଥିଲେ ମଧ୍ୟ ସାଧୁ ରୂପରେ ଗୃହୀତ ହୋଇଥିବାରୁ ତାଙ୍କର ଗୋତ୍ର ଅଚ୍ୟୁତ ହୋଇଥିଲା । ଭୋଜ୍ୟ ପ୍ରଦାନ ପରେ ଗୁରୁବନ୍ଦନା ବାକ୍ୟରୁ ମଧ୍ୟ ପ୍ରତୀତ ହେଉଛି ଯେ ଜୟଦେବ ଜଗନ୍ନାଥ ସର୍ବସ୍ୱ ଥିଲେ । ରାଧାମାଧବ ତାଙ୍କରି ଇଷ୍ଟ ଥିଲେ । କୁହାଯାଏ,

" ଜୟଦେବ ଗୁରୁର୍ବୋବନ୍ଦେ ପୁରୁଷୋତ୍ତମ ରକ୍ଷିତଂ,
ପ୍ରାଚୀତୀର୍ଥପ୍ରିୟଂ ଧୀରଂ ରାଧାମାଧବସେବକଃ ।"

ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ସେ ପ୍ରାଚୀ ତଟବର୍ତ୍ତୀ କେନ୍ଦୁବିଲ୍ୱର ଅଧିବାସୀ ଥିଲେ । ରାଧାମାଧବଙ୍କର ଅର୍ଚ୍ଚନ ତଥା ଜଗନ୍ନାଥଙ୍କର ସେବକ ରୂପେ ସମର୍ପିତ ସାଧୁ ଥିଲେ । ଏହାର ତାତ୍ପର୍ଯ୍ୟ ସେ ସର୍ବୋତଭାବେ ଉତ୍କଳୀୟ ବୈଷ୍ଣବ ଥିଲେ । ତନ୍ମଃ ସମ୍ପ୍ରଦାୟ ପଣ୍ଡା ଦୋଳମଣ୍ଡପ ସାହିର ସହିନାୟକ ପୂଜ୍ୟ ରଘୁନାଥ ସିଂହାରୀ ମଧ୍ୟ ଭକ୍ତ ଜୟଦେବ ଗୋସ୍ୱାମୀ ପୀଠ, ଦଶାବତାର ମଠର ତୀର୍ଥଗୁରୁ ରୂପେ ବଡ଼ଛତା ମଠରୁ ଯଥାଯଥ ସଞ୍ଜା ଓ ଉପସ୍ୱତ୍ୱ ପାଇ ଆସୁଛନ୍ତି । ତେଣୁ ଏହି ପଦ୍ଧତି ଓ ପାରମ୍ପରିକ କ୍ରମରୁ ପ୍ରମାଣିତ ହେଉଛି ଯେ ଜୟଦେବଙ୍କର ମଠ ଦଶାବତାର ମଠ ଥିଲା । ସେହି ମଠରେ ପ୍ରଭୁ ରଥରେ ପହଞ୍ଚିଲେ ଅହ୍ଲଣିଆ ପଡ଼ି ସୁରକ୍ଷିତ ହେଉଅଛି । ଯଦ୍ୟପି କାଳକ୍ରମେ ସେ ମଠର ଗୋସ୍ୱାମୀ ପରମ୍ପରା

ଖଣ୍ଡିତ ହୋଇଛି, ତଥାପି ବଡ଼ଛତା ମଠର ମହନ୍ତ ସେହି ଜୟଦେବ ଗାଦିର ମଠାଧୀଶ ରୂପେ ପାରମ୍ପରିକ ସେବା କରୁଛନ୍ତି ଓ ବୈଷ୍ଣବାଗ୍ନି ପାଉଛନ୍ତି ।

+++

ରୋଷ ପାଇକ ବେଢ଼ ପତ୍ରରେ ଯେଉଁମାନଙ୍କୁ ଏହି ଅଗ୍ନି ମିଳେ, ସେହି ତାଳପତ୍ର ତାଲିକା ମିଛୁପଣ୍ଡାଙ୍କ ବେଢ଼ ପତ୍ରରେ ଅଛି । ଦଶାବତାର ମଠ, ଶରଧାବାଲି ମହନ୍ତଙ୍କୁ ଲୁଚୁଆଏ ଜୟଦେବ ସେୟା ।

ଏଥିରୁ ଜଣାପଡୁଛି ଗୀତଗୋବିନ୍ଦକାର ରୂପରେ ବୈଷ୍ଣବାଗ୍ନି ପାଇବାର ସେ ଅଧିକାରୀ ଥିଲେ ।

ଏପରି ପାରମ୍ପରିକ କ୍ରମ ଥିବାବେଳେ ଜୟଦେବ ଗୋସ୍ୱାମୀଙ୍କର ପର୍ବଦିନ ନିର୍ଘଣ୍ଟ ଉତ୍କଳ ପଞ୍ଜିକାରେ ଉଲ୍ଲେଖ ରହୁଥିବାବେଳେ, କିଏ କହିପାରିବ ସେ ଉତ୍କଳୀୟ ନଥିଲେ ବୋଲି ? ସେହି ଦଶାବତାର ମଠରେ ବହୁକାଳ ଧରି ଗୋସ୍ୱାମୀ ରହି ଜଗନ୍ନାଥଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ଓ ନାକୁଆସି ସେବା କରୁଥିଲେ ।

ଉତ୍କଳର ନରପତି ଜୟଦେବ ଓ ପଦ୍ମା ବ୍ରଜପ୍ରାପ୍ତି ଆଶାରେ ଶେଷ ଜୀବନ ବୃନ୍ଦାବନ ଧାମରେ କଟାଇବାକୁ ମନସ୍ଥ କରିଅଛନ୍ତି ଜାଣି ଉଭୟ ଦମ୍ପତିଙ୍କୁ ଶିବିକାସହ ଯାତ୍ରା କରିବାକୁ ସମସ୍ତ ବନ୍ଦୋବସ୍ତ କରିଦେଲେ ।

ଇତ୍ୟବସରରେ ଜୟଦେବ ନିଜର ବନ୍ଧୁ ପରାଶର ଓ କେନ୍ଦୁଲିର ଗ୍ରାମବାସୀଙ୍କଠାରୁ ଚିର ବିଦାୟ ନେବା ସକାଶେ ଯାଇ ଉପସ୍ଥିତ ହେଲେ । କେନ୍ଦୁଳିବାସୀ ସାଗ୍ରହରେ ବିପୁଳ ସମ୍ବର୍ଦ୍ଧନା ସହିତ ତାଙ୍କୁ ଏକ ଉତ୍ତରୀୟ ପ୍ରଦାନ କରିଥିଲେ । ସେ ଉତ୍ତରୀୟରେ ଗୀତଗୋବିନ୍ଦ ଶ୍ଳୋକାବଳୀ ବୁଣା ଯାଇଥିଲା । ଏହିପରି ଉତ୍ତରୀୟ ଦଶାବତାର ମଠ ମହନ୍ତ ମଧ୍ୟ ଗ୍ରହଣ କରିଥାନ୍ତି ।

ଜୟଦେବ ପୁରୀଧାମକୁ ଫେରି ଆସି ଶ୍ରୀଜଗନ୍ନାଥଙ୍କଠାରୁ ଚିର ବିଦାୟ ଗ୍ରହଣ କରି ରାତ୍ରରେ ନିଜ କୁଡ଼ିଆରେ ବିଶ୍ରାମ ନେଲେ । ସେହି ରାତ୍ରରେ ସ୍ୱପ୍ନରେ ଦେଖିଲେ, ଏକ ଜ୍ୟୋତି ନୀଳଚକ୍ରରୁ ବହିର୍ଗତ ହୋଇ କୁଟୀରାଭ୍ୟନ୍ତରରେ ପ୍ରବେଶ କଲା । କ୍ରମେ ସେହି ଜ୍ୟୋତିରୁ ପରିସ୍ଫୁଟ ହୋଇ ଉଠିଲେ ରାଧାମାଧବଙ୍କର ଯୁଗଳ ମୂର୍ତ୍ତି । କହିଲେ, ହେ ଭକ୍ତଶ୍ରେଷ୍ଠ ! ସେହି ଉତ୍ତରୀୟ ଖଣ୍ଡିକ ପ୍ରତି ମୋର ଶ୍ରଦ୍ଧା ବଳୁଅଛି । ତାହା ମୋତେ ପ୍ରଦାନ କର ।

ମହାଆନନ୍ଦରେ ତହିଁଆରଦିନ ପ୍ରାତଃରେ ମନ୍ଦିରକୁ ଯାଇ ସେହି ଉତ୍ତରୀୟ ଖଣ୍ଡି ନିଜେ ଜୟଦେବ ଜଗନ୍ନାଥଙ୍କ ଦେହରେ ପରିଧାନ କରାଇ ମନ୍ଦିରରୁ ଚିର ବିଦାୟ ଗ୍ରହଣ କଲେ ।

ନିଜର ଆବାଲ୍ୟସାଥୀ ରାଧାମାଧବ ମୂର୍ତ୍ତି ଓ ପଦ୍ମାଙ୍କ ଶିବିକାରୋହଣ କରି ବୃନ୍ଦାବନ ଧାମ ଯାତ୍ରା କଲେ । ସେଠାରେ ଯାଇ ଏକ ମନ୍ଦିର ନିର୍ମାଣ କରାଇ ସେଥିରେ ରାଧାମାଧବଙ୍କ ମୂର୍ତ୍ତିକୁ ସ୍ଥାପନ କରି ତାଙ୍କର ସେବା ପୂଜାରେ ଉଭୟ ଦମ୍ପତି ସମୟ ବିତାଇବାକୁ ଲାଗିଲେ ।

କବି ଓ କବିପତ୍ନୀଙ୍କ ତିରୋଧାନାନ୍ତେ ସେ ସମୟର ଜୟପୁର ମହାରାଜା ରାଧାମାଧବ ବିଗ୍ରହକୁ ନିଜ ରାଜ୍ୟରେ ସ୍ଥାପନ କଲେ । ଯେଉଁ ବିଗ୍ରହ ଅଦ୍ୟାବଧି ରାଜସ୍ଥାନର ଜୟପୁରରେ ବିଦ୍ୟମାନ ଅଛନ୍ତି । ଇତ୍ୟାଦି......

ଏତଦ୍ ଦୃଷ୍ଟିରୁ ନିଃସନ୍ଦେହ ଉକ୍ତ କବିରତ୍ନ ଜୟଦେବଙ୍କ ପ୍ରତିଷ୍ଠିତ ଉକ୍ତ ପୀଠ ଧର୍ମ, ସାହିତ୍ୟ, କଳା ଓ ସଂସ୍କୃତିର ଗୌରବମୟ ପୀଠ । ଏଣୁ ଉକ୍ତ ପୀଠର ସଂରକ୍ଷଣ ପ୍ରତ୍ୟେକ ଉତ୍କଳୀୟ ତଥା ପ୍ରଶାସନର କର୍ତ୍ତବ୍ୟ ।

*ନିର୍ବାହୀ ସଂପାଦକ, ଜୟଦେବ ସ୍ମୃତି ସଂସଦ*
*ଚିଦାନନ୍ଦ ଲେନ, ଗଙ୍ଗାମାତା ମଠ, ନବକଳେବର ରୋଡ଼, ପୁରୀ*

# ମୋ ଉତ୍କଳ

● *ଶ୍ରୀ କୈଳାସ ତ୍ରିପାଠୀ*

ଶୌର୍ଯ୍ୟ
ବୀର୍ଯ୍ୟ
କଳା
ସଂସ୍କୃତି
କୋଉ କାଳିମାକାର
ସ୍ୱର୍ଣ୍ଣ ଲିପି
ଦାଉ ଦାଉ
ଦେଦୀପ୍ୟମାନ
ନୁହେଁ
ଏଇଠି ?

ବିସ୍ମୟ
କୋଣାର୍କ
ବିଶ୍ୱଜୀବନର
ଡୋଳାରେ
ବିଶ୍ୱ
ଲୀଳାରେ
ସୃଷ୍ଟିର ସ୍ପନ୍ଦନ
ଚକ୍ର ଚଞ୍ଚଳ
କାଳ କାଳ
ଏଇଠି ।

ଏଇଠି
ଧୂଳି ବି ଚନ୍ଦନ
ମାଟି ବି
ତିଳକ
ପବନ ପୁଲକ
ସଲିଳ
ପୁଣ୍ୟାପ୍ଳୁତ
ଅମୃତମୟୀ
ଜାହ୍ନବୀ ଯମୁନା ।

ଯାହା କିଛି ବି
କାଳଜୟୀ
ଉତ୍କର୍ଷ ପଣରେ
ବିଭୂଷିତ
ଏଇଠି
ଏ ଉତ୍କଳରେ ।
ମୋ ଉତ୍କଳ ।

-'ଚନ୍ଦ୍ରମାଳୋକ'

୩/୨, ୪ବି, ୟୁନିଟ୍-୩ ଖାରବେଳ ନଗର, ଭୁବନେଶ୍ୱର

# ମଧ୍ୟଯୁଗୀୟ ବୈଷ୍ଣବ ଚେତନାର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ରାୟ ରାମାନନ୍ଦ

ପତିତପାବନ ମହାପାତ୍ର

ବିଷ୍ଣୁ ତଥା ନାରାୟଣଙ୍କର ଉପାସନାରୁ ବୈଷ୍ଣବ ଚେତନାର ଉଦ୍ଭବ । ଭାଗବତରେ କିନ୍ତୁ ବିଷ୍ଣୁଙ୍କ ପରିବର୍ତ୍ତେ ହରି ଓ ନାରାୟଣଙ୍କୁ ପ୍ରାର୍ଥନା କରାଯାଇଅଛି । ସମୟକ୍ରମେ ବିଷ୍ଣୁ ଉପାସକମାନେ ଭାଗବତ, ସାତ୍ୱତ, ଏକାନ୍ତିକ ଓ ପଞ୍ଚରାତ୍ର ପୂଜା ଓ ପଦ୍ଧତିରେ ପର୍ଯ୍ୟବସିତ ହୋଇଥିଲେ । ଏମାନଙ୍କର ଉପାସ୍ୟ ଦେବତା ବିଷ୍ଣୁଙ୍କ ପରିବର୍ତ୍ତେ କୃଷ୍ଣ ବାସୁଦେବଙ୍କୁ ବୁଝାଯାଏ । ଭାଗବତରେ ଉକ୍ତି ''କୃଷ୍ଣସ୍ତୁ ଭଗବାନ ସ୍ୱୟଂ'' ସହିତ ପ୍ରଥମ ସ୍କନ୍ଧ ତୃତୀୟ ଅଧ୍ୟାୟର ବର୍ଣ୍ଣନାକୁ ବିଚାର କଲେ କେତେକ ତାରତମ୍ୟ ଦେଖାଯାଇଥାଏ । ଏଥିରେ ରାମ ଓ କୃଷ୍ଣଙ୍କୁ ବିରାଟ ପୁରୁଷଙ୍କର ଊନବିଂଶ ଓ ବିଂଶ ଅବତାର ଭାବେ ବର୍ଣ୍ଣନା କରାଯାଇଅଛି । ମହାଭାରତରେ ଉଲ୍ଲେଖ ଅଛି ଯେ କୃଷ୍ଣ ଦେହତ୍ୟାଗ କରିବା ପରେ ନାରାୟଣଙ୍କ ଦେହରେ ପ୍ରବେଶ କରିଥିଲେ । ଦେବୀ ଭାଗବତ ଅନୁଯାୟୀ, କୃଷ୍ଣ ବାସୁଦେବ ନାରାୟଣଙ୍କର ଅଂଶ । ଓଡ଼ିଆ ବୈଷ୍ଣବମାନେ ଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ଓ ଋଗ୍‌ବେଦର 'ପୁରୁଷ' ତଥା ଭାଗବତର 'ବିରାଟ ପୁରୁଷ' ଭାବେ ଆରାଧନା କରନ୍ତି ଓ କୃଷ୍ଣଙ୍କୁ ପୁରୁଷୋତ୍ତମଙ୍କର ଏକ ଅବତାର ଭାବରେ ଗ୍ରହଣ କରନ୍ତି । ତାଙ୍କ ଭାଷାରେ 'ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା ।'



ଓଡ଼ିଶାର ମାଠର ବଂଶର ନରପତିମାନେ (୪ର୍ଥ ଶତାବ୍ଦୀର ଶେଷଭାଗ) ତାମ୍ରଫଳକ ଦାନ ମାନଙ୍କରେ ନିଜକୁ 'ପରମ ଦୈବତ' ନାରାୟଣ ପାଦାନୁଧ୍ୟାତ' 'ପରମ ଭାଗବତ' ଭାବେ ବର୍ଣ୍ଣନା କରିଛନ୍ତି । କୋରାପୁଟ ଜିଲ୍ଲାର ପୋଡ଼ାଗଡ଼ ଶିଳାଲେଖରେ ପ୍ରଥମଥର ପାଇଁ ବିଷ୍ଣୁଙ୍କର ନାମ ଉଲ୍ଲେଖ କରାଯାଇଅଛି । ନବରାଜା (୫ମ ଶତାବ୍ଦୀ) ଏହି ଶିଳାଲେଖରେ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର ଶ୍ଳୋକରୁ ଆରମ୍ଭ କରିଛନ୍ତି ।

'ହରିର୍ଣ୍ଣୋ ଜିତଂ ଜୟତି, ଜେଷ୍ୟତ୍ୟୋଷାଗୁଣ ସ୍ତୁତିନହିଂସା
ନନୁ ଭଗବାନେବ ଜୟୋ, ଜେତବ୍ୟ, ଚାଧିଜେତାଃ'

ହରି ଜୟ କରିଛନ୍ତି, ଜୟ କରୁଅଛନ୍ତି, ଜୟ କରିପାରିବେ - ଏହା କହିବା ଯଥେଷ୍ଟ ନୁହେଁ, କାରଣ ଭଗବାନ ନିଜେ ହିଁ ଜୟ, ସ୍ୱୟଂ ଜୟ କରିବାର ବସ୍ତୁ ଓ ନିଜେ ହିଁ ବିଜେତା । ତୋଷାଳୀର ଭୌମକର ବଂଶର ରାଣୀ, ତ୍ରିଭୁବନ ମହାଦେବୀ (୮୪୫-୮୫୦ ଖ୍ରୀ:ଅ:) ନିଜକୁ ପରମ ବୈଷ୍ଣବୀ ଭାବେ ତାମ୍ରଶାସନ ମାନଙ୍କରେ ବର୍ଣ୍ଣନା କରି ଅଛନ୍ତି । ଏହି ମହାନ୍ ପରମ୍ପରା ସଂପୂର୍ଣ୍ଣଭାବେ ବିକଶିତ ହୋଇଥିଲା ଗଙ୍ଗ ରାଜତ୍ୱର ସୁବର୍ଣ୍ଣଯୁଗରେ । ପୂର୍ବ ରାଜାମାନଙ୍କ ଦ୍ୱାରା ଉପେକ୍ଷିତ ପୁରାତନ ଜୀର୍ଣ୍ଣ ମନ୍ଦିରର ସଂସ୍କାର କରି, ଅନନ୍ତ ବର୍ମନ୍ ଚୋଡ଼ଗଙ୍ଗଦେବ (୧୦୭୮-୧୧୪୭) ପୁରୁଷୋତ୍ତମଙ୍କ ପାଇଁ ନୂତନ ମନ୍ଦିର ନିର୍ମାଣ କରିଥିବା ବିଷୟ ଗଙ୍ଗବଂଶ ରାଜା ରାଜ ରାଜ ୩ୟଙ୍କର ଦାସଗୋବାଠାରୁ ମିଳିଥିବା ତାମ୍ରଲେଖରୁ ଜଣାଯାଏ । ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାକୁ ପୁରୁଷୋତ୍ତମଙ୍କ ସାମ୍ରାଜ୍ୟ ଓ ନିଜକୁ ତାଙ୍କର ସେବକ ଭାବେ ଘୋଷଣା କରିଥିଲେ ଓ ଏହି ପରମ୍ପରା ସୂର୍ଯ୍ୟବଂଶୀ ନରପତିମାନେ ମଧ୍ୟ ଅନୁସରଣ କରିଥିଲେ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ । ଆଜି ମଧ୍ୟ ଗଜପତି ରାଜା ରଥରେ ଛେରା ପହଁରା କାର୍ଯ୍ୟ କରନ୍ତି । ଗଙ୍ଗ ରାଜତ୍ୱର ବହୁପୂର୍ବରୁ ପୁରୁଷୋତ୍ତମଙ୍କର ଉପାସନା ହେଉଥିବାର ଐତିହାସିକ ପ୍ରମାଣ ମିଳେ । ଦଶମ ଶତକରେ ଉତ୍କୀର୍ଣ୍ଣ ମଧ୍ୟପ୍ରଦେଶର ମହିଆରଣ୍ୟ ଶିଳାଲେଖରୁ ଜଣାଯାଏ ଯେ ଦାମୋଦର ନାମକ ଜଣେ ବାଳକ ପୁରୁଷୋତ୍ତମଙ୍କର ଦର୍ଶନ ନିମନ୍ତେ ଓଡ୍ର ଦେଶକୁ ଯାତ୍ରାକରି ମହୋଦଧିରେ ପ୍ରାଣ ବିସର୍ଜନ କରିଥିଲେ । କୃଷ୍ଣ ମିଶ୍ରଙ୍କ ପ୍ରଣୀତ (୧୦୭୦ ଖ୍ରୀ:ଅ:) 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକରେ ପୁରୁଷୋତ୍ତମଙ୍କର ବର୍ଣ୍ଣନା ଅଛି । ଏକାଦଶ-ଦ୍ୱାଦଶ ଶତାବ୍ଦୀରେ

ମୁରାରୀ ମିଶ୍ରଙ୍କ ଦ୍ୱାରା ଲିଖିତ 'ଅନର୍ଘ ରାଘବ' ନାଟକରେ ପୁରୁଷୋତ୍ତମଙ୍କର ବର୍ଣ୍ଣନା ଲିପିବଦ୍ଧ ଅଛି ।

ମଧ୍ୟଯୁଗରେ ନିମ୍ବାର୍କ ସଂପ୍ରଦାୟର ରାଧାକୃଷ୍ଣ ଆରାଧନା, ରାମାନୁଜ (୧୦୧୭-୧୧୩୭), ମାଧ୍ୱାଚାର୍ଯ୍ୟ (୧୨୩୮-୧୩୧୭) ନରହରି ତୀର୍ଥଙ୍କ ସାମଗ୍ରୀକ ଦର୍ଶନ ଓଡ଼ିଶାକୁ ବୈଷ୍ଣବ ଚେତନାରେ ପ୍ଲାବିତ କରିଥିଲା । ଉତ୍କଳର ପ୍ରଖ୍ୟାତ କବି ଜୟଦେବ ଦ୍ୱାଦଶ ଶତାବ୍ଦୀର ଅପରାର୍ଦ୍ଧରେ କୃଷ୍ଣରାଧା ଓ ଗୋପଲୀଳାର ଅପୂର୍ବ ମାଧୁରୀ ପରିବେଷଣ କରିଥିଲେ ତାଙ୍କ ରଚିତ 'ଗୀତ ଗୋବିନ୍ଦ'ରେ । ଏ ମହାନ କୃତିର ରଚନା ଶ୍ରୀମନ୍ଦିରର ପରିସର ମଧ୍ୟରେ ହୋଇଥିଲା ଓ ଜୟଦେବଙ୍କର ପତ୍ନୀ ପଦ୍ମାବତୀ ସେହି ସଂଗୀତର ଛନ୍ଦରେ ନୃତ୍ୟ ପରିବେଷଣ କରୁଥିଲେ । ଉତ୍କଳର ପ୍ରସିଦ୍ଧ ପଣ୍ଡିତ ଶ୍ରୀଧର ସ୍ୱାମୀ ଭାଗବତର ଟୀକା ପ୍ରସ୍ତୁତ କରି ସମଗ୍ର ଦେଶରେ ସୁଖ୍ୟାତି ଅର୍ଜନ କରିଥିଲେ । ମହାକବି ସାରଳା ଦାସ, ମହାଭାରତ ରଚନା କରି କୃଷ୍ଣ ଚେତନା ଜନମାନସରେ ପହଞ୍ଚାଇ ପାରିଥିଲେ । ଓଡ଼ିଆ ଭାଷାରେ 'ଭାଗବତ' ସୃଷ୍ଟିକରି ଜଗନ୍ନାଥ ଦାସ ବୈଷ୍ଣବ ପରମ୍ପରା ଓ ଭକ୍ତିରସକୁ ଘରେ ଘରେ ସୁପରିଚିତ କରିଥିଲେ । ପଞ୍ଚସଖା, କୃଷ୍ଣଲୀଳାକୁ ତାଙ୍କର ସମୃଦ୍ଧ ସାହିତ୍ୟ, ଲୋକକଥା, ଗୀତ ମାଧ୍ୟମରେ ପ୍ରସାର କରି ରସାପ୍ଲୁତ ସଂଗୀତ କଳାପ୍ରେମୀ ଜନସାଧାରଣଙ୍କୁ ଭକ୍ତି ମାର୍ଗର ସ୍ରୋତରେ ଅବଗାହନ କରାଇପାରିଥିଲେ । ମାଧବ ଓ ଦଶବତାର ପୂଜାର ପରମ୍ପରା, କୃଷ୍ଣ ବାସୁଦେବ, କୃଷ୍ଣବିଷ୍ଣୁ, ଗୋପୀକୃଷ୍ଣ ଲୀଳା ଯୁଗ ଯୁଗ ଧରି ଆନନ୍ଦ ଓ ପ୍ରେମମୟ ପରିବେଶ ସୃଷ୍ଟି କରିଥିଲା ।

ମାଧବ ପଟ୍ଟନାୟକଙ୍କ ବିରଚିତ 'ବୈଷ୍ଣବ ଲୀଳାମୃତ' କାବ୍ୟରୁ ଜଣାଯାଏ ଯେ ସଂଗୀତ ଓ ନାଟକ ସମାଜର ପ୍ରତ୍ୟେକ ସ୍ତରରେ ଆଦୃତ ହେଉଥିଲା । ମାଧବ ପଟ୍ଟନାୟକଙ୍କର ଜନ୍ମ ୧୪୬୮ ଖ୍ରୀ:ଅ:ରେ ଖଣ୍ଡପଡାରେ । ତାଙ୍କୁ ଯେତେବେଳେ ୨୧ ବର୍ଷ ସେ ନିଜ ଗ୍ରାମ ତ୍ୟାଗ କରି ରାୟ ରାମାନନ୍ଦଙ୍କର ସହଯୋଗୀ ଭାବେ ବୈଷ୍ଣବ ସାଧୁ ଜୀବନ ଯାପନ କରିଥିଲେ । ତାଙ୍କର ୫୭ ବର୍ଷ ବୟସରେ ବୈଷ୍ଣବ ଲୀଳାମୃତ ରଚିତ । ସେ ଲେଖିଛନ୍ତି ଯେ ଶ୍ରୀମନ୍ଦିରର ନିର୍ମାତା ସ୍ୱୟଂ ଚୋଡ଼ଗଙ୍ଗଦେବ ଶ୍ରୀଜଗନ୍ନାଥ ମନ୍ଦିରରେ ନାଚୁଣୀ ଓ ତେଲେଙ୍ଗା ସମ୍ପ୍ରଦାୟ ପ୍ରଥାର ପ୍ରଚଳନ କରାଇଥିଲେ । ମନ୍ଦିର ପରିସରରେ ହେଉଥିବା ଭକ୍ତି ସଂଗୀତର ନାମକରଣ କରାଯାଇଥିଲା ରାହାସ ବା ରାସ । ଜଗନ୍ନାଥ ଦାସ, ପୁରାଣ ଓ ଭାଗବତ ବଟ ମୂଳରେ ଏକ ମଣ୍ଡପରେ ସୁଲଳିତ କଣ୍ଠରେ ଗାନ କରୁଥିଲେ । ଏଥିରେ ମୃଦଙ୍ଗ, ଝାଞ୍ଜ ଓ ଅନ୍ୟ ବାଦ୍ୟଯନ୍ତ୍ରର ବ୍ୟବହାର ହେଉଥିଲା । ମଣ୍ଡପ ମଧ୍ୟସ୍ଥିତ ସ୍ଥାନରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇଥିଲା ଓ ମଣ୍ଡପଟି ହେଉଥିଲା ଅଷ୍ଟସଖି ପରିବେଷ୍ଟିତ । ଏ ଭଜନ କୀର୍ତ୍ତନ ଓ ମନନର ନାମକରଣ 'ରାହସ' । ମନ୍ଦିରରେ ନାଟକ ଅଭିନୟ ଓ ସଂଗୀତ ପରିବେଷଣ ଏକ ପରମ୍ପରା ଭାବେ ଗୃହୀତ ହୋଇଯାଇଥିଲା । ସମସାମୟିକ ସଂସ୍କୃତ ପଣ୍ଡିତମାନେ [illegible] ନାଟକ କାବ୍ୟ ରଚନା କରି ସଂସ୍କୃତିକୁ ପରିପୁଷ୍ଟ କରିଥିଲେ ।

ବିଶ୍ୱନାଥ କବିରାଜଙ୍କ ପ୍ରଣୀତ 'ନରସିଂହ ବିଜୟ' କାବ୍ୟ, 'ଚନ୍ଦ୍ରକଳା ନାଟିକା', 'ପ୍ରଭାବତୀ ପରିଣୟ', କପିଳେନ୍ଦ୍ର ଦେବଙ୍କ ଦ୍ୱାରା ଲିଖିତ 'ପରଶୁରାମ ବିଜୟ', ଜୀବଦେବାଚାର୍ଯ୍ୟଙ୍କ ରଚନା 'ଭକ୍ତି ବୈଭବ' ନାଟକ, 'ଉତ୍ସାହବତୀ ରୂପକ', ମାଧବୀ ଦାସୀଙ୍କ ପ୍ରଣୀତ ପୁରୁଷୋତ୍ତମ ନାଟକ ସଂଗୀତ ପ୍ରୟୋଗ କଳାର ଉତ୍କର୍ଷ ପ୍ରମାଣ କରେ ।

ଅନ୍ୟତମ ଶ୍ରେଷ୍ଠ ସାଧକ ଥିଲେ ରାୟ ରାମାନନ୍ଦ । ତାଙ୍କର ବାସସ୍ଥାନ ପୁରୀର ଅଦୂରବର୍ତ୍ତୀ ବ୍ରହ୍ମଗିରି ନିକଟସ୍ଥ ବେଣ୍ଟପୁର ଗ୍ରାମରେ । ତାଙ୍କର ପିତା ଭବାନନ୍ଦ ପଟ୍ଟନାୟକ ଥିଲେ ଜଣେ ଉଚ୍ଚପଦସ୍ଥ ରାଜ କର୍ମଚାରୀ । ୧୪୯୯ ଖ୍ରୀ:ଅ: ମାର୍ଚ୍ଚ ମାସରେ ଶ୍ରୀ ଚୈତନ୍ୟଙ୍କର ଗୁରୁ ଈଶ୍ୱରପୁରୀ, ଈଶ୍ୱରପୁରୀଙ୍କର ଗୁରୁ ମାଧବେନ୍ଦ୍ର ପୁରୀଙ୍କ ସହ ରାଘବେନ୍ଦ୍ର ପୁରୀ ଭବାନନ୍ଦଙ୍କର ଆତିଥ୍ୟ ଗ୍ରହଣ କରି ପନ୍ଦର ଦିନ ପର୍ଯ୍ୟନ୍ତ ବେଣ୍ଟପୁରରେ ରହିଥିଲେ । ୧୪୯୯ ଖ୍ରୀ:ଅ:ରେ ଗଜପତି ପ୍ରତାପରୁଦ୍ର ଦେବ ଜୟବିଜୟ ଦ୍ୱାରରେ ଗୀତ ଗୋବିନ୍ଦର ଆବୃତ୍ତି କରିବା ନିମନ୍ତେ ଆଦେଶ ଦେଇ ଶ୍ରୀମନ୍ଦିର ଗାତ୍ରରେ ଶିଳାଲେଖ ଉତ୍କୀର୍ଣ୍ଣ କରାଇ ଅଛନ୍ତି ।

ଚୈତନ୍ୟଙ୍କର ଆଗମନର ବହୁ ପୂର୍ବରୁ ନୃତ୍ୟ ସଂଗୀତ, ରାସ ଓ କୀର୍ତ୍ତନ ଓଡ଼ିଶାର ପୁରପଲ୍ଲୀରେ ପ୍ରଚଳିତ ଥିଲା ଓ ବୈଷ୍ଣବ ଚେତନା ରାଗାନୁଗତ ଧର୍ମ ଭାବେ ଆବଦ୍ଧ ନରହି ଜନଗଣ ଓ ରାଜମଣ୍ଡଳୀ ମଧ୍ୟରେ ପ୍ରସାର ହୋଇ ସାରିଥିଲା । ଏହାର ଅନ୍ୟତମ କାରଣ ହେଲା ଓଡ଼ିଶାରେ ହିନ୍ଦୁ ନରପତିମାନଙ୍କର ଦୃଢ଼ ଓ ସ୍ୱାଧୀନ ଶାସନ । ୧୫୦୨ ଖ୍ରୀ:ଅ:ରେ ରାମାନନ୍ଦ ସଂସ୍କୃତ ଭାଷାରେ 'ଶ୍ରୀଜଗନ୍ନାଥ ବଲ୍ଲଭ' ରଚନା କରି ଶ୍ରୀମନ୍ଦିରରେ ନାଟକଟିକୁ ଅଭିନୟ କରାଇ ପ୍ରତାପରୁଦ୍ର ଦେବଙ୍କର ପ୍ରିୟପାତ୍ର ହୋଇଥିଲେ । ପ୍ରତାପରୁଦ୍ର ରାମାନନ୍ଦଙ୍କୁ 'ରାୟ' ଉପାଧି ପ୍ରଦାନ କରିଥିଲେ ଓ ଏକ ସୁବର୍ଣ୍ଣ ଦଣ୍ଡ ଉପହାର ଦେଇଥିଲେ । ରାୟ ରାମାନନ୍ଦଙ୍କର ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ବ୍ରଜବୋଲି ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା । 'ଶ୍ରୀଜଗନ୍ନାଥ ବଲ୍ଲଭ ନାଟକମ୍' ଛଡ଼ା, 'ଦଣ୍ଡାତ୍ମକ ଲୀଳା', 'ମର୍ମ ନିରୂପଣ' ମଧ୍ୟ ସେ ରଚନା କରିଥିଲେ । ରାଧାକୃଷ୍ଣ ଲୀଳା ଓ ରାଗାନୁଗା ଭକ୍ତିର ପ୍ରଧାନ ପ୍ରବର୍ତ୍ତକ ଭାବେ ସେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ତାଙ୍କର ଗୋଟି ମୌଳିକ ରାଗରେ ଭାବସଂଗୀତ ଓ ନାଟକ ସୃଷ୍ଟି କରିଥିଲେ । ଦେବଦାସୀମାନଙ୍କୁ ରାଧାକୃଷ୍ଣ ଲୀଳା ଓ ସଂଗୀତ ଶିକ୍ଷା ଦେବା ସମୟରେ ସେ ଥିଲେ ଇନ୍ଦ୍ରିୟାତୀତ ଓ [illegible] । କୁହାଯାଏ ବାରାଣାସୀର ଜଣେ ନୃତ୍ୟବିତ୍ ପୁରୀରେ ଦୀର୍ଘକାଳ ଅବସ୍ଥାନ କରିବାପରେ ପରେ ଗୋଟିପୁଅ ନୃତ୍ୟର ରାଧାକୃଷ୍ଣ ଆବେଗ ଓ ନୃତ୍ୟ ଶୈଳୀ ଶିକ୍ଷା କରି ଆନ୍ଧ୍ରପ୍ରଦେଶର କୁଚିପୁଡ଼ି ଯାଇ ସେଠାରେ ଏହି ନୃତ୍ୟ ପ୍ରବର୍ତ୍ତନ କରିଥିଲେ । ପୁରୀ ହିଁ ଥିଲା ସମଗ୍ର ଭାରତର ସାଂସ୍କୃତିକ ପ୍ରାଣବିନ୍ଦୁ ।

୧୫୧୦ ଖ୍ରୀ:ଅ: ଫାଲଗୁନ ମାସ ୨ୟ ସପ୍ତାହରେ ଶ୍ରୀଚୈତନ୍ୟ, ନୀଳାଚଳ ଅଭିମୁଖେ ଯାତ୍ରା କରି ଦୋଳପୂର୍ଣ୍ଣିମା

ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ ଲାଭ କରିଥିଲେ । ବୈଷ୍ଣବ ତଥା ବ୍ରହ୍ମବାଦୀ, ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଶ୍ରୀଚୈତନ୍ୟଙ୍କୁ ରାଜମହେନ୍ଦ୍ରୀ ଯାଇ ମହାଜ୍ଞାନୀ ରାୟ ରାମାନନ୍ଦଙ୍କ ସହ ସାକ୍ଷାତ କରି ରାଧାକୃଷ୍ଣ ପ୍ରେମ ସୁଧା ଆସ୍ୱାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ଗୋଦାବରୀ ତଟର ସ୍ନାନଘାଟ ନିକଟରେ ଦୁହିଁଙ୍କର ମିଳନ ହେଲା ଓ ରାୟ ରାମାନନ୍ଦଙ୍କର ଆତିଥ୍ୟ ଚୈତନ୍ୟ ଗ୍ରହଣକଲେ । ରାମାନନ୍ଦ, କୃଷ୍ଣକର୍ଣ୍ଣାମୃତ, ବ୍ରହ୍ମସଂହିତା ଓ ଗୀତଗୋବିନ୍ଦର ଭାବାନୁରାଗର ବ୍ୟାଖ୍ୟା କରି ଚୈତନ୍ୟଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲେ । ଚୈତନ୍ୟଙ୍କର ଉତ୍କଣ୍ଠା ବଢ଼ି ଚାଲିଲା । ରାମାନନ୍ଦ ତାଙ୍କୁ ଭକ୍ତି ତତ୍ତ୍ୱ, ରାଗ ମାର୍ଗ, କାନ୍ତା ପ୍ରେମ ଓ ରାଧା ଭାବ ବିଶଦ ଭାବେ ବୁଝାଇଥିଲେ । ମାଧବ ପଟ୍ଟନାୟକ ଯେ କି ରାମାନନ୍ଦଙ୍କର ବିଶ୍ୱସ୍ତ ଅନୁଚର ଭାବେ ତାଙ୍କ ନିକଟରେ ରହୁଥିଲେ, ଏ ବିଷୟରେ ବୈଷ୍ଣବ ଲୀଳାମୃତ କାବ୍ୟରେ ନିମ୍ନୋକ୍ତ ଭାବେ ଲେଖିଛନ୍ତି ।

''କୃଷ୍ଣ ଶକ୍ତି ଅଟଇ ତିନି
ସନ୍ଧିନୀ, ସମନ୍ଧିନୀ ହ୍ଲାଦିନୀ
ହ୍ଲାଦିନୀ ଅଟଇ କୃଷ୍ଣର
ସ୍ୱରୂପ ଶକ୍ତି ଏ ବେଭାର
ହ୍ଲାଦିନୀ ଆନନ୍ଦ ଅଟଇ
କୃଷ୍ଣକୁ ଆନନ୍ଦ ଦିଅଇ
ହ୍ଲାଦିନୀ ଶକ୍ତିଟି ରାଧିକା
ପ୍ରେମରେ ହୁଅଇ ନିଶଙ୍କା

ରାଧା, ଆନନ୍ଦ ଅହ୍ଲାଦିନୀ ଓ କୃଷ୍ଣ ହିଁ ତା'ର ଜୀବନ । ନିଜେ ରାଧିକା ମହାଭାବର ସ୍ୱରୂପିଣୀ ଓ କୃଷ୍ଣ ତାଙ୍କର ଭିତରେ, ବାହାରେ ଓ ସର୍ବତ୍ର ବିଦ୍ୟମାନ । ମହାଭାବ ଦୁଇଟି । ରୂଢ଼ ଓ ଅଧିରୂଢ଼ । ରାଧା ଭାବରେ କୃଷ୍ଣଙ୍କର ପ୍ରାପ୍ତି ବୈଷ୍ଣବର ସାଧ । ଭାବର ମୁକ୍ତି ବା ମୋକ୍ଷଭାବ ତୁଚ୍ଛ ଓ କୃଷ୍ଣଙ୍କ ଆନନ୍ଦ ନିମନ୍ତେ ସମସ୍ତ କର୍ମ ଓ କାମନା ବୈଷ୍ଣବର ଏକମାତ୍ର ଆଧାର । କୃଷ୍ଣପ୍ରାପ୍ତି ନିମନ୍ତେ ରାଧା ଭାବ ସର୍ବାଦୌ କାମ୍ୟ । ରାଗାନୁଗା ଓ ଅଚିନ୍ତ୍ୟ ଭେଦାଭେଦର ମୂଳତତ୍ତ୍ୱ ଶୁଣିବା ପରେ ଶ୍ରୀଚୈତନ୍ୟ, ରାୟ ରାମାନନ୍ଦଙ୍କୁ ନିଜର ଗୁରୁ ବୋଲି ସମ୍ବୋଧନ କରିଥିଲେ ।

''ପ୍ରତକ୍ଷ୍ୟ କଲି ସବୁ ତତ୍ତ୍ୱ
ପ୍ରେମଧନ ଯେ ରସାବର୍ତ୍ତ
ହ୍ଲାଦିନୀ ଶକ୍ତିର ଯେ କଥା
ଏମାନ କାହିଁଟି ମିଳନ୍ତା
ଗୁରୁ ମୋର ହେଲ ଆଜୁ ହିଁ
ହୃଦରେ ଶୁଦ୍ଧ ଭ୍ରମ ଉପୁଜଇ ।'

କହିବା ବାହୁଲ୍ୟ ଯେ, ରାୟ ରାମାନନ୍ଦଙ୍କ ଯୁଦ୍ଧ ଓ ସୁଶାସନ ପରିବର୍ତ୍ତେ କୃଷ୍ଣଚେତନା ଓ ମହାଭାବର ପରିପ୍ରକାଶ ଗଜପତି ମହାରାଜ ପ୍ରତାପରୁଦ୍ରଙ୍କୁ ଅସନ୍ତୁଷ୍ଟ କରିଥିଲା । ତେଣୁ ସେ ଜୀବ ଦେବାଚାର୍ଯ୍ୟଙ୍କୁ ରାଜମହେନ୍ଦ୍ରୀର ଶାସନଭାର ଅର୍ପଣ କରି ରାୟ ରାମାନନ୍ଦଙ୍କୁ ପୁରୀକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଦେଶ ଦେଇଥିଲେ ।

ରାମାନନ୍ଦ ପୁରୀ ପ୍ରତ୍ୟାବର୍ତ୍ତନ କରିବାପରେ ଶାସ୍ତ୍ରାଲୋଚନା, ଭଜନ କୀର୍ତ୍ତନ ଓ ମନନ ପୂର୍ଣ୍ଣାଙ୍ଗପ୍ରାପ୍ତ ହେଲା । ପଞ୍ଚସଖା ରାୟ ରାମାନନ୍ଦ, ଚୈତନ୍ୟ, କହ୍ନେଇ ଖୁଣ୍ଟିଆ, କାଶୀ ମିଶ୍ର ସାର୍ବଭୌମ ଗଢ଼ିଲେ ନୀଳାଚଳର ଇଷ୍ଟଗୋଷ୍ଠୀ । ଉଭଦ୍ୱାର ନିକଟ ମଣ୍ଡପରେ ପ୍ରତ୍ୟହ ଧର୍ମାଲୋଚନା ଓ ବିଚାର ହେବାକୁ ଲାଗିଲା । ଏହି ସମୟରେ ରୂପ ଗୋସ୍ୱାମୀଙ୍କର ପୁରୀରେ ଆବିର୍ଭାବ ହୋଇଥିଲା । ସେ ଥିଲେ ଖର୍ବକାୟ । ଚୈତନ୍ୟ ରୂପ ଗୋସ୍ୱାମୀଙ୍କୁ ରାୟ ରାମାନନ୍ଦଙ୍କ ଠାରୁ ତତ୍ତ୍ୱ ଓ ଶାସ୍ତ୍ର ଶିକ୍ଷା ନେବାପାଇଁ କହିଥିଲେ ।

''ରାୟ ରୂପଙ୍କୁ ସମ୍ଭାଷିଲେ
ରସ ତତ୍ତ୍ୱ ଯେ ଶିକ୍ଷା ଦେଲେ
ଶାନ୍ତ ସାଖ୍ୟ ଯେ ବାତ୍ସଲ୍ୟ
ଦାସ୍ୟ ମଧୁର ଭାବ ଶାବଲ୍ୟ ।''

ରୂପ ଗୋସ୍ୱାମୀଙ୍କର ବ୍ୟକ୍ତିଗତ ଆଚରଣରେ କାଶୀ ମିଶ୍ର ବିରକ୍ତି ଭାବ ପ୍ରକାଶ କରିଥିଲେ । ଚୈତନ୍ୟ ରୂପ ଗୋସ୍ୱାମୀଙ୍କୁ ବୃନ୍ଦାବନ ଫେରିଯିବା ପାଇଁ ଓ ବୈଷ୍ଣବତତ୍ତ୍ୱ ବ୍ରଜଧାମରୁ ପ୍ରଚାର କରିବା ପାଇଁ କହିଥିଲେ । ୧୫୧୬ରେ କବୀର ପୁରୀ ଆସିଥିଲେ ଓ ପୁରୀରେ ରହଣି କାଳରେ ପ୍ରେମ ଓ ଭକ୍ତି ମାର୍ଗର ଆଶ୍ରୟ ନେଇଥିଲେ । ସନାତନ ମଧ୍ୟ ରଥଯାତ୍ରା ଅବକାଶରେ ପୁରୀକୁ ଆଗମନ କରିଥିଲେ । ସେ ହୁସେନ୍ ସାହଙ୍କର ମନ୍ତ୍ରୀ ରୂପେ ପୂର୍ବରୁ କାର୍ଯ୍ୟ କରୁଥିଲେ ଓ ଦୁରାରୋଗ୍ୟ ଦୁଷ୍ଟବ୍ରଣରେ ପୀଡ଼ିତ ଥାଇ ରଥ ଚକ ତଳେ ପ୍ରାଣ ବିସର୍ଜନ କରିବାକୁ ଉଦ୍ୟମ କରିଥିଲେ । ଜଗନ୍ନାଥ ଦାସ ତାଙ୍କୁ ରକ୍ଷା କରିଥିଲେ । ପଞ୍ଚସଖା ଓ ରାୟ ରାମାନନ୍ଦଙ୍କ ଠାରୁ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ରାଗାନୁଗା ଭକ୍ତି, ରାଧାକୃଷ୍ଣ ଲୀଳା ବୃତ୍ତାନ୍ତ ଓ ଅଚିନ୍ତ୍ୟ ଭେଦାଭେଦର ଗୂଢ଼ ତତ୍ତ୍ୱମାନ ଶିକ୍ଷା କରି ସନାତନ ବୃନ୍ଦାବନ ଫେରିଯାଇଥିଲେ । ବସ୍ତୁତଃ ରାଗାନୁଗା ଭକ୍ତି ଓ ଅଚିନ୍ତ୍ୟ ଭେଦାଭେଦର ମୂଳତତ୍ତ୍ୱ ପଞ୍ଚସଖା ଓ ରାୟ ରାମାନନ୍ଦଙ୍କ ଠାରୁ ଶିକ୍ଷା କରି ସୁଦ୍ଧା ବୃନ୍ଦାବନର ଷଡଗୋସ୍ୱାମୀ ଓ ଗୌଡୀୟ ବୈଷ୍ଣବମାନେ ବାହ୍ୟଜଗତରେ ଏହି ଭକ୍ତିବାଦ ପ୍ରଚାର ପ୍ରସାର କରିଥିଲେ ଓ ଓଡ଼ିଶାର ମହାନ୍ ଅବଦାନକୁ ଅବଲୁପ୍ତ କରିଦେଇଥିଲେ । ସେମାନଙ୍କ ରଚନାରେ ପଞ୍ଚସଖା ଏପରିକି ଜଗନ୍ନାଥ ଦାସଙ୍କର ନାମୋଲ୍ଲେଖ ନାହିଁ ।

୧୫୩୨ ଖ୍ରୀ:ଅ:ରେ ରୂପ ଗୋସ୍ୱାମୀ ତାଙ୍କ ରଚିତ 'ବିଦଗ୍ଧ ମାଧବ' ଗ୍ରନ୍ଥ ନେଇ ପୁନରାୟ ପୁରୀ ଆସିଥିଲେ । ଚୈତନ୍ୟ ଏହି ଗ୍ରନ୍ଥର ଉପାଦେୟତା, ପ୍ରାମାଣିକତା ଓ ରଚନାଶୈଳୀ ପରୀକ୍ଷାକରି ଦେଖିବା ପାଇଁ ରାୟ ରାମାନନ୍ଦଙ୍କୁ ଅନୁରୋଧ କରିଥିଲେ । ରାୟ ରାମାନନ୍ଦ ଗ୍ରନ୍ଥଟି ପାଠ କରି ଏହାକୁ ସ୍ୱୀକୃତି ଦେଇଥିଲେ ।

୧୫୨୦ ଖ୍ରୀ:ଅ:ରେ ପରବର୍ତ୍ତୀ କାଳରେ ଶ୍ରୀଚୈତନ୍ୟଙ୍କର ମହାଭାବ ପ୍ରକାଶ ପାଇଥିଲା । ସେ ବାଲୁକା ରାଶିକୁ ଚଟକ ପର୍ବତ, ସମୁଦ୍ରକୁ ଯମୁନା ଜ୍ଞାନ କରିବା ଇତ୍ୟାଦି ଉନ୍ମତ୍ତ ଅତିମାନସ ଭାବ ଓ ଉଦଣ୍ଡ ନୃତ୍ୟର ଚହି ପ୍ରକାଶ କରୁଥିଲେ । ଏହାକ୍ରମେ ଏପରି ଉତ୍କଟ ଅବସ୍ଥା ଧାରଣ କଲା ଯେ ତାଙ୍କୁ ରାତ୍ରୀ

ଅବକାଶରେ ଚଳିବାକୁ ପଡୁଥିଲା । ୧୫୩୩ ଖ୍ରୀ:ଅ: ରକ୍ମିଣୀ ଅମାବାସ୍ୟା ତିଥି ସନ୍ଧ୍ୟା ସମୟରେ ଉଦ୍ଦାମ ନୃତ୍ୟ କୀର୍ତ୍ତନ କରୁଥିବା ସମୟରେ ତାଙ୍କ ବାମ ବୃଦ୍ଧାଙ୍ଗୁଳିରେ ଇଟାଖଣ୍ଡିଏ ବାଜି ଶ୍ରୀ ଚୈତନ୍ୟ ସରୋବରରେ ଭୂତଳଶାୟୀ ହୋଇ ସଂଜ୍ଞାହୀନ ହୋଇଗଲେ । ପଞ୍ଚସଖା ଓ କାଶୀ ମିଶ୍ର ତାଙ୍କୁ ଧରାଧରି ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ମଣ୍ଡପରେ ଶୁଆଇ ସେବା କରିଥିଲେ । ତାଙ୍କର ନାସିକାରୁ ପ୍ରଚୁର ରକ୍ତ କ୍ଷରଣ ହେଉଥିଲା । କିଛି ସମୟ ପରେ ତାଙ୍କର ଚେତା ଫେରିଲା । ଜଗନ୍ନାଥ ଦାସ ତାଙ୍କୁ ଜଗିରହି ସେବା ଶୁଶ୍ରୂଷା କରିଲାଗିଲେ । ମାତ୍ର ତା'ପର ଦିନ ଠାରୁ ତାଙ୍କୁ ପ୍ରବଳ ଜ୍ୱର ହୋଇ ସମଗ୍ର ଶରୀର ଫୁଲି ଯାଉଥିଲା । ଜଗନ୍ନାଥ ଦାସ ତାଙ୍କୁ ବହୁ ଯତ୍ନ ଓ ସେବା କରିଥିଲେ । ମାଧବ ପଟ୍ଟନାୟକ ନିଜର ଭାଷାରେ ଚୈତନ୍ୟଙ୍କ ମୁଖରୁ କହିଛନ୍ତି -

''ତୁ ଜଗନ୍ନାଥର ସେବକ
ସେବକ ମୁଁ ତୋ ଅବିବେକ
ସେବା ପାଇଲି ତୋର ହାତୁଁ
ଜାଣଇ ସବୁ ଜଗବନ୍ଧୁ ।''

୧୫୩୩ ଖ୍ରୀ:ଅ: ଅକ୍ଷୟ ତୃତୀୟା ଦିନ ବ୍ରାହ୍ମ ମୁହୂର୍ତ୍ତରେ ଚୈତନ୍ୟ ଶରୀର ରକ୍ଷା କରିଥିଲେ । ପରମଜ୍ଞାନୀ ଜଗନ୍ନାଥ ଦାସ ତାଙ୍କ ମୃତ୍ୟୁ ସମୟରେ ଏକୁଟିଆ ଥିଲେ । ରାୟ ରାମାନନ୍ଦ ଏ ଦୁଃସମ୍ବାଦ ପାଇ ତୁରନ୍ତ ମନ୍ଦିରରେ ପହଞ୍ଚି ମନ୍ଦିରର ଦେବତା ନୀତି ବନ୍ଦ କରି ପ୍ରତାପରୁଦ୍ରଙ୍କ ନିକଟକୁ ଏକ ଚିଠାଉ ଲେଖି ଜଣେ ଘୋଡାସବାର ହାତରେ କଟକ ପଠାଇଥିଲେ । ଯୋଗକୁ ସେଦିନ ଅକ୍ଷୟ ତୃତୀୟା ଥିବାରୁ ଗଜପତି ପ୍ରତାପରୁଦ୍ର ଦେବ ପୁରୀ ଆସୁଥିଲେ ଓ ଚିଠିଟି ପଢ଼ି ମନ୍ଦିରକୁ ସିଧାସଳଖ ଆସି ପହଞ୍ଚିଲେ । ଦାରୁଭୂତ ଗଜପତି କ'ଣ କରାଯିବ ବୋଲି ରାୟ ରାମାନନ୍ଦଙ୍କ ପରାମର୍ଶ ଲୋଡ଼ିଥିଲେ । ରାୟ ଉତ୍ତରରେ କହିଲେ (ମାଧବ ପଟ୍ଟନାୟକଙ୍କ ବର୍ଣ୍ଣନାନୁଯାୟୀ)

''ମନ୍ଦିରେ ମାରାଗଲା ପ୍ରଭୁ
ଏହାଙ୍କୁ ଏଥେ ପୋତାଇବୁ
ନଣିମା ରଥଯାତ୍ରା ବେଳେ
ପ୍ରଭୁ ବୋଲିଛ ଯାତ୍ରୀ ମେଳେ
ଏ ପ୍ରଭୁ ସେ ପ୍ରଭୁରେ ଲୀନ
ହେଲା ବୋଲିବାଟି କାରଣ
ଶବ ପୋତାଇବା ତୁରିତେ
କୋଇଲି ବୈକୁଣ୍ଠ ପୁରତେ ।''

ଗଜପତି ପ୍ରତାପରୁଦ୍ରଦେବ ଏଥିରେ ସମ୍ମତ ହୋଇ କୋଇଲି ବୈକୁଣ୍ଠରେ ଚୈତନ୍ୟଙ୍କର ମୃତ ଦେହକୁ ପୋତାଇଥିଲେ । ନବ କଳେବର ଅବକାଶରେ ଶ୍ରୀ ଜୀଉମାନଙ୍କର ବ୍ରହ୍ମପଦାର୍ଥ ନୂତନ ବିଗ୍ରହରେ ସ୍ଥାପନ ହୁଅନ୍ତି ଓ ଜୀର୍ଣ୍ଣଦାରୁ କୋଇଲି ବୈକୁଣ୍ଠରେ ପୋତା ହୁଅନ୍ତି । ବସ୍ତୁତଃ ଚୈତନ୍ୟଙ୍କର ଦେହ୍ୟ ଶରୀର କୋଇଲିବୈକୁଣ୍ଠରେ ପୋତା ଯାଇଥିବାର ସତ୍ୟକୁ, ଚୈତନ୍ୟ ଶ୍ରୀଜଗନ୍ନାଥଙ୍କ ଦେହରେ ଲୀନ ହେବାର ଉପମା ଯଥାର୍ଥ ଭାବେ ସଂଯୋଜିତ ହୋଇଥିଲା ।

୧୫୩୩ ଖ୍ରୀ:ଅ: ରଥଯାତ୍ରା ଚୈତନ୍ୟଙ୍କ ଅବର୍ତ୍ତମାନରେ ଉଲ୍ଲାସ ବିହୀନ ହୋଇପଡ଼ିଥିଲା । ମାତ୍ର ରଥପୃଷ୍ଠରୁ ସ୍ୱୟଂ ଗଜପତି ପ୍ରତାପରୁଦ୍ର ଦେବ ଘୋଷଣା କରି କହିଥିଲେ ଯେ, ଚୈତନ୍ୟ ଶ୍ରୀଜଗନ୍ନାଥଙ୍କ ଦେହରେ ଲୀନ ହୋଇଯାଇଛନ୍ତି । ଷୋଡ଼ଶ ଶତାବ୍ଦୀରେ ଆଗଙ୍ଗା ଗୋଦାବରୀର ଏକାଙ୍ଗ ଚକ୍ରବର୍ତ୍ତୀ ଜଗନ୍ନାଥଙ୍କର ପ୍ରଥମ ସେବକ ଗଜପତି ପ୍ରତାପରୁଦ୍ର ଦେବଙ୍କର ରଥ ଉପରୁ ଏହି ଘୋଷଣା ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଉକ୍ତିକୁ ଅଲୌକିକତା ସହ ଅତି ମାତ୍ରାରେ ଯୋଗ ବିଯୋଗ କରି ମହାସତ୍ୟ ଭାବେ ପରବର୍ତ୍ତୀ କାଳର ଗ୍ରନ୍ଥକାରମାନେ ଭକ୍ତମଣ୍ଡଳୀଙ୍କ ନିକଟରେ ସହସ୍ରାଧିକ ଗ୍ରନ୍ଥରେ ଲିପିବଦ୍ଧ କରିଯାଇଅଛନ୍ତି ।

ସୂକ୍ଷ୍ମାତିସୂକ୍ଷ୍ମ ରାଗାନୁଗା ତଥା ଅଚିନ୍ତ୍ୟ ଭେଦାଭେଦ ଦର୍ଶନ ଓ ଚେତନାର ଆଦ୍ୟପ୍ରବର୍ତ୍ତକ, ମହାନ ସାହିତ୍ୟିକ ପଣ୍ଡିତ, ଦାର୍ଶନିକ ଓ ନାଟ୍ୟକାର ରାୟ ରାମାନନ୍ଦ ପ୍ରଚଣ୍ଡ ପ୍ରଜ୍ଞାର ସରିତା ବକ୍ଷେ ନିଜେ ଜଳି ଜଳି ସମଗ୍ର ବୈଷ୍ଣବ ଭକ୍ତ ସମାଜକୁ ତତ୍ତ୍ୱଜ୍ଞାନ ଓ ଆଲୋକଦାନ କରି ବିସ୍ମୃତି ପଟଳରେ ଅଦୃଶ୍ୟ ହୋଇଗଲେ ଶ୍ରୀଚୈତନ୍ୟଙ୍କର ମୃତ୍ୟୁର ଅବ୍ୟବହିତ ପରେ । ୧୫୩୩ ଖ୍ରୀ:ଅ: ଭାଦ୍ରବ କୃଷ୍ଣାଷ୍ଟମୀ ସନ୍ଧ୍ୟା କୃଷ୍ଣଚନ୍ଦ୍ର ଅବକାଶରେ ଉପବାସ ରହି କରି, ମନ୍ଦିରର ଉତ୍ତର ପାର୍ଶ୍ୱ ମଣ୍ଡପରେ ଜଗନ୍ନାଥ ଦାସଙ୍କ ସହ ତତ୍ତ୍ୱ ଆଲୋଚନା କରୁଥିବା ଅବସ୍ଥାରେ ରାୟ ରାମାନନ୍ଦ ସଜ୍ଞାନରେ 'ହା କୃଷ୍ଣ' ଉଚ୍ଚାରଣ କରି ଦେହତ୍ୟାଗ କରିଥିଲେ । ସମ୍ଭବତଃ ପୁରୀ ମନ୍ଦିର ପରିସରରେ ଉତ୍ତର ଦ୍ୱାର ନିକଟସ୍ଥ ମଣ୍ଡପ (ଯେଉଁଠାରେ ଶ୍ରୀଚୈତନ୍ୟଙ୍କର ପାଦଚିହ୍ନ ବିଦ୍ୟମାନ) ଶ୍ରୀ ଚୈତନ୍ୟ ଓ ରାୟ ରାମାନନ୍ଦଙ୍କର ମରଦେହର ଅନ୍ତିମ ଜାଗାର ସାକ୍ଷ୍ୟ ରୂପେ ଦଣ୍ଡାୟମାନ । ମଧ୍ୟଯୁଗୀୟ ବୈଷ୍ଣବ ଚେତନା ଓ ଦର୍ଶନର ମହାପ୍ରୟାଣର ଯଜ୍ଞବେଦୀ ।

କ୍ୱାଟର ନମ୍ବର ୧୨/୨
ୟୁନିଟ୍ -୧, ଭୁବନେଶ୍ୱର

# ସମ୍ବାଦ ପରିକ୍ରମା

## ଗଣତନ୍ତ୍ର ଓ ଅମଲାତନ୍ତ୍ର ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଗଣତନ୍ତ୍ର ଓ ଅମଲାତନ୍ତ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଉଚିତ । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ବା ଆଲୋଚନା ମାଧ୍ୟମରେ ପନ୍ଥା ନିର୍ଦ୍ଧାରଣ କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଗତ ମାର୍ଚ୍ଚ ୧୨ ତାରିଖରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଆୟୋଜିତ ୭୧ତମ ପ୍ରଶାସନିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । କହିବା ଏବଂ କରିବା ଭିତରେ ମଧ୍ୟ ସମନ୍ୱୟତା ରହିବା ଆବଶ୍ୟକ । ପରିସ୍ଥିତି ଯେତେ କଠିନ ହେଲେ ମଧ୍ୟ ସାମାଜିକ ମୂଲ୍ୟବୋଧ ଉପରେ ଆଧାର କରି ସାଧାରଣ ଜନତାଙ୍କ ସେବାରେ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କାର୍ଯ୍ୟ କଲାବେଳେ ସମସ୍ୟା ତ ନିଶ୍ଚିତ ଆସିବ, ମାତ୍ର ସେ ସବୁକୁ ପ୍ରତିହତ କରି ନିଜର ଆଚାର ଏବଂ ବ୍ୟବହାରରେ ସଂସ୍କାର ଆଣି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ସର୍ବଦା କାର୍ଯ୍ୟ କ୍ଷେତ୍ରରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ । ବିଶେଷ କରି ନିରାହ ଜନସାଧାରଣଙ୍କ ନିକଟରେ ଆସ୍ଥାଭାଜନ ହେବାପାଇଁ ସର୍ବଦା ଚେଷ୍ଟିତ ହେବା ଉଚିତ । ରାଜ୍ୟର ତଥା ଦେଶର ପ୍ରଗତି ପାଇଁ ଯେତେ ପ୍ରତିବନ୍ଧକ ଆସିଲେ ମଧ୍ୟ ତାକୁ ପ୍ରତିହତ କରି ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକାଡେମୀ ପରିସରରେ ଏକ ଗୋପବନ୍ଧୁ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

ଉତ୍ସବରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ କହିଲେ ଯେ, ପରିବର୍ତ୍ତିତ ପରିସ୍ଥିତି ସହିତ ତାଳ ଦେଇ ସରକାରୀ ଆଭିମୁଖ୍ୟ ବଦଳିବା ଦରକାର । ଲୋକମାନଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ସରକାରୀ ଅଧିକାରୀମାନେ ନିଜର ତତ୍ପରତା ପ୍ରକାଶ କରିବା ସଂଗେ ସଂଗେ ଦଳିତ ଅବହେଳିତ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସମଭାବାପନ୍ନ ହେବାପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଆଇନ ପ୍ରତି ସମ୍ମାନ ଦେଖାଇ ସମସ୍ତଙ୍କୁ ସମାନ ନ୍ୟାୟ ଦେବାକୁ ଯତ୍ନବାନ ହେବାକୁ ସେ ଆହ୍ୱାନ ଜଣାଇଥିଲେ । ଉପନିବେଶ ଶାସକ ଭଳି ନଦେଖି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ମୁଖ୍ୟ ଶାସନ ସଚିବ ଉପସ୍ଥିତ ପ୍ରଶାସକ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ପରମର୍ଶ ଦେଇଥିଲେ ।

## ହୃଦୟ ଓ ମନର ସମନ୍ୱୟ ନରହିଲେ ଜାତୀୟ ଏକତା ଅସମ୍ଭବ: ମୁଖ୍ୟମନ୍ତ୍ରୀ

ହୃଦୟ ଓ ମନ ମଧ୍ୟରେ ସମନ୍ୱୟ ନରହିଲେ, ଜାତୀୟ ଏକତା ପ୍ରତିଷ୍ଠା ସମ୍ଭବ ହୋଇ ପାରିବ ନାହିଁ । ହିଂସା, ଦ୍ୱେଷ, ପରଶ୍ରୀକାତରତା ପରିହାର କରି ଅନ୍ୟକୁ ଭଲ ପାଇ ଆପଣାର କରିପାରିଲେ, ଜାତୀୟ ଏକତା ସୁଦୃଢ଼ ହୋଇପାରିବ ବୋଲି ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଜାତୀୟ ଏକତା ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ଜାତୀୟ ସଂହତି କମିଟି ଏବଂ ଜାତୀୟ ଏକତା ଓ ସଦ୍‌ଭାବନା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ଜାତୀୟ ଏକତା ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଡକ୍ଟର ଗମାଙ୍ଗ ଜାତୀୟ ଏକତା ପୁରସ୍କାର ପ୍ରଦାନ କରି କହିଲେ ଯେ, ଗଣତନ୍ତ୍ର ପଦ୍ଧତିରେ ଭାରତର ସ୍ଥାନ ଆଜି ଶୀର୍ଷରେ । ରାଜନୀତି ହେଉଛି ଗଣତନ୍ତ୍ରର ଏକ ଅଙ୍ଗ । ଏହାକୁ ନେଇ ଗର୍ବ କରିବା ପରିବର୍ତ୍ତେ ଚରିତ୍ର, ନିଷ୍ଠା ଓ ଶକ୍ତିକୁ ଧରି ରଖିପାରିଲେ ଜଣେ ବ୍ୟକ୍ତି ଶୀର୍ଷ ସ୍ଥାନରେ ପହଞ୍ଚିପାରିବ । ମୁଖ୍ୟମନ୍ତ୍ରୀ କହିଲେ ଯେ ମଣିଷ ହିଁ ମଣିଷର ଶତ୍ରୁ । ମଣିଷ ହିଁ ମଣିଷର ମିତ୍ର । ମଣିଷ ବ୍ୟତିରେକେ ଶ୍ରେଷ୍ଠ ଜୀବ ମଣିଷର ଶତ୍ରୁ ପୃଥିବୀରେ କେହି ନାହିଁ ।

ଶାନ୍ତି ମୈତ୍ରୀର ସହାବସ୍ଥାନ ଏହି ଭାରତବର୍ଷରେ ଜାତୀୟ ସଂହତି ଓ ଏକତା ପ୍ରତିଷ୍ଠା କରିବାକୁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଜଣାଇବା ସଂଗେ ସଂଗେ ମଣିଷ ପ୍ରତି ମଣିଷର କର୍ତ୍ତବ୍ୟ, ସ୍ନେହ, ସୌହାର୍ଦ୍ଦ୍ୟ ଅତୁଟ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅବସରରେ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ବୀରେନ୍ଦ୍ର ମୋହନ ତ୍ରିପାଠୀ, ସୁଧାଂଶୁ ରାୟ ଚୌଧୁରୀ, ଅନ୍ନଦା ପ୍ରସାଦ ରାୟ, କୈଳାସ ଚନ୍ଦ୍ର ଆଚାର୍ଯ୍ୟ ଓ ବ୍ରହ୍ମପୁର

ବିଶ୍ୱବିଦ୍ୟାଳୟର କୁଳପତି ଡଃ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରମୁଖ ଉଦ୍‌ବୋଧନ ଦେଇ ଜାତୀୟ ସଂହତି ଓ ଏକତା ପ୍ରତିଷ୍ଠାରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

## ସମାଜକୁ ଦିଗ୍‌ଦର୍ଶନ ଦେବା ସମ୍ବାଦପତ୍ରଗୁଡ଼ିକର ଆଭିମୁଖ୍ୟ ହେବା ଉଚିତ : ମୁଖ୍ୟମନ୍ତ୍ରୀ

ସମାଜକୁ ଦିଗ୍‌ଦର୍ଶନ ଦେବା ସମ୍ବାଦପତ୍ରଗୁଡ଼ିକର ପ୍ରଧାନ ଆଭିମୁଖ୍ୟ ହେବା ଉଚିତ । ଏହା ଫଳରେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହେବା ସଂଗେ ସଂଗେ ସାମାଜିକ ସଚେତନତା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ଗତ ମାର୍ଚ୍ଚ ୧୨ ତାରିଖ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦୈନିକ ସମ୍ବାଦପତ୍ର ସଂପାଦକମାନଙ୍କର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଡଃ ଗମାଙ୍ଗ କହିଲେ ଯେ ସମ୍ବାଦପତ୍ରଗୁଡ଼ିକ ସମ୍ବାଦ ପରିବେଷଣ କରିବା ବେଳେ ସଠିକତା ଓ ନିରପେକ୍ଷତା ଉପରେ ଗୁରୁତ୍ୱ ଆରୋପ କରିବା ସଂଗେ ସଂଗେ ସମ୍ବାଦ ପରିବେଷଣ ସମୟରେ କୌଣସି ମନ୍ଦ ଉଦ୍ଦେଶ୍ୟ ରଖିବା ଉଚିତ ନୁହେଁ । ସମ୍ବାଦପତ୍ର ସଂପାଦକମାନେ କେଉଁଭଳି ସମ୍ବାଦ ପରିବେଷଣ କରିବେ ଓ ତାହା କେତେଦୂର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବ, ସେ ସମ୍ପର୍କରେ ବିଚାର କରିବା ଉଚିତ । ତଦ୍ୱାରା ସମ୍ବାଦ ପରିବେଷଣର ଉଦ୍ଦେଶ୍ୟ ସାଧିତ ହୋଇପାରିବ । ରାଜ୍ୟରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ରମାନଙ୍କର ବହୁବିଧ ସମସ୍ୟା ରହିଛି ଏବଂ ସଂପାଦକମାନଙ୍କର ସୁଚିନ୍ତିତ ମତାମତକୁ ବିଚାରକୁ ନେଇ ସରକାର ସେସବୁକୁ ଅନୁଧ୍ୟାନ କରିବେ ଏବଂ ତଦନୁଯାୟୀ ରାଜ୍ୟରେ ନୂତନ ସୂଚନା ନୀତି ଓ ବିଜ୍ଞାପନ ନୀତି ପ୍ରସ୍ତୁତ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ବୈଠକରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ତଥା ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ତାଙ୍କ ଭାଷଣରେ ସମ୍ବାଦପତ୍ରଗୁଡ଼ିକୁ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗାଯୋଗର ସେତୁ ଭାବରେ ବର୍ଣ୍ଣନା କରିବା ସଂଗେ ସଂଗେ ଏକବିଂଶ ଶତାବ୍ଦୀ ତଥ୍ୟ ବିଜ୍ଞାନର ଯୁଗ ହେବାକୁ ଯାଉଛି ବୋଲି ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରି ସରକାରଙ୍କ ସହ ସହଯୋଗ ରକ୍ଷା କଲେ, ସରକାର ତାଙ୍କର ତ୍ରୁଟି ସୁଧାରି ପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହ ପ୍ରକାଶ କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ମିଶ୍ର ତାଙ୍କର ସ୍ୱାଗତ ଭାଷଣରେ ରାଜ୍ୟରେ ପ୍ରକାଶ ପାଉଥିବା ସମ୍ବାଦପତ୍ରର ସଂପାଦକମାନଙ୍କ ସହିତ ଭାବ ବିନିମୟ ଦ୍ୱାରା ଯଥାର୍ଥ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଆଶାପ୍ରକାଶ କରିଥିଲେ ।

ଏଥିରେ ରାଜ୍ୟରେ ପ୍ରକାଶ ପାଉଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଧରଣର ୩୯ଟି ସମ୍ବାଦପତ୍ରର ସଂପାଦକମାନେ ଯୋଗ ଦେଇ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ବିଶେଷତଃ ସୂଚନା ନୀତି ଓ ବିଜ୍ଞାପନ ନୀତି ବାସ୍ତବବାଦୀ ହେବା ଦରକାର ବୋଲି ସେମାନେ ମତବ୍ୟକ୍ତ କରିଥିଲେ ଏବଂ ରାଜ୍ୟ ସରକାର ଓ ସମ୍ବାଦପତ୍ରଗୁଡ଼ିକର ସଂପାଦକମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଶେଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ ୧୯,୯୫୫ଟି ଇନ୍ଦିରା ଆବାସ ଗୃହ ନିର୍ମିତ

ଚଳିତ ଆର୍ଥିକ ବର୍ଷରେ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ୧୯,୯୫୫ଟି ଇନ୍ଦିରା ଆବାସ ଗୃହ ନିର୍ମାଣ କରାଯାଇ ବାସହୀନ ଗରିବ ହରିଜନ ଓ ଆଦିବାସୀ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ କେବଳ ଗତ ଜାନୁଆରୀ ମାସରେ ଯୋଗାଇ ଦିଆଯାଇଥିବା ୨୫୪୨ଟି ଇନ୍ଦିରା ଆବାସ ଗୃହ ଅର୍ନ୍ତଭୁକ୍ତ ବୋଲି ଯୋଜନା ଓ ସମନ୍ୱୟ ବିଭାଗରୁ ପ୍ରକାଶିତ ବିଂଶସୂତ୍ରୀ ଅନ୍ତର୍ଗତ ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ଏହା ବ୍ୟତୀତ ଉକ୍ତ ମାସ ଶେଷ ସୁଦ୍ଧା ୨,୧୫,୩୨୪ଟି ପ୍ଲଟ ବାସହୀନ ଲୋକମାନଙ୍କୁ ଯୋଗାଇ ଦିଆଯିବା ସଂଗେ ସଂଗେ ୩୦୨.୧୩୧ ଏକର ସିଲିଂ ବହିର୍ଭୂତ ଜମି ଜମିହୀନ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । କେବଳ ଗତ ଜାନୁଆରୀ ମାସରେ ୯୪,୯୫୩ଟି ବାସପୋଯୋଗୀ ପ୍ଲଟ ବାସହୀନଙ୍କୁ ଯୋଗାଇ ଦିଆଯିବା ସହିତ ୭୧.୦୫ ଏକର ସିଲିଂ ବହିର୍ଭୂତ ଜମି ଜମିହୀନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ।

## ଆଦିବାସୀ ଓ ହରିଜନମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ

ବିଂଶସୂତ୍ରୀ ଅନ୍ତର୍ଗତ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷ (୧୯୯୮-୯୯)ରେ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ୨୦,,୨୭୪ ଜଣ ହରିଜନ ଓ ୪୩,୮୩୯ ଜଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ଉପକୃତ ହୋଇପାରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଇ.ଆର୍.ଡି.ପି.ରେ ୧୧,୮୮୫ ଜଣ ହରିଜନ ଓ ୧୪,୮୮୦ ଜଣ ଆଦିବାସୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ୮୩୮୯ ଜଣ ହରିଜନ ଓ ୨୮,୯୫୯ ଜଣ ଆଦିବାସୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରାଯାଇଛି ବୋଲି ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗରୁ ପ୍ରକାଶିତ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ମାସିକ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

ଏହି କାର୍ଯ୍ୟକ୍ରମରେ କେବଳ ଗତ ଜାନୁଆରୀ ମାସରେ ସର୍ବମୋଟ୍ ୨୭୫୯ଜଣ ହରିଜନ ଓ ୫୭୩୦ ଜଣ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୫୮୦ ଜଣ ହରିଜନ ଓ ୧୯୩୧ ଜଣ ଆଦିବାସୀ ଆଇ.ଆର୍.ଡି.ପି. ମାଧ୍ୟମରେ ଉପକୃତ ହୋଇଥିବା ବେଳେ ୧୧୭୯ ଜଣ ହରିଜନ ଓ ୩୭୯୯ ଜଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜରିଆରେ ଉପକୃତ ହୋଇପାରିଛନ୍ତି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ।

## ରାଜ୍ୟରେ ନୂତନ ସଂସ୍କୃତି ନୀତି ପ୍ରଣୟନ କରାଯିବ: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ନୂତନ ସଂସ୍କୃତି ନୀତି ପ୍ରଣୟନ କରାଯିବ । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଥମ ପଦକ୍ଷେପ ସ୍ୱରୂପ ସଂସ୍କୃତି ବିଶାରଦମାନଙ୍କ ସହ ଆଲୋଚନା କରାଯାଇ, ସେମାନଙ୍କର ମତାମତ ଲୋଡ଼ାଯାଇଛି । କେନ୍ଦ୍ରରେ ସଂସ୍କୃତି ନୀତି ପ୍ରଣୟନ ନ ହୋଇଥିଲେ ବି ଓଡ଼ିଶାରେ ଏହା ପ୍ରଣୟନ କରାଯିବ ବୋଲି ଗତ ମାର୍ଚ୍ଚ ୧୩ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ''ଓଡ଼ିଶାରେ ବୌଦ୍ଧଧର୍ମ : ଏକ ନୂତନ ଦିଗନ୍ତ'' ସଂକ୍ରାନ୍ତୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି ।

ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପାନ୍ଥନିବାସ ଠାରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଡକ୍ଟର ଗମାଙ୍ଗ କହିଲେ ଯେ ଓଡ଼ିଶାର କୀର୍ତ୍ତିରାଜି ପ୍ରାଚୀନ କଳା, ସଂସ୍କୃତି, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ କିର୍ତ୍ତୀରାଜୀ ଗୁଡ଼ିକର ପୁନରୁଦ୍ଧାର କରାଯିବା ଆବଶ୍ୟକ । ଓଡ଼ିଶାରେ ଏବଂ ଭାରତର ବିଭିନ୍ନ ପ୍ରାନ୍ତରେ ଲୁକ୍କାୟିତ ବୌଦ୍ଧ କୀର୍ତ୍ତିଗୁଡ଼ିକର ସନ୍ଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସେଗୁଡ଼ିକ ଲୋକ ଲୋଚନକୁ ଅଣାଯିବା ଦରକାର । ଭାରତବର୍ଷରେ ସମୟର ବିବର୍ତ୍ତନରେ ଅନେକ ଧର୍ମ ମୁଣ୍ଡଟେକିଛି ସତ ହେଲେ ସବୁଠାରୁ ମାନବଧର୍ମ ହିଁ ଶ୍ରେଷ୍ଠ ଧର୍ମ ବୋଲି ଅଭିହିତ କରି ଡକ୍ଟର ଗମାଙ୍ଗ ଅତୀତର କୀର୍ତ୍ତିରାଜିଗୁଡ଼ିକର ପ୍ରଚାର, ପ୍ରସାର ଏବଂ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷକରି ସଂସ୍କୃତିବିମଣ୍ଡିତ ଓଡ଼ିଶା ରାଜ୍ୟକୁ ବିଶ୍ୱପ୍ରସିଦ୍ଧ ହେବାରେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ର, ବିଜ୍ଞାନ ଓ କାରିଗରି, ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସନ୍ତୋଷ କୁମାର ନୌଟିଆଲ୍, ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ଶାଖାର ସଂପାଦକ ଶ୍ରୀ ଦେବରାଜ ପ୍ରଧାନ, ଅଧ୍ୟକ୍ଷ ପ୍ରଫେସର କରୁଣାସାଗର ବେହେରା ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ ।

## ନିଜକୁ ସାହାଯ୍ୟ କରି ଅନ୍ୟକୁ ସାହାଯ୍ୟ କରିବା ଏକ ସୁସ୍ଥ ପରମ୍ପରା: ମୁଖ୍ୟମନ୍ତ୍ରୀ

ନିଜକୁ ସାହାଯ୍ୟ କରି ଅନ୍ୟକୁ ସାହାଯ୍ୟ କରି ଶିଖିବା ମଣିଷର ଧର୍ମ ଏବଂ ଏହା ଏକ ସୁସ୍ଥ ପରମ୍ପରାର ପରିଚାୟକ ବୋଲି ଗତ ମାର୍ଚ୍ଚ ୭ ତାରିଖରେ 'କେୟାର ସଂସ୍ଥାର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ମତବ୍ୟକ୍ତ କରିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ ଉଦ୍ଘାଟନ କରି ଡକ୍ଟର ଗମାଙ୍ଗ କହିଲେ ଯେ, ସମାଜର ଦୁଃସ୍ଥ, ଅବହେଳିତ ଲୋକମାନଙ୍କର ଉନ୍ନତି କଳ୍ପେ ବିଶେଷ କରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ 'କେୟାର'ର ଦୀର୍ଘ ୫୦ବର୍ଷର ସାଧନା ଅତ୍ୟନ୍ତ ଉଲ୍ଲେଖନୀୟ । 'ନିଜେ ନିଜକୁ ସାହାଯ୍ୟ କରିବା ଯୋଜନା' 'କେୟାର'ର ଏକ ଅଭିନନ୍ଦନୀୟ ଯୋଜନା । ଦୁର୍ବଳ ଶ୍ରେଣୀର ଉନ୍ନତି ନିମନ୍ତେ କାର୍ଯ୍ୟ କରି ସଫଳ ହେବା ଏକ କଷ୍ଟସାଧ୍ୟ ବ୍ୟାପାର ହେଲେ ମଧ୍ୟ 'କେୟାର' ନିଜ ଚେଷ୍ଟାରୁ ବିରତ ନହୋଇ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଆସନ୍ତା ୫୦ବର୍ଷ ମଧ୍ୟରେ ରାଜ୍ୟରୁ ଦାରିଦ୍ର୍ୟ, ଅନାହାର ଦୂର କରିବା ପାଇଁ ସର୍ବଦା ଚେଷ୍ଟିତ ହେବାକୁ 'କେୟାର'ର କର୍ମକର୍ତ୍ତାମାନଙ୍କୁ ଡକ୍ଟର ଗମାଙ୍ଗ ଆହ୍ୱାନ ଜଣାଇଥିଲେ । ବିଶେଷ କରି ଦୁର୍ଗମ ଅଞ୍ଚଳରେ ଏହି ସବୁ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସେ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ବିଭାଗୀୟ ଶାସନ ସଚିବ ଶ୍ରୀ ଏସ୍.ବି. ଅଗ୍ନିହୋତ୍ରୀ ଓ ସଂସ୍ଥାର ସଭାପତି ଶ୍ରୀ ବସନ୍ତ ସ୍ୱାଇଁ ପ୍ରମୁଖ ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ।

## ରେଳ ବଜେଟର ପୁନଃ ସମୀକ୍ଷା କରିବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର

୧୯୯୯-୨୦୦୦ ବର୍ଷ ପାଇଁ ଆଗତ ରେଳ ବଜେଟର ପୁନଃ ସମୀକ୍ଷା କରି ଓଡ଼ିଶାରେ ନୂତନ ରେଳ ପ୍ରକଳ୍ପ ନିମନ୍ତେ ଅର୍ଥ ବରାଦ ଏବଂ ନୂତନ ରେଳ ଚଳାଚଳ ବ୍ୟବସ୍ଥା କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ନୀତୀଶ କୁମାରଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଡକ୍ଟର ଗମାଙ୍ଗ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୦୩ ମସିହା ସୁଦ୍ଧା ଦୈତାରୀ-ବାଂଶପାଣି ନୂତନ ବ୍ରଡ୍‌ଗେଜ୍ ରେଲ୍‌ଲିଂକୁ ସମ୍ପୂର୍ଣ୍ଣ କରିବାକୁ ରେଳ ବିଭାଗ ସଂକଳ୍ପବଦ୍ଧ । ଏଥିପାଇଁ ୧୫୦ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ଚଳିତ ବର୍ଷ ବଜେଟରେ ମାତ୍ର ୩୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଓଡ଼ିଶାର ଅତ୍ୟନ୍ତ ପଛୁଆ ଅଞ୍ଚଳ ଭାବେ ଜଣାଶୁଣା ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ନୂତନ ବି.ଜି. ରେଳ ଲିଂକ୍ ପ୍ରକଳ୍ପ ପ୍ରତି ଚଳିତ ବଜେଟ୍‌ରେ ଆଦୌ ଦୃଷ୍ଟି ଦିଆଯାଇନାହିଁ । ଏହି ରେଳ ଲିଙ୍କ୍ ନିମନ୍ତେ ଆବଶ୍ୟକୀୟ ୮୦ ପ୍ରତିଶତ ଜମି ଯୋଗାଇ ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏଥିପାଇଁ ଚଳିତ ବଜେଟ୍‌ରେ ମାତ୍ର ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ନୂଆପଡ଼ାରୁ ଗୁଣୁପୁର ପର୍ଯ୍ୟନ୍ତ ନ୍ୟାରୋଗେଜ୍ ଅନୁମୋଦିତ ହୋଇସାରିଥିଲେ ମଧ୍ୟ ଚଳିତ ବଜେଟ୍‌ରେ କୌଣସି ଅର୍ଥ ବ୍ରାଦ ନ କରାଯିବା ଅତ୍ୟନ୍ତ ଦୁଃଖର ବିଷୟ । ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସଂଗେ ସଂଗେ ଏହାକୁ ରାୟଗଡ଼ା ପର୍ଯ୍ୟନ୍ତ ସଂପ୍ରସାରଣ କରି ଏକ ଅର୍ଥ ଅର୍ଜନକାରୀ ରେଳପଥରେ ପରିଣତ କରିବାକୁ ଆମେ ରେଳବାଇକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରିଛୁ । ଇଷ୍ଟକୋଷ୍ଟ ରେଲ୍‌ୱେ ଜୋନ୍ ଗତ ୧୯୯୬ ମସିହା ଅଗଷ୍ଟ ମାସରୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇସାରିଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଓଡ଼ିଶା ସରକାର ମାଗଣାରେ ୪୭ ଏକର ପରିମିତ ଜମି ଯୋଗାଇ ଦେଇଛନ୍ତି । ଏଥିନିମନ୍ତେ ଗତ ବର୍ଷ ବଜେଟ୍‌ରେ ୪.୮୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଚଳିତ ବର୍ଷ ମାତ୍ର ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳର ବ୍ୟବସ୍ଥା କରାଯାଇଛି । ଏହି ବ୍ୟୟ ଅଟକଳକୁ ବର୍ଦ୍ଧିତ କରିବା ନିତାନ୍ତ ଆବଶ୍ୟକ ।

୧୯୯୭ ମସିହା ଫେବୃୟାରୀ ମାସରୁ ଭୁବନେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ 'ଶବରୀ ଏକ୍ସପ୍ରେସ୍' ନାମରେ ଏକ ନୂତନ ଟ୍ରେନ୍ ଚଳାଚଳ ନିମନ୍ତେ ଘୋଷଣା ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ନିକଟରେ ବାଙ୍ଗାଲୋରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଚଳାଚଳ ଆରମ୍ଭ କରିଥିବା ସାପ୍ତାହିକ ରେଳଟି ଭୁବନେଶ୍ୱର ପର୍ଯ୍ୟନ୍ତ ବର୍ଦ୍ଧିତ କରାଯିବା ଉଚିତ୍ । ପୁନଶ୍ଚ ବର୍ଦ୍ଧିତ ଲୋକସଂଖ୍ୟା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌କୁ ଏକ ଦୈନିକ ଟ୍ରେନ୍‌ରେ ପରିଣତ କରାଯିବା ଉଚିତ୍ ବୋଲି ଡକ୍ଟର ଗମାଙ୍ଗ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କୁ ସମ୍ବର୍ଦ୍ଧନା

ଗତ ମାର୍ଚ୍ଚ ୭ ତାରିଖରେ ଅନୁସୂଚିତ ଜାତି ଓ ଜନଜାତି ପଦାଧିକାରୀ କଲ୍ୟାଣ ପରିଷଦ ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପରିଷଦ ଆନୁକୂଲ୍ୟରେ ସୂଚନା ଭବନଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ ହୋଇ ଡକ୍ଟର ଗମାଙ୍ଗ କହିଲେ ଯେ ଏହା ପୁଷ୍ପଗୁଚ୍ଛର ସମ୍ମାନ ନୁହେଁ, ଏହା ହୃଦୟର ସମ୍ମାନ । ଉପେକ୍ଷିତ, ନିଷ୍ପେଷିତ, ଅବହେଳିତ ଲୋକଙ୍କ ଠାରୁ କେବଳ ଯେ ମୁଁ ସହାନୁଭୂତି ପାଇଛି ତା' ନୁହେଁ ରାଜ୍ୟର ସବୁ ଶ୍ରେଣୀର ଲୋକମାନଙ୍କ ଠାରୁ ସ୍ନେହ, ଆଦର ଓ ସଦିଚ୍ଛା ଲାଭ କରିପାରିଛି । ଅନୁସୂଚିତ ଜାତି ଓ ଜନଜାତି ପଦାଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଡକ୍ଟର ଗମାଙ୍ଗ ସେବା କ୍ଷେତ୍ରରେ ନିଜର ଦକ୍ଷତା ବୃଦ୍ଧି କରିବା ସଂଗେ ସଂଗେ ନିଜର ଚରିତ୍ର, ବିଶ୍ୱାସ, ସାହସ ବୃଦ୍ଧି କରିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ସମସ୍ୟା ପ୍ରତି ସେ ସର୍ବଦା ସଚେତନ ଅଛନ୍ତି ଏବଂ ସାମ୍ବିଧାନିକ ଓ ଆଇନଗତ ଭାବେ ସବୁପ୍ରକାର ସମସ୍ୟାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସେବା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ସଂଗେ ସଂଗେ ଅନ୍ୟମାନଙ୍କୁ ଉପରକୁ ଉଠାଇବାରେ ସର୍ବଦା ଚେଷ୍ଟିତ ହେବା ପାଇଁ ସେ ଆହ୍ୱାନ ଜଣାଇଥିଲେ ।

ଏହି ଉତ୍ସବରେ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିର ଉନ୍ନତି ପାଇଁ ଏବଂ ପ୍ରଶାସନକୁ ତଳସ୍ତରରେ ପ୍ରତିଫଳିତ କରିବା ପାଇଁ ସରକାର ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମତବ୍ୟକ୍ତ କରିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଉନ୍ନତି ନିମନ୍ତେ ଓଡ଼ିଶାରେ ଏକ ହରିଜନ ଆଦିବାସୀ ଆୟୋଗ ପ୍ରତିଷ୍ଠା, ହରିଜନ ଆଦିବାସୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଚାକିରିରେ ଶୂନ୍ୟସ୍ଥାନ ପୂରଣ ଓ ପଦୋନ୍ନତି କ୍ଷେତ୍ରରେ ଥିବା ଅସଂଗତି ଦୂର କରି ସେମାନଙ୍କୁ ପଦୋନ୍ନତି ଦେବାକୁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ଡକ୍ଟର ଗମାଙ୍ଗଙ୍କୁ ନିବେଦନ କରିଥିଲେ ।

ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ କହିଲେ ଯେ ଅନୁସୂଚିତ ଜାତି ଓ ଜନଜାତି ପଦାଧିକାରୀମାନେ ନିଜ ନିଜ କ୍ଷେତ୍ରରେ ଯୋଗ୍ୟତା ପ୍ରତିପାଦନ କରିବା ଉଚିତ୍ ।



OGP—MP—PTS (I & P. R.) 69—5,000—22-3-1999




ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶାର ସମ୍ବାଦପତ୍ର ସଂପାଦକମାନଙ୍କର ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଭାଷଣ ଦେଉଛନ୍ତି । (୧୨.୩.୧୯୯୯)




ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ୧୯୯୯-୨୦୦୦ ବଜେଟ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି । (୧୭.୩.୧୯୯୯)



ସଚିବାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ପରିଷଦ ସଦସ୍ୟମାନଙ୍କ ସମ୍ମିଳନୀରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଭାଷଣ ଦେଉଛନ୍ତି । (୮.୩.୧୯୯୯)




ସୂଚନା ଭବନଠାରେ ଅନୁସୂଚିତ ଜାତି ଓ ଜନଜାତି ଅଧିକାରୀ ସଂଘ ଦ୍ୱାରା
ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ।




ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନଙ୍କ ୭୧ତମ ବ୍ୟାଚର ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି । (୧୭.୩.୧୯୯୯)



'କେୟାର' କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି । (୭.୩.୧୯୯୯)



ବିଶ୍ୱ ବ୍ୟାଙ୍କର ଶ୍ରୀ କେରୀନରମନ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କୁ ତାଙ୍କ
ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।( ୯.୩.୧୯୯୯)



ନାବାର୍ଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ୱାଇ. ନନ୍ଦା ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କ
ସହ ଆଲୋଚନା କରୁଛନ୍ତି । (୧୦.୩.୧୯୯୯)



ସୂଚନା ଭବନଠାରେ ଆୟୋଜିତ ଓଡ଼ିଶା ନଗରପାଳ ଓ ଉପନଗରପାଳ ସମ୍ମିଳନୀକୁ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି । (୧୧.୩.୧୯୯୯)



ସଚିବାଳୟ ସମ୍ମିଳନୀ କକ୍ଷରେ ପୁରୀବେଳାଭୂମି ମହୋତ୍ସବ ସଂକ୍ରାନ୍ତୀୟ ଆଲୋଚନା ବୈଠକରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ । (୭.୩.୧୯୯୯)



ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ । (୮.୩.୧୯୯୯)



ପର୍ଯ୍ୟଟନ ଉପଦେଷ୍ଟା ବୋର୍ଡ଼ ବୈଠକରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ
ଅଧ୍ୟକ୍ଷତା କରୁଛନ୍ତି । ( ୮.୩.୧୯୯୯)



ଆଇ.ଆର୍.ସି. ଚିକିତ୍ସାଳୟ ଠାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପଲ୍ସ ଭିଟାମିନ-ଏ ଉତ୍ସବ
ଉଦ୍‌ଘାଟନ କରି ଶିଶୁମାନଙ୍କୁ ପଲ୍ସ ଭିଟାମିନ୍-ଏ ପ୍ରଦାନ କରୁଛନ୍ତି । (୭.୩.୧୯୯୯)



କଟକସ୍ଥିତ ବି ଯୁନିଭର୍ସ ଠାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ
ମୁଖ୍ୟମନ୍ତ୍ରୀ ଡା ଗିରିଧର ଗମାଙ୍ଗ । (୧୦.୩.୧୯୯୯)



ରବୀନ୍ଦ୍ର ମଣ୍ଡପଠାରେ ଜାତୀୟ ସଂହତି କମିଟି ଓ ଜାତୀୟ ଏକତା ସଦ୍‌ଭାବନା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଜାତୀୟ ଏକତା ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରୁଛନ୍ତି । ୧୧.୩.୧୯୯୯



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ କୃଷକ ଆନ୍ଦୋଳନର ଅନ୍ୟତମ ମହାରଥୀ ଶ୍ରୀଯୁକ୍ତ ଗଙ୍ଗାଧର ପାଇକରାୟଙ୍କୁ ସ୍ୱାଧୀନତା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ରାଜ୍ୟ ସରକାରଙ୍କ ତରଫରୁ ସମ୍ବର୍ଦ୍ଧିତ କରୁଛନ୍ତି । (୧୫.୩.୧୯୯୯)



ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୪ର୍ଥ ଜାତୀୟ ସଂହତି ବୈଠକ ସମ୍ପର୍କରେ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ସାମ୍ବାଦିକମାନଙ୍କୁ ସୂଚନା ଦେଉଛନ୍ତି । (୧୦.୩.୧୯୯୯)



ଉଚ୍ଚଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିପ୍ଳବ ସେଠ୍ ମାଧ୍ୟମିକ ଶିକ୍ଷା ବୋର୍ଡ଼ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି । (୧୧.୩.୧୯୯୯)



ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ୧୧ତମ ଆସେମ୍ବ୍ଲିର ୧୫ ପଞ୍ଚଦଶ ଅଧିବେଶନରେ ଯୋଗ ଦେବା ନିମନ୍ତେ ବିଧାନସଭା ଗୃହକୁ ପ୍ରବେଶ କରୁଛନ୍ତି ତା-୧୫.୩.୯୯



ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଜଳ ସମ୍ପଦ ପ୍ରକଳ୍ପ ସଂପର୍କରେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କ ସହ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି ତା-୧୦.୩.୯୯



[illegible] ଆୟୋଜିତ [illegible] ପ୍ରଦାନ [illegible] ଡ଼. [illegible]
୧୯୯୮ [illegible] ପ୍ରଦାନ [illegible] ତା-୧୩.୩.୯୯



ମୁଖ୍ୟମନ୍ତ୍ରୀ ଡ଼. ଗିରିଧର ଗମାଙ୍ଗ କଟକ ନେତାଜୀ [illegible] ପରିଦର୍ଶନ କରି ଆୟୋଜିତ ସଭାରେ ଭାଷଣ ଦେଉଛନ୍ତି
ତା-୨୦.୩.୯୯